
ଉତ୍କଳ ପ୍ରସଙ୍ଗ



ସାଗର ଗାଉଛି ମହାଗାଥା,
ଶୁଣୁଛି କିଶୋର ଝାଉଁ ବଣ ॥



ଅରେ ସଂସାର-ଅଗ୍ନି ବାସୀ !
କି ଭାବୁଛୁ ତୋର ଜୀବନ-ଡଙ୍ଗା,
ସାଗର ବକ୍ଷେ ଯାଉ ଭାସି ॥



# ଉତ୍କଳ ପ୍ରସଙ୍ଗ

ଜ୍ୟେଷ୍ଠ ୧୯୦୪ ଶକାବ୍ଦ ୩୮ ଭାଗ ଏକାଦଶ ସଂଖ୍ୟା ଜୁନ୍ ୧୯୮୨

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ: ମିହିର କୁମାର ରାଉତ

ସମ୍ପାଦକ: ଭୋଳାନାଥ ରାୟଗୁରୁ

ସହ ସମ୍ପାଦକ: ଡକ୍ଟର ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ: ସୁରେନ୍ଦ୍ର କୁମାର ପଟ୍ଟନାୟକ

ମୁଖ୍ୟ ସମ୍ପାଦକ

ସତ୍ୟାନନ୍ଦ ଚମ୍ପତିରାୟ

**ସଜ୍ଜା ଶିଳ୍ପୀ**

ପରିକଳ୍ପନା : ଆଶୁତୋଷ ସିଂହ

ଅଙ୍କନ : ଅସିତ୍ ମୁଖାର୍ଜୀ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର
ବାର୍ଷିକ ଚାନ୍ଦା ୧୦.୦୦
ପ୍ରତି ଖଣ୍ଡ ୧.୦୦

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ପ୍ରକୃତରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

## ସୂଚୀପତ୍ର


| | | |
|---|---|---|
| ଭକ୍ତି ନୈବେଦ୍ୟ | | |
| ଶ୍ରୀଜଗନ୍ନାଥ ଓ ଓଡ଼ିଶା | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୩ |
| ବିଷ୍ଣୁପ୍ରିୟାର ଚିଠି | ଶ୍ରୀ ରାଧାମୋହନ ଗଡ଼ନାୟକ | ୬ |
| ଶ୍ରୀଜଗନ୍ନାଥ ଓ ଜଣାଣ-ସାହିତ୍ୟ | ଶ୍ରୀ ସୁରେନ୍ଦ୍ର ମହାନ୍ତି | ୭ |
| ସମୁଦ୍ରକୁ ଶଙ୍ଖେ ପଣା | ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ | ୧୧ |
| ତିରୁପତି ଭେଙ୍କଟେଶ୍ୱର ଓ ଶ୍ରୀଜଗନ୍ନାଥ | ଡକ୍ଟର ବେଣୀମାଧବ ପାଢ଼ୀ | ୧୩ |
| ଠାକୁର୍ ଭଲେ ବିରାଜୋ ଜି ! | ଶ୍ରୀ ଚନ୍ଦ୍ରଶେଖର ରଥ | ୧୯ |
| ଯେ ଯଥା ମାଂ ପ୍ରପଦ୍ୟନ୍ତେ | ଶ୍ରୀ ଉପେନ୍ଦ୍ର ନାଥ ହୋତା | ୨୩ |
| ରାଜାଧିରାଜ ଜଗନ୍ନାଥ | ପଣ୍ଡିତ ଶ୍ରୀ ସଦାଶିବ ରଥଶର୍ମା | ୨୯ |
| ଶ୍ରୀମନ୍ଦିରର ନିର୍ମାତା କିଏ ? | ଡକ୍ଟର ସତ୍ୟନାରାୟଣ ରାଜଗୁରୁ | ୩୫ |
| କିଏ କେତେ ତୋ ସେବାରେ | ଶ୍ରୀ ରାଜକିଶୋର ରାୟ | ୩୯ |
| ବୈଦେଶିକଙ୍କ ଦୃଷ୍ଟିରେ ଜଗନ୍ନାଥ | ଶ୍ରୀ ଦୁର୍ଗାଚରଣ କୁଅଁର | ୪୨ |
| ଶ୍ରୀକ୍ଷେତ୍ରର ଶ୍ରୀଜଗନ୍ନାଥ | ଶ୍ରୀ ପ୍ରଫୁଲ୍ଲ ପଟ୍ଟନାୟକ | ୪୫ |
| ଶ୍ରୀଜଗନ୍ନାଥଙ୍କ ଆଦର୍ଶ ସମାଜ | ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର | ୪୮ |
| ସ୍ୱର୍ଗକୁ ଶିଡ଼ି | ଶ୍ରୀ ରାମଚନ୍ଦ୍ର ହରିଚନ୍ଦନ | ୫୧ |
| ବନ୍ଦୀ | ଶ୍ରୀ ଚକ୍ରଧର ମହାନ୍ତ | ୫୩ |
| ମୋ ଜାତିର ଚିହ୍ନ | ଶ୍ରୀ ଦୁଃଖୀଶ୍ୟାମ ଦାସ | ୬୦ |
| ଶ୍ରୀଜଗନ୍ନାଥ : ଶ୍ରୀକୃଷ୍ଣ | ଶ୍ରୀ ରଘୁନାଥ ପାତ୍ର | ୬୩ |
| କଞ୍ଚି ଉପାଖ୍ୟାନରେ ପୁରୁଷୋତ୍ତମ କ୍ଷେତ୍ର ପ୍ରସଙ୍ଗ | ଶ୍ରୀ ଶ୍ରୀନିବାସ ତ୍ରିପାଠୀ | ୭୪ |
| ନୀଳଚକ୍ରେ ହୋ ! ଦେଖ ଉଡୁଛି ବାନା | ମହାପାତ୍ର ନୀଳମଣି ସାହୁ | ୭୭ |
| ଜଗନ୍ନାଥଙ୍କ ହସ | ଶ୍ରୀ ସାତକଡ଼ି ହୋତା | ୮୧ |
| ଦୁର୍ଦ୍ଦିନରେ ଆମ ପାଖେ | ଶ୍ରୀ ବରେନ୍ଦ୍ର କୃଷ୍ଣ ଧଳ | ୮୯ |
| ଶ୍ରୀଜଗନ୍ନାଥ ଓ ଜ୍ଞାନଦେଇ ମାଲୁଣୀ | ଶ୍ରୀ ଗଣେଶ ପ୍ରସାଦ ପରିଜା | ୯୪ |
| ସର୍ବ ମଙ୍ଗଳ ଜଗନ୍ନାଥ | ଶ୍ରୀ ନରହରି ଉପାଧ୍ୟାୟ | ୧୦୩ |

# ମୋ ଦୃଷ୍ଟିରେ ....

ଆଜି ରଥଯାତ୍ରା – ଓଡ଼ିଶାର ପରମାରାଧ୍ୟ ଦେବ ଜଗନ୍ନାଥ ଆଜି ଘୋଷ ଯାତ୍ରାରେ ଶ୍ରୀମନ୍ଦିରରୁ ବାହାରି ଶରଧାବାଲି ଉପରେ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରୁଛନ୍ତି । ଏହି ଅବସରରେ ବିନମ୍ର ଭକ୍ତି ସହ "ଭଜନ ପ୍ରସଙ୍ଗ" ତାର ସ୍ୱତନ୍ତ୍ର ସଂଖ୍ୟା ସେହି ଅପାଦପାଣିଙ୍କର ପାଦପଦ୍ମରେ ଅର୍ପଣ କରୁଛି ।

ଶ୍ରୀଜଗନ୍ନାଥ ଓଡ଼ିଶାର ସ୍ୱକୀୟ ଓ ଓଡ଼ିଶା ଶ୍ରୀଜଗନ୍ନାଥଙ୍କର ସ୍ୱଗୃହ । ତେଣୁ ଶ୍ରୀଜଗନ୍ନାଥ ଓ ଓଡ଼ିଶା ମଧ୍ୟରେ ଥିବା ସଂପର୍କ ମଧୁର ଓ ଗଭୀର । ସେହି ସଂପର୍କର ଭକ୍ତି-ରସାଣିତ ଅନୁସନ୍ଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କରିଛନ୍ତି "ଶ୍ରୀଜଗନ୍ନାଥ ଓ ଓଡ଼ିଶା" ପ୍ରବନ୍ଧରେ ।

ଇତିହାସର ପୃଷ୍ଠାରେ ଓଡ଼ିଶା ସହିତ ଶ୍ରୀଜଗନ୍ନାଥ ଓତଃପ୍ରୋତ ଭାବରେ ସଂଲଗ୍ନ । ବିଶିଷ୍ଟ ଐତିହାସିକ ଡକ୍ଟର ସତ୍ୟନାରାୟଣ ରାଜଗୁରୁଙ୍କ "ଶ୍ରୀମନ୍ଦିରର ନିର୍ମାତା କିଏ ?" ପ୍ରବନ୍ଧ ଅନୁସନ୍ଧିତ୍ସୁ ପାଠକ ପାଠିକାଙ୍କ ତୃଷା ନିବାରଣ କରିବବୋଲି ଆମେ ଆଶାନ୍ୱିତ ।

ଓଡ଼ିଶାର ଅନ୍ୟତମ ବିଶିଷ୍ଟ କବି ଶ୍ରୀ ରାଧାମୋହନ ଗଡ଼ନାୟକଙ୍କ "ବିଷ୍ଣୁପ୍ରିୟାର ଚିଠି" ଓ ବିଶିଷ୍ଟ କଥା ସାହିତ୍ୟିକ ଶ୍ରୀ ସାତକଡ଼ି ହୋତାଙ୍କର ଗଳ୍ପ "ଜଗନ୍ନାଥଙ୍କ ହସ"କୁ ପ୍ରକାଶ କରି 'ଭଜନ ପ୍ରସଙ୍ଗ' ତାର ଚିରାଚରିତ ପରଂପରା ଭଙ୍ଗ କରୁଛି ଏବଂ ଏହି ପଦକ୍ଷେପ ପାଠକଙ୍କ ଆଗ୍ରହ ବୃଦ୍ଧି କରିବ ବୋଲି ଆମେ ଆଶା କରୁଛୁ ।

ଓଡ଼ିଆ ସାହିତ୍ୟରେ 'ଜଣାଣ'ର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଅନ୍ୟ ଭାରତୀୟ ସାହିତ୍ୟରେ ଏତେ ସମ୍ବେଦନଶୀଳ ଓ ଭାବାବେଗ ବହନ କରି, ଏତେ ଭକ୍ତ ଦର୍ଶନ ଏପରି ସରଳ ଓ ଗ୍ରାମୀଣ ଭାଷାରେ ରଚନା ହୋଇଛି କି ନାହିଁ, ତାହା ଗବେଷଣାର ବିଷୟ । କିନ୍ତୁ ଜଣାଣ ଓ ଭଜନ ଏକ ନୁହେଁ । ଜଣାଣରେ ଭକ୍ତ ତାର ଦୁଃଖ ଜଣା କରାଉଛି ତାଙ୍କ ଆଗରେ । ତାହା ନାମ ବା ମହିମା ଭଜନ ନୁହେଁ । ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ଓ ବରେଣ୍ୟ ସାହିତ୍ୟିକ ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କର ଏହି ରଚନା ଆମ ସାହିତ୍ୟିକ ମହଲରେ ଆଲୋଡ଼ନ ସୃଷ୍ଟି କରୁ – ଏହାହିଁ ଆମର କାମନା ।

ଓଡ଼ିଆ ସାହିତ୍ୟର ଦିକ୍‌ପାଳ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ "ସମୁଦ୍ରକୁ ଶଙ୍ଖେ ପଣା"ରେ ଯେଉଁ ସଙ୍କେତ ଆତ୍ମ ପ୍ରକାଶ କରିଛି, ତାହା ମାର୍ମିକ ଓ ଉପଭୋଗ୍ୟ ।


'ଦାରୁଦେବତା'ର ଅନୁରକ୍ତ ଧନଦିତା ଡକ୍ଟର ବେଣୀମାଧବ ପାଢ଼ୀ "ତିରୁପତି ଭେଙ୍କଟେଶ୍ୱର ଓ ଶ୍ରୀଜଗନ୍ନାଥ"ରେ ଯେଉଁ ତୁଳନାତ୍ମକ ମନନ ଉପସ୍ଥାପିତ କରିଛନ୍ତି ତାହା କିପରି ବୈଶିଷ୍ଟ୍ୟପୂର୍ଣ୍ଣ ତାହା ଲକ୍ଷ୍ୟ କରିବାର କଥା ।

ଜଗନ୍ନାଥଙ୍କର ସ୍ମରଣ ବକ୍ତା ପଣ୍ଡିତ ସଦାଶିବ ରଥ ଶର୍ମାଙ୍କର "ଇନ୍ଦ୍ରାଧିରାଜ ଜଗନ୍ନାଥ" ନିବନ୍ଧକୁ ପାଠକ ପାଠିକାମାନେ ନିଶ୍ଚିତ ଭାବରେ ଉପଭୋଗ କରିବେ ।

ବିଶିଷ୍ଟ ଚିତ୍ରଶିଳ୍ପୀ ଶ୍ରୀ ଆଶୁତୋଷ ସିହ୍ନା ଶ୍ରୀଜଗନ୍ନାଥଙ୍କର କେତେକ ବେଶର ଚିତ୍ର ଅଙ୍କନ କରିଛନ୍ତି । ଏହି ଚିତ୍ରଗୁଡ଼ିକର ଫଟୋଗ୍ରାଫକୁ ଆମେ ଏହି ସ୍ୱତନ୍ତ୍ର ସଂଖ୍ୟାରେ ସନ୍ନିବେଶିତ କରି ଅତ୍ୟନ୍ତ ପ୍ରୀତ ।

ଆମର ଆଶା ଏହି ସ୍ୱତନ୍ତ୍ର ସଂଖ୍ୟାଟି ପାଠକଙ୍କ ନିମନ୍ତେ ସାଇତି ରଖିବା ପରି ଏକ ଆକର୍ଷଣୀୟ ବସ୍ତୁ ହୋଇ ପାରିବ ।

ଜଗନ୍ନାଥ ଏ ଜାତିର ସୃଜକ । ସେ ଏ ଜାତିକୁ ଉନ୍ନତି ଓ ସମୃଦ୍ଧି ପଥରେ ଆଗେଇ ନିବାକୁ ଆଶୀର୍ବାଦ ଦିଅନ୍ତୁ । –ଜୟ ଜଗନ୍ନାଥ–





ଓଁ ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍ ।
ସ ଭୂମିଂ ବିଶ୍ୱତୋ ବୃତ୍ୱା ଽତ୍ୟତିଷ୍ଠଦ୍ ଦଶାଙ୍ଗୁଳମ୍ ॥
ପୁରୁଷ ଏବେଦଂ ସର୍ବଂ ଯଦ୍ ଭୂତଂ ଯଚ୍ଛ ଭବ୍ୟମ୍ ।
ଓତାମୃତତ୍ୱସ୍ୟେଶାନୋ ଯଦ୍ ଅନ୍ନେନାତିରୋହତି ॥



# ଭକ୍ତି ନୈବେଦ୍ୟ



ଅପାଣି ପାଦୋ ଜବନୋଗ୍ରହୀତା
ପଶ୍ୟତ୍ୟଚକ୍ଷୁଃ ସଶୃଣୋତ୍ୟ କର୍ଣ୍ଣଃ
ସ ବେତ୍ତି ବେଦ୍ୟମ୍ ନଚ ତସ୍ୟାସ୍ତି ବେତ୍ତା
ତମାହୁରଗ୍ର୍ୟମ୍ ପୁରୁଷଂ ମହାନ୍ତ୍ମ ।

ତାଙ୍କର ହାତ ନାହିଁ, ପାଦ ନାହିଁ ଅଥଚ ସେ ସମସ୍ତଙ୍କୁ ଧରିଛନ୍ତି ଓ ସବୁଆଡ଼େ ଯାଉଛନ୍ତି । ତାଙ୍କର ଆଖି ନାହିଁ, କିନ୍ତୁ ସବୁ ସେ ଦେଖୁଛନ୍ତି । ତାଙ୍କର କାନ ନାହିଁ, ସବୁ ଶୁଣି ପାରୁଛନ୍ତି । ସେ ସମସ୍ତଙ୍କୁ ଜାଣୁଛନ୍ତି ଅଥଚ ତାଙ୍କୁ କେହି ଜାଣି ପାରୁ ନାହାନ୍ତି । ସେହି ତ' ପୁରୁଷୋତ୍ତମ !

'ଶ୍ୱେତାଶ୍ୱେତୋପନିଷଦ'

=○=

# ଦଶାବତାର

ଶ୍ରୀ ଜୟଦେବ

ପ୍ରଳୟ-ପୟୋଧି-ଜଳେ ଧୃତବାନସି ବେଦଂ
ବିହିତ-ବହିତ୍ର--ଚରିତ୍ରମଖେଦମ୍ ।
କେଶବ-ଧୃତ ମୀନ ଶରୀର
"ଜୟ ଜଗଦୀଶ ହରେ" ॥
(ଧ୍ରୁବମ୍)

କ୍ଷିତିରତି ବିପୁଳତରେ ତବ ତିଷ୍ଠତି ପୃଷ୍ଠେ
ଧରଣୀ-ଧରଣ-କିଣଚକ୍ର ଗରିଷ୍ଠେ ।
କେଶବ ଧୃତ-କଚ୍ଛପ ରୂପ
ଜୟ ଜଗଦୀଶ ହରେ । ୨ ।

ବସତି ଦଶନ-ଶିଖରେ ଧରଣୀ ତବ ଲଗ୍ନା
ଶଶିନି କଳଙ୍କ-କଳେବ ନିମଗ୍ନା
କେଶବ ଧୃତ-ଶୂକର ରୂପ
ଜୟ ଜଗଦୀଶ ହରେ । ୩ ।

ତବ କର-କମଳବରେ ନଖମଦ୍ଭୁତ-ଶୃଙ୍ଗମ୍
ଦଳିତ-ହିରଣ୍ୟକଶିପୁ-ତନୁ-ଭୃଙ୍ଗମ୍
କେଶବ ଧୃତ ନରହରି ରୂପ
ଜୟ ଜଗଦୀଶ ହରେ । ୪ ।

ଛଳୟସି ବିକ୍ରମଣେ ବଳିମଦ୍ଭୁତ ବାମନ
ପଦ ନଖ ନୀରଜନିତ ଜନ ପାବନ
କେଶବ ଧୃତ ବାମନ ରୂପ
ଜୟ ଜଗଦୀଶ ହରେ । ୫ ।

କ୍ଷତ୍ରିୟ ରୁଧିର ମୟେ ଜଗଦପଗତ ପାପଂ
ସ୍ନପୟସି ପୟସି ଶମିତ ଭବ-ତାପମ୍
କେଶବ ଧୃତ ଭୃଗୁପତି ରୂପ
ଜୟ ଜଗଦୀଶ ହରେ । ୬ ।

ବିତରସି ଦିକ୍ଷୁରଣେ ଦିକ୍‌ପତି କମନୀୟଂ
ଦଶ ମୁଖ ମୌଳି ବଳିଂ ରମଣୀୟମ୍
କେଶବ ଧୃତ ରଘୁପତି ରୂପ
ଜୟ ଜଗଦୀଶ ହରେ । ୭ ।

ବହସି ବପୁଷି ବିଶଦେ ବସନଂ ଜଳଦାଭଂ
ହଳ-ହତି ଭୀତି ମିଳିତ ଯମୁନାଭମ୍
କେଶବ ଧୃତ ହଳଧର ରୂପ
ଜୟ ଜଗଦୀଶ ହରେ । ୮ ।

ନିନ୍ଦସି ଯଜ୍ଞବିଧେରହହ ଶ୍ରୁତିଜାତଂ
ସଦୟ ହୃଦୟ ଦର୍ଶିତ-ପଶୁଘାତମ୍
କେଶବ ଧୃତ ବୁଦ୍ଧ ଶରୀର
ଜୟ ଜଗଦୀଶ ହରେ । ୯ ।

ମ୍ଳେଚ୍ଛ ନିବହ ନିଧନେ କଳୟସି କରବାଳଂ
ଧୂମକେତୁମିବ କିମପି କରାଳମ୍
କେଶବ ଧୃତ କଳ୍କି ଶରୀର
ଜୟ ଜଗଦୀଶ ହରେ । ୧୦ ।

ଶ୍ରୀ ଜୟଦେବ କବେରିଦମ୍ ଦିତମୁଦାରଂ
ଶୃଣୁ ସୁଖଦଂ ଶୁଭଦଂ ଭବସାରମ୍
କେଶବ ଧୃତ ଦଶବିଧ ରୂପ
ଜୟ ଜଗଦୀଶ ହରେ ।୧୧ ।

ବେଦାନୁଦ୍ଧରତେ ଜଗନ୍ତି ବହତେ ଭୂଗୋଳମୁଦ୍ବିଭ୍ରତେ
ଦୈତ୍ୟଂ ଦାରୟତେ ବଳିଂ ଛଳୟତେ କ୍ଷତ୍ରକ୍ଷୟଂ କୁର୍ବତେ ।
ପୌଲସ୍ତ୍ୟଂ ଜୟତେ ହଳଂ କଳୟତେ କାରୁଣ୍ୟମାତନ୍ୱତେ
ମ୍ଳେଚ୍ଛାନ୍ ମୂର୍ଚ୍ଛୟତେ ଦଶାକୃତିକୃତେ କୃଷ୍ଣାୟ ତୁଭ୍ୟଂ ନମଃ ।
୧୨ ।

ଇତି ଶ୍ରୀ ଗୀତଗୋବିନ୍ଦେ ପ୍ରଥମଃ ସନ୍ଦର୍ଭଃ ।

# ଶ୍ରୀଶ୍ରୀ ଜଗନ୍ନାଥାଷ୍ଟକ

କଦାଚିତ୍ କାଳିନ୍ଦୀତଟ-ବିପିନ-ସଙ୍ଗୀତ କରବୋ
ମୁଦାଭୀରୀ-ନାରୀ-ବଦନ କମଳା ସ୍ୱାଦ-ମଧୁପଃ
ରମା-ଶମ୍ଭୁ-ବ୍ରହ୍ମାମରପତି ଗଣେଶାର୍ଚ୍ଚିତ ପଦୋ
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ । ୧ ।

ଭୁଜେ ସବ୍ୟେ ବେଣୁଂ ଶିରସି ଶିଖିପୁଚ୍ଛଂ କଟୀତଟେ
ଦୁକୂଳଂ ନେତ୍ରାନ୍ତେ ସହଚର କଟାକ୍ଷଂ-ବିଦଧତେ
ସଦା ଶ୍ରୀମଦ୍ ବୃନ୍ଦାବନ ବସତି ଲୀଳା-ପରିଚୟୋ
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । ୨ ।

ମହାମ୍ଭୋ ଧେସ୍ତୀରେ କନକ ରୁଚିରେ ନୀଳଶିଖରେ
ବସନ୍ ପ୍ରାସାଦାନ୍ତେ ସହଜ ବଳଭଦ୍ରେଣ ବଳିନା
ସୁଭଦ୍ରା ମଧ୍ୟସ୍ଥଃ ସକଳ ସୁରସେବା ବସରଦୋ
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । ୩ ।

କୃପାପାରାବାରଃ ସଜଳ ଜଳଦ ଶ୍ରେଣୀ ରୁଚିରେ
ରମାବାଣୀରାମଃ ସ୍ଫୁରଦମଳ ପଦ୍ମେକ୍ଷଣ ମୁଖୈଃ
ସୁରେନ୍ଦ୍ରୈ ରାରାଧ୍ୟଃ ଶ୍ରୁତିଗଣଶିଖା ଗୀତ ଚରିତୋ
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । ୪ ।

ରଥାରୂଢୋ ଗଚ୍ଛନ୍ ପଥିମିଳିତ ଭୂଦେବପଟଳୈଃ
ସ୍ତୁତିପ୍ରାଦୁର୍ଭାବଂ ପ୍ରତିପଦମୁପାକର୍ଣ୍ୟ ସଦୟଃ
ଦୟାସିନ୍ଧୁ ବନ୍ଧୁଃ ସକଳଜଗତାଂ ସିନ୍ଧୁ ସୁତାୟାଃ
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । ୫ ।

ପରବ୍ରହ୍ମାପୀଡଃ କୁବଳୟ ଦଳୋତ୍ଫୁଲ୍ଲ ନୟନୋ
ନିବାସୀ ନୀଳାଦ୍ରୌ ନିହିତ ଚରଣୋଽନନ୍ତ ଶିରସି
ରସାନନ୍ଦୋ ରାଧାସରସବପୁ ରାଲିଙ୍ଗନ ସୁଖୋ
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । ୬ ।

ନ ବୈ ଯାଚେ ରାଜ୍ୟଂ ନ ଚ କନକ ମାଣିକ୍ୟ ବିଭବଂ
ନ ଯାଚେଽହଂ ରମ୍ୟାଂ ସକଳଜନ କାମ୍ୟାଂ ବରବଧୂମ୍
ସଦାକାଳେ କାଳେ ପ୍ରଥମପତିନା ଗୀତ ଚରିତୋ
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । ୭ ।

ହରତ୍ୱଂ ସଂସାରଂ ଦ୍ରୁତତରମସାରଂ ସୁରପତେ
ହରତ୍ୱଂ ପାପାନାଂ ବିତତିମପରାଂ ଯାଦବପତେ
ଅହୋ ଦୀନନାଥେ ନିହିତ ମଚଳଂ ନିଶ୍ଚିତ ପଦଂ
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ । ୮ ।

ଜଗନ୍ନାଥାଷ୍ଟକଂ ପୁଣ୍ୟଂ ଯଃ ପଠେତ୍ ପ୍ରୟତଃ ଶୁଚିଃ
ସର୍ବପାପ ବିଶୁଦ୍ଧାତ୍ମା ବିଷ୍ଣୁଲୋକଂ ସ ଗଚ୍ଛତି । ୯ ।



# ଶ୍ରୀ ଜଗନ୍ନାଥ ଓ ଓଡ଼ିଶା

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ପ୍ରତ୍ୟେକ ଜାତିକୁ ଜାଣିବାକୁ ହେଲେ ତାର ଶ୍ରେଷ୍ଠ ବିଭବକୁ ଜାଣିବାକୁ ହୁଏ । ଓଡ଼ିଆ ଜାତିର ଶ୍ରେଷ୍ଠ ବିଭବ ଜଗନ୍ନାଥ । ଏବେ ମଧ୍ୟ ଭାରତବର୍ଷର ଲକ୍ଷ ଲକ୍ଷ ଲୋକ ଓଡ଼ିଶାକୁ ଓଡ଼ିଶା ନାମରେ ଜାଣନ୍ତି ନାହିଁ । ସେମାନେ ଏହାକୁ 'ଜଗନ୍ନାଥ ଦେଶ' ନାମରେ ଜାଣନ୍ତି । ଜଗନ୍ନାଥଙ୍କର ଆସ୍ଥାନ ପୁରୀ ଭାରତବର୍ଷର ଜନସାଧାରଣଙ୍କ ନିକଟରେ 'ଜଗନ୍ନାଥ ପୁରୀ' ନାମରେ ପରିଚିତ । ଜଗନ୍ନାଥଙ୍କୁ ଛାଡ଼ି ଓଡ଼ିଶା ହୋଇ ପାରିବ ନାହିଁ । ଜଗନ୍ନାଥଙ୍କ ବିନା ଓଡ଼ିଶାର ଅସ୍ତିତ୍ୱ ନାହିଁ । ଦେହରେ ଆତ୍ମା ପରି ଜଗନ୍ନାଥ ହେଉଛନ୍ତି ଓଡ଼ିଶାର ସର୍ବସ୍ୱ ।

ଶହ ଶହ ବର୍ଷ ଧରି ଓଡ଼ିଶାର ରାଜାମାନେ ଜଗନ୍ନାଥଙ୍କ ସେବକ ରୂପେ ନିଜକୁ ବିଚାର କରି ଆସିଛନ୍ତି । ଅନଙ୍ଗଭୀମ ଦେବ ନିଜକୁ ଓଡ଼ିଶାର ରାଜାବୋଲି କହୁ ନ ଥିଲେ । ସେ କହୁଥିଲେ ଜଗନ୍ନାଥ ରାଜା । ସେ ତାଙ୍କର 'ରାଉତ' ବା ପ୍ରତିନିଧି । ଅନଙ୍ଗଭୀମଙ୍କ ପରେ ଯେତେ ରାଜା ଓଡ଼ିଶାରେ ରାଜପଣ କରିଛନ୍ତି ସେମାନେ ସମସ୍ତେ ଜଗନ୍ନାଥଙ୍କଠାରେ ନିଜକୁ ସମର୍ପଣ କରି ରାଜ୍ୟ ଜୟ କରିଛନ୍ତି ବା ରାଜ୍ୟ ଶାସନ କରିଛନ୍ତି—କପିଳେନ୍ଦ୍ର, ପୁରୁଷୋତ୍ତମ, ପ୍ରତାପରୁଦ୍ରଙ୍କ ପର୍ଯ୍ୟନ୍ତ । ପରବର୍ତ୍ତୀ ଯୁଗରେ ସ୍ୱାଧୀନତା ପୂର୍ବରୁ ଯେଉଁ ଦୁଇ ଉଜ୍ଜ୍ୱଳ ବ୍ୟକ୍ତି ଓଡ଼ିଶାର ନେତୃତ୍ୱ ନେଇଥିଲେ, ଉତ୍କଳମଣି ଗୋପବନ୍ଧୁ ଓ ଉତ୍କଳଗୌରବ ମଧୁସୂଦନ ସେ ଜଗନ୍ନାଥଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣଭାବରେ ସମର୍ପଣ କରିଥିଲେ । ଜଗନ୍ନାଥ ମନ୍ଦିରପାଇଁ ମଧୁସୂଦନଙ୍କ ଲଢ଼େଇ ଇତିହାସର ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ । ଗୋପବନ୍ଧୁ କହୁଥିଲେ, "ଉତ୍କଳର ନେତା ସ୍ୱୟଂ ନାରାୟଣ ।"

ଓଡ଼ିଶାର ପ୍ରସିଦ୍ଧ କବିମାନେ ଜଗନ୍ନାଥଙ୍କ ଯଶଗାନ ଦ୍ୱାରା ନିଜ ନିଜ କାବ୍ୟର ଉତ୍କର୍ଷ ପ୍ରତିପାଦନ କରିଛନ୍ତି । ସାରଳା ଦାସ ତାଙ୍କର ମହାଭାରତରେ, ଜଗନ୍ନାଥ ଦାସ, ବଳରାମ, ଅଚ୍ୟୁତ, ଯଶୋବନ୍ତ ଓ ଅନନ୍ତ ଦାରୁବ୍ରହ୍ମ ଜଗନ୍ନାଥଙ୍କର ବନ୍ଦନା କରିଛନ୍ତି । ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ, ଦୀନକୃଷ୍ଣ, ଯଦୁମଣି ସମସ୍ତେ ଜଗନ୍ନାଥଙ୍କର ବନ୍ଦନା, ସଙ୍ଗୀତ ଓ ଭଜନ ଗାନ କରିଯାଇଛନ୍ତି । 'ହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ'ର କବି ସାଲବେଗ ମୁସଲମାନ ହୋଇଥିଲେ ମଧ୍ୟ ସେଥିରୁ ବାଦ୍ ଯାଇ ନାହାନ୍ତି ।

ହଜାର ହଜାର ବର୍ଷ ଧରି ଜଗନ୍ନାଥଙ୍କୁ କେନ୍ଦ୍ର କରି ଯେଉଁ ଧର୍ମ ଗଢ଼ି ଉଠିଛି, ପୃଥିବୀରେ ତାର ପଟାନ୍ତର ନାହିଁ । ଉଦାରତାରେ ତାହା ସମସ୍ତ ଧର୍ମକୁ ଆପଣାର କରି 'ବସୁଧୈବ କୁଟୁମ୍ବକମ୍' ନୀତିର ଯଥାର୍ଥତା ପ୍ରତିପାଦନ କରିଛି । ଆଦିମ କାଳରୁ ଏ ଭାରତବର୍ଷରେ ଯେତେ ଧର୍ମ, ଯେତେ ସଭ୍ୟତା ଶିର ଉତ୍ତୋଳନ କରିଛି, ସବୁ ଜଗନ୍ନାଥଙ୍କ ଦେହରେ ଲୀନ ହୋଇଯାଇଛି । ଶବରର ଦେବତା ହୋଇ ଜଗନ୍ନାଥ ଆର୍ଯ୍ୟ ସଂସ୍କୃତି କହିଲେ ଯାହା ବୁଝାଯାଏ; ବୌଦ୍ଧ, ଜୈନ, ଶୈବ, ଶାକ୍ତ, ବୈଷ୍ଣବ—ଏପରିକି ଶିଖ ଓ ମୁସଲମାନ ସମସ୍ତଙ୍କର ଦେବତା ରୂପେ ପୂଜିତ ହୋଇଛନ୍ତି ।

## କିମ୍ବଦନ୍ତୀର ଜଗନ୍ନାଥ

ଶବରର ରାଜା ବିଶ୍ୱାବସୁଙ୍କର ଉପାସ୍ୟ ଦେବତା ଜଗନ୍ନାଥ, ମାତ୍ର ସେଠାରୁ ତାଙ୍କର ଆରମ୍ଭ ନୁହେଁ । ଏ ବିଶ୍ୱାବସୁ ଥିଲେ ଦ୍ୱାପର ଯୁଗର ଜାରା ଶବର—ସେ ଜାରା ଶବର ପୁଣି ତ୍ରେତା ଯୁଗରେ ଅଙ୍ଗଦ, ବାନରରାଜ ବାଳୀଙ୍କର ପୁତ୍ର, ଶ୍ରୀରାମଙ୍କର ଭକ୍ତ ଓ ଲଙ୍କା ଯୁଦ୍ଧରେ ରାମଚନ୍ଦ୍ରଙ୍କର ଜଣେ ବିଶିଷ୍ଟ ସେନାପତି । ଲଙ୍କାର ଯୁଦ୍ଧ ସରିଗଲା । ପାରିତୋଷିକ ସ୍ୱରୂପ ଶ୍ରୀରାମଚନ୍ଦ୍ର ତାଙ୍କର ସେନାପତି ଓ ଅନୁଚରମାନଙ୍କୁ ବର ମାଗିବାକୁ

କହିଲେ । ଅଙ୍ଗଦ ମାଗିଲେ, "ଯଦି ପ୍ରଭୁ ମୋତେ ବର ଦେବାପାଇଁ କହିବ, ତା'ହେଲେ ମୋତେ ଏହି ବର ଦିଅ ଯେ ମୁଁ ପିତୃହତ୍ୟାର ପ୍ରତିଶୋଧ ନେବି; ଅଥଚ ଆପଣଙ୍କର ଭକ୍ତ ହୋଇ ରହିଥିବି" । ସେହି ଅଙ୍ଗଦ ଜରା ଶବର ହୋଇ ଦ୍ୱାରକାର ସମୁଦ୍ର କୂଳରେ ବିଧିର ଅଭିପ୍ରେତକୁ ଯେପରି ଅପେକ୍ଷା କରି ରହିଥିଲେ । ଯଦୁ ବଂଶର ଧ୍ୱଂସ ପରେ ଶିଆଳୀ ଲତାର କୋଳରେ ଶ୍ରୀକୃଷ୍ଣ ଶୋଇଛନ୍ତି—ରକ୍ତାଭ ପଦଯୁଗଳ ମୃଗର କାନପରି ଦେଖା ଯାଉଚି—ତା' ପରେ ଶବରର ଅବ୍ୟର୍ଥ ଶରରେ ବିଷ୍ଣୁଙ୍କର ଏଇ ଶ୍ରେଷ୍ଠ ଅବତାର ଧରା ପୃଷ୍ଠରୁ ବିଦାୟ ନେଇଛନ୍ତି ।

ତାଙ୍କର ଶରୀର ଦଗ୍ଧ ହେଉନାହିଁ । ଶରୀରର ଖଣ୍ଡେ ହାଡ଼କୁ ଗଛ ଡାଳରେ ଝୁଲାଇଦେଇ ସମୁଦ୍ରରେ ଦୈବ ବାଣୀ ଅନୁସାରେ ଭସାଇ ଦିଆଯାଉଚି, ସେ ଯାଇ ଲାଗୁଚି ବହୁକାଳ ପରେ ପୂର୍ବ ବାରିଧିର ଉପକୂଳରେ ଓ ତାକୁ ନେଇ ବିଶ୍ୱାବସୁ ନୀଳମାଧବ ରୂପରେ ପୂଜା କରୁଛନ୍ତି । ଶବର ଦେବତାଙ୍କୁ ନିଜର କରିବାପାଇଁ ଆର୍ଯ୍ୟମାନଙ୍କ ପକ୍ଷରୁ ଚେଷ୍ଟା ହେଉଚି—ଏ ଚେଷ୍ଟାର ପ୍ରତୀକ ହେଲେ ଇନ୍ଦ୍ରଦ୍ୟୁମ୍ନ—ଏ ଇନ୍ଦ୍ରଦ୍ୟୁମ୍ନ ରଜା କିଏ ? ତାଙ୍କ ନାମ ଇତିହାସରେ ମିଳେ ନାହିଁ—ଜନଶ୍ରୁତି, ସ୍କନ୍ଦ ପୁରାଣ କହନ୍ତି ସେ ମାଳବର ରାଜା; ପ୍ରତ୍ନତତ୍ତ୍ୱବିତ୍‌ମାନେ ବିହାରର ମୁଙ୍ଗେର ପାଖରେ ଏକ ପୁରୁଣା ଗଡ଼ର ପୁନରୁଦ୍ଧାର କରିଛନ୍ତି । ତାର ନାମ ଇନ୍ଦ୍ରଦ୍ୟୁମ୍ନ ଗଡ଼ । ସେଠାରେ ଇନ୍ଦ୍ରଦ୍ୟୁମ୍ନ ରାଜା ରାଜପଣ କରୁଥିଲେ ବୋଲି କୁହାଯାଏ । କିନ୍ତୁ ସେ ଯେ ହୁଅନ୍ତୁନା କାହିଁକି, ସେ ନୀଳମାଧବଙ୍କୁ ଖୋଜାଇଲେ ଓ ଭକ୍ତ ବିଦ୍ୟାପତିଙ୍କୁ ପଠାଇଲେ । ବିଦ୍ୟାପତି ବିଶ୍ୱାବସୁଙ୍କୁ ପାଇଲେ ମଧ୍ୟ ନୀଳମାଧବଙ୍କୁ ପାଇଲେ ନାହିଁ । ବିଶ୍ୱାବସୁଙ୍କ କନ୍ୟାର ପ୍ରଣୟ ପାଶରେ ଆବଦ୍ଧ ହୋଇ ଶେଷକୁ ସେ ତାଙ୍କର ସନ୍ଧାନ ପାଇଲେ ।

ଇନ୍ଦ୍ରଦ୍ୟୁମ୍ନ ଶବର ପଲ୍ଲୀକୁ ସସୈନ୍ୟ ଆକ୍ରମଣ କଲେ । ବିଶ୍ୱାବସୁ ପରାସ୍ତ ହେଲେ । ମାତ୍ର ଶବର ଭଗବାନ ଅନ୍ତର୍ହିତ ହୋଇଗଲେ । ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କୁ ନ ଦେଖି ଶୋକ ବିହ୍ୱଳ ହୋଇ ଏକୋଇଶ ଦିନ କାଳ ଅଧିଆ ପଡ଼ିଲେ । ତା'ପରେ ତାଙ୍କୁ ସ୍ୱପ୍ନାଦେଶ ହେଲା—ଯାଅ, ପୁରୀ ସମୁଦ୍ର କୂଳରେ ଯେଉଁ ଦାରୁ ଆସି ଲାଗିଚି, ତାକୁ ଆଣି ମୂର୍ତ୍ତି ଖୋଦନ କର ଏବଂ ପ୍ରତିଷ୍ଠାକରି ପୂଜା କର ।

ମାତ୍ର ଏତିକିରେ ଇନ୍ଦ୍ରଦ୍ୟୁମ୍ନଙ୍କର ପରୀକ୍ଷା ସରିନାହିଁ । ଯେତେ ଲୋକ ଟାଣିଲେ ଦାରୁ କୂଳକୁ ଉଠିଲା ନାହିଁ, ପୁଣି ସ୍ୱପ୍ନ ହେଲା ଭକ୍ତ ବିଶ୍ୱାବସୁ ହାତ ନ ଲଗାଇଲେ ଦାରୁ ଉଠିବ ନାହିଁ । ଜଗନ୍ନାଥ ହେଉଛନ୍ତି ଶବରଙ୍କର ଦେବତା, ସେତେବେଳେ ଆଉ ଏବେ ମଧ୍ୟ ଯେଉଁ ଦଇତାମାନେ ତାଙ୍କର ସେବକ ସେମାନେ ପୁଣି ସେହି ଶବରମାନଙ୍କର ବଂଶଧର । ସ୍ନାନ ପୂର୍ଣ୍ଣିମାରୁ ରଥଯାତ୍ରା ପର୍ଯ୍ୟନ୍ତ ଦିଅଁ ଦଇତାମାନଙ୍କର । ସେଥିରେ ଆଉ କାହାରି ଅଧିକାର ନାହିଁ । ଶବରଙ୍କର ଦେବତାଙ୍କୁ ଆର୍ଯ୍ୟମାନେ ଆଦରିନେଲେ । ତଥାପି ତାଙ୍କର ସେବା ପୂଜାରେ ସେମାନଙ୍କର ଅଧିକାର ରହିଲା । ଦେବତା ହେଲେ ପତିତପାବନ । ଶବର ବିଶ୍ୱାବସୁଙ୍କଠାରୁ ଆରମ୍ଭ କରି ଦାସିଆ ବାଉରି ପର୍ଯ୍ୟନ୍ତ ।

## ଇତିହାସର ଜଗନ୍ନାଥ

କିମ୍ବଦନ୍ତୀରେ ଯାହା ଇତିହାସରେ ମଧ୍ୟ ସେଇଆ । ଶବର-ଦେବତାଙ୍କ ଉପରେ ପଡ଼ିଲା ବୌଦ୍ଧମାନଙ୍କର ପ୍ରଭାବ । ଅଶୋକଙ୍କ ପରେ ଓଡ଼ିଶାରେ ବୌଦ୍ଧଧର୍ମ ପ୍ରତିଷ୍ଠିତ ହେଲା । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ପୁଣି କିଏ ? ଏ ତ ରାମ ଲକ୍ଷ୍ମଣ ସୀତା ନୁହନ୍ତି । କାରଣ ସୁଭଦ୍ରା ଭଉଣୀ, ବଳଭଦ୍ର ବଡ଼ ଭାଇ । ଏ ତ୍ରିମୂର୍ତ୍ତିଙ୍କର ବୌଦ୍ଧଧର୍ମର ତ୍ରିରତ୍ନ ସହିତ ବହୁ ସାମଞ୍ଜସ୍ୟ ଅଛି । ବୁଦ୍ଧ, ଧର୍ମ, ସଂଘ, ଜଗନ୍ନାଥ ହେଉଛନ୍ତି ବୁଦ୍ଧ । 'ନମୋ ତସ୍ମୈ ଭଗବତେ ବାସୁଦେବାୟ' । ବୁଦ୍ଧଙ୍କୁ କୁହାଯାଏ, 'ନମୋ ସର୍ବେ ଭଗବତେ ଅର୍ହତେ ବୁଦ୍ଧସମ୍ବୁଦ୍ଧାୟ' । ବଳଭଦ୍ର ହେଉଛନ୍ତି ସଂଘର ପ୍ରତୀକ । ସଂଘକୁ ଚଳାଇବାକୁ ହେଲେ ଜଣେ ବଡ଼ଭାଇ ଦରକାର କି ନା ? ସୁଭଦ୍ରା ହେଉଛନ୍ତି ଧର୍ମର ପ୍ରତୀକ । ସୌଭାଗ୍ୟ ହେଉଚି ବୌଦ୍ଧମାନଙ୍କ ତନ୍ତ୍ରରେ ଧର୍ମ ତାଙ୍କୁ ନାରୀରୂପେ କଳ୍ପନା କରାଯାଇଚି । କିନ୍ତୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏ ତିନିହେଁ ନୁହନ୍ତି—'ଚତୁର୍ଦ୍ଧା ମୂରତି'—ପୁଣି ସୁଦର୍ଶନ ଚକ୍ର ଅଛନ୍ତି । ସେ କାହାର ପ୍ରତୀକ ? ଚକ୍ର ହେଉଛନ୍ତି ସବୁ ଧର୍ମର ପ୍ରତୀକ । ବୌଦ୍ଧ ଧର୍ମରେ ଚକ୍ର ହେଉଚି, ସମୁଦାୟ ଧର୍ମ ତତ୍ତ୍ୱର ଅଙ୍ଗ । ବୁଦ୍ଧଦେବ ସାରନାଥରେ ପାଞ୍ଚଜଣ ସନ୍ନ୍ୟାସୀଙ୍କୁ ଯେତେବେଳେ ଧର୍ମ ପ୍ରସ୍ତାବ କଲେ, ତା'ର ନାମ ହେଲା ଧର୍ମଚକ୍ର ପ୍ରବର୍ତ୍ତନ ସୂତ୍ର । ହିନ୍ଦୁ ଧର୍ମରେ ଚକ୍ର ହେଉଚି ସେଇଆ, ତେଣୁ ସେ ମଧ୍ୟ ବିଷ୍ଣୁଙ୍କ ଅସ୍ତ୍ର । ଚକ୍ରର ଆକାର କଣ ? 'ଅଖଣ୍ଡ ମଣ୍ଡଳାକାରଂ ।' ମଣ୍ଡଳର ଆକାର ପରି ଏହା ଅଖଣ୍ଡ । ଅର୍ଥାତ୍ ଏହାର ଆରମ୍ଭ ନାହିଁ କି ଶେଷ ନାହିଁ । ତେଣୁ ଏହା ହେଉଚି ଧର୍ମ ସନାତନ । ଧର୍ମର ଆରମ୍ଭ କେବେ, ଶେଷ କେବେ ତାହା କେହି କହି ପାରିବ ନାହିଁ । ପୁଣି ବୌଦ୍ଧମାନଙ୍କର ପ୍ରଭାବ ରଥଯାତ୍ରା ଉପରେ ପଡ଼ିଚି । ବୁଦ୍ଧଦେବଙ୍କର ମୂର୍ତ୍ତିକୁ, ତାଙ୍କର ଦନ୍ତକୁ ରଥରେ ବସାଇ ନଗର ପ୍ରଦକ୍ଷିଣ କରିବାର ପ୍ରଥା ଚୀନ୍ ପରିବ୍ରାଜକ ଫାହିଏନଙ୍କ ସମୟରୁ ଅଛି । ଯେଉଁମାନେ କହନ୍ତି ବେଦରେ ରଥ ଶବ୍ଦ, 'ଇନ୍ଦ୍ର ରଥ' ଅଛି । ଗୀତାରେ ଅଛି— 'ଆତ୍ମାନଂ ରଥୀନଂ ବିଦ୍ଧି" ଆତ୍ମାକୁ ରଥୀ ଓ ଶରୀରକୁ ରଥ ବୋଲି ଭାବ; ତାହା ସହିତ ଦେବତାଙ୍କ ରଥଯାତ୍ରାର ସଂପର୍କ ନାହିଁ । ସେତେବେଳେ ତ ରଥ ଏକ ଯାନ ଥିଲା । ଯୋଦ୍ଧାମାନେ ରଥରେ ବସି ଯାଉଥିଲେ । ଯୋଦ୍ଧାମାନେ ଯାଉଥିଲେ । କିନ୍ତୁ ଦେବତାଙ୍କ ରଥଯାତ୍ରା କଥା ଆମେ ବୌଦ୍ଧ ଧର୍ମର ଇତିହାସରେ ପାଉ ।

## ବୌଦ୍ଧ ଅବତାର

କେବଳ ସେତିକି ନୁହେଁ, ବୌଦ୍ଧ ଅବତାର ବୋଲି ଜଗନ୍ନାଥଙ୍କୁ ଗ୍ରହଣ କରାଯାଇଛି–ଜଗନ୍ନାଥଙ୍କୁ ଛାଡ଼ିଦେଲେ ହିନ୍ଦୁମାନଙ୍କର କୌଣସି ଦେବତା ନାହାନ୍ତି, ଯେକି ବୌଦ୍ଧାବତାର ରୂପେ ପୂଜା ପାଉଛନ୍ତି । ଆହୁରି ହଜାରେ ଏକାରଣ ବର୍ଷରୁ ଜଗନ୍ନାଥ ବୌଦ୍ଧ ଅବତାର ବୋଲି ଶାସ୍ତ୍ର ପ୍ରମାଣ ମିଳେ–ନବମ ଶତାବ୍ଦୀରେ ବଙ୍ଗଳାର ଦେବପାଳ ରାଜାଙ୍କ ସମୟରେ ରମାଇ ପଣ୍ଡିତଙ୍କ ଲେଖାରେ ଅଛି–

"ନବମ ମୂର୍ତ୍ତିତେ ହରି ଜଗନ୍ନାଥ ନାମ ଧରି
ଜଳଧିର ତୀରେ କୈଲ ବାସ"

ଆମର ବିଖ୍ୟାତ ଶ୍ରେଷ୍ଠ ପ୍ରାଚୀନ କବି ସାରଳା ଦାସ ମହାଭାରତ ସଭାପର୍ବରେ କହିଲେ–

"ସଂସାର ଜନଙ୍କୁ ସେହୁ ତାରିବା ନିମନ୍ତେ
ବୌଦ୍ଧ ରୂପରେ ବିଜେ ଅଛି ଜଗନ୍ନାଥେ ।"

ଅର୍ଥାତ୍ ଶବରଙ୍କର ଦିଅଁ ଇତିହାସରେ ବୌଦ୍ଧଙ୍କର ଦିଅଁ ହେଲେ । ତାଙ୍କୁ ହିନ୍ଦୁମାନେ ପୁଣି ନିଜର କରି- ନେଲେ । ନବମ ଶତାବ୍ଦୀରେ ଆଉ ଜଣେ ବିଖ୍ୟାତ ଅବତାର ରୂପୀ ମହାନ୍ ଧର୍ମ ପ୍ରଚାରକ ମହାତ୍ମା ଶଙ୍କରାଚାର୍ଯ୍ୟ 'ଜଗନ୍ନାଥ ସ୍ୱାମୀ' ସ୍ତୋତ୍ରରେ ତାଙ୍କୁ ଆପଣାର କରି ନେଲେ ।

ଶଙ୍କରାଚାର୍ଯ୍ୟ ପୁରୀଧାମକୁ ହିନ୍ଦୁମାନଙ୍କର ପ୍ରଧାନ ଚାରି ଧାମ ମଧ୍ୟରେ ଅନ୍ୟତମ ବୋଲି ସ୍ଥାନ କଲେ ଏବଂ ଏଠାରେ ଗୋବର୍ଦ୍ଧନ ମଠର ସ୍ଥାପନା କଲେ ।

ଶଙ୍କରାଚାର୍ଯ୍ୟଙ୍କ ପରେ ଆସିଲେ ଅନ୍ୟ ଜଣେ ପ୍ରଧାନାଚାର୍ଯ୍ୟ, ଶ୍ରୀ ରାମାନୁଜ । ସେ ଦ୍ୱାଦଶ ଶତାବ୍ଦୀରେ ଚୋଡ଼ଗଙ୍ଗ ଦେବଙ୍କ ରାଜତ୍ୱ କାଳରେ ପୁରୀ ଧାମକୁ ଆସିଥିଲେ ଓ ନିଜର ଧର୍ମମତଦ୍ୱାରା ରାଜାଙ୍କୁ ପ୍ରଭାବିତ କରିଥିଲେ । ସ୍ମାର୍ତ୍ତ ବା ସ୍ମୃତିଶାସ୍ତ୍ର ଅନୁଯାୟୀ ବୈଷ୍ଣବ ମତରେ ଶ୍ରୀ ଜଗନ୍ନାଥଙ୍କର ପୂଜା ବିଧି ବିଧାନପାଇଁ ସେ ଉଦ୍ୟମ କରିଥିଲେ ଏବଂ ଆଂଶିକ ସଫଳ ହୋଇଥିଲେ । ବୈଷ୍ଣବ ଧର୍ମ ଓଡ଼ିଶାରେ ପ୍ରତିଷ୍ଠିତ ହେଲା । ଲକ୍ଷ୍ମୀଙ୍କ ମନ୍ଦିର ସେହି ସମୟରେ ନିର୍ମାଣ କରାଯାଇଥିଲା । ତାହା ପୂର୍ବରୁ ଦେଉଳରେ ଲକ୍ଷ୍ମୀଙ୍କର ପୂଜା ନ ଥିଲା । ଏମାର ମଠ ଏହି ସମୟରେ ପ୍ରତିଷ୍ଠିତ ହେଲା ।

ରାମାନୁଜଙ୍କ ପରେ ମାଧ୍ୱାଚାର୍ଯ୍ୟ ପୁରୀ ଆସିଥିଲେ ଓ ପରେ ତାଙ୍କ ପନ୍ଥୀ ବହୁ ବୈଷ୍ଣବ ଆସି ପୁରୀ ଓ ଓଡ଼ିଶାରେ ତାଙ୍କ ମତବାଦର ପ୍ରଚାର କରିଥିଲେ । ଏହିପରି ଭାବରେ ଶଙ୍କରଙ୍କର ଅଦ୍ୱୈତ, ରାମାନୁଜଙ୍କର ବିଶିଷ୍ଟାଦ୍ୱୈତ ଓ ମାଧ୍ୱଙ୍କର ଦ୍ୱୈତ ମତର ମିଳନ ଏହି ଗୋବର୍ଦ୍ଧନ ପୀଠରେ ହୋଇଥିଲା ।

ଏହାର ପରବର୍ତ୍ତୀ ପ୍ରଧାନ ପ୍ରଚାରକ ହେଉଛନ୍ତି ଶ୍ରୀ ଚୈତନ୍ୟ, ଯେ ହେଉଛନ୍ତି ରାଧା-କୃଷ୍ଣ ମଧୁର ଭକ୍ତିର ପ୍ରବର୍ତ୍ତକ । ପୁରୀ ବଡ଼ଦାଣ୍ଡରେ ଶ୍ରୀ ଚୈତନ୍ୟ ଓ ତାଙ୍କର ଶିଷ୍ୟମାନେ ଗଡ଼ିଛନ୍ତି–ବଡ଼ଦାଣ୍ଡର ଧୂଳି ରଥଯାତ୍ରା ସମୟରେ ଦେହରେ ଲଗାଇଛନ୍ତି । ଚୈତନ୍ୟଙ୍କ ପ୍ରଭାବରେ ରାଜା ପ୍ରତାପରୁଦ୍ର ରାଜକାର୍ଯ୍ୟ ଛାଡ଼ି ଖୋଳ କରତାଳ ଧରିଛନ୍ତି ! ମଧୁର ଭକ୍ତିର ବନ୍ୟା ଓଡ଼ିଶାକୁ ପ୍ଲାବିତ କରିଛି !

ତା' ପରେ ଶିଖ ଧର୍ମର ପ୍ରଚାରକ ଓ ପ୍ରବର୍ତ୍ତକ ଶ୍ରୀ ନାନକ ପୁଣି ଏଠାକୁ ଆସିଛନ୍ତି । କାଳିଆବୋଦାସ ଗୁରୁଦ୍ୱାର ନାନକଙ୍କର ସ୍ମୃତିକୁ ବିଜଡ଼ିତ କରିଛି । ଶିଖମାନେ ଜଗନ୍ନାଥଙ୍କୁ ତାଙ୍କର ଦେବତା ବୋଲି ଗ୍ରହଣ କରିଛନ୍ତି । ଶେଷ ଶିଖରାଜ ରଣଜିତ୍ ସିଂହ କୋହିନୁର ହୀରା ଜଗନ୍ନାଥଙ୍କୁ ଦେଇଥିବା କଥା ହଣ୍ଟର ତାଙ୍କର ଓଡ଼ିଶା ଇତିହାସରେ ଲେଖିଛନ୍ତି–ମାତ୍ର ଏ କୋହିନୁର ହୀରା ଯାହା ଆଜି ଜଗନ୍ନାଥଙ୍କର ଭଣ୍ଡାର ମଣ୍ଡନ କରିଥାନ୍ତା, ସେ ଭାଗ୍ୟବଶରେ ଇଂଲଣ୍ଡ ରାଣୀଙ୍କର ମୁକୁଟରେ ସ୍ଥାନ ପାଇଛି ।

ମାତ୍ର ଏତିକିରେ ଏ ଧର୍ମ ସମନ୍ୱୟ ଶେଷ ହେଲା ନାହିଁ । ମୁସଲମାନଙ୍କ ମଧ୍ୟରୁ କବୀର ଓ ସାଲବେଗ ଏବଂ ଯବନ ହରିଦାସ ଶ୍ରୀ ଜଗନ୍ନାଥଙ୍କର କୀର୍ତ୍ତିଗାଥା ଗାନ କରି ଯାଇଛନ୍ତି । ସାଲବେଗଙ୍କର ଭଜନ,–– 'ଆହେ ନୀଳଶଇଳ ପ୍ରବଳ ମତ୍ତ ବାରଣ' ଓଡ଼ିଶାର ଘରେ ଘରେ ପ୍ରସିଦ୍ଧ । ସାଲବେଗ, ହରିଦାସ, କବୀର ମୁସଲମାନ ହେଲେ ମଧ୍ୟ ସେମାନେ ଜଗନ୍ନାଥଙ୍କୁ ନିଜର ଆରାଧ୍ୟ ଦେବତା ବୋଲି ମନେ କରୁଥିଲେ । ଓଡ଼ିଶାର ଜଣେ ଗଜପତି ରାଜା ରାମଚନ୍ଦ୍ର ଦେବ ମୁସଲମାନ ହୋଇଥିଲେ । ତାଙ୍କ ପାଇଁ ପତିତପାବନ ମୂର୍ତ୍ତି ସିଂହଦ୍ୱାର ପାର୍ଶ୍ୱରେ ଦେଉଳ ଆଗରେ ଖଡ଼ା ଯାଇଥିଲା ।

ଏହିପରି ଯୁଗେ ଯୁଗେ ଜଗନ୍ନାଥ ଶବର, ବୌଦ୍ଧ, ବୈଷ୍ଣବ, ଶୈବ, ଗାଣପତ୍ୟ, ଶାକ୍ତ, ଶିଖ, ମୁସଲମାନ ସମସ୍ତଙ୍କର ଦେବତା ରୂପେ ପୂଜିତ ହୋଇଛନ୍ତି । ଜଗନ୍ନାଥଙ୍କ ଠାରେ ସବୁ ଧର୍ମର ସମନ୍ୱୟ ଘଟିଛି । ○○

'ନୀଳାଦ୍ରୌଶଂଖ ମଧ୍ୟେ ଶତଦଳ କମଳେ ରତ୍ନ ସିଂହାସନସ୍ଥ
ସର୍ବାଳଂକାର ଯୁକ୍ତଂ ନବଘନ ରୁଚିରଂ ସଂଯୁତଂ ଗ୍ରାଜେନ ।
ଭଦ୍ରାୟା ବାମଭାଗେ ରଥଚରଣଯୁତଂ ବ୍ରହ୍ମରୁଦ୍ରେନ୍ଦ୍ରବନ୍ଦ୍ୟଂ
ବେଦାନାଂ ସାରମେକଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁ ସ୍ମରାମି ।।

# ବିଷ୍ଣୁପ୍ରିୟାର ଚିଠି

ଶ୍ରୀ ରାଧାମୋହନ ଗଡ଼ନାୟକ

"ପତ୍ରବାହକ - ବୀରଖୁଣ୍ଟିଆ
ମୋହରି ସେବକ, ମୋହରି ପଣ୍ଡା,
ବହୁ ଦୂରପଥେ ଘୁରୁଅଛି ଧରି
ମୋର ମାହାରଦ, ମୋହରି ଧଣ୍ଡା ।

ଜୟପୁର ହେମା ବିଷ୍ଣୁପ୍ରିୟା ସେ
ଦରଶନ ଲାଗି ଅଥୟ ତୁହି
ବୁଝି ପାରୁଅଛି, ବୁଝି ପାରୁଅଛି
କଥଣ ତୋ ମନେ ଉଠିଚି ଉଇଁ ।

ବାସର ଯାମିନୀ କି ସପନ ତୁହି
ଦେଖୁଚୁ ମରମେ ମରମେ ତୋର,
ମୋହ ପାଇଁ ତୁହି ଯାହା ପଠାଇବୁ,
ଆଣି ଦେବ ଏଇ ସେବକ ମୋର ।"

ଲେଖା ନେଇ ହେମା ଛୁଆଇଲା ମାଥେ
ପଢିଲା ବିଭୋର ଲଗନ ଘେନି
ଭାବ ଉଚ୍ଛ୍ୱାସେ ଲୁହ ଢଳ ଢଳ
ହୋଇଗଲା ତାର ନୟନ ବେନି ।

"ଦଶ ଗୋଟି ଏଇ ସୁନାର ମୋହର,
ପଣ୍ଡାଜୀ, ତୁମ ପାଥେୟ ନିଅ
ଠାକୁର ପାଇଁ କି ଏ ଖୋଳଟି ନିଅ,
କାଳିଆ ଠାକୁର କତିରେ ଦିଅ ।"

ନାଲିଆ ଖୋଳରେ ଚିଠିଟିଏ ରଖି
ଭଲ କରି ତାହା ମୁଦିଲା ପୁଣି—
"ଠାକୁର କତିକି ଚିଠି ମୁଁ ଦେଇଚି
ଦେଇ ଦେବ ତାହା ମନରେ ଗୁଣି ।"

ଜୟପୁର ଛାଡ଼ି ପଣ୍ଡା ଚଳିଲା,
ଚଳିଲ, ଚଳିଲା ଆପଣା ପଥେ
ନାଲିଆ ଖୋଳଟି ଖୋଲିଲା ହଠାତ୍
କଥଣ ବିସ୍ମରି ହୃଦୟ ରତେ ।

ଦେଖିଲା ତହିଁରେ ତାହାରି ଭିତରେ
ମୁଦ୍ରା ନାହିଁକି ମୋହର ନାହିଁ,
ସେଇଠି ସେ ରାଗେ ଫିଙ୍ଗି ଦେଲା ସେ—
"ନେବି ତେବେ ଆଉ କୋଉଥି ପାଇଁ ?"

ଦୂରତା ଲଂଘି ବହୁଦିନ ପରେ
ବାହୁଡ଼ିଲା ସିଏ ଆପଣା ଘରେ,
ଶୋଇଚି ସହସା ସପନ ଭିତରେ
କଥଣ ଶୁଣୁଚି ସକାଶ ସ୍ୱରେ—

କାଳିଆ ଠାକୁର କଣ୍ଠର ବାଣୀ—
"ଖୁଣ୍ଟିଆ ତୁ ମୋ ସେବକ ପରା,
ହେମା ଯାହା ତତେ ଦେଲା, ତାହା ନେଲୁ,
ମତେ ଯାହା ଦେଲା କୁଆଡ଼େ ଗଲା ?

ମୁଁ ଥିଲି କୃଷ୍ଣ, ସିଏ ଥିଲା ଗୋପୀ
ଲୀଳା ରଚି ଥିଲି ତାହାରି ସାଥେ
ବିଶାଖା ଥିଲା ସେ ବିଷ୍ଣୁ ପ୍ରିୟା ତ
ଚିଠି ଦେଇ ଥିଲା ତୋହରି ହାତେ ।

"ବଡ଼ ଦେଉଳର ବଡ଼ ଠାକୁର ହେ
ତୁମରି ସପନ ଦେଖୁଚି ନିତି,
ତୁମ ପାଇଁ ଏବେ କିସ ପଠାଇବି ?
କଥଣ ଜାଣିଚି ତୁମରି ରୀତି ?

ଦରଶନ ଦିଅ ମାଗୁଅଛି ପ୍ରିୟ,
ନୋହିଲେ ସେଇଠି ରହିଥା ପ୍ରଭୁ,
ହୃଦୟଟି ମୋର ପଠାଇ ଦେଉଚି
ସେତିକି ମୋହର ସେତିକି ସବୁ ।"

ନିଦ ଭାଙ୍ଗି ଗଲା, ସପନ ଭାଙ୍ଗିଲା
ଅଚିରେ ଛୁଟିଲା ଦେଉଳ ମୁଖେ,
ବିଷ୍ଣୁପ୍ରିୟାର ଲେଖାଟି ଦେଖିଲା
ଲାଗି ରହିଅଛି ଠାକୁର ବୁକେ ।

ଥର ଥର ହେଲା କଳେବର ତାର
ପଡ଼ିଗଲା ସିଏ ଠାକୁର ଆଗେ
"କାଳିଆ ଠାକୁର, କାଳିଆ ଠାକୁର
ଶରଣ ଦେବ ନି ଚରଣ ଭାଗେ ?

ଚରଣରେ ତବ ଛଳନା କରିଚି
କ୍ଷମା ନାହିଁ ତାର ଜଗତ ଧାମେ
କ୍ଷମା ମତେ ଏବେ ଦିଅ ବା ନ ଦିଅ
ପଡ଼ିରହିଲି-ମୁଁ ତୁମରି ନାମେ ।

ପତର ଭିତରେ ଭଲ କିବା ଥିବ,
ଖୋଲିଲି ଅଚିରେ ହେମାର ଭାଷା,
ଫିଙ୍ଗି ଦେଲି ତା ସେଇ ପଥ ପରେ
ନ ଥିଲା ତହିଁରେ ମୋହର ଆଶା ।

ଲୋଭର ଆବେଗେ କରିଅଛି ତାହା
କ୍ଷମା ନାହିଁ ତାର ଜଗତ ଧାମେ,
କ୍ଷମା ମତେ ଏବେ ଦିଅ ବା ନ ଦିଅ,
ପଡ଼ି ରହିଲି ମୁଁ ତୁମରି ନାମେ ।"

# ଶ୍ରୀଜଗନ୍ନାଥ ଓ ଜଣାଣ ସାହିତ୍ୟ

ଶ୍ରୀ ସୁରେନ୍ଦ୍ର ମହାନ୍ତି

ଭାରତୀୟ ମଧ୍ୟ ଯୁଗୀୟ ସାହିତ୍ୟରେ ଭଜନର ପରିମାଣ ସୁପ୍ରଚୁର । ପ୍ରତି ଆଞ୍ଚଳିକ ଭାଷା ସାହିତ୍ୟରେ ଏହା ପରିଲକ୍ଷିତ ହୋଇଥାଏ । ବସ୍ତୁତଃ ମଧ୍ୟଯୁଗୀୟ ଭାଷା ସାହିତ୍ୟର ଏହା ଏକ ବିଶିଷ୍ଟ ସଂପଦ କହିଲେ ଅତ୍ୟୁକ୍ତି ହେବ ନାହିଁ । ସଂସ୍କୃତରେ ଏ ପ୍ରକାର ଭଜନ ସଙ୍ଗୀତ ବା 'ଅଷ୍ଟକ' ର ପରିମାଣ ମଧ୍ୟ ଊଣା ନୁହେଁ । ଭକ୍ତି ଅବଶ୍ୟ ଭାରତୀୟ ଆଧ୍ୟାତ୍ମିକ-ସଂସ୍କୃତିରେ ଏକ ମୁଖ୍ୟ ପ୍ରବୃତ୍ତି ରୂପେ ପ୍ରାକ୍-ବୈଦିକ ଯୁଗରୁ ସୁଦ୍ଧା ରହି ଆସିଅଛି । କିନ୍ତୁ କ୍ରିୟା କାଣ୍ଡ-ସର୍ବସ୍ୱ ବୈଦିକ ଯୁଗରୁ, ବୌଦ୍ଧ ଧର୍ମର ଚୂଡ଼ାନ୍ତ ବିଜୟ ପର୍ଯ୍ୟନ୍ତ ଭାରତୀୟ ଆଧ୍ୟାତ୍ମିକ-ଭାବନା ଓ ସାଧନାରେ ଏହା ଗୌଣ ହୋଇ ପଡ଼ିଥିଲା । ବୌଦ୍ଧ ଧର୍ମର ବିଲୟ ପରଠାରୁ ହିଁ ଭକ୍ତିର ଅଭ୍ୟୁଦୟ ଘଟିଛି । ଶଙ୍କରାଚାର୍ଯ୍ୟ (୯ମ ଶତାବ୍ଦୀ) ଜ୍ଞାନ ଯୋଗୀ ଅଦ୍ୱୈତବାଦୀ ରୂପେ ଆପାତତଃ ପରିଚିତ ଥିଲେ ହେଁ ଥିଲେ ଭକ୍ତିବାଦୀ । ତାଙ୍କ ରଚିତ "ସୌନ୍ଦର୍ଯ୍ୟଲହରୀ" ସ୍ତୋତ୍ରାବଳୀରେ ଏହାର କବିତ୍ୱପୂର୍ଣ୍ଣ ସ୍ୱାକ୍ଷର ଅମ୍ଳାନ ରହିଛି । ଆଧ୍ୟାତ୍ମିକ ଚେତନା ଓ ଆବେଗ ଦୃଷ୍ଟିରୁ ଏହି ସ୍ତୋତ୍ର ଗୁଡ଼ିକ ଯେତିକି ମହତ୍ୱପୂର୍ଣ୍ଣ, ନିରୋଳ କବିତ୍ୱ ଦୃଷ୍ଟିରୁ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ବୌଦ୍ଧଧର୍ମର ବିଲୟ ପରଠାରୁ କେବଳ ସଂସ୍କୃତ ନୁହେଁ, ଭାରତୀୟ ଭାଷା-ସାହିତ୍ୟମାନଙ୍କରେ ମଧ୍ୟ ଭକ୍ତିକୁ ଆଶ୍ରୟ କରି ବହୁ ସ୍ତୋତ୍ର ବା ଭଜନ ରଚିତ ହୋଇଅଛି । ବିଭିନ୍ନ ଦେବ ଦେବୀଙ୍କ ଉଦ୍ଦେଶ୍ୟରେ, ସେମାନଙ୍କ ତୁଷ୍ଟିବିଧାନ ଓ ନିଜ ନିଜର ଆଧିଭୌତିକ ସଙ୍କଟରୁ ପରିତ୍ରାଣ; ତଥା ଆଧିଦୈବିକ କଲ୍ୟାଣ କାମନାର ଚରିତାର୍ଥ ପାଇଁ ଏହି ଭଜନ ସବୁ ରଚିତ । ଏପରି ବହୁ ଭଜନ କବିତ୍ୱର ପ୍ରସାଦଗୁଣ ଓ ସ୍ୱତଃସ୍ଫୂର୍ତ୍ତ ଆବେଗର ଗଭୀରତା ଦୃଷ୍ଟିରୁ ଅତ୍ୟନ୍ତ ମର୍ମସ୍ପର୍ଶୀ(—)ଏହା ପ୍ରତିବାଦର ଆଶଙ୍କା ନରଖି କୁହାଯାଇପାରେ । ପରବର୍ତ୍ତୀ କାଳରେ ବୈଷ୍ଣବୀୟ ପ୍ରଭାବରେ ଏହାକୁ ଦେଇଛି କବିତ୍ୱର ଉଜ୍ଜ୍ୱଳ ପ୍ରଲେପ । ବିଭିନ୍ନ ଭାରତୀୟ ଭାଷା ସାହିତ୍ୟରୁ ଏହାର ଉଦାହରଣ ଦେବା ଏଠାରେ ନିଷ୍ପ୍ରୟୋଜନ । ଏହା ତାହାର ଆଲୋଚନାର କ୍ଷେତ୍ର ମଧ୍ୟ ନୁହେଁ । ଓଡ଼ିଆସାହିତ୍ୟରେ ଏହା ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ଦୃଷ୍ଟିରୁ ମଧ୍ୟ ସାମାନ୍ୟ ନୁହେଁ । ଖ୍ରୀଷ୍ଟୀୟ ସପ୍ତାଦଶ ଶତାବ୍ଦୀ ବେଳକୁ ଏହା ସାହିତ୍ୟର ଏକ ମୁଖ୍ୟ ପ୍ରବୃତ୍ତିରେ ପରିଣତ ହୋଇଥିଲା । ଲୌକିକ କାବ୍ୟ କର୍ତ୍ତାମାନେ ସୁଦ୍ଧା କାବ୍ୟରେ ସ୍ଥାନେ ସ୍ଥାନେ ବିଭିନ୍ନ ଦେବଦେବୀ, ବିଶେଷତଃ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଏହିପରି ଭଜନମାନଙ୍କର ସଂଯୋଜନା କରିଅଛନ୍ତି ।


## ୟୁରୋପୀୟ ସାହିତ୍ୟ

ୟୁରୋପୀୟ ସାହିତ୍ୟ ଇତିହାସରେ, ଠିକ୍ ଏହି କାଳରେ 'Devotio Moderna'' ନାମରେ ଏକ ପ୍ରବୃତ୍ତିର ସୂତ୍ରପାତ ହୋଇଥିଲା । ଭକ୍ତି ଥିଲା, ଏହାର ଉପଜୀବ୍ୟ । ନେଦରଲ୍ୟାଣ୍ଡରେ ଏହା ଜନ୍ମଲାଭ କରି, ସମଗ୍ର ୟୁରୋପୀୟ ସାହିତ୍ୟକୁ ଉଣାଅଧିକେ ପ୍ରଭାବିତ କରିଥିଲା । Ecclesiasticism ବା ଧାର୍ମିକତାର ଶୁଷ୍କ ଚର୍ବିତ-ଚର୍ବଣ ଓ ଏହାକୁ କେନ୍ଦ୍ର କରି ଗଢ଼ି ଉଠିଥିବା ମଠାଧୀଶମାନଙ୍କର ଧର୍ମାନ୍ଧତା ତଥା ଦର୍ଶନ ବିରୁଦ୍ଧରେ ଏହା ଥିଲା ଏକ ବଳିଷ୍ଠ ପ୍ରତିବାଦ । Humanism ବା ମାନବବାଦର ପ୍ରତିଷ୍ଠା ପାଇଁ ୟୁରୋପୀୟ ଆଧ୍ୟାତ୍ମିକ ତଥା ସାଂସ୍କୃତିକ ବାତାବରଣରେ ଏହା ଏକ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥିଲା । ( Cassell's Encyclopaedia of literature-Vol. I ପୃ ୧୫୦ ଦ୍ରଷ୍ଟବ୍ୟ) ।

## ଜଣାଣ

କିନ୍ତୁ ଓଡ଼ିଆରେ ଜଣାଣ ଓ ଭଜନ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସୀମାରେଖା ରହିଛି । ଭଜନରେ ଅଛି, ଭକ୍ତ ଓ ଆରାଧ୍ୟ ଦେବତାଙ୍କ ମଧ୍ୟରେ ଦୂରତ୍ୱ । ଭଜନରେ ଅଛି ଭକ୍ତର ଆର୍ତ୍ତି, ଦୈନ୍ୟ ନିବାରଣ ପାଇଁ ବ୍ୟାକୁଳ ପ୍ରାର୍ଥନା । ଭଜନରେ ମଧ୍ୟ ଅଛି ଦେବତାଙ୍କର କୀର୍ତ୍ତି ଓ ଯଶୋଗାନ ତୁଷ୍ଟି ବିଧାନ ପାଇଁ ତାଙ୍କପରି ଅମିତବିକ୍ରମଶାଳୀ, ଦୀନଦୟା-ତ୍ରାଣ, ବିପଦବାରଣ କଣ ଏହି ଭକ୍ତଟିକୁ ଅନାଥ କରିଦେବେ ? ସେଥିପାଇଁ ଶତ କାକୁତି, ମିନତି । କିନ୍ତୁ ଓଡ଼ିଆରେ ମଧ୍ୟ ଏପରି ବହୁ ଭଜନ ରହିଛି । କିନ୍ତୁ ଜଣାଣ ଚରିତ୍ର ଓ ପ୍ରବୃତ୍ତିରେ ଏହାଠାରୁ ସ୍ୱତନ୍ତ୍ର ।

ଜଣାଣର ବିଶେଷତ୍ୱ ହେଉଛି, ଏଥିରେ ଅଛି ଭକ୍ତ ଓ ଭଗବାନଙ୍କ ମଧ୍ୟରେ କେବଳ ଅଭିନ୍ନତା ନୁହେଁ—ତାର ଉର୍ଦ୍ଧ୍ୱରେ, ଏକାତ୍ମତା, ମୁଖ୍ୟତଃ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଏହି ଜଣାଣଗୁଡ଼ିକ ରଚିତ । ଭକ୍ତ ଏଠାରେ ମଧ୍ୟ ଆର୍ତ୍ତ,



ଦୈନ୍ୟପୀଡ଼ିତ । କିନ୍ତୁ ଆର୍ତ୍ତିନିବାରଣ ପାଇଁ ଏଥିରେ କରୁଣାଭିକ୍ଷା ନାହିଁ, ଅଛି ଗାଳି, ଅପବାଦ, ଏପରିକି ଚରିତ୍ର-ସଂହାର ସୁଦ୍ଧା,....ଯେପରି, କବି ଗୌରଚରଣ ଅଧିକାରୀ ଶ୍ରୀ ଜଗନ୍ନାଥଙ୍କ ଚରିତ୍ର ପ୍ରତି ତୀବ୍ର, ଅମାର୍ଜନୀୟ କଟାକ୍ଷ ହାଣିଛନ୍ତି....

"ବଡ଼ଲୋକ ପୁଅ ବୋଲି ସିନା ତୋତେ
କେହି ନ ବୋଲନ୍ତି କିଛି
ଭଉଣୀକି ଘେନି ଦାଣ୍ଡେ ବୁଲିବାର
କାହା ଘରେ ଦେଖାଅଛି ?୧୯ ।

ହଉ, ହେଲା । ତମ କୀର୍ତ୍ତିସବୁ ଜାଣିଲୁଣି । ଏବେ ଆସ ରତ୍ନସିଂହାସନରେ ବସ....

"ଗଉରଚରଣ ବୋଲେ ପ୍ରଭୁ ପଣ
ଜଣାଗଲା, ଏବେ ଆସ
ପତିତପାବନ ପତାକା ଉଡ଼ାଇ
ରତ୍ନ ସିଂହାସନେ ବସ ।"

ଅନ୍ୟ କେହି "ବଡ଼ଲୋକପୁଅ" ସଂପର୍କରେ ଏପରି ଆକ୍ଷେପ କରାଗଲେ, ସେ ମାନହାନି ମୋକଦ୍ଦମା କରିବାଠାରୁ, ଗୁଣ୍ଡା ଲଗାଇବା ପର୍ଯ୍ୟନ୍ତ କୌଣସି କଥା ଛାଡ଼ନ୍ତେ ନାହିଁ ! କିନ୍ତୁ ଜଗନ୍ନାଥ ଓଷ୍ଠାଧରରେ ସ୍ମିତହସ ଫୁଟାଇ ଏପରି ବହୁ ଗାଳି, ଗଞ୍ଜଣା, ଛକୋକ୍ତି ଅମ୍ଳାନ-ବଦନରେ ଭକ୍ତମାନଙ୍କଠାରୁ ହଜମ୍ କରିଛନ୍ତି । ଜଗନ୍ନାଥଙ୍କୁ ଲକ୍ଷ୍ୟକରି, ଏପରି ସହସ୍ରାଧିକ ଜଣାଣ, ଓଡ଼ିଆରେ ରଚିତ ହୋଇଅଛି ।

ବସ୍ତୁତଃ ପ୍ରତିବାଦର କ୍ଷୀଣତମ ଆଶଙ୍କା ନରଖି କୁହାଯାଇପାରେ-ଓଡ଼ିଆ ଜଣାଣ–ସାହିତ୍ୟ, ଅନ୍ୟ କୌଣସି ଭାରତୀୟ ଭାଷା ସାହିତ୍ୟରେ ପରିଲକ୍ଷିତ ହୁଏନାହିଁ । ଓଡ଼ିଆ ଜଣାଣ ସାହିତ୍ୟର ଏହା ଏକ ଉଲ୍ଲେଖଯୋଗ୍ୟ ବୈଶିଷ୍ଟ୍ୟ । ଏହା ଅନନ୍ୟ ।

ଜଣାଣର ଅନ୍ତସ୍ୱର କେବଳ ଭକ୍ତି ନୁହେଁ–ଭକ୍ତିର ଊର୍ଦ୍ଧ୍ୱରେ, ଏକାତ୍ମତା । ସଖାତ୍ୱ, ବନ୍ଧୁତ୍ୱ–ଯାହା ସହିତ ପରିହାସ କରାଯାଇପାରେ, ଯାହା ପ୍ରତି ମଧ୍ୟ ମାନ ଅଭିମାନ କରାଯାଇପାରେ । ଭଜନରେ ଭକ୍ତ କେବଳ ଭକ୍ତ ନୁହେଁ; ସେ ମଧ୍ୟ ସଖା–ଯେପରି ଗୀତାରେ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ମଧ୍ୟରେଥିଲା–"ଭକ୍ତୋଽସି ମେ ସଖା" (୪ର୍ଥ/୩ୟ)ର ସଂପର୍କ । ଅର୍ଜୁନ କିନ୍ତୁ ଶ୍ରୀକୃଷ୍ଣଙ୍କର ସର୍ବଂ ବାସୁଦେବମିତି" ପରିଚୟ ପାଇଲାପରେ, କେବେ ତାଙ୍କୁ ଥଟ୍ଟା ପରିହାସ ଛଳରେ କଣ କହିଥିଲେ ବୋଲି କ୍ଷମାଭିକ୍ଷା କରିଛନ୍ତି । କିନ୍ତୁ ହୁଣ୍ଡମା ଓଡ଼ିଆ, ସେଥିପାଇଁ ତିଳେ ହେଲେ ଦୈନ୍ୟ ବା ଅନୁଶୋଚନା ପ୍ରକାଶ କରିନାହିଁ ଏହି ଲେଖକ ମତରେ, ଓଡ଼ିଆ ଜଣାଣର ଭକ୍ତି-ତତ୍ତ୍ୱ, ଗୀତାର ଭକ୍ତି-ତତ୍ତ୍ୱଠାରୁ ଆଉରି ଊର୍ଦ୍ଧ୍ୱରେ; ଆଉରି ସୂକ୍ଷ୍ମତର । ଜଣାଣରେ ମାନବବାଦ (humanism) ଗୀତାର ମାନବବାଦଠାରୁ ଆଉରି ଊର୍ଦ୍ଧ୍ୱରେ ।

## ଏ ବୈଶିଷ୍ଟ୍ୟ କାହିଁକି ?

ଓଡ଼ିଆ ସାହିତ୍ୟରେ 'ଜଣାଣ'ର ଏ ବୈଶିଷ୍ଟ୍ୟ ଆଲୋଚନା ସାପେକ୍ଷ । ପୂର୍ବେ କୁହାଯାଇଅଛି, ଏ ଜଣାଣ

ସବୁ କେବଳ ଜଗନ୍ନାଥଙ୍କୁ ହିଁ ଲକ୍ଷ୍ୟକରି ରଚିତ । ଜଣାଣ ମାନଙ୍କରେ ଜଗନ୍ନାଥଙ୍କପ୍ରତି କଟାକ୍ଷହାଣି, ଯେଉଁପରି କଟୂକ୍ତି, ଛଳୋକ୍ତିମାନ ପ୍ରୟୋଗ କରାଯାଇଅଛି, ସେପରି କଟୂକ୍ତି କିଛି ପରିମାଣରେ "କଳସା"ରେ ଭୋଳାନାଥ ମାଙ୍ଗୋର ମହାଦେବଙ୍କ ପ୍ରତି କରାଯାଇଥିବ ସିନା; ନୋହିଲେ ଅନ୍ୟ କୌଣସି ଦେବଦେବୀଙ୍କ ଉଦ୍ଦେଶ୍ୟରେ ସେପରି କଟୂକ୍ତି ପ୍ରୟୋଗ କରିବାପାଇଁ କେହି ଭରସି ନାହାନ୍ତି ।

## ଶାବର-ଉତ୍ପତ୍ତି

ଶ୍ରୀଜଗନ୍ନାଥଙ୍କର ଶାବର-ସଂପର୍କ ଏହି, ପ୍ରବୃତ୍ତିର ମୂଳରୂପେ ଅନୁମାନ କରିବା ଅସମୀଚୀନ ହେବ ନାହିଁ । ସାରଳା-ମହାଭାରତର "ମୂଷଳୀ ପର୍ବ" ଜଗନ୍ନାଥ-ଧର୍ମର ଅଭିବ୍ୟକ୍ତି ସଂପର୍କରେ ଏକ ପ୍ରାମାଣିକ ଗ୍ରନ୍ଥ । ଶବରରାଜ ବିଶ୍ୱାବସୁ, ଅଗୁରୁ ଗଛ ମୂଳେ, "ନୀଳମାଧବ" ଜଗନ୍ନାଥଙ୍କୁ ଏକଦା ଯେପରି ପୂଜା କରୁଥିଲା ; ଏଥିରେ ତାହା ବର୍ଣ୍ଣିତ ଅଛି । ଏହା ଉପକଥା ହୋଇପାରେ—ମାତ୍ର ପ୍ରତି ଉପକଥାର ନେପଥ୍ୟରେ ରହିଛି ମଧ୍ୟପ୍ରମାଣ-ନିର୍ଭର ଇତିହାସର ଉପାଦାନ । ତେଣୁ ବିଶ୍ୱାବସୁର "ନୀଳମାଧବ" ଜଗନ୍ନାଥ ପୂଜା ଉପକଥା ହେଲେ ହେଁ, ସେଥିରେ କିଛିଟା ଐତିହାସିକ ଉପାଦାନ ରହିଛି । ମୂଷଳୀ-ପର୍ବର ବିବରଣୀ ଅନୁସାରେ ଜଗନ୍ନାଥଙ୍କ ପାଖରେ ଗୋଟାଏ ପତ୍ରଦଣ୍ଡରେ ପୁଞ୍ଜାଏ ଭାତଗଣ୍ଡି, ପାଣି ଚୋପାଏ ଭଡ଼ି ଦେଇ "ନେ ଖାଇଦେ" କହିଲେ, ବିଶ୍ୱାବସୁର ପୂଜା ବଢ଼ୁଥିଲା । ଏଥିରେ ଯୋଗ, ପ୍ରାଣାୟମ, ତନ୍ତ୍ର, ମନ୍ତ୍ର, ଷୋଡ଼ଶପଗ୍ୟର ପୂଜା—କିଛି ନଥିଲା । ଅଭିନ୍ନ, ବ୍ୟକ୍ତି-ସଂପର୍କ ହିଁଥିଲା, ଏହି ଆରାଧନା ପଦ୍ଧତିର ବିଧି । ଏଥିରୁ ମନେହୁଏ ଜଗନ୍ନାଥ ଥିଲେ, ଶାବର-ଜନତାର ଗୋଷ୍ଠୀ-ନେତା (tribal-leader) ଙ୍କ ବିମୂର୍ତ୍ତ ଆତ୍ମା । ତେଣୁ ସ୍ୱାଭାବିକ ଭାବରେ ସବୁ ହାରି, ଗୁହାରି ତାଙ୍କରିଠାରେ । ସବୁ ମାନ, ଅଭିମାନ ତାଙ୍କରି ଉପରେ—ଯେପରି ହୁଏ ଗୋଷ୍ଠୀ ଜୀବନରେ !

ପରବର୍ତ୍ତୀ କାଳରେ ଜଗନ୍ନାଥ ଅବଶ୍ୟ ହୋଇଛନ୍ତି, ବୈଷ୍ଣବାୟିତ—ପୁରୁଷୋତ୍ତମ, ମହାବିଷ୍ଣୁ । ବିଦଗ୍ଧ, ସନାତନଧର୍ମର ପରମ ଇଷ୍ଟଦେବତା । ତାଙ୍କର ପୂଜା ପାଇଁ ଯୋଗ, ପ୍ରାଣାୟମ, ତନ୍ତ୍ରଠାରୁ ଷୋଡ଼ଶଉପଗ୍ୟର ପୂଜା ପର୍ଯ୍ୟନ୍ତ ହୋଇଛି ନାନା ବିଧି-ବ୍ୟବସ୍ଥା । ତଥାପି ତାଙ୍କ ମଧ୍ୟରେ ଶ୍ରୀ ଜଗନ୍ନାଥଙ୍କ ଶାବର-ଉତ୍ପତ୍ତିର ସେହି ପ୍ରକୃତ ଧାରାଟି ବିଲୁପ୍ତ ହୋଇପାରିନାହିଁ ରଥ-ଯାତ୍ରା ପର୍ବରୁ "ଅଣସର-ଡାଟି" ମଧ୍ୟରେ ଜଗନ୍ନାଥଙ୍କ ସେହି ଆଦିମ ପୂଜାବିଧି ତଥାପି ଅପରି-ବର୍ତ୍ତିତ ରହିଛି । ଜଗନ୍ନାଥ ଏହି ସମୟରେ 'ଅଣସର' ଅର୍ଥାତ୍ ଜାତିଭାଇ ! ଏହି ଦୃଷ୍ଟିରୁ ଜଗନ୍ନାଥଙ୍କୁ ତିରୁପତି, ପାଣ୍ଡରପୁର, ଉଡ଼ୀପି ଓ ଦ୍ୱାରକା ପ୍ରଭୃତି ଅନ୍ୟ ବୈଷ୍ଣବ କ୍ଷେତ୍ରମାନଙ୍କର ପ୍ରସିଦ୍ଧ କ୍ଷେତ୍ରଶ ବା କ୍ଷେତ୍ରପତି ରୂପେ ସମୀକୃତ କରାଯିବା ସମୀଚୀନ ହେବନାହିଁ । ଜଗନ୍ନାଥ, ପୁରୁଷୋତ୍ତମ, ମହାବିଷ୍ଣୁ ହୋଇ ପାରନ୍ତି, କିନ୍ତୁ ସେ ମଧ୍ୟ ଓଡ଼ିଆ ଜାତିର ପରମ ଆତ୍ମୀୟ । ତାଙ୍କର କୃପାଦୃଷ୍ଟି ଆକର୍ଷଣ ପାଇଁ ସ୍ତବ, ସ୍ତୁତିର ପ୍ରୟୋଜନତ ରହିଛି । କିନ୍ତୁ ତାଙ୍କୁ ଗାଳୀ ଦେଲେ ମଧ୍ୟ ଚଳିବ । ତାଙ୍କ ଉପରେ ଅଭିମାନ କଲେ ମଧ୍ୟ ଆପତ୍ତି ନାହିଁ । ଜଗନ୍ନାଥ-ସଂସ୍କୃତିରେ ଏହି ମାନବୀୟ ପ୍ରବୃତ୍ତି, ଭାରତର ଅନ୍ୟ କୌଣସି ପ୍ରାନ୍ତୀୟ ଆଧ୍ୟାତ୍ମିକ-ସଂସ୍କୃତିରେ ନଥିବାରୁ ସେହି ସବୁ ସାହିତ୍ୟରେ 'ଜଣାଣ'ର ପ୍ରବୃତ୍ତି ଓ ମାଧୁର୍ଯ୍ୟ ପରିଲକ୍ଷିତ ହୁଏନାହିଁ ।

ଏହି 'ଜଣାଣ'ମାନଙ୍କରେ ଜଗନ୍ନାଥଙ୍କ ଉପରେ ଭକ୍ତମାନଙ୍କର କଣ କମ୍ ଗାଳୀବର୍ଷଣ ହୋଇଛି ? କବିସୂର୍ଯ୍ୟ ବଳଦେବରଥ ଗାଇଛନ୍ତି :

"କରୁଣାସିନ୍ଧୁ ବୋଲି କରି
କହନ୍ତି ବୁଧେ ତୁରିମରି" ।

କିନ୍ତୁ ତୁମେ "କାଳସର୍ପ" ! ତୁମେ "ଘରବୁଡ଼ା" ! ତୁମେ ଅସଲକଣେ ! ବକାଦାସ ଆହୁରି ହାତେ ଯାଇ ଜଣାଣ କରିଛନ୍ତି :

"ବଙ୍କାବୋଲେ ଟଙ୍କା ନେଇ ନ ଜାଣଇଁ
ଏଡ଼େ ଡକାୟତ ବୋଲି" ।

କାଳସର୍ପତ ରଖାଥିଲ । କିନ୍ତୁ ଏଥିରେ ସିଧା ସରପଟ ମୁହଁ ଉପରେ "ଡକାୟତ" !

କବି ଯଦୁମଣି ମହାପାତ୍ର କିଛିଟା ଉତ୍କଟ ବଢ଼ାଇ ଲେଖିଛନ୍ତି ;

"ନେଲ ଯାହା ଦେଲ ତାହା ଏଥକୁ କିଂପା ମହାଦାତାପଣେ
ପତାକା ବାନ୍ଧିଛ ହେ ?"

ଏପରି ଉକ୍ତିର ତ ଅନ୍ତ ନାହିଁ ।

ଖାଲି କଣ ଗାଳୀ ? ଜଗନ୍ନାଥଙ୍କ ଉପରେ କଣ କମ୍ ଈର୍ଷା ? କମ୍ ଅଭିମାନ ?

ତମେ କୁରୁସଭାତଳେ ଦ୍ରୌପଦୀର ଲଜ୍ୟା ନିବାରଣ କଲ; କିନ୍ତୁ ମୋ କଥା ବୁଝିଲ ନାହିଁ ? "ବାଳାବଳା ପାପୀ" ଅଜାମିଳକୁ ଉଦ୍ଧାରକଲ, କିନ୍ତୁ ମୋ ଆଡ଼େ ଥରେ ସୁଦ୍ଧା ଚାହିଁଲ ନାହିଁ । ଘୋର ଜଳରେ ଗଜରାଜକୁ ତମେ ଉଦ୍ଧାରକଲ; କିନ୍ତୁ ମୋ ଆଡ଼େ ଆଉ ଆଖିରେ ସୁଦ୍ଧା ଚାହିଁଲ ନାହିଁ ! ଓଡ଼ିଆ ଜଣାଣ-ସାହିତ୍ୟରେ ଏପରି ଅଭିଯୋଗର ତ ଅନ୍ତ ନାହିଁ !

ମୁହଁ ଉପରେ ଏସବୁ ନିନ୍ଦା, ଅପବାଦ, ଅଭିମାନ ଶୁଣି, ରଙ୍ଗାଧରର ସ୍ମିତହସ ଉଜ୍ଜ୍ୱଳ ହୋଇଛି ସିନା, ମଳିନହୋଇ ନାହିଁ । ଜଣାଣ-ସାହିତ୍ୟରେ ଜଗନ୍ନାଥଙ୍କ ସହିତ ଗୋଟାଏ ଜାତିର ବ୍ୟକ୍ତି-ସଂପର୍କ, ଅଭିବ୍ୟକ୍ତି ଦୃଷ୍ଟିରୁ ଯେପରି ମାର୍ମିକ, କବିତ୍ୱ ଦୃଷ୍ଟିରୁ ସେହିପରି ଅନବଦ୍ୟ, ଏକାତ୍ମତାର ଉଲ୍ଲାସ ଦୃଷ୍ଟିରୁ ମଧ୍ୟ ସେହିପରି ଗଭୀର ! ଭାରତୀୟ ସାହିତ୍ୟରେ ଏହା ପ୍ରକୃତରେ ଅନନ୍ୟ ।

# ଶିଳ୍ପ ପ୍ରସାର ଦିଗରେ
# ଓଡ଼ିଶାର ବୈପ୍ଳବିକ ପଦକ୍ଷେପ

ଓଡ଼ିଶା ଶିଳ୍ପପାଇଁ ଆବଶ୍ୟକ ପ୍ରଚୁର ସମ୍ପଦରେ ପରିପୂର୍ଣ୍ଣ । ଶିଳ୍ପୋଦ୍ୟୋଗୀମାନେ ଏହି ସମ୍ପଦଗୁଡିକୁ ଶିଳ୍ପ ସ୍ଥାପନ ନିମନ୍ତେ ସଦୁପଯୋଗ କରିବା ସକାଶେ ରାଜ୍ୟ ସରକାର ପ୍ରଚୁର ଆର୍ଥିକ ସାହାଯ୍ୟ ଓ ଅନ୍ୟାନ୍ୟ ସୁବିଧାମାନ ନିମ୍ନଲିଖିତ ମତେ ବ୍ୟବସ୍ଥା କରିଅଛନ୍ତି ।

୧—ସରକାର ଶିଳ୍ପ ସମ୍ଭାବ୍ୟ ରିପୋର୍ଟ/ପ୍ରୋଜେକ୍ଟ ରିପୋର୍ଟପାଇଁ ହୋଇଥିବା ଖର୍ଚ୍ଚ ବାବଦକୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସାହାଯ୍ୟ ଦିଅନ୍ତି ।

୨—ବୈଷୟିକ ଜନ କୌଶଳ ବାବଦକୁ ସର୍ବାଧିକ କୋଡ଼ିଏ ହଜାର ଟଙ୍କା ପର୍ଯ୍ୟନ୍ତ ସାହାଯ୍ୟ ମିଳିଥାଏ ।

୩—ସମସ୍ତ ଜିଲ୍ଲାମାନଙ୍କ ପାଇଁ ସ୍ଥାୟୀ ଆସବାବ ମୂଲ୍ୟର ଶତକଡ଼ା ୧୫ ହାରରେ ସ୍ୱତନ୍ତ୍ର ଆର୍ଥିକ ସାହାଯ୍ୟ ସର୍ବାଧିକ ୧୫ ଲକ୍ଷ ଟଙ୍କା ଯାଏ ମିଳିଥାଏ ।

୪—ଦୁଇ ବର୍ଷପାଇ ବିନା ଭଡ଼ାରେ ଶିଳ୍ପାଞ୍ଚଳମାନଙ୍କରେ ନିର୍ମିତ ଶିଳ୍ପ ଗୃହ ଯୋଗାଇ ଦିଆଯାଏ ଏବଂ ପରବର୍ତ୍ତୀ ଦୁଇ ବର୍ଷରେ ସୁଲଭ ମୂଲ୍ୟରେ ଭଡ଼ା ନିଆଯାଏ । ଆହୁରି ମଧ୍ୟ ଶିଳ୍ପ ଗୃହଗୁଡ଼ିକୁ କିସ୍ତି ସୂତ୍ରରେ ପୂରା ଖରିଦ କରିବାର ସୁବିଧା ଅଛି ।

୫—କୋଡ଼ିଏ କିଲୋୱାଟ ଯାଏ ଶକ୍ତି ବ୍ୟବହାର କରୁଥିବା କ୍ଷୁଦ୍ର ଶିଳ୍ପଗୁଡ଼ିକପାଇଁ ବିଦ୍ୟୁତ୍ ଶୁଳ୍କ ପ୍ରଥମ ପାଞ୍ଚ ବର୍ଷପାଇଁ ପଡ଼େ ନାହିଁ ।

୬—କ୍ଷୁଦ୍ର ଶିଳ୍ପପାଇଁ ଆବଶ୍ୟକ ଯନ୍ତ୍ରପାତି, କଞ୍ଚାମାଲ ଓ ପ୍ୟାକିଂ ସରଞ୍ଜାମ କିଣିବାରେ ବିକ୍ରିକର ପଡ଼େନାହିଁ ।

୭—୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ବିକ୍ରିକର ଋଣ ୧୦ ବର୍ଷ ପରେ ପରିଶୋଧ କରିବାର ସୁବିଧା ଅଛି ।

୮—କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଶିଳ୍ପଗୁଡ଼ିକ ଦ୍ୱାରା ବ୍ୟବହୃତ ହେଉଥିବା ଯନ୍ତ୍ରପାତି, ଯନ୍ତ୍ରପାତିର ଅଂଶବିଶେଷ ଓ କଞ୍ଚାମାଲ ଉପରେ ପାଞ୍ଚ ବର୍ଷପାଇଁ ପଣ୍ୟକର ଦେବାକୁ ପଡ଼େ ନାହିଁ ।

୯—ଶିଳ୍ପ ପ୍ରତିଷ୍ଠାପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ସୁଲଭ ମୂଲ୍ୟରେ ଜମି ଯୋଗାଇ ଦିଆଯାଏ ।

୧୦—ମଧ୍ୟମ ଓ ବୃହତ୍ ଶିଳ୍ପଦ୍ୱାରା ନିଆଯାଉଥିବା ବିଦ୍ୟୁତ ଶୁଳ୍କ ପରିମାଣର ସୁଧ ରହିତ ଋଣ ପାଞ୍ଚ ବର୍ଷ ପରେ ପରିଶୋଧ କରିବାର ସୁବିଧା ଅଛି ।

ଏହାଛଡ଼ା ଆହୁରି ଅନେକଗୁଡ଼ିଏ ଆକର୍ଷଣୀୟ ଓ ଉତ୍ସାହପ୍ରଦ ସୁବିଧା ଓ ସୁଯୋଗମାନ ରହିଅଛି ।

ନିକଟବର୍ତ୍ତୀ ଜିଲ୍ଲା ଶିଳ୍ପ କେନ୍ଦ୍ରମାନଙ୍କୁ ଆବଶ୍ୟକୀୟ ସୁବିଧା ମେଣ୍ଟାଇବାପାଇଁ ଜଣାନ୍ତୁ ।

(ଓଡ଼ିଶାର ଶିଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରଚାରିତ)



# ସମୁଦ୍ରକୁ ଗଙ୍ଗୋପଣା

ଶ୍ରୀକାଳିନ୍ଦୀ ଚରଣ ପାଣିଗ୍ରାହୀ

ପୃଥିବୀରେ ଏକାଧିକ ଧର୍ମ ଅଛି । ଖ୍ରୀଷ୍ଟିୟାନ, ମୁସଲମାନ ପୁଣି ବୌଦ୍ଧଧର୍ମ ପ୍ରଭୃତି । କିନ୍ତୁ ହିନ୍ଦୁ ଧର୍ମ ବୋଲି ଯେଉଁ ନାମଟି ପ୍ରଚଳିତ, ତାହା ଶାସ୍ତ୍ରପୁରାଣରେ ନାହିଁ । କେବଳ ଅନ୍ୟ ଧର୍ମ ଠାରୁ ପୃଥକ କରି ଚିହ୍ନାଇବା ପାଇଁ ଏହି 'ହିନ୍ଦୁ' ନାମ ପ୍ରଚଳିତ । କେହି ଏହାକୁ 'ସନାତନ' ପୁଣି କେହିବା 'ଜଗନ୍ନାଥ ଧର୍ମ' ନାମରେ ନାମିତ କରନ୍ତି ।

ଏଥିରୁ ପ୍ରତୀୟମାନ ହୁଏ, ସମଗ୍ର ପୃଥିବୀରେ ସବୁ ଧର୍ମର ସମନ୍ୱୟ ହିଁ ଜଗନ୍ନାଥ ଧର୍ମ ବା ବୈଦିକ ଧର୍ମ । କାରଣ ବେଦହିଁ ପୃଥିବୀର ସର୍ବ ପ୍ରାଚୀନ ଗ୍ରନ୍ଥ ବୋଲି ଦାବୀ କରେ ।

ଜଣାଶୁଣା କଥା—ବେଦର ଅନ୍ୟ ନାମ ଶ୍ରୁତି । ଅର୍ଥାତ ଅକ୍ଷର ଉଦ୍‌ଭାବନ ପୂର୍ବରୁ ଜଣେ ଅନ୍ୟଠାରୁ ଶୁଣି ଯେଉଁ ଭାଷା ବୁଝୁଥିଲା, ତାହାହିଁ ଶ୍ରୁତି ବା ବେଦର ଭାଷା ବୋଲି ବିଶ୍ୱାସ କରାଯାଏ । ଜଗନ୍ନାଥ ଧର୍ମ କହିଲେ ତାହା ଏହି ବୈଦିକ ଧର୍ମକୁ ବୁଝାଇ ଥାଏ । ତହୁଁ ବହୁକାଳ ପରେ ବୈଦିକ ଧର୍ମ ନାମରେ ଯେଉଁ ଚାରି ଜାତିର ସୃଷ୍ଟି ହୁଏ, ପୁଣି ଶେଷରେ ତାହା ପ୍ରାୟ ଚାରି ଶହ ଉପଜାତିରେ ବିଭକ୍ତ ହୁଏ, ସେସବୁ କେବଳ ବ୍ୟାବହାରିକ ସୁବିଧା ସୁଯୋଗ ଲାଗି କରାଯାଏ । ତାହା କଦାପି ଧର୍ମ ଭିତ୍ତିକ ନୁହେଁ ।

ଜଗନ୍ନାଥ-ଧର୍ମ ଏହି ବିଶ୍ୱମାନବୀୟ ଧର୍ମ ରୂପେ ପ୍ରତିଷ୍ଠିତ । ଜଗନ୍ନାଥ ମୂର୍ତ୍ତି ଭିତରେ ସୂର୍ଯ୍ୟ ଭଳି ଦୁଇ ଚକାଡ଼ୋଳା ପୁଣି ଦୁଇ ବାହୁ ପ୍ରସାରଣରେ ସମଗ୍ର ମାନବ ଜାତିକୁ ଆଲିଙ୍ଗନ କରିବା ସୂଚନା ମିଳି-ଥାଏ ।

ସ୍ୱୟଂ ଯୀଶୁଖ୍ରୀଷ୍ଟଙ୍କର ମଧ୍ୟ ଜଗନ୍ନାଥ ଧାମ ପୁରୀକୁ ଆଗମନର ଉଲ୍ଲେଖ ଅଛି । ପୁଣି ହିନ୍ଦୁ, ମୁସଲ-ମାନମାନଙ୍କୁ ଏକାଠି କରି ଜଗନ୍ନାଥଙ୍କର ପରମଭକ୍ତ ହୋଇଛନ୍ତି କବି ସାଲବେଗ । ଆମେ ଯେଉଁ ଜାତି-ମାନଙ୍କୁ ଭାରତରେ ଅସ୍ପୃଶ୍ୟ କିଂବା ପତିତ ବୋଲି କହିଥାଉଁ, ସେହିମାନଙ୍କ ଭିତରୁ ଅମର କବି ସାଲବେଗ ଓ ଭୀମ ଭୋଇ ପ୍ରମୁଖ ସୁବିଦିତ ।

ଆଉ ଗୋଟିଏ କଥା, ବିଷ୍ପର କରାଯାଉ ପୃଥିବୀରେ ଯେତେ ଧର୍ମ ଅଛି, ସେ ଧର୍ମର ନାମକରଣ ମଧ୍ୟ କରାଯାଇଛି । ଯଥା : ଖ୍ରୀଷ୍ଟ, ମହମ୍ମଦ, ବୁଦ୍ଧ ଇତ୍ୟାଦି । କିନ୍ତୁ ହିନ୍ଦୁ ଧର୍ମ ପ୍ରତିଷ୍ଠାତାଙ୍କ ନାମ ନାହିଁ । ତାହାର ତାତ୍ପର୍ଯ୍ୟ ହେଲା ଏହା ସମଗ୍ର ମାନବ ସମାଜର ଆଦିମ ସନାତନ ଧର୍ମ । ପରବର୍ତ୍ତୀ ଯୁଗରେ ଯେଉଁସବୁ ଧର୍ମର ପ୍ରତିଷ୍ଠା ହୁଏ, ଯୀଶୁ, ମହମ୍ମଦ ବୁଦ୍ଧ ପ୍ରଭୃତି ପ୍ରତିଷ୍ଠାତାମାନଙ୍କ ଦ୍ୱାରା, ସେସବୁ ଧର୍ମର ନିୟମ କାନୁନ୍ ବନ୍ଧା ହୋଇଛି ।

ସନାତନ ଧର୍ମର ସେଉଳି ନିୟମ କାନୁନ୍ ନାହିଁ— "ସର୍ବ ଧର୍ମାନ୍ ପରିତ୍ୟଜ୍ୟ, ମାମେକଂ ଶରଣଂ ବ୍ରଜ ।" ଏହାହିଁ ସନାତନ ଧର୍ମର ମୂଳ ମନ୍ତ୍ର । ପ୍ରସଂଗ କ୍ରମେ ଭାରତୀୟ ଧର୍ମନୀତି, ରାଜନୀତି ଏହି ଜଗନ୍ନାଥ ଧର୍ମ ଅର୍ଥାତ୍ ସନାତନ ଧର୍ମ ଦ୍ୱାରା ହିଁ ପରିଚାଳିତ ବୋଲି ବିଶ୍ୱାସ କରାଯାଏ ।

ଗୋଟିଏ ବାସ୍ତବ ଉଦାହରଣ ନିଆଯାଉ । ଭାରତବର୍ଷ ଯେବେ ଅର୍ଥାତ କେଉଁ ସନ ତାରିଖରୁ ତାହାର ସ୍ୱାଧୀନତା ହରାଇ ବସେ, ଗବେଷକମାନେ ସେ ସଂପର୍କରେ ନାନା ମତବ୍ୟକ୍ତ କରନ୍ତି । ଜାତିର ପିତା ଗାନ୍ଧୀ ସ୍ୱାଧୀନତା ଆନ୍ଦୋଳନର ସୂତ୍ରପାତ କରନ୍ତି । ତାଙ୍କ ସଂଗ୍ରାମର ପ୍ରଧାନ ଲକ୍ଷ୍ୟ ବା ଦାବୀ ହୁଏ— "Swaraj is my birth right"—ସ୍ୱରାଜ ମୋର ଜନ୍ମଗତ ଅଧିକାର ।

ଜାତିର ପିତାଙ୍କ ଗୁରୁ ଥିଲେ ବାଳ ଗଙ୍ଗାଧର ତିଳକ । ତାଙ୍କ ସ୍ୱରାଜ ଆନ୍ଦୋଳନରେ ଯେଉଁ ପାଣ୍ଠି ସଂଗ୍ରହ କରାଯାଏ, ଗାନ୍ଧୀ ତାହାର ନାମକରଣ କରନ୍ତି 'ତିଳକ ସ୍ୱରାଜ ପାଣ୍ଠି' । ଭାରତ ସ୍ୱାଧୀନତା ସଂଗ୍ରାମର ଅସ୍ତ୍ର ମଧ୍ୟ ସମସ୍ତଙ୍କୁ ଜଣାଶୁଣା । ସଂଗ୍ରାମର ନାମକରଣ କରାଯାଏ ଅହିଂସା ସଂଗ୍ରାମ । ଏହି ଅହିଂସା ଅସ୍ତ୍ରର ଆବିଷ୍କାର କରନ୍ତି ଯୀଶୁ, ମହମ୍ମଦ ପ୍ରମୁଖ ଧର୍ମଯାଜକମାନଙ୍କ ବହୁ ଶତାବ୍ଦୀ ପୂର୍ବର ଅନ୍ୟତମ ଐତିହାସିକ ପୁରୁଷ ଗୌତମ ବୁଦ୍ଧ ।


କବି ଜୟଦେବଙ୍କ ଦଶାବତାର ବର୍ଣ୍ଣନାରେ ବୁଦ୍ଧାବତାର ହେଲେ ଏକମାତ୍ର ଐତିହାସିକ ଚରିତ୍ର । ଜଗନ୍ନାଥଙ୍କୁ ବୌଦ୍ଧାବତାର ବୋଲି ମଧ୍ୟ କୁହାଯାଏ । ଏହା ବ୍ୟତୀତ, ଯେଉଁ ଗ୍ରନ୍ଥର ନାମାନୁସାରେ ଆଜିଓ 'ଭାରତ' 'ମହାଭାରତ'ରୁ ନାମିତ ହୁଏ, ସେହି ମହାଭାରତର ଅଷ୍ଟାଦଶ ପର୍ବ ଭିତରେ ଶ୍ରୀମଦ୍‌ଭଗବତ ଗୀତା ଭୀଷ୍ମପର୍ବର ଅନ୍ତର୍ଭୁକ୍ତ । ଜାତିର ପିତା ଯାହାଙ୍କ ସ୍ମୃତିରେ ତିଳକ ସ୍ୱରାଜ ପାଣ୍ଠିର ନାମ କରଣ କରନ୍ତି, ସେହି ଚିରସ୍ମରଣୀୟ ବାଳ ଗଙ୍ଗାଧର ତିଳକ ଭାରତ ସ୍ୱାଧୀନତା ସଂଗ୍ରାମର ପିତାମହ ଥିଲେ । ତାଙ୍କର ବନ୍ଦୀଶାଳା ଅବସ୍ଥାନ କାଳରେ ଲେଖିଥିଲେ ସେ ମହାଭାରତର ଭୀଷ୍ମପର୍ବ ଅନ୍ତର୍ଭୁକ୍ତ ଭାଗବତ ଗୀତା ରହସ୍ୟ ବା କର୍ମଯୋଗ ଶାସ୍ତ୍ର । ସେହି ଗୀତାରେ ଅର୍ଜୁନ ଶ୍ରୀ କୃଷ୍ଣଙ୍କୁ 'ପୁରୁଷୋତ୍ତମ' ନାମରେ ସମ୍ବୋଧନ କରନ୍ତି ଅଷ୍ଟମ, ଦଶମ, ଏକାଦଶ ଓ ପଞ୍ଚଦଶ ଅଧ୍ୟାୟମାନଙ୍କରେ । ଜାତିର ପିତା ଗାନ୍ଧୀ ଗୁରୁ ତିଳକଙ୍କୁ ପିତାମହ ରୂପେ ଯଦି ଗ୍ରହଣ କରାଯାଏ, ତା'ହେଲେ ମହାଭାରତ ଗ୍ରନ୍ଥ ଭୀଷ୍ମପର୍ବ ଅନ୍ତର୍ଭୁକ୍ତ ଭାଗବତ ଗୀତାକୁ ହିଁ ସେହି ପିତାମହ ସ୍ୱାଧୀନତା ସଂଗ୍ରାମର ଶ୍ରେଷ୍ଠ ଅସ୍ତ୍ର ରୂପେ ଗ୍ରହଣ କରି ସାରିଥିଲେ । ସେହି ଅସ୍ତ୍ର ଯେଉଁ ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କର ପ୍ରଧାନ ଅସ୍ତ୍ର ଥିଲା, ତାହା ହିଁ ଶ୍ରୀମଦ୍‌ଭାଗବତ୍ ଗୀତାର ରୂପ ନେଇ ପରିଚିତ ।

କଳିଙ୍ଗୋତ୍କଳର ଐତିହ୍ୟ ଏହିଭଳି ଜଗନ୍ନାଥ ଧର୍ମ ମୂଳରେ ପ୍ରତିଷ୍ଠିତ ହୋଇ ସମଗ୍ର ଭାରତୀୟ ଇତିହାସକୁ ପ୍ରଭାବିତ କରି ଆସିଛି । ଆଜି ସେଦିନ କଥା ମନେପଡ଼େ—ସ୍ୱାଧୀନତା ସଂଗ୍ରାମ ଯୁଗରେ ଜାତିର ପିତା ଗାନ୍ଧୀଙ୍କର ଓଡ଼ିଶାକୁ ଆଗମନ । ଉତ୍କଳମଣି ଗୋପବନ୍ଧୁଙ୍କ ଉପସ୍ଥିତିରେ ପୁରୀରେ ବିରାଟ ସଭାର ଆୟୋଜନ । ଭାରତବର୍ଷର ମହାନ୍ ଐତିହ୍ୟ ପୁଣି ପୁରୀ ଜଗନ୍ନାଥଙ୍କର ସେହି ଐତିହ୍ୟ ସହିତ ନିବିଡ଼ ସଂପର୍କ ସୂତ୍ରରେ ଜାତିର ପିତା ଗାନ୍ଧୀଙ୍କ ଆଗମନକୁ ଯେଉଁ କୌତୁକପୂର୍ଣ୍ଣ ଭାଷାରେ "ଦାସେ ଆପଣେ" ବ୍ୟକ୍ତ କରନ୍ତି, ତାହା ଶୁଣି ଗାନ୍ଧିଜୀ ମଧ୍ୟ ଉଚ୍ଛ୍ୱସିତ ହୋଇ ହସିପକାନ୍ତି !


କେବଳ ଭାରତରେ ନୁହେଁ ସମଗ୍ର ପୃଥିବୀରେ ସର୍ବ ଧର୍ମର ସମନ୍ୱୟ ଏହି ଉତ୍କଳଭୂମି । ଅଶୋକଙ୍କର କଳିଙ୍ଗ ବିଜୟ କାହାଣୀ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଭାଷଣରେ ମଧ୍ୟ ବାରମ୍ବାର ପ୍ରକଟିତ ହୁଏ । ପୁରୀ ବଡ ଦେଉଳର ଉଚ୍ଚ ଯେତେ, ତାହାର ପୋତା ମଧ୍ୟ ବହୁ ଗୁଣରେ ତତୋଧିକ । ଉତ୍କଳ ପ୍ରସଙ୍ଗରେ ସେ କାହାଣୀ ଲେଖି ବସିଲେ ତାହାର ଶେଷ କେଉଁଠାରେ ହେବ, କହିବା କଷ୍ଟକର ।

○○○





# ତିରୁପତି ଭେଙ୍କଟେଶ୍ୱର ଓ ଶ୍ରୀ ଜଗନ୍ନାଥ



ଡକ୍ଟର ବେଣୀମାଧବ ପାଢ଼ୀ

ଏକା ଆମ ଦେଶରେ କିମ୍ବା ଆମ ଧର୍ମରେ ନୁହେଁ, ସବୁ ଦେଶରେ ଓ ସବୁ ଧର୍ମରେ ଉପାସିତ ଦେବାଦେବୀଙ୍କ ସମ୍ବନ୍ଧରେ କିଛିନା କିଛି କିମ୍ବଦନ୍ତୀ ପ୍ରଚଳିତ ହୋଇ ଆସିଛି । ଖ୍ରୀଷ୍ଟିଆନ୍ ଧର୍ମରେ ଯୀଶୁ, ମୁସଲମାନ ଧର୍ମରେ ମହମ୍ମଦ, ଇହୁଦୀଙ୍କ ମଧ୍ୟରେ ମୁଶା, ଜୈନ ଓ ବୌଦ୍ଧ ଧର୍ମରେ ମହାବୀର ଓ ବୁଦ୍ଧଙ୍କୁ କେନ୍ଦ୍ର କରି ବିଭିନ୍ନ ଗାଥା ଓ କିମ୍ବଦନ୍ତୀ ସୃଷ୍ଟି ହୋଇଥିବା ଦେଖାଯାଏ । ହିନ୍ଦୁ ଧର୍ମରେ ମଧ୍ୟ ସେହିପରି ଶିବପାର୍ବତୀ, ରାଧାକୃଷ୍ଣ, ସୀତାରାମ ପ୍ରଭୃତିଙ୍କୁ ମୂଳ କରି ନାନାବିଧ ପୌରାଣିକ, ଲୌକିକ, କାଳ୍ପନିକ ଗାଥାମାନ ସୃଷ୍ଟି ନ ହୋଇଛି ନୁହେଁ । ସବୁର ମୂଳରେ ସଂପୃକ୍ତ ଦେବାଦେବୀ ଉପାସନାର ତାତ୍ତ୍ୱିକତା ଅନ୍ତର୍ଗର୍ଭିତ ହୋଇ ରହିଥାଏ । ଗାଥା ସ୍ରଷ୍ଟାଙ୍କ ଉଦ୍ଦେଶ୍ୟ ଯାହା ହେଉ ପଛେ ମାନବୀୟ ଚିନ୍ତାଧାରାରେ ତାହା ଉଦ୍ଭାସିତ ହୋଇଥାଏ, ଏଥିରେ ସନ୍ଦେହ ନାହିଁ । ଆଲୋଚ୍ୟ ତିରୁପତି ଭେଙ୍କଟେଶ୍ୱର ଓ ଶ୍ରୀକ୍ଷେତ୍ରସ୍ଥ ଜଗନ୍ନାଥଙ୍କ ସମ୍ବନ୍ଧରେ ବି ସେହି ପ୍ରଣାଳୀ ସର୍ବତୋଭାବେ ଅନୁସୃତ, କହିବା ଅନାବଶ୍ୟକ । ଦେବତାଙ୍କୁ କେନ୍ଦ୍ର କରି ଗାଥା ସୃଷ୍ଟି ହେବା କିଛି ନୂଆ କଥା ନୁହେଁ କିମ୍ବା ଅଯୌକ୍ତିକ ନୁହେଁ । ସାଧାରଣ ମଧ୍ୟରେ ଅସାଧାରଣର ଓ ଲୌକିକତା ମଧ୍ୟରେ ଅଲୌକିକର ଏବଂ ଅଦିବ୍ୟତା ମଧ୍ୟରେ ସେମାନଙ୍କ ଦିବ୍ୟତ୍ୱ ପ୍ରତିପାଦନ ହିଁ ଏଥିର ବିଶେଷତ୍ୱ । ସେଥି ଦ୍ୱାରା ସାଧାରଣ ଲୋକ ସମାଜରେ ଦେବତାଙ୍କ ସ୍ଥାନ ବହୁ ଉଚ୍ଚରେ ବୋଲି ଦର୍ଶାଇବା ହେଉଛି ଗାଥା ସୃଷ୍ଟିର ମୂଳ ଲକ୍ଷ୍ୟ । କିନ୍ତୁ ଦେଖିବାକୁ ହେବ, ଏତାଦୃଶ ସୃଷ୍ଟି ମୂଳରେ ସେହି ସେହି ଦେବତା ବିଷୟକ କି ତତ୍ତ୍ୱ ଅନ୍ତର୍ନିହିତ ଓ ତାଦ୍ୱାରା ଦେବତାଙ୍କ କି ମାହାତ୍ମ୍ୟ ପ୍ରକଟିତ । ସେହି ଦୃଷ୍ଟିରୁ ବିଚାରକଲେ ଭେଙ୍କଟେଶ୍ୱର ଓ ଜଗନ୍ନାଥଙ୍କ ମଧ୍ୟରେ କି ପାର୍ଥକ୍ୟ ରହିଛି ସ୍ପଷ୍ଟ ହୃଦୟଙ୍ଗମ କରି ହୁଏ । ପ୍ରଥମେ ଦେଖନ୍ତୁ ତିରୁପତି ଭେଙ୍କଟେଶ୍ୱରଙ୍କ କଥା ।

ଶ୍ରୀ ଭେଙ୍କଟେଶ୍ୱରଙ୍କ ପ୍ରତିଷ୍ଠା ଓ ଉପାସନାର ଉତ୍ପତ୍ତି ସମ୍ବନ୍ଧରେ ଲେଖା ଅଛି—'ମହାବିଷ୍ଣୁ ବରାହ ଅବତାରରେ ହିରଣ୍ୟାକ୍ଷ ଦାନବକୁ ଯେତେବେଳେ ବଧ କରନ୍ତି ସେତେବେଳେ କାଶ୍ୟପାଦି ମୁନିମାନେ ଏକ ମହାଯଜ୍ଞର ଆୟୋଜନ କରନ୍ତି । ଯଜ୍ଞସ୍ଥଳୀକୁ ବିଭିନ୍ନ ମହର୍ଷି ଆମନ୍ତ୍ରିତ ହୋଇ ଆସନ୍ତି, ନାରଦ ବି, ଆସିବା ମାତ୍ରେ ନାରଦ ଯଜ୍ଞକର୍ତ୍ତାମାନଙ୍କୁ ପଚାରିଲେ ସେମାନେ କେଉଁ ଦେବତାଙ୍କୁ ପ୍ରଥମେ ଅର୍ଘ୍ୟ ଦାନ କରିବେ । ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନକର୍ତ୍ତା ବିଷ୍ଣୁ ନା ସଂହାରକର୍ତ୍ତା ଶିବ—କାହାକୁ ପହିଲି ଅର୍ଘ୍ୟ ପ୍ରଦାନ କରାଯିବ ? ଏହି ପ୍ରଶ୍ନର ଉତ୍ତର ଦେବାକୁ କେହି ସମର୍ଥ ହେଲେ ନାହିଁ । ଶେଷରେ ଭୃଗୁଙ୍କୁ ପଚରାଗଲା । ଭୃଗୁଙ୍କ ପାଦରେ ସେତେବେଳେ ଗୋଟିଏ 'ତୃତୀୟ ନୟନ' ଥାଏ । ତେଣୁ ସେ ଅତିଶୟ ଗର୍ବୀ ଓ ଅହଂକାରୀ ଥିଲେ । ତାଙ୍କର ସେ ଗର୍ବ ଖର୍ବ କରିବା ଉଦ୍ଦେଶ୍ୟରେ ତାଙ୍କ ଉପରେ ଏ ଭାର ଅର୍ପିତ ହେଲା । ସେ କହିବେ ପ୍ରଥମେ କାହାକୁ ଅର୍ଘ୍ୟ ଦିଆଯିବ । ଏହା ଶୁଣି ପ୍ରଥମେ ଭୃଗୁ ବ୍ରହ୍ମ ଲୋକରେ ପ୍ରବେଶ ହେଲେ । ଦେଖିଲେ, ବ୍ରହ୍ମା ସରସ୍ୱତୀଙ୍କ ବୀଣା ଧ୍ୱନିରେ ଏତେଦୂର ମଗ୍ନ ଯେ ଫଳରେ ଭୃଗୁ ଋଷିଙ୍କ ଉପସ୍ଥିତି ସେ ଲକ୍ଷ୍ୟ କରି ପାରିଲେ ନାହିଁ । ତା ଦେଖି ଋଷି ରାଗ ପରବଶ ହୋଇ ବ୍ରହ୍ମାଙ୍କୁ ଅଭିଶାପ ଦେଲେ ଯେ, ମର୍ତ୍ତ୍ୟ ଲୋକରେ ସେ କଦାପି ପୂଜା ପାଇବେ ନାହିଁ । ସେଠାରୁ ସେ ସିଧାସଳଖେ କୈଳାସକୁ ଚାଲି ଆସନ୍ତି । ସେଠାରେ ବି ଶଙ୍କର ପାର୍ବତୀଙ୍କ ସମ୍ମୁଖରେ ଦିଗମ୍ବର ହୋଇ ତାଣ୍ଡବ ନୃତ୍ୟରତ ଏବଂ ଋଷିଙ୍କ ଆଗମନ ମୋଟେ ଜାଣି ପାରିଲେ ନାହିଁ । ସେଥିରେ ଋଷି କ୍ରୋଧାନ୍ଧ ହୋଇ ଅଭିଶାପ ଦିଅନ୍ତି ଓ କହନ୍ତି—ତୁମେ ମର୍ତ୍ତ୍ୟରେ କେବଳ 'ଲିଙ୍ଗ' ରୂପରେ ପୂଜା ପାଇବ । ଏହା କହି ବୈକୁଣ୍ଠକୁ ଚାଲି ଆସନ୍ତି । ସେତେବେଳେ ବିଷ୍ଣୁ ଅନନ୍ତ ଶଯ୍ୟାରେ ରହି ମହାଲକ୍ଷ୍ମୀଙ୍କ ସହିତ ସଂଳାପରତ । ଫଳରେ ସେ ଋଷିଙ୍କ ଆଗମନ ଜାଣିପାରିଲେ ନାହିଁ । ତା' ଦେଖି ଭୃଗୁ ଭୀଷଣ ରାଗିଯାଇ ବାୟୁ ବେଗରେ ବିଷ୍ଣୁଙ୍କ ନିକଟରେ ଉପସ୍ଥିତ ହେଲେ ଓ ତାଙ୍କୁ ଧିକ୍କାର କରି ରାଗରେ ତାଙ୍କ ବକ୍ଷରେ ପଦାଘାତ କଲେ । ବିଷ୍ଣୁ ସେଥିରେ ବିଚଳିତ ନ ହୋଇ ଚତୁରତାର ସହିତ ଉତ୍ତର କଲେ—'ଆପଣଙ୍କ ଆଗମନରେ ଆଜି ବୈକୁଣ୍ଠ ପବିତ୍ର ହେଲା । ଆହା, କି ଦୁଃଖର କଥା, ମୋର ଏ କଠିନ ବକ୍ଷ ଲାଗି ଆପଣଙ୍କ ଚରଣ ଅତିଶୟ ପୀଡ଼ା ପ୍ରାପ୍ତ ହୋଇଥିବ'—ଏହା କହି ଋଷିଙ୍କ ପାଦ ଧୌତ କରିବା ବ୍ୟାଜରେ ତାଙ୍କ ଅଜ୍ଞାତସାରରେ ପାଦ ଉପ୍ତ ତୃତୀୟ ନୟନଟି କାଟି ନେଲେ ଏବଂ ପଚାରିଲେ—'କି ଉଦ୍ଦେଶ୍ୟରେ

ଆପଣଙ୍କ ଆଗମନ—ଶୁଣି ପାରିବିତ ?' ଋଷି ଯଜ୍ଞସ୍ଥଳୀର ଘଟଣା ସବୁ ବର୍ଣ୍ଣନା କଲେ ।

ଏତିକିବେଳେ ମହାଲକ୍ଷ୍ମୀ କ୍ରୁଦ୍ଧ କଣ୍ଠରେ କହିଲେ—ମୁଁ ଯେଉଁ ବକ୍ଷରେ ବାସ କରିଥାଏ ସେଥିରେ ଜଣେ ମର୍ତ୍ତ୍ୟ ମଣିଷର ପଦାଘାତ ହେଲା । ମୁ ଆଉ ରହିବି କିପରି ? ଏଣୁ ମୁଁ ଗ୍ଭଲିଲି । ଏହା କହି ମରତ୍ଭୂମିକୁ ଖସି ଆସିଲେ ।

ଏହାପରେ ବିଷ୍ଣୁ ମର୍ତ୍ତ୍ୟଲୋକରେ ଅବତୀର୍ଣ୍ଣ ହୋଇ ଯଜ୍ଞସ୍ଥଳୀରେ ପ୍ରବେଶ କଲେ । ହିରଣ୍ୟାକ୍ଷବିନାଶୀ ମହାବିଷ୍ଣୁଙ୍କୁ ଦେଖି ଦେବ-ମୁନି-ମାନବ ସମସ୍ତେ ତାଙ୍କୁ ଅଭ୍ୟର୍ଚ୍ଚନା କଲେ ଏବଂ ସେ ବରାହ କ୍ଷେତ୍ରରେ ଅବସ୍ଥାନ କଲେ । କିନ୍ତୁ ଲକ୍ଷ୍ମୀଚ୍ୟୁତ ହୋଇଥିବାରୁ ବିଷ୍ଣୁ ମହାଲକ୍ଷ୍ମୀଙ୍କୁ ଠାବ କରିବା ପାଇଁ ବହୁ ଜାଗା ଭ୍ରମଣ କଲେ ଏବଂ ନପାଇବାରୁ ଶେଷରେ ଗୋଟିଏ ଉଇହୁଙ୍କା ମଧ୍ୟରେ ଆତ୍ମଗୋପନ କଲେ । ବିଷ୍ଣୁଙ୍କର ଏପରି ହତଲକ୍ଷ୍ମୀ ଅବସ୍ଥା ଦେଖି ବ୍ରହ୍ମା ଓ ଶଙ୍କର ଦୁହେଁ ଗାଈ ଓ ବାଛୁରୀ ହୋଇ ମହାଲକ୍ଷ୍ମୀଙ୍କୁ ଗୋପାଳିକା ହେବା ପାଇଁ ଅନୁରୋଧ କଲେ । ମହାଲକ୍ଷ୍ମୀ ଗଉଡୁଣୀ ରୂପେ ଗାଈ ଓ ବାଛୁରୀ ନେଇ ଚୋଳରାଜ ଚନ୍ଦ୍ରଗିରିଙ୍କୁ ବିକ୍ରୟ କରି ଗ୍ଭଲିଗଲେ । ରାଜା ଜଣେ ଗାଈଆଳ ଉପରେ ଗାଈ-ବାଛୁରୀ ଭାର ସମର୍ପି ନିଶ୍ଚିନ୍ତ ରହିଲେ । କିନ୍ତୁ ଦେଖାଗଲା ଯେତେ ଯାହା କଲେ ମଧ୍ୟ ଗାଈ ଟୋପାଏ ବି କ୍ଷୀର ଦେଲା ନାହିଁ । ଗଉଆଳକୁ ରାଜା ତାଗିଦ୍ କଲେ । ତାକୁ ଦଣ୍ଡ ଭୟ ଦେଖାଇଲେ, ତା'ପରେ ଗାଈଆଳ ଗାଈର ଗତିବିଧି ଉପରେ ତୀକ୍ଷ୍ଣ ଲକ୍ଷ୍ୟ ରଖି ଜାଣିଲା ଯେ ଗାଈଟି ଉଇହୁଙ୍କା ଉପରେ ଯାଇ ସବୁ କ୍ଷୀର ନିଗାଡ଼ି ଦେଉଛି । ଏହା ଦେଖି ସେ ରାଗିଯାଇ ଗାଈ ଉପରେ କୁଠାରାଘାତ କଲାବେଳେ ବିଷ୍ଣୁ ହଠାତ୍ ଗାତ ଭିତରୁ ବାହାରି ପଡ଼ିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଲା ଓ ରକ୍ତସ୍ରାବ ହେଲା । ଏଣେ ଗାଈଆଳ ଅଚେତ ହୋଇ ଭୂଇଁ ଉପରେ ପଡ଼ିଗଲା । ଗାଈ ରକ୍ତାକ୍ତ ହୋଇ ଘରକୁ ଫେରିଲା । ଚୋଳରାଜ ତାହା ଦେଖି ଘଟଣା ଜାଣିବା ପାଇଁ ଉଇହୁଙ୍କା ପାଖକୁ ଆସନ୍ତି ଓ ସବୁ ପ୍ରତ୍ୟକ୍ଷ କରନ୍ତି । ଏତେବେଳେ ଚୋଳ-ରାଜାଙ୍କୁ ଦେଖି ମହାବିଷ୍ଣୁ କହିଲେ—ଭୃତ୍ୟ ଦୋଷରେ ପ୍ରଭୁ ଦୋଷୀ । ଏଣୁ ତୁ ପିଶାଚ ରୂପରେ ଅରଣ୍ୟରେ ଘୁରି ବୁଲିବୁ । ଏହା ଶୁଣି ରାଜା କାକୁତି-ମିନତି ହେବାରୁ ବିଷ୍ଣୁ ପ୍ରସନ୍ନ ହୋଇ କହିଲେ ଶାପ ଆନ ହୁଏନାହିଁ, ଯାଅ—ଯେତେବେଳେ ଆକାଶ ରାଜାଙ୍କ କନ୍ୟା ପଦ୍ମାବତୀ ସହିତ ମୋର ବିବାହ ହେବ ସେତେବେଳେ ତୁ ତା ଦେଖି ମୁକ୍ତି ଲାଭ କରିବୁ ।

ଏହାପରେ ଆହତ ବିଷ୍ଣୁ ବୃହସ୍ପତିଙ୍କ ପରାମର୍ଶରେ ଚିକିତ୍ସା ପାଇଁ ଗୋଟିଏ ଆଶ୍ରମରେ ପ୍ରବେଶ କରନ୍ତି । ସେଠାରେ ଜଣେ ସନ୍ନ୍ୟାସିନୀଙ୍କ ସହିତ ଭେଟ ହୁଏ । ଏଣେ ଆକାଶ ରାଜା ନିଃସନ୍ତାନ ଥିବାରୁ ଶୁକ ମହର୍ଷିଙ୍କୁ ଡକାଇ ପୁତ୍ରେଷ୍ଟିଯାଗର ଆୟୋଜନ କରନ୍ତି । ଯାଗସ୍ଥଳୀ କର୍ଷଣ କରାଇବା ବେଳେ ମାଟି ଭିତରୁ ଗୋଟିଏ ଶିଶୁ କନ୍ୟା ଥିବା ପେଟିକା ପାଆନ୍ତି । କନ୍ୟାଟିକୁ ରାଜା ମହା ଆନନ୍ଦରେ ରାଣୀ ଧରଣୀ ଦେବୀଙ୍କୁ ଅର୍ପଣ କରନ୍ତି । ତା'ରି ନାଁ ପଦ୍ମାବତୀ । ସେ ଯୁବତୀ ହେଲା ପରେ ଦିନେ ବନକୁ ବୁଲିଯାଇ ଥାଏ । ସେଠାରେ ଗୋଟିଏ ବଣହାତୀ ତାକୁ ଗୋଡ଼ାଇଲା ବେଳେ ବିଷ୍ଣୁ ଆସି ରକ୍ଷା କରନ୍ତି । ଏକଥା ରାଜା-ରାଣୀ ଶୁଣି ବିଷ୍ଣୁଙ୍କୁ ବହୁତ ପ୍ରଶଂସା କରନ୍ତି । ତା'ପରେ ବିଷ୍ଣୁ ବନ୍ଧୁମାନଙ୍କଠାରୁ ପଦ୍ମାବତୀଙ୍କ ପରିଚୟ ଜାଣି ତାଙ୍କ ସହିତ ବିବାହ ପ୍ରସ୍ତାବ ଦିଅନ୍ତି । ରାଜା-ରାଣୀ ସେଥିରେ ଅସନ୍ମତ ହୋଇ ବିଷ୍ଣୁଙ୍କୁ ଅପମାନିତ କରନ୍ତି । ସେଥିରେ ସେ ଦୁଃଖିତ ହୋଇ ଆଶ୍ରମକୁ ଫେରି ସନ୍ନ୍ୟାସିନୀ ବକୁଳ ଦେବୀଙ୍କୁ ସବୁକଥା ଫିଟାଇ କହନ୍ତି । ସବୁ ଶୁଣି ବକୁଳ ଦେବୀ ରାଜାଙ୍କ ପାଖକୁ ଯାଇ ମହାବିଷ୍ଣୁଙ୍କ ସହିତ ପଦ୍ମାବତୀଙ୍କୁ ବିବାହ ଦେବାକୁ ଅନୁରୋଧ କରନ୍ତି । ଏ ମଧ୍ୟରେ ବିଷ୍ଣୁ ଛଦ୍ମବେଶରେ ଜଣେ ହସ୍ତରେଖାବିତ୍ ନାରୀ ରୂପରେ ପଦ୍ମାବତୀଙ୍କ ହାତ ଦେଖି, ସେ ନିଶ୍ଚେ ବିଷ୍ଣୁଙ୍କୁ ବିବାହ କରିବେ ବୋଲି ଭବିଷ୍ୟତ ବାଣୀ ଶୁଣାଇ ଆସିଥାନ୍ତି । ଏହାପରେ ଆକାଶ ରାଜା ବୃହସ୍ପତି ଓ ଶୁକ ମହର୍ଷିଙ୍କ ସହିତ ପରାମର୍ଶ କରି ଶେଷରେ ବିଷ୍ଣୁଙ୍କ ସହିତ ପଦ୍ମାବତୀର ବିବାହ ସ୍ଥିର କରନ୍ତି । ଏହାଶୁଣି ବକୁଳ ଦେବୀ ମହାଚିନ୍ତାରେ ପଡ଼ନ୍ତି । ବିଷ୍ଣୁଙ୍କର ବିବାହ କାର୍ଯ୍ୟ ସଂପାଦନ ସକାଶେ ଧନ ଆସିବ କେଉଁଠୁ ? ଏ ଯେ ଆକାଶ ରାଜାଙ୍କ ସହିତ ବନ୍ଧୁତା । ଏତିକିବେଳେ ବ୍ରହ୍ମା ଓ ଶଙ୍କର ଆସି କହିଲେ—ଧନ ସକାଶେ ଚିନ୍ତା ଅନାବଶ୍ୟକ । ଯାହା ଧନ ଆବଶ୍ୟକ ସେ ସବୁ ଋଣ ଆକାରରେ ଦେବା ପାଇଁ କୁବେର ପ୍ରସ୍ତୁତ କିନ୍ତୁ ତାହା ପରିଶୋଧ କରିବାକୁ ପଡ଼ିବ । ବିଷ୍ଣୁ ରାଜି ହେଲେ—ବିବାହ ସରିଲା । ପିଶାଚରୂପୀ ଚୋଳରାଜ ତାହା ଦେଖି ଶାପ ମୁକ୍ତ ହେଲା । ବିଷ୍ଣୁ ପଦ୍ମାବତୀଙ୍କୁ ସାଙ୍ଗରେ ଧରି ଆଶ୍ରମକୁ ଗ୍ଭଲିଆସନ୍ତି ।

ଏହାର କିଛି କାଳ ପରେ ଆକାଶ ରାଜାଙ୍କ ମୃତ୍ୟୁ ଘଟେ । ତାଙ୍କ ପୁଅ ବାସୁଦନ ଏବଂ ଭାଇ ତୋଣ୍ଡମନଙ୍କ ମଧ୍ୟରେ ରାଜପଦ ନେଇ ଯୁଦ୍ଧ ସଂଗଠିତ ହୁଏ । ବିଷ୍ଣୁ ମଧ୍ୟସ୍ଥ ରୂପେ ରହି ସେ ଦୁହିଙ୍କ ମଧ୍ୟରେ ରାଜ୍ୟ ବାଣ୍ଟି ଦିଅନ୍ତି । ତୋଣ୍ଡମନ ଶେଷାଚଳରେ 'ଆନନ୍ଦ ନିଳୟ' ନିର୍ମାଣ କରି ସେଠାରେ ବିଷ୍ଣୁଙ୍କୁ ଅବସ୍ଥାପିତ କରନ୍ତି । ପଦ୍ମାବତୀଙ୍କ ସହିତ ବିଷ୍ଣୁ ତତ୍ରତ୍ୟ ଗର୍ଭ ଗୃହରେ ପ୍ରତିଷ୍ଠିତ ହୁଅନ୍ତି । ଏକାଳରେ ବ୍ରହ୍ମା ଆସି ପ୍ରାର୍ଥନା କଲେ—ପ୍ରଭୁ, ଆପଣ କଳିଯୁଗ ଶେଷ ହେବା ଯାଏଁ ଏହିଠାରେ ଅବସ୍ଥାନ କରନ୍ତୁ । ଭକ୍ତମାନଙ୍କୁ ବିପତ୍ତିରୁ ଉଦ୍ଧାର କରନ୍ତୁ । ଏ କଥାରେ ବିଷ୍ଣୁ ସନ୍ମତ ହେଲେ ।

କିନ୍ତୁ ଏତେବେଳ ଯାଏ ବିଷ୍ଣୁ ଲକ୍ଷ୍ମୀଚ୍ୟୁତ ଭାବେ ହିଁ କାଳ ଅତିବାହିତ କରି ଆସିଥାନ୍ତି । ଦିନେ ବିଷ୍ଣୁଙ୍କ ମନରେ ମହା-ଲକ୍ଷ୍ମୀଙ୍କ ସ୍ମୃତି ଜାଗ୍ରତ ହୁଏ । ହତଲକ୍ଷ୍ମୀ ଭାବେ ଜୀବନ କଟାଇବା ବୃଥା ସିନା ! ତା ଛଡ଼ା, ଲକ୍ଷ୍ମୀ ନ ଆସିଲେ କୁବେରଙ୍କ ଋଣ ସୁଝାହେବ କିପରି ? ଖୋଜା ପଡ଼ିଲା ମହାଲକ୍ଷ୍ମୀଙ୍କୁ । ସେତେବେଳେ ମହାଲକ୍ଷ୍ମୀ କୋହ୍ଲାପୁରରେ ଅବସ୍ଥାନ କରୁଥାନ୍ତି । ତାଙ୍କୁ ସେଠାରୁ ଡାକି ଆଣିବା ପାଇଁ ପଦ୍ମାବତୀ ବିଷ୍ଣୁଙ୍କୁ ଅନୁରୋଧ କରନ୍ତି । ବିଷ୍ଣୁ ଗରୁଡ଼

ବାହନ ଉପରେ କୋହ୍ଲାପୁର ବିଜେ କରନ୍ତି । କିନ୍ତୁ ବିଷ୍ଣୁଙ୍କ ଆସିବାର ଜାଣି ମହାଲକ୍ଷ୍ମୀ ଆତ୍ମଗୋପନ କରନ୍ତି । ଏଣୁ ବିଷ୍ଣୁ ତାଙ୍କୁ ଦେଖିନପାରି ନିରାଶ ହୋଇ ଫେରିଆସନ୍ତି ଏବଂ ବାୟୁ ଦେବଙ୍କୁ ସ୍ମରଣ କରି ଦେବଲୋକରୁ ଗୋଟିଏ ସହସ୍ରାର ପଦ୍ମ ଆଣି ଦେବାକୁ କହନ୍ତି । ସେ ପଦ୍ମଟି ଆଣିବା ପରେ ତାକୁ ପଦ୍ମ ସରୋବରରେ ସ୍ଥାପନ କରି ତପସ୍ୟାଚରଣ କରନ୍ତି । ସେତିକିରେ ମହାଲକ୍ଷ୍ମୀ ପ୍ରସନ୍ନା ହୋଇ ଆବିର୍ଭୂତ ହୁଅନ୍ତି । ଏତିକିବେଳେ ଭୃଗୁ ମହର୍ଷି ଉପସ୍ଥିତ ହୋଇ ପୂର୍ବକୃତ ଅପରାଧ ମାର୍ଜନା କରିବାକୁ ପ୍ରାର୍ଥନା କଲେ । ଫଳରେ ମହାଲକ୍ଷ୍ମୀ ସନ୍ତୁଷ୍ଟ ହେଲେ ଓ ବିଷ୍ଣୁଙ୍କୁ ପ୍ରଦକ୍ଷିଣ କଲେ । ଏହା କାର୍ତ୍ତିକ ମାସ ପଞ୍ଚମୀର କଥା । ଏଣୁ ସେହିଦିନ ଭେଙ୍କଟାଚଳରେ ପଦ୍ମ ମହୋତ୍ସବ ପାଳିତ ହୁଏ । ସେ ଶୁଭ ଯୋଗରେ ବ୍ରହ୍ମା, ଶଙ୍କରଙ୍କ ସହିତ ସମସ୍ତ ଦେବତା ମିଶି ମହାଲକ୍ଷ୍ମୀଙ୍କୁ ପ୍ରାର୍ଥନା କରି କହିଲେ—ମା ! ତୁମେ ଆଜିଠାରୁ ଏହିଠାରେ ରହ । ତୁମେ ଧନ, ମାନ, ସୁଖ, ସଂପଦ ସବୁର ଅଧିଷ୍ଠାତ୍ରୀ ଦେବୀ । ଯେଉଁ ଭକ୍ତମାନେ ଏଠାକୁ ଆସିବେ ତୁମେ ସେମାନଙ୍କୁ ସେ ସବୁ ବିତରଣ କରିବ । ସେମାନେ ସେଥିରୁ ବିଷ୍ଣୁଙ୍କୁ ମଧ୍ୟ କିଛି କିଛି ଅର୍ପଣ କରିବେ । ତା' ହେଲେ କୁବେରଙ୍କଠାରୁ ଧାର କରି ଆଣିଥିବା ଧନ ଆସ୍ତେ ଆସ୍ତେ ପରିଶୋଧ ହେବ । ଏଣୁ ତୁମେ କଳିଯୁଗ ଶେଷ ହେବା ଯାଏଁ ଏଠାରେ ରହ । ତାହାହିଁ ହେଲା । ସେଦିନଠାରୁ ମହାବିଷ୍ଣୁ ମହାଲକ୍ଷ୍ମୀଙ୍କ ସହିତ ଅବସ୍ଥାନ କରିଆସୁଅଛନ୍ତି । ଏହି ମହାବିଷ୍ଣୁହିଁ ତିରୁପତି ଭେଙ୍କଟେଶ୍ୱର ନାମରେ ଆଜି ଉପାସିତ ।*

ଏ ହେଲା ଭେଙ୍କଟେଶ୍ୱର ଉପାସନାର ଉତ୍ପତ୍ତି, ମୂଳ କିମ୍ବଦନ୍ତୀ । ବର୍ତ୍ତମାନ ପୁରୀ ବଡ଼ ଦେଉଳରେ ପ୍ରତିଷ୍ଠିତ ଜଗନ୍ନାଥ ଉପାସନାର କିମ୍ବଦନ୍ତୀ ଦେଖିବା ।

'ବରାହରୂପୀ ବିଷ୍ଣୁ ଦନ୍ତାଗ୍ରରେ ପୃଥିବୀକୁ ମହାପ୍ରଳୟରୁ ଉଦ୍ଧାର କରି ସାରିବା ପରେ ଦିନେ ବ୍ରହ୍ମା ବିଷ୍ଣୁଙ୍କୁ ପ୍ରଶ୍ନ କଲେ—କି ଉପାୟରେ ସଚରାଚର ଜୀବକୁଳର ମୋକ୍ଷ ସଂପାଦନ କରିହେବ । ବିଷ୍ଣୁ ଉତ୍ତର କଲେ—ପୁରୁଷୋତ୍ତମ କ୍ଷେତ୍ରର ନୀଳଗିରି ଠାରେ ସେ ସ୍ୱୟଂ 'ନୀଳମାଧବ' ରୂପରେ ପୂଜା ପାଇ ଆସିଛନ୍ତି । ତାଙ୍କୁ ଦର୍ଶନ କଲା ମାତ୍ରେ ସାଯୁଜ୍ୟ ମୁକ୍ତି ବା ଚତୁର୍ଭୁଜତ୍ୱ ପ୍ରାପ୍ତି ହୁଏ । ଏହି କାରଣ ଯୋଗୁଁ ଯମରାଜାଙ୍କ କର୍ତ୍ତବ୍ୟ ପାଳନରେ ବ୍ୟାଘାତ ଉପସ୍ଥିତ ହେଲା । ଯମରାଜ ଏହାର ପ୍ରତିକାର ପ୍ରାର୍ଥନା କଲେ । ଫଳରେ ନୀଳମାଧବ ରୂପୀ ବିଷ୍ଣୁ କିଛିଦିନ ପରେ ସେଠାରୁ ଅନ୍ତର୍ଦ୍ଧାନ ହେବାର ପ୍ରତିଶ୍ରୁତି ଦେଲେ ।

ନୀଳଗିରି ଉପରେ ଏକ କ୍ରୋଶ ବ୍ୟାପୀ କଳ୍ପ ବୃକ୍ଷର ପଶ୍ଚିମକୁ ରୋହିଣୀ କୁଣ୍ଡ ନାମରେ ଏକ କୁଣ୍ଡ ଥାଏ । ଏହି କୁଣ୍ଡର ଉତ୍ତରକୁ ନୀଳମାଧବ ମୂର୍ତ୍ତି ଶବର ଦ୍ୱାରା ପୂଜା ପାଇ ଆସୁଥିଲେ । ସେତେବେଳକୁ କ୍ଷେତ୍ରର ମହିମା କେହି ଜାଣି ନଥିଲେ । ବ୍ରହ୍ମାଙ୍କ ପଞ୍ଚମ ପୁରୁଷ ସୂର୍ଯ୍ୟବଂଶୀ ରାଜା ଇନ୍ଦ୍ରଦ୍ୟୁମ୍ନ ସତ୍ୟ ଯୁଗରେ ଅବନ୍ତୀ ଦେଶରେ ରାଜତ୍ୱ କରୁଥିଲେ । ସେ ବଡ଼ ବିଜ୍ଞ ଓ ବୈଷ୍ଣବ ଥିଲେ । ଦିନେ ପଣ୍ଡିତମାନଙ୍କୁ ଡାକି ରାଜା ସଭାକରି ପଚାରିଲେ—ମୁଁ କେଉଁଠାରେ ବିଷ୍ଣୁଙ୍କ ସାକ୍ଷାତ୍ ଦର୍ଶନ ଲାଭ କରିବି ? ସେତିକିବେଳେ ଜଣେ ତୀର୍ଥ ପର୍ଯ୍ୟଟକ ତପସ୍ୱୀ ଉତ୍ତର କଲେ—ଉଡ୍ର ଦେଶରେ ଥିବା ନୀଳଗିରିରେ ସ୍ୱୟଂ ଭଗବାନ୍ ପୁରୁଷୋତ୍ତମ ରୂପେ ବିରାଜମାନ । ତାହାଙ୍କ ଦର୍ଶନରେ ସ୍ୱଦେହରେ ମୋକ୍ଷ ଲାଭ ହୁଏ । ଏହାଶୁଣି ଇନ୍ଦ୍ରଦ୍ୟୁମ୍ନ ନିଜ କୁଳପୁରୋହିତଙ୍କ ଭାଇ ବିଦ୍ୟାପତିଙ୍କୁ ଚର ରୂପରେ ଉତ୍କଳକୁ ପଠାଇଲେ । ସେ ସେଠାକୁ ଆସି ନୀଳଗିରିର ପଶ୍ଚିମରେ ଥିବା ଏକ ଶବର ପଲ୍ଲୀରେ ଅବସ୍ଥାନ କଲେ । ସେଠାରେ ବିଶ୍ୱାବସୁ ଶବର ସହିତ ଆଳାପ ପରିଚୟ ହେଲା । ବିଦ୍ୟାପତି ଶବରକୁ ଅନୁରୋଧ କରି କହିଲେ—ସେ ନ ଫେରିବା ଯାଏଁ ଇନ୍ଦ୍ରଦ୍ୟୁମ୍ନ ମହାରାଜା ଉପବାସରେ ରହିଥିବେ । ଏଣୁ ଦୟାକରି ନୀଳମାଧବଙ୍କ ଦର୍ଶନର ବ୍ୟବସ୍ଥା ଟିକିଏ କରି ଦିଅନ୍ତୁ । ଶବର ଦୟା ପରବଶ ହୋଇ ଏକ ସଂକୀର୍ଣ୍ଣ ମାର୍ଗରେ ବିଦ୍ୟାପତିଙ୍କୁ ସାଙ୍ଗରେ ନେଇ ନୀଳମାଧବଙ୍କ ଦର୍ଶନ କରାଇଲା ।

ତା' ପରେ ବିଦ୍ୟାପତି ଅବନ୍ତୀ ଦେଶକୁ ଫେରିଗଲେ । ଏ ମଧ୍ୟରେ ଭଗବାନ୍ ଯମରାଜଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ସେ ଅନୁସାରେ ନୀଳମାଧବ ମୂର୍ତ୍ତିକୁ ବାଲୁକାରାଶିରେ ଆଚ୍ଛାଦିତ କରି ଅଦୃଶ୍ୟ ହେଲେ ।

ଏଣେ ନାରଦଙ୍କୁ ସଙ୍ଗରେ ଧରି ରାଜା ଦଳବଳ ସହିତ ଉତ୍କଳ ଯାତ୍ରା କଲେ । ଉତ୍କଳ ସୀମାରେ ପହଞ୍ଚିବା କ୍ଷଣି ଉତ୍କଳ ରାଜା ତାଙ୍କୁ କିଛି ଦିନ ଆଗରୁ ନୀଳମାଧବ ଅନ୍ତର୍ହିତ ହୋଇଥିବା କଥା ଶୁଣାଇ ଦେଲେ । ତା' ଶୁଣି ଇନ୍ଦ୍ରଦ୍ୟୁମ୍ନ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଲେ । ସେତେବେଳେ ନାରଦ ଆଶ୍ୱାସନା ଦେଇ କହିଲେ—କିଛି ଚିନ୍ତା କରନାହିଁ । ଭଗବାନ୍ ଚତୁର୍ଦ୍ଧା ମୂର୍ତ୍ତି ହୋଇ ଦାରୁ ରୂପରେ ଦର୍ଶନ ଦେବେ । ଏହା ଶୁଣି ରାଜା କଥଞ୍ଚିତ ଆଶ୍ୱସ୍ତ ହେଲେ ଓ ନୀଳଗିରି ଦର୍ଶନ କରି ସେଠାରେ ସହସ୍ର ଅଶ୍ୱମେଧ ଯଜ୍ଞ କରିବାର ଆୟୋଜନ କଲେ ।

ସଭାମଣ୍ଡପ ଓ ଯଜ୍ଞବେଦୀ ନିର୍ମିତ ହେଲା । ଅଶ୍ୱମେଧ ପରିସମାପ୍ତି ଦିନ ନୀଳମାଧବ ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନରେ ଦର୍ଶନ ଦେଲେ ଓ ଅବଭୃତ ସ୍ନାନବେଳେ ଚାରି ଶାଖାଯୁକ୍ତ ଏକ ମହାଦାରୁ ସମୁଦ୍ରରେ ଭାସୁଥିବା କଥା ସେବକମାନେ ଜଣାଇଲେ । ତା' ପରେ ରାଜା ମହାସମାରୋହରେ ବୃକ୍ଷକୁ ଆଣି ମହାବେଦୀ ଉପରେ ରଖାଇଲେ । ନାରଦଙ୍କ ସହିତ ମୂର୍ତ୍ତି ଗଠନ ସମ୍ବନ୍ଧରେ ଆଲୋଚନା କଲାବେଳେ ଆକାଶରୁ ଦୈବବାଣୀ ହେଲା—ସ୍ୱୟଂ ଜଗନ୍ନାଥ ନିଜର ପ୍ରତିମା ଗଠନ କରି ମହାବେଦୀ ଉପରେ ବିଜେ ହେବେ । ମହାବେଦୀ ପନ୍ଦର ଦିନ ଯାଏ ଆଚ୍ଛାଦିତ ହୋଇ ରହୁ ରହିବ । ସେଉଁ ବୃଦ୍ଧ ବଢ଼େଇଟି ହାତରେ ଅସ୍ତ୍ର ଧରି ଠିଆ ମହିଛି ସେ ଭିତରେ ପ୍ରବେଶ ଦ୍ୱାର ବନ୍ଦ କରିବ

*Sri Tirupati Balaje's Life-Story in pictures Published by Chukkala Singate Cletty, Tirumala Hills Cononation litho Works-Sivakesi.

ଗଠନ କାର୍ଯ୍ୟ ସରିଲା ଯାଏ କେହି ନିକଟକୁ ଯିବେ ନାହିଁ, ଏପରିକି ଗଠନ ଧ୍ୱନି ମଧ୍ୟ ଶୁଣିବା ନିଷିଦ୍ଧ ।

ଏହାପରେ ନାନାବିଧ ବାଦ୍ୟର ବ୍ୟବସ୍ଥା ହେଲା । ଦୈବବାଣୀ ଅନୁସାରେ ସମସ୍ତ କାର୍ଯ୍ୟ ସମାପନ ହେଲା । ପଞ୍ଚଦଶ ଦିନ ଶେଷରେ ମହାବେଦୀ ଉପରେ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନ ଏହିପରି ଚାରିମୂର୍ତ୍ତି ଥିବା ଦେଖାଗଲା । ଏହାପରେ ପୁଣି ଦୈବବାଣୀ ହେଲା—ରାଜନ ! ଏହି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପାଟ ବେଢ଼ାଇ ନିଜ ନିଜ ବର୍ଣ୍ଣରେ ରଞ୍ଜିତ କର । ନୀଳାଚଳ ଉପରେ ସହସ୍ର ହାତ ଉଚ୍ଚ ଓ ତଦନୁରୂପ ଆୟତନ ବିଶିଷ୍ଟ ଏକ ମନ୍ଦିର ନିର୍ମାଣ କରି ମୂର୍ତ୍ତିମାନଙ୍କୁ ସେଠାରେ ପ୍ରତିଷ୍ଠା କର । ତା'ପରେ ରାଜା ମୂର୍ତ୍ତି ଚତୁଷ୍ଟୟ ମଧ୍ୟରୁ ଜଗନ୍ନାଥଙ୍କୁ ପୁରୁଷ ସୂକ୍ତ ମନ୍ତ୍ରରେ, ବଳଭଦ୍ରଙ୍କୁ ଦ୍ୱାଦଶାକ୍ଷର ମନ୍ତ୍ରରେ ଓ ସୁଭଦ୍ରାଙ୍କୁ ଦେବୀ ମନ୍ତ୍ରରେ ପୂଜା କଲେ । ତୁଳା ପୁରୁଷ ଓ ଗୋଦାନ ପ୍ରଭୃତି ଅସଂଖ୍ୟ ଦାନ ଦେଲେ । ଅଶ୍ୱମେଧ ସମୟରେ ଯେଉଁ ଗୋଦାନ ଦିଆ ହୋଇଥିଲା ସେମାନଙ୍କ ଖୁରା ବାଜି ସେଠାରେ ଏକ ମହାଗର୍ତ୍ତ ସୃଷ୍ଟି ହେଲା । ଦାନ କାଳୀନ ଶଂଖ ଜଳରେ ତାହା ପରିପୂର୍ଣ୍ଣ ହୋଇ ପୁଷ୍କରିଣୀରେ ପରିଣତ ହେଲା । ପରବର୍ତ୍ତୀ କାଳରେ ତାହା ଇନ୍ଦ୍ରଦ୍ୟୁମ୍ନ ସରୋବର ବୋଲି ପରିଚିତ ହେଲା ।

ଏହାପରେ ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ମନସ୍ଥ କଲେ । ସେତେବେଳେ ଭାରତବର୍ଷରେ ଯେତେ ରାଜା ଥିଲେ ସମସ୍ତେ ଦେଉଳ ତୋଳା କାର୍ଯ୍ୟରେ ସାହାଯ୍ୟ କଲେ । ନିଜ ବାହୁବଳରେ ଇନ୍ଦ୍ରଦ୍ୟୁମ୍ନ ଅଷ୍ଟାଦଶ ଦ୍ୱୀପରୁ ଯେତେ ଦ୍ରବ୍ୟ ଉପାର୍ଜନ କରି ଆଣିଥିଲେ ସେ ସବୁ ସେଥିରେ ବ୍ୟୟିତ ହେଲା । ଦେଉଳ ତୋଳା ଶେଷ ହେବା ପୂର୍ବରୁ ମନ୍ଦିରର ପ୍ରତିଷ୍ଠା ସକାଶେ ଇନ୍ଦ୍ରଦ୍ୟୁମ୍ନ ନାରଦଙ୍କ ପରାମର୍ଶରେ ବ୍ରହ୍ମାଙ୍କୁ ନିମନ୍ତ୍ରଣ କରିବା ସକାଶେ ବ୍ରହ୍ମଲୋକକୁ ଗଲେ । ବ୍ରହ୍ମା ସେତେବେଳେ ସଙ୍ଗୀତ ଶୁଣୁଥିଲେ । ସଙ୍ଗୀତ ଶେଷ ହେଲା ବେଳକୁ କେତେ ଯୁଗ ଅତୀତ ହୋଇଗଲା । ଶେଷରେ ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନଙ୍କ ଆଗମନ କାରଣ ବୁଝିସାରି କହିଲେ—ତୁମେ ଆସିବା ଭିତରେ ମର୍ତ୍ତ୍ୟରେ ବହୁକାଳ ଅତୀତ ହୋଇଯାଇଛି । ଏ ମଧ୍ୟରେ ମନ୍ଦିରର ଅବସ୍ଥା କଣ ହୋଇଛି ଜଣା ନାହିଁ । ତୁମେ ଆଗେ ଯାଇ ମନ୍ଦିରଟି ତୁମ ଆୟତ୍ତରେ ଅଛି କି ନାହିଁ ବୁଝ । ନ ଥିଲେ ତୁମ ଅଧୀନକୁ ଆଣ । ମୁଁ ତୁମ ପଛେ ପଛେ ଯାଉଛି ।

ଇନ୍ଦ୍ରଦ୍ୟୁମ୍ନ ଏହା ଶୁଣି ବୃହସ୍ପତି, ନାରଦ ଓ ଦେବବୃନ୍ଦଙ୍କୁ ସାଙ୍ଗରେ ଧରି ଉତ୍କଳକୁ ଆସି ଦେଖନ୍ତି ତ 'ଗାଲ' ନାମକ ଜଣେ ରାଜା ମନ୍ଦିର ନିର୍ମାଣ କରି ତହିଁରେ ମାଧବ ମୂର୍ତ୍ତିଟିଏ ସ୍ଥାପନା କରି ପୂଜା କରୁଛନ୍ତି । ଏହା ଦେଖି ଇନ୍ଦ୍ରଦ୍ୟୁମ୍ନ ମାଧବ ମୂର୍ତ୍ତିକୁ ସେଠାରୁ ଆଣି ଏକ ଛୋଟ ମନ୍ଦିରରେ ରଖିଲେ । ତା' ପରେ ତିନୋଟି ରଥ ନିର୍ମାଣ କରି ମହାବେଦୀରୁ ତିନିମୂର୍ତ୍ତିଙ୍କୁ ମନ୍ଦିର ମଧ୍ୟକୁ ନେଇ ଆସିଲେ । ଏହା ଶୁଣି ଶ୍ୱେତରାଜ ଗାଲ କ୍ରୋଧରେ ଚତୁରଙ୍ଗ ବଳ ଧରି ପୁରୁଷୋତ୍ତମରେ ପ୍ରବେଶ କଲେ । ସେଠାରେ ନାରଦ, ବୃହସ୍ପତି ପ୍ରଭୃତିଙ୍କଠାରୁ ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମଲୋକକୁ ଯିବା କଥା, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ତଥା ଦେଉଳ ନିର୍ମାଣ କରିବା କଥାର ସାକ୍ଷ୍ୟ ପ୍ରତ୍ୟକ୍ଷ ପାଇ ଆଉ ବିବାଦ ନ କରି ଇନ୍ଦ୍ରଦ୍ୟୁମ୍ନଙ୍କୁ ସାହାଯ୍ୟ କଲେ ଏବଂ ଦାରୁ ମୂର୍ତ୍ତିଙ୍କ ଆରାଧନା କରି ନ ଥିବାରୁ ଦୁଃଖ ପ୍ରକାଶ କଲେ । ବ୍ରହ୍ମା ବ୍ରହ୍ମଲୋକରୁ ଆସି ମନ୍ଦିର ମଧ୍ୟରେ ଦେବତା ପ୍ରତିଷ୍ଠା କଲେ* । ଏହାପରେ ସମସ୍ତେ ଯୋଡ଼ ହସ୍ତରେ ଦାରୁ ଦେବତାଙ୍କୁ ନିଜ ନିଜର ବିନମ୍ର ପ୍ରଣତି ନିବେଦନ କଲେ । ଏତିକିବେଳେ ଜଗନ୍ନାଥ ପ୍ରସନ୍ନ ଦୃଷ୍ଟିପାତ ପୂର୍ବକ ରାଜାଙ୍କୁ ପଚାରିଲେ—ଇନ୍ଦ୍ରଦ୍ୟୁମ୍ନ ! ଏତେ ବଡ଼ କାର୍ଯ୍ୟ କଲ, ଏତେ ବଡ଼ ଦେଉଳ ପ୍ରତିଷ୍ଠା କଲ, ମୋତେ ଭକ୍ତି ବଳରେ ଆପଣାର କରିନେଲ । କାହିଁ—ପ୍ରତି ବଦଳରେ କିଛିତ ଚାହିଁଲ ନାହିଁ । ମାଗ—ଯାହା ବର ମାଗିବ ତାହା ଦେବି । ଇନ୍ଦ୍ରଦ୍ୟୁମ୍ନ ମଥାନତ କରି କହିଲେ—କିଛି ବର ମୋର ଦରକାର ନାହିଁ । ପ୍ରଭୁ ! ଠାକୁରେ କହିଲେ, ତା' କିପରି ହେବ ! ତୁମକୁ କିଛି ମାଗିବାକୁ ହିଁ ହେବ, ଦେବୀର ପ୍ରସାଦ ତୁମକୁ ନେବାକୁ ପଡ଼ିବ । ଇନ୍ଦ୍ରଦ୍ୟୁମ୍ନ ସେତେବେଳେ ଦ୍ୱିଧାହୀନ ଭାବରେ ଉତ୍ତର କଲେ—ପ୍ରଭୁ ! ବର ଯଦି ଦେବ, ଏହି ବର ଦିଅ ଯେପରି ମୋ ବଂଶରେ କେହି ଭବିଷ୍ୟତକୁ ନ ରହନ୍ତି । ଏହି ବରଟି ଆଜ୍ଞା କର ଠାକୁରେ ॥ ଜଗନ୍ନାଥେ ଚମତ୍କୃତ ହୋଇ ଚାହିଁ ରହିଲେ ଏବଂ ପଚାରିଲେ—କି କଥା ଏ ! 'ଜଗତରେ ସମସ୍ତେ ଚାହାନ୍ତି ପୁତ୍ର—ପୌତ୍ର—ଧନ—ଧାନ୍ୟ—ରାଜୈଶ୍ୱର୍ଯ୍ୟ । ତୁମେ କହୁଛ କଣ ନା ତୁମେ ନିର୍ବଂଶ ହେବ ? କାରଣ କଣ ? ଇନ୍ଦ୍ରଦ୍ୟୁମ୍ନଙ୍କ ଉତ୍ତର ହେଲା—ପ୍ରଭୁ ! ଭବିଷ୍ୟତରେ ଯଦି କେହି ବଂଶରେ ରହିବେ—ମଣିଷତ—ନିଶ୍ଚେ କହିବେ ଏ ମୋ ବାପ—ଗୋସାଁ ବାପଙ୍କ କୀର୍ତ୍ତି । ଏ ଦେଉଳ ଆମର । କଣ ହେବ ପ୍ରଭୁ ! ଦେଉଳ ଆମର ବୋଲି କହିଲେ ତ ସବୁ ଗଲା । ଏଣୁ ମାଗୁଛି, ମୋ ବଂଶରେ କେହି ନ ରହୁ । ଧନ୍ୟ ଧନ୍ୟ କଲେ ସମସ୍ତେ । ଶେଷରେ ରାଜା ଇନ୍ଦ୍ରଦ୍ୟୁମ୍ନ ଗାଲ ରାଜାଙ୍କ ହସ୍ତରେ ମନ୍ଦିର ଭାର ଅର୍ପଣ କରି ବ୍ରହ୍ମଲୋକକୁ ପ୍ରସ୍ଥାନ କଲେ । ଏହା ହେଲା ଜଗନ୍ନାଥ ପ୍ରତିଷ୍ଠାର ମୂଳ କଥା ।

ଏଥର ବିଚାର କରିବା ଉଲ୍ଲିଖିତ ଦୁଇଟି କିମ୍ବଦନ୍ତୀ ମଧ୍ୟରେ କି ପ୍ରକାର ସାଦୃଶ୍ୟ ଓ ବୈସାଦୃଶ୍ୟ ରହିଛି । ଦେବତାଙ୍କ ନାମରେ କିମ୍ବଦନ୍ତୀ ସୃଷ୍ଟି—ଉଭୟତ୍ର ସମାନ । ଦୁଇଟି ଯାକ ଉଭର କଳ୍ପନା ପ୍ରସୂତ ଏବଂ ବାସ୍ତବ ଦୃଷ୍ଟି କୋଣରୁ ବିଚାର କଲେ ଦୁଇଟି ଯାକ ଅବାସ୍ତବ । କିନ୍ତୁ ଧାରଣା ଓ ଚେତନା, ତତ୍ତ୍ୱ ଓ ସତ୍ତ୍ୱ, ଉଦ୍ଦେଶ୍ୟ ଓ ରହସ୍ୟ ଦୃଷ୍ଟିରୁ ଦେଖିବାକୁ ଗଲେ ଦୁଇଟି ଯାକ ସଂପୂର୍ଣ୍ଣ ଭିନ୍ନ । ଭେଙ୍କଟେଶ୍ୱର କିମ୍ବଦନ୍ତୀରୁ ଏକଥା ସ୍ପଷ୍ଟ ଯେ ଏହାର ପୂଜା ଉପାସନା ଐଶ୍ୱର୍ଯ୍ୟ ଉପରେ ଆଧାରିତ । ଐଶ୍ୱର୍ଯ୍ୟବାନ୍ କେବଳ ଦେବ ଦର୍ଶନର ଅଧିକାରୀ । କିନ୍ତୁ ଜଗନ୍ନାଥଙ୍କ କେଳକୁ—ଭକ୍ତ ଯାଏ ଦିଅଁ ଦେଖିବାକୁ, ମନ ଖୋଲି ଗୁହାରି କରିବ—ମନ କାମନା ପୂର୍ଣ୍ଣ କରିବ ।

*ସ୍କନ୍ଦ ପୁରାଣ—ଉତ୍କଳ ଖଣ୍ଡ

ବିନିମୟରେ ସେ ଦେବାର କିଛି ନାହିଁ, ହୃଦୟ ଛଡ଼ା । ଅଥଚ ଭେଙ୍କଟେଶ୍ୱରଙ୍କୁ ଦର୍ଶନ କରିବାକୁ ଗଲେ କିଛି ଅର୍ଥ ଦେବାକୁ ହିଁ ପଡ଼ିବ । ନୋହିଲେ ଦେବତା କୁବେରଙ୍କ ଋଣ ପରିଶୋଧ କରିବେ କିପରି ? ଦେବତାଙ୍କୁ ଋଣୀ ରଖିବାକୁ କିଏ ବା ଚାହିଁବ ! ଅପର ପକ୍ଷେ, ଜଗନ୍ନାଥ ପ୍ରତିଷ୍ଠାର ମୂଳବୀଜ ହେଉ ତିତିକ୍ଷା । ତ୍ୟାଗରେ ତାହାର ଉତ୍ପତ୍ତି–ତ୍ୟାଗହିଁ ତାହାର ପରିଣତି । ଦେବତା ପ୍ରତିଷ୍ଠା କରି ସାରିଲା ପରେ ଇନ୍ଦ୍ରଦ୍ୟୁମ୍ନ ଠାକୁରଙ୍କୁ କି ବର ମାଗିଲେ ଦେଖିଲେତ ! ଏହାକୁ କଣ ଐଶ୍ୱର୍ଯ୍ୟ ବୋଲି କହି ପାରିବା ? ତାରି ଉପରେ ପ୍ରତିଷ୍ଠିତ ଜଗନ୍ନାଥ ଉପାସନା ।

ଦ୍ୱିତୀୟତଃ, ଜଗନ୍ନାଥ ଦର୍ଶନ କରିବାକୁ ଲୋକ ଯାଆନ୍ତି ଧର୍ମ ସକାଶେ–ମୋକ୍ଷ ସକାଶେ । କୁହା ଯାଇଛି ପରା– "ନବୈ ପ୍ରାର୍ଥ୍ୟଂ ରାଜ୍ୟ ନ ଚ କନକତାଂ ଭୋଗ ବିଭବଂ ନ ଯାଚେଽହଂ ରମ୍ୟାଂ ନିଖିଳ ଜନ କାମ୍ୟାଂ ବରବଧୂମ୍ ସଦାକାଳେ କାଳେ ପ୍ରଥମ ପତିନା ଗୀତ ଚରିତୋ । ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁମେ ।"

କିନ୍ତୁ ଭେଙ୍କଟେଶ୍ୱରଙ୍କୁ ଦେଖିବାକୁ ଯାଆନ୍ତି–ମନାସ କରି, ସହଣୀ ରଖି । ଅମୁକ ବାଧିକିରୁ ଉଦ୍ଧାର ହେଲେ, ଅମୁକ ବିପରି ମୋର କଟି ଗଲେ ବା ଅମୁକ ବିବାଦରେ ଜୟଲାଭ କଲେ ତିରୁପତି ଯିବି । ଏହି ମୋର ଶପଥ ରହିଲା । ଏଥି ପାଇଁ ହାତରେ କିମ୍ବା ଗୋଡ଼ରେ ଗୋଟିଏ ବଳା ବନ୍ଧାଯାଏ । ସେ ସୁନା, ରୂପା, ତମ୍ବା ଯାହା ହେଉ ପଛେ । ଏହିତ କାମନା । ଏହିତ ଅର୍ଥ ବା ପ୍ରୟୋଜନ । ଗୋଟିଏ ବାକ୍ୟରେ କହିଲେ, ଧର୍ମ–ଅର୍ଥ–କାମ–ମୋକ୍ଷ ଏ ଚାରି ବର୍ଗମଧ୍ୟରୁ ଜଗନ୍ନାଥ ଉପାସନା ଧର୍ମ ଓ ମୋକ୍ଷ ଉପରେ ପ୍ରତିଷ୍ଠିତ ହେଉଥିବେଳେ ଭେଙ୍କଟେଶ୍ୱର ଉପାସନା ଅର୍ଥ ଓ କାମ ଉପରେ ଆଧାରିତ ।

ତୃତୀୟତଃ, ଜଗନ୍ନାଥେ ସ୍ୱର୍ଗ ବା ବୈକୁଣ୍ଠବାସୀ କୌଣସି ଲୋକୋତ୍ତର ଦେବତା ନୁହନ୍ତି । କେହି ଜଣେ ଅନାମଧେୟ ବନବାସୀ ଶବର ଏହାଙ୍କ ପ୍ରଥମ ଉପାସକ । ସେ ଜାଣେ ତା' ଦେବତା ତା' ନିଜଠାରୁ ଭିନ୍ନ ନୁହେଁ । ସେ ଯାହା ଖାଏ ଅଧେ ଭାଗ ତା'ରି । କଞ୍ଚା ହେଉ-ସିଝା ହେଉ । ଦେବତା ତା' ଘରର ଲୋକ । ଅନ୍ୟାନ୍ୟଙ୍କ ପରି ସେ ବି ବାଧିକି ପଡ଼େ । ସମୟ ଆସିଲେ ଦିହ ଛାଡ଼େ । ଖରା ହେଲେ ଚନ୍ଦନ ପୋଖରୀରେ ସ୍ନାନ, ଶୀତ ହେଲେ ଉଣ୍ଣୀବସ୍ତ୍ର ପରିଧାନ, ବର୍ଷା ହେଲେ ଥଣ୍ଡା ଲାଗି ଆଣ୍ଠିଧରା ରୋଗ । ଏହି ତ ଜଗନ୍ନାଥଙ୍କ ସାମସ୍ତରିକ କର୍ମ । ଏ ସବୁ ମାନବ ଧର୍ମ ଛଡ଼ା ଆଉ କଣ ହୋଇପାରେ ? କିନ୍ତୁ ଭେଙ୍କଟାଚଳରେ ଏ ସବୁର କାରବାର ଦେଖିବାକୁ ମିଳେ ନାହିଁ । ସେଠାରେ କୌଣସିଟା ମାନବୀୟ ନୁହେଁ । ସବୁ ଦିବ୍ୟ–ସବୁ ଅତି ମାନବୀୟ ଦେବତାଙ୍କୁ ନୈୟମିକ ସେବକ ଛଡ଼ା ସ୍ପର୍ଶ କରିବାର ଅଧିକାର କାହାରି ନାହିଁ । ସେ ଈଶ୍ୱର–ପରମାତ୍ମା–ପରମେଶ୍ୱର । ସ୍ୱତନ୍ତ୍ର ଭାବରେ ତାଙ୍କର ସ୍ଥିତି । ମଣିଷ ତାଙ୍କରି ସେବକ– ସେ ସେବ୍ୟ, ମହାବିଷ୍ଣୁ । ଏ ପରିପ୍ରେକ୍ଷୀରେ ଜଗନ୍ନାଥ ଧାରଣା ଯେତିକି ମାନବୀୟ ଭେଙ୍କଟେଶ୍ୱର ଧାରଣା ସେତିକି ଅତି ମାନବୀୟ ।

ଚତୁର୍ଥତଃ, ଭକ୍ତି ଦୃଷ୍ଟିରୁ ଦେଖିଲେ ମଧ୍ୟ ଦୁଇଟି ମଧ୍ୟରେ ବୈସାଦୃଶ୍ୟ ପରିଲକ୍ଷିତ ହୁଏ । ଦାସିଆ-ବାଉରି, ବନ୍ଧୁମହାନ୍ତି, ରଘୁ ଅରକ୍ଷିତ ପ୍ରଭୃତିଙ୍କ କଥା ଶୁଣିଲେ ମନେ ହୁଏ ଜଗନ୍ନାଥେ ବିଭବ ଦ୍ୱାରା ଯେତିକି ବଶ ନୁହନ୍ତି ଭାବ ଦ୍ୱାରା ତାଠାରୁ ଅଧିକ ବଶ ହୁଅନ୍ତି । ଭାବର ଦେବତା ସେ–ବିଭବର ନୁହନ୍ତି । ଅନ୍ୟ ପକ୍ଷେ, ଭେଙ୍କଟେଶ୍ୱର ଭକ୍ତକୁ ଯେପରି ବିଭବଶାଳୀ କରନ୍ତି ସେପରି ସେଥିର ଅଂଶୀଦାର ହୁଅନ୍ତି । ଯାହାଠୁ ପାଇବ ତାକୁ ନ ଦେବ କିମିତି ? ବିଶେଷତଃ ଦେବତା ଋଣଗ୍ରସ୍ତ । ଏ ହେଉଛି ତିରୁପତିର ଭକ୍ତି ବୈଶିଷ୍ଟ୍ୟ । ଗୋଟିଏ ଭାବ ପ୍ରଧାନ ଅନ୍ୟଟି ବିଭବ ପ୍ରଧାନ ।

ପଞ୍ଚମତଃ, ଜଗନ୍ନାଥ ଉପାସନାର ମୂଳ ଲକ୍ଷ୍ୟ ଐହିକ ଜୀବନରେ ପାରତ୍ରିକ ସୁଖ ଲାଭ । ତାକୁ କହି' ପାରନ୍ତି ମୁକ୍ତି, ମୋକ୍ଷ, କୈବଲ୍ୟ ଯାହା କିଛି । ତା'ବି ଏ ଜନ୍ମରେ ସିନା–ଜନ୍ମାନ୍ତରରେ ନୁହେଁ । ପ୍ରସାଦ ସେବନରେ ମୁକ୍ତି । ପ୍ରସାଦର ନାମ 'କୈବଲ୍ୟ' ପ୍ରସାଦ ସେବାର ନାମ କୈବଲ୍ୟ ପ୍ରାପ୍ତି । ଏହି ଜନ୍ମରେ-ସେଇଠି, ଦେଉଳ ଭିତରେ । ଅର୍ଥାତ୍ ଇହଲୋକରେ ପାରତ୍ରିକ ସୁଖପ୍ରାପ୍ତି । ଏ ହେଉଛି ଜଗନ୍ନାଥ ଉପାସନାର ଗୂଢ଼ତତ୍ତ୍ୱ । କିନ୍ତୁ, ଭେଙ୍କଟେଶ୍ୱର ଉପାସନାର ତତ୍ତ୍ୱ ଏହାଠୁଁ ଅଲଗା । ସଂସାରରେ ମଣିଷ ସୁଖ ଭୋଗ କରେ କାହା ଯୋଗୁଁ ? ମହାଲକ୍ଷ୍ମୀଙ୍କ ଯୋଗୁଁ, ଧନ ସଂପତ୍ତି ଯୋଗୁଁ । ଯାହାର ତାହା ନାହିଁ ସେ ହୀନମାନ । ତା'ଜୀବନ ବ୍ୟର୍ଥ । ଲକ୍ଷ୍ମୀ ଅଭାବରୁ ପରା ମହାବିଷ୍ଣୁଙ୍କୁ କୁବେରଙ୍କ ଠାରୁ ଋଣ ଆଣିବାକୁ ପଡ଼ିଛି । ଅନ୍ୟର ବା କି କଥା ? ସେଇଥିପାଇଁ ଲକ୍ଷ୍ମୀଙ୍କୁ ବହୁ ପରିଶ୍ରମରେ ସୁଦୂର କୋହ୍ଲାପୁରରୁ ସେଠାକୁ ଆଣିବାକୁ ପଡ଼ିଛି କଠୋର ତପଶ୍ଚର୍ଯ୍ୟା କରି । ଅବଶ୍ୟ, ଏଠାରେ 'କୋହ୍ଲାପୁର' ଶବ୍ଦର କି ବ୍ୟଞ୍ଜନା ରହିଛି ବୁଝାପଡ଼େ ନାହିଁ । ବୋଧହୁଏ, ସେତେବେଳେ ତାହା ଲକ୍ଷ୍ମୀଙ୍କ ବିଳାସପୀଠ ଥିଲା । ସେ ଯା'ହେଉ, ଏଠାରେ ଏତିକି ଲକ୍ଷ୍ୟ କରିବାର କଥା –ତିରୁପତିରୁ ଐହିକ ସୁଖ ଲାଭ ହେଲେ ଶ୍ରୀକ୍ଷେତ୍ରରୁ କୈବଲ୍ୟ ପ୍ରାପ୍ତି ଘଟେ, ଯାହାର ଅନ୍ୟ ନାମ ପାରତ୍ରିକ ସୁଖ ।

ଏତଦ୍‌ବ୍ୟତୀତ ଉଭୟ ମଧ୍ୟରେ ଆଉ ଏକ ସ୍ୱାତନ୍ତ୍ର୍ୟ ପରିଦୃଷ୍ଟ ହୁଏ । ଯାହା ଉଲ୍ଲିଖିତ ଆଙ୍ଗିକ ଦିଗରୁ ଠାରୁ ପୂରାପୂରି ଅଲଗା । ତାହା ହେଉଛି, ଗୋଟିଏ ସାର୍ବଜନିକ ହେଉଥିବେଳେ ଅନ୍ୟଟି ଏକାନ୍ତିକ । ଜଗନ୍ନାଥ ଉପାସନା ସାର୍ବକାଳିକ–ସାର୍ବଜନିକ–ସାର୍ବଧାର୍ମିକ । ଏଠାରେ ଯାହାରା ପରମ୍ପରା ଆଶ୍ରୟ କରି ଅର୍ବାଚୀନ ପର୍ଯ୍ୟନ୍ତ ଛତିଶାନିଯୋଗରେ ଛପନ ପ୍ରକାର ଭୋଗ କରାହୁଏ । ସକାଳୁ ସନ୍ଧ୍ୟାପର୍ଯ୍ୟନ୍ତ ଭୋଗ, ଠାକୁରଙ୍କର

ବିଶ୍ରାମ ନାହିଁ କି ସେବକଙ୍କର ବିଶ୍ରାମ ନାହିଁ । କିମିତି ବା ହେବ ? ଇନ୍ଦ୍ରଦ୍ୟୁମ୍ନ ପରା ବର ମାଗି ନେଇଛି—


"ରାତ୍ର ଅର୍ଦ୍ଧମାନେ ତୋ କବାଟ ପଡ଼ିଥିବ ।
ରାତ୍ର ପାଞ୍ଚ ଘଡ଼ି ଥାଉଁ କବାଟ ଫିଟିବ ॥
ସବୁହୋଇ ତିନି ଘଡ଼ି ଶୟନ କରିବ ।
ଖାଇ ଭୁଞ୍ଜ୍ କଗନ୍ନାଥ ହାତ ନ ଶୁଖିବ ॥"

ଆଉ ବିଶ୍ରାମ କାହିଁ ? ଯାରି ନାଁ ହେଉଛି ସାର୍ବକାଳିକ ଉପାସନା । ଖାଲି ସେତିକି ନୁହେଁ, ଗରିବ-ଅମୀର, ବ୍ରାହ୍ମଣ-ଚଣ୍ଡାଳ, ରାଜା-ପରଜା, ମୂର୍ଖ ପଣ୍ଡିତ, ପାପୀ-ପୁଣ୍ୟାତ୍ମା ସମସ୍ତଙ୍କର ଦେବତା ଜଗନ୍ନାଥ । ସବୁଦିନେ ସବୁବେଳେ ଶୁଦ୍ଧପୂତ ହୋଇ ହେଉ ବା ଅଗାଧୁଆ ଅପାଧୁଆ ହେଉ—ଉପହାର ହସ୍ତରେ ହେଉ ବା ଶୂନ୍ୟ ହସ୍ତରେ ହେଉ—କୌଣସିଟା ପାଇଁ ବିଧି ନିଷେଧ ନାହିଁ । ସମସ୍ତଙ୍କ ଅଧିକାର ରହିଛି ଠାକୁରଙ୍କୁ କୋଳ କରିବେ—ପାପମୁକ୍ତ ହେବେ, ଯାରି ନାଁ ତ ସାର୍ବଜନିକ ସେବା । ଏହାଛଡ଼ା ଏହାର ସାର୍ବଧର୍ମିକତା ମଧ୍ୟ ଲକ୍ଷଣୀୟ । ସବୁ ଧର୍ମର ଦେବତା ଜଗନ୍ନାଥ । ସବୁଧର୍ମର ସମନ୍ୱୟ ଘଟିଛି ଏଇଠି । କି ବୌଦ୍ଧ, କି ଜୈନ, କି ଶାକ୍ତ, କି ଶୈବ, କି ବୈଷ୍ଣବ, କି ମହମ୍ମଦୀୟ ସମସ୍ତେ ସମସ୍ୱରରେ ଗୁହାରି କରନ୍ତି ତାଙ୍କୁ—ଅନ୍ତରର ଆବେଦନ ଜଣାନ୍ତି । କିଏ କଣ ପାଏ ବା ନପାଏ—ସେକଥା ସେ ଜାଣେ, ଦେବତା ଜାଣନ୍ତି । କିନ୍ତୁ ଆବେଦନ କରିବା ମିଛ ନୁହେଁ । ସେଥିପାଇଁ ଜଗନ୍ନାଥ ଉପାସନାରେ ଜୈନର କୈବଲ୍ୟ, ଦ୍ରାବିଡ଼ର କୋଇଲି ବୈକୁଣ୍ଠ, ବ୍ରାହ୍ମଣର ମନ୍ତ୍ରପାଠ ସହିତ ଶବରର ନିଷ୍କାମ ସମର୍ପଣ ଏକାଧାରରେ ପ୍ରଚଳିତ ହୋଇ ଆସୁଛି । କିନ୍ତୁ ଅନ୍ୟପକ୍ଷେ, ଭେଙ୍କଟେଶ୍ୱର ହେଉଛନ୍ତି ଐକାନ୍ତିକ ବା ଐକଧର୍ମିକ । ବ୍ରାହ୍ମଣ୍ୟ ଧର୍ମର ବିଷ୍ଣୁ ଭାବନା ଉପରେ ପ୍ରତିଷ୍ଠିତ ସେ । ବୈକୁଣ୍ଠାଧିପତି ମହାବିଷ୍ଣୁ, ଅନ୍ୟନାମ ଶ୍ରୀନିବାସ ଏଠାରେ ତିରୁପତି ବାଲାଜି ବା ଭେଙ୍କଟେଶ୍ୱର ନାମରେ ଉପାସିତ । ବ୍ରାହ୍ମଣ୍ୟ ଧର୍ମର ଦେବତା ଛଡ଼ା ଏହାଙ୍କୁ ତ ଅନ୍ୟ କୌଣସି ଧର୍ମର ଉପାସକ ପୂଜା କରିବା ଦେଖାଯାଏ ନାହିଁ । ଏହାଙ୍କ ପୂଜା-ସେବା ପୂରାପୂରି ଶାସ୍ତ୍ରୀୟ ପଦ୍ଧତିରେ ପ୍ରଚଳିତ । ମନ୍ତ୍ର ଉଚ୍ଚାରଣ ବିନା ଏହାଙ୍କ ପୂଜା ଅଚଳ । ଯାହା ଜଗନ୍ନାଥଙ୍କ ସେବାରେ ଆଦୌ ମୌଳିକ ନୁହେଁ । ଅବଶ୍ୟ ମଧ୍ୟଯୁଗୀୟ ଧର୍ମ-ବିପ୍ଳବର ପ୍ରଭାବ ଏଠାରେ କେତେକାଂଶରେ ଦୃଷ୍ଟି-ଗୋଚର ହେଲେ ସୁଦ୍ଧା ତାହା ପ୍ରକ୍ଷିପ୍ତଭାବେ ସେ ଉପାସନାରେ ପରିଦୃଷ୍ଟ । ଏ ଦୃଷ୍ଟିରେ ଭେଙ୍କଟେଶ୍ୱର ଓ ଜଗନ୍ନାଥ ଉଭୟଙ୍କ ଉପାସନା ରହସ୍ୟ ପୂରାପୂରି ପୃଥକ—ଏକାବେଳକେ ଅଲଗା । ଏ ଅବସ୍ଥାରେ କେତେକ ବୁଦ୍ଧିଜୀବୀ ମତବ୍ୟକ୍ତ କରନ୍ତି, ତିରୁପତି ଢାଞ୍ଚାରେ ଜଗନ୍ନାଥ ଉପାସନା ପରିଚାଳିତ ହେଲେ ପ୍ରଭୂତ ଅର୍ଥଲାଭ ହୁଅନ୍ତା ଓ ଦେବତାଙ୍କ ଭଣ୍ଡାର ବୃଦ୍ଧି ଘଟ କରନ୍ତା । ଫଳରେ ସେବା ବିଧି ଶୃଙ୍ଖଳିତ ହୁଅନ୍ତା । ହୋଇପାରେ—ଆର୍ଥିକ ଦୃଷ୍ଟିକୋଣରୁ ଏହାର ଉପାଦେୟତା ନଗଣ୍ୟ ନୁହେଁ । କିନ୍ତୁ ହୃଦୟଙ୍ଗମ କରିବା ଉଚିତ, ଜଗନ୍ନାଥ ସେବା ପଦ୍ଧତି ତିରୁପତି ସେବା ବିଧିର ସଂପୂର୍ଣ୍ଣ ଭିନ୍ନମୁଖୀ ହେବା ଯୋଗୁଁ ପ୍ରଥମେ ଦେଖିବାକୁ ପଡ଼ିବ, ତିରୁପତି ଅନୁସରଣରେ ପରିବର୍ତ୍ତନ ଅଣାଗଲେ ଜଗନ୍ନାଥ ପ୍ରତିଷ୍ଠାର ମୂଳ ଲକ୍ଷ୍ୟ ବ୍ୟାହତ ହେବ କି ନା !

ପ୍ରିନ୍ସିପାଲ୍
ବ୍ରହ୍ମପୁର ସିଟି କଲେଜ
ବ୍ରହ୍ମପୁର, ଗଞ୍ଜାମ ।







# ଠାକୁର ଭଲେ ବିଗ୍ରହଜୋ ଜି ॥

ଶ୍ରୀ ଚନ୍ଦ୍ରଶେଖର ରଥ

ଘୋଷ ଯାତ୍ରାର ଶ୍ରମ ସ୍ୱୀକାର ପରେ ପ୍ରଭୁ ଆସି ସ୍ୱେଚ୍ଛାରେ ରତ୍ନସିଂହାସନ ମଣ୍ଡନ କଲେ । ବିଶ୍ୱ-ବ୍ରହ୍ମାଣ୍ଡର ଅନାଦି ସନାତନ କେନ୍ଦ୍ର ସ୍ଥିର ହେଲ । ଆକାଶାଦି ମହାଭୂତମାନେ ସୁପ୍ରଣିହିତ ହେଲେ । କକ୍ଷାରୂଢ଼ ହେଲେ ଗ୍ରହପିଣ୍ଡ ଏବଂ ନକ୍ଷତ୍ରମାନେ ।

ଏମିତି ଆଷାଢ଼ର ନୂଆ ମେଘପଟଳ ନୀଳାଦ୍ରିରେ ଘନୀଭୂତ ହୁଅନ୍ତି । ଝରିପଡ଼େ କରୁଣାର ଅବିଶ୍ରାନ୍ତ ଧାରା । ପୃଥିବୀ ମଧୁମତୀ ହେଉ; ସର୍ବଦା [illegible] ହୁଅନ୍ତୁ । ପବନ ପରାଗ-ବାହୀ, ମଧୁ[illegible] ଧାରାସ୍ରୋତା. ନଦନଦୀମାନେ [illegible] ପର୍ବତମାନେ [illegible] ହୁଅନ୍ତୁ । [illegible] ହୁଅନ୍ତୁ । [illegible] ମାନବମାନେ [illegible] ହୁଅନ୍ତୁ । [illegible] ହେଉ । [illegible]

ରତ୍ନସିଂହାସନରେ ବିଜେ ହେବା ଏ ବିପୁଳ ବସ୍ତୁସଂଘର ପରମ ସାର୍ଥକତା । ସୂର୍ଯ୍ୟରେ ତେଜ ପରି, ଅଗ୍ନିରେ ତାପ ପରି, ବିଦ୍ୟୁତ୍‌ରେ ଝଟକ ପରି ତାହା ଏ ଜୀବନର ଚରମ ଐଶ୍ୱର୍ଯ୍ୟ, ଆମର ପରମ ସୌଭାଗ୍ୟ । ସେ କେବଳ ଉଭାସିତ ହେଲେ ହିଁ ସେହି ଅନୁସାରେ ଏ ସମସ୍ତ ପ୍ରତିଭାତ ହୁଅନ୍ତି ।

ଜୀବ ଯାତନାର ଅନ୍ତ ନାହିଁ ଭଗତେ; ଦୁଃଖର ଅନ୍ତ ନାହିଁ । ଜଗତ୍ ପ୍ରବାହରେ ଯାହାଥିଲା, ତତ୍ତ୍ୱତଃ ତାହା ଅଛି ଏବଂ ରହିବ । ଯେ ସାକ୍ଷୀପୁରୁଷ ଭିତରେ ତାହାରେ ଅନବରତ ଦ୍ରଷ୍ଟା ରୂପେ ଚାହିଁ ରହିଛି ସେ ସବୁ ଦେଖେ, ସବୁ ଜାଣେ; ଅଥଚ୍ ତାକୁ କେହି ଦେଖି ପାରନ୍ତି ନାହିଁ, କିମ୍ବା ଜାଣି ପାରନ୍ତି ନାହିଁ । ଏଇମାତ୍ର ଲେକାପ୍ସରରେ ତାଙ୍କର ପହୁଡ଼ ଭାଙ୍ଗି ମଙ୍ଗଳ ଆଳତି ଅର୍ପିତ ହେଇଛି । ଆର୍ପତ୍ତି, ଅଭିଯୋଗ, ଆର୍ତ୍ତି ବିଳାପର ଏ ବେଳା ନୁହେଁ । ତୀର୍ଥ ଜଳରେ ପ୍ରଭୁଙ୍କ ଶ୍ରୀମୁଖ ପଖାଳା ସରିଯାଉ । ଅବକାଶ ବିଧି ବଢ଼ିଯାଉ । କାଞ୍ଚିପୁରୀ ଯୋଡ଼ ପ୍ରଭୁ ଅଙ୍ଗଲାଗି ହୁଅନ୍ତୁ । ଚନ୍ଦନ ଲାଗିର ସେବା ସରନ୍ତୁ । ଧଣ୍ଡାଲାଗି ହୁଅନ୍ତୁ; ତୁଳସୀ ଭୂଷଣ ହୁଅନ୍ତୁ । ଅଳଙ୍କାର ମଣ୍ଡି ହୁଅନ୍ତୁ । ଧୂପ ଦୀପ ଆଗ୍ରହ ଅର୍ପଣ ପରେ ଶାଉଣୀଆ ବାଳ ଭୋଗ ଲାଗିଯାଉ ! ବିଡ଼ିଆ ଲାଗି ହୋଇ ଦରହସିତ ମୁହଁରେ ଶ୍ୱେତପଦ୍ମ ଦ୍ୱାରା ଟେକି ଚାହିଁଲା ବେଳେ 'ହରି, ହରି' ବୋଲ ଭଗତେ ! ଅନ୍ତର୍ଯ୍ୟାମୀ ପୁରୁଷ ପାଖରେ ଦୁଃଖ ବଖାଣିବାର ବାହୁଲ୍ୟ କର ନାହିଁ । ଅପ୍ରାଧ କର ନାହିଁ । ପ୍ରଭୁ, ତାଙ୍କ ନିଜ ପ୍ରଭୁପଣରେ ବିରାଜିତ ହେବା ହିଁ ଯଥେଷ୍ଟ । ନିଜ ମହିମାରେ ନିର୍ନିମେଷ ଚାହିଁବା ହିଁ ଯଥେଷ୍ଟ । ରତ୍ନସିଂହାସନରେ ଏମନ୍ତ ଠାକୁର ଶ୍ରୀମନ୍ତ ହୋଇ ଉଭାଗି ରହିବା ହିଁ ଆମର ମହାଭାଗ୍ୟ । ଆତ୍ମାପରି ସୁକୁମାର ସୁନ୍ଦର, ନିର୍ଲିପ୍ତ, ସଦାତୁଷ୍ଟ ହୋଇ ଥାଅ ଠାକୁରେ; ଅଗଣିତ ଭକ୍ତଙ୍କ ନୟନାଭିରାମ ହୋଇ ରହିଥାଅ । ସେମାନେ ଅରୂପର ରୂପ ଦର୍ଶନ କରି ଚର୍ମଚକ୍ଷୁ ପଖାଳୁଥାନ୍ତୁ । ଭଲରେ ଥାଅ ଠାକୁରେ । ଆମେ ବରଂ କିଛି ସୁଖ, କିଛି ଦୁଃଖର ଛାଇକୁ ନେଇ ଘାଣ୍ଟି ହେଉଥାଉ, ଜଞ୍ଜାଳ-ଜର୍ଜର ହେଉଥାଉ । ତୁମେ ଭଲରେ ଥିଲେ ହେଲା । ଠାକୁର ଭଲେ ବିରାଜୋ ଜି !

* * *

ଜାତି ଜାତି ଫୁଲର ଧଣ୍ଡାମାଳ ବାହୁରେ ଲାଗି କରାଇ କୃତକୃତ୍ୟ ହୋଇ ଆଡ଼ ହୋଇଯାଅ ଭଗତେ ! କେରି କେରି ଦୟଣା, ସୋରି ସୋରି ତୁଳସୀ, ଥୋଳ ଚମ୍ପା ସାଙ୍ଗକୁ ଯୁଇ ଜାଇର ବୋହରାମାଳ ମଣ୍ଡିଦିଅ । ବଉଳ ମାଳର ମୃଦୁଗନ୍ଧ ଅପୂର୍ବ । ବେଳ ଜାଣି ମଣ୍ଡନ କର । କିଆ, କେତକୀର ପାଖୁଡ଼ା ଶ୍ରୀମୁଖକୁ ବେଢ଼ି ସୂର୍ଯ୍ୟରଶ୍ମି ପରି ଶୋଭା ପାଉ । ରୂପା ଗୋଟାକି ପରି ମଲ୍ଲୀକଢ଼ର ଅକସ୍ମାତ ସେ ବିପୁଳ ଘନନୀଳ ବିସ୍ତାରରେ ଝୁଲାଇ ଦିଅ । ମହା-ସଙ୍କଟରେ ମଜ୍ଜମାନ ଗଜରାଜ ଟେକି ଦେଇଥିବା ଗୋଟିଏ ମାତ୍ର ପଦ୍ମଫୁଲ କୋଟିଏ ପ୍ରକାଶରେ ପ୍ରଭୁଙ୍କ ଶୋଭା ବର୍ଦ୍ଧନ କରୁ । ଧାଡ଼ି ଧାଡ଼ି ସପ୍ତମୁଖୀ ସୁବର୍ଣ ଦୀପରେ କର୍ପୂର ଆଳତି ପ୍ରଜ୍ୱଳିତ କର ! କସ୍ତୁରୀ ଚନ୍ଦନ ମୃଗମଦର ଚିତା ଲାଗି କରାଅ । ମହାକାଶରେ ଲକ୍ଷକୋଟି ସୂର୍ଯ୍ୟ ଯାହାର ଦୀପ, ବ୍ରହ୍ମା ଶଙ୍କର ଯାହାର ସ୍ତବ ପାଠ କରନ୍ତି, ଇନ୍ଦ୍ର ବରୁଣ ଯାହାର ବଟସର; ଅଣିମା ଲଘିମାଦି ଅଷ୍ଟୈଶ୍ୱର୍ଯ୍ୟର ଅଧିକାରୀଙ୍କୁ କିଏ ଆରାଧନା କରି ପାରିବ, ସେବକେ ? – ପ୍ରଣିପାତ ହୁଅ ! 'ନିରାଜନା ସ୍ୱୀକାର ହେଉ ପ୍ରଭୁ !' ବୋଲି ପ୍ରାର୍ଥନା କର !

ତିନି ଧୂପ ପାଞ୍ଚ ଅବକାଶ ବେଳେ କେହି ସେବକେ ହେଳା ନ କରନ୍ତୁ । ଶ୍ରୀକ୍ଷେତ୍ରରେ ସେବା ଅଙ୍ଗୀକାର କରିଛନ୍ତି ବୋଲି ଶବରୀ-ବଦରି ଭ୍ରମରେ ଅପକ୍ୱ ନୈବେଦ୍ୟ ଅର୍ପିତ ନ ହେଉ । ସେଭଳି ବଦରି ପାଇଁ ଏବେ ମଧ୍ୟ ଏ କମ୍ବୁକଟକ ରାଜାଙ୍କ ଅଭିଳାଷ ରହିଛି ସତ, କିନ୍ତୁ ସେଭଳି ଶବରୀଟିଏ କାହିଁ ? ବଦରୀ ସର୍ବସ୍ୱ ସକାଶେ ବଦରି ହିଁ ଏକମାତ୍ର ସେବା ମାଧ୍ୟମ । ଶ୍ରଦ୍ଧା ଭକ୍ତି ସମନ୍ୱିତ ହେଲେ, ବଦରି ଫଳଟିଏ ସୁଦ୍ଧା ବୈକୁଣ୍ଠ ବିଧାନରେ ଅମୃତ ମଣୋହି ତୁଲ୍ୟ ଦେବଭୋଗ୍ୟ । ଗଣ୍ଡିଏ ଦିବ୍ୟଅନ୍ନ ସେବା ଲାଗି କରାଅ, ଭଗତେ ! କୃଷ୍ଣଭୋଗ, ଗୋପାଳଭୋଗ, ପଦ୍ମକେଶରୀ, ମଣିଆଫୁଲ ଏ ଭୂମିରେ ଏବେ ସୁଦ୍ଧା ଫଳୁଛି । ରତ୍ନଥାଳିଆ ଅନ୍ନ ଯୋଗାଡ଼ିବାରେ କାର୍ପଣ୍ୟ କର ନାହିଁ । ପାରୁଛ ଯଦି, ପାଟଣାରୁ ବାଦଶା ଭୋଗ ଚାଉଳ ବୁହାଇ ଆଣ । କାଶ୍ମୀରରୁ ମଗାଅ ପେସ୍ତା, ବାଦାମ, ଦ୍ରାକ୍ଷା, କାବୁଲ୍‌ରୁ କଦଳୀ, କେରଳରୁ ନାରିକେଳ, ପଞ୍ଜାବରୁ ଚୁଟଚଣା ! କୋରାପୁଟ କାଯୁଲ, ସୋନପୁର ମୁଗ, ବରଗଡ଼ ବିରି ଏ ଭୂଖଣ୍ଡରେ ଏବେ ମଧ୍ୟ ଅତୁଳନୀୟ । ନାଡ଼ି ବଡ଼ି ଖିରି, ଖେଚେଡ଼ି, ଅମାଲୁ କାକରାଦି ସୁପକ୍ୱ କରି ପ୍ରସ୍ତୁତ କର, ମହା-ସୁଆରେ, ଲକ୍ଷ୍ମୀଙ୍କ ରାନ୍ଧଣା ବୋଲି ଚିହ୍ନା ପଡୁଥାଉ ତା'ର ରସ, ବର୍ଣ୍ଣ ଏବଂ ସୁଗନ୍ଧରେ । ବିପୁଳ ସମ୍ଭାରରେ, ଯାଚି ଭୁଞ୍ଜେଇଲା ଭଳି ଅତୁଳିତ ଆଦରରେ ଯଶୋଦା ଦୃଷ୍ଟିରେ ଅନ୍ନ ଠାଆ ଲାଗି କରାଅ ! ସ୍ନେହସାର-ଘଟିତ ଅନ୍ନ ପାଇଁ ଖଡ଼ିଆଳରୁ ଖରମରା ଗୁଆଘିଅ ଅଣାଅ ! ଗୁଙ୍ଗଡ଼ା ଦହି ମଗାଅ ମାଣିକପାଟଣାରୁ, କାଶୀପୁରରୁ । ମହେନ୍ଦ୍ରରୁ ମହୁ, ଗୋପରୁ ଦୁଧସର ଆସୁ । ନେପାଳ-କେଶର, କାଶୀ ମିଶ୍ରି, ବ୍ରହ୍ମପୁରୀ ସାଟି ନବାତ ଲାଗି କରାଅ । ମାଥୁରୀ ଲଡ଼୍ଡୁ, ବୃନ୍ଦାବନୀ ଖୁଆ, ଶ୍ରଦ୍ଧାରେ ବାଢ଼ି ଦିଅ । ଶ୍ରୀଛାମୁରେ ଖୋଲି ଧର ସିନ୍ଦୁରୀ ପଣସ, ମଧୁ ଏବଂ ଦୁଧସର-ଘଟିତ ଆମ୍ବ ଦୋରୁଅର ଅମୃତଭାଣ୍ଡ ! ମଣୋହି ବେଳେ ଆଲଟ ଚାମର ସେବା କର । ଜାତିଫଳ ଚନ୍ଦନ ପାଣିରେ ଆଚମନ କରାଇ ତାମ୍ବୁଳ

*ବିଗତ ଛ'ବର୍ଷର ଉତ୍କଳ ପ୍ରସଙ୍ଗ ରଥ ବିଶେଷାଙ୍କରେ ପ୍ରକାଶିତ ଛ'ଟି ଲେଖାର ଅନୁକ୍ରମରେ ଏହା ସପ୍ତମ ଓ ପରିଶିଷ୍ଟ ଭାଗ ।

ସେବା କରାଅ । କରଯୋଡ଼ ହୋଇ ଜଣାଅ, "ତୁମରି ପ୍ରସାଦ ତୁମକୁ ଅର୍ପଣ କରି ଅପ୍ରାଧ ହେଲା ପ୍ରଭୋ: ତୁମକୁ ଭୁଞ୍ଜାଇବାର ଲୌକିକତା ପାଇଁ ଚିର ଅପରାଧୀ କ୍ଷମା ମାଗୁଛି ଠାକୁରେ । ତୁମେ ହିଁ ତ' ଏହା ଚରାଚର ଗ୍ରହଣାତ୍ । ପାଟି ମେଲା କଲେ ଗର୍ଭରେ ଚତୁର୍ଦଶ ବ୍ରହ୍ମାଣ୍ଡ ଲହଡ଼ି ମାରୁଥିବା ସାକ୍ଷ୍ୟ ପ୍ରମାଣ ମିଳିଛି । ତୁମ ଦାନ୍ତ ସନ୍ଧିରେ ଦିଗ୍‌ବିଜୟୀ ବୀର ପୁଙ୍ଗବମାନେ ଲାଗି ରହିଥିବା ବର୍ଣ୍ଣନା ପ୍ରତ୍ୟକ୍ଷ ଦ୍ରଷ୍ଟା ପ୍ରସଂ କରିଛନ୍ତି । ଉର୍ଣ୍ଣନାଭ ପରି ନିଜ ସୃଷ୍ଟିକୁ ନିଜେ ଗର୍ଭସାତ୍ କରିଯାଅ ବୋଲି ଶାସ୍ତ୍ରେ କହୁଛନ୍ତି । ହେ, ଭକ୍ତ ଚିନ୍ତାମଣି ! ତଥାପି ବିଦୁର, ସୁଦାମାଙ୍କ ଅନ୍ନଗ୍ରହଣ କରି ସେମାନଙ୍କୁ କୃତାର୍ଥ କରିଛ ତ' ! ଶବରୀ-ବଦରିର ସମତୁଲ ହୋଇ ପାରିବ ନାହିଁ ଏ ଛପନ ପଉଟି ଭୋଗ ! ସର୍ବସ୍ୱ ଦେଇ ଦେବାର ଅଧିକାର କିମ୍ବା ସାମର୍ଥ୍ୟ ନାହିଁ ଏ ଅଧମର । କହିବାକୁ ବଳ ନାହିଁ, 'ସମର୍ପି ଦେଲି, ପାଇଲି ସର୍ବ' ! ତଥାପି ନୀଳାଚଳ ଧାମରେ ନୈବେଦ୍ୟ ଅଙ୍ଗୀକାର ହେଉଥାଉ ! ଧନ୍ୟ, ହେଉଥାନ୍ତୁ ସେବକ କୁଳ ଦେବାଧି-ଦେବଙ୍କୁ ଅନ୍ନ ଅର୍ପଣ କରି । ସ୍ୱୀକାର ହେଉଥାଉ ଲକ୍ଷ୍ମୀଙ୍କ ରାନ୍ଧଣା !

ଅବତାରମାନେ ବହୁଧା ବିଜୟତେ । ସେ ଅଜନ୍ମା ସେ ସହସ୍ରେ ରୂପରେ ପ୍ରକଟିତ ହୁଏ; ଭକ୍ତର ମନ ଜାଣି ବିଭାସିତ ହୁଏ । ନିର୍ଗୁଣ, ଅପରିମେୟ ବ୍ରହ୍ମ ସନାତନ କିଛି କିଛି ଗୁଣାଧାର ନେଇ, କିଛି କିଛି ଅଭିପ୍ରାୟକୁ ସ୍ୱୀକାର କରି ନୀଳାଚଳ ଧାମରେ ବିଜେ ହୋଇଛନ୍ତି । ଯେ ଯେମିତି ଗ୍ରହିଲା ତାଙ୍କୁ ରୂପ ପ୍ରଦାନ କଲେ ସେ ତାହା ସ୍ୱୀକାର କରନ୍ତି । ମୟୂର ଚନ୍ଦ୍ରିକା ମଣ୍ଡି ହୋଇ ବାଙ୍କଚୂଳ ବେଶରେ ଠିଆ ହୋଇଗଲେ, ସର୍ବ ଦେହରେ କଦମ୍ବ ଫୁଟିଯାଏ, ହୃଦୟରେ ବୋହି-ଯାଏ ଯମୁନା ! ଆଶ୍ଚର୍ଯ୍ୟ ମୁହୂର୍ତ୍ତରେ ଅଜ୍ଞାତ ବନମାଳର ସୁଗନ୍ଧରେ ସୁରଭିତ ହୋଇଯାଏ ପୃଥିବୀ । ବଂଶୀ ସ୍ୱନରେ ନିନାଦିତ ହୁଏ ତାରା-ନକ୍ଷତ୍ରର ଆକାଶ । ଚନ୍ଦନ ଚର୍ଚ୍ଚିତ ନୀଳ କଳେବର ପୀତବସନ ବନମାଳୀ ବୈଷ୍ଣବ ଭକ୍ତମାନଙ୍କୁ କୃତାର୍ଥ କରି ଭରା ହୋଇଯାନ୍ତି ! ପାଦରେ ନୂପୁର ବାନ୍ଧି ଦିଅ, ଭଗବେ ! ବସନ୍ତୀ ପାଟ ଲୋଟି ପଡ଼ୁ ପଦ୍ମପାଦ ଉପରକୁ । ମାଳତୀର ବିପୁଳ ମାଳ ଶ୍ରୀଭୁଜ ଏବଂ ବକ୍ଷ ଦେଶ ମଣ୍ଡନ କରୁ !— ଚନ୍ଦନ ଚିତା, ହୋ, କେଡ଼େ ଶୋଭିତା, ହୋ !— ସୁସଜ୍ଜ ଦୀର୍ଘ ଚିତା କିଏ ସେ ଭାଲ ପଟରେ ଅଙ୍କନ କରିବ, ଭଗବେ, କିଏ ବାନ୍ଧିବ ବାଙ୍କଚୂଳ, ଗୁଞ୍ଜମାଳ ?— କିଏ ବାନ୍ଧିବ କଟି ତଟରେ ପୀତବାସ । ଗୋପୀନୀ ଦୃଷ୍ଟିରେ ବିନା ଏ ଅପରୂପ ବିନ୍ୟାସ ଦିଶିବ । ସେପରି ଅଧିକାର ଥିଲେ ବିନା ଅଙ୍ଗ ମଣ୍ଡନ କରିବାର ଭଦ୍ରପଦ ମିଳିବ !

ପଦ୍ମବେଶରେ ଠାକୁରେ ସଜ୍ଜ ଉଦ୍ଧାରଣ କରିବେ । କମଳବାସିନୀ କମଳାଙ୍କର କୃପାଭିକ୍ଷା ନ କଲେ ଭକ୍ତସେବାର ପଦ୍ମକେ ରତ୍ନସିଂହାସନ ମଣ୍ଡଣି ହୋଇ ପାରିବ ନାହିଁ । ପାଦ ଠାରୁ ଶୀର୍ଷ ଯାଏଁ ବିକଚ-ରାଜିବର ଶୋଭାଡ଼ମ୍ବର । ଗମ୍ଭୀରା ଭିତରେ ପଦ୍ମଗନ୍ଧ ଆମୋଦିତ ମଧୁଲୋଭୀ ଭ୍ରମରମାନଙ୍କର ଗୁଞ୍ଜନ । ସତର୍କ ଥାଅ, ଭଗବେ, ପଦ୍ମବ୍ୟୂହ ଭିତରେ ପଦ୍ମମୁଖ ଲୁଚି ନ ଯାଉ । ଶ୍ୱେତ ପଦ୍ମଢ଼ୋଳା ଦିଶୁଥାଉ ଦାଉ ଦାଉ ଗଲୁଡ଼ ପୁଷ୍ପ ପର୍ଯ୍ୟନ୍ତ । ହାତରେ ଶୋଭା ପାଉ ଥାଉ ସୁଦର୍ଶନ । ଆର୍ତ୍ତତ୍ରାଣ ରୂପରେ ପ୍ରଭୁ ଗଜରାଜର ଦୁଃଖ ମୋଚନ କରନ୍ତୁ । ଚକ୍ରଦାଢ଼ରେ ଗ୍ରାହ ନିପାତ ହେଉ । ବିଶ୍ୱାସ ପ୍ରତିଷ୍ଠିତ ହେଉ ଯେ ପଲକ-ପାତ ମାତ୍ରକେ 'ଛିଡ଼ିଗଲା ମଥା, ରହିଗଲା କଥା, ଡାକିଲା ମାତ୍ରକେ କରି ତ' !'

ଝୁଲଣ, ଚନ୍ଦନରେ ପ୍ରଭୁ ଯଥା ବିଧି ବିଜେ ହୁଅନ୍ତୁ । ଆୟୋଜନରେ ତ୍ରୁଟି କର ନାହିଁ ଭକ୍ତେ, କାର୍ପଣ୍ୟ କର ନାହିଁ । ତା' ପାଖରେ ନିଜ ସାମର୍ଥ୍ୟରେ ପହଞ୍ଚିପିବ ଏମନ୍ତ ଭକ୍ତ କିଏ ଅଛି ? ସେ କେବଳ ଅପେକ୍ଷା କରି ଥାଏ ଭଗତକୁ—ସେ ତା'ର ସର୍ବସ୍ୱ ନିଃଶେଷ କରି ଅଜାଡ଼ି ଦେଲା ନା ନାହିଁ । ତେଣିକି ସେ ଦୁର୍ଲଙ୍ଘ୍ୟ ବ୍ୟବଧାନ ନିଜେ ଲଂଘି ଆସି ସେ ତାକୁ ଟେକି ନିଏ । ସର୍ବସ୍ୱ ନ ଦେବା ଯାଏଁ ସେ ସେପରି ଦୁରନ୍ତ ଏବଂ ନିଷ୍କରୁଣ ଦିଶୁଥାଏ । ଝୁଲଣବାଡ଼ ସଜାଅ ଭଗତେ ପ୍ରଭୁ ବିଜେ ହେବେ । ମାଣିକ୍ୟରେ ଖମ୍ବ, ବୈଦୁର୍ଯ୍ୟରେ ଝୁଲ ପ୍ରସ୍ତୁତ କର । ପାଟ ଡୋରରେ ତରୁମାନଙ୍କରେ ଗୁନ୍ଥି ଦିଅ ଗଜ ମୁକ୍ତା । କାଞ୍ଚନ ମଣ୍ଡିତା ହୁଅନ୍ତୁ ନନ୍ଦ ରାଣୀ । ଯଶୋଦା ରୋହିଣୀ କୋଳରେ ରାମ ହରି ଶୋଭା ପାଇ ଅପୂର୍ବ ବାତ୍ସଲ୍ୟରସରେ ଟଳମଳ ହେଉ ପୃଥିବୀ । କରୀନ୍ଦ୍ର ଦନ୍ତ ପଲଙ୍କ ଟେକି, ପ୍ରଭୁ ନରେନ୍ଦ୍ର ଗୃପେ ଗମନ । ମଦନ ମୋହନ ଗୃପକୁ ଯିବେ । ପ୍ରଚଣ୍ଡ ରୌଦ୍ର ତାପର ଉପଶମ ପାଇଁ ଉଶୀର ଚନ୍ଦନ କର୍ପୂର ଜାତିଫଳ ଜଳରେ ଛେରା ପହରା କର ବଡ଼ଦାଣ୍ଡ, ରାଧା ମାଧବଙ୍କ ଗୋଲକମର ଗଳିରେ ପଲଙ୍କ ପାଲିଙ୍କି ବୋହଲିଲ ବେଳେ ଜାତି ଜାତି ସୁବାସିତ ଫୁଲ ବର୍ଷା କର । ବିଜେ ହେଉ ଆଦ୍ୟନ୍ତ ସୁବାସିତ ପଥ ଯାଏ ଛାମୁଣ୍ଡିଆ ଟେକି ଛାୟା ଶୀତଳ ରଖ । ନରେନ୍ଦ୍ର ଗୃପରେ ଗୁହ୍ମା ମୁକ୍ତା ଝୁମା ଝୁଲଅ । ଫୁଲରେ ବାଡ଼, ଫୁଲରେ ମଣ୍ଡପ, ଫୁଲରେ ଦିଗ ଦିଗନ୍ତ ଭରିଯାଉ । ଶ୍ରୀହାମୁରେ କବିସୂର୍ଯ୍ୟ, ଗୋପାଳକୃଷ୍ଣ ବନମାଳୀଙ୍କ ଭଣତିରେ ନୃତ୍ୟ ଗୀତ ନିବେଦନ ହେଉ । ସ୍ୱତନ୍ତ୍ର ବେଳାରେ ବୋଲା ହେଉ ଗୀତ ଗୋବିନ୍ଦ । ପଖାଉଜ, ଗିନି, ମୃଦଙ୍ଗ, ଝୁମୁକା, ମୃଦୁ ମଧୁର ତାନ ମାନ ଲୟ ରକ୍ଷା କରନ୍ତୁ । ଚନ୍ଦନ ପୋଖରୀ ଚନ୍ଦନାୟିତ ହେଉ । ଗ୍ରୀଷ୍ମ ନିଶା ସୁଗନ୍ଧ ଶୀତଳ ହେଉ । ଠାକୁରଙ୍କୁ ସେବା କରି ସ୍ୱୟଂ ସେବିତ ହୁଅ, ଭଗବେ । ମହା ଭୌତିକ ପିଣ୍ଡ ତାପମୁକ୍ତ ହେଉ ।

ଏହିପରି ବାରମାସେ ତେର ଯାତ୍ରା ଅନୁଷ୍ଠିତ ହେଉଥାଉ । ପହୁଡ଼ ଭାଙ୍ଗିବା ଠାରୁ ପହୁଡ଼ ପଡ଼ିବା ପର୍ଯ୍ୟନ୍ତ ନୀତି ଖଟଣିରେ ତ୍ରୁଟି କାର୍ପଣ୍ୟ ପ୍ରକାଶ ନ ପାଉ । ସିଂହାସନରେ ଆଦ୍ୟ ପୁରୁଷ ସାକ୍ଷୀ ସ୍ୱରୂପ ବସିଛି ତାକୁ ଭଜିବା କ'ଣ ସହଜ ପଡ଼ିଛି କି ? ତାକୁ ସେବା

ଛୁଇଁବା କ'ଣ ସହଜ ପଡ଼ିଛି କି ? ଅଜ୍ଞାତରୁ ଉଦୟ ହୋଇ ଅଜ୍ଞାତରେ ଅସ୍ତ ହୋଇ ଯାଉଛି ଜୀବନ, ଭଗବତେ ସେଥିରେ ଏପରି ଠାକୁରଟିଙ୍କୁ ଶ୍ରୀମନ୍ଦିରର ବନ୍ଧାବାଡ଼ ଭିତରେ ପ୍ରାଣ ଠାକୁ ପ୍ରିୟସ୍ପର୍ଶ, ଅଂଗ ଲଗି ସେବା କରିବା କ'ଣ ସାଧାରଣ ସାର୍ଥକତା କି ? ଜନ୍ମ ନାହିଁ, କେତେ ଜୀବନରୁ ସଂଚିତ କେତେ ସାଧନାର ସିଦ୍ଧି ରୂପେ ଏ ମହାର୍ଘ ଅଧିକାର ମିଳିଛି, ଜଗତେ, ତାକୁ ହେୟ ମଣ ନାହିଁ । ପୃଥିବୀର କେଉଁ ଏକ ଅରଣ୍ୟରେ କେଉଁ ଏକ ଇତର ପ୍ରାଣୀଟିଏ ହୋଇ ଜନ୍ମିଥିଲେ ଏ ଦର୍ଶନ ସ୍ୱପ୍ନରେ କୁହା ଅପହଁଚ ହୋଇଥାନ୍ତା । ଅହୋ, ଭାଗ୍ୟ, ମହୋଦଧି-ସେବିତ, ଶଙ୍ଖ କ୍ଷେତ୍ରରେ ଛୁଇଁବା ମାତ୍ରେ ସିନ୍ଧୁ ନାଦରେ କର୍ଣ୍ଣ ପବିତ୍ର ହୋଇଛି । ପ୍ରଥମ ନିଶ୍ୱାସରେ ଛଡ଼ାମାନର ଗନ୍ଧ ରକ୍ତ ପ୍ରବାହକୁ ସୁରଭିତ କରିଛି । ପାଣିଟୋଳି ଗଢ଼ିବା ମାତ୍ରେ ଆକାଶ ଚକ୍ର ବିଭାଳ ସହିତ ଦିଶିଛି । ବଡ଼ ଦାଣ୍ଡରେ ପ୍ରଥମ ପାଦ ପାତ ଦେଇ ଯେ ଅପାର ବ୍ୟକ୍ତିଟି ହୁଏତ' କେହି ଭକ୍ତ ମହାପୁରୁଷ; କାହିଁ କେଉଁ ଦୂର ଦୂରାନ୍ତରୁ ଆସିଥିବା ତୃଷିତ ସାଧକ ଆତ୍ମା । ବଡ଼ଦାଣ୍ଡ ଦେଖି କେତେ ଲୋକ, କେତେ ମାତ୍ର ଦେଖୁ ଗଲି ପ୍ରାସ ! ....କୋଟି କୋଟି ଭକ୍ତଙ୍କର ନେତ୍ରଜ୍ୟୋତି ଏ ସିଂହଦ୍ୱାର । ଏ ବାଇଶି ପାବଚ ସଂଚରଣି ପ୍ରଭୁଙ୍କ ତୀର୍ଥ ଭୂମି । ଗରୁଡ଼ ପୃଷ୍ଠରେ ଠିଆ ହୋଇ ପ୍ରଥମ ଦର୍ଶନରେ 'ଧନ୍ୟ ହୋଇଲି ଆଜ; ଧନ୍ୟ ମୋ ତାତ, ଧନ୍ୟ ମୋ ମାତ, ଦେଖିଲି ଦେବରାଜ ! ଧନ୍ୟରେ ନେତ୍ର ହେଲୁ ପବିତ୍ର ଗ୍ରହି ଜଳଦ ତନୁ !' —ଆଉ କ'ଣ ଥାଏ ଭଗତେ, ଏତେ ଐଶ୍ୱର୍ଯ୍ୟ ଅଧିକାର ଏତେ ଆନନ୍ଦ ସୌଭାଗ୍ୟର ପ୍ରାପ୍ତି ପରେ ଆଉ କଣ ଥାଏ ମାଗିବାକୁ ?—ମାଗିବା କୃପଣର ଦୈନ୍ୟ, ଭଗତେ, ଅଯାଚିତ ପରିପୂର୍ଣ୍ଣ କରିଦେବା ଅହେତୁକୀ କୃପାର ଲକ୍ଷଣ । ଏତେ ଆର୍ତ୍ତିଟି ଛାର, ଏତେ କୋଳାହଳର କିବା ପ୍ରୟୋଜନ ଅନ୍ତର୍ଯ୍ୟାମୀ ପାଖରେ ?—କି, ଛାର କଥାରେ କେତେ ବଡ଼ ପ୍ରଭୁଙ୍କୁ ଏତେ ଗଣଣା ଦେବାରେ କିବା ପ୍ରୟୋଜନ !

ପ୍ରଭୁଙ୍କ ବଡ଼ ସିଂହାର ବେଶ ସରିଗଲାଣି ପରା । ବେଶକାରୀ ବେଶ କରିଦିଅ । ନୃତ୍ୟକାରୀ ନୃତ୍ୟକର ଶ୍ରୀଛାମୁରେ । ଠାକୁରାଣୀଙ୍କୁ ଭଣ୍ଡାରରୁ ଛଡ଼ାମାଳ ଆଣି ପହୁଡ଼ ପଲଙ୍କରେ ଲଗି କରାଅ, ଭଗତେ ସେକାଗୃହରେ ଚିର ଜାଗ୍ରତ ପୁରୁଷଙ୍କୁ ପହୁଡ଼ କରାଅ । ଘିଅଦୀପ ଜାଳିରଖ ! ଭଗମାଣ ପଲଙ୍କ ସାଜି ରଖ । ବିଡ଼ିଆ ପାନ ଭାଙ୍ଗି ରଖ । ନିଃଶବ୍ଦରେ ଦ୍ୱାର କବାଟ ଆଉଜାଇ ଆଣ । ଅହୋରାତ୍ର ସେବାରେ ଗୋଟିଏ ତିଥି ସାର୍ଥକ ହେଲା । ଆଡ଼ ହୋଇ ଯାଆନ୍ତୁ ମହାପାତ୍ରେ, ମେକାପେ, ଅଂଗଲଗି ସେବକେ । ପ୍ରଭୁ ନିଶ୍ଚିନ୍ତ ବିରାଜନ୍ତୁ ଉନ୍ମଥିତ ସଂସାରର ସ୍ଥିର କେନ୍ଦ୍ରରେ । ଠାକୁର ଭଲେ ବିରାଜେ ଜି ! ଆମର କୌଣସି ଓଜର, ଆପତ୍ତି, ଆର୍ତ୍ତି, ଅଭିଯୋଗ ନାହିଁ । ଆମେ ଶୂନ୍ୟ ମନ୍ଦିର ନେଇ ଅପେକ୍ଷା କରିଛୁ ଠାକୁରେ । ଅନ୍ଧାର ଘର ଆଲୋକିତ କର । ଶ୍ରୀମନ୍ଦିର ହୋଇଯାଉ ଏ ପିଣ୍ଡ ! ହୃଦ୍‌ବେଦୀ ହୋଇଯାଉ ରତ୍ନ ସିଂହାସନ । ନିଃଶ୍ୱାସ ବ୍ୟଜନ ହେଉ । ଚକ୍ଷୁର ପଲକ ସେବାକରୁ ଆଲଟ ଚାମର । ଏ ପିଣ୍ଡ ମନ୍ଦିରର ତଟ ଦେଶରେ କାଳ ସିନ୍ଧୁ ଲହଡ଼ି ମାରୁଛି । ସୂର୍ଯ୍ୟ ଚନ୍ଦ୍ର ପ୍ରଦକ୍ଷିଣ କରୁଛନ୍ତି ପୂର୍ବରୁ ପଶ୍ଚିମକୁ । ଦଶଦିଗପାଳ ମାନେ ଆବୋରି ରହିଛନ୍ତି । ଇନ୍ଦ୍ରିୟ ଜଗତର ଘୋଷଯାତ୍ରା କରୁଛ ହେ, ଚୈତନ୍ୟ ପୁରୁଷ; ଏ ଅଧମର ଜୀବନ ଯାତ୍ରା ହିଁ ଘୋଷ ଯାତ୍ରା । ଯାତ୍ରା ବିମୁଢ଼ ମୁଁ ଅନୁଭବି ପାରୁନାହିଁ । ଯେଉଁଦିନ ଇନ୍ଦ୍ରିୟମାନେ ପରିତ୍ୟକ୍ତ ରଥ ପରି ନିଶ୍ଚେଷ୍ଟ ହୋଇଯିବେ, ନିରନ୍ଧ୍ର ମେଘ ମାଳାରେ ଆଷାଢ଼ ଆକାଶ ଆଛନ୍ନ ହୋଇ ଆସୁଥିବ ବୃଷ୍ଟି ହୋଇ ଆସୁଥିବ ଜୀବନର ପ୍ରସ୍ଫୁଟିତ ପଦ୍ମ; ମୋ ଶ୍ରୀମନ୍ଦିର ଗମ୍ଭୀରା ଭିତରେ ଏପରି ଚଞ୍ଚଳ ପ୍ରଣବ ରୂପରେ ବିଜେ ହୁଅ ଜଗନ୍ନାଥ; ପରିପୂର୍ଣ୍ଣ ହେଉ ଘୋଷଯାତ୍ରା, ଶ୍ରୀମନ୍ଦିର ହେଉ ଶ୍ରୀମନ୍ଦିର !

## ଭୂତଳ ଜଳସମ୍ପଦର ବିନିଯୋଗ ପାଇଁ ସର୍ଭେ କାର୍ଯ୍ୟ

ଭୂତଳ ଜଳସଂପଦର ବିନିଯୋଗ ପାଇଁ ରାଜ୍ୟର ୧୩,୪୭୮ ବର୍ଗ କିଲୋମିଟର ଅଂଚଳରେ ଏକ ପ୍ରାରମ୍ଭିକ ସର୍ଭେ କରାଯାଇଥିଲା । ବର୍ତ୍ତମାନର ସରକାର କ୍ଷମତାକୁ ଆସିବାପରେ ଭୂତଳ ଜଳସଂପଦର ପୂର୍ଣ୍ଣ ବିନିଯୋଗ ଉପରେ ଗୁରୁତ୍ୱ ଆରୋପ କରି ବ୍ୟାପକ ଅନୁସନ୍ଧାନ କାର୍ଯ୍ୟ ହାତକୁ ନେଇଛନ୍ତି । ଏହି ଅନୁଯାୟୀ ୧୯୮୦-୮୧ ମସିହାରେ ୯,୩୭୧ ବର୍ଗ କିଲୋମିଟର ଏବଂ ୧୯୮୧-୮୨ ମସିହାରେ ଆଉ ଅଧିକ ୯,୯୨୪ ବର୍ଗ କିଲୋମିଟର ଅଂଚଳରେ ବ୍ୟାପକ ଅନୁସଂଧାନ କାର୍ଯ୍ୟ ଶେଷ କରାଯିବା ଫଳରେ ସଂପୃକ୍ତ ଅଂଚଳରେ ସରକାରୀ ତଥା ଘରୋଇ ଉଦ୍ୟମରେ ବ୍ୟାପକ ଭାବରେ ନଳକୂପ ବସାଯାଇ ପାରିଛି ।



# ଯେ ଯଥା ମାଂ ପ୍ରପଦ୍ୟନ୍ତେ

ଶ୍ରୀ ଉପେନ୍ଦ୍ରନାଥ ହୋତା

ଶ୍ରୀମଦ୍‌ଭଗବଦ୍‌ଗୀତାର ଜ୍ଞାନ ଯୋଗରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଛଳରେ କହିଛନ୍ତି–ମୁଁ ଭକ୍ତଙ୍କ ଚିର ବିନୋଦନ ପାଇଁ ବହୁ ରୂପରେ ପ୍ରତୀୟମାନ ହୋଇଥାଏ ।

"ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜାମ୍ୟହମ୍ ।
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ॥
(ଗୀତା ୪।୧୧)

ଅର୍ଥାତ୍ ହେ ପାର୍ଥ ! ଯିଏ ମୋତେ ଯେଉଁ ଭାବରେ ଅର୍ଥାତ୍ ସକାମ ବା ନିଷ୍କାମ, ସଗୁଣ ବା ନିର୍ଗୁଣ, ସରୂପ ବା ରୂପାତୀତ, ଭାବଗ୍ରାହୀ ବା ଭାବାତୀତ ଭାବରେ ଭଜନ କରନ୍ତି, ମୁଁ ସେହି ଭାବରେ ତାଙ୍କୁ ପ୍ରାର୍ଥିତ ଫଳ ପ୍ରଦାନ କରିଥାଏ । ବିଭିନ୍ନ ଦେବଦେବୀଙ୍କର ଉପାସକମାନଙ୍କୁ ମଧ୍ୟ ମୁଁ ଫଳ ପ୍ରାପ୍ତିରୁ ବଞ୍ଚିତ କରି ପାରେ ନାହିଁ । କାରଣ ମାନବଗଣ ନାନା ଭାବରେ ମୋର ମାର୍ଗକୁ ହିଁ ଅନୁସରଣ କରିଥାନ୍ତି । ଦେବଦେବୀଗଣ ମଧ୍ୟ ମୋର ବିଭିନ୍ନ ରୂପ ନେଇ ପ୍ରକାଶ ପାଇଛନ୍ତି । ମୁଁ ସର୍ବ ଭାବମୟ। ଇନ୍ଦ୍ରାଦି ଦେବଗଣ ମୋର ଅଂଶ ବିଶେଷ । ମୋ ବ୍ୟତୀତ ଦ୍ୱିତୀୟ ଆଉ କିଛି ନାହିଁ । ମୁଁ ଅଦ୍ୱିତୀୟ ପୁରାଣ ପୁରୁଷ ସେହି ପୁରୁଷୋତ୍ତମ । ଅତଏବ ମନୁଷ୍ୟ ଯେ କୌଣସି ଧର୍ମମାର୍ଗ ଅନୁସରଣ କଲେ ମଧ୍ୟ ନିଜ ନିଜ ମାର୍ଗରେ ହିଁ ମୋତେ ପାଇ ପାରନ୍ତି ।

ପୁଣ୍ୟଭୂମି ଭାରତ ବର୍ଷରେ ଅନ୍ୟଧର୍ମାବଲମ୍ବୀମାନଙ୍କର ସନାତନ ଧର୍ମାବଲମ୍ବୀମାନଙ୍କୁ ତରବାରୀର ଭୟ, କର ଉତ୍ପୀଡ଼ନ ଓ ନାନା ଭାବରେ ପ୍ରଲୋଭନ ଦେଖାଇ ଧର୍ମାନ୍ତରିତ କରିବାର ସଦର୍ପ ଅଭିଯାନ ଓ ଇତିହାସ ବର୍ଣ୍ଣିତ ରକ୍ତପାତ ଯେତେବେଳେ ବ୍ୟର୍ଥ ହୋଇଗଲା, ସେତେବେଳେ ଶ୍ରୀ ରାମକୃଷ୍ଣ ପରମହଂସ ଦେବ ନିଜ ଜୀବନରେ ସାଧନା ବଳରେ ଦେଖାଇ ଦେଲେ, "ଯେତେ ମତ, ସେତେ ପଥ" । "ସକଳ ଧର୍ମ ସତ୍ୟ" ଓ "ଅନନ୍ତ ମତ–ଅନନ୍ତ ପଥ" । ଏହା ଶ୍ରୀମଦ୍‌ଭଗବଦ୍‌ଗୀତାର ବାଣୀ ସତ୍ୟ ମାତ୍ର ସେ ସାଧନା ଜନିତ ନିଜର ଏହି ଅପରୋକ୍ଷାନୁଭୂତିର ପ୍ରତ୍ୟକ୍ଷ ପ୍ରମାଣ ଜନସାଧାରଣଙ୍କୁ ଦେଖାଇ ଦେଇ ଅଛନ୍ତି । ସେ କହୁଥିଲେ ସର୍ବ ଧର୍ମ ଓ ସମସ୍ତ ଜାତିର ମହାପ୍ରଭୁ ହେଉଛନ୍ତି "ଶ୍ରୀ ଜଗନ୍ନାଥ" । ଜଗନ୍ନାଥଙ୍କୁ ପରମବ୍ରହ୍ମ ବୋଲି ଜ୍ଞାନ କରୁଥିବାରୁ ସେ ତାଙ୍କ ଜୀବଦଶାରେ ପୁରୀକୁ ଆସି ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରି ନ ଥିଲେ । ସେ ଜାଣିଥିଲେ ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ଦର୍ଶନମାତ୍ରେ ତାଙ୍କ ଶରୀରରେ ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ପରି ମହାଭାବର ଉଦ୍ରେକ ହେବ ଓ ଏହା ଫଳରେ ତାଙ୍କର ଶରୀର ରହିବ ନାହିଁ । (ଏହା ସର୍ବସାଧାରଣଙ୍କ ପ୍ରତି ପ୍ରଯୁଜ୍ୟ ନୁହେଁ) ସେ ଜାଣିପାରିଥିଲେ ତାଙ୍କ ଦ୍ୱାରା ସମଗ୍ର ବିଶ୍ୱରେ ଯେଉଁ ବିରାଟ ଆଧ୍ୟାତ୍ମିକ ଆନ୍ଦୋଳନ ହୋଇ ସନାତନ ଧର୍ମର ପ୍ରାଧାନ୍ୟ ପ୍ରତିଷ୍ଠିତ ହେବ, ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ଫଳରେ ତାହା ଅପୂର୍ଣ୍ଣ ରହିଯିବ । "ବହୁଜନ ହିତାୟ ବହୁଜନ ସୁଖାୟ" ଦୃଷ୍ଟିରୁ ସେ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସି ନଥିଲେ ।

ଶ୍ରୀରାମକୃଷ୍ଣ ପରମହଂସଦେବଙ୍କ ଶରୀର ତ୍ୟାଗ ପରେ ତାଙ୍କର ସହଧର୍ମିଣୀ ଶ୍ରୀ ଶ୍ରୀ ଶାରଦାଦେବୀ ତାଙ୍କର ଗୋଟିଏ ଫଟୋ ଧରି ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସିଥିଲେ । ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ସେ ଶ୍ରୀ ଜଗନ୍ନାଥଙ୍କ ମଧ୍ୟରେ ବିଶ୍ୱନାଥଙ୍କ ଦର୍ଶନ କରିଥିବା କଥା ସମସ୍ତଙ୍କ ଆଗରେ ପ୍ରକାଶ କରିଥିଲେ । ଏଠାରେ ପ୍ରଶ୍ନ ଉଠିପାରେ, ଶ୍ରୀ ଜଗନ୍ନାଥଙ୍କୁ ଆମେ ବିଷ୍ଣୁ କହୁଥିଲାବେଳେ ସେ ଶିବଙ୍କୁ କିପରି ଦର୍ଶନ କରିଥିଲେ ? ଏହା'କଣ ତାଙ୍କର ମାନସିକ ବିକୃତି ? ଇତିହାସର ପୃଷ୍ଠା ଲେଉଟାଇଲେ ଆମେ ଦେଖିବା ସମସ୍ତ ସାଧୁସନ୍ଥ ଓ ଭକ୍ତଗଣ ଶ୍ରୀ ଜଗନ୍ନାଥଙ୍କ ମଧ୍ୟରେ ନିଜ ନିଜର ଇଷ୍ଟଦେବତାଙ୍କୁ ଦର୍ଶନକରି ଅଛନ୍ତି । ଶୈବମାନେ ଶିବ, ଗାଣପତ୍ୟମାନେ ଗଣେଶ ଓ ବୌଦ୍ଧମାନେ ବୁଦ୍ଧ, ଜୈନମାନେ ଜୀନ, ଶାକ୍ତମାନେ ଶକ୍ତି ଓ ସୌର ମାନେ ସୂର୍ଯ୍ୟନାରାୟଣ ରୂପେ ଶ୍ରୀ ଜଗନ୍ନାଥଙ୍କୁ ପୂଜାକରି ଆସିଛନ୍ତି । ଅଲେଖ ପନ୍ଥୀମାନେ ଶୂନ୍ୟ ପୁରୁଷ ଓ ଅଦ୍ୱୈତବାଦୀ ଜ୍ଞାନୀମାନେ ତାଙ୍କୁ ବ୍ରହ୍ମଙ୍କର ଦାରୁ ପ୍ରତୀକ ବୋଲି ମନେକରି ଥାଆନ୍ତି । ଜ୍ଞାନୀ ଭକ୍ତମାନେ ଶ୍ରୀ ଜଗନ୍ନାଥଙ୍କୁ ପୁରୁଷୋତ୍ତମ ରୂପେ ଉପାସନାକରି ଆଆନ୍ତି । ଆମ ସନାତନ ଧର୍ମରେ ଏପରି ଏକ ସଂପ୍ରଦାୟ ଅଛନ୍ତି, ଯେଉଁମାନେ କି ଦାରୁବ୍ରହ୍ମ ଜଗନ୍ନାଥଙ୍କୁ ବା ଶ୍ରୀ ଜଗନ୍ନାଥ ସଂପୃକ୍ତିକୁ ମଧ୍ୟ ମାନନ୍ତି ନାହିଁ । କାରଣ ସେମାନେ ପ୍ରତୀକବାଦର ବିରୋଧୀ । ଶ୍ରାଦ୍ଧ, ତର୍ପଣ, ତୀର୍ଥଯାତ୍ରା ଆଦି ଆମ ସନାତନ ଆର୍ଯ୍ୟ

ସଂସ୍କୃତି ଉପରେ ସେମାନେ ସର୍ବଦା ସମାଲୋଚନାକରି ଜନସାଧାରଣଙ୍କୁ ଭୁଲ ବାଟରେ ନିଅନ୍ତି ଓ ଶୂନ୍ୟବାଦର ପ୍ରଚାର ପ୍ରସାରକରି ସମାଜରେ ବିଭ୍ରାନ୍ତ ସୃଷ୍ଟି କରି ଥାଆନ୍ତି । ସେମାନେ ଜାଣି ରଖିବା ଉଚିତ ଯେ ବ୍ରହ୍ମଙ୍କୁ ଜାଣିବା ପାଇଁ ଏକ ମାଧ୍ୟମ ଦରକାର । ଗାଈଠାରୁ କ୍ଷୀର ପାଇବାକୁ ହେଲେ ତାକୁ ଦୋହନ କରିବାକୁ ପଡ଼େ; ଅନ୍ୟ କୌଣସି ଉପାୟରେ କ୍ଷୀର ପାଇବା ଅତ୍ୟନ୍ତ କଷ୍ଟ ସାଧ୍ୟ ।

ଦିନେ ସନ୍ଥକବି ତୁଳସୀ ଦାସ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଧାଇଁ ଆସଥିଲେ ଏହି ଶ୍ରୀ କ୍ଷେତ୍ରକୁ । ସେ ଦିନଥିଲା ମାଘ ମାସ ଶୁକ୍ଳପକ୍ଷ ପବିତ୍ର ଏକାଦଶୀ ଗୁରୁବାର । ଶ୍ରୀ ଜଗନ୍ନାଥ ବଡ଼ ସିଂହାର ବେଶରେ ସୁସଜ୍ଜିତ ହୋଇ ଥାଆନ୍ତି ମାତ୍ର କବି ଦେଖିଲେ କ'ଣ ? ଶାନ୍ତ ସୁନ୍ଦର ତନୁ ନବୀନ - ନୀରଦ କାନ୍ତି ଶ୍ରୀ ରାମ ରାଜ ବେଶରେ ବିରାଜମାନ । ପାର୍ଶ୍ୱରେ ସୀତା ଦେବୀ, ଲକ୍ଷ୍ମଣ ଓ ଭକ୍ତ ହନୁମାନ ବେଶରେ ସୁଦର୍ଶନ ସେବାରତ । କବିଙ୍କ ହୃଦୟରେ ଦିବ୍ୟ ଚେତନା ଓ ନେତ୍ରରେ ବିସ୍ମୟ ।

ସନ୍ଥ ତୁଳସୀ ଦାସ ଭକ୍ତି ଭାବରେ ଗାଇ ଉଠିଲେ—

"ଯୋହି ରାମ ସୋହି ଜଗଦୀଶା
ଦୀନ ହୀନେ ଅନନ୍ତ ପର୍ବତ ଶେଷା
ଶେଷ ଭୟେ ଲଛମନ୍ ଅନୁସରୀ
ଭଦ୍ରା ସେ ସିୟ ଜନକ କୁମାରୀ ।
ବଦଲ ଖଦସ ବ୍ରହ୍ମ ଅବିନାଶୀ
ନୟ ହନୁମାନ ରାମପଦ ଦାସୀ ।

ମହାପ୍ରଭୁ ଶ୍ରୀ ଚୈତନ୍ୟ ନଦୀୟା ନବଦ୍ୱୀପରୁ ଶ୍ରୀକ୍ଷେତ୍ରକୁ ଆସି ଶିଷ୍ୟବର୍ଗଙ୍କ ଗହଣରେ ଶ୍ରୀମନ୍ଦିରରେ ରତ୍ନ ସିଂହାସନରେ ଦେଖିଲେ ଯମୁନା ତଟର ବୃନ୍ଦାବନ ବିହାରୀ ନନ୍ଦନନ୍ଦନ ଶ୍ରୀକୃଷ୍ଣଙ୍କୁ । ଚକ୍ଷୁରୁ ଝରି ପଡ଼ିଲା ଆନନ୍ଦାଶ୍ରୁ । ତନ୍ମୟ ହୋଇ ଯୋଡ଼ ହସ୍ତରେ ସାଷ୍ଟାଙ୍ଗ ପ୍ରଣାମ କଲେ । ଭାବ ବିଭୋର ହୋଇ ସ୍ତୁତି ଓ ନୃତ୍ୟ ପରିବେଷଣ କଲେ ।

ପରିବ୍ରାଜକ ଆଦି ଶଙ୍କରାଚାର୍ଯ୍ୟ ଶ୍ରୀ ମନ୍ଦିରର ଅରୁଣ ସ୍ତମ୍ଭ ନିକଟରେ ଶ୍ରୀ ପତିତପାବନଙ୍କର ମୂର୍ତ୍ତିକୁ ଦର୍ଶନ କରି ଦିବ୍ୟାନନ୍ଦରେ ସ୍ତୁତି କରିଥିଲେ—

"କଦାଚିତ୍ କାଳିନ୍ଦୀ ତଟ ବିପିନ ସଙ୍ଗୀତ କବରୋ
ମୁଦାଭୀରୀ-ନାରୀ-ବଦନ କମଳାସ୍ୱାଦ-ମଧୁପଃ
ରମା-ଶମ୍ଭୁ-ବ୍ରହ୍ମାମରପତି ଗଣେଶାର୍ଚ୍ଚିତ ପଦୋ
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ।

ଶ୍ରୀ ଜଗନ୍ନାଥଙ୍କ ମଧ୍ୟରେ ପ୍ରତ୍ୟେକ ଧର୍ମୀ ନିଜ ନିଜର ଇଷ୍ଟ ଦେବଙ୍କୁ ଦର୍ଶନ କରିଥାନ୍ତି । ତଥାପି ଶ୍ରୀ ଜଗନ୍ନାଥ ସର୍ବ ଧର୍ମର ପ୍ରତୀକ । ମାତ୍ର ଜଗନ୍ନାଥ ସଂସ୍କୃତିର ବିକୃତାଚରଣ କରି ଏକ ଗୋଷ୍ଠୀ ଓଡ଼ିଶାରେ ଶୂନ୍ୟବାଦର ପ୍ରଚାର ପ୍ରସାର କରିବାର ଅପଚେଷ୍ଟା କରୁଅଛନ୍ତି ।

ବ୍ରହ୍ମବାଦୀଙ୍କ ମତରେ ଶ୍ରୀ ଜଗନ୍ନାଥ ହେଉଛନ୍ତି ପବିତ୍ର ଓଁକାର । ବୈଦିକମାନଙ୍କର ସେ ହେଉଛନ୍ତି ଭୂଃ ଭୁବଃ, ସ୍ୱଃ । ବୌଦ୍ଧ ମାନଙ୍କର ବୁଦ୍ଧ, ଧର୍ମ ଓ ସଂଘ । ଯୋଗୀମାନଙ୍କର ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା । ଶୈବମାନଙ୍କର ଶିବ, ପାର୍ବତୀ ଓ ଗଣେଶ । ଗାଣପତ୍ୟମାନଙ୍କର ଗଣେଶ । ଶାକ୍ତମାନଙ୍କର ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ । ତାନ୍ତ୍ରିକମାନଙ୍କର ଭୈରବୀ, ମହାକାଳ ଓ ଭଇରବ ସାଧକ । ଜ୍ଞାନୀମାନଙ୍କର ସତ୍, ଚିତ୍ ଆନନ୍ଦ । ତେଣୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ବିଶ୍ୱ ଦେବତା । ସେ ହେଉଛନ୍ତି ଗୀତାର ପୁରୁଷୋତ୍ତମ । ପୁରୁଷ ଶବ୍ଦ ଉପନିଷଦର ପରିଭାଷାରେ ଲିଙ୍ଗବାଚକ ନୁହେଁ । ବ୍ୟକ୍ତି ବାଚକ । ଅର୍ଜୁନ ମହାଭାରତ ଯୁଦ୍ଧରେ ଶ୍ରୀକୃଷ୍ଣଙ୍କ ଭିତରେ ବିଶ୍ୱ ରୂପ ଦର୍ଶନ କରିଥିଲେ । ବିଶ୍ୱରୂପ ବିଶ୍ୱ ଚେତନାର ବ୍ୟାପକରୂପ ହେଲେ ହେଁ ବ୍ୟକ୍ତି ରୂପରେ ଅସୀମ ବିଭୂତି । ତେଣୁ, ଶ୍ରୀ ଜଗନ୍ନାଥଙ୍କୁ ପୁରୁଷୋତ୍ତମ ବୋଲି ସମ୍ବୋଧନ କରୁଥିବେ ଭକ୍ତମାନେ ତାଙ୍କୁ ଜଣେ ବ୍ୟକ୍ତି ରୂପରେ ଅନୁଭବ କରି ତାଙ୍କ ସହିତ ସଖା ବା ସାଧାରଣ ଲୋକ ଭଳି ବ୍ୟବହାର କରିଥାନ୍ତି । ଫଳରେ ଭକ୍ତଙ୍କର ତାଙ୍କ ସହିତ ଭାବ ସଂପର୍କ ସ୍ଥାପନ ହୁଏ ଓ ବୃଦ୍ଧି ପାଏ । ଋଗ୍ ବେଦରେ ବର୍ଣ୍ଣିତ ଅଛି—

"ଅଦୋ ଯଦାରୁ ପ୍ଲବତେ ସିନ୍ଧୋଃପାରେ ଅପୌରୁଷମ୍
ତଦା ରଭସ୍ୱ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍ ।
ଯଦ୍‌ଦଃ ପ୍ରାଚୀର ଜଗତ ଉରୋମଣ୍ଡୁର ଧାଣିକାଃ
ହତା ଇନ୍ଦ୍ରସ୍ୟ ଶତ୍ରବଃ ସର୍ବେ ବୁଦ୍‌ବୁଦୟାଶବଃ ।
(ଋଗବେଦ ୧୦।୧୫୫।୩-୪)

ଏହି ମନ୍ତ୍ରଟିକୁ ଶ୍ରୀ ଜଗନ୍ନାଥଙ୍କ ଦାରୁ ସମ୍ବନ୍ଧରେ ଅନେକ ଗବେଷକ ବ୍ୟବହାର କରୁଥିବେବେ କେତେକ ଗବେଷକ ଭିନ୍ନମତ ପ୍ରକାଶ କରିଥାନ୍ତି । ତେବେ ସେ ଯାହା ହେଉନା କାହିଁକି ଭାବ ଦୃଷ୍ଟିରୁ ଏହି ମନ୍ତ୍ରର ବ୍ୟବହାର ଅପ୍ରାସଙ୍ଗିକ ହୋଇ ନ ପାରେ । ଏହାର ମୋଟା ମୋଟି ଏହି ସମୁଦ୍ର ପରପାରିରେ ଯେଉଁ ଦାରୁ ଭାସୁଛି, ଅଥବା ବିଦ୍ୟମାନ ଅଛି, ତାହା ଅପୌରୁଷେୟ ସେହି ପରଂବ୍ରହ୍ମ । ହେ ସଂସାର ସାଗରରେ ଉବୁଟୁବୁ ହେଉଥିବା ତ୍ରିତାପଗ୍ରସ୍ତ ମଣିଷ ଏହି ଦାରୁବ୍ରହ୍ମଙ୍କୁ ଆଶ୍ରୟ କରି ଭବ ସମୁଦ୍ରରୁ ପାରି ହୋଇ ଯାଅ । ବାସ୍ତବିକ୍ ଶ୍ରୀ ଜଗନ୍ନାଥ ହେଉଛନ୍ତି ସମଗ୍ର ବିଶ୍ୱର ଏକମାତ୍ର ଦେବତା । ଯେଉଁଠି ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ପତିତପାବନ ବାନା ଉଡ଼ୁଅଛି । ଋଗ୍‌ବେଦର ଋଷି ଭରଦ୍ୱାଜ (ଶିରିଶିତ ଭରଦ୍ୱାଜ) ସ୍ତ୍ରୀଙ୍କ [illegible] ପୂର୍ବଦିଗର ଶ୍ରେଷ୍ଠତା ପ୍ରତିପାଦନ କରି କହିଛନ୍ତି ବ୍ରହ୍ମଙ୍କର [illegible] ସାଗରରେ ଭାସି ଭାସି ପୂର୍ବ ସମୁଦ୍ର [illegible] ଉପକୂଳରେ [illegible] ଅପୌରୁଷେୟ ଦାରୁ ସ୍ୱୟଂ ଶ୍ରୀ ଜଗନ୍ନାଥ । [illegible] ନିର୍ମିତ ସ୍ୱର୍ଣ୍ଣର [illegible] ଧାରଣ କରି ଥାଆନ୍ତି । [illegible] ଧାଣିକାଃ [illegible] ମିଳନ୍ତି । ସେହି ଦାରୁକୁ ଆଣିବା ପାଇଁ [illegible] ହୋଇଥିଲେ । [illegible] ସ୍ଥାପିତ [illegible] ପର୍ଯ୍ୟନ୍ତ ପୂଜାପାଉଛନ୍ତି ।

ସମୁଦ୍ର କୂଳରୁ ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମଦାରୁଙ୍କୁ ରଥରେ ବସାଇ ଯଜ୍ଞବେଦୀକୁ ନେଇଥିଲେ । ବେଦ ମନ୍ତ୍ରର "ଅଜଗନ୍ତ" ଶବ୍ଦ (ଯେ) ଜଗତରୁ ଜଗନ୍ ଓ ଏଥିରୁ ପରେ ଜଗନ୍ନାଥ ଶବ୍ଦର ଉଦ୍ଭବ ହୋଇ ଅଛି । ସେହିପରି "ଉଗ୍ରଃ" (ବୃହତ୍) ଶବ୍ଦରୁ ଉତ୍କ (ନକ୍ଷତ୍ର ବିଶେଷ) ଓ ଏଥିରୁ ଉଡ୍ର ବା ଓଡ଼ିଶା ଶବ୍ଦର ଉତ୍ପତ୍ତି ହୋଇଅଛି । ଏଣୁ, ଓଡ଼ିଶା କହିଲେ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ର ବୋଲି ପରିଚୟ ମିଳିଥାଏ ।

ଯବନ ସାଲବେଗଠାରୁ ଆରମ୍ଭ କରି ଦାସିଆ ବାଉରୀ ପର୍ଯ୍ୟନ୍ତ କେତେ ଯେ ଭକ୍ତ ଶ୍ରୀ ଜଗନ୍ନାଥଙ୍କ କୃପାରୁ ଭବସାଗରରୁ ଉଦ୍ଧାର ପାଇ ଯାଇଛନ୍ତି, ତା'ର ଇୟତ୍ତା ନାହିଁ । ବଙ୍ଗୋପସାଗରରେ ଥରେ ବିରାଟ ସାମୁଦ୍ରିକ ପ୍ରାଣୀକୁ ଦେଖି କ୍ୟାପ୍‌ଟେନ୍ ବିଟ୍ ଜାହାଜ ଭିତରୁ ଜୀବନର ଆଶା ଛାଡ଼ି ଦେଇଥିବାବେଳେ ଜଣେ ଭକ୍ତଙ୍କ ଉପଦେଶରେ ଶ୍ରୀଜଗନ୍ନାଥଙ୍କୁ ଡାକିବାରୁ ଜାହାଜଟି ଘୋର ବିପତ୍ତିରୁ ରକ୍ଷା ପାଇଥିଲା ଓ ସେ ଶ୍ରୀକ୍ଷେତ୍ରକୁ ଆସି ଜଗନ୍ନାଥଙ୍କ ପାଇଁ ଏକ ବିରାଟ ଘଣ୍ଟି ପ୍ରଦାନ କରିଥିଲେ । ବର୍ତ୍ତମାନ ସେହି ଘଣ୍ଟିଟି ନୀଳାଦ୍ରି ବିହାରରେ ରହି ଅଛି । ଏହିପରି ନିତି ଦିନ ଘଟୁଥିବା ବହୁ ଅଲୌକିକ ଘଟଣା ମଧ୍ୟରୁ ଏଇଟି ଗୋଟିଏ ଐତିହାସିକ ସତ୍ୟ ଘଟଣା ।

ପୁରାଣରେ ଅଛି ଅଗସ୍ତି ମୁନି ସତ୍ୟ ଯୁଗରେ ସାତ ସମୁଦ୍ରର ଜଳକୁ ଚଳୁ କରି ଦେଇଥିଲେ । ଏହା ଆମ୍ଭ-ମାନଙ୍କୁ ଏବେ ଅସମ୍ଭବ ପରି ଜଣା ପଡୁଛି । କିନ୍ତୁ ଏହି କଳି ଯୁଗରେ ଆମ ଓଡ଼ିଆ ଭାଗବତକାର ଭକ୍ତ ଜଗନ୍ନାଥ ଦାସ ଶ୍ରୀଜଗନ୍ନାଥଙ୍କ କୃପାରୁ ସମୁଦ୍ରକୁ ସାତ ଲହଡ଼ି ଅସୁଥିବା ସ୍ଥାନ ପର୍ଯ୍ୟନ୍ତ ଘୁଞ୍ଚାଇ ସ୍ଥଳଭାଗ ହୋଇ ଯିବାରୁ ସେଠାରେ ନିଜର ମଠ ପ୍ରତିଷ୍ଠା କରି ପାରିଥିଲେ । ଆଧୁନିକ ଶିକ୍ଷିତ ବୈଜ୍ଞାନିକଗଣ ଏହା ଶୁଣି ଆଶ୍ଚର୍ଯ୍ୟ ହେଉ ଅଛନ୍ତି । ଏପରି ସମୁଦ୍ରରେ ମଠ ସ୍ଥାପନ କରିଥିବାର କାରଣ ହେଲା—ପୁରୀର ଗଜପତି ମହାରାଜା ପ୍ରତାପରୁଦ୍ର ଦେବ ଖଳ ଲୋକମାନଙ୍କ ପ୍ରରୋଚନାରେ ଜଗନ୍ନାଥଦାସଙ୍କୁ ପୁରୀ ଛାଡ଼ି ଚାଲି ଯିବାକୁ ଆଦେଶ ଦେଇଥିଲେ । ସେ ଭାବିଲେ ରାଜ୍ୟଛାଡ଼ି ଜଗନ୍ନାଥଙ୍କୁ ଛାଡ଼ି ଯିବେ କେଉଁଠିକି ? ତେଣୁ, ସ୍ଥିର କଲେ ସମୁଦ୍ର ତ ରାଜାଙ୍କର ଅଧିକାରରେ ନାହିଁ, ତେଣୁ ସେ ସମୁଦ୍ର ମଧ୍ୟରେ ଅଣ୍ଟାଏ ପାଣିରେ ପଶି ଜଗନ୍ନାଥଙ୍କୁ ସ୍ମରଣ କରି ଠିଆ ହୋଇ ଥିବା ସ୍ଥାନରୁ ସାତ ଲହଡ଼ି ପର୍ଯ୍ୟନ୍ତ ସମୁଦ୍ର ଘୁଞ୍ଚାଇ ଦେବାକୁ ପ୍ରାର୍ଥନା କଲେ । ତତ୍‌କ୍ଷଣାତ୍ ଦେଖାଗଲା ସମୁଦ୍ର ୭ ଲହଡ଼ି ପର୍ଯ୍ୟନ୍ତ (ପ୍ରାୟ ଏକ ପାଆ ବାଟ) ଘୁଞ୍ଚି ଯାଇଛି । ସେଠାରେ ସେ ମଠ ପ୍ରତିଷ୍ଠା କରି ରହିଲେ । ରାଜା ଏ ଘଟଣା ଶୁଣି ତାଙ୍କ ପାଖରେ କ୍ଷମା ପ୍ରାର୍ଥନା କରି ସାଷ୍ଟାଙ୍ଗ ପ୍ରଣାମ କରିଥିଲେ । ଏବେ ମଧ୍ୟ ସେହି ସାତ ଲହଡ଼ି ମଠ ଶ୍ରୀଜଗନ୍ନାଥଙ୍କ ମହିମାର ମୂକସାକ୍ଷୀ ରୂପେ ଅଗଣିତ ଭକ୍ତଙ୍କ ହୃଦୟରେ ଶ୍ରଦ୍ଧା ଭକ୍ତି ସଞ୍ଚାର କରୁଛି । ସେହି ସମୟର ଆଉ ଏକ ଘଟଣା । କଟକ ଜିଲ୍ଲା ପୁରଙ୍ଗ ନିକଟସ୍ଥ ବାଉଳି ମଠର ଅଧ୍ୟକ୍ଷ (ଯେକି ଅଚ୍ୟୁତାନନ୍ଦ ଦାସଙ୍କର ଶିଷ୍ୟ) ବାଉଳି ଦାସ, ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି ଏକ ଅଲୌକିକ ଘଟଣା ପ୍ରଦର୍ଶନ କରିଥିଲେ । ସେ ଅଚ୍ୟୁତାନନ୍ଦଦାସଙ୍କ ପାଖରେ ରହୁଥିବା ସମୟରେ ଅଚ୍ୟୁତାନନ୍ଦଙ୍କୁ ଦର୍ଶନ କରି ତାଙ୍କୁ ପରୀକ୍ଷା କରିବା ପାଇଁ ଜଣେ ତନ୍ତ୍ର ସିଦ୍ଧ ସାଧୁ ମହାବଳବାଘ ଉପରେ ବସି ଆସି ଆଶ୍ରମର କିଛି ଦୂରରେ ରହି ଖବର ପଠାଇଲେ । ଅଚ୍ୟୁତାନନ୍ଦ ଏହାଶୁଣି ଆଶ୍ଚର୍ଯ୍ୟ ହେଲେ ସତ, ମାତ୍ର ଧ୍ୟାନ ବଳରେ ସମସ୍ତ ଜାଣି ପାରି ବାଉଳିଦାସଙ୍କୁ କହିଲେ ବାବୁ ! ତୁମେ ଯାଇ ସାଧୁଙ୍କୁ ପାଛୋଟି ଆଣ । ମାତ୍ର ଯିବ ଯେ—ଏହି ଆଗରେ ଯେଉଁ ଖଣ୍ଡିଆ କାନ୍ଥ ଦେଖୁଛ, ତାହାରି ଉପରେ ବସି ଯିବ । ଅଚ୍ୟୁତାନନ୍ଦଙ୍କର ତ ମହିମା କମ୍ ନ ଥିଲା, ସେ କାନ୍ଥକୁ ସେହି ଅନୁସାରେ ମଧ୍ୟ ନିର୍ଦ୍ଦେଶ ଦେଲେ ଓ ବାଉଳି ଦାସ ଅକ୍ଲେଶରେ ତା' ଉପରେ ବସି ସାଧୁଙ୍କ ପାଖରେ ଯାଇ ପହଞ୍ଚିଗଲେ । ସେହି ତାନ୍ତ୍ରିକ ସାଧୁ ଏ ଘଟଣା ଦେଖି ଆଉ ଅଚ୍ୟୁତାନନ୍ଦଙ୍କୁ ଦର୍ଶନ କରିବାକୁ ଯିବେ କ'ଣ? ପଛ ଘୁଞ୍ଚା ଦେଇ ନିଜ ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ପ୍ରବାଦ ଅଛି ଏହି ବାଉଳି ଦାସ ନିଜ ମଠ-ଠାରୁ ଦୀର୍ଘ ୩୦ କ୍ରୋଶ ବାଟ ପ୍ରତିଦିନ ଶ୍ରୀକ୍ଷେତ୍ରକୁ ଆସି ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ଫେରୁଥିଲେ ଏହି ଯାତ୍ରା ବିନା ଯାନବାହାନରେ କିପରି ସମ୍ଭବ ହୋଇ ପାରୁଥିଲା, ତାହା ଚିନ୍ତା କଲେ ଆଶ୍ଚର୍ଯ୍ୟ ଲାଗେ । ଆଜି କାଲି ଯେଉଁ ଭଜନ ରେଡ଼ିଓରେ ବୋଲାଯାଉଛି (ନୂଆ ଘରଖଣ୍ଡି ଦିନେ ପୁରୁଣା ହେବ) ତାହା ବାଉଳି ଦାସଙ୍କ ରଚନା । ତୁଳସୀପୁର ଗୋରାକବର ନିକଟସ୍ଥ ଯେଉଁ ଗରିବ ଦାସ ମଠଟି ଏବେ ଆମେ ଦେଖିବାକୁ ପାଉଁ ସେ ମହାପୁରୁଷଙ୍କ ଚରିତ ଅତି ଅଲୌକିକ । ତାହା ଏଠାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ସେ ଯୁଗରେ ଦୁଇଟି ଗଡେଇ ସାହାଯ୍ୟରେ ଫୋନ୍ କରି ପାରୁଥିଲେ ଓ ଆଗତ ଭବିଷ୍ୟତ କଥା କହିପାରୁଥିଲେ ।

ଆଜି ଜାତି ସଂଘରେ ଶ୍ରୀ ଜଗନ୍ନାଥଙ୍କର ଚିତ୍ର "Joy of life" ଶ୍ରେଷ୍ଠ ଚିତ୍ର ହିସାବରେ ସାରା ବିଶ୍ୱରେ ସମ୍ମାନିତ ହେଉଅଛି । ଆମେରିକାର ରଥଯାତ୍ରା ଆଜି ସମଗ୍ର ବିଶ୍ୱରେ ସନାତନ ଧର୍ମର ମହାତ୍ମ୍ୟ ଘୋଷଣା କରୁ ଅଛି । ଶ୍ରୀ ଜଗନ୍ନାଥଙ୍କୁ ନେଇ ଆଜି ସମଗ୍ର ବିଶ୍ୱରେ ଯେଉଁ ଆଦର ସୃଷ୍ଟି ହୋଇଛି, ସେଇଥିପାଇଁ ଓଡ଼ିଆଜାତି ତଥା ଭାରତବାସୀ ଆଜି ଗର୍ବିତ । ଓଁକାର ତତ୍ତ୍ୱକୁ ଅର୍ଥାତ୍ ଶ୍ରୀ ଜଗନ୍ନାଥ ଚେତନାକୁ ଏ ଜାତି ଅତୀତରେ ଜାଣିଥିବାରୁ ଓଁଡ଼ିଆ ବା ଓଡ଼ିଆ ଜାତି ବୋଲି ସୁପରି-ଚିତ । ଆଜି ଏହି ଚେତନା ବିଶ୍ୱ ସାଧନାର ବିଷୟବସ୍ତୁ । ଜଗନ୍ନାଥ ବିଶ୍ୱର ନେତା । ସେ ତାଙ୍କର ବଳିଆର ଭୁଜ ତଳେ ସମଗ୍ର ବିଶ୍ୱକୁ ଆଶ୍ରୟ ଦିଅନ୍ତୁ ।

ଆସନ୍ତୁ ଦେଖନ୍ତୁ

# ପ୍ରାକୃତିକ ପରିବେଶ ସମ୍ପନ୍ନ ଆପଣଙ୍କର ପ୍ରିୟ

# ନନ୍ଦନ କାନନ

✼ ଏ ବର୍ଷର ଦୁର୍ଲ୍ଲଭ ନୂତନ ଅତିଥି

(୧) ନଅଗୋଟି ମହାବଳ ବାଘ ଛୁଆ (ସେମାନଙ୍କ ମଧ୍ୟରେ ଅଛି ତିନିଗୋଟି ଧଳା ବାଘ ଛୁଆ ।)

(୨) ଦୁଇଗୋଟି କଲରା ପତରିଆ ବାଘ ଛୁଆ ଓ ଗୋଟିଏ କଳା ବାଘ ଛୁଆ ।

(୩) ଗୋଟିଏ ଭାରତୀୟ ସିଂହ ଛୁଆ ।

(୪) ଦୁଇଗୋଟି ଆଫ୍ରିକୀୟ ସିଂହ ଛୁଆ ।

(୫) ଗୋଟିଏ ହାଡ଼ଗିଳା (ADJUTANT STORK) ଚଢ଼େଇ ଛୁଆ ।

(୬) ଗୋଟିଏ ହିମାଳୟ କଳା ଭାଲୁ ଛୁଆ ।

(୭) ଘଡ଼ିଆଳ ଓ ଗୋମୁହାଁ କୁମ୍ଭୀର ଛୁଆ ।

✼✼ ଶୀତ ଋତୁରେ ଚିଲିକା ହ୍ରଦକୁ ଆସୁଥିବା ଅସୁମାରୀ ବିଦେଶାଗତ ପକ୍ଷୀ ।

✼✼✼ ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ ଏକମାତ୍ର ଚିଡ଼ିଆଖାନା ।

ମନେ ରଖନ୍ତୁ—ସୋମବାର ଦିନ ନନ୍ଦନ କାନନ ବନ୍ଦ ରହେ । ତେବେ ସେଦିନ ସରକାରୀ ଛୁଟି ଥିଲେ ଏହା ଖୋଲା ରଖାଯାଏ ।

ବନ ବିଭାଗ
ଓଡ଼ିଶା




# ରଥ କଥା

ଶ୍ରୀ ଜଗନ୍ନାଥଙ୍କ ରଥଙ୍କ ନାମ ନନ୍ଦିଘୋଷ—ଏହା ଗରୁଡ଼ଙ୍କ ପ୍ରଦତ୍ତ । ଉଚ୍ଚତା ୩୩ ହାତ ପାଞ୍ଚ ଅଙ୍ଗୁଳି । ୮୩୨ ଖଣ୍ଡ କାଠରେ ନିର୍ମିତ—୧୬ଟି ଚକ – ଏହାର ରକ୍ଷକ ସ୍ୱୟଂ ଗରୁଡ଼—ଧ୍ୱଜାରେ ହନୁମାନଜୀ ବିରାଜମାନ କରନ୍ତି—ଆୟୁଧ ଚକ୍ର ଓ ଶଂଖ । ରଥର ଆବରଣ ରକ୍ତପୀତ—ରଥ ଶିରରେ ଅବସ୍ଥିତ ଦେବତା—କଲ୍ୟାଣ ସୁନ୍ଦର—ଶକ୍ତି ବିମଳା ଓ ବିରଜା । ରଥର ଚତୁଃପାର୍ଶ୍ୱରେ ନବ ଦେବତା ବିଦ୍ୟମାନ, ଯଥା—ହନୁମାନ, ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ଗୋବର୍ଦ୍ଧନ ଧାରଣ, ଚିନ୍ତାମଣି, ରାଘବ ଓ ନୃସିଂହ । ରଥର ଅଶ୍ୱମାନେ ହେଲେ ଶଂଖ, ବଳାହକ, ଶ୍ୱେତ ଓ ହରିଦାଶ୍ୱ । ସାରଥୀଙ୍କ ନାମ ଦାରୁକ—ରଥର ରଜ୍ଜୁ ହେଲେ ଶଂଖଚୂଡ଼ ନାମ୍ନୀ ନାଗୁଣୀ । ରଥର ମୁଖ ହେଲେ ନନ୍ଦୀମୁଖ । ରଥର ଦେବୀ ହେଉଛନ୍ତି ଯୋଗମାୟା । ରଥ-ଭୈରବ—ଏକପାଦ । ନନ୍ଦ ଓ କୁବେର ସ୍ୱରଣ—ରଥ ଯକ୍ଷ ହେଲେ ହର୍ଯାକ୍ଷ—ରଥ ଗର୍ଭାଧୀଶ୍ୱର ହେଉଛନ୍ତି ହିରଣ୍ୟଗର୍ଭ—ରଥଶକ୍ତି ହେଲେ ବିମଳା । ଉତ୍କର୍ଷଣୀ—କ୍ରିୟା, ଯୋଗା, ଆଜ୍ଞା, ଅନୁଜ୍ଞା, ପ୍ରଜ୍ଞା ଓ ମେଧା । ଋଷି ପଟାରେ ନାରଦ, ଦେବଳ, ବ୍ୟାସ, ଶୁକ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର, ରୁଦ୍ର ଆଦି ଅଷ୍ଟ ଋଷି ବିଦ୍ୟମାନ । ରଥ କୁମ୍ଭର ନାମ ହିରଣ୍ମୟ । ଦ୍ୱାରପାଳ ହେଲେ ଜୟ ଓ ବିଜୟ । ନେତର ନାମ ତ୍ରୈଲୋକ୍ୟ ମୋହିନୀ । ରଥର ଅଧୀଶ୍ୱର—ଶ୍ରୀଜଗନ୍ନାଥ ।

ବଳଭଦ୍ରଙ୍କ ରଥ ନାମ ତାଳଧ୍ୱଜ । ଏହାକୁ ଦେବତାମାନେ ତାଳବନରେ ପ୍ରଦାନ କରିଥିଲେ । ଏହାର ଉଚ୍ଚତା ୩୨ ହାତ ୧୦ ଅଙ୍ଗୁଳି । ୭୬୩ଟି କାଠ ଦ୍ୱାରା ନିର୍ମିତ । ଏ ରଥର ୧୪ଟି ଚକ । ରଥ ରକ୍ଷକ ସ୍ୱୟଂ ବାସୁଦେବ । ଆୟୁଧ ହେଉ ହଳ ଓ ମୁଷଳ । ଭଦ୍ରପୀଠ ଅଷ୍ଟଦଳ ପଦ୍ମ ନିର୍ମିତ । ରଥର ଆବରଣ ରକ୍ତନୀଳ । ରଥର ଶିରରେ ଅନନ୍ତନାଗ ରହିଛନ୍ତି । ଏ ରଥର ପାର୍ଶ୍ୱ ଦେବତାମାନେ ହେଲେ — ପ୍ରଣଧାରୀ, ଗଦାନ୍ତକାରୀ, ହରିହର, ତ୍ରୈମ୍ବକ, ବାସୁଦେବ, ନାତାମ୍ବର, ଅଘୋର, ତ୍ରିପୁରା-ଭିଶିବ । ସାରଥୀଙ୍କ ନାମ ମାତଳୀ । ରଥ ରକ୍ଷକ ହେଲେ ଭାସ୍କର । ଅଶ୍ୱମାନେ ହେଲେ ତୀବ୍ର, ଘୋର, ଦୀର୍ଘ, ଶ୍ରମ ଓ ସ୍ୱର୍ଣ୍ଣନାଭ । ସ୍ୱୟଂ ବାସୁକୀ ଏହାର ରଜ୍ଜୁ ରୂପରେ ବିରାଜିତ । ରଥମୂର୍ତ୍ତି—କ୍ଷେତ୍ରଭଦ୍ର । ଚର ଦେବତା ବ୍ରହ୍ମା ଓ ଶିବ । ରଥର ଭୈରବ ହେଲେ କ୍ଷେତ୍ରପାଳ । ଗନ୍ଧର୍ବଙ୍କ ନାମ ହୁହୁ । ଷ୍ଣୁକଦ୍ୱୟ ମହାସିଦ୍ଧ ଓ ଉନ୍ମେମୀ । ଗର୍ଭାଧୀଶ୍ୱରୀ ଶକ୍ତି—ତୁଙ୍ଗା, ତୁଙ୍ଗଭଦ୍ରା, ପ୍ରଭା, ସୁପ୍ରଭା, ଧାତ୍ରୀ, ବିଧାତ୍ରୀ ନନ୍ଦା, ସୁନନ୍ଦା । ଋଷି ପଟାରେ ଅଙ୍ଗିରା, ପୌଲସ୍ତ୍ୟ, ପୁଲହ, ଅଗସ୍ତି, କୁତ୍ସ, ମୁଦ୍‌ଗଲ, ଆତ୍ରେୟ ଓ କାଶ୍ୟପ–ଏହି ଅଷ୍ଟଋଷି ବିରାଜମାନ କରିଛନ୍ତି । ରଥକୁମ୍ଭର ନାମ ଭୁବନ, ବିମ୍ବ, ପୃଥିବୀ, ଚକ୍ରାୟୁଧ, ହୁଁ ବୀଜ । ଦ୍ୱାରପାଳ ହେଲେ ନନ୍ଦ ଓ ସୁନନ୍ଦା ନେତର ନାମ ଉନ୍ନନି ।

ସୁଭଦ୍ରାଙ୍କ ରଥ ଦର୍ପଦଳନ ଦେବତାଙ୍କ ପ୍ରଦତ୍ତ । ଏହାର ଉଚ୍ଚତା ୩୧ ହାତ । ୫୯୩ ଖଣ୍ଡ କାଷ୍ଠରେ ନିର୍ମିତ । ୧୨ଟି ଚକ । ଏହାର ରକ୍ଷକ ଜୟଦୁର୍ଗା । ଧ୍ୱଜାରେ ତ୍ରିପୁରା ସୁନ୍ଦରୀ ବିରାଜମାନା । ଆୟୁଧ–ପଦ୍ମକହ୍ଲାର । ରଥର ଆବରଣ କୃଷ୍ଣଲୋହିତ । ରଥ ଶିରର ଦେବତା ହେଲେ ଭକ୍ତିସଁମେଧ । ଚାମର ସେବା କରନ୍ତି ସୁମେଧା ଦେବୀ । ଏ ରଥର ପାର୍ଶ୍ୱ ଦେବତାମାନେ ହେଲେ ବିମଳା, ଚାମୁଣ୍ଡା, ଉଗ୍ରତାରା, ହରଚଣ୍ଡିକା, ମଙ୍ଗଳା, ବାରାହୀ, କାତ୍ୟାୟିନୀ, ଜୟଦୁର୍ଗା, କାଳୀ । ସାରଥୀଙ୍କ ନାମ ଅର୍ଜ୍ଜୁନ । ଉଗ୍ରଚଣ୍ଡା ଏ ରଥକୁ ରକ୍ଷା କରନ୍ତି । ଏ ରଥର ଚାରୋଟି ଅଶ୍ୱ ହେଲେ ରୋଚିକା, ମୋଚିକା, ଜିତା ଓ ଅପରାଜିତା । ସ୍ୱର୍ଣ୍ଣଚୂଡ଼ ନାମକ ନାଗ ଏ ରଥର ରଜ୍ଜୁ ହୋଇଛନ୍ତି । ରଥର ମୁଖ ହେଉ ବ୍ରହ୍ମବର୍ଗା । ରଥର ଦେବୀ ଶ୍ରୀ, ଭୂ । ଏହାର ଗନ୍ଧର୍ବଙ୍କ ନାମ ହା ହା—ରଥସ୍ୱରଣଙ୍କ ନାମ ମହାକର । ଯକ୍ଷଙ୍କ ନାମ ହେଉଛି—କିଙ୍କିଣିକା । ରଥ ଗର୍ଭର ଅର୍ଦ୍ଧାଶ୍ୱରୀ ହେଲେ—ଶକ୍ତିଶପ୍ତା, ଜୟା, ବିଜୟା, ଘୋରା, ଅଘୋରା, ସ୍ୱଚ୍ଛା, ଜ୍ଞାନା । ଋଷିପଟରେ ଭୃଗୁ, ସୁପ୍ରଭ, ବଜ୍ର, ଶୃଙ୍ଗୀ, ଧ୍ରୁବ, ଉଲୁକ ନାମା, ଛଅଜଣ ଋଷି ବିରାଜମାନ କରନ୍ତି । ରଥ କୁମ୍ଭର ନାମ ଅମୃତା, ଜୀବା, ଜାୟା, ହ୍ରିଂ ବୀଜ । ଦ୍ୱାଦଶ ଚରଣ ଭୁବନେଶ୍ୱରୀ, ଚଣ୍ଡ, ଗଙ୍ଗା, ଯମୁନା, ଦ୍ୱାରପାଳିକା । ନେତର ନାମ ନାଦାମ୍ବିକା ।



# ରାଜାଧିରାଜ ଜଗନ୍ନାଥ

ପଣ୍ଡିତ ଶ୍ରୀ ସଦାଶିବ ରଥଶର୍ମା

ବିଶ୍ୱବିଦିତ ସମନ୍ୱୟ ମତବାଦର ଆଦିକେନ୍ଦ୍ର, ପ୍ରାଚ୍ୟ-ପ୍ରାଚ୍ୟ ସଂସ୍କୃତିର ପରମ ଅବଦାନ ଓ ଜାତୀୟ ସାଂସ୍କୃତିକ ଭାବଧାରାର ମୂଳାଧାର ଶ୍ରୀ ଜଗନ୍ନାଥ ମନ୍ଦିର, ବାସ୍ତବରେ ଏକ ରହସ୍ୟମୟ ଧର୍ମକେନ୍ଦ୍ର । ସନ୍ଥ, ମହାତ୍ମା, ଧର୍ମ ପ୍ରଚାରକ ଯେପରି ଯୁଗ ଯୁଗ ଧରି ଏ ମୈତ୍ରୀ ଭୂମିକୁ ଆସି ନିଜ ନିଜର ସାଧନ ସମର୍ପଣ କରିଛନ୍ତି । ସେହିପରି ସର୍ବ ଭାରତୀୟ ପ୍ରସିଦ୍ଧ ଧାର୍ମିକ ରାଜବଂଶଗଣ ଯୁଗ ଯୁଗ ଧରି ପୁରୁଷୋତ୍ତମ କ୍ଷେତ୍ର ସହିତ ନିଜର ଆଧ୍ୟାତ୍ମିକ ସମ୍ବନ୍ଧ ସ୍ଥାପନକୁ ଗୌରବ ମନେ କରିଛନ୍ତି ଓ ପ୍ରେମ-ବନ୍ଧୁତାର ପ୍ରତୀକ ରୂପରେ ବହୁ ଅନୁଷ୍ଠାନ ଓ ଯୋଗାଯୋଗ ମୂଳକ ବ୍ୟବସ୍ଥା ରଖି ଯାଇଛନ୍ତି । ଏହା ଉତ୍କଳ ପକ୍ଷେ କମ୍ ଗୌରବାବହ ନୁହେଁ । ସେହି ଗୌରବ ଉଜ୍ଜ୍ୱଳ ସାଂସ୍କୃତିକ ସମ୍ବନ୍ଧ ଆମମାନଙ୍କର ଅତୀବ ଜ୍ଞାତବ୍ୟ ଓ ଅନୁପ୍ରେରଣାତ୍ମକ । ସେ ଦୃଷ୍ଟିରୁ ନେପାଳ, ବାରାଣସୀ, ଜୟପୁର, ବିକାନୀର, ମହୀଶୂର, ରେୱା ପ୍ରଭୃତି କେତେ ଗୁଡ଼ିଏ ପ୍ରସିଦ୍ଧ ରାଜ୍ୟର ସାଂସ୍କୃତିକ ସମ୍ବନ୍ଧ ଏଠାରେ ଆଲୋଚିତ ହେଉଛି, ସଂକ୍ଷିପ୍ତରେ ।

## ନେପାଳ

ନେପାଳ ରାଜ୍ୟରେ ପୃଥିବୀର ସାର୍ବଭୌମ ହିନ୍ଦୁ ରାଜ୍ୟର ଇତିହାସ ବିସ୍ତୀର୍ଣ୍ଣ । ତାହା ମଧ୍ୟରେ ଲିଚ୍ଛବୀରାଜ ମାନଦେବଙ୍କର ଶାସନ ଅତ୍ୟନ୍ତ ପ୍ରସିଦ୍ଧ ଥିଲା । ବୃଷଦେବ ବା ଅଂଶୁବର୍ମା ମହାରାଜାଧିରାଜ ପଦରେ ବିଭୂଷିତ ହୋଇଥିଲେ । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କର ଓ ମତ୍ସ୍ୟେନ୍ଦ୍ରନାଥଙ୍କର ପ୍ରଭାବରେ ସେହି ସମୟରୁ ନେପାଳ ରାଜ୍ୟ ଏକ ଶୈବ ରାଜ୍ୟରୂପେ ବିଦିତ ଥିଲା । ତାହାପରେ ଠାକୁର ବଂଶୀୟ କ୍ଷତ୍ରୀୟମାନେ ଶାସନକୁ ଆସିଲେ । ଦ୍ୱିତୀୟ ଜୟଦେବଙ୍କ ଶିଳାଲିପିରୁ ଜଣାଯାଏ, ବସନ୍ତଦେବ ଶଙ୍କରାଚାର୍ଯ୍ୟଙ୍କର ସମସାମୟିକ ଧୀମାନ ରାଜା ଥିଲେ ଓ ତାଙ୍କରିବେଳେ ଆଦି ଶଙ୍କରାଚାର୍ଯ୍ୟଙ୍କର ପ୍ରଭାବରେ ଜଗନ୍ନାଥ ମନ୍ଦିର ସହିତ ସମ୍ବନ୍ଧ ସ୍ଥାପିତ ହୋଇଥିବା ବୁଝାଯାଏ । ଏ ସଂକ୍ରାନ୍ତରେ ବିଶେଷ ବିବରଣୀ ମତ୍ ଲିଖିତ "ନେପାଳ ଓ ଜଗନ୍ନାଥ" ପୁସ୍ତକରେ ବିଶଦ ଭାବେ ଆଲୋଚିତ ହୋଇଛି । ସେହି ଦିନ ଠାରୁ ଜଗନ୍ନାଥ ମନ୍ଦିର ସଙ୍ଗେ ନେପାଳ ରାଜ୍ୟର ସମ୍ବନ୍ଧ ରହି ଆସିଅଛି ।

ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ କର ବଂଶୀୟ ଯଯାତି କେଶରୀ ମହାଶିବଗୁପ୍ତ ବ୍ରାହ୍ମଣଙ୍କୁ ଦକ୍ଷିଣ ତୋଷାଳୀରେ ଚନ୍ଦ୍ରଗ୍ରାମ ଓ ଶଂଖପାଣି ନାମକ ଶାସନ ଦାନ କରିଥିଲେ । ପରେ ଉତ୍ତରଦେଶରୁ ସୋମବଂଶୀମାନଙ୍କର ଯଥେଷ୍ଟ ଖ୍ୟାତି ଥିବା ଅବକାଶରେ ଜଗଦ୍‌ଗୁରୁ ଆଦିଶଙ୍କରଙ୍କର ଶୁଭାଗମନ ହେଲା । ଶଙ୍କର ଉତ୍ତରଦେଶର ପ୍ରାଣ କେନ୍ଦ୍ର ପୁରୁଷୋତ୍ତମ କ୍ଷେତ୍ରରେ ପ୍ରତୀକ ପୂଜା ହେଉଥିବା ସଂପର୍କରେ ଅବଗତ ହେଲେ । ପଶ୍ଚିମ ଓଡ଼ିଶା ବା ମହା କୋଶଳ ଅନ୍ତର୍ଗତ କୋଟସମଲଇ ମହାକାନ୍ତାରାର ଗୁହାରେ ଇନ୍ଦ୍ରନୀଳମଣି ମୂର୍ତ୍ତି (ବ୍ରହ୍ମ) ଥିବା ବିଷୟ ମଧ୍ୟ ଜାଣିଲେ ସେ ସୁବର୍ଣ୍ଣପୁର (ସୋନପୁର)ରେ ପାତାଳୀ ହୋଇଥିବା ଅବସ୍ଥାରୁ ଏହି ମୂର୍ତ୍ତିକୁ ଉଦ୍ଧାର କରି ଯଯାତିଙ୍କ ଦ୍ୱାରା ଜଗନ୍ନାଥଙ୍କର ମହାଦେବୀଙ୍କୁ କେନ୍ଦ୍ର କରି ଏକ ପ୍ରାସାଦ ନିର୍ମାଣ କରିଥିଲେ ଓ ଧାରାବାହିକ ପୂଜାପଦ୍ଧତିର ପ୍ରଚଳନ କରାଇଥିଲେ । ସ୍କନ୍ଦ ପୁରାଣର ବୈଷ୍ଣବୀୟ ଅଭିମତ ଉପନିଷଦର "ଅଜାମେକାଂ ଲୋହିତ ଶୁକ୍ଳକୃଷ୍ଣାଂ" ନ୍ୟାୟ ତ୍ରିମୂର୍ତ୍ତିଙ୍କୁ ବିଜେ କରାଇଲେ । ପୂର୍ବରୁ ଯାହା ତନ୍ତ୍ରରେ ଚିନ୍ତା କରାଯାଉଥିଲା, ସେହି ବ୍ରହ୍ମବାଦ ଓଁ ତତ୍ ସତ୍ ରୂପରେ "ବ୍ରାହ୍ମଣଃ ତ୍ରିବିଧ ସ୍ମୃତିଃ" ସୂତ୍ରରେ ତ୍ରିତତ୍ତ୍ୱରେ ପରିଣତ ହେଲାବେଳେ, ନେପାଳ ରାଜ୍ୟ ସମ୍ବନ୍ଧରେ ଶ୍ରୀ ଜଗନ୍ନାଥାଦି ମୂର୍ତ୍ତିତ୍ରୟଙ୍କ ମଧ୍ୟରୁ ବଳଭଦ୍ର, ସୁଭଦ୍ରାଙ୍କର ମୂର୍ତ୍ତିକୁ ବ୍ରହ୍ମଶିଳାଯୁକ୍ତ କରିବା ନିମନ୍ତେ ସଲକ୍ଷଣ ଦେବଶିଳା (ଶାଳଗ୍ରାମ) ପ୍ରଦାନ କରି ଶ୍ରୀ ଜଗନ୍ନାଥ ମନ୍ଦିରକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ । କେବଳ ସେତିକି ନୁହେଁ, ଏହି ମହତ୍ତ୍ୱପୂର୍ଣ୍ଣ ଅବଦାନ ନିମନ୍ତେ ଶ୍ରୀ ଜଗନ୍ନାଥଙ୍କର ପ୍ରତିହାରୀ ସେବକଙ୍କ ମଧ୍ୟରୁ ଲଳ ମୋହରିଆ ମହାପାତ୍ରମାନଙ୍କୁ ତୀର୍ଥ ଉପୁର ରୂପରେ ସ୍ୱୀକୃତି ଦେଇ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରତ୍ୟକ୍ଷ ସେବାର ଅଧିକାର ପାଇଥିଲେ । ଯେତେବେଳେ ନେପାଳର ରାଜା ଦର୍ଶନକୁ ଆସିବେ, ସେତେବେଳେ ଶ୍ରୀ ମନ୍ଦିର ଶୋଧ ହେବ । ସେ ସପରିବାର ସିଂହାସନରେ ଭେଟି, ପୂଜା ଉପହାର ସ୍ୱୟଂ ପ୍ରଦାନ କରି ପାରିବେ । ସେହି ଦିନଠାରୁ ନେପାଳ ଓ ଜଗନ୍ନାଥ ମନ୍ଦିରର ସମ୍ବନ୍ଧ ଗଭୀର ଭାବରେ ରହି ଆସିଛି । ଯେତେବେଳେ ରାଜା ରାଣୀ, ଜଂଗ ବାହାଦୁରମାନେ ଆସିଛନ୍ତି ପ୍ରଭୁଙ୍କୁ ମନୋମତ ଭେଟି ଦେଇ ଯାଉଛନ୍ତି ଓ ସମ୍ବନ୍ଧ ରଖିଛନ୍ତି ; ଶ୍ରୀ ମନ୍ଦିରର ସମୁନ୍ନତି ପାଇଁ କିଛି କିଛି ଅବଦାନ ଦେଇ ଆସିଛନ୍ତି । ସମ୍ବତ ୧୬୯୧ ସାଲ ମାଘ ଶୁକ୍ଳ ଦ୍ୱାଦଶୀ ଦିନ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରକୁ ଏକ ରମଣୀୟ ନେପାଳ ନିର୍ମିତ ଘଣ୍ଟା ପ୍ରଦାନ କରିଛନ୍ତି । ତାହା ଅଦ୍ୟାପି ନାଟିକଟା ମଣ୍ଡପ ନିକଟରେ ରହିଅଛି । ସେଥିରେ

ଯେଉଁ ଲିପି ଅଛି, ସେଥିରୁ ଜଣାପଡ଼େ ନେପାଳର ରାଜା ବଂଶ ଓ ପ୍ରଜାକୁଳଙ୍କର ଶ୍ରୀ ମନ୍ଦିର ସଙ୍ଗେ କିଭଳି ଗଭୀର ସମ୍ବନ୍ଧ ରହିଛି ।




## ଘଣ୍ଟାର ଲିପିପାଠ

"ଶ୍ରୀ ଗଣେଶ ବନ୍ଦେ ଶ୍ରୀ ନୀଳାଦ୍ରିନାଥ ଭଗବନ୍ତ-ବତାର ସମୀପେ ଦାସୋଽହଂ, ତବ ପଦ ସ୍ଥାନ (ତଳ) ସେବକସ୍ୟ ଅମାତ୍ୟ ବଂଶ କୁଳତ୍ଭବେନ ଶ୍ରୀ ଜିତ-ଗୋବିନ୍ଦ ମହାନୁଭେନ ହରିପୂର୍ବ ଗୋବିନ୍ଦ ନେପାଳୀକେନ ସର୍ବାତ୍ମ ଭାବେନ ସମର୍ପିତୋଽସ୍ମି ସମ୍ବତ (୧୯୬୭୧)

ସୋଲ ମାଘ ଶୁକ୍ଳ ଦ୍ୱାଦଶୀକାଳ ନମୋ ଶ୍ରୀ ଶ୍ରୀ ଜଗନ୍ନାଥ ସ୍ୱାମୀ ସପ୍ରୀତ୍ୟର୍ଥ ନେପାଳ ରାଜ୍ୟଂ ନୃପ (ପୋଟନୋଢ଼ୀ) ବାହାଲ ଟୀଲ ଅମାତ୍ୟ ଜୀତ ଗୋବିନ୍ଦ, ହରିଗୋବିନ୍ଦ ଲେ ସମର୍ପୟ ତୋ ଘଣ୍ଟା ସ୍ୱସ୍ତୀ ।" ।।।

ଏହି ଲିପିରୁ ଜଣାଯାଏ ଯୁଗେ ଯୁଗେ ନେପାଳ ରାଜ୍ୟ ଓ ରାଜ୍ୟର ଜଗନ୍ନାଥ ମନ୍ଦିର ସଙ୍ଗେ ସଂପର୍କ କେତେ ଗଭୀର ଓ ସଂସ୍କୃତି ଜଡ଼ିତ । ନେପାଳ ରାଜବଂଶ ପକ୍ଷରୁ ନୃସିଂହ କ୍ଷେତ୍ର ଏକ ମହନୀୟ ନୃସିଂହ ବିଗ୍ରହ ପ୍ରଦାନ କରିଥିଲେ ଯାହା ମାର୍କଣ୍ଡେୟ କୁଣ୍ଡସ୍ଥ ମନ୍ଦିରରେ ପୂଜିତ ହେଉଛନ୍ତି ।

## ବାରାଣସୀ

ଭାରତର ପ୍ରତିଷ୍ଠିତ ରାଜପରିବାର ମଧ୍ୟରେ ବାରାଣସୀପୁରପତି କାଶୀ ରାଜାଙ୍କର ସ୍ଥାନ ଅନ୍ୟତମ । କାଶୀରାଜା ହିନ୍ଦୁରାଜାମାନଙ୍କ ମଧ୍ୟରେ ସ୍ୱୟଂ ଶଙ୍କର

चन्द्रगुनिधिमूसङ्ख्ये शकाब्देनभसि सिते ॥
जगन्नाथपुरीं भक्त्या दर्शनार्थमयासिषम् ॥
जगन्नाथवटे कृष्णाविष्ण्वोः सम्प्रयोगतः ॥
जगन्नाथाह्वयं विष्णुं सगणं समपूपुजम् ॥
तदहं जगदीशानो येकृन्ये स्वकुलप्रत्ययहेतवे लिलिखिना ॥
विद्यामि पुरोहितो किल्लेनो प्रभुनारायणसिंहकाशिराजः ॥
भूरसाङ्कद्गणाख्यानवत्सरे पिङ्गलाभिधे
दृष्यामि मुद्रितं लेखं वैशाखसितपक्षतौ ॥

ରୂପରେ ମାନ୍ୟତା ପ୍ରାପ୍ତ ହୋଇଥାନ୍ତି । ଯେପରି ଗଜପତି ରାଜାଙ୍କୁ 'ଚଳନ୍ତି ବିଷ୍ଣୁ' ଆଖ୍ୟା ଦିଆଯାଏ, ସେହିପରି କାଶୀ ନରେଶଙ୍କୁ 'ଶିବ' ଆଖ୍ୟା ଦିଆଯାଇଥାଏ । ତାହାଙ୍କର ସବାରୀ ରାଜପଥରେ ଗଲାବେଳେ କାଶୀର ଜନତା "ହରହର ମହାଦେବ" ଶବ୍ଦରେ ଏବେ ମଧ୍ୟ ଅଭିନନ୍ଦନ ଜଣାଉଛନ୍ତି । ଜଗନ୍ନାଥ ସଂସ୍କୃତି ପ୍ରତି ସେହି କାଶୀରାଜ ପରଂପରା କ୍ରମରେ ଯଥେଷ୍ଟ ମର୍ଯ୍ୟାଦା ଦେଇ ଆସିଛନ୍ତି । କାଶୀର ସିପ୍ରା ନିକଟରେ ରଥଯାତ୍ରା ଚୌମୁହାଣି ବୋଲି ଏକ ସ୍ଥାନ ଅଛି, ସେଠାରେ ଶ୍ରୀ ଗୁଣ୍ଡିଚ୍ଚା ଯାତ୍ରା ଅନୁଷ୍ଠିତ ହୁଏ । । କାଶୀର ଦକ୍ଷିଣ ସୀମାରେ ନଗୋୱାଁ (ନଳଗାଁ) ନିକଟରେ ଏକ ସୁ ବୃହତ୍ ଜଗନ୍ନାଥ ମନ୍ଦିର ମରହଟ୍ଟା ରାଜଗୁରୁ ବାବା ବହ୍ମଚାରୀଙ୍କ ଦ୍ୱାରା କାଶୀ ନରେଶଙ୍କ ଅନୁକଂପାରେ ପ୍ରତିଷ୍ଠିତ । ସେହି ଅଶୀ ଘାଟସ୍ଥ ଜଗନ୍ନାଥାଦି ବିଗ୍ରହ ରଥଯାତ୍ରା ଚୌମୁହାଣୀକୁ ଯାଆନ୍ତି ଓ ବିଶ୍ୱନାଥ ପୁରୀର ପ୍ରବେଶ ପଥରେ ଜଗନ୍ନାଥ ପୁରୀରେ ପହଞ୍ଚନ୍ତି । ସେଠାରେ ରଥୋତ୍ସବ ଅନୁଷ୍ଠିତ ହୁଏ । ଅଗଣିତ ଜନରାଶୀ ମଧ୍ୟରେ କାଶୀରାଜ ଏକ ସ୍ୱର୍ଣ୍ଣମୁଦ୍ରା ଜଗନ୍ନାଥଙ୍କ ରଥରେ ରଖି ପ୍ରଥମେ ରଥର ଦଉଡ଼ି ଟାଣିଲେ କାଶୀ ଜନତା ରଥ ଦଉଡ଼ି ଟାଣନ୍ତି । ଏହି ପରଂପରା ବହୁକାଳରୁ ପ୍ରଚଳିତ ହୋଇ ଆସୁଅଛି । କେବଳ ସେତିକି ନୁହେଁ କାଶୀରାଜ ପରିବାର ରାମ ନଗରସ୍ଥ ଦୁର୍ଗା ମନ୍ଦିରରେ ଜଗନ୍ନାଥ ବିଗ୍ରହ ଖୋଦିତ କରାଇଛନ୍ତି ଏବଂ ସମଗ୍ର କାଶୀରାଜ ପରିବାର ପରଂପରା କ୍ରମରେ ଶ୍ରୀ ଜଗନ୍ନାଥଙ୍କୁ ଯଥେଷ୍ଟ ମର୍ଯ୍ୟାଦା ଦେଇ ଆସୁଛନ୍ତି ଓ ମଧ୍ୟେ ମଧ୍ୟେ ଜଗନ୍ନାଥଙ୍କୁ ଦର୍ଶନ କରି ଭକ୍ତି ଅର୍ପଣ କରି ଆସୁଛନ୍ତି । କାଶୀ ରାଜମାନଙ୍କ ମଧ୍ୟରୁ ଶ୍ରୀ ପ୍ରଭୁନାରାୟଣ ସିଂହଙ୍କର ଏକ ସନନ୍ଦରୁ କାଶୀରାଜ କିପରି ଜଗନ୍ନାଥ ପ୍ରିୟ ତାହା ପ୍ରତୀତ ହୁଏ ।

ଶ୍ରୀମଦ୍ ବିଶ୍ୱନାଥୈକ ନାୟକ ମହାରାଜାଧିରାଜ ଶ୍ରୀ କାଶୀ ନରେଶ ପ୍ରଭୁ ନାରାୟଣ ଦେବ

"ଚନ୍ଦ୍ରର୍ତ୍ତୁନିଧିଭୂ ସଙ୍ଗେ ବୈକ୍ରମାବ୍ଦେ
ତପସ୍ୱିତେ ।
ଜଗନ୍ନାଥପୁରୀ ଭକ୍ତ୍ୟା ଦର୍ଶନାର୍ଥଂ
ମୟା ଶିବଂ ।
ଜଗନ୍ନାଥ ବଟେ କୃଷ୍ଣ ବିପ୍ରୟେ
ସୁପ୍ର ଯୋଗତଃ ।
ଜଗନ୍ନାଥହ୍ୱୟ ବିପ୍ର ସଗଣ ସମପ୍ରୁ
ସ୍ଥକଂ ।
ତଦଃ ଜଗଦିଶତୀର୍ଥ କ୍ରତ୍ୟେ ସ୍ୱକୁଳ
ପ୍ରତ୍ୟୟ ହେତବେ
ଦୁହିତା ବିଦଧାମୀ ପ୍ରଗଢ଼ିତ୍ୟୈ
କିଲେନୌ
ପ୍ରଭୁ ନାରାୟଣ ସିଂହ କାଶୀ ରାଜଃ
ଲୁରବ ସଂକଟାକ୍ଷାନ ବହବେ ପିଙ୍ଗଳାବିଧେ
ଦଦାମି ମୁଦ୍ରିତ ଲେଖ
ବୈଶାଖ ଶୀତ ପକ୍ଷତୌ

ହରଚଣ୍ଡୀ ସାହି ନିବାସୀ ବଡ଼ପଣ୍ଡା ହଜୁରୀ ପ୍ରତିହାରୀ ଶ୍ରୀ ଗୋପିନାଥ ଦ୍ୱିଜଙ୍କ ନିକଟରେ ଥିବା ସନନ୍ଦରୁ ଜଣାଯାଏ ବୀର୍ଯ୍ୟବାନ୍ ଭୂପତି ନରପତି ମହାରାଜାଧିରାଜ କାଶୀରାଜ ମଧ୍ୟ ପୁରୁଷୋତ୍ତମ ସଂସ୍କୃତି ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିଲେ ।

## ଜୟପୁର

ରାଜସ୍ଥାନର ରାଜଧାନୀ ଦୁର୍ଲ୍ଲଭନଗର ଜୟପୁରର ସବାଇ ରାଜାମାନେ ଏତେ ଦୂରରେ ରହି ମଧ୍ୟ ଜଗନ୍ନାଥଙ୍କୁ ଭୁଲି ପାରି ନାହାନ୍ତି । ଆଜିଠାରୁ ଦୀର୍ଘ ୬୦୦ ବର୍ଷ ତଳର ମାଧୋ ସିଂ, ଜୟ ସିଂ, ପ୍ରଭୃତି ରାଜାମାନଙ୍କର କୃତ୍ୟ ଦେଖିଲେ ସେମାନଙ୍କର ଜଗନ୍ନାଥ ଭକ୍ତି କେତେଦୂର ଗଭୀର, ତାହା ଜାଣିହୁଏ । ମୋଗଲ ରାଜତ୍ୱର ଅବସାନ ପରେ ଘଟିଥିବା ଗୋଟିଏ ଘଟଣାରୁ ଜୟପୁର ରାଜବଂଶର ଏକ ଚରିତ ଜଣାପଡ଼େ । ମାଧୋ ସିଂ ବାହାଦୁରଙ୍କ ପିତାମହ ରାଜସ୍ଥାନଠାରୁ ଅଶ୍ୱପୃଷ୍ଠରେ ଶ୍ରୀକ୍ଷେତ୍ର ଦର୍ଶନକୁ ଆସୁଥିଲେ ଏବଂ ସେଇ-ଠାରେ ରହୁଥିଲେ ଜଗନ୍ନାଥଙ୍କ ନାମରେ ପ୍ରଚୁର ଦ୍ରବ୍ୟ ବିତରଣ କରୁଥିଲେ । ସେ ଯେତେବେଳେ ପୁରୁଷୋତ୍ତମ କ୍ଷେତ୍ରର ଅଦୂରରେ ଏକ ଗ୍ରାମରେ ଉପସ୍ଥିତ ହେଲେ ସେଠାରେ ତାହାଙ୍କୁ ଦୁସ୍ତର (ମହାମାରୀ) ରୋଗ ଆକ୍ରମଣ କଲା । ରାଜ କର୍ମଚାରୀମାନେ ପରଲୋକ ଗମନ କଲେ । ରାଜା ଜଗନ୍ନାଥଙ୍କୁ ଦର୍ଶନ କରିବାପାଇଁ ଆତୁର ହୋଇ ପଡ଼ିଲେ । ଏହି ସମୟରେ ଜଣେ ବୃଦ୍ଧ ବ୍ରାହ୍ମଣ ପାଞ୍ଚଟି ରଙ୍ଗ ବୋଳା ହୋଇଥିବା ଏକ ଯଷ୍ଟି ଧରି ଉପସ୍ଥିତ ହେଲେ ଓ ତାଙ୍କୁ କହିଲେ —"ବତ୍ସ ! ତୁମର ଭକ୍ତିରେ ପ୍ରଭୁ ଜଗନ୍ନାଥ ସନ୍ତୁଷ୍ଟ । ତୁମେ ଏ ଯଷ୍ଟି ଖଣ୍ଡିକ ନିଅ । କୌଣସି ଅଶୁଭ ଲକ୍ଷଣ ଦେଖାଦେବ ନାହିଁ" ।

ରାଜା ପଞ୍ଚରଙ୍ଗୀ ଛଡ଼ିଧରି ସକୁଶଳରେ କ୍ଷେତ୍ରରେ ପ୍ରବେଶକରି କୃତକୃତ୍ୟ ହେଲେ ଓ ଜଗନ୍ନାଥଙ୍କ ସମୀପରେ ସର୍ବସ୍ୱ ଅର୍ପଣ କଲେ ଏବଂ ଶ୍ରୀକ୍ଷେତ୍ରର ଜଣେ ବୈଦିକ ବ୍ରାହ୍ମଣଙ୍କୁ ସେହି ଛଡ଼ି ଖଣ୍ଡିକ ଦେଇ ତାଙ୍କୁ ତୀର୍ଥଗୁରୁ ରୂପରେ ବରଣ କଲେ । ସେହି ଯଷ୍ଟିକୁ ଜଗନ୍ନାଥଙ୍କର ପବିତ୍ର ସ୍ମୃତି ମନେକରି ସମଗ୍ର ଜୟପୁରର ଠାକୁରମାନଙ୍କ ମଧ୍ୟରେ ଆଦେଶ ଦେଲେ—ଏହି ଛଡ଼ିକୁ ଦେଖିଲେ ଜଗନ୍ନାଥ ମନେ କରିବ । ସେହି ବ୍ରାହ୍ମଣ ପରିବାର ବୀର ଗୋବିନ୍ଦପୁର ନିବାସୀ "ପଞ୍ଚରଙ୍ଗୀ ଛଡ଼ିଦାର" ତୀର୍ଥଗୁରୁ ରୂପରେ ଖ୍ୟାତ ହେଲେ । କେବଳ ସେତିକି ନୁହେଁ, ଜୟପୁର ନଗରର ସଦର ବଜାରର ମଧ୍ୟସ୍ଥଳରେ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କ ମନ୍ଦିର ନିର୍ମାଣ କରାଇ ପୁରୁଷୋତ୍ତମ କ୍ଷେତ୍ର ସହିତ ଜୟପୁରର ସାଂସ୍କୃତିକ ସମ୍ବନ୍ଧ ସ୍ଥାପନ କଲେ । ଏବେ ମଧ୍ୟ ପଞ୍ଚରଙ୍ଗୀ ରାଜଗୁରୁ "ପଞ୍ଚରଙ୍ଗୀ ଛଡ଼ିଦାର" ନାମରେ ଉଭୟ କ୍ଷେତ୍ରରେ ଖ୍ୟାତ ।

## ପଞ୍ଜାବ

ପଞ୍ଜାବର ଶିଖରାଜା ପଞ୍ଜାବ କେଶରୀ ରଣଜିତ ସିଂହ ବାହାଦୁର ଖ୍ରୀ: ୧୮୪୮ରେ ଲର୍ଡ ଡେଲହାଉସିଙ୍କ

ସହ ଶତଦ୍ରୁ ନଦୀ ତଟରେ ଶିଖ ସମର ନାମକ ଯୁଦ୍ଧରେ ପରାସ୍ତ କରିବା ପରେ ଲର୍ଡ ମିଣ୍ଟୋଙ୍କର ଚୁକ୍ତି ସ୍ଥିରିକୃତ ହୋଇଥିଲା । ଏହାପରେ ରଣଜିତ ସିଂହ ପୁରୀ ଆସିଥିଲେ ଓ ପ୍ରଭୁଙ୍କର ଦର୍ଶନରୁ କି ମଧୁରିମା ଲାଭ କଲେ କେଜାଣି କଥଣ ଏକ କୀର୍ତ୍ତି ରଖିବା ମାନସରେ ପଞ୍ଜାବୀ ମଠ ପ୍ରତିଷ୍ଠା କଲେ । ତାହା ପରେ ଗୁରୁ ଗୋବିନ୍ଦ ସିଂହ ସନ୍ତ ଅର୍ଜୁନ ସିଂହଙ୍କ ଦ୍ୱାରା ପରିପୁଷ୍ଟ ହୋଇଥିଲା । ପୁଣି ଜଗନ୍ନାଥ ମନ୍ଦିର ପଶ୍ଚିମ ଦ୍ୱାର ତୋରଣ ମଣ୍ଡପ ନିର୍ମିତ ହୋଇ ନ ଥିବା ଦେଖି ତାହା ସ୍ଥାନୀୟ ସ୍ଥପତିମାନଙ୍କ ଦ୍ୱାରା ନିର୍ମାଣ କରାଇଥିଲେ । ପୁରୀରୁ ଲେଉଟିଯାଇ ତାଙ୍କର ଶ୍ରେଷ୍ଠ ସଂପଦ କୋହିନୂର-ଇ-ହୀରାକୁ ଜଗନ୍ନାଥଙ୍କୁ ଦାନ କରିଥିଲେ । ରାଣୀ ଭିକ୍ଟୋରିୟା ସେ ହୀରାକୁ ବିଲାତକୁ ନେଇ ଯାଇଥିଲେ । ମାତ୍ର ଶିଖ କୁଳ ଶିରୋମଣିଙ୍କର ପଶ୍ଚିମ ଦ୍ୱାର ଶିଳାଲେଖ ତାଙ୍କ ରାଜ୍ୟର ଓ ପୁରୁଷୋତ୍ତମ କ୍ଷେତ୍ରର ଗଭୀର ସମ୍ବନ୍ଧ ପ୍ରତିପାଦନ କରି ତାହାଙ୍କ ଅବଦାନକୁ ସମ୍ମାନ ଦେଉଅଛି । ସେଥିରେ ଅଛି–

## ଶ୍ରୀ ରାମଜୀ

ତେରୋପଞ୍ଚ ସୁଧି ମାଫିକ୍ ସନ୍ ୧୨୧୯ ସନ୍ତତସ୍ୟ ଶ୍ରୀମଦ୍ ଶ୍ରୀଜଗନ୍ନାଥ ସ୍ୱାମୀକା ମହାରାଜ ରଣଜିତ ସିଂ ବାହାଦୁର କା ନିଦ୍ରାରିକେତ ସ୍ମାରକ ଜଗଦୀଶ ରାମ ରୂପସ୍ୟ ପଶ୍ଚିମ ଦ୍ୱାରକେ ବନବାଶ୍ର ।

## ମାଳବ ବା ମହାରାଷ୍ଟ୍ର ପ୍ରଦେଶ

ସଂକ୍ଷିପ୍ତରେ କହିଲେ ମହାରାଷ୍ଟ୍ର ପ୍ରଦେଶର ରାଜଧାନୀ ନାଗପୁରର ରଘୁଜୀ ଭୋଁସଲା ଶିବାଜୀ ପଣ୍ଡିତ, ଭବାନୀ ପଣ୍ଡିତ ପ୍ରମୁଖ ମହାରାଷ୍ଟ୍ର ଶାସନ କାଳରେ ଜଗନ୍ନାଥଙ୍କର ସେବା ପୂଜାରେ ବହୁ ପରିବର୍ତ୍ତନ କରାଇଥିଲେ । ଜଗନ୍ନାଥଙ୍କର ନାମରେ ବହୁଭୂମି ବୃତ୍ତି ପ୍ରଦାନ କରିଥିଲେ । ତାହା ମହାରାଷ୍ଟ୍ର ଓ ଓଡ଼ିଶା ଶାସନ ପ୍ରସଙ୍ଗରେ ସୁବିଦିତ । ସେମାନେ ଭକ୍ତଦେବ ଗୋସ୍ୱାମୀଙ୍କୁ ପ୍ରତ୍ୟକ୍ଷ ସେବା ଦେଇ ଚରମ ଭକ୍ତିର ପରିଚୟ ପ୍ରଦାନ କରିଛନ୍ତି । ଦାନ ଓ ଧର୍ମଦ୍ୱାରା (ଓଡ଼ିଶା ଗବେଷଣା ପତ୍ରିକା ଦ୍ରଷ୍ଟବ୍ୟ) ପଣ୍ଢରପୁର ରାଜ ପରିବାର ସେହିକାଳରୁ ପ୍ରତି ବର୍ଷ ଶୈଳ ଯାତ୍ରା କରୁଥିଲେ ମହାରାଷ୍ଟ୍ରରୁ ପୁରୁଷୋତ୍ତମ ପର୍ଯ୍ୟନ୍ତ । ମାତ୍ର ଏବେ ଛପନ ଭୋଗୀ ମହାରାଷ୍ଟ୍ର ତୀର୍ଥଗୁରୁ ସେଠାରେ ଶ୍ରୀଜଗନ୍ନାଥ ମୂର୍ତ୍ତି ପୁରୀରୁ ନେଇ ପ୍ରତିଷ୍ଠା କରିବା ଫଳରେ ତାହା ସୀମିତ ହୋଇଛି । ମାଳବ ରାଜ୍ୟର କଣ୍ଡିରାଓଙ୍କର ଧର୍ମପତ୍ନୀ ରାଣୀ ଅହଲ୍ୟାବାଈ ପରମା ବିଦୁଷୀ ମହାରାଣୀ ଥିଲେ । ସେ ସ୍ୱୟଂ ଦରବାର କରୁଥିଲେ । ସେ ବିଧବା ହୋଇଗଲା ପରେ ଦାୟାଦଙ୍କର ବିବାଦ ଲାଗିଲା । ମାତ୍ର ତାଙ୍କର କନ୍ୟା ମୁକ୍ତାବାଈଙ୍କର ପତି ଯଶୋବନ୍ତ ରାୟଙ୍କ ସହାୟତାରେ ତୁଭୟେ ବଡ଼ ମହତ୍ପୂର୍ଣ୍ଣ କୀର୍ତ୍ତିମାନ କରିଥିଲେ । ସେ ତ୍ୟାଗମୟୀଙ୍କର ରାଜକୋଷ ବ୍ୟତୀତ ବିପୁଳ ସୁବର୍ଣ୍ଣଭଣ୍ଡାର ଥିଲା । ତାହାକୁ ନେଇ ସେ ଗୟାର ଗଦାଧରଙ୍କର ମନ୍ଦିର କରିଲେ ଓ କାଶୀ ବିଶ୍ୱନାଥ ମନ୍ଦିରକୁ ସ୍ୱର୍ଣ୍ଣ ଛାଉଣି କରିଦେବା ପରେ ମଧ୍ୟ ବହୁ ସୁବର୍ଣ୍ଣ ରହିଥିଲା । ସେତିକିବେଳେ ତାଙ୍କର ମାନ୍ୟ ସ୍ଥାନୀୟ ଜନୈକ ସାଧୁ କହିଲେ "ବାଣ ମନ୍ଦିରକୁ ସୁନା କରିବାଠାରୁ ଆହୁରି ଏକ ମହତ୍ପୂର୍ଣ୍ଣ କାର୍ଯ୍ୟ ତୁମ୍ଭ ପାଇଁ ବାକି ଅଛି; ତାହା ତୁମ୍ଭେ କରିଦିଅ । ତାହା ହେଉଛି, ଗଙ୍ଗାଠାରୁ ମହୋଦଧି ପର୍ଯ୍ୟନ୍ତ ଶ୍ରୀ ଜଗନ୍ନାଥ ମାର୍ଗ" । ମାତ୍ର ସେ ସାଧୁ ବାସ୍ତବରେ ସାଧୁ ନ ଥିଲେ, ଥିଲେ ସ୍ୱୟଂ ତାଙ୍କର ପତିଙ୍କର ଶୁଦ୍ଧାତ୍ମା । ଯେଉଁଠାରେ ଏହି ସାକ୍ଷାତକାର ଘଟିଲା ତାହା କାଶୀର ରାଣୀ "ଅହଲ୍ୟାବାଈ ଘାଟ" ନାମରେ ପରିଚିତ । ଏହା ପରେ ବିପୁଳ ସ୍ୱର୍ଣ୍ଣ ଓ ଧନରାଶି ବ୍ୟୟ କରି ଗଙ୍ଗାର ବା ହୁଗୁଳିଗଙ୍ଗାର ଜଗନ୍ନାଥ ଘାଟ ଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ "ଜଗନ୍ନାଥ ମାର୍ଗ" ନିର୍ମାଣ କରାଇଲେ । ଏହା ତାଙ୍କର ପୁରୁଷୋତ୍ତମ ଭକ୍ତିର ବହୁମୂଲ୍ୟବାନ ସ୍ମାରକୀ । ଏବେ ମଧ୍ୟ ମୁତେଶ୍ୱରଙ୍କଠାରୁ ଅଳ୍ପ ପଛକୁ ଯଶୋବନ୍ତରାଓଙ୍କର ପାରସି ଓ ନାଗରୀ ଲିପିର ଶିଳାଲିପି ମୂଳ ସେତୁର ଭିତ୍ତି ପାର୍ଶ୍ୱରେ ରହିଛି । ରାଣୀ ଅହଲ୍ୟାବାଈ ଛପନଭୋଗୀ ତୀର୍ଥପୁରୋହିତଙ୍କ ସହାୟତାରେ ପୁରୀରେ ଯଥେଷ୍ଟ ସାଂସ୍କୃତିକ ପ୍ରଭାବ ବିସ୍ତାର କରିଥିଲେ ଓ ଯୁଗ ଯୁଗ ଧରି ତାଙ୍କର ନିର୍ମିତ ଜଗନ୍ନାଥ ସଡ଼କକୁ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଗଣ ପବିତ୍ର ମନେକରି ତାହାର ଧୂଳି ମୁଣ୍ଡରେ ଲଗାଉଛନ୍ତି । ମହାରାଷ୍ଟ୍ରୀ ମହାରାଣୀ ଅହଲ୍ୟାବାଈଙ୍କୁ ସ୍ମରଣ କରୁଅଛନ୍ତି । ତେଣେ ମହାରାଷ୍ଟ୍ର ରାଜଧାନୀରୁ ପ୍ରସିଦ୍ଧ ଭୋଁସଲା ପରିବାର ଜଗନ୍ନାଥଙ୍କୁ ବାର୍ଷିକ ଶ୍ରାଦ୍ଧ ଲୁଗା "ନାଗପୁରୀ" ନାମକ ବସ୍ତ୍ର ଉପହାର ପଠାଇ କ୍ଷେତ୍ର ସମ୍ବନ୍ଧକୁ ଉଜ୍ଜୀବିତ ରଖାଇଥିଲେ । ତାହା ସଂପ୍ରତି ବନ୍ଦ ହୋଇ ଯାଇ ଥିଲେ ମଧ୍ୟ ସେହି ନାଗପୁରୀ ବେଶର ପ୍ରତିଷ୍ଠା ଏବେ ମଧ୍ୟ ଅଛି । ମୋଟ ଉପରେ ସମସ୍ତ ମହାରାଷ୍ଟ୍ର ବାସୀଙ୍କର ସେବା କ୍ଷେତ୍ରରେ ଯଥେଷ୍ଟ ଅବଦାନ ରହିଥିଲା । ଏଥିରୁ ମହାରାଷ୍ଟ୍ର ତଥା ପୁରୁଷୋତ୍ତମ କ୍ଷେତ୍ରର ସାଂସ୍କୃତିକ ସମ୍ବନ୍ଧ ବୁଝାଯାଏ ।

## ବର୍ଦ୍ଧମାନ

ବଙ୍ଗ ଦେଶର ବର୍ଦ୍ଧମାନ ରାଜପରିବାର ଏକ ପ୍ରତିଷ୍ଠିତ ପରିବାର । ସେହି ରାଜ ବଂଶରେ ବହୁ ପ୍ରସିଦ୍ଧ ରାଜା ଯଶକୀର୍ତ୍ତି ଅର୍ଜନ କରି ଯାଇଅଛନ୍ତି । କୃଷ୍ଣରାମ ରାୟଙ୍କ ତିରୋଧାନ ପରେ ସେହି ବଂଶର ଜଣେ ରାଜା ଖ୍ରୀଷ୍ଟିୟ ୧୧୧୧ ଅବ୍ଦରେ ଆଉରଙ୍ଗଜେବ୍ଙ୍କ ଠାରୁ ରାଜକୀୟ କ୍ଷମତା ପ୍ରାପ୍ତ ହୋଇଥିଲେ । ତାଙ୍କର ପ୍ରସିଦ୍ଧ କୀର୍ତ୍ତି ମଧ୍ୟରେ ବର୍ଦ୍ଧମାନର 'କୃଷ୍ଣସାଗର' ଜଗତରାମ ପ୍ରତିଷ୍ଠା କରିଥିଲେ ଏବଂ ଖ୍ରୀଷ୍ଟିୟ ୧୧୫୫ରେ ରାଜ୍ୟଲାଭ କଲେ, ଧର୍ମବୀର ଶୂର ଶ୍ରେଷ୍ଠ କୀର୍ତ୍ତିଚନ୍ଦ୍ର । ସେ ଚନ୍ଦ୍ରକୋଣାର ଜମିଦାରଙ୍କୁ ପରାସ୍ତ କରିଥିଲେ । ନବାବ ନାସିରଉଦ୍ଦିନ୍ ମହମ୍ମଦଙ୍କଠାରୁ ସେ ରାଜକୀୟ କ୍ଷମତା ଲାଭ କରି ବହୁ କୀର୍ତ୍ତି ସ୍ଥାପନ କରିଥିଲେ ।

ଧର୍ମମଙ୍ଗଳ ନାମକ କାବ୍ୟରେ ତାଙ୍କର ପ୍ରସିଦ୍ଧ ରାଜ୍ୟ ଓ ରାଜତ୍ୱ ବିଷୟରେ କୁହାଯାଇଛି ——

ଅଛିଳେ ଯାହାର କୀର୍ତ୍ତି
ମହାରାଜା ଚକ୍ରବର୍ତ୍ତୀ
କୀର୍ତ୍ତିଚନ୍ଦ୍ର ନରେନ୍ଦ୍ର ପ୍ରଧାନ ।

ବଙ୍ଗ ନବାବଙ୍କ ପୃଷ୍ଠପୋଷକତା ଲାଭକରି ଭାରତର ଭିନ୍ନ ଭିନ୍ନ ସ୍ଥାନରେ ସେ ଧର୍ମକୀର୍ତ୍ତି କରିବା ମଧ୍ୟରେ ତାଙ୍କର ମାତା ପୁରୁଷୋତ୍ତମ କ୍ଷେତ୍ର ପ୍ରତି ଭକ୍ତିପୂର୍ଣ୍ଣ ମମତା ରଖିଥିବାରୁ ସେ ବର୍ଦ୍ଧମାନ ନିକଟସ୍ଥ କାଞ୍ଚନ ନଗରରେ ଶ୍ରୀ ଜଗନ୍ନାଥଙ୍କର ଯାତ୍ରା ଓ ସେବାପୂଜା ପ୍ରଚଳନ କରିଥିଲେ । ତାଙ୍କର ମାତା ଶ୍ରୀକ୍ଷେତ୍ରରେ କ୍ଷେତ୍ରବାସ କରିବା ସମୟରେ ଶ୍ରୀ ଜଗନ୍ନାଥ ଦେବଙ୍କ କୂର୍ମ ବେଢ଼ାରେ 'ରାଧାକୃଷ୍ଣ' ବିଗ୍ରହ ବସାଇ କୀର୍ତ୍ତିଚନ୍ଦ୍ରଙ୍କ ନାମରେ ପ୍ରତିଷ୍ଠା କରାଇଥିଲେ । ସେ ପୁରୀ ବା ପୁରୁଷୋତ୍ତମ କ୍ଷେତ୍ରରେ ଆଦି ତୀର୍ଥ ମାର୍କଣ୍ଡେୟ ସରୋବର କୂଳରେ କାଳୀୟ ଦଳନ ଲୀଳା ସ୍ଥାନରେ ରମଣୀୟ କୃଷ୍ଣମୂର୍ତ୍ତି ସ୍ଥାପନ କରି ଗୌଡ଼ ଶୈଳୀରେ ଏକ ପ୍ରାସାଦ ନିର୍ମାଣ କରିଥିଲେ । ସେଥିରେ ଥିବା ଶିଳାଲିପି ନିମ୍ନରେ ପ୍ରଦତ୍ତ ହେଲା । ବଙ୍ଗଳିପି ଓ ଉତ୍କଳ ଲିପିର ଦୁଇ ଗୋଟି ଶିଳାଲିପି ସେହି ମନ୍ଦିରରେ ଅଛି । ସେଥିରେ ଲେଖାଅଛି ——

"ଶ୍ରୀ ଶୁଭମସ୍ତୁ ୧୬୬୭ ଅବ୍ଦ (ଖ୍ରୀ: ୧୭୩୯)


ଶ୍ରୀକୃଷ୍ଣଃ ଶକାବ୍ଦେ ଅଗ୍ନିରସ ଭୂରାଶୀ ଗୋପୁର ବାଧାପସତି । ମାର୍କଣ୍ଡେୟ ସରାତିକେର ସୋପାନ ମଣ୍ଡିତ ଯୋ ହରେକୃଷ୍ଣ ବସତି କୀର୍ତ୍ତିଚନ୍ଦ୍ର ନୃପସ୍ୟଃ" ।

ରାଜା କୀର୍ତ୍ତିଚନ୍ଦ୍ର ପୁରୀର ଆଦି ତୀର୍ଥ ମାର୍କଣ୍ଡେୟ ସରୋବରର ସୋପାନ ଓ କାଳୀୟ ଦଳନ ମଣ୍ଡୋବର ନିର୍ମାଣ କରି ପୁରୁଷୋତ୍ତମ କ୍ଷେତ୍ରରେ ବହୁ ଧର୍ମାନୁଷ୍ଠାନ କରିଥିଲେ । ସେ ୧୭୮୦ ଖ୍ରୀଷ୍ଟାବ୍ଦରେ ଦେହତ୍ୟାଗ କରିବା ପୂର୍ବରୁ ଜଗନ୍ନାଥଙ୍କର ସେବା ପୂଜାଦି ବହୁ ସ୍ଥାନରେ ପ୍ରଚଳନ କରାଇଥିଲେ । ବର୍ଦ୍ଧମାନ, ତାଲନା ରାଣୀଗଞ୍ଜ, ଶ୍ୟାମବଜାର ପ୍ରଭୃତି ସ୍ଥାନରେ ଶ୍ରୀଜଗନ୍ନାଥ ଦେବଙ୍କର ପୂଜା ତଥା ସାଂସ୍କୃତିକ କେନ୍ଦ୍ର ସ୍ଥାପନ କରିଥିଲେ । ହିଜ୍ ହାଇନେସ୍ ମହାରାଜ ମହତାପ ଚାନ୍ଦ ପର୍ଯ୍ୟନ୍ତ ଏ ପରମ୍ପରା ରହିଥିଲା । ସେ ଆନନ୍ଦ ବଜାରର ଅନ୍ନପୂର୍ଣ୍ଣା ମନ୍ଦିର କରିଥିଲେ ।

## ବିକାନୀର୍

ରାଜସ୍ଥାନର ମୁଖ୍ୟ ରାଜ୍ୟମାନଙ୍କ ମଧ୍ୟରେ ବିକାନୀର୍ ଏକ ପ୍ରଧାନ ରାଜ୍ୟ । ସେ ରାଜ୍ୟର ମହାରାଜାଧି ରାଜଗଣ ପ୍ରଭୁ ଜଗନ୍ନାଥଙ୍କର ମହିମା ମୁଗ୍ଧ ଥିଲେ । ବିକାନୀର୍ ରାଜ୍ୟର ଏଚ୍. ଏଚ୍. ମହାରାଜାଧିରାଜ ଗଙ୍ଗା ସିଂହ । ୧୯୩୭ ଅବ୍ଦ ସେପ୍ଟେମ୍ବର ମାସରେ ଯେଉଁ ଜୁବୁଲି ପାଳନ କରିଥିଲେ ସେତେବେଳେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଚୁର ଦାନ ଦେଇ ମଙ୍ଗଳ ପ୍ରାର୍ଥନା କରିଥିଲେ । ସେ ବିକାନୀରର ଲକ୍ଷ୍ମୀନାରାୟଣ ମନ୍ଦିରରେ ମଧ୍ୟ ଅନୁଷ୍ଠାନ କରାଇ ଥିଲେ । ଏ ପ୍ରସିଦ୍ଧ ରାଜାଙ୍କର ପିତା ଡୁଙ୍ଗର ସିଂହ କୋର୍ଟ ଗେଟରେ ଶ୍ରୀ ଜଗନ୍ନାଥ ଦେବଙ୍କର ମନ୍ଦିର ନିର୍ମାଣ କରାଇ ଜଗନ୍ନାଥ ଧର୍ମର ମହିମା ପ୍ରଚାରରେ ମନ ପ୍ରାଣ ଢାଳି ଦେଇଥିଲେ । ସେ ଜଗନ୍ନାଥ ସଂସ୍କୃତି ସଙ୍ଗେ ଏପରି ଜଡ଼ିତ ଥିଲେ ଯେ ଶ୍ରୀ ଲୋକନାଥ ଦାଶଙ୍କ ଅଭଲତ୍, ରଘୁନାଥ ଦାଶ ଆତ୍ମାରାମଙ୍କୁ ଉଭୟ ଜଗନ୍ନାଥ ମନ୍ଦିରରେ ତୀର୍ଥଗୁରୁ ରୂପରେ ବିନିଯୋଗ କରାଇ ବହୁବର୍ଷ ଧରି ବିକାନୀର୍ ଓ ପୁରୀର ସାଂସ୍କୃତିକ ସମ୍ବନ୍ଧକୁ ମହନୀୟ କରିଛନ୍ତି । ଶ୍ରୀ କୃଷ୍ଣାରାମ ପଣ୍ଡା ଏବେ ମଧ୍ୟ ସେହି ସମ୍ବନ୍ଧର ଯୋଗସୂତ୍ର ରୂପେ ରହି ଅଛନ୍ତି । ଜଣେ ବୈଦିକ ବ୍ରାହ୍ମଣଙ୍କୁ ମଧ୍ୟ ସେ ତୀର୍ଥ ଭୃଙ୍ଗାର ରୂପରେ ଜଗନ୍ନାଥଙ୍କର ସେବା ଦେଇଥିଲେ । ଏହିପରି ବହୁ ଭାରତୀୟ ରାଜନ୍ୟବର୍ଗ ନିଜ ନିଜ ରାଜ୍ୟରେ ଜଗନ୍ନାଥ ଧର୍ମର କେନ୍ଦ୍ର ରୂପେ ମନ୍ଦିରାଦି ଅନୁଷ୍ଠାନମାନ ସ୍ଥାପନ କରି ଜଗନ୍ନାଥ ପୁରୀ ସହିତ ଯୋଗାଯୋଗ ରକ୍ଷି ଯାଇ ଅଛନ୍ତି । ଏସବୁ ବର୍ଣ୍ଣନା କଲେ ଏକ ଗ୍ରନ୍ଥ ହେବ । କିନ୍ତୁ ସଂକ୍ଷେପତଃ ଉପସଂହାରରେ କୁହାଯାଇ ପାରେ, ବହୁ ପ୍ରସିଦ୍ଧ ରାଜାଙ୍କର ଅବଦାନ ଏ ଦିଗରେ ରହିଛି । ମଧ୍ୟ ପ୍ରଦେଶର ରେୱା ରାଜ୍ୟର ରାଜାଧିରାଜମାନେ ଜଗନ୍ନାଥ କ୍ଷେତ୍ରକୁ ଆସୁଥିବା ଯାତ୍ରୀମାନଙ୍କ ନିମନ୍ତେ କୁଳଗୁରୁ ଲକ୍ଷ୍ମଣସ୍ୱାମୀଙ୍କ ମାଧ୍ୟମରେ ବଡ଼ ଦାଣ୍ଡରେ ଏକ ମହାନ୍ (ଛତ୍ର) ସତ୍ର ଖୋଲିଥିଲେ । ଅାନ୍ଧ୍ରର ସ୍ୱାମୀରାଇ ରାଜାମାନେ ଶ୍ରୀଜଗନ୍ନାଥଙ୍କର ଭୋଗ ନିମନ୍ତେ ପ୍ରଭୂତ ସମ୍ପତ୍ତି ଦାନ କରିଥିଲେ । ଓଡ଼ିଶାର ପୂର୍ବତନ ଗଭର୍ଣ୍ଣର ଶ୍ରୀ କୁମାର ସ୍ୱାମୀ ରାଜା ତାଙ୍କର ବଂଶଧର ରୂପେ ପ୍ରଭୁଙ୍କ ଚରଣରେ କୃତଜ୍ଞତା ଜ୍ଞାପନ କରିଥିଲେ । ଆନ୍ଧ୍ର ଦେଶର ରାଜା ଶ୍ରୀ ଓରପୁରଙ୍କ ଜଗନ୍ନାଥ ଦେବଙ୍କର ସଂସ୍କୃତି ଓ ଭୋଗ ନିମନ୍ତେ ଭୂ-ସମ୍ପତ୍ତି ଦାନ କରିଥିଲେ । (ଦେଲିଲ୍ ନମ୍ବର ୨) ଏପ୍ରିଲ ୧୯୧୬ ମସିହା ପର୍ଯ୍ୟନ୍ତ ତାଙ୍କର ଜଗନ୍ନାଥ ସଂସ୍କୃତି ସହିତ ଯଥେଷ୍ଟ ସମ୍ବନ୍ଧ ରହିଥିଲା । ସେ ଜଗନ୍ନାଥ ପୁରୀର ତୀର୍ଥ ଗୁରୁଙ୍କ ପାଖକୁ ଦେଇଥିବା ସନନ୍ଦରୁ ତାହା ଜଣାପଡ଼େ । ଦିଲ୍ଲୀର ନବାବ ତାଙ୍କର ଗୁରୁ "ବାଲକରାମ" ଦାସଙ୍କୁ ପଠାଇ ଶ୍ରୀଜଗନ୍ନାଥଙ୍କର ସେବା ପୂଜା, ଭୋଗ ରହସ୍ୟ ସମ୍ବନ୍ଧରେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ ଓ ଆଡ଼ମଣ୍ଡପ ଗୁଣ୍ଡିଚାଘର ନିକଟରେ ନବଦିନ ଯାତ୍ରାରେ ଉତ୍ସବ ପ୍ରତିପାଳନ ପାଇଁ "ଦେହଲି ବାଲକ ରାମ" ଦାସ ଆଶ୍ରମ ସ୍ଥାପନ କରିଥିଲେ । ମହୀଶୂରର୍ ମହାରାଜା, ରାଞ୍ଚି ରାଜ ପ୍ରମୁଖ ବହୁ ରାଜନ୍ୟ ବର୍ଗଙ୍କର ଶ୍ରୀଜଗନ୍ନାଥଙ୍କ ପ୍ରତି ଅନୁରାଗ ବିଷୟରେ ପ୍ରମାଣମାନ ରହିଛି । ସମୟ ଥିଲା ଭାରତର ପ୍ରସିଦ୍ଧ ରାଜାମାନେ କଳିଯୁଗର ଯୁଗଧାମ ଶ୍ରୀଜଗନ୍ନାଥଙ୍କୁ ଯେଉଁ ସମ୍ମାନ ଦେଉଥିଲେ ତାହା

ଦେଖିଲେ ମନରେ ମହାନ୍ ହର୍ଷ ଓ ଉତ୍ସାହ ଜାତ ହୁଏ । ଆଜି ଜଗନ୍ନାଥ ଧର୍ମର ମୁଖ୍ୟରପକ୍ଷୀଗଣ ସେ ଦିଗରେ ଅନୁଧ୍ୟାନ ଦେବାହିଁ କର୍ତ୍ତବ୍ୟ । ଏହି ପ୍ରଦେଶମାନଙ୍କ ମଧ୍ୟରେ ମୈତ୍ରୀ ଭାବ ରହିଥିଲା । କାଶ୍ମୀର ରାଜ ରଥଯାତ୍ରାକୁ ବନାତ କନା ପ୍ରଦାନ କରୁଥିଲେ । ଦରଭଙ୍ଗା ମିଥିବର ରାଜା ଜନକପୁର ଶ୍ରୀକ୍ଷେତ୍ରସ୍ଥଘରର ସଂସାର କର୍ମ କରାଉଥିଲେ । ରାଜ୍ପି ରାଜାଙ୍କର ନହବତ୍ଖାନା ରାଣା ପ୍ରତାପ ସିଂହଙ୍କର ଧ୍ୱଜାଗଡ଼ କେନ୍ଦ୍ରରେ ନୈତିକ ଶିକ୍ଷା ଓ ଶରୀର ଚର୍ଚ୍ଚା କରୁଥିଲେ । ଏହିପରି ଭାବରେ ଭାରତର ପ୍ରସିଦ୍ଧ ରାଜାମାନେ ଜଗନ୍ନାଥ ସଂସ୍କୃତିର ମହତ୍ ଆଦର୍ଶ ପ୍ରତି ଆକୃଷ୍ଟ ଥିଲେ ।



**ସ୍ନାନ ମଣ୍ଡପରେ ତିନିଠାକୁର**

ଫଟୋ : ଶ୍ରୀ ଆଶୁତୋଷ ମିଶ୍ର



# ଶ୍ରୀ ମନ୍ଦିରର ନିର୍ମାତା କିଏ ?

ଡକ୍ଟର ସତ୍ୟନାରାୟଣ ରାଜଗୁରୁ

ଓଡ଼ିଶାର ପୁଣ୍ୟ କ୍ଷେତ୍ର ନୀଳାଚଳ ଧାମ ନୀଳ ତରଙ୍ଗ ସଙ୍କୁଳ ସିନ୍ଧୁ କୂଳରେ କେଉଁ ଆଦିମ କାଳରୁ ପ୍ରାଧାନ୍ୟ ବିସ୍ତାର କରିଥିଲା, ସେ କଥା ଇତିହାସରେ ନିର୍ଣ୍ଣୟ କରାଯାଇ ନାହିଁ । ପୌରାଣିକ ଆଖ୍ୟାନ ତଥା କିମ୍ବଦନ୍ତୀମୂଳକ ମାଦଳା ପାଞ୍ଜିର ବିବରଣୀଗୁଡ଼ିକୁ ଭିତ୍ତିକରି କୁହାଯାଇଛି, ସୃଷ୍ଟିର ଆଦ୍ୟ ଯୁଗରୁ ଏ କ୍ଷେତ୍ର ପୁରୁଷୋତ୍ତମ (ବିଷ୍ଣୁ) ଙ୍କ ଲୀଳାସ୍ଥଳୀ ହୋଇଥିଲା । ସେଠାରେ ଆଦିବାସୀ ଶବରମାନେ 'ନୀଳମାଧବ' ନାମରେ ବିଷ୍ଣୁ ପ୍ରତିମା ସ୍ଥାପନ କରି ତାଙ୍କୁ ଆରାଧନା କରୁଥିଲେ । କାଳକ୍ରମେ ବିଦ୍ୟାପତି ନାମକ ଜଣେ ବ୍ରାହ୍ମଣଙ୍କଠାରୁ ସେହି ବିଷ୍ଣୁ ପ୍ରତିମାଙ୍କ ମାହାତ୍ମ୍ୟ ଅବଗତ ହୋଇ ଅବନ୍ତୀର ରାଜା ଇନ୍ଦ୍ରଦ୍ୟୁମ୍ନ ସେହି ନୀଳାଚଳ କ୍ଷେତ୍ରରେ ଗୋଟିଏ ବିରାଟ ମନ୍ଦିର ନିର୍ମାଣ କଲେ । କିନ୍ତୁ ନୀଳମାଧବ ମୂର୍ତ୍ତି ଅନ୍ତର୍ହିତ ହେବାରୁ ଶ୍ରୀ ପୁରୁଷୋତ୍ତମଙ୍କ ଦାରୁ ପ୍ରତିମା ଗଠନ କରାଇ ସେହି ମନ୍ଦିରରେ ପ୍ରତିଷ୍ଠା କରାଗଲା । ଏ ସମ୍ବନ୍ଧେ ମାଡ୍ରାଜ ଓରିଏଣ୍ଟାଲ୍ ମେନୁସ୍କ୍ରିପ୍ଟ୍ ଲାଇବ୍ରେରୀ ( Madras Oriental Manuscript library ) ରେ ମେକାଞ୍ଜି ସାହେବଙ୍କ ଦ୍ୱାରା ସଂଗୃହୀତ ମାଦଳା ପାଞ୍ଜିର ତେଲୁଗୁ ତର୍ଜମାଟି ସଞ୍ଚିତ ଅଛି, ତାହା ଇଂରେଜମାନେ ଓଡ଼ିଶାରେ ଆଧିପତ୍ୟ ବିସ୍ତାର କରିବା ପୂର୍ବରୁ ପାଞ୍ଜିର ଅବିକଳ ଅନୁବାଦ । ଇଂରେଜମାନେ ଓଡ଼ିଶାକୁ ଆସି ଶ୍ରୀଜଗନ୍ନାଥ ମନ୍ଦିରର ପରିଚାଳନା ଭାର ନେଇଥିଲେ । ସେତେବେଳେ ଓଡ଼ିଶାରେ ପାଇକ ବିଦ୍ରୋହ ଆରମ୍ଭ ହୋଇଯାଇଥିଲା । ତା' ପରେ ଖ୍ରୀଷ୍ଟିୟାନ୍ ସରକାର ହିନ୍ଦୁ ମନ୍ଦିରର ପରିଚାଳନା ଭାର ଛାଡ଼ିବାକୁ ଇଚ୍ଛା କଲେ । ସେତେବେଳେ ମନ୍ଦିରରେ ନିଯୁକ୍ତ କର୍ମଚାରୀ ଓ ରାଜାଙ୍କର ଅଧିକାର ଯାହା କି ପୂର୍ବରୁ ନିରୂପିତ ହୋଇଥିଲା, ତଦନୁସାରେ ମନ୍ଦିରର ସମସ୍ତ ସ୍ୱତ୍ୱ ହସ୍ତାନ୍ତର କରି ଦେବାକୁ ଜିଲ୍ଲା କଲେକ୍ଟର ଇରୋଲ ସାହେବ ଇଚ୍ଛା କଲେ । ଏହା ଫଳରେ ପ୍ରାଚୀନ 'ମାଦଳା ପାଞ୍ଜିର' କେତେକ ଅଂଶ ଲୁପ୍ତ ହେଲା ଏବଂ କେତେକ ନୂତନ ଅଂଶ ସେଥିରେ ଯୋଡ଼ି ଦିଆଗଲା । ଏ ଦୃଷ୍ଟିରୁ ବିଚାର କଲେ ମେକାଞ୍ଜି ସାହେବଙ୍କ ନିର୍ଦ୍ଦେଶରେ ସଂଗୃହୀତ ତେଲୁଗୁ ତର୍ଜମାଟି ଅଧିକ ବିଶ୍ୱାସଯୋଗ୍ୟ ବୋଲି ମନେ ହୁଏ । ତଥାପି ସେଥିରେ ମନ୍ଦିର ନିର୍ମାଣ ସଂପର୍କରେ ଯେଉଁ କିମ୍ବଦନ୍ତୀ ବର୍ଣ୍ଣିତ ହୋଇଅଛି, ତାହା ଐତିହାସିକ ଭିତ୍ତିରେ ଅଦ୍ୟାପି ପ୍ରତିଷ୍ଠିତ ହୋଇ ପାରି ନାହିଁ । ମନ୍ଦିର ନିର୍ମାତା ଇନ୍ଦ୍ରଦ୍ୟୁମ୍ନ କିଏ ? ଏ କଥା କୌଣସି ଐତିହାସିକ ବିବରଣୀରୁ ଜଣା ପଡୁନାହିଁ । ଆନୁମାନିକ ସିଦ୍ଧାନ୍ତ ଉପରେ ନିର୍ଭର କରି କୌଣସି ସତ୍ୟ ନିରୂପିତ ହୋଇପାରେ ନାହିଁ । ତେଣୁ ଏହି ପ୍ରବନ୍ଧରେ ଯଥା ସମ୍ଭବ ଐତିହାସିକ ଘଟଣାବଳୀ ଓ ସମସାମୟିକ ଅଭିଲେଖମାନଙ୍କରୁ ସଂଗୃହୀତ ବିଷୟବସ୍ତୁ ଏକତ୍ର କରି, ଶ୍ରୀମନ୍ଦିରର ନିର୍ମାଣ କାର୍ଯ୍ୟ କେବେ କାହା ଦ୍ୱାରା ଆରମ୍ଭ ହୋଇଥିଲା ଏବଂ କାହା ଦ୍ୱାରା ତାହା ସଂପୂର୍ଣ୍ଣ ଆକାର ଧାରଣ କରିଥିଲା, ସେଥିର ସମ୍ୟକ୍ ଆଲୋଚନା କରିବୁ ।

ଶ୍ରୀ ନୀଳାଚଳ ଧାମର ପ୍ରସିଦ୍ଧି ଖ୍ରୀ : ୮ମ ବା ୯ମ ଶତାବ୍ଦୀରେ ଥିବା କଥା ମୁରାରୀ କବିଙ୍କ ରଚିତ 'ଅନର୍ଘ ରାଘବ' ନାଟକରୁ ପ୍ରତିପାଦିତ ହୁଏ । କାରଣ ସିନ୍ଧୁତଟରେ ଶ୍ରୀପୁରୁଷୋତ୍ତମଙ୍କ ପ୍ରତିଷ୍ଠା ବିଷୟ ସେ ବର୍ଣ୍ଣନା କରିଅଛନ୍ତି । ମୁରାରୀଙ୍କ ସମୟ ଖ୍ରୀ : ୯ମ ଶତାବ୍ଦୀ ବୋଲି ଜଣାଯାଏ । କୃଷ୍ଣମିଶ୍ରଙ୍କ ରଚିତ 'ପ୍ରବୋଧ ଚନ୍ଦ୍ରୋଦୟ' ନାଟକ ଖ୍ରୀ : ୧୦୭୮ରେ ରଚିତ ହୋଇଥିଲା । ସେଥିରେ ମଧ୍ୟ ଶ୍ରୀପୁରୁଷୋତ୍ତମଙ୍କ ବନ୍ଦନା-ଶ୍ଳୋକ ଦେଖାଯାଏ । ଖ୍ରୀ : ୧୦ମ ଶତାବ୍ଦୀରେ ମଧ୍ୟପ୍ରଦେଶସ୍ଥ ମୈହାରଠାରେ ପ୍ରତିଷ୍ଠିତ ଶାରଦା ମନ୍ଦିରର ଏକ ଅଭିଲେଖରୁ ପ୍ରକଟିତ ହୁଏ ଯେ, ଓଡ୍ର ଦେଶରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପ୍ରତିଷ୍ଠିତ ।

ଜୟପାଳଙ୍କ ୧୫ ଅଙ୍କରେ ଖୋଦିତ ଗୟାର ଜଣେ ବ୍ରାହ୍ମଣ ରାଜା ବିଶ୍ୱରୂପଙ୍କ ଅଭିଲେଖରେ ଓଡ଼ିଶାର ଶ୍ରୀପୁରୁଷୋତ୍ତମଙ୍କ ବନ୍ଦନା ଶ୍ଳୋକ ନିମ୍ନ ପ୍ରକାରେ ଦିଆଯାଇଛି—

ଲକ୍ଷ୍ମୀଶ୍ଚିରଞ୍ଜୟତି ବାରିନିଧେରନେକ—
ମଞ୍ଚାତ୍କଳାଦଧିଗତା ପୁରୁଷୋତ୍ତମସ୍ୟ ।

ସ୍ତ୍ରୈଣ୍ୟରି ରୋଚଳିତ ସମ୍ଭ୍ରମ ଘୂର୍ଣ୍ଣମାନ ।
ନେତ୍ରାବଲୋକନ ନିରସ୍ତ ସମସ୍ତ ବିଘ୍ନା ॥ ୧

ଏହି ଅଭିଲେଖର ସଠିକ୍ କାଳ ହେଉଛି ଖ୍ରୀ : ୧୦୫୫ ଏହା ପୂର୍ବରୁ ଜୟପାଳଙ୍କ ସମୟରେ ଖୋଦିତ ଗୟାର ଅନ୍ୟ ଏକ ଅଭିଲେଖରେ ମଧ୍ୟ ଶ୍ରୀ ପୁରୁଷୋତ୍ତମଙ୍କୁ ନିମ୍ନ ପ୍ରକାରେ ବନ୍ଦନା କରାଯାଇଛି :

ଜୟତି ଜଗତି ନାଥଃ ସସ୍ପୁରଚ୍ଛାନ୍ତୁ ମୂର୍ତ୍ତି—
ର୍ଜଗଦରି ବିନିହନ୍ତ ଶ୍ରୀମଦେକୋ ମୁରାରିଃ ।

ତଦନୁ ମୁନି ଜନୋୟଂ ଦୂର ସଂକ୍ଲେଶରାଶିଃ
ସ୍ଫୁରଦମଳଗୁଣାଢ୍ୟୋ ଧ୍ୟାନବୃତ୍ତୌ ସ୍ଥିରାତ୍ମା ।। ୨

ଏହି ଦ୍ୱିତୀୟ ଅଭିଲେଖର ସମୟ ଖ୍ରୀ : ୯ମ ଶତାବ୍ଦୀର ସପ୍ତଦଶକ ବୋଲି ଜଣାଯାଏ । କିନ୍ତୁ ଏଥିରେ ଦେବତାଙ୍କ ନାମ ଜଗତନାଥ (ଜଗନ୍ନାଥ) ଥିବାରୁ ଓ ମୁରାରି ଆଖ୍ୟାରେ ମଧ୍ୟ ତାଙ୍କୁ ଅଭିହିତ କରାଯାଇ ଥିବାରୁ ସେ ପୁରୀର ଶ୍ରୀପୁରୁଷୋତ୍ତମ କିମ୍ବା ଅନ୍ୟ କେଉଁ ମନ୍ଦିରରେ ପ୍ରତିଷ୍ଠିତ ବିଷ୍ଣୁ, ତାହା ସ୍ପଷ୍ଟ ଜଣା ପଡୁନାହିଁ । ତଥାପି ସେହି ଅଭିଲେଖ ଆରମ୍ଭରେ ଖୋଦିତ ଅଛି :—

"ଓଁ ନମୋ ପୁରୁଷୋତ୍ତମାୟ ନମଃ" ।।

ଏଣୁ ଜଗତନାଥ ଯେ ପୁରୁଷୋତ୍ତମଙ୍କ ନାମାନ୍ତର ଏହା କହିଲେ ବୋଧହୁଏ ଅସଙ୍ଗତ ହେବ ନାହିଁ । ୧୧୦୪ ଖ୍ରୀଷ୍ଟାବ୍ଦରେ ଲକ୍ଷ୍ମଣ ଦେବଙ୍କ ନାଗପୁର ଅଭିଲେଖରେ ମଧ୍ୟ ବର୍ଣ୍ଣିତ ଅଛି ଯେ, ସେ ପୁରୁଷୋତ୍ତମ କ୍ଷେତ୍ରକୁ ଯାଇଥିଲେ (୩) । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି, ଖ୍ରୀ : ୯ମ ଶତାବ୍ଦୀରୁ ଆରମ୍ଭକରି ପୁରୁଷୋତ୍ତମ କ୍ଷେତ୍ର ଓଡ଼ିଶାରେ ଏକ ପୁଣ୍ୟ ବିଷ୍ଣୁ କ୍ଷେତ୍ର ରୂପେ ପ୍ରସିଦ୍ଧି ଲାଭ କରିଥିଲା । ବିଭିନ୍ନ ଅଞ୍ଚଳରୁ ତୀର୍ଥଯାତ୍ରୀମାନେ ସେଠାକୁ ଯାତ୍ରା କରୁଥିଲେ ।

ଗଙ୍ଗବଂଶୀୟ ମହାରାଜ ଅନନ୍ତ ବର୍ମ ଚୋଡ଼ଗଙ୍ଗ ଦେବ ଉତ୍କଳର ସୋମବଂଶୀୟ ରାଜା କର୍ଣ୍ଣ କେଶରୀଙ୍କୁ ପରାସ୍ତକରି ଖ୍ରୀ: ୧୨ଶ ଶତାବ୍ଦୀର ପ୍ରଥମ ଦଶକରେ କଳିଙ୍ଗ ଏବଂ ଉତ୍କଳ ଉଭୟ ରାଜ୍ୟକୁ ଏକତ୍ରିତକରି ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିଶାଳ ସାମ୍ରାଜ୍ୟର ଅଧୀଶ୍ୱର ହେଲେ । ସେତେବେଳେ ତାଙ୍କ ନିର୍ଦ୍ଦେଶରେ ବିରାଟ ଆକାରରେ ଶ୍ରୀ ଜଗନ୍ନାଥ ମନ୍ଦିର ପୁରୀରେ ନିର୍ମିତ ହେବା ପ୍ରସଙ୍ଗ ଚୋଡ଼ଗଙ୍ଗଙ୍କ ପରବର୍ତ୍ତୀ ଗଙ୍ଗ ରାଜାମାନଙ୍କ ଅଭିଲେଖଗୁଡ଼ିକରେ ନିମ୍ନ ପ୍ରକାରେ ବର୍ଣ୍ଣିତ ହୋଇଅଛି :—

ପାଦୌ ଯସ୍ୟ ଧରାନ୍ତରୀକ୍ଷମଖିଳଂ ନାଭିଶ୍ଚ ସର୍ବାଦିଶଃ
ଶ୍ରୋତ୍ରେ ନେତ୍ର ଯୁଗଂ ରବୀନ୍ଦୁ ଯୁଗଳଂ ମୂର୍ଦ୍ଧାପି ଚ ଦୌରସୌ

ପ୍ରାସାଦଂ ପୁରୁଷୋତ୍ତମସ୍ୟ ନୃପତେଃ କୋ ନାମ କର୍ତ୍ତୁଂ କ୍ଷମଃ
ତସ୍ୟୋତ୍ୟାଦ୍ୟନୃପୈରୁପେକ୍ଷିତ ମୟଂ ଚକ୍ରେଥ ଗଙ୍ଗେଶ୍ୱରଃ ।।

ଏହି ଶ୍ଲୋକରୁ ସ୍ପଷ୍ଟ ପ୍ରକଟିତ ହେଉଛି ଯେ, ଶ୍ରୀପୁରୁଷୋତ୍ତମଙ୍କ ଯେଉଁ ମନ୍ଦିରଟି ପୂର୍ବ ରାଜାମାନଙ୍କଦ୍ୱାରା ଉପେକ୍ଷିତ ହୋଇ ରହିଥିଲା, ତାହା ଗଙ୍ଗେଶ୍ୱର (ଚୋଡ଼ଗଙ୍ଗ) ଦେବ ନିର୍ମାଣ କରିବାକୁ ସମର୍ଥ ହେଲେ ।

ବର୍ତ୍ତମାନ ପ୍ରଶ୍ନ ହେଉଛି, କେଉଁ ପୂର୍ବ ରାଜାମାନଙ୍କ ଦ୍ୱାରା ଶ୍ରୀପୁରୁଷୋତ୍ତମଙ୍କ ମନ୍ଦିରଟି ପରିତ୍ୟକ୍ତ ହୋଇଥିଲା ? ଆଉ ମଧ୍ୟ ସେହି ମନ୍ଦିର ନିର୍ମାଣ କରିବା କାମ ଆରମ୍ଭ ହୋଇଥିଲା କି ନାହିଁ ? ଏ ଦୁଇଟି ପ୍ରଶ୍ନର ସମାଧାନ କରିବାକୁ ହେଲେ, ଆମ୍ଭେ ପ୍ରଥମେ ଜାଣିବାକୁ ହେବ, ଏ ଅଞ୍ଚଳରେ ଅର୍ଥାତ୍ ପୁରୀର ପାରିପାର୍ଶ୍ୱିକ ଅଞ୍ଚଳରେ କେଉଁ ରାଜା ବା ରାଣୀ ବୈଷ୍ଣବ ଧର୍ମ ଗ୍ରହଣ କରି ଶ୍ରୀପୁରୁଷୋତ୍ତମଙ୍କ ମନ୍ଦିରଟି ଚୋଡ଼ଗଙ୍ଗଙ୍କ ପୂର୍ବରୁ ବିରାଟ ଆକାରରେ ନର୍ମାଣ କରିବାକୁ ବ୍ରତୀ ହୋଇଥିବେ ।

ଇତିହାସରୁ ପ୍ରମାଣିତ ହୋଇଛି ଯେ, ପୁରୀ ଓ ସେଥିର ପାରିପାର୍ଶ୍ୱିକ ଅଞ୍ଚଳ ଖ୍ରୀ· ୭ମ ଶତାବ୍ଦୀରୁ ଆରମ୍ଭ କରି ଚୋଡ଼ଗଙ୍ଗଙ୍କର ଉତ୍କଳ-ଅଭିଯାନକାଳ ଖ୍ରୀ: ୧୨ଶ ଶତାବ୍ଦୀ ପର୍ଯ୍ୟନ୍ତ ତିନୋଟି ରାଜବଂଶର ଶାସନାଧୀନ ଥିଲା, ଯଥା—(୧) ଶୈଳୋଦ୍ଭବ (ଖ୍ରୀ: ୭ମ-୮ମ ଶତାବ୍ଦୀ), (୨) ଭୌମ—କର (ଖ୍ରୀ:୮ମ-୧୦ମ ଶତାବ୍ଦୀ) ଏବଂ (୩) ସୋମବଂଶ (ଖ୍ରୀ: ୧୦ମ–୧୧ଶ ଶତାବ୍ଦୀ) । ଏହି ରାଜବଂଶମାନଙ୍କ ମଧ୍ୟରୁ ଶୈଳୋଦ୍ଭବ ତଥା ସୋମବଂଶୀୟ ରାଜାମାନେ ସମସ୍ତେ "ପରମ ମାହେଶ୍ୱର" ଉପାଧିରେ ଭୂଷିତ ହୋଇ ଶୈବ ଧର୍ମର ଆଶ୍ରୟ ନେଇଥିଲେ । ତେଣ, ସେମାନଙ୍କଦ୍ୱାରା ଏ ଅଞ୍ଚଳରେ ବହୁ ସଂଖ୍ୟାରେ ଶୈବ ମନ୍ଦିରମାନ ଗଠିତ ହୋଇଥିଲା । ଭୁବନେଶ୍ୱର ଶୈବ ଗୁରୁମାନଙ୍କର ଗୋଟିଏ କେନ୍ଦ୍ର ପୀଠ ହୋଇଥିଲା । ଯଯାତି ମହାଶିବଗୁପ୍ତ ସୋମ ରାଜବଂଶ ଉତ୍କଳରେ ପ୍ରତିଷ୍ଠା କରି ଭୁବନେଶ୍ୱରର ଶ୍ରୀ ଲିଙ୍ଗରାଜ ମନ୍ଦିର ନର୍ମାଣ କରିଥିଲେ ଏବଂ ତାଙ୍କ ରାଣୀ କୋଳାବତୀ ମଧ୍ୟ ବ୍ରହ୍ମେଶ୍ୱର ମନ୍ଦିର ନିର୍ମାଣ କରି ସେଥିରେ ନିଜ ବଂଶର କୀର୍ତ୍ତିକଳାପ ସମ୍ବଳିତ ଗୋଟିଏ ଶିଳାଲେଖ ସ୍ଥାପନ କରି ଅଛନ୍ତି* । ରାଣୀ କୋଳାବତୀ ଏହି ମନ୍ଦିରଟି ଏକାମ୍ର—ସିଦ୍ଧତୀର୍ଥରେ ନିର୍ମାଣ କରିଥିଲେ । ଏ ସମ୍ବନ୍ଧେ ନିମ୍ନୋକ୍ତ ଶ୍ଳୋକଟି ସେଥିରେ ଖୋଦିତ ହୋଇଅଛି:—

ଏକାମ୍ରେ ସିଦ୍ଧତୀର୍ଥେ ଚତୁରମରକୁଳୀ ନାଟ୍ୟଶାଳା ସମେତଃ
କୋଳାବତ୍ୟାତଦ୍ଦୈଶଃ କ୍ଷିତିମୁକୁଟମଣେଃ କାରିତଃ କୀର୍ତ୍ତିରାଜ୍ଞୀ

ରାଣୀ କୋଳାବତୀଙ୍କ ପୁତ୍ର ଉଦ୍ୟୋତ କେଶରୀ ଜଣେ ପ୍ରବଳ ପରାକ୍ରାନ୍ତ ରାଜା ଥିଲେ । ସେ ତାଙ୍କ ଶତ୍ରୁ ଡାହାଳ, ଚେଡ ଓ ଗୌଡ଼ଦେଶର ରାଜାମାନଙ୍କୁ ପରାସ୍ତ କରିଥିଲେ । ସୁତରାଂ ତାଙ୍କ ସାମ୍ରାଜ୍ୟର ଚତୁର୍ଦ୍ଦିଗରେ ଶତ୍ରୁ ରାଜାମାନେ ସୋମବଂଶ ବିରୁଦ୍ଧରେ ଅଭିଯାନ କରିବାକୁ ପ୍ରସ୍ତୁତ ହେଉଥିଲେ ।

ରାଜନୈତିକ ପରିସ୍ଥିତି ସଙ୍ଗେ ଓତପ୍ରୋତ ଭାବେ ଧର୍ମ ସଂକ୍ରାନ୍ତ ଭାବଧାରା ଜଡ଼ିତ ହୋଇଥିଲା । ଯେଉଁ ସମୟରେ ଉତ୍କଳରେ ଭୌମକର ବଂଶର ପ୍ରାଚୀନ ରାଜାମାନଙ୍କ ପ୍ରବର୍ତ୍ତିତ ବୌଦ୍ଧ (ମହାଯାନ) ଧର୍ମ ଅସ୍ତମିତ ହେଉଥିଲା, ସେତେବେଳେ ଦକ୍ଷିଣ-

କୋଶଳରେ ପ୍ରବଳ ପରାକ୍ରାନ୍ତ ସୋମବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ ଏବଂ କଳିଙ୍ଗରେ ଗଙ୍ଗବଂଶୀୟ ରାଜାମାନେ ମଧ୍ୟ ଯଥେଷ୍ଟ ପରାକ୍ରମଶାଳୀ ଥିଲେ । ଉଭୟ ରାଜବଂଶ ଶୈବ ଗୁରୁଙ୍କ ଆଶ୍ରୟ ନେଇଥିଲେ ସୁଦ୍ଧା ରାଜନୈତିକ କାରଣରୁ ସେମାନଙ୍କ ମଧ୍ୟରେ ଶତ୍ରୁତା ପୂରି ରହିଥିଲା । ମଧ୍ୟ-ଭାରତରେ ଚେଦୀ ତଥା ଡାହାଳର ହୈହୟମାନଙ୍କ ଲୋଲୁପ ଦୃଷ୍ଟି ଉତ୍କଳ ତଥା ଦକ୍ଷିଣ-କୋଶଳ ଉପରେ ପଡ଼ିଥିଲା । ସେହି ବଂଶର ରାଜା ଲକ୍ଷ୍ମଣ ରାଜ ଏକଦା କୋଶଳ ଜୟ କରି ସାରି ଓଡ୍ର ରାଜାଙ୍କଠାରୁ ଗୋଟିଏ ରତ୍ନ ଖଚିତ କାଳୀୟ (ବିଷ୍ଣୁ) ମୂର୍ତ୍ତିନେଇ ସୋମେଶ୍ୱର (ଶିବ)ଙ୍କ ଅର୍ଚ୍ଚନା କରିଥିବା ପ୍ରସଙ୍ଗ ତାଙ୍କ ଅଭିଲେଖର ନିମ୍ନୋକ୍ତ ଶ୍ଳୋକରୁ ଜଣାଯାଏ :—

ଜିତ୍ୱା କୋଶଳନାଥ ମୋଡ୍ର ନୃପତେରାପ୍ତସ୍ତୁ ଯଃ କାଳିୟୋ ।
ରତ୍ନସ୍ୱର୍ଣ୍ଣମୟଃ ସ ଯେନ ବିହିତଃ ସୋମେଶ୍ୱରାଭ୍ୟର୍ଚ୍ଚନମ୍ ॥*

ଏହି ଶ୍ଳୋକରୁ ଜଣାଯାଉଛି, ଦକ୍ଷିଣ-କୋଶଳର ସୋମବଂଶୀ ରାଜା ପରାଜୟ ଲାଭ କଲାପରେ ରତ୍ନ ଖଚିତ କାଳୀୟ ମୂର୍ତ୍ତିଟି ଓଡ୍ର ରାଜା ତାଙ୍କୁ (ଲକ୍ଷ୍ମଣ ରାଜାଙ୍କୁ) ଉପହାର ଦେଇଥିଲେ । ଓଡ୍ର ଦେଶ ରାଜା ସମ୍ଭବତଃ ଉତ୍କଳ ତଥା କୋଶଳ ରାଜାଙ୍କ ବିରୁଦ୍ଧାଚରଣକରି କୌଣସି ବିଷ୍ଣୁ ପ୍ରତିମା ଚେଦି ରାଜାଙ୍କୁ ଉପହାର ଦେଇଥିଲେ* ।

ବର୍ତ୍ତମାନ ପ୍ରଶ୍ନ ହେଉଛି, ଯଦି ଓଡ୍ର ଦେଶରେ ଖ୍ରୀ:୧୦ମ ଶତାବ୍ଦୀରେ ରତ୍ନଖଚିତ କାଳୀୟ ମୂର୍ତ୍ତି (ବିଷ୍ଣୁ)ଙ୍କ ପୀଠସ୍ଥଳୀ ଥିଲା, ତେବେ ସେହି ମୂର୍ତ୍ତିକୁ ଶୈବ ପୀଠରେ ସୋମେଶ୍ୱର (ଶିବ)ଙ୍କ ଅର୍ଚ୍ଚନା ସକାଶେ ଚେଦି ବଂଶର ଲକ୍ଷ୍ମଣରାଜ ନେବାର ତାତ୍ପର୍ଯ୍ୟ କ'ଣ ହୋଇ ପାରେ ? ଓଡ୍ର ରାଜାଙ୍କ ମୁଖ୍ୟ ବିଷ୍ଣୁ କ୍ଷେତ୍ର ରୂପେ ପୁରୁଷୋତ୍ତମ କ୍ଷେତ୍ର ସେତେବେଳେ ପ୍ରଖ୍ୟାତ ଥିଲା । ସମୁଦ୍ର କୂଳରେ ଓଡ୍ର ଦେଶରେ ପୁରୁଷୋତ୍ତମଙ୍କ ପ୍ରତିଷ୍ଠା ବିଷୟ ମହିୟାରର ଶାରଦା ମନ୍ଦିରର ଖ୍ରୀ: ୧୦ମ ଶତାବ୍ଦୀର ଅଭିଲେଖରୁ ସ୍ପଷ୍ଟ ପ୍ରମାଣିତ ହୋଇ ପାରିଛି *। ସୁତରାଂ ରତ୍ନଖଚିତ ଯେଉଁ ସ୍ୱର୍ଣ୍ଣ କାଳୀୟ ମୂର୍ତ୍ତି ଓଡ୍ରଦେଶରୁ ଚେଦିରାଜା ନେଇ ସୋମେଶ୍ୱର ମନ୍ଦିରରେ ଅର୍ଚ୍ଚନା କଲେ ତାହା ସେହି ସିନ୍ଧୁତଟବର୍ତ୍ତୀ ପୁରୁଷୋତ୍ତମ କ୍ଷେତ୍ରରେ କୌଣସି ବିଷ୍ଣୁ ପ୍ରତିମା ବୋଲି ନିର୍ଦ୍ଦେଶ କରାଯାଇ ପାରେ ।

ଯେଉଁ ସମୟର ବିଷୟ ଆଲୋଚନା କରା ଯାଉଛି, ସେତେବେଳେ ଉତ୍କଳରେ ସୋମବଂଶୀୟ ଭୌମ ରାଜାମାନେ 'ପରମ ମାହେଶ୍ୱର' ଉପାଧି ଧାରଣ କରୁଥିଲେ । ଭୌମ ରାଜ ବଂଶରେ ସର୍ବ ପ୍ରଥମେ ଏ ଉପାଧି ଶୁଭକର ଦେବଙ୍କର ତାଳଚେରରୁ ପ୍ରାପ୍ତ ଗୋଟିଏ ତାମ୍ର ଶାସନରୁ ପ୍ରକଟିତ ହୁଏ । ସେହି ଶାସନଟି ଭୌମାବ୍ଦ ୧୪୧ (ଖ୍ରୀ ୮୭୭)ରେ ଖୋଦିତ ହୋଇଥିଲା ।

ତାଙ୍କ ପରେ ସେହି ବଂଶର ରାଜା ଶାନ୍ତିକର ଦେବଙ୍କ ଅନୁଗୁଳ ତାମ୍ର ଶାସନରେ ମଧ୍ୟ ସେ ନିଜକୁ 'ପରମ ମାହେଶ୍ୱର' ଉପାଧିରେ ଭୂଷିତ କରିଥିବା ଦେଖାଯାଏ† । ସେଥିରେ ସେ ଦୁଇଟି ଦାନ କରି ଅଛନ୍ତି । ଗୋଟିଏ ତାଳଚେର ବିଷୟର କଲୁର ନାମକ ଗ୍ରାମ ଏବଂ ଦ୍ୱିତୀୟଟି ଚନ୍ଦ୍ର ଗ୍ରହଣ କାଳରେ ଏକାମ୍ରସ୍ଥ ବିନ୍ଦୁସରଠାରେ ବ୍ରାହ୍ମଣଙ୍କୁ ଭେଲିଙ୍ଗି ବିଷୟରେ ଥିବା ରକଲା ନାମକ ଗ୍ରାମ ଦାନ କରିଥିଲେ । ଏଥିରୁ ଅନୁମିତ ହୁଏ, ଶାନ୍ତିକରଙ୍କ ଧର୍ମୋପଦେଷ୍ଟା ଶୈବଗୁରୁ ଏକାମ୍ର (ଭୁବନେଶ୍ୱର) କ୍ଷେତ୍ରରେ ବାସ କରୁଥିଲେ ।

ତାଳଚେରରୁ ପ୍ରାପ୍ତ ଶିବକରଦେବଙ୍କ ତାମ୍ର ଶାସନରୁ ପ୍ରକଟିତ ହେଉଛି ଯେ, ତାଙ୍କର ଜଣେ ସାମନ୍ତ ରାଜା ରାଣକ ଶ୍ରୀ ବିନୀତତୁଙ୍ଗଙ୍କ ଅନୁରୋଧକ୍ରମେ ବୁଦ୍ଧଭଟ୍ଟାରକଙ୍କ ମନ୍ଦିରରେ ଉପାସନା ନିମନ୍ତେ ଉତ୍ତର ତୋଷଳୀରେ ଥିବା କଲ୍ଲାଣୀ ନାମକ ଗ୍ରାମ ଭୌମାବ୍ଦ ୧୪୯ (ଖ୍ରୀ: ୮୮୫)ରେ ଦାନ କରିଥିଲେ* । ଏଥିରୁ ସ୍ପଷ୍ଟ ଜଣାଯାଉଛି, ଭୌମ ବଂଶୀୟ ରାଜାମାନେ ଶୈବ ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ ସୁଦ୍ଧା ବୁଦ୍ଧଙ୍କ ଉପାସନା ପାଇଁ ତାଙ୍କର ଆଦୌ ଆପତ୍ତି ନ ଥିଲା ।

ସେହି ରାଜବଂଶରେ ସର୍ବ ପ୍ରଥମେ ଯେଉଁ ରାଣୀ ରାଜ୍ୟ ଶାସନ କାର୍ଯ୍ୟରେ ବ୍ୟାପୃତ ହୋଇଥିଲେ ସେ ହେଉଛନ୍ତି, ତ୍ରିଭୁବନମହାଦେବୀ ପୃଥ୍ୱୀଦେବୀ । ସେ ମଧ୍ୟ ଏ ରାଜବଂଶର ସର୍ବ ପ୍ରଥମ ଓ ସର୍ବଶେଷ ମହାଦେବୀ, ଯେକି 'ପରମ ବୈଷ୍ଣବୀ' ଉପାଧି ଧାରଣ କରିଥିଲେ । ବୌଦରୁ ତାଙ୍କର ଦୁଇଟି ଦାନ ଶାସନ ମିଳିଛି । ସେଥିରେ ସେ ନିଜର ପରିଚୟ ଦେବାକୁ ଯାଇ ଲେଖି ଅଛନ୍ତି—

"ସିତାଂଶୁବଂଶ ନଳିନ ଶ୍ରୀ ବିକାଶୈକ ଭାସ୍ୱତଃ
ରାଜ୍ଞଃ ସ୍ୱଭାବତୁଙ୍ଗସ୍ୟ କୋଶଳାଧିପତେଃ ସୁତା"....**

ଅର୍ଥାତ୍ ତ୍ରିଭୁବନ ମହାଦେବୀ ଓରଫ ପୃଥ୍ୱୀ ମହାଦେବୀଙ୍କ ପିତା ହେଉଛନ୍ତି, କୋଶଳର ସୋମବଂଶ ମହାରାଜ ସ୍ୱଭାବତୁଙ୍ଗ । ମହାରାଜ ଯଯାତି (୨ୟ)ଙ୍କ ପିତା ମହା-ଭବ ଗୁପ୍ତ ଜନମେଜୟଙ୍କ ଦ୍ୱିତୀୟ ନାମଥିଲା ସ୍ୱଭାବତୁଙ୍ଗ । ତେଣୁ, ସେ ହେଉଛନ୍ତି ଭୌମକର ବଂଶୀୟ ଉତ୍କଳର ମହାରାଣୀ ତ୍ରିଭୁବନ-ପୃଥ୍ୱୀ ମହାଦେବୀଙ୍କ ପିତା । ବୌଦରୁ ପ୍ରାପ୍ତ ଉପରୋକ୍ତ ଦୁଇଟି ତାମ୍ରଶାସନ ଭୌମ ୧୫୮ (ଖ୍ରୀ:୮୯୪)ରେ ଖୋଦିତ ହୋଇଥିଲା । ତାଙ୍କ ଭ୍ରାତା ମହାଶିବଗୁପ୍ତ ଯଯାତି ହୈହୟମାନଙ୍କ ଡାହାଳ ନଗରୀକୁ ପୋଡ଼ି ଜନଶୂନ୍ୟ କରିଥିବା କଥା ପୁଣି ତାଙ୍କ ପିତା ସ୍ୱଭାବତୁଙ୍ଗ ଚେଦିମାନଙ୍କୁ ପରାଭୂତକରି ସେଠାର ରାଜଲକ୍ଷ୍ମୀ ଲାଭକରିଥିବା ପ୍ରସଙ୍ଗ ଯଯାତିଙ୍କ ପଟଣା ମ୍ୟୁଜିୟମ୍ ତାମ୍ର ଶାସନରେ ନିମ୍ନ ପ୍ରକାରେ ଉଲ୍ଲେଖ ଅଛି:—

"ଯୋଽଭୂନ୍ନୃପଃ ସୋମକୁଳାବ୍ଜଭାନୁଃ
ସ୍ୱଭାବତୁଙ୍ଗୋ ନିଜ ପୌରୁଷେଣ ।

ଯଃ କୋଶଳା ପାଳନ କୌମୁଦୀନ୍ଦୁ-
ର୍ଜିତ୍ୱା ଚୈଦ୍ୟାନ୍ ବିତତାନ ଲକ୍ଷ୍ମୀଃ ॥
× × ×
ତସ୍ମାଦ୍‌ଭୂତୋ ବିଷ୍ଣୁରିବାଜନିଷ୍ଟ
ସ ଦୁର୍ନିରାଜଂ ବିଘଟ ପ୍ରତାପମ୍ ।

ତୃଣାୟ ଚୈଦ୍ୟଂ ଦ୍ୱତ ମନ୍ୟମାନୋ
ଦଗ୍ଧାଂ ଢ଼ହାଳାଂ ବିଜନୀ ଚକାର" ॥***

ଏ ଘଟଣାରୁ ଜଣାଯାଉଛି, ଚେଦି ରାଜ ଲକ୍ଷ୍ମଣରାଜ କୋଶଳ ଆକ୍ରମଣକରି ଓଡ୍ର ରାଜାଙ୍କ ଠାରୁ କାଳୀୟମୂର୍ତ୍ତି ନେବାପରେ ଭୌମ ବଂଶୀୟା ରାଣୀ ତ୍ରିଭୁବନ ପୃଥ୍ୱୀ-ମହାଦେବୀ ତାଙ୍କ ପିତା ସ୍ୱଭାବତୁଙ୍ଗ—ମହାରବଧୂତଙ୍କ ରାଜ୍ୟରେ ଆଶ୍ରୟ ନେଲେ ଏବଂ ତାଙ୍କ ପିତା ଓ ଭ୍ରାତା ଯଯାତି ଚେଦିମାନଙ୍କୁ ପ୍ରତିଆକ୍ରମଣକରି ତାଙ୍କର ରାଜଲକ୍ଷ୍ମୀ ବା ରାଜ ସଂପଦ ଆଣିଥିଲେ । ସମ୍ଭବତଃ ଓଡ୍ରଦେଶରେ ବିଷ୍ଣୁମୂର୍ତ୍ତିମାନଙ୍କ ପୁନଃ ପ୍ରତିଷ୍ଠା ସକାଶେ ପୃଥ୍ୱୀ ମହାଦେବୀ ଶ୍ରୀକ୍ଷେତ୍ରରେ ଗୋଟିଏ ବିରାଟ ପରିକଳ୍ପନା କରି ସେଥିର ଭିତ୍ତିସ୍ଥାପନ କରିଥିବେ । କିନ୍ତୁ ତାହା ତାଙ୍କ ଜୀବିତକାଳ ମଧ୍ୟରେ ପୂର୍ଣ୍ଣ ହୋଇ ପାରିନଥିବ । ତେଣୁ, ବହୁକାଳ ପରିତ୍ୟକ୍ତ ହୋଇ ରହିଥିବ ତାଙ୍କର ସେହି ପରିକଳ୍ପନା ।

ପୃଥ୍ୱୀ ମହାଦେବୀଙ୍କ ପରେ, ତାଙ୍କ ଭ୍ରାତା ଯଯାତି ମହାଶିବଗୁପ୍ତ ନିଜେ 'ପରମ ମାହେଶ୍ୱର' ବା ଶୈବ ଧର୍ମା-ବଲମ୍ବୀ ଥିବାରୁ ସେ ଭୁବନେଶ୍ୱରଠାରେ ବିରାଟ ଆକାରରେ କୃତ୍ତିବାସ (ଲିଙ୍ଗରାଜ)ଙ୍କ ମନ୍ଦିର ଗଠନକରି ଶୈବ କ୍ଷେତ୍ରର ପ୍ରାଧାନ୍ୟ ବିସ୍ତାର କରିଥିଲେ । କିନ୍ତୁ ତାଙ୍କ ଭଗ୍ନୀ 'ପରମବୈଷ୍ଣବୀ' ପୃଥ୍ୱୀ ମହାଦେବୀଙ୍କ ପରିକଳ୍ପିତ ଶ୍ରୀମନ୍ଦିର ବିଷ୍ଣୁକ୍ଷେତ୍ର ନୀଳାଚଳରେ ଅସଂପୂର୍ଣ୍ଣ ହୋଇ-ରହିଲା । ତଦବଧି ଓଡ଼ିଶାର ଅନ୍ୟ କୌଣସି ରାଜା ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇ ନ ଥିବାରୁ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପ୍ରତି ସେମାନେ ଆଗ୍ରହ ପ୍ରକାଶ କଲେ ନାହିଁ । ତେଣୁ ଖ୍ରୀ: ୧୦ମ ଓ ୧୧ଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ଶ୍ରୀ ଜଗନ୍ନାଥ ମନ୍ଦିରର ନିର୍ମାଣ କାର୍ଯ୍ୟ ଅବହେଳିତ ଅବସ୍ଥାରେ ହିଁ ରହିଲା ।

ଖ୍ରୀ : ୧୧ଶ ଶତାବ୍ଦୀରେ ଦକ୍ଷିଣ ଭାରତରେ ରାମାନୁଜଙ୍କ ବୈଷ୍ଣବ ଧର୍ମ ପ୍ରସାର ଲାଭକଲା । ଯେତେବେଳେ 'ପରମ ମାହେଶ୍ୱର' ଉପାଧି ଭୂଷିତ ଗଙ୍ଗବଂଶୀୟ ରାଜାମାନେ କଳିଙ୍ଗ ନଗର (ଆଧୁନିକ ମୁଖଲିଙ୍ଗ)ଠାରୁ କଳିଙ୍ଗ ରାଜ୍ୟ ଶାସନ କରୁଥିଲେ । ସେହି ବଂଶର ପ୍ରବଳ ପରାକ୍ରମୀ ମହାରାଜ ଚୋଡ଼ଗଙ୍ଗ ଉତ୍କଳର ସୋମବଂଶୀ ଏବଂ ବେଙ୍ଗି ରାଜ୍ୟର ଚାଲୁକ୍ୟ ବଂଶୀୟ ରାଜାଙ୍କୁ ପରାଜିତକରି ଉଭୟ ରାଜ୍ୟର ଶ୍ରୀ (ସଂପଦ) ହସ୍ତଗତ କଲେ । ଏ ସମ୍ବନ୍ଧରେ ଗୋଟିଏ ସୁନ୍ଦର ଶ୍ଳୋକ ଗାଙ୍ଗେୟ ତାମ୍ରଶାସନମାନଙ୍କରେ ଉଲ୍ଲେଖ ଅଛି । ଯଥା :—

"ପୂର୍ବସ୍ୟାଂ ଦିଶି ପୂର୍ବମୁତ୍କଳ ପତିଂ
ରାଜ୍ୟେନି ଧାୟାଦ୍ଭୃତଂ
ପଶ୍ଚାତ୍ ପଶ୍ଚିମଦିକ୍‌ତଟେ ବିଘଟିତଂ
ବେଙ୍ଗୀଶମପ୍ୟେତୟୋଃ ।
ଲକ୍ଷ୍ମୀ ବନ୍ଧନ ମାଲିକାମିବ ଜୟ—
ଶ୍ରୀ ତୋରଣ-ସ୍ତମ୍ଭୟୋ—
ର୍ବଧ୍ନାତିସ୍ମ ସମିଦ୍ଧ କୀର୍ତ୍ତି ବିଭବଃ
ଶ୍ରୀଗଙ୍ଗ ଚୂଡ଼ାମଣିଃ ॥"

ଏଥିରୁ ଅନୁମିତ ହୁଏ, ଉତ୍କଳର ସୋମବଂଶୀ ମହାରାଜ କର୍ଣ୍ଣଦେବଙ୍କୁ ନିଶ୍ଚିହ୍ନ କରିଦେଇ ତାଙ୍କ ରାଜକୋଷ ସଙ୍ଗେ ବେଙ୍ଗିର ଚାଲୁକ୍ୟବଂଶୀ ରାଜାଙ୍କ ରାଜକୋଷ ସେ ହସ୍ତଗତ କଲେ । ପ୍ରାଚୀନ ରୀତି ଅନୁସାରେ ନିର୍ବଂଶ ହୋଇଥିବା ପାରିବାରିକ ଧନସଂପଦ କୌଣସି ଧର୍ମ କାର୍ଯ୍ୟରେ ବ୍ୟୟକରିବା ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ରରେ ପରିତ୍ୟକ୍ତ ଅବସ୍ଥାରେଥିବା ଶ୍ରୀ ଜଗନ୍ନାଥ ମନ୍ଦିର ନର୍ମାଣ ପ୍ରକଳ୍ପଟି ସେ ଖ୍ରୀ: ୧୨ଶ ଶତାବ୍ଦୀ ପ୍ରଥମଦଶକରେ କାର୍ଯ୍ୟରେ ପରିଣତ କରିଥିଲେ । ଯାହା ଫଳରେ ବୈଷ୍ଣବ ସଂପ୍ରଦାୟର ବହୁକାଳର ଆଶା ଆକାଂକ୍ଷା ପୂର୍ଣ୍ଣତା ଲାଭକଲା । ଚୋଡ଼ଗଙ୍ଗ ତାଙ୍କ ରାଜଧାନୀ ବଂଶଧାରା ନଦୀତଟରୁ ଉଠାଇନେଇ ମହାନଦୀତଟବର୍ତ୍ତୀ ବାରାଣସୀ (ଆଧୁନିକ କଟକ) ଠାରେ ସ୍ଥାପନ କଲେ । ସମ୍ଭବତଃ ଚୋଡ଼ଗଙ୍ଗଙ୍କ ଜୀବିତ-କାଳ ମଧ୍ୟରେ ମନ୍ଦିର କାର୍ଯ୍ୟ ପୂର୍ଣ୍ଣ ହୋଇନଥିବ । ତଥାପି ଶ୍ରୀବିଗ୍ରହମାନ ସେଥିରେ ପ୍ରତିଷ୍ଠା କରାଯାଇଥିବେ । ତା' ନ ହେଲେ ମୁକ୍ତିମଣ୍ଡପ ସମ୍ମୁଖରେ ନୃସିଂହ ମନ୍ଦିରର ଏକ ଲିପିରେ* ଚୋଡ଼ଗଙ୍ଗଙ୍କ ପ୍ରଦତ୍ତ ଅଖଣ୍ଡବର୍ତ୍ତୀ ଦୀପଦାନ ଶ୍ରୀମନ୍ଦିରରେ ସମ୍ଭବ ହୁଅନ୍ତା କିପରି ? ଦୁଃଖର ବିଷୟ ନୃସିଂହ ମନ୍ଦିରରେ ଚୂନ ପଲସ୍ତରା ଭିତରେ କେତେଗୁଡ଼ିଏ ପ୍ରସ୍ତର ଲିପି ଅଦ୍ୟାପି ଅପ୍ରକାଶିତ ହୋଇ ରହିଛି । ସେପରି ମଧ୍ୟ ଭୁବନେଶ୍ୱରସ୍ଥ ଶ୍ରୀଲିଙ୍ଗରାଜ ମନ୍ଦିର ଗର୍ଭରେ ଥିବା ପ୍ରାୟ ୬୦—୭୦ଟି ଶିଳାଲେଖ ଅପ୍ରକଟିତ ଅବସ୍ଥାରେ ରହିଛି । ଏହି ଲିପିଗୁଡ଼ିକ ପଠିତ ହୋଇ ସର୍ବସାଧାରଣରେ ପ୍ରକାଶ କରାଗଲେ, ଓଡ଼ିଶାର ଦୁଇଟି ମୁଖ୍ୟ ମନ୍ଦିର ସମ୍ବନ୍ଧରେ ହୁଏତ ଅଧିକ ଐତିହାସିକ ତଥ୍ୟ ମିଳିପାରିବ ।

# କିଏ କେତେ ତୋ ସେବାରେ

ଅଧ୍ୟାପକ ରାଜକିଶୋର ରାୟ

ବିଶ୍ୱ ପ୍ରସିଦ୍ଧ ଶ୍ରୀ ଗୁଣ୍ଡିଚା ଯାତ୍ରା । ଆପଣ ମାନେ କାଲି ଠାରୁ ନେତ୍ର ଉତ୍ସବ ଓ ନବଯୌବନ ଦର୍ଶନ କରିଛନ୍ତି । ଦର୍ଶନ କରିବା ପୂର୍ବରୁ ଟକା ଅପସର, ମଙ୍ଗଳ ଆଳତି ମଇଲମ, ଅବକାଶ, ଦଶଅବତାର, ଦିଅଁ ବାହୁଡ଼ା ବିଜେ, ତାଟି ଫିଟା, ପରିମାଣିକ ଦର୍ଶନ, ସର୍ବସାଧାରଣ ଦର୍ଶନ, ଧୁଆଧୋଇ ଚୂନ ପାଣି ପକା, ଦଇତାପତି ସର୍ବାଙ୍ଗ ବନ୍ଦାପନା, ନେତ୍ର ଉତ୍ସବ ବନ୍ଦାପନା, ରୋଷ ହୋମ, ରାଜନୀତି (ପଲିଟିକ୍ସ ନୁହଁ), ଯାତ୍ରାଙ୍ଗି ମହାସ୍ନାନ, ମଇଲମ, ଘଣ୍ଟଛତା ସର୍ବାଙ୍ଗ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶ, ସକାଳ ଧୂପ ଡାକିଯିବା (କୋଠ ଭୋଗ), ସକାଳ ଧୂପ ଛେକ ଆସିବା, ଭୋଗ ମଣ୍ଡପ ଉଠିବା, ଧୂପ ପୂଜା, ଧୂପ ଶେଷ, ରଥ ଆଜ୍ଞାମାଳ, ଭୋଗ ମଣ୍ଡପ ପୂଜା, ଭୋଗ ମଣ୍ଡପ ପୂଜା ଶେଷ, ମଧ୍ୟାହ୍ନ ଧୂପ ଡାକିଯିବା (କୋଠ ଭୋଗ), ମଧ୍ୟାହ୍ନ ଧୂପ ଛେକ ଆସିବା, ଦ୍ୱିତୀୟ ଭୋଗ ମଣ୍ଡପ ଉଠିବା, ଧୂପ ପୂଜା, ଧୂପ ଶେଷ, ଦ୍ୱିତୀୟ ଭୋଗ ମଣ୍ଡପ ପୂଜା, ଦ୍ୱିତୀୟ ଭୋଗ ମଣ୍ଡପ ଶେଷ, ମଇଲମ ବେଶ, ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ ଡାକିଯିବା (କୋଠ ଭୋଗ), ସନ୍ଧ୍ୟା ଧୂପ ଛେକ ଆସିବା, ତୃତୀୟ ଭୋଗ ମଣ୍ଡପ ଉଠିବା, ଧୂପ ପୂଜା, ଧୂପ ଶେଷ, ମଇଲମ, ଚନ୍ଦନ ଲାଗି, ବଡ଼ ସିଂହାର ବେଶ, ବଡ଼ ସିଂହାର ଭୋଗ, ପହଡ଼ ଆଳତି ଶ୍ରୀମୁଖ ଖଣ୍ଡୁଆ, ବାହୁଟ କଣ୍ଠା ଓ ଛେନାପଟା ଲାଗି ହୋଇ ଯାଉଛି । ରାତ୍ରି ଘରି ଘଣ୍ଟାରୁ ପୁଣି ରାତ୍ର ସରିଘଣ୍ଟା ଯାଏ କ୍ରମାନ୍ୱୟରେ ଢ଼ିଗମାନଙ୍କର ସେବା ଚାଲିଛି । ଯଦି କେଉଁ କେଉଁ ନୀତି ବାକିଆ ରହିଯାଏ, ତେବେ ଶ୍ରୀଗୁଣ୍ଡିଚା ଦିନରେ ବିଳମ୍ବିତ ନୀତି ନିର୍ଘଣ୍ଟ ଅପରିହାର୍ଯ୍ୟ । କାରଣ କୌଣସି ସେବାକୁ ଡେଇଁ ଯାଇ ଆନ ନୀତି ହୋଇ ପାରିବ ନାହିଁ ।”

ଆପଣମାନେ ପବିତ୍ର ସିଂହଦ୍ୱାରରେ ଉର୍ଦ୍ଧ୍ୱମୁଖ ହୋଇ ତ୍ରିମୂର୍ତ୍ତିଙ୍କୁ ଧ୍ୟାନ କରୁଛନ୍ତି । ଶ୍ରୀ ଗୁଣ୍ଡିଚା । ସେମାନେ ଏବେ କେଉଁଠି ? କି ସେବା ପାଉଛନ୍ତି ଶ୍ରୀ ମନ୍ଦିର ଭିତରେ ? ପ୍ରଭାତ ସରିଘଣ୍ଟା ବେଳୁ ନୀତି ଆରମ୍ଭ ହୋଇଛି ଏଇ କ୍ରମରେ ଏବଂ ସରିବ ରଥ ଟଣା ଯାଏ ।

ତାହା ହେଲା : ମଙ୍ଗଳ ଆଳତି, ମଇଲମ, ତଡ଼ପ ଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶ, ଗୋପାଳ ବଲ୍ଲଭ ଓ ସକାଳ ଧୂପ, ରଥ ପ୍ରତିଷ୍ଠା, ମଙ୍ଗଳାର୍ପଣ, ପହଣ୍ଡି ଆରମ୍ଭ (ଏ ଦୃଶ୍ୟ ଭକ୍ତଜନମାନଙ୍କ ନେତ୍ରରୁ ଅଶ୍ରୁ, ବେଦନାର ନୁହେଁ, ଆନନ୍ଦର ନିର୍ଗତ କରାଏ ପହଣ୍ଡି) ଶେଷ, ମଦନ ମୋହନ ବିଜେ, ଚିତା ଲାଗି, ଛେରା ପହଁରା (ଏ ଦୃଶ୍ୟ ଅନୁରୂପ ଭକ୍ତି-ଉଲ୍ଲାସକ ଓ ପରଂପରାଗତ ରାଜକୀୟ ଦେବ ସେବା ଅଥଚ ଗୁଣ୍ଡାଳ ଭୂମିକାରେ) ଓ ରଥଟଣା ଆରମ୍ଭ । ରଥ ଉପରେ ଅନ୍ୟାନ୍ୟ ନୀତି ସରିଥିବ ।

## ଏଇ ଯାତ୍ରାରେ କାହାର ସେବା ଅଧିକାର ?

ଶବର ରାଜ ବିଶ୍ୱାବସୁଙ୍କର ବଂଶ ଉତ୍ତରାଧିକାରୀ ଦଇତାପତିମାନେ । ପ୍ରଥମ ରାଜସେବା ପୁରୀ ଗଜପତିଙ୍କର । ଅନ୍ୟାନ୍ୟ ସେବକ ହେଲେ ମୁଦୁହସ୍ତ ବା ମୁଦିରଥ । ରାଜା ଛେରା ପହରା ନକରି ପାରିଲେ ତାଙ୍କର ପ୍ରତିନିଧି ହୋଇ କାର୍ଯ୍ୟ କରନ୍ତି । ଛତିଆ ନିଯୋଗ ନାୟକ, ପାଟଯୋଶୀ ମହାପାତ୍ର, ଭଣ୍ଡାର ନାୟକ । ୧୯୩୦ ମସିହା ପର୍ଯ୍ୟନ୍ତ ଭଣ୍ଡାରର ଗୋଟିଏ ଚାବି ତାଙ୍କ ପାଖରେ ରହୁଥିଲା । ସେ ଶାଢ଼ୀବନ୍ଧା କାର୍ଯ୍ୟ ସଂପନ୍ନ କରନ୍ତି । ଭିତରଛୋ ମହାପାତ୍ର—ଏଦ୍ୱାରା ଫିଟା ନୀତି କରିବାପାଇଁ ସର୍ବ ପ୍ରଥମେ ମନ୍ଦିରକୁ ଯାଆନ୍ତି ଓ ମୁଦ ପରୀକ୍ଷା କରି ଦେଖନ୍ତି । ଅମୁଣିଆ ପରୀକ୍ଷା କରନ୍ତି । ତଳିଛୋ ମହାପାତ୍ର—ରାତି ପହୁଡ଼ ପରେ ଏଦ୍ୱାର ମୁଦକରନ୍ତି ଓ ରୋଷ ନିର୍ମଳ ରଖନ୍ତି । ଭଣ୍ଡାର ମେକାପ—ଶ୍ରୀ ଜିଉମାନଙ୍କର ଦୈନିକ ବ୍ୟବହାର ନିମନ୍ତେ ଅଳଂକାର ଆଦି ସମସ୍ତ ପଦାର୍ଥ ସହିତ ବାହାର ଭଣ୍ଡାର ଦାୟିତ୍ୱରେ ଥାଆନ୍ତି । ଏହି ସେବକମାନେ ସାଧୁ ଓ ବିଶ୍ୱାସଯୋଗ୍ୟ ହେବା ବାଂଛନୀୟ । ପରିଛା—ଧୂପ ଉଠିବା ବେଳେ ଏ ସୁନାବେତଧରି ଛିଡ଼ା ହୁଅନ୍ତି । ଦେଉଳ କରଣ—ଭଣ୍ଡାର, ସୁଆରଘର ସେବା ହସ୍ତାନ୍ତରର ହିସାବ ରଖନ୍ତି ଓ ପର୍ବାଣୀଖେଇ ବଣ୍ଟନ କରନ୍ତି । ପୂଜକ, ପୂଜାପଣ୍ଡା, ବଡ଼ପଣ୍ଡା—ଏମାନେ ପୂଜା କରନ୍ତି, ଠାକୁରମାନଙ୍କୁ ନୈବେଦ୍ୟ ଦିଅନ୍ତି । ଦଇତା—ଏମାନେ ନବ କଳେବର, ଶୀରୁ ଶ୍ରୀ ଓ ଅଣସର ପ୍ରଭୃତି ବିଶେଷ ଯାତ୍ରା ସମୟରେ କାର୍ଯ୍ୟ କରନ୍ତି । ଖୁଣ୍ଟିଆ—‘ମହିମା’ ଡାକ ଦିଅନ୍ତି ଏବଂ ଠାକୁରଙ୍କୁ ଜଗିବା ଏମାନଙ୍କ ମୁଖ୍ୟ କାର୍ଯ୍ୟ (ପ୍ରାୟ ଠାକୁରଙ୍କୁ ପୂର୍ଣ୍ଣ ଜଗିବାକୁ ପଡ଼େ ମର୍ଯ୍ୟବାସୀର) । ପଢ଼ିଆରୀ—ପହରା ଦିଅନ୍ତି, ଠାକୁରଙ୍କ ପାଖେ ଭୋଗ ଡାକନ୍ତି ଏବଂ

ଯାତ୍ରୀମାନଙ୍କର ନିରାପତ୍ତା ବିଷୟରେ ଦୃଷ୍ଟି ଦିଅନ୍ତି । ଗୋହିରିକାର—ଏମାନେ ଜୟବିଜୟ ଦ୍ୱାର ଜଗନ୍ତି । ବୀଣାକାର—ନାମରୁ ସୂଚିତ ହୁଏ, ଏମାନେ ଠାକୁରଙ୍କ ପହଣ୍ଡ ପୂର୍ବରୁ ବୀଣା ବଜାନ୍ତି । ଭିତର ଗାଏଣୀ—ପହଣ୍ଡ ଓ ଅନ୍ୟ ଯାନି ଯାତ୍ରା ସମୟରେ ଗୀତ ଗାଆନ୍ତି । ଗୀତଗୋବିନ୍ଦ ସେବକ—ଚନ୍ଦନଲାଗି ସମୟରେ ଠାକୁରଙ୍କ ଆଗରେ ଗୀତ ଗୋବିନ୍ଦ ଗାନ କରନ୍ତି । ସିଂହାରୀ ଓ ପଶୁପାଳକ—ଏମାନେ ସବୁ ସମୟରେ ଠାକୁରମାନଙ୍କୁ ବେଶ କରାନ୍ତି, ଫୁଲଲାଗି ଓ ଅବକାଶ ପୂଜା କରନ୍ତି । ସୁଆର ବଡୁ—ଏମାନେ ବହୁତ ଥର ପୋଖରିଆ ଧୁଅନ୍ତି । ଏମାନଙ୍କ ଛଡ଼ା ପତ୍ରିବଡୁ, ଗରାବଡୁ (ଜଳଯୋଗାଣ), ଶୁଦ୍ଧ ସୁଆର (ବଲ୍ଲଭ ଭୋଗ), ମୁଦୁଲି (ପୂଜାବାସନ), ଘଟୁଆରୀ (ଫୁଲ ଚନ୍ଦନ ଓ ମହାଦୀପ ତିଆରି), ତୁଳସିଆ, ଦଅଣାମାଳୀ, ବଳିଆ ସେବକ, କୁମ୍ଭାର ବିଶୋଇ (ହାଣ୍ଡି କୁଡୁଆ) ଓ ଦଣ୍ଡିଆ (ବିମଳାଙ୍କ କୂଅରୁ ପାଣି କାଢ଼ିବା ପାଇଁ ଦଉଡ଼ି ଯୋଗାଣିଆ) ପ୍ରଭୃତି ସେବକ ଅଛନ୍ତି ।

ଶ୍ରୀ ମନ୍ଦିରର ନୀତି, ସେବା ଏକ ବିରାଟ ଯନ୍ତ୍ର । ଗୋଟିଏ କେଉଁଠି ପେଚ ବା ଛୋଟିଆ ଯନ୍ତ୍ର ଅବାଗିଆ ହେଲେ କି ସେ ସେବକ ଠିକ୍‌ବେଳେ ଉପସ୍ଥିତ ନହେଲେ, ନୀତି ବିଭ୍ରାଟ ଘଟିବ । ଠାକୁରମାନେ ଅପେକ୍ଷା କରିବେ । କେହି ଡେଇଁ ଯାଇ ଅନ୍ୟ ସେବା କରିପାରିବେ ନାହିଁ ।

## ରଥ ଉପର ସେବକ

ରଥ ନିର୍ମାଣ କରନ୍ତି ରଥଭୋଇ । କଳା ବେଠିଆ ରଥ ଟାଣନ୍ତି । କରତିଆ ରଥ କାଠ କରତ କରନ୍ତି । ତାମ୍ର ବିଶୋଇ ରଥ ତିଆରିରେ ତମ୍ବା କାମ କରନ୍ତି । ଚିତ୍ରକାର ରଥ ସକାଶେ ପ୍ରତିମା ଗଢ଼ନ୍ତି । ଓଝା ମହାରଣା କମାର କାର୍ଯ୍ୟ ଓ ରଥ ଡାହୁକ ରଥ ଉପରେ ଗୀତ ଗାଆନ୍ତି ।

## ଅଣସରବେଳେ କଅଣ ହୁଏ ?

ବଡ଼ ଗୋପ୍ୟ କଥା ଏ । ସାଧାରଣରେ ଏ ବିଷୟ ରଟେ ଯେ ପ୍ରଭୁମାନେ ଜରରେ କଂପୁଥିଲେ । ତେଣୁ, ସ୍ନାନ ପରେ ତାଙ୍କୁ ସେମିତି ଗୋପ୍ୟରେ ରଖାଗଲା । ମଇଳା ଅସନା ହୋଇ ବ୍ୟାଧି ଭୋଗୁଥିଲେ । ନା, ପ୍ରକୃତ କଥା, ସ୍ନେହସେଚନ ଅନ୍ତରାଳରେ ଏଇତକ ବିଶ୍ରାମନେଇ ସେମାନେ ପନ୍ଦରଦିନ ଭିତରେ ନିଜ ରୂପକୁ ସଜେଇ ନିଅନ୍ତି । ରତ୍ନବେଦୀ ଉପରେ ସମସ୍ତଙ୍କର ନଜରରେ ସଜେଇ ହେବ କି ? ମଣିଷର ମାଂସ ହାଡ଼ ଭଳି ଦେବତାର ବି ଅଛି । ଏତିକିବେଳେ ବହୁ ମୂଲ୍ୟବାନ ଆଭରଣ ସେମାନଙ୍କ ଶରୀରରେ ଖଂଜି ଦିଆଯାଏ ମୁଖଠାରୁ ପାଦଯାଏ । ଦଇତା ମହାପାତ୍ରେ ବନକଲାଗି କରନ୍ତି । କି କି ପଦାର୍ଥ ଅଣସରଘରେ ଲଗେଇ ବା ବୋଳି ହୋଇ ଠାକୁରମାନେ ପୁଣି ନବ ବିକଶିତ ଯୌବନରେ ଝଲସି ଉଠନ୍ତି, ତାହା ଅଜଣା, ତେବେ ଏମିତି ଜିନିଷ ସବୁ ତାଙ୍କ ଦେହରେ ଲେସାଯାଏ, ଖଂଜାଯାଏ, ଛିଡ଼ାଯାଏ, ମଡ଼ାଯାଏ ଯେ ସେଗୁଡ଼ିକର ସମୂହ ଶକ୍ତି ତାଙ୍କ ପହଣ୍ଡି ବିଜେବେଳେ ଭକ୍ତର ଗୋଇଠା ମାଡ଼, ଧକ୍କା, ଠେଲାପେଲାକୁ ପ୍ରତିହତ କରିବାକୁ ବଳଦିଏ । ଏ ଏପରି ଏକ ଲେପ ଯାହାର ଦୃଢ଼ତା ତ୍ରିମୂର୍ତ୍ତିଙ୍କର ସିଂହାସନରୁ ଆସି ରଥ ଉପରେ ବସିବା ପର୍ଯ୍ୟନ୍ତ ଯେ କଷ୍ଟ ଓ ଦୁଃଖ, ତାକୁ ସହିନିଏ ।

## ଛେରା ପହଁରାରେ କଅଣ ଦେଖିବେ ?

ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି, କର୍ଣ୍ଣାଟ ଉତ୍କଳେଶ୍ୱରବର୍ଗେଶ୍ୱର ପ୍ରତାପ ଶ୍ରୀ ଶ୍ରୀ ଶ୍ରୀ ରାଜା ଦିବ୍ୟସିଂହ ଦେବ । ଏ ଶୁଭାଗମନ କରୁଛନ୍ତି ତାମଜାନ୍‌ରେ । ସେବକମାନେ ବୋହି ଆଣୁଛନ୍ତି । ସୁନ୍ଦର ତାମଜାନ୍ । ରାଜା ଠାକୁରଙ୍କ ରଥରେ ପହଞ୍ଚିଲା ପରେ ଠାକୁରଙ୍କୁ ଦୁଇଟି ନିଉଛାଳି (ଗାମୁଛା) ଦେଲେ । ତା' ପରେ ଚାମର ଆଲଟ କରିବେ । ତା'ପରେ ମାଳ ଚୂଳ ପୁଷ୍ପ ଚନ୍ଦନ ଦେବେ, ତା'ପରେ ଛେରା ପହଁରା କରିବେ ପ୍ରଥମ ଥର ।

ଦ୍ୱିତୀୟ ଥରରେ ଫୁଲ ପଡୁଥିବ, ଚନ୍ଦନ ପାଣି ପଡୁଥିବ । ମେକାପ ଦେବେ ଗଜପତିଙ୍କ ହାତକୁ ଆଲଟ ଚାମର, ରାଜା କର୍ପୁର ଆଳତି କରିବେ । ଆଳତି କାଠି ଦେଉଛନ୍ତି । ଆଲଟ ଚାମର ଦେଉଛନ୍ତି । ଖଡ଼ିକାର ବେଣ୍ଟ ଖାଣ୍ଟି ସୁନାରେ ତିଆରି । ଆଲଟ ଚାମରର ବେଣ୍ଟ ବି ସେଇଆ । ଏ ସବୁ ସୁନାର ସାମଗ୍ରୀ ରତ୍ନ ଭଣ୍ଡାରରେ ଥାଏ । ମୁଦୁଲି ଖଡ଼ିକା ଧରିଥିବେ, ଇଏ ପ୍ରଥମେ ମେକାପଙ୍କ ହାତକୁ ଖଡ଼ିକା ବଢ଼ାଇବେ । ମେକାପ ବଢ଼େଇ ଦେବେ ରାଜାଙ୍କ ହାତକୁ । ଗରାବଡୁଙ୍କ କାର୍ଯ୍ୟ ହେଉଛି ଅନ୍ୟ ସେବକମାନେ ଯେତେବେଳେ ଯେଉଁ ସାମଗ୍ରୀ ଛେରା ପହଁରା ବେଳେ ରାଜାଙ୍କ ହାତକୁ ବଢ଼ାଉଛନ୍ତି, ତା ପୂର୍ବରୁ ଗରାବଡୁ ମହାଶୟ ହାତୁଆଣି ଦେବେ, ଅର୍ଥାତ ହାତପାଣି ଅର୍ଥାତ ରାଜାଙ୍କ ହାତକୁ ପାଣି ଟେକିଦେବେ ଓ ରାଜା ପ୍ରତିଥର ହାତ ପ୍ରକ୍ଷ୍ୟାଳନ କରିବେ ।

ଯେ କୌଣସି ପଦାର୍ଥ ରାଜାଙ୍କୁ ଅର୍ପଣ କରାଯିବ ଛେରା ପହଁରା ବେଳେ, ତାକୁ ସ୍ପର୍ଶ କରି ବିହିତ ମନ୍ତ୍ର ପାଠକରେ ରାଜଗୁରୁ ମହାଶୟ ସଂସ୍କାର କରିବେ । ପଡିଆରୀ ଆଉ ଦଇତା ରାଜାଙ୍କୁ ବାଟ ଦେଖାଉଥିବେ ବିନୀତ ହୋଇ, କାହାଳିଆ ପ୍ରତ୍ୟେକ ସେବା ଆରମ୍ଭରେ କାହାଳୀ ବଜାଉଥିବେ ।

## ତଡାଲାଗିରେ କଅଣ ଦେଖିବେ ?

ସ୍ନାନ ପୂର୍ଣ୍ଣମୀ ଦିନ ତ୍ରିମୂର୍ତ୍ତି ପହଣ୍ଡି ବିଜେ କରିବା ପୂର୍ବରୁ ରତ୍ନ, ମଣି, ମାଣିକ, ହୀରା, ନୀଳାର ଯେଉଁ ଜ୍ୟୋତିର୍ମୟ ଚିତା ଶ୍ରୀ ଜଗନ୍ନାଥଙ୍କ କପାଳ ଉପରେ ଶୋଭା ପାଉଥାଏ, ତାହା କାଢ଼ି ଦିଆଯାଏ, ନିଆଯାଇ ରତ୍ନ ଭଣ୍ଡାରରେ ରଖି ଦିଆଯାଏ । ଏ ରତ୍ନ ଭଣ୍ଡାରର ଗୋଟିଏ କଞ୍ଚି ରହିଛି ମନ୍ଦିର ପ୍ରଶାସକଙ୍କ ପାଖରେ,

ଅନ୍ୟଟି ରହିଛି ରାଜାଙ୍କ ପ୍ରତିନିଧିଙ୍କ ପାଖରେ, ତୃତୀୟଟି ରହିଛି ଭଣ୍ଡାର ମେକାପଙ୍କ ପାଖରେ । ଏମାନେ ଏକ ମନ, ଏକ ପ୍ରାଣ, ଏକ ଉଦ୍ଦେଶ୍ୟ ଘେନି ଏକଯୁଟ ନ ହେଲେ, ପ୍ରଭୁଙ୍କର ରତ୍ନ ଭଣ୍ଡାର ଖୋଲିବ ନାହିଁ, କି କୌଣସି ମୂଲ୍ୟବାନ ସାମଗ୍ରୀ ପ୍ରଭୁଙ୍କ ସେବାକୁ ଆସି ପାରିବ ନାହିଁ ।

ଚିତା ଯେତେବେଳେ ଫେରେ ରତ୍ନ ଭଣ୍ଡାରକୁ, ତାକୁ ନେବାର ଅଧିକାର ଅଛି ଭଣ୍ଡାର ମେକାପଙ୍କର, ତା'ପରେ ଏହି ମୂଲ୍ୟବାନ ଅଳଙ୍କାରଗୁଡ଼ିକୁ ଯାହା, 'ଚିତା' ନାମରେ ଖ୍ୟାତ, ପ୍ରଭୁଙ୍କ କପାଳ ଉପରେ ଯାହା ଝଲସୁଥାଏ, ତା ଉପରେ କନା ଗୁଡ଼ାଯାଏ, ତା'ପରେ ମାଟି ବୋଳି ମୁଦ ଦିଆଯାଏ, ଏ କାମ କରନ୍ତି ତଢ଼ଉ କରଣ ।

ପ୍ରଭୁଙ୍କ ଚିତାତ ରତ୍ନ ଭଣ୍ଡାରକୁ ଗଲା, ସେତ ଅଣସରକୁ ଗଲେ । ଭୋଗ ହେବ କିପରି ? ଚିତା ଠାକୁରଙ୍କ ମସ୍ତକ ଉପରେ ନ ରହିଲେ ଭୋଗ ହୋଇ ପାରିବ ନାହିଁ । ଚିତା ସହିତ ଭୋଗର ଏ ସମ୍ବନ୍ଧ ରହସ୍ୟ ଜନକ ଏକ ବିକଳ୍ପ ବ୍ୟବସ୍ଥା କରାଯାଏ । ଯଜ୍ଞ ପାଇଁ ତ ପୁଣି ଶ୍ରୀ ରାମ ଚନ୍ଦ୍ର ସୁବର୍ଣ୍ଣ ସୀତା ପାଖରେ ବସାଇଲେ ।

ପ୍ରଭୁଙ୍କ ଅନବସରରେ ସୋଲ, ଜରି, କାଗଜ, ଯେତେକ ନଗଣ୍ୟ ସାମଗ୍ରୀ ସେଥିରେ ଚିତା ତିଆର କରାଯାଏ । ଏ ମିଥ୍ୟା ଚିତା, ବିକଳ୍ପ ମାତ୍ର । ରତ୍ନ ରାଜିରେ ନିର୍ମିତ ଜ୍ୟୋତିର୍ମୟ ଟୀକା ପରିବର୍ତ୍ତେ ପ୍ରଭୁ ବିଭୂଷିତ ହୁଅନ୍ତି ସାମାନ୍ୟ ସାମଗ୍ରୀରେ । ବିଶ୍ବ-ଚକ୍ଷୁ ଆଗରେ ସାମାନ୍ୟ ଅସାମାନ୍ୟ, ତୁଚ୍ଛ, ପ୍ରଧାନ କିଛି ବିଗ୍ଭର ଥାଇପାରେ କି ? ବିନା ଚିତାରେ ସେ ରହିପାରିବେ ନାହିଁ, କି ପ୍ରବର ଭୋଜନ ସାମଗ୍ରୀ 'ଭୋଗ' ବୋଲି ଗଣା ହେବନାହିଁ ।

ପ୍ରତିବର୍ଷ ଘରେ କେହିହେଲେ ଏ ଚିତାକୁ ତିଆରି କରନ୍ତି । ଗତ ଶ୍ରୀଗୁଣ୍ଡିଚ୍ଚାରେ ବାଲିସାହିର ଜୟକୃଷ୍ଣ ମହାପାତ୍ରେ ଓ ବଟକୃଷ୍ଣ ମହାପାତ୍ରେ ଏହା ତିଆର କରିଥିଲେ । ଏହି ସାମାନ୍ୟ ସୋଲ, ଜରିରେ ତିଆରି ଚିତା କରିବାକୁ ଏ ମହାଶୟମାନଙ୍କୁ ଶୁଦ୍ଧାଚାରରେ ରହିବାକୁ ପଡ଼େ । ସେମାନେ ହବିଷାନ୍ନରେ ରହନ୍ତି । ପବିତ୍ର ବୋଧ ତାଙ୍କର ଥାଏ । ଗତବର୍ଷ ଶ୍ରୀଜଗନ୍ନାଥଙ୍କ ଚିତା ତିଆରି କରିଥିଲେ କୁଣ୍ଡେଇବେଣ୍ଟ ସାହିର ଶ୍ରୀ ଅର୍ଜୁନ ମହାରଣା ।

ସେମାନେ କଅଣ ତାଙ୍କ ହାତ ତିଆରି ଚିତା ବୋହିନେବା ପାଇଁ ନିଜେ ଯିବେ ସିଂହଦ୍ୱାରକୁ ? ନା, ଚିତା ଆଣିବାକୁ ସଇତନ ବାହାରେ । ଆଗେ ଯାଆନ୍ତି କାହାଳିଆ କାହାଳୀ ବଜାଇ ବଜାଇ । ତା'ପରେ ଓଲର, ତା'ପରେ ଘଣ୍ଟୁଆ, ବଜନ୍ତ୍ରୀ (ତେଲଙ୍ଗା ବାଦ୍ୟ ବାଦକ); ଯାଙ୍କ ସାଥିରେ ଥିବେ ମନ୍ଦିର ପ୍ରଶାସକଙ୍କ ପ୍ରତିନିଧି । ଘର ବାହାର ପଟୁ ଯେତକି ଧ୍ୱନିରେ କାହାଳି ବାଜିବ, ଭିତର ପଟୁ କୁଳବଧୂମାନେ ହୁଳହୁଳି ଦେଉଥିବେ ।

## ଲୀଳା ବଚନ୍ତ୍ର

ଶେଷଦେବ ମଧ୍ୟ ଏ ବିଚିତ୍ର ଲୀଳାକୁ ବର୍ଣ୍ଣନା କରିପାରିବେ ନାହିଁ । ସବୁ କହିହୁଏ ନାହିଁ କି ଲେଖି ହୁଏ ନାହିଁ । ଏ ଦର୍ଶ ପାଇଁ ଏତିକି । "ପ୍ରଭୁ ଯିମିତି ଭାବରେ ରଖିଛ, ଯେତିକି ଗ୍ଭହିଁଛ, ସେତିକିରେ ମୁଁ ପୂର୍ଣ୍ଣ । ତୁମ ଇଚ୍ଛାସ୍ରୋତରେ ମୁଁ ଭାସୁଛି" ।





# ବୈଦେଶିକଙ୍କ ଦୃଷ୍ଟିରେ ଜଗନ୍ନାଥ

ଶ୍ରୀ ଦୁର୍ଗାଚରଣ କୁଅଁର

ହିନ୍ଦୁ ଜଗତର ପରମ ଆରାଧ୍ୟ ଦେବତା ଜଗନ୍ନାଥ ତାଙ୍କର ଅନନ୍ୟତା ହେତୁ କେବଳ ଭାରତରେ ନୁହେଁ ଭାରତ ବାହାରେ ମଧ୍ୟ ବହୁକାଳଅବଧି ସୁବିଦିତ । କିଏ ତାଙ୍କୁ କେଉଁ ରୂପରେ ଦେଖିଛି । ପୂର୍ବେ ଇଉରୋପୀୟମାନେ ଜଗନ୍ନାଥଙ୍କୁ Juggernant ରୂପେ ଲେଖୁଥିଲେ । ଊନବିଂଶ ଶତାବ୍ଦୀର ଖ୍ରୀଷ୍ଟିୟାନ ମିଶନାରୀମାନଙ୍କ ଲେଖା ତଥା ସରକାରୀ କାଗଜ-ପତ୍ରରେ ଏହି ବିକୃତ ଶବ୍ଦଟିହିଁ ଦେଖିବାକୁ ମିଳେ । ଇଂରେଜ ଅଭିଧାନରେ Juggernant ଶବ୍ଦଟି ରହିଛି । ପୁରୀର ପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷରେ the car of Juggernant କହିଲେ ପାଶ୍ଚାତ୍ୟ ଲୋକେ ଏକ ଭୟଙ୍କର ଅମଙ୍ଗଳକାରୀ ଗତିଶୀଳ ପଦାର୍ଥ ଯାହାକି ସବୁକିଛି ଦଳିମକଚି ଧ୍ୱଂସ କରିଦିଏ, ଏହି ଅର୍ଥରେ ହିଁ ବୁଝୁଥିଲେ । ପାଶ୍ଚାତ୍ୟ ଜଗତର ଧର୍ମୀୟ ଓ ସାଂସ୍କୃତିକ ପୃଷ୍ଠଭୂମି ପ୍ରାଚ୍ୟ ଜଗତଠାରୁ ଅନେକତା ଭିନ୍ନ । ବହୁ ପୂର୍ବେ ମିଶର, ଏସିରିଆ, ଗ୍ରୀସ୍, ରୋମ ପ୍ରଭୃତି ଦେଶରେ ମୂର୍ତ୍ତିପୂଜା ପ୍ରଚଳିତ ଥିଲା । ଖ୍ରୀଷ୍ଟିୟାନ ଓ ଇସଲାମ ଧର୍ମର ପ୍ରସାର ଫଳରେ ପାଶ୍ଚାତ୍ୟ ଜଗତରୁ ମୂର୍ତ୍ତିପୂଜା ଲୋପ ପାଇଛି । ଗ୍ରୀସ୍ ଓ ରୋମୀୟ ସାହିତ୍ୟ ଓ ସଂସ୍କୃତି ଦ୍ୱାରା ବହୁଭାବେ ପ୍ରଭାବିତ ପାଶ୍ଚାତ୍ୟ ଜଗତର ସାହିତ୍ୟରେ କେବଳ ଅଳଙ୍କାର ରୂପେ ଆପୋଲୋ, ଡ଼ାଏନା, ଭେନସ୍ ପ୍ରଭୃତି ଦେବଦେବୀ ତିଷ୍ଠି ରହିଛନ୍ତି । ହିନ୍ଦୁଧର୍ମ ପୃଥିବୀର ଏକ ପ୍ରାଚୀନତମ ଧର୍ମ । ବିଭିନ୍ନ ଦେବଦେବୀଙ୍କ ପୂଜା ଏ ଧର୍ମରେ ପ୍ରଚଳିତ । ଭାରତର ଧର୍ମ ଓ ଦର୍ଶନରେ ଅନଭିଜ୍ଞ ବହୁ ପାଶ୍ଚାତ୍ୟ ଲୋକେ, ବିଶେଷତଃ ଖ୍ରୀଷ୍ଟିୟାନ ମିଶନାରୀମାନେ, ହିନ୍ଦୁଧର୍ମର ଏହି ମୂର୍ତ୍ତି ପୂଜାକୁ ବିକୃତଭାବେ ଦେଖିଥିବା କିଛି ବିଚିତ୍ର ନୁହେଁ । ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ କିଛି ବର୍ଷ ପାଇଁ ଇଷ୍ଟଇଣ୍ଡିଆ କମ୍ପାନୀ ସରକାର ଜଗନ୍ନାଥ ମନ୍ଦିର ପରିଚାଳନା ନିଜ ହାତରେ ରଖିଥିଲେ । ଯାତ୍ରୀକର ପ୍ରଭୃତିରୁ ପ୍ରଭୂତ ଆୟ ଯୋଗୁଁ ସେତେବେଳେ ହୁଏତ ଜଗନ୍ନାଥ ମନ୍ଦିର ପରିଚାଳନା ବ୍ୟବସାୟ ଦୃଷ୍ଟିରୁ ଲାଭଜନକ ବିବେଚିତ ହେଉଥିଲା । କିନ୍ତୁ ଏହା ଦ୍ୱାରା ବ୍ରିଟିଶ୍ ସରକାର ମୂର୍ତ୍ତି ପୂଜାକୁ ଉତ୍ସାହିତ କରୁଛନ୍ତି ବୋଲି ମିଶନାରୀମାନେ ପ୍ରଚାର ଚଳାଇ ଇଂଲଣ୍ଡରେ ପ୍ରବଳ ଆନ୍ଦୋଳନ ସୃଷ୍ଟି କଲେ, ଯାହାଫଳରେ ବ୍ରିଟିଶ୍ ପାର୍ଲାମେଣ୍ଟରେ ଏ ବିଷୟ ଆଲୋଚିତ ହୋଇ ଶେଷରେ କମ୍ପାନୀ ସରକାର ଜଗନ୍ନାଥ ମନ୍ଦିର ପରିଚାଳନା ଭାର ଖୋର୍ଦ୍ଧା ରାଜାଙ୍କୁ ହସ୍ତାନ୍ତର କଲେ ।

୧୬୩୩ ଖ୍ରୀଷ୍ଟାବ୍ଦରେ ଗୋଟିଏ ଇଂରେଜ ବଣିକ-ଦଳ ବ୍ୟବସାୟ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଆସିଥିଲେ । ଏହି ଦଳରେ ଆସିଥିବା ଉଇଲିୟମ ବ୍ରୁଟନ ନାମକ ବ୍ୟକ୍ତି ତାଙ୍କର ଭ୍ରମଣ ବୃତ୍ତାନ୍ତ ଲିପିବଦ୍ଧ କରି ଯାଇଅଛନ୍ତି, ଯେଉଁଥିରୁ କି ସେ କାଳର ଓଡ଼ିଶା ବିଷୟରେ ଆମେ ଅନେକ କଥା ଜାଣିବାକୁ ପାଉ । ବ୍ରୁଟନ ପୁରୀ ମଧ୍ୟ ଆସିଥିଲେ ଏବଂ ଜଗନ୍ନାଥ ମନ୍ଦିରର ଜଣେ ସେବକ ନିଜ ଘରେ ତାଙ୍କୁ ଆଶ୍ରୟ ଦେଇଥିଲେ । ପୁରୀ ଜଗନ୍ନାଥ ମନ୍ଦିରକୁ ଦେଖି ସେ ଯେଉଁ ଟିପ୍ପଣୀ କରିଅଛନ୍ତି ତାହା ବେଶ୍ କୌତୂହଳଜନକ । "The eighth day of November, in the morning after I had gone about the affairs that I was sent to do, I went to view the city in some part, but especially that mighty Pagodo or Pagod, the mirror of all wickedness and idolatory : unto this Pagod or house of Satan (as it may rightly be called) belong nine thousand *bramins* or priests, which daily offer sacrifices unto this great god Jaggarnant ; from which idol the city is so-called : and when he is but named, then all the people in the town and country bow and bend their knees to the ground....".

ଊନବିଂଶ ଶତାବ୍ଦୀରେ ଆଣ୍ଡ୍ରୁଷ୍ଟାର୍ଲିଂ ମଧ୍ୟ ତାଙ୍କ ଲିଖିତ ଓଡ଼ିଶା ସମ୍ପର୍କୀୟ ବିବରଣୀରେ ପୁରୀ ରଥଯାତ୍ରା ସମ୍ପର୍କରେ ଯେଉଁ ବର୍ଣ୍ଣନା ଦେଇଅଛନ୍ତି ସେଥିରେ ଅନ୍ୟର ଧର୍ମପ୍ରତି ଉଦାର ଭାବ ତ ନାହିଁ, ବରଂ ବିଦ୍ୱେଷ ଓ ଘୃଣା ପୂରି ରହିଛି । ପୁରୀ ରଥଯାତ୍ରାର ବିବରଣୀ ଦେବାକୁ ଯାଇ ସେ ଲେଖିଅଛନ୍ତି, "In this way the monstrous idols go rocking and pitching along through the crowds, until they reach the cars....and when the monster Juggernant, the most hideous of all the figures, is dragged forth, the last in order, the air is rent with acclamations".

ଓଡ଼ିଶା ଇଂରେଜ ଶାସନାଧୀନ ହେବାର ଅବ୍ୟବହିତ ପରେ କଟକଠାରେ ଥିବା ଖ୍ରୀଷ୍ଟିୟାନ ମିଶନାରୀ ଜେମସ୍ ପେଗ୍, ପୁରୀର ରେଭେରେଣ୍ଡ ବମ୍ପଟନ୍, କର୍ଣ୍ଣେଲ ଫିପ୍‌ସ ପ୍ରଭୃତି ବହୁ ପାଶ୍ଚାତ୍ୟ ଲେଖକେ ହିନ୍ଦୁଧର୍ମ ତଥା ହିନ୍ଦୁମାନଙ୍କର ପରମ ଉପାସ୍ୟ ଦେବତା ଜଗନ୍ନାଥଙ୍କୁ ବୁଝିବାରେ କୌଣସି ପ୍ରୟାସ ନ କରି କେବଳ କୁତ୍ସାହିଁ କରିଛନ୍ତି । ଘୃଣା ଓ ବିଦ୍ୱେଷପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ନେଇ ଜଗନ୍ନାଥ ଓ ରଥଯାତ୍ରାକୁ ଏକ ବର୍ବରୋଚିତ ଅନ୍ଧବିଶ୍ୱାସ ରୂପେ ଚିତ୍ରଣ କରି ଅଛନ୍ତି ।

ଏହି ପରିପ୍ରେକ୍ଷୀରେ ଏବେ ନ୍ୟୁୟର୍କ ଓ ଲଣ୍ଡନରେ ଶ୍ୱେତାଙ୍ଗମାନଙ୍କ ଦ୍ୱାରା ନିଷ୍ଠାର ସହିତ ଜଗନ୍ନାଥ ଉପାସନା ଓ ଆଡ଼ମ୍ବର ସହକାରେ ଜଗନ୍ନାଥଙ୍କ ରଥଯାତ୍ରା ଉତ୍ସବ ପାଳନ ସ୍ୱତଃ ମନକୁ ଆସେ । ସେହି ଶ୍ୱେତାଙ୍ଗମାନଙ୍କ ପ୍ରଚେଷ୍ଟାରେ ଭାରତରେ ରାଜଧାନୀ ଦିଲ୍ଲୀ ସମେତ ଅନ୍ୟାନ୍ୟ ସହରରେ ମଧ୍ୟ ଜଗନ୍ନାଥଙ୍କ ରଥଯାତ୍ରା ଆଡ଼ମ୍ବର ସହକାରେ ପାଳିତ ହେଉଛି । ଚିତ୍ରଟା ଯେପରି ପୂରା ବଦଳି ଯାଉଛି । International Society for Krishna consciousness (ISKCON) ପୃଥିବୀର ବିଭିନ୍ନ ପ୍ରାନ୍ତରେ କୃଷ୍ଣ ଉପାସନା ଓ ହରେକୃଷ୍ଣ ମହାମନ୍ତ୍ର ଜପର ଯେଉଁ କେନ୍ଦ୍ରମାନ ଖୋଲିଛନ୍ତି ଇଉରୋପ ଓ ଆମେରିକାରେ ହିଁ ଏହି କେନ୍ଦ୍ରଗୁଡ଼ିକର ସଂଖ୍ୟା ସର୍ବାଧିକ । କ୍ରମେ ଅଧିକରୁ ଅଧିକ ଶ୍ୱେତାଙ୍ଗ ନରନାରୀ ଭୋଗ ବିଳାସ, ଧନ ସମ୍ପଦ, କ୍ଷମତାକୁ ପଛରେ ପକାଇ ବୈଷ୍ଣବ ଧର୍ମ ଗ୍ରହଣ କରୁଥିବା ଦେଖାଯାଉଛି । ବୈଦିକ ଧର୍ମ, ଗୁରୁକୁଳ ଆଦର୍ଶରେ ଶିକ୍ଷା, ସରଳ ଜୀବନ ଯାପନ, ନିରାମିଷ ଭୋଜନ ପ୍ରଭୃତି ହିନ୍ଦୁ ଧର୍ମର ମୌଳିକ ଆଦର୍ଶମାନ ପରମ ନିଷ୍ଠାର ସହିତ ଗ୍ରହଣ କରିନେଇ ସେମାନେ ହରେକୃଷ୍ଣ ମହାମନ୍ତ୍ର ଜପରେ ତନ୍ମୟ ହେଉଛନ୍ତି । ଆମେରିକାର ଭର୍ଜିନିଆରେ ବହୁ ଏକର ପରିମିତ ଜମିରେ ସେମାନେ ନବ ବୃନ୍ଦାବନ ରଚନା କରି ସରଳ ଆଶ୍ରମିକ ଜୀବନ ଯାପନ କରୁଅଛନ୍ତି । ଏହାକୁ କେତେକ ବିକୃତ ମସ୍ତିଷ୍କ ଶ୍ୱେତାଙ୍ଗମାନଙ୍କର କାଣ୍ଡ ବୋଲି କହି ହସି ଉଡ଼ାଇ ଦେଇ ହେବନାହିଁ । ବିଜ୍ଞାନର ସମସ୍ତ ସୁବିଧା ସୁଯୋଗ ଧନ ସମ୍ପଦର ପ୍ରାଚୁର୍ଯ୍ୟ ଓ ନାଗରିକ ଜୀବନର ବିଳାସ, ବ୍ୟସନକୁ ତୁଚ୍ଛ କରି ଶ୍ୱେତାଙ୍ଗମାନେ ଏଇ ଯେଉଁ ସରଳ ଓ ପବିତ୍ର ବୈଷ୍ଣବ ଜୀବନର କୃଚ୍ଛ୍ର ସାଧନା କରୁଅଛନ୍ତି, ତାହା ବରଂ ପାଶ୍ଚାତ୍ୟ ସଭ୍ୟତାର ଅବକ୍ଷୟ ଓ କେତେକ ମୌଳିକ ତ୍ରୁଟିର ସୂଚନା ଦିଏ । କେବଳ ଭୌତିକ ସୁଖ ସ୍ୱାଚ୍ଛନ୍ଦ୍ୟ ଯେ ଆତ୍ମାର ଶାନ୍ତି ବିଧାନ କରି ପାରେ ନାହିଁ, ପାଶ୍ଚାତ୍ୟ ସଭ୍ୟତାର ଏକମୁଖୀ ବିକାଶ ଓ ସୀମିତ ଜୀବନ ଦର୍ଶନରୁ ଏହା ପ୍ରମାଣିତ ହେଉଛି । 'Man does not live by bread alone'— ଏହା ମଧ୍ୟ ବାଇବଲ୍‌ର ବାଣୀ ।

ଶିଳ୍ପ, ବିଜ୍ଞାନ ଓ ଯାନ୍ତ୍ରିକ ବିଦ୍ୟାରେ ଅଭାବନୀୟ ଅଗ୍ରଗତି ହାସଲ କରିଥିବା ପାଶ୍ଚାତ୍ୟ ଜଗତ କ୍ରମେ ଅଧିକରୁ ଅଧିକ ଭୌତିକ ବାଦୀ ହୋଇ ଧର୍ମ ଓ ଆଧ୍ୟାତ୍ମିକତାଠାରୁ ଦୂରେଇ ଯାଉଛି । କ୍ଷମତା ଏବଂ ସୁଖସମୃଦ୍ଧି ଜୀବନର ପରମ ଧ୍ୟେୟ ବିବେଚିତ ହୋଇଛି । ବୁଦ୍ଧି ସର୍ବସ୍ୱ ମଣିଷ ପ୍ରଜ୍ଞା ଓ ଆଧ୍ୟାତ୍ମିକତାଠାରୁ ଦୂରେଇ ଯାଉଛି । ପାଶ୍ଚାତ୍ୟ ଜଗତର ଜଣେ ବିଖ୍ୟାତ କବି ଓ ମନୀଷୀଙ୍କ ଭାଷାରେ —

"Where is the life
we have lost in living ?
Where is the wisdom
we have lost in knowledge ?
Where is the knowledge
we have lost in information ?
The cycles of heaven
in twenty centuries
Bring us farther from God
and nearer to dust."

(T. S. Eliot—Choruses from 'The Rock'.)

ଦୁଇଟି ବିଶ୍ୱଯୁଦ୍ଧର ଧ୍ୱଂସଲୀଳା ଓ ଭୟାବହତା ପାଶ୍ଚାତ୍ୟ ଜଗତର ଜନଜୀବନ ଓ ଚିନ୍ତାଧାରାକୁ ପ୍ରବଳଭାବେ ବିକ୍ଷୁବ୍ଧ କରି ମାନସିକ ଭାରସାମ୍ୟକୁ ନଷ୍ଟ କରି ଦେଇଛି । ପାଶ୍ଚାତ୍ୟ ଚିନ୍ତାନାୟକମାନେ ବଡ଼ ଅସହାୟ ଭାବେ 'ଶାନ୍ତି'ର ଅନ୍ୱେଷଣ କରି ଅଛନ୍ତି ଯାହାକି କାର୍କେଗାଡ଼, ସାର୍ତ୍ରେ ପ୍ରଭୃତିଙ୍କ ଚିନ୍ତାଧାରା ଓ ଏ ଶତାବ୍ଦୀର ପାଶ୍ଚାତ୍ୟ କବିତା, ଉପନ୍ୟାସ, ନାଟକ ଇତ୍ୟାଦିରେ ପ୍ରକୃଷ୍ଟଭାବେ ପ୍ରତିଫଳିତ । ଧର୍ମ ବିଶ୍ୱାସଠାରୁ ଦୂରେଇ ଯାଇଥିବା ସେମାନଙ୍କ ସୀମିତ ଜୀବନଦର୍ଶନ 'ଶାନ୍ତି' ଅନ୍ୱେଷଣରେ ସେମାନଙ୍କୁ ବେଶି ଦୂର ଆଗେଇ ନେଇ ପାରିନାହିଁ । ଆଣବିକ ଅସ୍ତ୍ର ଶସ୍ତ୍ର କ୍ଷେତ୍ରରେ ନୂଆ ନୂଆ ଭୟଙ୍କର ଉଦ୍‌ଭାବନ ଓ ଆତ୍ମଘାତୀ ପ୍ରତିଯୋଗିତା ପୃଥିବୀକୁ ଯେ ନିଶ୍ଚିତ ଧ୍ୱଂସ ଆଡ଼କୁ ଆଗେଇ ନେଉଛି । ଏହା ମଣିଷର ନିଃସହାୟତା ବହୁଗୁଣିତ କରିଛି । ଏହି ପରିପ୍ରେକ୍ଷୀରେ ପାଶ୍ଚାତ୍ୟ ଜନସାଧାରଣ ଭାରତୀୟ ଧର୍ମ ଓ ଦର୍ଶନ ଆଡ଼କୁ ଯେ କ୍ରମେ ଅଧିକରୁ ଅଧିକ ଆକୃଷ୍ଟ ହେଉଛନ୍ତି ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଶତ ଦାରିଦ୍ର୍ୟ ଓ ବୈଷୟିକ ଅନଗ୍ରସରତା ସତ୍ତ୍ୱେ ଭାରତର ଧର୍ମୀୟ ଓ ଆଧ୍ୟାତ୍ମିକ ଭିତ୍ତିଭୂମି ଏବେ ବି ସୁଦୃଢ଼ ଅଛି । ପରିବାର ଜୀବନ ଓ ମାନସିକ ଭାରସାମ୍ୟ ନଷ୍ଟ ହୋଇ ଯାଇନାହିଁ । ସେଥିପାଇଁ ଶାନ୍ତି ଓ ମାନସିକ ଭାରସାମ୍ୟ ହରାଇଥିବା ପାଶ୍ଚାତ୍ୟ ଜଗତର ସ୍ୱାଭାବିକ ଆକର୍ଷଣ ସନାତନ ହିନ୍ଦୁଧର୍ମ ଓ ଦର୍ଶନ ପ୍ରତି ମୂର୍ତ୍ତିପୂଜାକୁ ଏକ ବର୍ବର ଅନୁଷ୍ଠାନ ବୋଲି ନାମିତ କରିଥିବା ଶ୍ୱେତାଙ୍ଗମାନଙ୍କ କଣ୍ଠରେ ହରିନାମ ସଂକୀର୍ତ୍ତନ ଓ ଜଗନ୍ନାଥ ଉପାସନା । ନ୍ୟୁୟର୍କ, ଲଣ୍ଡନ, ସାନ୍‌ଫ୍ରାନ୍‌ସିସ୍କୋ ପ୍ରଭୃତି ସହରରେ ଜଗନ୍ନାଥ ମନ୍ଦିର ନିର୍ମିତ ହୋଇ ଶ୍ୱେତାଙ୍ଗମାନଙ୍କ ଦ୍ୱାରା ପରମ

ନିଷ୍ଠାର ସହିତ ଜଗନ୍ନାଥ, ବଳଭଦ୍ର, ଓ ସୁଭଦ୍ରାଙ୍କର ପୂଜାର୍ଚ୍ଚନା କରାଯାଉଛି ଓ ଆଡ଼ମ୍ବର ସହକାରେ ଜଗନ୍ନାଥଙ୍କ ରଥଯାତ୍ରା ଉତ୍ସବ ପାଳନ କରାଯାଉଛି । Back to God head—ଏହା ଯେପରି କ୍ରମେ ହୋଇ ଉଠୁଛି ପାଶ୍ଚାତ୍ୟ ଜଗତର ଶାନ୍ତି ଓ ମୁକ୍ତି-କାମୀ ଜନତାର ନୂଆ ବୀଜମନ୍ତ୍ର ।


ଭାରତୀୟମାନଙ୍କ ପକ୍ଷରେ ମଧ୍ୟ ଏହା ଏକ ଆତ୍ମସମୀକ୍ଷାର ବେଳ । ଦାରିଦ୍ର୍ୟ ଓ ପାଶ୍ଚାତ୍ୟ ରାଜଶକ୍ତି ଅଧୀନରେ ବହୁ ବର୍ଷ ରହିବାର ଫଳ ସ୍ୱରୂପ ଏକ ପ୍ରକାର ହୀନମନ୍ୟତା ଏଯାବତ୍ ଭାରତୀୟ ଜନସମାଜକୁ ଆଚ୍ଛନ୍ନ କରିଥିବା ଭଳି ମନେହୁଏ । ପାଶ୍ଚାତ୍ୟ ସଭ୍ୟତାର ସବୁକିଛି ଭଲ । ଏ ପ୍ରକାର ଏକ ବିକୃତ ଧାରଣା ଆମ ମନରେ ବଦ୍ଧମୂଳ ହୋଇ ଯାଇଛି ଓ ଆମେ ସେମାନଙ୍କର ସାହିତ୍ୟ, ସଂସ୍କୃତି ଓ ଚିନ୍ତା-ଧାରାର ଅନ୍ଧ ଅନୁକରଣ କରି ଚାଲିଛୁ । ଆହରଣ ଓ ଅନ୍ଧ ଅନୁସରଣ ଏକ କଥା ନୁହେଁ । ସ୍ୱକୀୟ ସାଂସ୍କୃତିକ ପଟଭୂମିରେ ସ୍ୱାଧୀନ ଚିନ୍ତା ଓ ବିଗ୍ରହ ପ୍ରୟୋଗ କରି ଅନ୍ୟର ଯାହା କିଛି ଭଲ ଓ ଗ୍ରହଣୀୟ ତାକୁ ନିଜର କରି ନେବାରେ କିଛି କ୍ଷତି ନାହିଁ ।


ଷ୍ଟେଟ ଏଡିଟର, ଗେଜେଟିୟରସ୍,
ଭୁବନେଶ୍ୱର ।




ବଡ଼ ଦେଉଳରୁ ବଡ଼ ଦାଣ୍ଡେ ଆସି
ଲଗାଇଛୁ କିବା ଲୀଳା,
ଅପୂର୍ବ ତୋର ଶ୍ରୀ ମହଲ
କେବେ କେଉଁ ପୁରେ ଥିଲ ?








ଜଗନ୍ନାଥ ଖାଲି ବସି ଅଛନ୍ତି କି
ଭାଇ ଭଉଣୀଙ୍କି ଘେନି ?
'ହରିହର ବେଶ' ବହିଛନ୍ତି ଆଜି
ସତେ ହସି ହସ ହେଳି !!





ଫଗୁଣ ଋତୁରେ ଫଗୁ ମଉଛବ
ଫଗୁର ତ ପରିବେଶ,
କେଡ଼େ ମନୋହାରୀ ହୋଇଛି ଆମର
ଠାକୁରଙ୍କ 'ଦୋଳବେଶ' ।

ପ୍ରୀତି ଶ୍ରଦ୍ଧା ରାଜି ଢାଳୁଅଛୁ ଆମେ
ତିନି ବିଗ୍ରହଙ୍କର ପଦେ,
"ଶ୍ରାଦ୍ଧ ବେଶ" ତାଙ୍କ ଦେଖିବାକୁ ମନ
ଶରଧାର ଛନ୍ଦେ ଛନ୍ଦେ ।







ଗଜକୁ ନକ୍ର ଆକ୍ରମିଥିଲା ଜଳରେ ହେଲ ଶେଷ,
ସେଇଥି ପାଇଁକି ଆମରି ଠାକୁରେ 'ଗଜଉଦ୍ଧାରଣ'
ବେଶ ।

କାର୍ତ୍ତିକ ମାସର ଶୁକ୍ଳ ଚତୁର୍ଦ୍ଦଶୀ
ଜାଣି ଫୁଲ ପରି ଜହ୍ନ,
'ନାଗାର୍ଜ୍ଜୁନ ବେଶ' ଦେଖିବକି , ତେବେ
ଛୁଟି ଆସ ବାରମନ ।





ଜୟ ଜଗନ୍ନାଥ ଜୟ ବଳଭଦ୍ର
ଜୟ ମା ସୁଭଦ୍ରା ଦେବୀ,
ତୁମର କଲ୍ୟାଣ ପାଇଁକି ଭକତ
ରଥଚକ୍ର ଧୂଳି ସେବି ।



ଗେଲା ବସନ୍ତ ଫେରି ଆସୁଅଛି
ଶିଶିର ହେଉଚି ଶେଷ,
ବଡ଼ ଦେଉଳର ସବୁରେ ଆମ
ଠାକୁରେ 'ପଦ୍ମବେଶ' ।



ଦିବସର କ୍ଳାନ୍ତି ଶାନ୍ତ ଉଭିଚି,
ଶାନ୍ତ ହେଉଣି ରାତି ।
'ବଡ଼ ସିଂହାର' ବେଶରେ ଠାକୁରେ
ଶୋଭୁଣି ଦେବତା ସାଥି ।




ସୁନା ଶିରୀ ଆଜି ସପନ ହେଉଣି
କେ କେତେ ପାଉଛି କ୍ଲେଶ,
ତଥାପି ଆମର ଠାକୁରଂକୁ ଆମେ
ସଜାଉଛୁ 'ସୁନାବେଶ' ।





ବଡ଼ଦାଣ୍ଡେ ବିଜେ ତିନି ରଥ
ଜନତାରେ ଭରା ସାରା ପଥ ।
ଠାକୁରେ ରାଜା ତ ଦେଖ ଏବେ
ଛେରା ପହଁରାବୁ ବିଜେ ହେବେ ।



[illegible]






ଚାଷଜମିରେ ଲୁଣି ପାଣି ▸






ଭୂଲୁଣ୍ଠିତ ବିଦ୍ୟୁତ୍‌ସରବରାହ ସ୍ତମ୍ଭ ▾



ଆକାଶ ଘରେ ବିଜୁଳି ପଙ୍ଖା ▾



ଭୁଷୁଡ଼ା, ବାସଗୃହ ▸



ଯେଉଁଠି ଥରେ ସ୍କୁଲ ଥିଲା ▸




[illegible]






## ପ୍ରତିଷେଧକ ବ୍ୟବସ୍ଥା



ବିଭିନ୍ନ ସ୍ଥାନରେ ସରକାରଙ୍କର ପକ୍ଷରୁ
ଶୁଦ୍ଧଜଳ ଯୋଗାଣ ▸

ପୁନର୍ନିର୍ମାଣ





# ଶ୍ରୀକ୍ଷେତ୍ରର ଶ୍ରୀଜଗନ୍ନାଥ

**ଶ୍ରୀ ପ୍ରଫୁଲ୍ଲ ପଟ୍ଟନାୟକ**

ଶ୍ରୀକ୍ଷେତ୍ରରେ ବିରାଜମାନ କରୁଥିବା ଚତୁର୍ଦ୍ଧା ବ୍ରହ୍ମ ମୂର୍ତ୍ତିର ଅବସ୍ଥିତି ଓ ତତ୍ତ୍ୱ ମଧ୍ୟରେ ସଂସାରର ସମସ୍ତ ରହସ୍ୟ ପୁଞ୍ଜିଭୂତ ହୋଇଛି । ବ୍ରହ୍ମ ଓ ସ୍କନ୍ଦ ପୁରାଣରେ ଏହି ଦାରୁ ରୂପୀ ଜଗନ୍ନାଥଙ୍କ ରହସ୍ୟମୟ ତତ୍ତ୍ୱ ଓ ଅବସ୍ଥାନ ସଂପର୍କରେ ଯେଉଁ ପ୍ରସଙ୍ଗ ଉଲ୍ଲେଖ ଅଛି, ସେଥିରୁ ମନେ ହୁଏ, ଚିରକାଳ ପରମ କାରୁଣିକ ପ୍ରଭୁ ଜଗନ୍ନାଥ ରହସ୍ୟମୟ ହୋଇ ରହି ଆସିଛନ୍ତି । ଏପରିକି ଦାରୁରୂପୀ ଜଗନ୍ନାଥ ଯେଉଁ ପବିତ୍ର ନୀଳାଚଳ କ୍ଷେତ୍ରରେ ଅଧିଷ୍ଠିତ ହୋଇଛନ୍ତି ତାହାକୁ ମଧ୍ୟ ପରମ ଗୁହ୍ୟକ୍ଷେତ୍ର ନାମରେ ବ୍ରହ୍ମ ପୁରାଣ ଉଲ୍ଲେଖ କରିଛି—

"ସମୁଦ୍ର ସ୍ୟୋତ୍ତରେ ତୀରେ ତସ୍ମିନ୍ ଦେଶେ ଦ୍ୱିଜୋତ୍ତମାଃ
ଅସ୍ତେ ଗୁହ୍ୟଂ ପରଂ କ୍ଷେତ୍ରଂ ମୁକ୍ତିଦଂ ପାପ ନାଶନଂ"

ଚିର ରହସ୍ୟାବୃତ ଏହି ଦାରୁ ମୂର୍ତ୍ତି ସଂସାରର ସକଳ ଦୁଃଖ ବିନାଶ କରିବା ସଙ୍ଗେ ସଙ୍ଗେ ମନୁଷ୍ୟକୁ ଅବ୍ୟୟ ଆନନ୍ଦ ପ୍ରଦାନ କରନ୍ତି କିନ୍ତୁ ସାଧାରଣ ମନୁଷ୍ୟ ମନରେ ପ୍ରଶ୍ନ ହୁଏ ଏହି ଦାରୁ ରୂପୀ ଜଗନ୍ନାଥ କିଏ ? ଅବଶ୍ୟ କେହି କେହି କୁହନ୍ତି ଭଗବାନଙ୍କର ଏ ଦାରୁ ରୂପ ବିଗ୍ରହ ତାଙ୍କର କପଟ ରୂପ ମାତ୍ର । ଦୀନ ଜନମାନଙ୍କୁ ଅନୁଗ୍ରହ କରିବା ପାଇଁ ଭଗବାନ ଏହି ବ୍ୟାଜ ଶରୀର ଧାରଣ କରି ନୀଳାଚଳରେ ନିବାସ କରୁଛନ୍ତି । ଏଣୁ ଯଥାର୍ଥରେ କୁହାଯାଇଛି—

"ଏବଂ ଦୟାମ୍ବୁଧିର ସୌ ତସ୍ମିନ୍ ନୀଳାଚଳେ ବସନ୍
ଦୀନନାଥାନୁଗ୍ରହାୟ ଦାରୁ ବ୍ୟାଜ ଶରୀର ବାନ୍"

କିନ୍ତୁ ସେହି ପୁରାଣ ମଧ୍ୟ ଆମ୍ଭମାନଙ୍କୁ ଚେତାଇ ଦେଇଛି ଯେ ଏହି ପରମ ଗୋପନୀୟ ଦାରୁ ମୂର୍ତ୍ତି ବିଷୟରେ ବିସ୍ତୃତ ଆଲୋଚନା କରିବା ନିଷେଧ । କାରଣ ତାକୁ ଯେଉଁ ଭାବରେ ଯେ ଦର୍ଶନ କରେ, ତାକୁ ସେହି ଭାବରେ ସେ ଦେଖା ଦେଇ ଚତୁର୍ବର୍ଗ ଫଳ ପ୍ରଦାନ କରନ୍ତି—

"ପ୍ରଚ୍ଛନ୍ନବ ପୁରତସ୍ୟ ତନ୍ନୁନ୍ନାସ୍ୟ ବିସ୍ତରଯତେ
ଧର୍ମଗ୍ରାହ ପ୍ରମାଣେନ ଯା ଦୃଗ୍ ଦୃଷ୍ଟ ସ ଏବସଃ
ଚତୁର୍ବର୍ଗ ପ୍ରଦୋ ଦେବୋ ଯୋ ଯଥା ବିଭାବଯେତ"

କିନ୍ତୁ ପୌରାଣିକ ମତବାଦ ତଥା ଲୋକ ପ୍ରବାଦର ଭିତ୍ତିଭୂମି ଉପରେ ଦାରୁରୂପୀ ଜଗନ୍ନାଥଙ୍କ ବିସ୍ତୃତ ଆଲୋଚନା କରି ବସିଲେ ଜଗନ୍ନାଥ ହିଁ ବିଷ୍ଣୁ ଭାବରେ ପ୍ରତିପାଦିତ ହୋଇଥାନ୍ତି । ଅବଶ୍ୟ ବିଷ୍ଣୁ କୃଷ୍ଣରୂପରେ ଏହି ନିତ୍ୟ ନୀଳାଚଳ ଧାମରେ ବଡ଼ଭାଇ ବଳରାମ ଓ ଭଗିନୀ ସୁଭଦ୍ରାଙ୍କ ସହ ଅବସ୍ଥାନ କରୁଥିବାର ପ୍ରମାଣ ସଂସ୍କୃତ ପୁରାଣମାନଙ୍କରେ ବର୍ଣ୍ଣିତ ହୋଇଛି, ମାତ୍ର ଗୋପ-ପୁରର ଶ୍ରୀକୃଷ୍ଣ କିମ୍ବା ଦ୍ୱାରକାର ଶ୍ରୀକୃଷ୍ଣଙ୍କ ଲୀଳା ସହିତ ପୁରୁଷୋତ୍ତମ କ୍ଷେତ୍ର ବା ଜଗନ୍ନାଥ ଧାମର କୌଣସି ସଂପର୍କ ନାହିଁ । ଏଣୁ ସମ୍ଭବତଃ ଶ୍ରୀକୃଷ୍ଣଙ୍କର ଦ୍ୱାରକାର ପତନ ପରେ ମହୋଦଧି କୂଳରେ ଦ୍ୱିତୀୟ ଦ୍ୱାରକା ବା କଳିଯୁଗ ଦ୍ୱାରକାର ସୃଷ୍ଟି ଓ ଓଡ଼ିଆ ପୁରାଣମାନଙ୍କରେ ବର୍ଣ୍ଣିତ ଏହି କ୍ଷେତ୍ରରେ ଶ୍ରୀକୃଷ୍ଣଙ୍କ ଅପୋଡ଼ା ଶରୀର ଅଂଶ ପୂଜା ପାଉଥିବାର ଉଲ୍ଲେଖରୁ ପ୍ରମାଣିତ ହେଉଛି ଜଗନ୍ନାଥ ହିଁ କୃଷ୍ଣ । ଏହି ନୀଳାଚଳ କ୍ଷେତ୍ରରେ ଶବରୀ-ମାନଙ୍କ ଦ୍ୱାରା ପୂଜିତ ଶବରୀ ନାରାୟଣ ବା ନୀଳମାଧବଙ୍କ ଅନ୍ତର୍ଦ୍ଧାନ ପରେ ପୁଣି ସେ କୃଷ୍ଣ ରୂପରେ ଚତୁର୍ଦ୍ଧା ମୂର୍ତ୍ତି ପ୍ରକାଶ କରି ଶ୍ରୀ କ୍ଷେତ୍ରରେ ବିରାଜମାନ କରୁଛନ୍ତି, ଏହା "ସ୍କନ୍ଦ ପୁରାଣ" ଉଲ୍ଲେଖ କରେ—

"ତା ଦୃଶାବିର୍ଭବିଷ୍ୟ ସୌ ଯଜ୍ଞାନ୍ତଂ ବର୍ଣ୍ଣିତଃପୁରା
ଦିବ୍ୟ ସିଂହାସନ ଗତୋ ଭଦ୍ରାବନ ସୁଦର୍ଶନୈଃ"

× × × ×

ଏହାର ଅନୁରୂପ ବର୍ଣ୍ଣନା ବା ପ୍ରମାଣ ମଧ୍ୟ ବ୍ରହ୍ମ ପୁରାଣରେ ଦିଆଯାଇଅଛି ଯେପରି—

"ବଟସ୍ୟ ଦର୍ଶନଂ ଚୈବ ବୃଷ୍ଣିଂତସ୍ୟ ଚ ଭୋ ଦ୍ୱିଜା
ଦର୍ଶନ ବଳଦେବସ୍ୟ କୃଷ୍ଣସ୍ୟ ଚ ବିଶେଷତଃ ।"

ଏହି ଦୃଷ୍ଟିରୁ ପ୍ରମାଣିତ ହୋଇ ପାରେ ଯେ ଶ୍ରୀ କ୍ଷେତ୍ରରେ ବିରାଜମାନ କରୁଥିବା ଚତୁର୍ଦ୍ଧା ମୂର୍ତ୍ତି ଯେ ବିଷ୍ଣୁଙ୍କ ରୂପ, ଏଥିରେ ସନ୍ଦେହ ନାହିଁ । ଅବଶ୍ୟ ପୁରାଣ ବର୍ଣ୍ଣିତ ରୂପ ବର୍ତ୍ତମାନ ବିରାଜମାନ କରୁଥିବା ମୂର୍ତ୍ତିଗୁଡ଼ିକର ନାହିଁ । ମାତ୍ର ଶ୍ରୀ କ୍ଷେତ୍ରରେ ଶବରରାଜ ବିଶ୍ୱାବସୁଙ୍କ ଦ୍ୱାରା ପୂଜିତ ଏକ ନୀଳମାଧବ ମୂର୍ତ୍ତି ପରବର୍ତ୍ତୀ କାଳରେ ତ୍ରିମୂର୍ତ୍ତିରେ ପରିଣତ ହୋଇଥିବା ବିଷୟ ବ୍ରହ୍ମ ପୁରାଣରେ ଉଲ୍ଲେଖ ଅଛି । ପୁରାଣକାରମାନଙ୍କ ମତରେ ପରେ ସୁଦର୍ଶନ ଏହି ମୂର୍ତ୍ତିତ୍ରୟ ସହ ସଂଯୋଜିତ ଓ ପୂଜିତ

ହେବା ସଙ୍ଗେ ସଙ୍ଗେ ଏହି ତ୍ରିମୂର୍ତ୍ତିର ବିଗ୍ରହ ଓ ପରିକଳ୍ପନା ଶୈବ, ଶାକ୍ତ, ବୈଷ୍ଣବ ଉପାସନାର ପରଂପରା ଉପରେ ପ୍ରତିଷ୍ଠିତ ହୋଇଅଛି । କେତେକ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ବିଷ୍ଣୁ, ଶିବ ଓ ବ୍ରହ୍ମା ନାମରେ ନାମିତ କରନ୍ତି । ବଳଭଦ୍ରଙ୍କୁ ଶିବ ରୂପରେ, ସୁଭଦ୍ରାଙ୍କୁ ବ୍ରହ୍ମା ଓ ଜଗନ୍ନାଥଙ୍କୁ ବିଷ୍ଣୁ ରୂପରେ ଉପାସନା କରିବାର ପରିକଳ୍ପନା ଉତ୍କଳୀୟ ବିଶ୍ୱରେ ପ୍ରଚଳିତ ହୋଇ ଆସୁଅଛି । ଏ ପ୍ରସଙ୍ଗ କବି ଯଶୋବନ୍ତଙ୍କ "ପ୍ରେମ ଭକ୍ତି ବ୍ରହ୍ମ ଗୀତା" ଓ ଶିଖର ଦାସଙ୍କ ନୀଳସୁନ୍ଦର ଗୀତାରେ ଆଲୋଚିତ ହୋଇଛି । ବ୍ରହ୍ମା ଶାପବଶତଃ ଦ୍ୱାପର ଯୁଗରେ ସୁଭଦ୍ରା ରୂପରେ ଜନ୍ମ ଗ୍ରହଣ କରିଥିବା ବିଷୟ ଯଶୋବନ୍ତ ଦାସ ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ନିତ୍ୟ ରାସସ୍ଥଳୀ ଶ୍ରୀ ପୁରୁଷୋତ୍ତମରେ ଗୁପ୍ତ ପୂଜା ପାଉଛନ୍ତି ବୋଲି ସେ ମତ ପୋଷଣ କରିଛନ୍ତି । ଆହୁରି ମଧ୍ୟ ବ୍ରହ୍ମାଙ୍କୁ ରାଧାଙ୍କ ଗୁପ୍ତରୂପ ରୂପେ ଶ୍ରୀ ଜଗନ୍ନାଥଙ୍କ ସହ ପୂଜିତ ହେବାର ପରିକଳ୍ପନା ଯଶୋବନ୍ତଙ୍କ ଲେଖାରେ ପ୍ରକାଶ ପାଇଛି—

"ତହିଁ ସେ ଆମ୍ଭେ ତିନି ଭ୍ରାତ
ସେକାଳେ ଭାଳିଲୁ ଗୁପତ
ରହିଲୁ ସେ ପୁରୁଷୋତ୍ତମ
ନିତ୍ୟ ରାହାସ ଅନୁପମ
ଯେ ରୁଦ୍ର ବଳଭଦ୍ର ରୂପ
ଅଟନ୍ତି ଅନନ୍ତ ସ୍ୱରୂପ
ଆମ୍ଭେ ଶ୍ରୀ ଜଗନ୍ନାଥ ଦେହୀ
ବ୍ରହ୍ମା ସୁଭଦ୍ରା ହୋଇ ତହିଁ
ରାଧା ଗୁପତ ଅଙ୍ଗ ହେଉ
ଆମ୍ଭ ସଂଗତେ ପୂଜା ପାଉ

ଅନ୍ୟ ଏକ ପୌରାଣିକ ଆଖ୍ୟାୟିକାକୁ ଆଶ୍ରୟ କରି କବି ଶିଖର ଦାସ ବ୍ରହ୍ମା ଶାପ ବଶତଃ ନାରୀ ରୂପରେ ଶ୍ରୀ ଜଗନ୍ନାଥଙ୍କ ସହ ପୂଜିତ ହେବାର ଅନୁରୂପ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି । ଶ୍ରୀ କୃଷ୍ଣଙ୍କର ଗୋପଲୀଳା ସମୟରେ ବ୍ରହ୍ମା ତାଙ୍କର ଗୋବତ୍ସ ହରଣ କରିଥିବାରୁ ଶ୍ରୀକୃଷ୍ଣ ବ୍ରହ୍ମାଙ୍କୁ ଅପୂଜା ହୋଇ ରହିବା ପାଇଁ ଅଭିଶାପ ଦେଇ-ଥିଲେ । ମାତ୍ର ପରେ ବ୍ରହ୍ମାଙ୍କ ସ୍ତୁତିରେ ସନ୍ତୁଷ୍ଟ ହୋଇ ନୀଳାଚଳରେ ତାଙ୍କର ଭଗିନୀ ସୁଭଦ୍ରା ରୂପରେ ପୂଜା ପାଇବା ବିଷୟ ଶିଖରଦାସ 'ନୀଳ ସୁନ୍ଦର' ଗୀତାରେ ଲେଖିଛନ୍ତି —

"ବୋଇଲେ କଳିରେ ଦାରୁବ୍ରହ୍ମ ହେବି ମୁହିଁ
ଏ ମୋର ଶାପ୍ୟତ ମେଣ୍ଟା ଯିବ ନାହିଁ
ରୂପତେ ପୂଜା ପାଇବୁ ଭାଇ ସଂଗତେ
ନ ଚିହ୍ନିବେ ବୋଲି ବୋଲିବେ ସୁଭଦ୍ରେ"

ସୁଭଦ୍ରାଙ୍କ ଏହି ଗୁପ୍ତ ନାରୀ ରୂପ ଧାରଣ ପ୍ରସଙ୍ଗ ଓଡ଼ିଆ ବୈଷ୍ଣବ କବିମାନଙ୍କର ଲେଖାରେ ସ୍ଥାନ ପାଇବା ସଙ୍ଗେ ସଙ୍ଗେ ପୁରାଣକାରମାନେ ନୀଳାଚଳ କ୍ଷେତ୍ରକୁ ହରିହର ଉପାସନାର କ୍ଷେତ୍ର ରୂପେ ପ୍ରମାଣିତ ତଥା ପ୍ରତିପାଦିତ କରିଛନ୍ତି । ସୃଷ୍ଟି ପ୍ରଳୟ କାଳରେ ମାର୍କଣ୍ଡେୟ ମୁନି ବଟପୁଟଶାୟୀ ଭଗବାନ ବିଷ୍ଣୁଙ୍କୁ ଶୈବ ଓ ବୈଷ୍ଣବ ମଧ୍ୟରେ ଭେଦାଭେଦର ଦୂର ପାଇଁ ପ୍ରାର୍ଥନା କରିଛନ୍ତି ଏବଂ ଏହି କ୍ଷେତ୍ରକୁ ହରିହର ଉପାସନାର ପ୍ରକୃଷ୍ଟ କ୍ଷେତ୍ର ରୂପେ ପ୍ରତିଷ୍ଠିତ କରି ଯାଇଛନ୍ତି । ସେହିପରି ଜଗନ୍ନାଥ ଧର୍ମରୁ ଶାକ୍ତ ପ୍ରଭାବ ବିଲୁପ୍ତ ହୋଇ ନାହିଁ । ଏ କ୍ଷେତ୍ରର ଅଧିଷ୍ଠାତ୍ରୀ ବିମଳା ହୋଇଥିବାରୁ ଶାକ୍ତ ଉପାସନାର ପ୍ରାଧାନ୍ୟ ଏ କ୍ଷେତ୍ରରେ ଶାକ୍ତମାନେ ପ୍ରତିପାଦନ କରନ୍ତି । ନାରଦୀୟ ପୁରାଣ ଓ ବ୍ରହ୍ମ ପୁରାଣରେ ଜଗନ୍ନାଥଙ୍କୁ ବୈଷ୍ଣବ ବିଗ୍ରହରେ ବର୍ଣ୍ଣନା କରାଯାଇଥିଲେ ହେଁ ତନ୍ତ୍ରରେ ଜଗନ୍ନାଥ ଓ ବିମଳାଙ୍କ ନାମ ଉଲ୍ଲେଖ ଅଛି ।

ଶାକ୍ତ ବିଗ୍ରହରେ ଜଗନ୍ନାଥ ଭୈରବ ଓ ବିମଳାଙ୍କୁ ଭୈରବୀ ରୂପରେ ପରିକଳ୍ପନା କରାଯାଇଅଛି ।

"ଉତ୍କଳେ ନାଭି ଦେଶଶ୍ଚ ବିରଜାକ୍ଷେତ୍ରମୁଚ୍ୟତେ
ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବ"

ବଳରାମଙ୍କୁ ଶିବ ରୂପରେ ଓ ସୁଭଦ୍ରାଙ୍କୁ ଭଦ୍ରକାଳୀ ରୂପେ ସ୍କନ୍ଦ ପୁରାଣ ଆରାଧନା କରିଛି—

"ଜୟ ଭଦ୍ରେ ସୁଭଦ୍ରେ ତ୍ୱଂ ସର୍ବେଷାଂ ଭଦ୍ର ଦାୟିନୀ
ଭଦ୍ରା ଭଦ୍ର ସ୍ୱରୂପାଂ ତ୍ୱଂ ଭଦ୍ରକାଳୀ ନମୋସ୍ତୁତେ"

ଶାକ୍ତ ମତରେ ଯନ୍ତ୍ରାରୂଢ଼ ଜଗନ୍ନାଥଙ୍କୁ ସମର୍ପିତ ଭୋଗ ବିମଳାଙ୍କୁ ସମର୍ପଣ ପରେ ମହାପ୍ରସାଦରେ ପରିଣତ ହୁଏ । ସେହିପରି ପୂଜା ପଦ୍ଧତି ଶ୍ରୀଠାକୁରଙ୍କ ବେଶରୁ ଏ କ୍ଷେତ୍ରରେ ଶାକ୍ତ ଉପାସନାର ପ୍ରାଧାନ୍ୟ ଓ ପ୍ରଭାବ ପରିଲକ୍ଷିତ ହୋଇଥାଏ । ଏଣୁ ପରମ କାରୁଣିକ ଦାରୁରୂପୀ, ଜଗନ୍ନାଥଙ୍କ ନିକଟରେ ଶୈବ, ଶାକ୍ତ, ବୈଷ୍ଣବ ଉପାସନାର ସମନ୍ୱୟ ଘଟିବା ସଙ୍ଗେ ସଙ୍ଗେ ଗାଣପତ୍ୟ ଉପାସନାର ସ୍ୱାକ୍ଷର ସ୍ୱରୂପ ଦେବ ସ୍ନାନ ପୂର୍ଣ୍ଣିମାରେ ଜଗନ୍ନାଥଙ୍କ ଗଣେଶରୂପ ଧାରଣ ଜୈନ ପରଂପରାର ପ୍ରତୀକ ରୂପେ ଭକ୍ତମାନଙ୍କୁ ଆପ୍ୟାୟିତ କରନ୍ତି ।

ସର୍ବୋପରି ଶ୍ରୀକ୍ଷେତ୍ର ବୈଷ୍ଣବ କ୍ଷେତ୍ରରେ ପରିଣତ ହେବା କାଳରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର କଳ୍ପନା ହୋଇଥିଲା ଏବଂ ଏକ ପୀଠରେ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନ ପୂଜା ପାଇଲେ । ପଞ୍ଚ ଦେବତା ଉପାସନାର ସମନ୍ୱୟ ସଙ୍କେତ ସ୍ୱରୂପ ନାରାୟଣ ରୂପୀ ଜଗନ୍ନାଥ, ଗଣେଶ ରୂପେ ଜଗନ୍ନାଥ, ଶିବ ରୂପେ ବଳଭଦ୍ର, ଅମ୍ବିକା ରୂପେ ସୁଭଦ୍ରା, ଓ ଭାସ୍କର ରୂପେ ସୁଦର୍ଶନ ଶ୍ରୀମନ୍ଦିରର ରତ୍ନ ସିଂହାସନରେ ବିରାଜମାନ କରିଛନ୍ତି । ବୈଷ୍ଣବ ଉପାସନାର ପ୍ରଭାବରେ ବଳଭଦ୍ରଙ୍କୁ ଜଗନ୍ନାଥଙ୍କ ବଡ଼ ଭାଇ, ସୁଭଦ୍ରାଙ୍କୁ ଭଉଣୀ ଓ ସୁଦର୍ଶନଙ୍କୁ ଆୟୁଧ ରୂପେ ଗ୍ରହଣ କରାଯାଇଛି । ଅପରପକ୍ଷରେ ଶାକ୍ତମାନେ ବଳଭଦ୍ରଙ୍କୁ ଶିବ ରୂପରେ, ସୁଭଦ୍ରାଙ୍କୁ ଭଦ୍ରକାଳୀ ରୂପେ ଓ ବୈଷ୍ଣବ ମାନେ ଜଗନ୍ନାଥଙ୍କୁ ବିଷ୍ଣୁ ରୂପରେ ଉପାସନା କରିଆସୁଛନ୍ତି ।

ପରିଶେଷରେ ଶ୍ରୀନୀଳାଚଳ କ୍ଷେତ୍ରରେ ବିରାଜମାନ କରୁଥିବା ଦାରୁ ରୂପୀ ପ୍ରଭୁ ଜଗନ୍ନାଥ ସକଳ ଧର୍ମ ମତବାଦର ଊର୍ଦ୍ଧ୍ୱରେ ରହି ଭକ୍ତମାନଙ୍କୁ ଅଭୟ ପ୍ରଦାନ କରିଆସୁଛନ୍ତି । ଏଣୁ ତନ୍ତ୍ର ଯାମଳ ଯଥାର୍ଥରେ କହିଛି–

" ଭାରତେ ଚୋତ୍କଳେ ଭୂସ୍ୱର୍ଗେ ପୁରୁଷୋତ୍ତମେ
ଦାରୁ ରୂପୀ ଜଗନ୍ନାଥ ଭକ୍ତାନାମଭୟ ପ୍ରଦଂ"

ଭାରତୀ ମଠ ଲେନ୍,
ପୁରୀ

ବହୁ ପ୍ରାଚୀନ ଶବର ଦେବତା ଜଗନ୍ନାଥ ପରବର୍ତ୍ତୀ ପର୍ଯ୍ୟାୟରେ ଶୈବ, ଶାକ୍ତ, ବୈଷ୍ଣବ, ବୌଦ୍ଧମାନଙ୍କର ଅଚିନ୍ତନୀୟ ପରମ ପୁରୁଷ ଭାବରେ ପୂଜିତ ହୋଇ ସକଳ ଧର୍ମ ମତବାଦର ସଂକୀର୍ଣ୍ଣ ଗଣ୍ଡି ମଧ୍ୟରୁ ଅପସରି ଯାଇଛନ୍ତି ଏବଂ ଜଗତର ନାଥ ରୂପେ ଦୀନ ଦଳିତ ପତିତମାନଙ୍କର ଉଦ୍ଧାର ଓ କଲ୍ୟାଣ ପାଇଁ ଆଜି ଶ୍ରୀକ୍ଷେତ୍ରରେ ବିରାଜମାନ କରୁଛନ୍ତି ।

OOO

## ନୃସିଂହନାଥ ଓ ହରିଶଙ୍କର ପର୍ଯ୍ୟଟନ କେନ୍ଦ୍ରର ଉନ୍ନତି କରାଯିବ

### 'ମାଷ୍ଟର ପ୍ଲାନ୍' ପ୍ରସ୍ତୁତ ପାଇଁ ସବ୍-କମିଟି ଗଠିତ

ରାଜ୍ୟ ସଚିବାଳୟଠାରେ ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ କିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବଲାଙ୍ଗୀର ଜିଲ୍ଲାର ହରିଶଙ୍କର ଓ ସମ୍ବଲପୁର ଜିଲ୍ଲାର ନୃସିଂହନାଥ ପର୍ଯ୍ୟଟନ କେନ୍ଦ୍ର ଦୁଇଟିର ଉନ୍ନତି ବିଧାନ କରିବା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

ବୈଠକରେ ଏହି ଦୁଇଟି କେନ୍ଦ୍ରର ସର୍ବାଙ୍ଗୀନ ଉନ୍ନତି ପାଇଁ 'ମାଷ୍ଟର ପ୍ଲାନ୍' ପ୍ରସ୍ତୁତ କରିବା ସଂପର୍କରେ ଆଲୋଚନା କରାଯାଇଥିଲା । ଏ ଅଂଚଳରେ ଉନ୍ନୟନ କାର୍ଯ୍ୟକ୍ରମ ମଧ୍ୟରୁ ମୁଖ୍ୟତଃ ନୃସିଂହନାଥଠାରେ ଉଭୟ ପୁରୁଷ ଓ ସ୍ତ୍ରୀମାନଙ୍କ ପାଇଁ ସୁଇମିଙ୍ଗପୁଲ୍ ନିର୍ମାଣ, ମନ୍ଦିର ସମ୍ମୁଖରେ ଏକ ବଡ଼ଧରଣର ସିମେଣ୍ଟ ଚଟାଣ, ହରିଣ ପାର୍କ ଓ ନୃସିଂହନାଥଠାରେ ହରିଶଙ୍କର ସଂଯୋଗକାରୀ ରାସ୍ତାର ଉନ୍ନତିକରିବା ନିମନ୍ତେ ପ୍ରସ୍ତାବ କରାଯାଇଛି । ସେହିପରି ହରିଶଙ୍କରଠାରେ ନିମ୍ନ ଓ ମଧ୍ୟବିତ୍ତ ପର୍ଯ୍ୟଟକମାନଙ୍କ ପାଇଁ ଏକ ପାନ୍ଥଶାଳା ନିର୍ମାଣ କରିବା ନିମନ୍ତେ ପ୍ରସ୍ତାବ କରାଯାଇଛି ।

ଏହି ଦୁଇଟି ସ୍ଥାନର ଉନ୍ନତି ନିମନ୍ତେ 'ମାଷ୍ଟର ପ୍ଲାନ୍' ପ୍ରସ୍ତୁତ କରିବା ପାଇଁ ପର୍ଯ୍ୟଟନ ବିଭାଗ ଶାସନ ସଚିବ ଶ୍ରୀ ଏ. ଏନ୍. ତିୱାରୀଙ୍କ ଅଧ୍ୟକ୍ଷତାରେ ଏକ ସବ୍-କମିଟି ଗଠନ କରାଯାଇଛି । ଏହି ସବ୍-କମିଟିର ଅନ୍ୟ ସଦସ୍ୟମାନେ ହେଲେ ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲାର ଜିଲ୍ଲାପାଳ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ, ମୁଖ୍ୟ ଯନ୍ତ୍ରୀ ଓ ଦେବୋତ୍ତର କମିଶନର ।

# ଶ୍ରୀ ଜଗନ୍ନାଥଙ୍କ ଆଦର୍ଶ ସମାଜ

ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର

ଓଡ଼ିଶାର ଗର୍ବ ଗୌରବ ତଥା ଧାର୍ମିକ ଅନୁଷ୍ଠାନର ହୃତପିଣ୍ଡ ସଦୃଶ ଶ୍ରୀଜଗନ୍ନାଥ ବିଦ୍ୟମାନ । ଏହି ଶ୍ରୀଜଗନ୍ନାଥ ଯେ କି ବିଶ୍ୱରେ ଜଗତର ନାଥ ରୂପେ ପରିଚିତ ତାହାଙ୍କର ଦୈନନ୍ଦିନ ନୀତି ନିୟମ, ପୂଜାବିଧାନ ଓ ଉପାସନାଦିକୁ ଆଲୋଚନା ତଥା ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ଏକ ଆଦର୍ଶ ସମାଜର ପ୍ରତୀକ ।

ଏହାଙ୍କ ସାମ୍ରାଜ୍ୟରେ ଏକତ୍ୱ ବା ସମନ୍ୱୟବାଦର ପ୍ରଚାର ତଥା ପ୍ରସାର ଘଟିଥିବାରୁ ସମସ୍ତେ ଏହାଙ୍କୁ ଜଗତର ନାଥ ଶ୍ରୀଜଗନ୍ନାଥ ରୂପେ ପୂଜା ଉପାସନା କରନ୍ତି । ସେଥିପାଇଁ ଶିଖ୍‌ଗୁରୁ ନାନକ, କବୀରଙ୍କଠାରୁ ଆରମ୍ଭ କରି ଯବନ କବି ସାଲବେଗ ପର୍ଯ୍ୟନ୍ତ ସମସ୍ତେ ଏହାଙ୍କ ଚରଣ ତଳେ ବିନମ୍ର ନିବେଦନ ଢାଳିଛନ୍ତି । କେବଳ ସେତିକି ନୁହେଁ ଏହି ଠାକୁର ସର୍ବଧର୍ମର ଉପାସ୍ୟ ହୋଇଥିବାରୁ କୁହାଯାଇଛି——

"ଯୋ ଦାରୁବ୍ରହ୍ମ ମୂର୍ତ୍ତି ପ୍ରଣବତନୁଧରଃ
ସର୍ବ ବେଦାନ୍ତ ସାରଃ, ଭକ୍ତାନାଂ କଳ୍ପ ବୃକ୍ଷୋ ।
ଭବଜଳ ତରଣି ସର୍ବଃ ତତ୍ତ୍ୱାନ୍ତ ତତ୍ତ୍ୱମ୍
ସିଦ୍ଧାନାଂ ଯୋଗମୂର୍ତ୍ତିଃ ହରିହର ନୁମିତଃ
ଶ୍ରୀପତି ବୈଷ୍ଣବାନାମ୍
ଶୈବାନାମ୍ ଭୈରବୋୟମ୍
ସତତ ସୁବିଦିତଃ ଶାକ୍ତ ତନ୍ତ୍ରେ ଚ ଶକ୍ତିଃ ।
ବୌଦ୍ଧାନାମ୍ ବୁଦ୍ଧମୂର୍ତ୍ତିଃ,
ଋଷଭ ମୁନିବରୋ ଜୈନସିଦ୍ଧାନ୍ତ ସାରେ
ସୋୟଂ ନୀଳାଦ୍ରିନାଥଃ ଭବଭୟ ହରଣଃ
ମାଧବ ପାତୁ ନିତ୍ୟମ ।"

ଦୈନନ୍ଦିନ ପ୍ରାତଃ ସମୟର ମଙ୍ଗଳ ଆଳତି ଓ ଶଯ୍ୟାତ୍ୟାଗଠାରୁ ଆରମ୍ଭ କରି ଦେବଦାସୀ ନୃତ୍ୟ ମଧ୍ୟରେ ଶ୍ରୀଜଗନ୍ନାଥଙ୍କୁ ପହୁଡ଼ କରିବା ଆଦି ନୀତିକୁ ଆଲୋଚନା କଲେ ଏଥିରେ ରାଜକୀୟ ସମ୍ମାନର ମୁଦ୍ରାଙ୍କ ସୁସ୍ପଷ୍ଟ ହୁଏ । ଏତଦ୍‌ବ୍ୟତୀତ ଛତିଶାନିଯୋଗଙ୍କର ସେବା, ଛପନ ପଉଟି ଭୋଗ, ବିଭିନ୍ନ ପର୍ବପର୍ବାଣି ଯାନିଯାତ୍ରାରେ ରାଜକୀୟ ବେଶକୁ ଦର୍ଶନ କଲେ ଯେ-କୌଣସି ବ୍ୟକ୍ତି ଏହାଙ୍କୁ ଜଗତର ଶ୍ରେଷ୍ଠ ସମ୍ରାଟ ରୂପେ ଗ୍ରହଣ କରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ବୋଧହୁଏ ଏଥିପାଇଁ ହଣ୍ଟର ସାହେବ ଏହାଙ୍କୁ ଶ୍ରେଷ୍ଠ ଧନୀ ଦେବତା ରୂପେ ବର୍ଣ୍ଣନା କରିଥିଲେ ।

କିନ୍ତୁ ଏତେ ଗୁଡ଼ିଏ ରାଜକୀୟ ଆଟୋପ ଥିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ନୀତିରେ ଆଭିଜାତ୍ୟର ଅହଂକାର ନାହିଁ । ତେଣୁ ମାଟିପାତ୍ରର ରନ୍ଧନ ଦ୍ରବ୍ୟକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ପୋଲଙ୍ଗ ତେଲର ଦୀପକୁ ନିଜର ଗମ୍ଭୀରାରେ ଜାଳନ୍ତି । ଯେଉଁ ଠାକୁର ରାଜକୀୟ ପରିବେଶରେ ଚଳନ୍ତି, ଯାହାଙ୍କର ଭୋଗ ଛପନ ପଉଟି ସେ ଚାହିଁଲେ ସ୍ୱର୍ଣ୍ଣ ନିର୍ମିତ ପାତ୍ରରେ ରନ୍ଧାଯାଇଥିବା ଖାଦ୍ୟ ଭୋଗ କରି ପାରନ୍ତେ କିମ୍ବା ବିଦ୍ୟୁତ୍ ଯୁଗର ନିଅନବତୀକୁ ନିଜ ଗମ୍ଭୀରା ମଧ୍ୟରେ ପ୍ରଜ୍ୱଳିତ କରିପାରନ୍ତେ ।

ସେ ଯୁଗର ବିଜ୍ଞାନ ପାଖରେ ଏଯୁଗର ବିଜ୍ଞାନ ହାର ମାନିଛି । ମୃତ୍ତିକା ନିର୍ମିତ ପାତ୍ରର ରନ୍ଧନଦ୍ରବ୍ୟ ଧାତୁନିର୍ମିତ ପାତ୍ରର ରନ୍ଧନ ଦ୍ରବ୍ୟଠାରୁ ସୁସ୍ୱାଦୁ । ତେଣୁ ଶ୍ରୀଜଗନ୍ନାଥ ମନ୍ଦିରରେ ଅଦ୍ୟାବଧି ମୃତ୍ତିକା ନିର୍ମିତ ପାତ୍ରରେ ରନ୍ଧନଦ୍ରବ୍ୟ ମହାପ୍ରଭୁଙ୍କୁ ସମର୍ପଣ କରାଯାଏ ।

ରାଜକୀୟ ଆଭିଜାତ୍ୟ ଥିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କର ଖାଦ୍ୟଦ୍ରବ୍ୟରେ ବାଛ ବିଚାର ନାହିଁ । ତେଣୁ ସେ ବିଭିନ୍ନ ଫଳମୂଳ, କ୍ଷୀରଲବଣୀ ଠାରୁ ଆରମ୍ଭ କରି ଦରଡ଼ା ଅନ୍ନ ପର୍ଯ୍ୟନ୍ତ ଭୋଜନ କରନ୍ତି । ଏପରିକି ଅକଟା ଅବଟା ଫଳସିଝାକୁ ମଧ୍ୟ ସାଗ୍ରହରେ ଗ୍ରହଣ କରନ୍ତି । ଏହାଙ୍କର ଦୈନନ୍ଦିନ ଧୂପରେ ଭୋଗ ହେଉଥିବା ଦ୍ରବ୍ୟକୁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରେ ଆଲୋଚନା କଲେ ଏହା ବିଜ୍ଞାନ ସମ୍ମତ ଓ ସୁନ୍ଦର ସ୍ୱାସ୍ଥ୍ୟୋପଯୋଗୀ ପରି ପ୍ରତୀୟମାନ ହୁଏ ।

ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦକୁ ଆଚଣ୍ଡାଳ ବ୍ରାହ୍ମଣ ସମସ୍ତେ ଏକତ୍ର ଭୋଜନ କରି ପାରନ୍ତି । ଏ ପ୍ରସାଦ ଅତ୍ୟନ୍ତ ମହାନ୍ ଓ ଅଧିକ ଗୁଣ ସଂପନ୍ନ । ତେଣୁ ବିଭିନ୍ନ ପୁରାଣାଦି ଶାସ୍ତ୍ରଗ୍ରନ୍ଥ ଏହାର ଭୂୟସୀ ପ୍ରଶଂସା କରିଛନ୍ତି । କିଏ କହିଛି ଏହି ପ୍ରସାଦ ଶୁଷ୍କ, ପର୍ଯ୍ୟୁସିତ ବା ଦୂର ଦେଶରୁ ଆନୀତ ହୋଇଥିଲେ ମଧ୍ୟ ଏହାକୁ ବିଚାର ନକରି ପାଇବାମାତ୍ରେ ଖାଇବା ଉଚିତ୍ । କିଏ କହିଛି ଯେତେ ପାପ, ମହାପାପ ହୋଇଥିଲେ ମଧ୍ୟ ଏହି ପ୍ରସାଦ ଭୋଜନ ମାତ୍ରକେ ସମସ୍ତ ପାପ ତାପ ନଷ୍ଟ ହୋଇଯିବ । ପୁନଶ୍ଚ କେଉଁ ପୁରାଣ କହିଛି—

"କୁକୁରସ୍ୟ ମୁଖଭ୍ରଷ୍ଟଂ ମମାନ୍ନଂ ଯଦିଜାୟତେ
ବ୍ରହ୍ମାଦ୍ୟୈରପି ତଦ୍‌ଭକ୍ଷ୍ୟମ୍ ଭାଗ୍ୟତୋ ଯଦି ଲଭ୍ୟତେ" ।
ଇତ୍ୟାଦି ।

ଏଭଳି ଅଶେଷ ଗୁଣ ସଂପନ୍ନ ଶ୍ରୀଜଗନ୍ନାଥଙ୍କ ଶ୍ରୀମହାପ୍ରସାଦ ସର୍ବଜନ ପୂଜ୍ୟ ହୋଇ ପାରିଛି । ସେଇଥିପାଇଁ ଓଡ଼ିଶାର ଜନ ଜୀବନ ତାର ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ପ୍ରସାଦକୁ ଶ୍ରେଷ୍ଠ ଦ୍ରବ୍ୟ ରୂପେ ଗ୍ରହଣ କରିଛି । ଯଦ୍ୱାରା ଶିଶୁଟିଏ ଜନ୍ମହେଲେ ତା ତୁଣ୍ଡରେ ପ୍ରଥମେ ମହାପ୍ରସାଦ ଦେବାଠାରୁ ମଲାବେଳେ ତୁଣ୍ଡରେ ମହାପ୍ରସାଦ ଜଳ ଦେବାପାଇଁ ପଶ୍ଚାତପଦ ହୁଏନି । ଏହା ହେଉଛି ଶ୍ରୀଜଗନ୍ନାଥବାଦର ଶ୍ରେଷ୍ଠ ନିଦର୍ଶନ । ଯାହାର ଶେଷ ତଥା ଶ୍ରେଷ୍ଠ ଆକାଂକ୍ଷା ହେଉଛି ନିର୍ବାଣ ପ୍ରାପ୍ତି ।

କେବଳ ସେତିକି ନୁହେଁ ଓଡ଼ିଆ ତାର ତେଲ ଲୁଣର ସଂସାର ଭିତରେ ଶ୍ରୀଜଗନ୍ନାଥଙ୍କୁ ଯଥେଷ୍ଟ ସ୍ମରଣ କରେ । ତେଣୁ ବିବାହ ବେଳରେ ମହାପ୍ରସାଦ ନିର୍ବନ୍ଧ ବେଳଠାରୁ ପ୍ରତ୍ୟେକ ଶୁଭ କର୍ମରେ ପ୍ରଥମେ ସେ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ କରେ । ଶ୍ରୀଜଗନ୍ନାଥ ଯେପରି ତାର ଅତି ଆତ୍ମୀୟ, ଅତି ନିଜର । ତାଙ୍କ ବ୍ୟତିରେକେ ସେ କୌଣସି କାର୍ଯ୍ୟ କରି ପାରିବନି । ତେଣୁ ତାର ଗୁଲିଚଳନ, ହାବ-ଭାବ, ଶୁଭ ଅଶୁଭ ସମସ୍ତ କର୍ମରେ ଶ୍ରୀଜଗନ୍ନାଥଙ୍କୁ ମୂଳ ରୂପେ ଗ୍ରହଣ କରିଛି ।

ଶ୍ରୀଜଗନ୍ନାଥ ଓଡ଼ିଆ ଜନ ଜୀବନର ଶ୍ରେଷ୍ଠ ଆଦର୍ଶ । ଭାଗବତର "ମର୍ତ୍ତ୍ୟମଣ୍ଡଳେ ଦେହବହି, ଦେବତା ହୋଇଲେ ମରଇ" ନୀତିବାକ୍ୟଅନୁଯାୟୀ ଶ୍ରୀଜଗନ୍ନାଥଙ୍କର ଜନ୍ମ, କଳେବର ପରିବର୍ତ୍ତନ, ଶ୍ରାଦ୍ଧ, ଦୀପଦାନ, ଶରୀର ଅସୁସ୍ଥ, ଶୟନ, ଜାଗରଣ, ପର୍ବ ପର୍ବାଣୀ, ଯାନିଯାତ୍ରା ଆଦି ପାଳନ କରାଯାଏ । ଭକ୍ତ ତାଙ୍କଠାରେ ମାନବତ୍ୱ ଦର୍ଶନ କରିବା ପାଇଁ ଏଭଳି ନୀତି ନିୟମ ଦ୍ୱାରା ତାଙ୍କୁ ଜଡ଼ିତ କରିଛି । ଯେତେବେଳେ ଭକ୍ତ ତାଙ୍କୁ ନଟନାଗର କୃଷ୍ଣ ରୂପେ ଚାହିଁଛି, ସେତେବେଳେ କୃଷ୍ଣ ରୂପେ ଦେଖିଛି । ଭକ୍ତର ମନୋବାଞ୍ଛା ପୂରଣ ପାଇଁ ସେ କେତେବେଳେ ହାତୀ ବେଶ ହୋଇଛନ୍ତି ତ କେତେବେଳେ ଗଜଉଦ୍ଧାରଣ ବେଶ ବା କାଳୀୟଦଳନ ବେଶ ହୋଇଛନ୍ତି । କେତେବେଳେ ସୁନାବେଶ ତ କେତେବେଳେ ରାଜାବେଶ ହୋଇଛନ୍ତି । ଏହିଭଳି ବେଶ ହେବା ଦ୍ୱାରା ପ୍ରତିପାଦିତ ହେଉଛି ଶ୍ରୀ ଜଗନ୍ନାଥ ସମସ୍ତ ଭକ୍ତଙ୍କର । ସେ କୌଣସି ବ୍ୟକ୍ତିର ଦେବତା ନ ହୋଇ ହୋଇଛନ୍ତି ଜଗତର ଦେବତା । ତେଣୁ ସେ ଶ୍ରୀଜଗନ୍ନାଥ ।

ତାଙ୍କ ପାଖରେ ଜାତିଭେଦ, ଉଚ୍ଚ ନୀଚ ଆଦିର କିଛି ବିଚାର ନାହିଁ । ସେଇଥିପାଇଁ ଭକ୍ତ ଦାସିଆ ବାଉରୀ ଶ୍ରୀହସ୍ତ ଅର୍ପିତ ନାରିକେଳକୁ ଆଗ୍ରହରେ ନିଜେ ହସ୍ତ ପ୍ରସାରି ନେଇ ଯାଇଛନ୍ତି, ସେଇଥିପାଇଁ ବେଶ୍ୟାସକ୍ତ ଭକ୍ତ ବଳରାମ ଦାସଙ୍କର ଭାବରେ ବିହ୍ୱଳ ହୋଇ ବଡ଼ ଦାଣ୍ଡର ଶ୍ରୀନନ୍ଦିଘୋଷକୁ ଛାଡ଼ି ଗୁରି ଯାଇଛନ୍ତି ବାଲି ମୁହାଣର ବାଲି ରଥକୁ । ଏହାଦ୍ୱାରା ଶ୍ରୀଜଗନ୍ନାଥ ପ୍ରତିପାଦିତ କରିଛନ୍ତି ଭକ୍ତର ଭାବ ତାଙ୍କପାଇଁ ସବୁଠାରୁ ବଡ଼ । ତେଣୁ ସେ ଯାହା କଲେ ମଧ୍ୟ ଭକ୍ତି ଭାବନା ତିଳେ ସବୁ ଲୁପ୍ତ ହୋଇପାରେ ।

ଏହାଙ୍କର ପତିତପାବନ ବାନା ତଳେ ଉପାସ୍ୟ ଓ ଉପାସକ, ସେବ୍ୟ ଓ ସେବକ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ତେଣୁ ଅଣସର ବେଳେ ଦଇତାମାନେ ଶ୍ରୀଜଗନ୍ନାଥଙ୍କୁ ନିଜର ଆତ୍ମୀୟ ଭଳି ସେବା କରିବାଠାରୁ ଆରମ୍ଭକରି ନବକଳେବର ବେଳେ ମହାପ୍ରଭୁଙ୍କ ଘଟ ପରିବର୍ତ୍ତନରେ ଶୁଦ୍ଧିକ୍ରିୟା ପର୍ଯ୍ୟନ୍ତ ସମସ୍ତ କର୍ମ କରନ୍ତି । ଏପରିକି ଉତ୍କଳ ରାଜାର ମଉଡ଼ମଣି ଗଜପତି ମଧ୍ୟ ଏହାଙ୍କ ବ୍ୟତିରେକେ କୌଣସି କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ନୁହନ୍ତି । ତେଣୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ନିଜକୁ ଅତିନ୍ୟୂନ ସେବକ ବୋଲି ମନେ କରି ରଥରେ ଛେରାପହଁରା କରନ୍ତି । କିନ୍ତୁ ଏ ଜାତି ତାଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ତାଙ୍କୁ ଭକ୍ତି କରେ, ସମ୍ମାନ କରେ, କେବଳ ସେତିକି ନୁହେଁ ତାଙ୍କୁ ଚଳନ୍ତି ବିଷ୍ଣୁ ରୂପେ ମାନ୍ୟ କରେ ।

ଶ୍ରୀଜଗନ୍ନାଥ ମନ୍ଦିରକୁ ଯଦି ଗୋଟିଏ ଆଦର୍ଶ ସମାଜ ବୋଲି ଗ୍ରହଣ କରାଯାଏ, ତେବେ ଏହାଙ୍କର ସେବାୟତମାନେ ନିଜକୁ ସୁଶୃଙ୍ଖଳ କରି ନିଜ ନିଜର କର୍ତ୍ତବ୍ୟରେ ନିୟୋଜିତ ହୁଅନ୍ତି । ଏହାଙ୍କୁ ନିର୍ଦ୍ଦେଶ ଦେବାକୁ ସେହି ଗୋଟିଏ ରାଜାଧିରାଜ ସ୍ୱରାଟରାଟ ଶ୍ରୀଜଗନ୍ନାଥ ବିଦ୍ୟମାନ । ତେଣୁ ଏହାଙ୍କ ନିର୍ଦ୍ଦେଶରେ ସେମାନେ ନିଜ ନିଜର କର୍ମ କରନ୍ତି ।

ବିଶ୍ୱରେ ଯେଉଁ ଶ୍ୱେତବର୍ଣ୍ଣୀ ୟୁରୋପୀୟ, ପୀତବର୍ଣ୍ଣୀ ଚୀନା, କୃଷ୍ଣବର୍ଣ୍ଣୀ ନିଗ୍ରୋ ଓ ଲୋହିତବର୍ଣ୍ଣୀ ଲୋହିତ ଭାରତୀୟ ଦେଖା ଯାଆନ୍ତି, ତାହାଙ୍କର ପ୍ରତୀକ ରତ୍ନ ସିଂହାସନ ଉପରେ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନ । ଏହି ଚାରିବର୍ଣ୍ଣର ଲୋକ ପୃଥିବୀର ବିଭିନ୍ନ ପ୍ରାନ୍ତରେ ବାସ କରନ୍ତି । ଶ୍ରୀଜଗନ୍ନାଥ ମନ୍ଦିର ରତ୍ନ ସିଂହାସନରେ ଏହି ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କଲେ ମନେ ହୁଏ ଯେତେ ଯେପରି ଏ ସମସ୍ତ ବର୍ଣ୍ଣର ଲୋକ ଏକ ଏବଂ ଅଭିନ୍ନ । ଏହାହିଁ ହେଉଛି ବିଶ୍ୱୈକ ପ୍ରାଣତା । ଏହି ଚାରିବର୍ଣ୍ଣର ସଂଯୋଗକୁ କେହି କେହି ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ର ବୋଲି କହନ୍ତି । ସେ ଯାହା ହେଉ ଏହି ବର୍ଣ୍ଣିତ ଅନ୍ତରାଳରେ ବିଶ୍ୱଭ୍ରାତୃତ୍ୱ ତଥା ବିଶ୍ୱୈକ ପ୍ରାଣତାର ଭାବ ସୁସ୍ପଷ୍ଟ । ତେଣୁ ସୁଦୂର ନେପାଳର ରାଜା ପୁରୀ ମନ୍ଦିରକୁ ଆସିଲେ ପୂଜା କରି ପାରନ୍ତି ଓ କାଶ୍ମୀରର ରାଜା ମଧ୍ୟ ଅନେକ ଧନ ସମ୍ପତ୍ତି ଏହି ମନ୍ଦିରକୁ ଦାନ କରିଛନ୍ତି ।

ଶ୍ରୀଜଗନ୍ନାଥଙ୍କ ରଥ ଯାତ୍ରାରେ ଏହି ବିଶ୍ୱ ଭ୍ରାତୃତ୍ୱର ଓ ବିଶ୍ୱ ମୈତ୍ରୀର ନିଦର୍ଶନ ସୁସ୍ପଷ୍ଟ ରୂପେ ଦେଖାଯାଏ । ତେଣୁ ଏକମନ, ଏକ ପ୍ରାଣ ହୋଇ ଜାତି ଧର୍ମ ନିର୍ବିଶେଷରେ ସମସ୍ତେ ଏକଛ ନନ୍ଦିଘୋଷକୁ ଟାଣି ନିଅନ୍ତି

ଶ୍ରୀମନ୍ଦିରର ସିଂହଦ୍ୱାରଠୁ ଶ୍ରୀଗୁଣ୍ଡିଚା ମନ୍ଦିରର ଶରଧା ବାଲିକୁ । ଏହିଠାରେ ଝରି ଯାଉଛି ସ୍ନେହ ଶ୍ରଦ୍ଧାର ଅମନ୍ଦ ମନ୍ଦାକିନୀ ଧାରା । ଜାତିଧର୍ମ ନିର୍ବିଶେଷରେ ପରସ୍ପର ପରସ୍ପରକୁ ସାହାଯ୍ୟ ସହଯୋଗ କରିଛନ୍ତି । ସେହି ବିଶ୍ୱ ନିୟନ୍ତା, ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପତିତପାବନ ବାନାତଳେ ସମସ୍ତେ ସମାନ । ଭେଦା ଭେଦ କିଛି ନାହିଁ । ରହିଛି କେବଳ ଏକତ୍ୱର ମନୋଭାବ । ତେଣୁ ସେ ସମସ୍ତେ ମିଶି ଟାଣି ନିଅନ୍ତି ଶ୍ରୀନନ୍ଦିଘୋଷକୁ ଗୁଣ୍ଡିଚା ମନ୍ଦିର ନିକଟକୁ । ଏହି ମନୋଭାବ ତାଙ୍କ ମନରେ ଭରିଦିଏ ଅଭୂତପୂର୍ବ ପ୍ରେରଣା ତେଣୁ ସେମାନେ ଉଚ୍ଚନୀଚ, ବଡ଼ ସାନ, ସବୁକୁ ଭୁଲି ଯାଆନ୍ତି ।

ଏହି ବିଶ୍ୱ ଭ୍ରାତୃତ୍ୱର ପରିକଳ୍ପନାକୁ ଦୃଢ଼ୀଭୂତ କରିଛନ୍ତି ଶ୍ରୀଜଗନ୍ନାଥ । ସର୍ବତ୍ର ରାଧାକୃଷ୍ଣ, ହର-ପାର୍ବତୀ, ରାମସୀତା ଆଦିଙ୍କର ଉପାସନା ହୁଏ । ଅର୍ଥାତ୍ ଏହି ଉପାସନାରେ ଜଣେ ପୁରୁଷ ଓ ଜଣେ ପ୍ରକୃତି ରୂପେ ଉପାସିତ ହୁଅନ୍ତି, ଯାହାଙ୍କ ମଧ୍ୟରେ ସ୍ୱାମୀ ସ୍ତ୍ରୀର ନିଦର୍ଶନ ଫୁଟି ଉଠେ । କିନ୍ତୁ ଏ ମନ୍ଦିରରେ ପୂଜା ହୁଏ ଭାଇ-ଭଉଣୀଙ୍କର । ତେଣୁ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ମଧ୍ୟରେ ଭଉଣୀ ସୁଭଦ୍ରା ରୂପେ ବିରାଜିତ । ରଥଯାତ୍ରାରେ ଏ ବିଶ୍ୱ ଭ୍ରାତୃତ୍ୱକୁ ବିଶ୍ୱବାସୀଙ୍କ ଆଗରେ ପ୍ରମାଣିତ କରିବା ପାଇଁ ଶ୍ରୀଜଗନ୍ନାଥ ଭଗିନୀ ସୁଭଦ୍ରାଙ୍କୁ ସଙ୍ଗରେ ନେଇ ରଥରେ ଭ୍ରମଣ କରିବାକୁ ଯାଆନ୍ତି । ସେଇଥିପାଇଁ ରଥଯାତ୍ରାରୁ ଫେରିବା ପରେ ପତ୍ନୀ ଲକ୍ଷ୍ମୀ କ୍ରୋଧାଗ୍ନିରେ ଜର୍ଜରିତ ହୋଇ କଳହ କରନ୍ତି ମହାପ୍ରଭୁଙ୍କ ସହିତ । ଏହା ହେଉଛି ସ୍ୱାମୀ ସ୍ତ୍ରୀଙ୍କର ପାରିବାରିକ କଳହ ।

ମାନବ ଜୀବନର ପାରିବାରିକ କଳହରୁ ଶ୍ରୀଜଗନ୍ନାଥ ମୁକ୍ତ ନୁହନ୍ତି । ତେଣୁ ଭଉଣୀ ସୁଭଦ୍ରାଙ୍କୁ ସଙ୍ଗରେ ଧରି ଶ୍ରୀଗୁଣ୍ଡିଚା ଯାତ୍ରା କରିବାରୁ ପତ୍ନୀ ଲକ୍ଷ୍ମୀ କ୍ରୋଧରେ ଜର୍ଜରିତ ହୋଇ ଗୃହରେ ପ୍ରବେଶ କରିବା ପାଇଁ ମହାପ୍ରଭୁଙ୍କୁ ଅନୁମତି ଦେଉ ନାହାନ୍ତି । ତା ବଦଳରେ ତାଙ୍କୁ କରିଛନ୍ତି ଅପମାନିତ ଓ ଲାଞ୍ଛିତ । କିନ୍ତୁ ନିଜର ପ୍ରାଣପ୍ରିୟ—ହୃଦୟର ଦେବତା-ଜଗତର ନାଥଙ୍କୁ ବେଶୀ ସମୟ କଷ୍ଟ ଦେଇ ନିଜେ ସନ୍ତୁଷ୍ଟରେ ରହି ପାରି ନାହାନ୍ତି । ସ୍ୱାମୀଙ୍କର ବିନୟ ବଚନ ଓ ସସ୍ନେହ ବାଣୀ ତାଙ୍କ ନାରୀ ପ୍ରାଣରେ ଝରାଇ ଦେଇଛି ସ୍ନେହର ମନ୍ଦାକିନୀ ଧାରା । ସ୍ୱାମୀଙ୍କର ଉଚ୍ଛ୍ୱାସିତ ଆଶାବାଣୀ ତାଙ୍କ ପ୍ରାଣକୁ ବିଗଳିତ କରିଛି । ତେଣୁ ସେ ଦାସୀମାନଙ୍କ ଗହଣରେ ପାଛୋଟି ନେଇଛନ୍ତି ପ୍ରାଣପ୍ରିୟ ଶ୍ରୀଜଗନ୍ନାଥଙ୍କୁ ଏହାହିଁ ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତିର ମୂଳ ଆଦର୍ଶ । ଅର୍ଥାତ୍ ପାରିବାରିକ କଳହ ଚିରସ୍ଥାୟୀ ନୁହେଁ, ଏହା ହେଉଛି କ୍ଷଣସ୍ଥାୟୀ ।

ସୁଆର ସାହି,
ପୁରୀ-୭୫୨୦୦୧

ଏହି କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କର ସହନଶୀଳତାର ନିଦର୍ଶନ ପ୍ରସ୍ଫୁଟିତ ହୋଇଛି । ଯାହାକି ଜଣେ ସୁଶାସକ ବା ପରିବାରର ମୁଖ୍ୟ ବ୍ୟକ୍ତି ଭାବରେ ରହିବା ଉଚିତ । ତେଣୁ କିଏ ତାଙ୍କୁ କାଳୁଣୀ କହିଲେ କି ସର୍ପ ବୋଲି ଗାଳି ଦେଲେ ତାଙ୍କର କୌଣସି ବିକାର ନାହିଁ । ସେ ହେଉଛନ୍ତି ନିର୍ବିକାର ପୁରୁଷ । ସେ କୌଣସିଥିରେ ବିଚଳିତ ନୁହନ୍ତି । ସେ ସବୁ ଶୁଣି, ସବୁ ଦେଖି ମୌନ ଓ ନିର୍ବାକ । ତେଣୁ ସେ ପୁରୁଷୋତ୍ତମ–ବୃଦ୍ଧ ।

ଶ୍ରୀଜଗନ୍ନାଥଙ୍କ ଆଦର୍ଶ ସମାଜରେ ବୟୋଜ୍ୟେଷ୍ଠଙ୍କୁ ସମ୍ମାନ ଦେବା ହେଲା ମୁଖ୍ୟ । ତେଣୁ ମହାପ୍ରଭୁ ରଥଯାତ୍ରାକୁ ଯିବାବେଳେ ଓ ରଥରୁ ଫେରିବା ବେଳେ ବଡ଼ଭାଇ ବଳଭଦ୍ର ପ୍ରଥମେ ରଥକୁ ଯାଆନ୍ତି ଓ ସର୍ବଶେଷରେ ସାନଭାଇ ନିଜେ ରଥକୁ ଯାଆନ୍ତି ଓ ରଥରୁ ଆସନ୍ତି । ପହଣ୍ଡି ଓ ରଥ ଟଣାବେଳେ ଏହି ନିୟମ ମଧ୍ୟ ପାଳିତ ହୁଏ । କେବଳ ସେତିକି ନୁହେଁ ସାନବୋହୂ ଭାବରେ ଲକ୍ଷ୍ମୀ ନୀଳାଦ୍ରୀ ବିଜେ ଦିନ ଶ୍ରୀଜଗନ୍ନାଥାଦି ମନ୍ଦିରକୁ ଫେରିବା ବେଳେ ଲକ୍ଷ୍ମୀ ଦେଢ଼ଶ୍ୱଶୁର ବଳଭଦ୍ର ଓ ସୁଭଦ୍ରା ନଣନ୍ଦଙ୍କ ଫେରିବାରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରନ୍ତିନି । କିନ୍ତୁ ପତିଙ୍କର ଭୁଲ ଲାଗି ନିଜର ମାନ ଅଭିମାନ ସବୁ କିଛି ଠୁଳ ହୁଏ ପତି ଜଗନ୍ନାଥଙ୍କର ଆଗମନ ବେଳେ ।

ନାରୀ ଯେତେ କ୍ରୋଧ କଲେ ମଧ୍ୟ ନିଜର ଜୀବନ ସଙ୍ଗୀ ପ୍ରାଣପ୍ରିୟଙ୍କୁ ବେଶୀ କଷ୍ଟ ଦେଇ ପାରେ ନି । ତେଣୁ ଶେଷରେ ଲକ୍ଷ୍ମୀ ସାଦରେ ସ୍ୱାମୀଙ୍କୁ ପାଛୋଟି ନିଅନ୍ତି ନିଜ ମନ୍ଦିରକୁ । ସ୍ୱାମୀଙ୍କର ସ୍ନେହଗର୍ଭବାଣୀ, ସୁମିଷ୍ଟ ପଦାର୍ଥ ଲକ୍ଷ ଦ୍ୱାରା ଲକ୍ଷ୍ମୀଙ୍କର କ୍ରୋଧ ଅବଦମିତ ହୁଏ । ତା ପରେ ଚାଲେ ତାଙ୍କର ସୁନାର ସଂସାର । ନୀତି ଚାଲେ ଦୈନନ୍ଦିନ ପରି ।

ଶ୍ରୀଜଗନ୍ନାଥ ଜଗତର ନାଥ ହେଲେ ମଧ୍ୟ ଆଦର୍ଶ ସମାଜର ପ୍ରତୀକ ରୂପେ ଗ୍ରହଣୀୟ । ସାମ୍ୟବାଦ କହ, ଐକ୍ୟବାଦ କହ, ସବୁ କିଛି ରହିଛି ଶ୍ରୀଜଗନ୍ନାଥ ମନ୍ଦିରରେ । ତେଣୁ ଏହି ଆଦର୍ଶ ବିଶ୍ୱବାସୀଙ୍କୁ ଉଦ୍‌ବୁଦ୍ଧ କରିଛି । ଯଦ୍ୱାରା ସୁଦୂର ଆମେରିକାଠାରୁ ଆରମ୍ଭ କରି ସାରା ବିଶ୍ୱରେ ଜଗନ୍ନାଥୈକ ପ୍ରାଣତାର ଅମନ୍ଦ ମନ୍ଦାକିନୀ ଧାରା କୁଳୁ କୁଳୁ ନାଦରେ ପ୍ରବାହିତ ହେଉଛି । ଏହାହିଁ ହେଉଛି ଶ୍ରୀଜଗନ୍ନାଥଙ୍କ ଆଦର୍ଶ ସମାଜ ।

# ସ୍ୱର୍ଗକୁ ଶିଡ଼ି

ଶ୍ରୀ ରାମଚନ୍ଦ୍ର ହରିଚନ୍ଦନ
ଜ୍ୟୋତିର୍ବିଦ୍ୟା ବାଚସ୍ପତି

ରାତିରେ ତାରାଖଚିତ ନୀଳାକାଶକୁ ଅନାଇଲେ ମନ ଯୁଗପତ୍ ଶ୍ରଦ୍ଧା, ସଂଭ୍ରମ, ଆନନ୍ଦ ଓ ବିସ୍ମୟରେ ଅଭିଭୂତ ହୋଇଯାଏ । ତାହା ଆଲୋକର ରାଜ୍ୟ । ତାହା ସ୍ୱର୍ଗ । ତାହା ଈଶ୍ୱରଙ୍କ ନିତ୍ୟ ଧାମ । ସେଠାରେ ନିତ୍ୟ ଲୀଳା ଲାଗି ରହିଛି । ସତ୍ୟ ସତ୍ୟ ହିଁ ତାହା ଅମୃତର ମହାସମୁଦ୍ର । ବିଜ୍ଞ ଲୋକମାନେ ସ୍ୱର୍ଗ କାମନା କରି ଯଜ୍ଞ, ଦାନ, ତପସ୍ୟାଦିରେ ପ୍ରବୃତ୍ତ ହେଉଥିବା ଦେଖାଯାଏ । କିନ୍ତୁ ବୈଜ୍ଞାନିକମାନେ ଶିଥି ପୋଡ଼ିବା ଅପେକ୍ଷା ଇଟା ପୋଡ଼ିବାକୁ ଅଧିକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ବୋଲି ମନେ କରନ୍ତି । ସେ ଯୁଗରେ ବୈଜ୍ଞାନିକମାନଙ୍କୁ କୁହାଯାଉଥିଲା କାଳକାଂଜ । ପୃଥିବୀର ପ୍ରଥମ ଇଟା-ଭାଟିରେ ସେମାନେ ହିଁ ଅଗ୍ନି-ସଂଯୋଗ କରିଥିଲେ । ସ୍ୱର୍ଗକୁ ଅନ୍ୟାୟ ଜବରଦସ୍ତ ଦଖଲ କରିବା ଉଦ୍ଦେଶ୍ୟରେ ସେମାନେ ଯେଉଁ ଶିଡ଼ିଟି ପ୍ରସ୍ତୁତ କରିଥିଲେ, ତାହା ମେଘକୁ ସ୍ପର୍ଶ କରିଥିଲା ।

କାଳକାଞ୍ଜମାନଙ୍କ ମନ୍ଦ ଅଭିପ୍ରାୟ ବୁଝିପାରି ଦେବରାଜ ଇନ୍ଦ୍ର ମାୟା-ବ୍ରାହ୍ମଣ ରୂପ ଧାରଣ କରି ସେହି ଶିଡ଼ି ପାଖରେ ପହଞ୍ଚିଥିଲେ ଓ କାଳକାଂଜ ଯନ୍ତ୍ରୀମାନଙ୍କୁ ବୁଝାଇଥିଲେ ଯେ ପୋଡ଼ା ଇଟାର ଶିଡ଼ିରେ ମେଘ ବାଡ଼େଇ ହୋଇ ଇଟାଗୁଡ଼ାକୁ ଖତରା କରି ଦେବ, ସୁତରାଂ ଉପରକୁ ଅନ୍ତତଃ ଚିତ୍ର (ପେଣ୍ଟେଡ଼) ଇଟା ଖଞ୍ଜାଯିବା ଆବଶ୍ୟକ । ମାୟା-ବ୍ରାହ୍ମଣ, ଶିଡ଼ି ଉପରେ ଉଠି ସାଙ୍ଗରେ ନେଇଥିବା ଚିତ୍ର ଇଟାଟି ଖଞ୍ଜି ଦେଲେ ।

ଦେଖୁ ଦେଖୁ ବିଜୁଳି ଚମକି ଉଠିଥିଲା । ବଜ୍ର-ପାତରେ ଇଟା ଶିଡ଼ିଟା ଧପାସ୍ କରି ପଡ଼ି ଚୁରମାର ହୋଇ ଯାଇଥିଲା । ଆଉ କାଳକାଂଜମାନେ ଛିଟିକି ପଡ଼ି ମାଙ୍କଡ଼ସା ପାଲଟି ଯାଇଥିଲେ । କିନ୍ତୁ ଅଗ୍ରୁର ସୂଚନା ପାଇ ଦୁଇଜଣ ବିଜ୍ଞ କାଳକାଂଜ କୁଦାମାରି ସ୍ୱର୍ଗକୁ ଉଠି ଯାଇଥିଲେ ଓ ଇନ୍ଦ୍ରଙ୍କ ନିକଟରେ ଆଶ୍ରୟ ପ୍ରାର୍ଥନା କରିଥିଲେ । ଇନ୍ଦ୍ର ଏହି ବିଶ୍ୱସ୍ତ କାଳକାଂଜଙ୍କୁ ସ୍ୱର୍ଗର ପ୍ରହରୀ ରୂପେ (ଦିବ୍ୟୌ ଶ୍ୱାନୌ) ନିଯୁକ୍ତ କରିଥିଲେ । ଏହି ନକ୍ଷତ୍ର ଦୁଇଟିର ନାମ "ସାରମେୟ ଯୁଗଳ" (କାନିସ୍ ଭେନାଟିସି) । ଇନ୍ଦ୍ର ଯେଉଁ ଚିତ୍ର ଇଟାଟିକୁ ଖଞ୍ଜିଥିଲେ, ତାହା ହେଉଛି ଚିତ୍ରା (ଆଲ୍‌ଫା ଭିରଜିନିସ୍) ନକ୍ଷତ୍ର । ଚିତ୍ରା ନକ୍ଷତ୍ର, ନିରୟନ ରାଶିଚକ୍ରର ଠିକ୍ ମଧ୍ୟ ବିନ୍ଦୁରେ ଅବସ୍ଥିତ । ଅୟନାଂଶ-ଗଣନା ପାଇଁ ଚିତ୍ରା ନକ୍ଷତ୍ର ହିଁ ଭିତ୍ତି । ଏହି ନାକ୍ଷତ୍ରିକ ଉପାଖ୍ୟାନଟି ଅଛି "ତୈତ୍ତିରୀୟ ବ୍ରାହ୍ମଣ" ଗ୍ରନ୍ଥରେ । ଏହା ମାତ୍ର ନଅଟି ବାକ୍ୟରେ ରଚିତ, ସୁତରାଂ ଏହା ପୃଥିବୀର କ୍ଷୁଦ୍ରତମ ଗଳ୍ପ । ଜ୍ୟୋତିଷରେ "ନଅ" ସଂଖ୍ୟାଟି ଅବଶ୍ୟ ବିଶେଷ ଅର୍ଥ ବହନ କରେ, ଯଥା ନବଗ୍ରହ, ନବ ତାରା, ନବନାଦ, ଇତ୍ୟାଦି । ଆଶ୍ଚର୍ଯ୍ୟର କଥା ଯେ ଏହି ବୈଦିକ ଗଳ୍ପଟି ବାଇବଲ୍‌ରେ ସ୍ଥାନ ପାଇଛି । ଏହି ଗଳ୍ପକୁ ରାମାୟଣରେ ଓ 'ବଡ଼ ଦେଉଳ'ରେ ମଧ୍ୟ ପୁନର୍ବସତି ଦେବା ପାଇଁ ଚେଷ୍ଟା କରା ଯାଇଥିଲା । ମୌଳିକ ଉପାଖ୍ୟାନଟି ଏହିପରି:—

"କାଳକାଂଜାଃ ବୈ ନାମ ଅସୁରାଃ ଆସନ୍ । ତେ ସୁବର୍ଗାୟ ଲୋକାୟ ଅଗ୍ନିଂ ଅଚିନ୍ୱତ । ପୁରୁଷଃ ଇଷ୍ଟକାଂ ଉପାଦଧାତ୍ । ପୁରୁଷଃ ଉ ଇଷ୍ଟକାଂ ସଃ ଇନ୍ଦ୍ରଃ ବ୍ରାହ୍ମଣଃ ବ୍ରୁବାଣଃ ଇଷ୍ଟକାଂ ଉପାଧତ । ଏଷା ମେ ଚିତ୍ରା ନାମ ଇତି । ତେ ସୁବର୍ଗଲୋକଂ ଆପ୍ରାରୋହଣ୍ ସଃ ଇନ୍ଦ୍ରଃ ଇଷ୍ଟକାଂ ଆବୃହତ୍ ତେ ବା ଆକୀର୍ଯ୍ୟନ୍ତ । ଯେ ବା ଆକୀର୍ଯ୍ୟନ୍ତ ତେ ଊର୍ଣ୍ଣନାଭୟଃ ଅଭବନ୍ । ଦ୍ୱୌ ଉଦପତତାଂ । ତୌ ଦିବ୍ୟୌ ଶ୍ୱାନୌ ଅଭବତାମ୍ ॥"

ତୈତ୍ତିରୀୟ ବ୍ରାହ୍ମଣ

ରାମାୟଣ—ପାଠକମାନେ ଜାଣନ୍ତି ଯେ ରାବଣ ସ୍ୱର୍ଗକୁ ଶିଡ଼ି ବାନ୍ଧିବା ପାଇଁ ଆଶା ପୋଷଣ କରିଥିଲେ । କାଳେ ଇନ୍ଦ୍ର ବିଘ୍ନ ଘଟାଇବେ ବୋଲି ଭାବି ସେ ନିଜ ପୁତ୍ରର ନାମ ରଖିଥିଲେ ଇନ୍ଦ୍ରଜିତ । କିନ୍ତୁ ସ୍ୱର୍ଗକୁ ଶିଡ଼ି ପ୍ରସ୍ତୁତ ହେବା ପୂର୍ବରୁ ଶ୍ରୀରାମ ସେତୁ ବାନ୍ଧି ଲଙ୍କାରେ ପଦାର୍ପଣ କରିଥିଲେ । ରାବଣଙ୍କ ଭାଇ ବିଭୀଷଣ ଶ୍ରୀରାମଙ୍କ ଶରଣାପନ୍ନ ହୋଇଥିଲେ । ବିଭୀଷଣଙ୍କ ପତ୍ନୀ "ସରମା" ଥିଲେ ସୀତାଙ୍କ ସୁହୃଦା ସଖୀ । ଏଠାରେ କହି ରଖିବା ଆବଶ୍ୟକ ଯେ ସରମା ହେଉଛନ୍ତି ଶ୍ୱାନମାନଙ୍କ ଆଦି ଜନନୀ । ସେଥିପାଇଁ କୁକୁରଙ୍କୁ କୁହାଯାଏ "ସାରମେୟ" । ରାମାୟଣର ସରମା-ଉପାଖ୍ୟାନ ତୈତ୍ତିରୀୟ ବ୍ରାହ୍ମଣର ଗଳ୍ପର ଛାୟାରେ ରଚିତ । କିନ୍ତୁ ତୈତ୍ତିରୀୟ ବ୍ରାହ୍ମଣର ଗଳ୍ପଟି ମଧ୍ୟ ମୌଳିକ ରଚନା ନୁହେଁ ତାହା ଋଗ୍‌ବେଦରୁ ଗୃହୀତ—

"ଯଃ ରୌହିଣଂ ଅସ୍ଫୁରତ୍ ବଜ୍ରବାହୁଃ
ଦ୍ୟାଂ ଆରୋହନ୍ତମ୍ ॥"

—ଋଗ୍‌ବେଦ ୨।୧୨।୧୨

(ରୌହିଣଂ—ଯାହା ଦ୍ୱାରା ଆରୋହଣ କରାଯାଏ ।
ଦ୍ୟାଂ=ସ୍ୱର୍ଗ)

ମାନବିକ ସଭ୍ୟତାର ଜନନୀ ହେଉଛି ବେଦ ଓ ଭାରତ ଭାରତୀୟ ସଭ୍ୟତା ଓ ସଂସ୍କୃତି ପୃଥିବୀର ସର୍ବତ୍ର ପ୍ରସାରିତ ଓ ଆଦୃତ ହୋଇଥିଲା । ତୈତ୍ତିରୀୟ ବ୍ରାହ୍ମଣର ଏହି ଗଳ୍ପଟି ବାଇବଲ୍‌ରେ ହେଉଛି “ Tower of Babel,” ଯାହା ପୂର୍ବ ଦେଶୀୟ (ଭାରତୀୟ) ଲୋକଙ୍କ ଅବଦାନ ବୋଲି ସ୍ୱୀକାର କରାଯାଇଛି । ଏବେ ପଢ଼ନ୍ତୁ—

“And it came to pass, as they journeyed from the East, that they found a plain in the land of Shinar and they dwelt there. And they said one to another, go to, let us make bricks and burn them thoroughly. And they had brick for stone and lime they had for mortar. And they said, go to, let us build us a city and a tower whose top may reach unto heaven.”

Genesis XI.

ଶୁକ୍ଳ ବ୍ରାହ୍ମଣର ଏହି ଗଳ୍ପଟି ବ୍ରାହ୍ମଣ ବିଦ୍ୟାପତିଙ୍କ ଦ୍ୱାରା ଯେଉଁପରି ଭାବରେ ମୂର୍ତ୍ତ ହୋଇଥିଲା, ତାହା ଗଭୀର ରହସ୍ୟାବୃତ । ରହସ୍ୟ, ତଳ ମେଘପରି ସୂର୍ଯ୍ୟାଲୋକକୁ ଢାଙ୍କି ଦିଏ ସତ ; କିନ୍ତୁ ମର୍ମଜ୍ଞ ବ୍ୟକ୍ତି ପାଇଁ କିଛି କିଛି ଫାଙ୍କ ବି ରଖିଥାଏ । ଗୋଟିଏ ଫାଙ୍କ ଭିତରୁ ଇନ୍ଦ୍ରଦ୍ୟୁମ୍ନ-ରହସ୍ୟର କେତୋଟି ରଶ୍ମି ଧରିବାକୁ ଏଠାରେ ଚେଷ୍ଟା କରାଯିବ ।

ସେ କାଳରେ ବ୍ରାହ୍ମଣମାନେ ଥିଲେ ଇନ୍ଦ୍ର-ଉପାସକ, କାରଣ ଇନ୍ଦ୍ର ହେଉଛନ୍ତି ବେଦବନ୍ଦ୍ୟ ଓ ଦେବବନ୍ଦ୍ୟ । ବିଦ୍ୟାପତି ଥିଲେ ଇନ୍ଦ୍ର ଉପାସକ । ଇନ୍ଦ୍ର ଥିଲେ କାମରୂପୀ, ଅର୍ଥାତ୍ ସେ କୌଣସି ରୂପ ଧାରଣ କରିବାକୁ ସମର୍ଥ । ଇନ୍ଦ୍ର ହୋଇଥିଲେ ଇନ୍ଦ୍ରଦ୍ୟୁମ୍ନ । ସେ ବିଦ୍ୟାପତିଙ୍କୁ ମନ୍ତ୍ରୀ-ରୂପେ ନିଯୁକ୍ତ କରିଥିଲେ । ବିଦ୍ୟାପତି ରାଜକାର୍ଯ୍ୟରେ ଭ୍ରମଣ କରୁ କରୁ ଏପରି ଏକ ଭୌଗୋଳିକ ସ୍ଥାନରେ ପହଞ୍ଚିଥିଲେ ଯେଉଁଠି କି ନୀଳାକାଶ ନଇଁ ଆସି ମିଶି ଯାଇଥିଲା ନୀଳ ସମୁଦ୍ରରେ । ସୀମାହୀନ ସେହି ନୀଳିମାର ନିଃଶ୍ୱାସ ଶୁଣି ଆନନ୍ଦରେ ବିଭୋର ହୋଇ ଯାଇଥିଲେ ବିଦ୍ୟାପତି । ସେ ଭାବୁଥିଲେ, “ସ୍ୱର୍ଗକୁ ଶିଡ଼ି ବାନ୍ଧିବା କି ଆବଶ୍ୟକ ? ଏହି ପବିତ୍ର ଭୂମିରେ ଆକାଶ ଏପାଖେ ଯେପରି ସମୁଦ୍ରକୁ ଛୁଇଁ ଯାଉଛି; ସେ ପାଖେ ନୀଳଶୈଳ ଉପରକୁ ଓହ୍ଲାଇ ଆସିଛି ସ୍ୱର୍ଗ! ଏହା ସତ୍ୟ ସତ୍ୟ ହିଁ ମର୍ତ୍ତ୍ୟ-ବୈକୁଣ୍ଠ । ଏହି ସ୍ଥାନଟି ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କୁ ଦେଖାଇବି” ।

ବିଦ୍ୟାପତିଙ୍କଠାରୁ ବର୍ଣ୍ଣନା ଶୁଣି ରାଜା ଇନ୍ଦ୍ରଦ୍ୟୁମ୍ନ ସୈନ୍ୟସାମନ୍ତ-ସମଭିବ୍ୟାହାରରେ ପୁରୀରେ ପହଞ୍ଚିଥିଲେ ସେ ମହୋଦଧି ତୀରରେ ବସି ଆକାଶ ଓ ସମୁଦ୍ରର ମିଳନ-ରେଖା ଉପରେ ଦେଖୁଥିଲେ ସୂର୍ଯ୍ୟୋଦୟ । ସମୁଦ୍ରରେ ଭାସି ଆସୁଥିବା ଏକ ବିଶାଳ ଦାରୁଖଣ୍ଡ ଉପରେ ତାଙ୍କ ଦୃଷ୍ଟି ପଡ଼ିଗଲା । ପୂର୍ବଦିନ ରାତିରେ ସେ ଏହି ଦାରୁକୁ ସ୍ୱପ୍ନରେ ଦର୍ଶନ କରିଥିଲେ । ଦାରୁ ଭାସି ଆସି କୂଳରେ ଲାଗିଲେ । ସେତେବେଳେ ଋଗ୍‌ବେଦର ଏହି ମନ୍ତ୍ରଦ୍ୱୟଟି ଆବୃତ୍ତି କରୁଥିଲେ ବିଦ୍ୟାପତି :—

।।ଓଁ।। “ଅଦୋ ଯଦ୍ଦାରୁ ପ୍ଲବତେ
ସିନ୍ଧୋଃପାରେ ଅପୁରୁଷମ୍ ।
ତଦାରଭସ୍ୱ ଦୁର୍ହଣୋ
ତେନ ଗଚ୍ଛ ପରସ୍ତରମ୍ ।।୩।।

ଯଦ୍ଦ ପ୍ରାଚୀର ‘ଜଗନ୍ତ’
‘ଉରୋ’ ମଣ୍ଡୂରଧାଣିକୀଃ ।
ହତା ଇନ୍ଦ୍ରସ୍ୟ ଶତ୍ରବଃ
ସର୍ବେ ବୁଦ୍‌ବୁଦୟାଶବଃ ।।୪।।ହରିଃ ଓଁ।।

—ଋଗ୍‌ବେଦ ୧୦ମ ମଣ୍ଡଳ, ସୂକ୍ତ ୧୫୫

ଜଗନ୍ତ ଶବ୍ଦରୁ ଜଗନ୍ନାଥ ଓ ଉରଃ ଶବ୍ଦରୁ ଓଡ୍ର (ଓଡ଼ିଆ) ଆସିଥିବା ନିଶ୍ଚିତ । ଉରଃ—ବଡ଼ । ବଡ଼ ଠାକୁର, ବଡ଼ ଦେଉଳ, ବଡ଼ ଦାଣ୍ଡ, ବଡ଼ ପଣ୍ଡା ଶବ୍ଦଗୁଡ଼ିକ ପୁରୀର ବୈଶିଷ୍ଟ୍ୟ । ଶ୍ରୀଚୈତନ୍ୟ ମହାପ୍ରଭୁ ଏହି ବେଦୋକ୍ତ ମନ୍ତ୍ର ସ୍ମରଣ କରି ଓଡ଼ିଆ-ଭାଗବତକାର ଜଗନ୍ନାଥ ଦାସଙ୍କୁ କହୁଥିଲେ “ଅତିବଡ଼ୀ” । ପୁରୀରେ ସ୍ୱର୍ଗ-ଦ୍ୱାର ଅଛି । ବାଇଶି ପାହାଚ ହେଉଛି ଇନ୍ଦ୍ରଙ୍କ ତିଆରି ବା ସ୍ୱର୍ଗକୁ ଶିଡ଼ି । ତୈତ୍ତିରୀୟ ବ୍ରାହ୍ମଣର “ଦିବ୍ୟୌ ଶ୍ୱାନୌ” ହେଉଛନ୍ତି ଶ୍ରୀମନ୍ଦିରର ଜାଗ୍ରତ ପ୍ରହରୀ । ମାତା “ଦୁଆମ୍ ଚଣ୍ଡୀ” । ବିଭୀଷଣ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ପ୍ରତିଦିନ ରାତିରେ ଆସନ୍ତି ଓ ଦୁଆମ୍ ଚଣ୍ଡୀଙ୍କ ନିକଟରେ ଉପବେଶନ କରନ୍ତି ବୋଲି ବିଶ୍ୱାସ କରାଯାଏ । ବଡ଼-ଦେଉଳରେ କିଛି ଅନାଚାର ଘଟିଲେ ଦୁଆମ୍‌ଚଣ୍ଡୀଙ୍କ ପାଖରେ ଗୋଟିଏ କୁକୁର ଦେଖାଦିଏ ।

ତୈତ୍ତିରୀୟ ବ୍ରାହ୍ମଣର ଗଳ୍ପ, ଯାହା କି ଗୋଟିଏ ନାକ୍ଷତ୍ରିକ ଗଳ୍ପ, ତାହା ରାମାୟଣରେ ଓ ବାଇବଲରେ ଆଦୃତ ହୋଇଥିଲା ଓ ପୁରୀ ବଡ଼ ଦେଉଳରେ ଆନୁଷ୍ଠାନିକ ଭାବରେ ସ୍ଥାନ ପାଇଥିଲା । ଆମ ସାଂସ୍କୃତିକ ଜୀବନରେ ଜ୍ୟୋତିଷର ପ୍ରଭାବ କିପରି ଭାବରେ କାର୍ଯ୍ୟକରି ଆସୁଛି, ତାହା ଏଥିରୁ ଅନୁମେୟ ।

* ବେଦାଧ୍ୟୟନରତ ଓ ବେଦର ବିଶ୍ୱବିଖ୍ୟାତ ଭାଷ୍ୟକାର ସାୟଣାଚାର୍ଯ୍ୟ, ଏହି ମନ୍ତ୍ରୋକ୍ତ ଦାରୁ, ଜଗନ୍ନାଥ ବୋଲି ଲେଖିଛନ୍ତି ।

# ବନ୍ଦୀ

ଶ୍ରୀ ଚନ୍ଦ୍ରଧର ମହାନ୍ତ

ଇତିହାସ କେବଳ ପୁନରାବୃତ୍ତି କରେନା—ଅଭିଶାପ ମଧ୍ୟ ଦିଏ । କେବେ କେବେ କୌଣସି ଏକ ସୂଚନା ଗର୍ଭିତ ସଙ୍କଟମୟ ମୁହୂର୍ତ୍ତରେ ଇତିହାସ ଦୁର୍ବାଶା ସାଜେ ।

ସେ ଦିନ ସେଇ ଦୁର୍ବାଶା—ଇତିହାସର କ୍ରୁର ଅହେତୁକ ଅଭିଶାପ ଯେମିତି ଘନୀଭୂତ ହୋଇ ଉଠୁଥିଲା ଏଇ ଉତ୍କଳ ଭୂମିରେ—ବୋଧହୁଏ ସେଥିପାଇଁ ବିଡ଼ମ୍ବିତ କାଳର ଏକ ନିର୍ମମ ରସିକତାର ଶିକାର ହୋଇ ଖୋର୍ଦ୍ଧା ଗଡ଼ର ଗଜପତି ରଜା ଶ୍ରୀ ରାମଚନ୍ଦ୍ର ଦେବ ବାରବାଟୀ ଦୁର୍ଗର ସେଇ ନବତଳ ପ୍ରାସାଦ ମଧ୍ୟରେ ଅସ୍ଥିର ପ୍ରାୟେ ପଦ ଚାଳନା କରୁଥିଲେ । ଦୁର୍ଗ ବାହାରେ ମନ୍ଦ ମରୁତର ଧୀର ମୂର୍ଚ୍ଛିତ ରାଗିଣୀ ସାଙ୍ଗକୁ ଶବ୍-ଇ-ବରାତ୍‌ର ସୁସଜ୍ଜିତ ଆଲୋକ ମାଳା ଏଇ ମର୍ତ୍ତ୍ୟ ଲୋକକୁ ସ୍ୱର୍ଗର ଜିନ୍ନତ୍ କରି ଗଢ଼ି ତୋଳିଥିଲା । କିନ୍ତୁ ବୁକୁ ଭିତରେ ତାଙ୍କର ଅହରହ ଜଳୁଥିଲା ରାବଣର ଚିତା—ଯାହାକୁ ଗଙ୍ଗା, ଯମୁନା, ନର୍ମଦା, ମହାନଦୀର ଚିର କଲ୍ଲୋଳ ଜଳ ବି ନିର୍ବାପିତ କରି ପାରି ନ ଥାଆନ୍ତା !

କାଲି ପର୍ଯ୍ୟନ୍ତ ରାମଚନ୍ଦ୍ର ଦେବ ଥିଲେ ବନ୍ଦୀ—କଟକ ସୁବାର ନାଏବ୍ ନଜିମ୍ କୁଖ୍ୟାତ ତକୀଖାଁର କଏଦୀ । କିନ୍ତୁ କାଲିର ଶ୍ରୀବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ ବର୍ଗେଶ୍ୱର ବୀରାଧିବର ଅଭିରାଏ ଭୂତ ଭୈରବ ଦୁଃସହ ଦୁଃଶାସନ ଧନୀକରଣ ରାଉତରାଏ ଅତୁଳ ବଳ ପରାକ୍ରମ ସହସ୍ର ବାହୁ ଧୂମକେତୁ ଉତ୍କଳର ଚଳନ୍ତି ବିଷ୍ଣୁ ଶ୍ରୀ ଶ୍ରୀ ରାମଚନ୍ଦ୍ର ଦେବ ଆଜି କେମିତି ତକୀ ଖାଁର ଭଉଣୀ ସହ ରସମ୍-ଇ-ନାମ୍‌ଜାନ୍ ସମାପନ କରି କଲମା ପଢ଼ି ହାଫିଜ୍ କାଦାର୍ ୟାର୍ ଜଂଗ୍ ସାଜିଲେ ସେଇ କଥା ଭାବି ବସିଲେ ସେ ନିଜେ ନିଜକୁ ଅବିଶ୍ୱାସ ନ କରି ରହି ପାରୁ ନାହାନ୍ତି !

ଆଜି ସେ ଆଉ ବନ୍ଦୀ ନୁହନ୍ତି—ଖୋଦ୍ ମୁର୍ଶିଦାବାଦ୍ ନବାବ ସୁଜାଖାଁ ତାଙ୍କର ଶ୍ୱଶୁର ଆଉ କଟକ ସୁବାର ନାଏବ ନଜିମ୍ ତକୀଖାଁ ତାଙ୍କର ଶାଳକ । ଏଇ ତାଙ୍କର ଆଜିର ଆନ୍-ବାନ୍-ଶାନ୍ ।

ଏତେ ଦୁଃଖରେ ବି ରାମଚନ୍ଦ୍ର ଦେବ ସହସା ଅଟ୍ଟହାସ୍ୟ କରି ଉଠିଲେ । ଦୁର୍ବିସହ ଅନୁଭବିତ କଣ୍ଠରେ ସେ ମନକୁ ମନ କହି ଉଠିଲେ—'ଜପା କାଳିଆ ଚକାଡୋଳା, ଏବେ ତୁମର ଇଚ୍ଛା ପୂରଣ ହେଲତ !'

କିନ୍ତୁ ଭାବନାରେ ହାଇଫେନ୍ ପକାଇ ଯୌବନର ବେଳା-ଭୂମିରେ ରୂପ-ଇନ୍ଦ୍ରର ରତି ବିଳାସ ଛୁଟାଇ, ତନୁରେ ତାଙ୍କର ଅସ୍ୱାଭିକତାର ପରିସ୍ଫୁଟନ ଘଟାଇ, ସେଇ ବାସର ରାତିକୁ ସ୍ମରଣ କରାଇ ସହସା ଆବିର୍ଭୂତା ହେଲେ—ଲିଜିଆ ବେଗମ୍—ତକୀଖାଁର ଭଉଣୀ—ତାଙ୍କ ସଦ୍ୟ ବିବାହିତା ପତ୍ନୀ ।

ଅତି ସନ୍ତର୍ପଣରେ ଆୟତ ଚକ୍ଷୁରେ ରାମଚନ୍ଦ୍ର ଦେବ ସେଇ କଳା ମଖ୍‌ମଲ୍ ବୋର୍ଖା ଧାରିଣୀ ନାରୀ ମୂର୍ତ୍ତିଟି ଉପରେ ସସ୍ନେହ ଦୃଷ୍ଟିପାତ କଲେ !

କିଏ ଏଇ ନାରୀ ? ଦେବୀ ନା ମାନବୀ । ଯଦି ସେ ଦେବୀ ନ ହୁଏ ତେବେ ସଂପୂର୍ଣ୍ଣ ମାନବୀ ବୋଲି ତ ତାଙ୍କର ହୃଦବୋଧ ହୁଏନା—ବରଂ ସେ ଅର୍ଦ୍ଧେକ ମାନବୀ, ଅର୍ଦ୍ଧେକ କଳ୍ପନା ଭଳି ପ୍ରତୀୟମାନ ହୁଏ । କି ଆଶ୍ଚର୍ଯ୍ୟ—ରାମଚନ୍ଦ୍ର ଦେବଙ୍କ ଅନେକ କାରାଗାରର ଅନ୍ଧକାରାଚ୍ଛନ୍ନ ନିଶିକୁ ପରିସମାପ୍ତି ଘୋଷଣା କରି ସେ ଯେମିତି ଆସିଛି ଏକ ପ୍ରଭାତି ତାରା ହୋଇ; ଆଉ ନିଜର ପ୍ରାଣ-ପ୍ରଦୀପର ମଙ୍ଗଳାଲୋକ ଦେଇ ତାଙ୍କୁ ଯେମିତି ତିମିର ପ୍ରଭାତର ଦ୍ୱାର ଦେଶକୁ ଟାଣି ଆଣିଛି । ତାଙ୍କର ଜୀବନକୁ ସ୍ୱତଃ ସର୍ବୋତଭାବେ ଆଲୋକରି କି ଅବା ସୁଖ ଅଥବା କି ଆନନ୍ଦ ସେ ପାଇବ ଏ ସଂପର୍କରେ ଗଜପତି ଏବେ ବି ସନ୍ଦିହାନ । ତା'ର ମୁହଁ ତ ସେ କେବେ ଦେଖି ନାହାନ୍ତି—ତଥାପି ବୋର୍ଖାର ସେଇ ଛୋଟ ଛୋଟ ଦୁଇଟି ରନ୍ଧ୍ର ମଧ୍ୟରୁ ସେ ଏଇ ଅତି ପରିଚିତା ଅପରିଚିତା ନାରୀଟିର ଦୁଇ ବିଷର୍ଣ୍ଣ ଆଖିରେ ଅନ୍ତର ସ୍ପର୍ଶୀ ସମ୍ବେଦନଶୀଳତାର ଗଭୀର ସ୍ପର୍ଶ ଅନୁଭବ କରିଛନ୍ତି ।

ସହସା ସ୍ମୃତିର ପ୍ଲାବନରେ ଆଶା ଢ଼ର ପ୍ରଥମ କଦମ୍ବ ଫୁଲ ଯେମିତି ପ୍ରସ୍ଫୁଟିତ ହୋଇ ଉଠିଲା । ଏଇ ଅଳ୍ପ ଦିନର ଗନ୍ଧ ଭଳି ଲାଗୁଛି—ଏଇ ବାରବାଟୀ ଦୁର୍ଗରେ ସେ ଥିଲେ ଜଣେ ବନ୍ଦୀ ।

ବନ୍ଦୀ ରାମଚନ୍ଦ୍ର ଦେବଙ୍କର ତନୁ ମନକୁ ସେ ଦିନ ନୀରବ ନିଃସଙ୍ଗତାର ଘନ ଶୂନ୍ୟତା ଯେମିତି ସଂପୂର୍ଣ୍ଣ ରୂପେ ବନ୍ଦୀ କରି ସାରିଥିଲା । ଭାଗ୍ୟର କି ବିଡ଼ମ୍ବନା ସତେ ? ଭଗିନୀତୁଲ୍ୟା ମୁହାଣ ବାଟେ ଚିଲିକା

ଭିତରକୁ ପଳାଇ ଯିବାପାଇଁ ସାମାନ୍ୟ ଖଣ୍ଡେ ଛୋଟ ନଉକା ତାଙ୍କର ସେ ଦିନ ହସ୍ତଗତ ହୋଇଥିଲେ ବିନା ଯୁଦ୍ଧରେ ସେ ଅସହାୟ ପ୍ରାୟେ ଗଞ୍ଜାଗଡ଼ ଚିଲିକା କୂଳରେ ସାମାନ୍ୟ ଏକ ମାଲୁଦ୍ ଫୌଜଦାର ହାତରେ ବନ୍ଦୀ ହୋଇ ଲୁହା ପଞ୍ଜୁରୀରେ ଆବଦ୍ଧ ହୋଇ ତକୀଖାଁର ଏଇ କାଳ କୋଠରୀକୁ ଆନୀତ ହୋଇ ନ ଥାଆନ୍ତେ (୧) । ଦୂର ଅତୀତରେ ଯେଉଁ ବାରବାଟୀ ଦୁର୍ଗରେ ଉତ୍କଳର ଗଜପତି ତାଙ୍କର ପରାଜିତ ଶତ୍ରୁକୁ ଅକୁଣ୍ଠିତ ପ୍ରାୟେ ଦୟାଭିକ୍ଷା ଦେଉଥିଲେ, ଆଜି ସେଠାକୁ ସ୍ୱୟଂ ଗଜପତି ରାଜା ମୋଗଲ ହାତରେ ବନ୍ଦୀ ହୋଇ କୁଣ୍ଠିତ ପ୍ରାୟେ ଦୟାରପାତ୍ର ହେବା ନିୟତିର ଚରମ ନିଷ୍ଠୁରତା ଭିନ୍ନ ଆଉ କ'ଣ ହୋଇପାରେ ? ସମୟର ଉଷ୍ଣ ନିଶ୍ୱାସରେ ବାରବାଟୀ ଦୁର୍ଗ ନିଜର ଐତିହ୍ୟ ହରାଇ ମୋଗଲମାନଙ୍କର ସମସ୍ତ କୁ-କର୍ମର ମୂକସାକ୍ଷୀ ରୂପେ ଦଣ୍ଡାୟମାନ ହୋଇଛି । ଏହାରି ଅନ୍ଧାରୀ କାରା କୋଠରୀରେ ଶତାଧିକ ଜମିଦାର, ଦୁର୍ଗପତି, ବିପ୍ଳବୀମାନଙ୍କୁ ବିନା ବିଚାରରେ ନିଶ୍ଚିହ୍ନ କରାଯାଇଛି । କଥିତ ଅଛି ନାଏବ-ନଜିମ୍ ଖାନ୍-ଇ-ଦୌରାନ୍ଙ୍କ ସମୟରେ ହିଁ ସାତଶହ ଜମିଦାରଙ୍କୁ ଏଇଠି ହତ୍ୟା କରାଯାଇଥିଲା (୨) । ତେଣୁ ବନ୍ଦୀ ରାମଚନ୍ଦ୍ର ଦେବ ନିଜର ଅନ୍ତିମ ପରିଣତି ସଂପର୍କରେ ନିଃସନ୍ଦେହ ଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଶ୍ରୀ ରାମଚନ୍ଦ୍ର ଦେବ ମୃତ୍ୟୁକୁ ଭୟ କରିବା ଲୋକ ନ ଥିଲେ । ଉତ୍କଳର ଗଜପତି ମୃତ୍ୟୁକୁ ଡରିବା କହିବା ବାଗ୍‌ଲତା ଭିନ୍ନ ଅନ୍ୟ କିଛି ନୁହେଁ । କାରଣ ଏମାନଙ୍କ ନାମ ଶୁଣିଲେ ଦିନେ ଗୌଡ଼ଠାରୁ ଗୋଲକୁଣ୍ଡା ପର୍ଯ୍ୟନ୍ତ କୁଖ୍ୟାତ ମୁସଲମାନ ସୁଲତାନମାନେ ବି ଥରହର ହେଉଥିଲେ । ଏହା ଶସ୍ତା ମନୋରଞ୍ଜନ ପାଇଁ କଳ୍ପନା ବିଳାସ ଅଥବା ଅତିରଞ୍ଜନ ନୁହେଁ । ଆଗଙ୍ଗା-ଗୋଦାବରୀ ବିସ୍ତୃତ ଉତ୍କଳୀୟ ସାମ୍ରାଜ୍ୟ କାଳର କରାଳ ସ୍ରୋତରେ ଧୋଇ ଯାଇ ଖୋର୍ଦ୍ଧା ମୁଲକରେ ସୀମିତ ହୋଇ ରହି ଯାଇଥିଲେହେଁ ନିଜର ସ୍ୱାତନ୍ତ୍ରତା ହରାଇ ନ ଥିଲା । ଦୁର୍ଦ୍ଧର୍ଷ ଦେଶପ୍ରେମୀ ପାଇକ ବାହିନୀଙ୍କ ରକ୍ତରେ ଭାର୍ଗବୀ ନଈରେ ଅନେକ ଲାଲ୍ ଜଳ ପ୍ରବାହିତ ହୋଇଛି ସତ କିନ୍ତୁ ଜଗନ୍ନାଥ ସବୁଦିନେ ଅପରାଜେୟ ରହି ସେଇ ପରମ ସତ୍ୟ ଓ ପରମ ଭାଗବତ ହୋଇ ରହି ଆସିଛନ୍ତି । ଓଡ଼ିଆର ଓଡ଼ିଆତ୍ୱ, ଓଡ଼ିଶା ଦେଶର ଦେଶତ୍ୱ, ଓଡ଼ିଆ ଚିନ୍ତାର ଚିନ୍ତନ, ଓଡ଼ିଆ ଜାତିର ଜାତୀୟତା ସବୁତ ଅଭିମଣ୍ଡିତ ହୋଇ ଆସିଛି ଏଇ ତିନୋଟି ଦାରୁ ମୂର୍ତ୍ତିର ମୂର୍ତ୍ତି ବୈଭବରେ ।

କିନ୍ତୁ ସମୟ ବଡ଼ ବଳବାନ !

ସମୟ ଠାରୁ ବଳବାନ ଯେମିତି କେହି ନାହାନ୍ତି, ସେମିତି ବୋଧହୁଏ ତାଠାରୁ କେହି ବିଶ୍ୱାସଘାତୀ ବି ନାହାନ୍ତି ।

ସେଥିପାଇଁ ସ୍ୱଜନର ବିଶ୍ୱାସଘାତର ଶିକାର ହୋଇ ଉତ୍କଳର ଅପରାଜେୟ ଗଜପତି ବିନା ଯୁଦ୍ଧରେ ବନ୍ଦୀ ହୋଇ ତକୀଖାଁର ଏଇ ନିର୍ମମ ବନ୍ଦୀ ଗୃହରେ ମୃତ୍ୟୁର ପଦଧ୍ୱନି କ୍ରମଶଃ ନିକଟତର ହେଉ ଥିବାର ଅନୁଭବ କରି ପାରୁଥିଲେ ।

ସେ ଦିନ ଥିଲା ବନ୍ଦୀଶାଳରେ ଅଖଣ୍ଡ ନୀରବତାର ନିରବଚ୍ଛିନ୍ନ ରାଜତ୍ୱ । ଛୁଟାଟିଏ ପଡ଼ିଲେ କାଠିଟାଏ ଭଳି, ଆଉ କାଠିଟାଏ ପଡ଼ିଲେ ଡିଙ୍କିଟାଏ ପରି ବୋଧହେବ ଏହାହିଁ ବୋଧହୁଏ ଗର୍ଭବତୀ ନିସ୍ତବ୍ଧତା ରୂପେ ସୁବିଦିତ !

ଏଇ ଦୁର୍ଦ୍ଦିନରେ ଆଶାର କଲୋଳବ କରି ଆବିର୍ଭୂତା ହୋଇଥିଲେ ରିଜିଆ ବିବି, ତକୀ ଖାଁର ଭଉଣୀ । ଅଲଂଘନୀୟ ଭବିତବ୍ୟ ପ୍ରାୟେ ସେ ହଠାତ୍ ରାମଚନ୍ଦ୍ର ଦେବଙ୍କ ତନୁ ମନକୁ ଗ୍ରାସ କରି ବସିଲେ । ପ୍ରଥମ ଦର୍ଶନରେ ହିଁ ସେ ବନ୍ଦୀ ଗଜପତିଙ୍କ ପାଇଁ ପାଗଳୀ ହୋଇ ଉଠିଲେ । ପ୍ରତିଟି ଦିନ ସେ ସମସ୍ତଙ୍କ ଆଖିରେ ଧୂଳିଦେଇ ବନ୍ଦୀ ପାଖକୁ ଆସୁଥିଲେ——କିନ୍ତୁ ଏକ ବିରାଟ ପ୍ରଶ୍ନବାଚୀ ଭଳି ଭଙ୍ଗ ନ କରି ସେମିତି ଚାଲି ଯାଉଥିଲେ ।

କିନ୍ତୁ ରାମଚନ୍ଦ୍ର ଦେବ ଦିନେ ରାତିରେ ସେଇ ନାରୀ ମୂର୍ତ୍ତିଟିର ରହସ୍ୟଜନକ ଅହେତୁକ ଅପ୍ରତ୍ୟାଶିତ ଆବିର୍ଭାବ ଦେଖି ବିସ୍ମିତ ପ୍ରାୟେ ପ୍ରଶ୍ନ ନକରି ରହି ପାରିଲେନି—

: କିଏ ତୁମେ ? ଦେବୀ ନା ମାନବୀ ? ?

: ମୁଁ ରିଜିଆ—ତକୀଖାଁର ଭଉଣୀ । ମୋତେ ପରିସ୍ତା କହି ଲଜ୍ୟା ଦିଅନ୍ତୁନି ମହାରାଜ । ମୁଁ ତ ସିର୍ଫ ଇନ୍‌ସାନ୍ ।

ରାମଚନ୍ଦ୍ର ଦେବ ନିଜ ଚକ୍ଷୁରେ ବିସ୍ମୟତାର ପ୍ରହେଳୀ ଉନ୍ମୋଚନ କରି ପୁନଶ୍ଚ କହିଲେ —

: ତୁମ କଥା ଶୁଣିଲେ ମୋ ବିଶ୍ୱାସକୁ ଅବିଶ୍ୱାସ କରିବାକୁ ମନ ହେଉଛି । ନାଏବ୍ ନଜିମ୍ ତକୀଖାଁର ସାମାନ୍ୟ ଏକ ବନ୍ଦୀ ପାଖକୁ ବେଗମ୍ ସାହେବାଙ୍କ ଏ ଅସମୟ ଆଗମନର ଉଦ୍ଦେଶ୍ୟ ପଚାରିବାର ଧୃଷ୍ଟତା ମୁଁ କରି ପାରେ କି ?

: ତୋବା ତୋବା, ଆପଣଙ୍କୁ ମୁଁ ଯଦି କେବେ ଭାଇଜାନ୍‌ଙ୍କର ସାମାନ୍ୟ ଏକ କୟେଦୀ ନଜରରେ ଦେଖିଥିବି ତା'ହେଲେ ଆଲ୍ଲା କସମ୍ ମୁଁ ଜହନ୍ନମ୍‌ରେ ସ୍ଥାନ ପାଇବି । ମୁଁ ଭଲ ଭାବରେ ଜାଣିଛି ଆପଣ ଜଗନ୍ନାଥ ଦେଶର ନବାବ୍—ଆଉ ହୁଏତ ଯାକିନ୍ କରିବେନି ମୁଁ ଆପଣଙ୍କର ଜଗନ୍ନାଥଙ୍କୁ ଖୋଦାର ଦର୍ଜା ଦେଇ ଆସିଛି ।

* (୧), (୨)—"ନୀଳଶୈଳ"—ଶ୍ରୀ ସୁରେନ୍ଦ୍ର ମହାନ୍ତି

: ମୁଁ ପୁଣି ନବାବ୍ ? ଜଗନ୍ନାଥ ଦେଶର ? ?
ଗଜପତିଙ୍କ ମୁଖରେ ଅବିଶ୍ରାନ୍ତ ଅଭିସନ୍ଧିର ହସ ଲହରୀ ।

: ହସୁଛନ୍ତି ଯେ !

: ମୁଁ ନବାବ ନୁହେଁ, ବେଗମ୍ ସାହେବା । ତୁମେ ଭୁଲ କହୁଛ । ଜଗନ୍ନାଥ ଦେଶର ନବାବ୍ ନିଜେ ସ୍ୱୟଂ ଜଗନ୍ନାଥ—ସେ ଖୋଦ୍ ସାରା ଜାହାଁର ଶାହା-ଇନ୍-ଶାହା । ମୁଁ ତ ତାଙ୍କର ସାମାନ୍ୟ ଏକ ସେବକ—ଏକ ନଗଣ୍ୟ ଗୋଲାମ୍ ମାତ୍ର । ସେଥିପାଇଁ ତୁମେ ହୁଏତ ଜାଣି ନ ଥିବ ପ୍ରତିଟି ରଥ ଯାତ୍ରାରେ ଖଡ଼ିକା ଧରି ମୁଁ ତାଙ୍କ ଶ୍ରୀଚରଣରେ ଗୋଲାମୀ କରିଥାଏ !

: କିନ୍ତୁ ସେତ ସାମାନ୍ୟ ଖଡ଼ିକା ନୁହେଁ —ସେ ଯେ ସୁବର୍ଣ୍ଣର ଅମୂଲ୍ୟ ଖଡ଼ିକା, ମହାରାଜ ।

: ତୁମେ ତକୀ ଖାଁର ଭଉଣୀ ବୋଲି ମୋତେ ନିଶ୍ଚିତ ଭାବେ ସନ୍ଦେହ କରିବାକୁ ମନ ହେଉଛି ବେଗମ୍ ସାହେବା । ତା' ହୋଇ ନ ଥିଲେ ତୁମେ ଏ ବନ୍ଦୀକୁ 'ମହାରାଜ' ବୋଲି ସମ୍ବୋଧିତ କରିବାକୁ କୁଣ୍ଠାବୋଧ କରି ଥାଆନ୍ତ ।

: ମୁଁ ଏକ ବ୍ୟତିକ୍ରମ, ମହାରାଜ । ସେଥିପାଇଁ ମୁଁ ଆପଣଙ୍କୁ ଗଜପତି ରୂପରେ ଦେଖିଛି । ଦାବୀ କରିବାର ଅଧିକାର ଯେଣୁ ନାହିଁ, ତେଣୁ ଅନୁରୋଧ କରୁଛି—ଘେନା କରିବେ ?

: କ'ଣ କୁହ । ମୁଁ ଅନ୍ତତଃ ଶୁଣେ ।

: ମୋତେ ବେଗମ୍ ସାହେବା କହି ଆଉ ଲଜ୍ଜ୍ୟା ଦିଅନ୍ତୁ ନି । ମାଆ ମୋର ଥିଲେ ମୁର୍ଶିଦାବାଦ୍‌ର ପ୍ରସିଦ୍ଧ ଖେମ୍‌ଟାଓ୍ୱାଲି କାଞ୍ଚନ ମୁର୍ଶିଦାବାଦୀ । ନବାବ୍ ସୁଜାଖାଁଙ୍କର ହାରେମ୍‌କୁ ସେ କେମିତି ଆସିଲେ ମୁଁ କହି ପାରିବିନି । କିନ୍ତୁ ଏତିକି ଜାଣିଛି ସେ ଥିଲେ ହିନ୍ଦୁ—ତେଣୁ ମୋ ନାମ ରଖିଥିଲେ ଜବା (୩) ତେଣୁ 'ଜିନିଆ' ଡାକ ଅପେକ୍ଷା 'ଜବା' ବେଶ୍ ଭଲ ଲାଗେ । ଆପଣ ଜାଣିଛନ୍ତି ? ତାଙ୍କର ଜଗନ୍ନାଥଙ୍କ ପ୍ରତି ଥିଲା ଅତିଶୟ ଅନୁରାଗ ଆଉ ଗଜପତି ରାଜାଙ୍କ ପାଇଁ ଥିଲା ଅତିଶୟ ସମ୍ମାନ । ପିଲାଟି ଦିନୁ ସେ କହି ଆସୁଥିଲେ ଜଗନ୍ନାଥ କାଳେ ପତିତ ପାବନ । ପତିତ ଜନ ପାଇଁ ସେ କୁଆଡ଼େ ବେନି ଭୁଜ ଟେକି ଶରଣ ଯାଚୁଛନ୍ତି । ତାଙ୍କଠାରେ ଯେମିତି ସବୁ ଧର୍ମ ସବୁ କର୍ମ ଏକାକାର ହୋଇ ଯାଇଛି । ସେ ପରା ସର୍ବ ଧର୍ମର ସମନ୍ୱୟ । ସେଇ ଦିନଠାରୁ ମୋ ଖୋଦାକୁ ସେଇ ଜଗନ୍ନାଥଙ୍କ ମଧ୍ୟରେ ମୁଁ ଦେଖି ଆସିଛି । କାରଣ ବିଶ୍ୱ ଜନୀନ ମାନବିକତାକୁ ଆମ ଇସ୍‌ଲାମ୍‌ର ମୂଳ ମନ୍ତ୍ର । 'ମହାରାଜ' ଆପଣ ଥରେ ମୋତେ 'ଜବା' ଡାକି ପାରିବେ ? କାରଣ ମୁଁ ଜାଣିଛି ଆପଣଙ୍କର ମୁଖ ନିଃସୃତ ସେଇ ଦୁଇ ଅକ୍ଷର ମୋତେ ସବୁଠାରୁ ବେଶି ଆତ୍ମୀୟତା ବୋଧ ହେବ ।

: ଜବା !!

: ହାଁ ମୁଁ ! ! ! !

ଏକ ଅଦୃଶ୍ୟ—ସ୍ୱଚ୍ଛ ଆଲୋକ ରଶ୍ମିରେ ନାରୀ ମୂର୍ତ୍ତିଟିର ତନୁର ଅଣୁ ପରମାଣୁ ଯେମିତି ଉଦ୍‌ଭାସିତ ହୋଇ ଉଠିଲା ।

: ମୁଁ କିନ୍ତୁ ତୁମର ଆଗମନର ଉଦ୍ଦେଶ୍ୟ ବୁଝିପାରିଲିନି, ଜବା !

: ଆପଣଙ୍କ ପାଖକୁ ଆସିଛି ଆପଣଙ୍କର ସମ୍ମତି ନେବାକୁ । ଆପଣ ମୋର ନିକ୍‌ବା କବୁଲ କରିବେ, ମହାରାଜ ? କରିପାରିବେ ମୋତେ ଜଗନ୍ନାଥ ଦେଶର ବେଗମ୍ ?

: ତୁମର ଉପହାସର ଯୋଗ୍ୟ ମୁଁ ନୁହେଁ ।
ଯାତନା ଜର୍ଜର ସୁଦୀର୍ଘଶ୍ୱାସରେ ବାୟୁ ସ୍ତର ଯେମିତି ଆନ୍ଦୋଳିତ ହୋଇ ଉଠିଲା !

: ହଁ, ମହାରାଜ । ଏଇଟା ମୋର ଆରବ୍ୟ ରୂପକଥାର ଉପକଥା ନୁହେଁ—ଏଇଟା ଭାଇଜାନ୍‌ଙ୍କ ସନ୍ଧି ସ୍ଥାପନର ସର୍ତ୍ତ । ଅତୀତରେ ଏଇ ମୁଲକ୍‌ରେ ଖୋର୍ଦ୍ଧା ଆଉ କଟକ ମଧ୍ୟରେ ବହୁତ ଜଙ୍ଗ୍ ଲାଗିଛି । ପ୍ରତିଥର ଖୋର୍ଦ୍ଧାର ବେଶି ନୋକ୍‌ସାନ୍ ହୋଇଛି । ଭାଇଜାନ୍ ଚାହାନ୍ତି ମୋତେ ସାଦି କରନ୍ତୁ । ଏଇ ଜଂଗ ହମେସାକେ ଲିୟେ ଖତମ୍ ହେଉ—ଆମ ଦୁଇ ମୁଲକ୍‌ରେ ଅମନ୍ ଜାହେର୍ ହେଉ । ତେଣୁ ସେ ପଚାରିଛନ୍ତି ଆପଣ କ'ଣ ଚାହାନ୍ତି ତଖତ୍ ନା ତକ୍ତା ?

: ଜବା, କହିଦେବ ଯାଅ ଖୋର୍ଦ୍ଧାର ଗଜପତି ବନ୍ଦୀ ହୋଇପାରେ କିନ୍ତୁ ଭୀରୁ କାପୁରୁଷ ନୁହେଁ । ମୁଁ ମୃତ୍ୟୁକୁ ଭୟ କରେନା । ମୁଁ ଜାଣେ ପୂର୍ବ ଜନ୍ମର କର୍ମଫଳ ଭୋଗିବାକୁ ମନୁଷ୍ୟ ଏ ସଂସାରରେ ଜନ୍ମ ହୁଏ । ଏଇ କର୍ମଫଳ ଅଭିଶାପରେ ଗଜପତି ମୁକୁନ୍ଦଦେବଙ୍କ ପ୍ରକୃତ ଉତ୍ତରାଧିକାରୀ ଖୋର୍ଦ୍ଧା ସିଂହାସନରୁ ବଂଚିତହୋଇ ଆଳି ଓ ସାରଙ୍ଗ ଗଡ଼କୁ ନିର୍ବାସିତ ହୁଅନ୍ତି ।

ଆଉ ଏଇ କର୍ମଫଳ ସୌଭାଗ୍ୟରୁ ଅନାମଧେୟ ଦନେଇ ବିଦ୍ୟାଧରର ପୁତ୍ର ରମେଇ ରାଉତରା ଗଜପତି ଶ୍ରୀରାମଚନ୍ଦ୍ରଦେବ ରୂପେ ଖୋର୍ଦ୍ଧାଗଡ଼ର ଉତ୍ତୁଙ୍ଗ ଖଟ୍‌ରେ ଅଭିଷିକ୍ତ ହୁଏ ଆକବରଙ୍କ ସେନାପତି ମାନସିଂହଙ୍କ ସ୍ୱପ୍ନାଦେଶକୁ ପାଥେୟକରି (୪) । ଆଜି ସେଇ କର୍ମଫଳ ମୋତେ ତକୀଖାଁର ଫାଶୀର ତକ୍ତାରେ ଚଢ଼ାଇଲେ ମୁଁ ଭୟ କରିବି କାହିଁକି କୁହ ?

* (୩)—"ନୀଳଶୈଳ"—ଶ୍ରୀ ସୁରେନ୍ଦ୍ର ମହାନ୍ତି
* (୪) 'ନୀଳଶୈଳ'

ଆପଣ ମୋତେ ଭୁଲ୍ ବୁଝିଲେ, ମହାରାଜ । ଆପଣଙ୍କୁ ମୃତ୍ୟୁର ଭୟ ଦେଖାଇ ନିଜର ସ୍ୱାର୍ଥ ସାଧନ ପାଇଁ ମୁଁ ଏଠାକୁ ଆସିନି । ମୁଁ ତ ଆସିଥିଲି ଜଗନ୍ନାଥଙ୍କୁ ଭାଇଜାନ୍‌ର ହୁନଜରରୁ ଜିନ୍ଦା ରକ୍ଷିବାକୁ । ଆପଣ ଯଦି ମୋ ନିକା କବୁଲ୍ କରିବେନି, ଏ ସାଦିକୁ ଇନ୍‌କାର କରିବେ ତା'ହେଲେ ଯକିନ୍ ମାନନ୍ତୁ ଭାଇଜାନ୍ ଇନ୍ତେକାମ୍ ନେବାକୁ ଦେରିନ୍ ହେବ । ଏ ବଦ୍‌ଲା ସେ ନେବ ଜଗନ୍ନାଥଙ୍କ ଉପରେ । ଆପଣଙ୍କୁ ଖତମ୍ କରି ଖୋର୍ଦ୍ଧା କଟକକୁ ମିଶାଇ ସାରି ଜଗନ୍ନାଥ ମନ୍ଦିର ଭାଙ୍ଗି ସେ ଗଢ଼ିବ ଏକ ସୁବୃହତ୍ ମସ୍‌ଜିଦ୍ ।

ଇତିହାସର ଏଇ ବିଡ଼ମ୍ବିତ ମୁହୂର୍ତ୍ତରେ ଏମିତିଭାବେ ରିଜିଆ ଆସିଥିଲା ରାମଚନ୍ଦ୍ରଦେବଙ୍କ ବିଷର୍ଣ୍ଣ ଅଭିଶପ୍ତ ଜୀବନରେ ଆଶାର ହୋରିଖେଳି । ଖୋର୍ଦ୍ଧା ସିଂହାସନ ଶୂନ୍ୟ ପଡ଼ିବାପରେ ଖୋର୍ଦ୍ଧାଗଡ଼କୁ କଟକ ସୁବାରେ ସାମିଲ୍ କରିବା ଅତି ସହଜ ଏ କଥା ରାମଚନ୍ଦ୍ରଦେବଙ୍କୁ ଅବିଦିତ ନ ଥିଲା । ତକୀଖାଁ ହୁଏତ ଏତେବେଳକୁ ଜଗନ୍ନାଥ ମନ୍ଦିର ଭାଙ୍ଗିସାରି ଥାଆନ୍ତାଣି । କିନ୍ତୁ ପୁରୀତୀର୍ଥ ଯାତ୍ରୀଙ୍କଠାରୁ ସେତେବେଳେ କୋଟି କୋଟି ଟଙ୍କା ଜିଜିୟାକର ସୂତ୍ରରେ ଆଦାୟ ହୋଇ ମୁର୍ଶିଦାବାଦ୍ ନବାବଙ୍କ ଗନ୍ତାଘରକୁ ସମୃଦ୍ଧକରି ତୋଳିଥିଲା । ତାହାକୁ ଏମିତି ଏକ ଅହେତୁକ୍ ଭାବାବେଶରେ ଅନ୍ଧହୋଇ କରଛଡ଼ା କରିବାକୁ ତକୀଖାଁର ସତ୍ ସାହାସ ନ ଥିଲା । ସୁତରାଂ ଗଜପତିଙ୍କ ସହ ନିଜ ଭଉଣୀର ବିବାହ କରାଇ ତାଙ୍କୁ ନିଜର ବଶମ୍ବଦ କରାଇ ଗୋଟିଏ ବାଣରେ ଦୁଇଟି ଶିକାର କରିବାକୁ ଏକ ଚାଲ ଖେଳିଥିଲା । କିନ୍ତୁ ବିଚରା ଜାଣି ନଥିଲା ଗଜପତି ରାଜା ଆଉ ଯାହା ହୁଅନ୍ତୁ ପଛକେ ମୋଗଲ ଦରବାରର ଚାଟୁକାର ଦରବାରୀ ହୋଇରହି ପାରିବେନି—ଯେମିତି ମେଘ ଉହାଡ଼ରୁ ପୁଣିଥରେ ସୂର୍ଯ୍ୟ ଉଦ୍‌ଭାସିତ ହୋଇ ଉଠେ ଠିକ୍ ସେମିତି ସୁଯୋଗ ପାଇଲା-ମାତ୍ରେ ରାମଚନ୍ଦ୍ରଦେବ ନିଜର ହୃତଦ୍ୟୁତି ଫେରି-ପାଇବେ !

ରାମଚନ୍ଦ୍ରଦେବ ଭଲ ଭାବରେ ଜାଣିଥିଲେ ସେ ଯଦି ତକୀଖାଁର ପ୍ରସ୍ତାବରେ ସମ୍ମତି ନ ଦିଅନ୍ତି ତାହେଲେ ତାହାର କ୍ରୁରଦୃଷ୍ଟି ଜଗନ୍ନାଥ ମନ୍ଦିର ଉପରେ ପଡ଼ିବ । କାରଣ ସେତେବେଳେ ଆକବରଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ମୋଗଲ ଶାସକଙ୍କର ହିନ୍ଦୁ ମନ୍ଦିର ଭାଙ୍ଗିବା ଯେମିତି ଏକ ଧାର୍ମିକ କର୍ମ ତଥା ରାଷ୍ଟ୍ରୀୟ ଦାୟିତ୍ୱ ଥିଲା । କିନ୍ତୁ ଜଗନ୍ନାଥ ମନ୍ଦିର ଧ୍ୱଂସ ହେବା କଥା ଭାବିଲାବେଳକୁ ସେ ସହସା ପ୍ରକମ୍ପିତ ହୋଇ ଉଠିଲେ । ସେ ଅନୁଭବ କରୁଥିଲେ ଜଗନ୍ନାଥ ଭଲରେ ରହିଲେ ଯାଇ ଉତ୍କଳୀୟ-ମାନେ ଭଲରେ ରହିବେ । କାରଣ 'ଜଗନ୍ନାଥ' ନାମଟି ଉତ୍କଳବାସୀଙ୍କର ଅତିପ୍ରିୟ । ଏହିନାମ ଉଚ୍ଚାରଣ କଲାମାତ୍ରେ ଓଡ଼ିଆ ମାତ୍ରେ ମନେକରେ ସେ ସର୍ବ ଦୁଃଖ, ପାପ, ବିପଦ ଓ ଆଶଙ୍କାରୁ ମୁକ୍ତ । ଓଡ଼ିଆ ଝିଅବୋହୂମାନେ ଏହି ତ୍ରିମୂର୍ତ୍ତିଙ୍କର ଚିତ୍ର କାନ୍ଥରେ ଓ ତୁଳସୀ ଚଉରା ମୂଳେ ମୁରୁଜ ଦ୍ୱାରା ସଭକ୍ତିରେ ଅଙ୍କନ କରିଥାଆନ୍ତି । ଓଡ଼ିଆଘରେ ବାହାପୁଆଣି, ନିମିତ୍ତ ପର୍ବରେ ଜଗନ୍ନାଥଙ୍କୁ ବ୍ୟକ୍ତିଗତ ଚିଠାଉ ଲେଖାଯାଏ— 'ନିମନ୍ତ୍ରିତ' କରାହୁଏ । ଓଡ଼ିଆଘରେ ପିଲାଟିଏ ଜନ୍ମହେଲେ ତାକୁ 'ବଳଭଦ୍ର', 'ସୁଭଦ୍ରା', 'ଜଗନ୍ନାଥ' ଅଥବା 'ସୁଦର୍ଶନ' ଏହି ଚାରି ନାମରେ ନାମିତ କରିବାକୁ ଯେମିତି ଘରେଘରେ ପ୍ରତିଯୋଗିତା ଲାଗିଯାଏ । ପୁଅ ଝିଅଙ୍କ ବିବାହରେ ଜାତକ ମିଳାଇବା ଉପରେ ଗୁରୁତ୍ୱ ନ ଦେଇ "ସର୍ବ ମଙ୍ଗଳ ଜଗନ୍ନାଥ" ରୀତିରେ ଜଗନ୍ନାଥଙ୍କୁ ଭରସାକରି ବିବାହ ଦେବାକୁ ପ୍ରତିଟି ଓଡ଼ିଆ ପିତା ଆଶଙ୍କା ମୁକ୍ତ ଅନୁଭବ କରେ । ଏପରି କ୍ଷେତ୍ରରେ ଯେଉଁ ଇଷ୍ଟଦେବତା ଜାତିର ପାକଶାଳାରୁ କାଞ୍ଚି ଯୁଦ୍ଧକ୍ଷେତ୍ର ପର୍ଯ୍ୟନ୍ତ ସର୍ବତ୍ର ଭଉସହ ମିଶିକରି ଥାଆନ୍ତି ତାଙ୍କ ବିନା ଉତ୍କଳର ଅବସ୍ଥା ଅନୁମାନ କରାଯାଇ ପାରେନା । ଯେମିତି ଗଙ୍ଗା ବିନା ଭାରତର ଇତିହାସ ଲେଖାଯାଇ ପାରେନା—ସେମିତି ଶ୍ରୀଜଗନ୍ନାଥଙ୍କ ବିହୁନେ ଉତ୍କଳର ଇତିହାସତ ସୁଦୂର କଥା, ଏହାର ଭୌଗୋଳିକ ସ୍ଥିତି ମଧ୍ୟ କଳ୍ପନାତୀତ । ଏଥିପାଇଁ ବୋଧହୁଏ ଉତ୍କଳର ଇତିହାସ ଶ୍ରୀଜଗନ୍ନାଥଙ୍କ ପଛରେ ଶତାବ୍ଦୀ ଶତାବ୍ଦୀ ଧରି ଚିର ଅନୁଧାବିତ ହୋଇ ଆସିଛି । ତେଣୁ ବୁଡ଼ିଗଲାବେଳେ କୁଟାଖିଏ ଆଶ୍ରା କଲାପରି ବନ୍ଦୀ ରାମଚନ୍ଦ୍ରଦେବ ତକୀଖାଁର ଭଉଣୀ ରିଜିଆକୁ ହାତଛଡ଼ା କରିବାର ବୋକାମୀ କରିବାକୁ ଚାହୁଁ ନ ଥିଲେ ।

ଏହାହିଁ ତ ରାଜନୀତି ! ଯୁଗେଯୁଗେ ଏଇ ଭୂଇଁରେ ରାଜନୀତି ରାଜନ୍ୟମାନଙ୍କର ଏକ ହିସାବର ଖେଳହୋଇ ଆସିଛି । କଳା-ଧଳା ସତରଞ୍ଜ ପୃଷ୍ଠରେ ପାଇକା ହରାଇବାର ସଠିକ୍ ହିସାବ ନିକାଶକରି ଯେ ଯେତିକି ନୀତି-ଅନୀତି-ଦୁର୍ନୀତି-କୂଟନୀତିର ଚାଲ୍ ଖେଳି ପାରିଲା ସେହି ସେତେକାଳ ଶାସକର ପଦବାଚ୍ୟ ହୋଇ ଆସିଛି । ଏଥିପାଇଁ ଏ ଦେଶର ରାଜନୀତିରେ ଦୁର୍ଦ୍ଧର୍ଷ ଅଥବା ରିଜିଆର ବଳିଦାନ ନିମିତ୍ତ ମାତ୍ର । ଜଗନ୍ନାଥଙ୍କ ମାନରକ୍ଷା ପାଇଁ ନିଜର ମାନହରଣ କିଛିନୁହେଁ । ତେଣୁ ଶେଷରେ ନିଜର କୂଟନୀତିର ଜାଲ ଫିଙ୍ଗି ରାମଚନ୍ଦ୍ରଦେବ କହିଲେ—

: ଜବା, ମୁଁ ତୁମକୁ ଛୁଇଁ ବିଧର୍ମୀହୋଇ ପାରିବିନି । ତେଣୁ ମୁଁ ବରଂ ମରିବାକୁ ପସନ୍ଦ କରୁଛି ।

: ମହାରାଜ, ଆପଣ ଯେ କେବଳ ମୋର ସ୍ୱାମୀ ହେବେ କେବଳ ମୁଁ ହିଁ ଆପଣଙ୍କୁ ମୁହବତ୍‌ରେ ଇବାଦତ୍ ଚଢ଼ାଇବି ଏଇ ସଂକୀର୍ଣ୍ଣତାର ଗଳି ପଥରେ ପଥହରା ରାହୀ ହେବାକୁ ମୁଁ କେବେ ଚାହିଁନି । ତେଣୁ ଆପଣ କେବେ-ମୋତେ ସାଦି ନକରିବେ ଜାଣି ବି ଆସିଛି—କେମିତି ଆସିଛି ମୁଁ ନିଜେ ବି ଜାଣେନା । ମୁଁ ଚାହେଁନା ମୋତେ ଛୁଇଁ ଛାମୁ ଧର୍ମଦ୍ରୋହୀ ହୁଅନ୍ତୁ, ଦୁନିଆ ଯେମିତି ମୋ ଆଡ଼କୁ ଅଙ୍ଗୁଳି ଦେଖାଇ ନ କହୁ ରିଜିଆ ଏତେ ସ୍ୱାର୍ଥାନ୍ୱେଷୀ ଯେ ଯେଉଁ ଜଗନ୍ନାଥଙ୍କପାଇଁ ସେ ଦିନେ ପୂଜାରିଣୀ ସାଜିଥିଲା; ଦିବାନିଶି ଆରତିର ପ୍ରଦୀପଶିଖା ପ୍ରଜ୍ୱଳନ କରୁଥିଲା; ଶେଷରେ ସେଇ ଜଗନ୍ନାଥଙ୍କ ନାମରେ ତାଙ୍କର ପରମ ପୂଜାରୀଙ୍କୁ ସ୍ୱଧର୍ମରେ ଦୀକ୍ଷିତ କଲା ।

: ଜବା !

: ହଁ, ମହାରାଜ ! ଗୋଟିଏ ସର୍ତ୍ତରେ ଆପଣ ମୋ ସହ ସାଦି କରିପାରିବେ । ଆପଣ ମୋତେ ଛୁଇଁବେନି ଓ ମୁଁ ଆପଣଂକୁ ଛୁଇଁବିନି । ମୁଁ ଆପଣଙ୍କ ପଦ ଯୁଗଳ ବି ଛୁଇଁ ପାରିବିନି, କିନ୍ତୁ ସେଇ ପାଦ ଛୁଇଁ ଥିବା ଧୂଳିକୁ ଚୁମି ମୋ ଜିନ୍ଦେଗୀ ଧନ୍ୟହେଲା ବୋଲି ଜାଣିବି ସାରାଜାହାଁ। ଜାଣିବ ଆମେ ମିଆଁ-ବିବି, ଭାଇଜାନ୍ ଜାଣିବେ ଆପଣ ତାଂକର ଜିଜାଜୀ—କିନ୍ତୁ ଅତି କରିବ୍ ଖାଇବି ଆମ ମଧ୍ୟରେ ଥିବ ସାଦି ଓଁ କି ଫାଶ୍‌ଲା । ମୁଁ ଚାହେଁ ନା ମୋ ଭଳି ଜଣେ ପତିତାକୁ ଛୁଇଁ ପତିତ ପାବନଙ୍କ ସେବକ ନିଜେ ପତିତ ହୁଅନ୍ତୁ ! କାରଣ ନିଜେ ବି ଜାଣେନା ପ୍ରଥମ ଦର୍ଶନରୁ ହିଁ ମୁଁ ମୋର ମେହେବୁବ୍ ସେଇ ପରମ ସେବକଙ୍କର ଏକ ନଗଣ୍ୟ ଦାସୀ ହୋଇ-ଯାଇଛି ।

: ଜବା !

ଆଉ ଇନ୍‌କାର କରନ୍ତୁ ନି, ମହାରାଜ । ମୋର ଜିନ୍ଦାଦିଲ୍ ର କୁର୍ବାନୀ କୁବୁଲ୍ କରି ଆପଣଙ୍କ ଧର୍ମ ରକ୍ଷା କରନ୍ତୁ—ଜଗନ୍ନାଥଙ୍କ ଇଜତ୍ ରକ୍ଷା କରନ୍ତୁ । ମୋର ଆଉ କିଛି ଲୋଡା ନାହିଁ । ଆପଣଙ୍କୁ ଜଗନ୍ନାଥଜୀ-ଙ୍କର କସମ୍—ଏକ୍‌ରାର୍ କରି ନିଅନ୍ତୁ ।

ଜବା ! ମୁଁ ତୁମ ପାଇଁ ମଥାନତ କରୁଛି । ମୁଁ ଜାଣେ ତୁମେ ମୋଠାରୁ ବୟସରେ ଛୋଟ ହେଲେ ବି ତ୍ୟାଗରେ ମହାନ୍ । କାଲି ହୁଏତ ତୁମେ ମୋର ସ୍ତ୍ରୀ ହେବ, ସେତେବେଳେ ତୁମର ସ୍ୱାମୀ ହୋଇ ତୁମକୁ ମୁଣ୍ଡ ନୁଆଁଇ ପାରିବିନି—ଆଉ ତୁମର ପ୍ରାପ୍ୟ ସମ୍ମାନ ତୁମକୁ ଦେଇ ନ ପାରି ଚିରଦିନ ପାଇଁ ଋଣୀ ହୋଇ ଯିବି । ମୁସଲମାନ ହେଲେ ବି ଚକାଡୋଳାଙ୍କ ପାଇଁ ତୁମର ତ୍ୟାଗ ତୁମକୁ ତଥାକଥିତ ଧର୍ମର ବହୁ ଉର୍ଦ୍ଧ୍ୱକୁ ଟେକି ନେଇଛି ।

: ଜାମୁ !

: ହଁ, ଜବା । ମୋର ସ୍ପଷ୍ଟ ମନେ ଅଛି ମୁଁ ଏଠାକୁ ବନ୍ଦୀ-ହୋଇ ଲୁହା ପଞ୍ଜୁରୀରେ ବୁହା ହୋଇ ଅଣା ଯାଉଥିବା ରଥଚକ ତଳେ ଗୋଟିଏ ନବେ ବର୍ଷର ବୁଢା ଦୌଡି ଆସି ପଡି ଯାଇଥିଲା ଏବଂ ମୃତ୍ୟୁ ପୂର୍ବରୁ ସେ କହିଥିଲା—

"ତମେ ଆପଣ ରାଜାଧିରାଜ, ଆଉ ତମେ ଆପଣ ତମ ଭାଇଙ୍କୁ, ତମ ଚକାଡୋଳା ପ୍ରତିମାକୁ ରକ୍ଷା ନ କରିବତ ଆଉ କିଏ କରିବ ?" ସେ ଦିନ ଅସହାୟତାର ଦୁର୍ଗରେ ବନ୍ଦୀ ହୋଇ ମୁଁ ସେଇ ବୁଢାର ସ୍ଥିର ସଫେଦ୍ ଡୋଳା ଦୁଇଟି ଦେଖି ହିମ ଶୀତଳତାରେ ଜଡ ହୋଇଯାଇଥିଲି । ଆଜି ତୁମେ ମୋ ଆଖି ଖୋଲି ଦେଇଛ । ମୁଁ ସେଇ ବୁଢାର ଶେଷ କଥା ରଖିବି । ମୋ ଭାଇଙ୍କୁ, ମୋ ଚକାଡୋଳା ପ୍ରତିମାକୁ ରକ୍ଷା କରିବି ମୋର ସର୍ବସ୍ୱ ଦେଇ । ମୁଁ ପଛେ ବିଧର୍ମୀ ହୁଏ—ମୋର ପଛେ ନର୍କ ବାସ ହେଉ ଜଗନ୍ନାଥ ଭଲରେ ରହନ୍ତୁ, ଉତ୍କଳ ସୁଖରେ ରହୁ । ମୁଁ ତୁମକୁ ବିବାହ କରିବି । ତା' ପ୍ରତିଦାନରେ ଜଗନ୍ନାଥଙ୍କ ମାନରକ୍ଷା ଚାହେଁ । ଜବା, କଥା ଦିଅ, ତାହା ତୁମେ ଦେଇ ପାରିବ ?

ରାମଚନ୍ଦ୍ରଦେବଙ୍କ କଥା ଶୁଣି ସେଇ ବୁର୍ଖା ମଧ୍ୟରୁ ବୀଣାଜୀଣା କଣ୍ଠରେ ଭାସି ଆସୁଥିଲା—

:"ମୁହବତ୍ ଜିସ୍‌କୋ ଦେତେହେଁ ଉସେ ଫିର୍ କୁଛ୍ ନେହିଁ ଦେତେଁ, ଉସେ ସବ୍ କୁଛ୍ ଦିୟାହେଁ ଜିସ୍‌କୋ ହମ୍ କାବିଲ୍ ନେହିଁ ସମ୍‌ଝା ।"

ହଠାତ୍ ଅଲଂଘ୍ୟ ହିମାଳୟର ବ୍ୟବଧାନ ଯେମିତି କ୍ଷୁଦ୍ରତର ହେବାକୁ ଲାଗିଲା । ରାମଚନ୍ଦ୍ରଦେବ ଜଗନ୍ନାଥଙ୍କ ମାନରକ୍ଷା ପାଇଁ ନିଜକୁ ଆହୁତି ଦେଲେ । ଜଣର ପରାଜୟରେ ଗଣ ବିଜୟୀ ହେଲା । ସକଳ ବଦ୍‌ନାମ୍, ଅପମାନକୁ ମଥାର ତିଳକ କରି ସେ କଳଙ୍କିତ ନାୟକ ସାଜିଲେ। ରସମ୍-ଇ-ନାମ୍‌ଯାଦରେ ରିଜିଆ ବିବିର ନିକା କୁବୁଲ୍ କଲେ । କାଜୀ ଦୁହିଁକୁ କଲ୍‌ମା ପଢାଇଲେ । ଖୋର୍ଦ୍ଧାର ଗଜପତି ରାଜା ଧର୍ମରକ୍ଷା ପାଇଁ ବିଧର୍ମୀ ହୋଇ ହେଲେ ହାଫିଜ୍ କାଦାର୍ ଯାର୍ ଜଂଗ୍—ଆଉ ସୁଜାର୍ଖାଁର ଝିଅ ଜବା ହେଲେ ଖୋର୍ଦ୍ଧାଗଡର ବେଗମ୍ ସାହେବା ।

ଉତ୍କଳର ମୁଲକରେ ହାହାକାର ପଡିଗଲା । ବିଧର୍ମୀ ମ୍ଲେଚ୍ଛ ରାମଚନ୍ଦ୍ରଦେବଙ୍କୁ ନେପଥ୍ୟରେ ସ୍ୱୀକାର କରିବାକୁ କେହି ପ୍ରସ୍ତୁତ ହେଲେ ନି । ସେ ଯେମିତି ହଠାତ୍ ଅପାଙ୍‌କ୍ତେୟ ହୋଇ ଉଠିଲେ । କିନ୍ତୁ—ପକ୍ଷାନ୍ତରରେ ପ୍ରବଳ ପ୍ରତାପୀ ନାଏବ୍ ନଜିମ୍ ତକୀଖାଁର ଜିଜାଜୀ ଓରଫ୍ ମୁର୍ଶିଦାବାଦ ନବାବଙ୍କ ଜାମାତା ଓରଫ୍ ହାଫିଜ୍ କାଦାର୍ ବେଗ୍‌ଙ୍କ ସମ୍ମୁଖରେ ପୁଣି କେହି ପାଟି ଫିଟାଇବାକୁ ହିମ୍ମତ୍ କଲେନି । ଏହାହିଁ ବୋଧହୁଏ ଇତିହାସର କଡଲେଉଟାଇବାର ବେଳ !

: ମହାରାଜ !

ହଠାତ୍ ରିଜିଆ ଓରଫ୍ ଜବା କଣ୍ଠସ୍ୱରରେ ରାମଚନ୍ଦ୍ର-ଦେବ ତାଙ୍କର ସଂବିତ ଫେରି ପାଇଲେ ।

ଶବ୍-ଇ-ବରାତ୍‌ର ଦୀପାଳି ସେତେବେଳକୁ ଯେମିତି ଲିଭିବାକୁ ବସିଲାଣି !

: ଜବା, ମୁଁ ବୋଧହୁଏ ତନ୍ଦ୍ରାଚ୍ଛନ୍ନ ହୋଇ ପଡିଥିଲି ।

: ମହାରାଜ, ମୁଁ ଜାଣୁଛି ଆପଣ ମୋତେ ସାଦି କରି ବର୍‌ବାଦ୍ ହୋଇ ଯାଇଛନ୍ତି ।

: ନା, ଜବା, ତୁମ ପ୍ରତି ମୋର କୌଣସି ଅଭିଯୋଗ ନାହିଁ । ଇତିହାସ ସହିତ ଜୁଆଖେଳରେ ମୋ ଜୀବନକୁ ଯେତେବେଳେ ବାଜି ଲଗାଇ ଦେଇଛି ସେତେବେଳେ ମୋର କାହାପ୍ରତି ଆକ୍ଷେପ ନାହିଁ । ମୁଁ ତ କେବଳ ଏତିକି ଜାଣିଛି, ମୁଁ କେବଳ ଶ୍ରୀଜଗନ୍ନାଥଙ୍କ ଇଚ୍ଛା ପୂରଣ କରିଛି । ଜାଣେନା ମୁଁ ରାମଚନ୍ଦ୍ର ଦେବ ଅଥବା ହାଫିଜ୍ କାଦାର୍ ବେଗ୍ ? ତେବେ ଏତିକି ଜାଣେ ମୁଁ ଦୁନିଆ

ଆଖିରେ ପତିତ ହୋଇ ପାରେ କିନ୍ତୁ ସ୍ୱୟଂ ପତିତପାବନଙ୍କ ପାଇଁ ତ ନିଜେ ମୁଁ ଆଜି ପତିତ ହୋଇଛି । ତୁମର କିଛି ଦୋଷ ନାହିଁ, ନାହିଁ ମୋର ବି ; ଆମେ ତ ଭାଗ୍ୟ ହାତରେ ଗୋଟିଏ ଗୋଟିଏ ବନ୍ଦୀ ମାତ୍ର ।

: ଛାମୁଁ !

: ଜବା । ସ୍ୱାମୀ ହିସାବରେ ତୁମ ଧର୍ମର ରେଓ୍ୱାଜ୍ ଅନୁସାରେ ତୁମେ ପରା ଆଜି ମୋତେ କବାଇନ୍ ମାଗିବା କଥା । ତୁମେ ଯାହା ମାଗିବ ମୁଁ ଦେବାକୁ ଚେଷ୍ଟା କରିବି । ବନ୍ଦୀ ହୋଇ ତକୀ ଖାଁ ଠାରୁ ମୁକ୍ତି ପାଇ ଜଗନ୍ନାଥଙ୍କ ମାନ ରକ୍ଷା ପାଇଁ ତୁମକୁ ବିବାହ କଲି, ଆଜି ଦେଖୁଛି ମୁଁ ମୋ ଅଜାଣତରେ ତୁମଠାରେ ଇହ ଆଉ ପରକାଳ ପାଇଁ ଚିର ବନ୍ଦୀ ହୋଇ ରହିଗଲି । ତେବେ ଅନୁରୋଧ ଏମିତି କିଛି ମାଗିବିନି, ଯାହାଦ୍ୱାରା ଜଗନ୍ନାଥଙ୍କର ମାନରକ୍ଷା ହୋଇ ପାରିବନି ।

: ମୋତେ ଥରେ ଜଗନ୍ନାଥ ଦର୍ଶନ କରାଇ ଦେଇ ପାରିବେ ମହାରାଜ ? ତା'ହେଲେ ମୋ ମାଆର ଆତ୍ମା ଶାନ୍ତି ପାଇ ପାରନ୍ତା ।

: ଜବା, ଜଗନ୍ନାଥ ଉତ୍କଳର ସମ୍ରାଟ ହେଲେ ହେଁ ସ୍ୱୟଂ ଭଗବାନ । ଆଉ ଆମ ଧର୍ମରେ ଭଗବାନ ଭକ୍ତ ପାଖରେ କେତେ ଅସହାୟ ତାହା ତୁମକୁ ବୁଝାଇବି କେମିତି ? ସେ ଯେ ଭକ୍ତର ଭକ୍ତିରେ ବନ୍ଦୀ— ଭକ୍ତର ଧର୍ମାନ୍ଧତାରେ ଅଥବା ସଂକୀର୍ଣ୍ଣତାରେ ଚିର ବନ୍ଦୀ ।

: ମୁଁ କିଛି ବୁଝି ପାରୁନି, ଛାମୁଁ ।

: ମୁଁ ନାଗ୍ରର ଜବା । ତୁମେ ହୁଏତ ଜାଣିନ ମୁଁ କିନ୍ତୁ ଠିକ୍ ରୂପେ ଜାଣିଛି ତାଙ୍କ ଦର୍ଶନ ତ ଦୂରର କଥା ଶ୍ରୀମନ୍ଦିରର ବାଇଶୀ ପାହାଚ ଆମ ପାଇଁ ଏକ ନିଷିଦ୍ଧ ଇଲକା । ରତ୍ନବେଦୀ ତଳେ ଜଗନ୍ନାଥଙ୍କୁ ଦର୍ଶନ କରି ପାରିବି ନାହିଁ ବୋଲି ହୁଏତ ମୁକ୍ତି ମଣ୍ଡପ ଏଥି ମଧ୍ୟରେ ସିଦ୍ଧାନ୍ତ ଗ୍ରହଣ କରିସାରି ଥିବଣି ।

: କିନ୍ତୁ ଆପଣ ଯେ ଖୋର୍ଦ୍ଧାର ଖୋଦ୍ ଗଜପତି—ଆଉ ମୁଁ ଆପଣଙ୍କର ରାଣୀ ସାହେବା ।

: ଗଜପତି ଅନଙ୍ଗଭୀମ ଦେବଙ୍କ ସମୟରୁ ଉତ୍କଳର ସିଂହାସନ ଶ୍ରୀଜଗନ୍ନାଥଙ୍କର ଚରଣରେ ଅର୍ପିତ— ମାଦଳା ପାଞ୍ଜିରେ ଏହା ଲିପିବଦ୍ଧ ଅଛି । ସେଇ ଦିନୁ ଉତ୍କଳର ନେତା ନିଜେ ନାରାୟଣ ଜଗନ୍ନାଥ—ସେଥି-ପାଇଁ ପୁରୀ ଠାକୁର ରାଜାର ଅଭିଷେକ ହୁଏନା— କାରଣ ସେ ବଂଶାନୁକ୍ରମେ ଜଗନ୍ନାଥଙ୍କ ଦାସାନୁଦାସ । ଆଉ ତୁମେ ନିଜକୁ ରାଣୀ ବୋଲି କହୁଛ ?

: ମୁଁ ଅଜ୍ଞତା ପାଇଁ କ୍ଷମା ପ୍ରାର୍ଥନା କରୁଛି ମହାରାଜ । ଯଦିଓ ଜଗନ୍ନାଥ ସର୍ବ ଧର୍ମର ସମନ୍ୱୟ ଦେବତା, ଯଦିଓ ସେ ପତିତପାବନ ତେବେ ଆମ ପ୍ରତି ଏ ଅନୁଚିତ ଅନ୍ୟାୟ କାହିଁକି ?

: ମୁଁ ନାଗ୍ରର ଜବା । ତୁମେ ମୋର ସେଇ ସ୍ୱର୍ଣ୍ଣ ଶିଖରରୁ ସ୍ଥାନରେ ଛୁଇଁ ମୋତେ ଆଉ ଲଜ୍ଜାର ଅତଳ ସାଗରକୁ ନିକ୍ଷେପ କରନା । ମୁଁ ବଡ ଦୁଃଖୀ—ମୋତେ ଆଉ ଦୁଃଖ ଦେଇ ବେଦନାର ସିଂହାସନରେ ଅଭିଷିକ୍ତ କରି ଦିଅନା ।

: ମୋତେ ପୁଣିଥରେ କ୍ଷମା କରିଦିଅନ୍ତୁ ମହାରାଜ । ଜଗନ୍ନାଥ ଦର୍ଶନ ମୋର ଲୋଡ଼ା ନାହିଁ । ମୋଠାରୁ ମୂର୍ଖ ଆଉ କେହି ନାହିଁ । ଆପଣ ହିଁ ମୋର ଜଗନ୍ନାଥ– ଆପଣ ହିଁ ତ ମୋ ପାଇଁ ପତିତ ପାବନ । ଜଗନ୍ନାଥଙ୍କୁ ନ ପାଇଲି ନାହିଁ, ସେଥିପାଇଁ ମୋର ଗ୍ଲାନି ନାହିଁ, ନାହିଁ ବି ତିଳେ ହେଁ– ଅନୁଶୋଚନା । ମୁଁ ଜାଣିଛି ଜଗନ୍ନାଥଙ୍କ ସେବା ଯିଏ ଥରେ ମାତ୍ର କରିଛି, ତା'ର ତନୁ ମନରେ ଜଗନ୍ନାଥ ଅହରହ ବିରାଜିତ–ଯେଉଁ ତନୁଶ୍ରୀରେ ଶ୍ରୀ ତନୁଙ୍କ ଅଙ୍ଗରେଣୁର ସାମାନ୍ୟ ସ୍ପର୍ଶ ଲାଗିଛି ସେ ତତ୍କ୍ଷଣାତ୍ ତନୁତୀର୍ଥ ହୋଇ ଯାଇଛି– ଆଉ ମୁଁ ଜାଣେ ସେଇ ତନୁ ତୀର୍ଥ ଚକ୍ରତୀର୍ଥଠାରୁ କୌଣସି ଗୁଣରେ ଊଣା ନୁହେଁ –ସେଇ ଜଗନ୍ନାଥ-ଆରତି-ଦୀକ୍ଷିତ-ଚକ୍ରତୀର୍ଥରେ ସ୍ନାନ ପାଇଛି ବୋଲି ମୋ ନସିବ୍‌କୁ ତାରିଫ୍ ନକରି ରହି ପାରୁ ନି । ମୁଁ ଯେତେ ଦୂରରେ ଥିଲେ ବି ଆପଣଙ୍କ ସେବା ଯତ୍ନ କରି ଭାବିବି ମୋ ଠାକୁରଙ୍କ ସେବା କରୁଛି । ଆଉ ଏହାହିଁ ହେବ ପରୋକ୍ଷରେ ମୋର ଜଗନ୍ନାଥ ସେବା ? ମୋତେ ଏଥିରୁ ବଞ୍ଚିତ କରିବେ ନି ।

ହଠାତ୍ ଜଗନ୍ନାଥ ସେବାର ଏକ ନୂତନ ସଜ୍ଞା ଦେଖି ରାମଚନ୍ଦ୍ର ଦେବ ଆତ୍ମ ବିସ୍ମୃତ ହୋଇଗଲେ, ହୋଇଗଲେ ଭାବାବେଶରେ ସେ ଅନ୍ଧ । ଆତ୍ମ ସମ୍ମୋହିତ ପ୍ରାୟେ ସବୁ ରୀତି ନୀତିକୁ ଭୁଲି ନିଜ ଅଜାଣତରେ ବୁର୍ଖାଟେକି ଏତେ ଦିନରୁ ପରିଚିତ ଅଥଚ କେତେ ଅପରିଚିତା ସେଇ କରୁଣା ଆରତିଭରା ମୁହଁଟିକୁ ଦର୍ଶନ କରିବାକୁ ଯନ୍ତ୍ରବତ୍ ଆଗେଇ ଗଲେ ।

ଏ କ'ଣ ???

ସହସା ଆଲୋକର ବନ୍ୟା ଯେମିତି ଘନ ଅନ୍ଧକାରକୁ ଭସାଇ ନେଇଲା । ସେ ଲକ୍ଷ୍ୟ କଲେ ପରମ ଭକ୍ତିରେ ସବୁ ଜାତି ଧର୍ମର ସଂକୀର୍ଣ୍ଣ ସାଂପ୍ରଦାୟିକତାର ମଣିଷ ସୃଷ୍ଟି ଅନୁଚିତ ବାଧାବିଘ୍ନକୁ ଅଗ୍ରାହ୍ୟ କରି ଯୌବନେଶ୍ୱର ତା'ର ନୂତନ ପୂଜାରିଣୀକୁ ଧନ୍ୟ କରିବାକୁ ଯେମିତି ସୁ ପ୍ରଭାତ ଜଣାଇବାକୁ ସ୍ୱୟଂ ବିଜେ ହୋଇଛନ୍ତି– ପୀନୋନ୍ନତ ସ୍ତନ ଶୋଭିତ ରମଣୀର ତନୁ ବଲ୍ଲରୀ, ସ୍ୱଚ୍ଛ ଦେହ, ପ୍ରସନ୍ନ ବ୍ୟକ୍ତିତ୍ୱର ସ୍ନିଗ୍ଧ ଚକ୍ଷୁରୁ ଯେମିତି ପସରନ୍ତି ଆଲୋକ ବିଚ୍ଛୁରିତ ହୋଇ ଉଠୁଛି–ସେଇ ଦୁଇ ପକ୍ଷୀ ନୀଡ଼ ସଦୃଶ ଆୟତ ଚକ୍ଷୁର ଆଲୋକ ଛାୟା ଅନାଘ୍ରାତ ନିଷ୍ପାପ ତନୁର ପବିତ୍ରତା–ପତିବ୍ରତା ବୋଲି ଘୋଷଣା କରିବା ସଙ୍ଗେ ସଙ୍ଗେ ଜବା ଦେହର ଜୟ ଜୟକାର ତାକୁ ଦେହାତୀତକୁ ଉତ୍ତୀର୍ଣ୍ଣ କରି ନେଇଛି !

ରାମଚନ୍ଦ୍ର ଦେବ ତା'ରି ନିଷ୍ପାପ ଚକ୍ଷୁଟି କଳା କଳା ଡୋଳାରେ ଯେମିତି ଜଗାକାଳିଆ

ଜଗାବୋଲାର ଚକା ଚକା ଆଖି ଦୁଇଟି ଆବିଷ୍କାର କରିବାକୁ ଲାଗିଲେ—ଜଗାବୋଲାର ଚକା ଆଖିର ପ୍ରସାରରେ ସେ ଯେମିତି ଅନନ୍ୟ ଅନୁଭୂତିରେ ଜର୍ଜରିତ ହୋଇ ଅନୁଭବ କରୁଥିଲେ—'କର୍ତ୍ତାର ଇଚ୍ଛା ହିଁ କର୍ମ, କର୍ତ୍ତା ଯାହା କରେ ତାହା କର୍ମ— ସୁତରାଂ କର୍ତ୍ତାର ଇଚ୍ଛାହିଁ କର୍ମ ପଦବାଚ୍ୟ ।' ସେଇଠୁ ଜଗନ୍ନାଥ ଯେମିତି ତାଙ୍କୁ କହୁଥିଲେ—'ହେ ରାଜନ୍, ମୁଁ ହିଁ କର୍ତ୍ତା— ମୋର ଇଚ୍ଛା ହିଁ କର୍ମ । ତୁମେ କେହି ନୁହଁ । ତୁମେ କିଛି କରୁନ । ମୋର ଇଚ୍ଛାକୁ ମୋର ନିର୍ଦ୍ଦେଶରେ ତୁମରି ମାଧ୍ୟମରେ ପୂରଣ କରୁଛ ମାତ୍ର । ତୁମେ ପାପୀ ନୁହଁ, ନୁହଁ ବି ପତିତ ଜନ । କାରଣ ସବୁ ପତିତ ଜନଙ୍କୁ ଉଦ୍ଧରିବା ପାଇଁ ମୁଁ ଏ ଯୁଗରେ ପତିତ ପାବନ ଅବତାର ନେଇଛି । ସେଥିପାଇଁ କିମ୍ବଦନ୍ତୀ ଯାହା କହୁ ପଛେ ମୋ ସଂକଳ୍ପରେ ମାଦଳା ପାଞ୍ଜି ଇତିହାସ ତୁମ ସଂପର୍କରେ ଅନେକଟା ନୀରବତା ଅବଲମ୍ବନ କରିବ* (୫) ।

ରାମଚନ୍ଦ୍ର ଦେବ ଅନୁଭବ କଲେ—ଶ୍ରୀ ଜଗନ୍ନାଥ କଥା କହିଲେ ଯେମିତି ସର୍ବ ଧର୍ମ ସମନ୍ୱୟ କଥା ଆସେ, ସନାତନ ଧର୍ମ କଥା ଆସେ, ସେମିତି ଶାଶ୍ୱତ ମାନବୀୟ ମୂଲ୍ୟବୋଧ ସବୁ ଏ ମହା ପ୍ରାଙ୍ଗଣକୁ ମଧୁକ୍ଷରା ସ୍ରୋତରେ ସ୍ୱତଃ ଝରି ଆସେ । ସୁତରାଂ ଭକ୍ତକୁ ଧର୍ମର ଦୁହାଇ ଦେଇ ଭଗବାନଙ୍କଠାରୁ ଦୂରେଇ ରଖିବା ଧର୍ମ ନୁହେଁ—ପରମ ଅଧର୍ମ । ଏଇଠି ଧର୍ମ ଯେମିତି ଅଧର୍ମ ପତିତ ପାବନର ଅର୍ଥ ସେମିତି ଅନର୍ଥ । ଧର୍ମରକ୍ଷା ନାମରେ ଧର୍ମାନ୍ଧମାନେ ଯେମିତି ମାନବିକତାର ବିରୁଦ୍ଧାଚରଣ କରିଛନ୍ତି । ସେ ଉପଲବ୍ଧି କରୁଥିଲେ ତାଙ୍କର ଜୀବନ ଯେମିତି ବ୍ୟର୍ଥ ହୋଇ ଯାଇଛି । ଧର୍ମ ସଂସ୍ଥାପନ ପାଇଁ ସେ ଧର୍ମ ତ୍ୟାଗୀ ହୋଇଥିଲେ— ନିଜର ସ୍ୱାର୍ଥ ସିଦ୍ଧି ପାଇଁ ନୁହେଁ । ଦୁନିଆଁ ତାଙ୍କୁ ବିଧର୍ମୀ କହିପାରେ, କିନ୍ତୁ ସେ ଜାଣିଛନ୍ତି ଧର୍ମ ଯେ ତିଆରି କରିଛନ୍ତି ସେଇ ଜଗା କାଳିଆର ଦୁଇ ଚକା ଚକା ଆୟତ ଚକ୍ଷୁରେ ସେ କସ୍ମିନ୍‌କାଳେ ବିଧର୍ମୀ ନୁହନ୍ତି । ଯିଏ ତାଙ୍କୁ ବିଧର୍ମୀ କହୁଛି ସେ ନିଶ୍ଚିତ ଭାବେ ଅଜ୍ଞତାର କାରା ଗୃହରେ ବନ୍ଦୀ । ଜଗା ସିନା ଜଗନ୍ନାଥ ସେବା ନାଆଁରେ ଗୋଟିଏ ରାମଚନ୍ଦ୍ର ଦେବଙ୍କୁ ବନ୍ଦୀଶାଳରୁ ମୁକ୍ତି ଦେଇ ପାରିଲା, କିନ୍ତୁ ହାୟ, ଏମାନେ ଯେ ଜଗନ୍ନାଥ ସେବା ନାଆଁରେ ଅଜ୍ଞତାର ଅନ୍ଧାରୀ କାରକାଟୀରେ କୋଟିଏ ବନ୍ଦୀ । ସେମାନଙ୍କୁ ସ୍ୱୟଂ ଜଗନ୍ନାଥଙ୍କ ଭିନ୍ନ ଆଉ କିଏ ମୁକ୍ତି ଦେଇ ପାରିବ ??

ନିଜର ସ୍ୱାଭିମାନୀ ଅଭିମାନରେ ଜର୍ଜରିତ ହୋଇ ରାମଚନ୍ଦ୍ରଦେବ ଜଗାକୁ ତାଙ୍କର ଅତି ନିକଟକୁ ଆଣି କହୁଥିଲେ—

: ଜଗା, ମୋ ରାଜ୍ୟବାସୀ ମୋତେ ନ ଗ୍ରହାନ୍ତୁ, ମୋ ସ୍ତ୍ରୀ ପୁତ୍ର ମୋତେ ତ୍ୟାଗ କରନ୍ତୁ, ମୋ ମହାମନ୍ତ୍ରୀ ପରମ ଲକ୍ଷ୍ମୀ ରାଜଗୁରୁ ମୋତେ ବରଂ ଅମାନ୍ୟ କରନ୍ତୁ— କିନ୍ତୁ ସେମାନେ ସମସ୍ତେ ତ ଜଗନ୍ନାଥଙ୍କୁ ଗ୍ରହାନ୍ତି । ଜଗନ୍ନାଥଙ୍କ ମାନ ରକ୍ଷା ପାଇଁ ତ ମୁଁ ଗଜପତି । ତେଣୁ ନିଜେ ଧର୍ମଚ୍ୟୁତ ହେଲେ ବି ଦୁଃଖ ନାହିଁ, ନାହିଁ ଆକ୍ଷେପ । କାରଣ ଯାହା ହେଲେ ବି ମୁଁ ମୋର କର୍ତ୍ତବ୍ୟ ସମାପନ କରିଛି । ଅନ୍ୟ ଚକ୍ଷୁରେ ଅତି ତଳକୁ ଖସି ଯାଇ ଥିଲେ ବି ମୁଁ ତେଣୁ ନିଜ ଚକ୍ଷୁରେ ତଳକୁ ଖସିପାଇନି । ନିଜ ଚକ୍ଷୁରେ ତଳକୁ ଖସିବାର ଜ୍ୱାଳା ଦୁର୍ବିସହ । କାରଣ ନିଜ ଚକ୍ଷୁରେ ଖସିଗଲେ ଠାକୁର ବି ପଥର ହୋଇଯାଏ, ଆଉ ମୁଁ ତ ରକ୍ତ ମାଂସର ସାମାନ୍ୟ ବ୍ୟକ୍ତି ବିଶେଷ ମାତ୍ର ! ସେତେବେଳେ ରାମଚନ୍ଦ୍ର ଦେବଙ୍କ ମନରେ ଚିର ବିକାରର ସାମାନ୍ୟତମ ଅଣୁ ପରମାଣୁ ବି ନ ଥିଲା—ସେ ଯେମିତି ଅନୁଭୂତି ହୀନ ଏକ ପାଷାଣ ବିଗ୍ରହ ପାଲଟି ଯାଇଥିଲେ !

ସତ୍ୟଠାରୁ ଶକ୍ତି ବଡ଼ । କେବେକେବେ ଯାହାର ଶକ୍ତି ଅଛି ସେ ସତ୍ୟକୁ ମିଥ୍ୟା ବୋଲି ପ୍ରମାଣିତ କରିବାକୁ ବେଶି ଡେରି ଲାଗେନା । ଏହାହିଁ ପ୍ରାଗ୍ ଐତିହାସିକ ଯୁଗରୁ ଦୁନିଆର ରୀତି ହୋଇ ଚାଲି ଆସିଛି । ସେଇ ଶକ୍ତିଧରମାନଙ୍କୁ ସୁହାଇଲା ଭଳି ବେଳେ ବେଳେ ଇତିହାସ ବଶମ୍ବଦ ସାଜି ଗର୍ଭପାତ କରାଇ ନେଇଛି— ସେଥିପାଇଁ ବିଶ୍ୱରୀ ଇତିହାସ ବୋଧହୁଏ ସବୁ ସମୟରେ ସବୁ କଥାର ଜନନୀ ସାଜି ପାରେନା ! ଆଉ ସେଇ ମୁହୂର୍ତ୍ତରେ ସମସ୍ତ ପାରଂପରିକ ରୀତି-ନୀତିକୁ ପଛରେ ପକାଇ, ଅନାଗତ ଅଭିଶପ୍ତ ଉତ୍କଳ ଇତିହାସର କର୍ଦ୍ଦମାକ୍ତ ପଙ୍କିଳ-ଦଳିକ ପଥରେ ବହୁ ଅସହାୟ ଘଟଣା-ଦୁର୍ଘଟଣାକୁ ପାଦ ତଳେ ଦଳି, ଜଣେ ବହୁ ବିବାଦୀୟ ଅଶ୍ୱାରୋହୀଙ୍କୁ ପିଠିରେ ବସାଇ, ଅସମ୍ଭବ ଗତିରେ ଧାବମାନ ହେବାକୁ ପ୍ରସ୍ତୁତ ହେଉଥିଲା ଭବିତବ୍ୟ ସମୟର ଉଚ୍ଚୈଶ୍ରବା-ଯାଯାବର ଘୋଟକ ଏବଂ ଶ୍ରୀ ଜଗନ୍ନାଥଙ୍କ ବିଚିତ୍ର ଇଙ୍ଗିତରେ ଉତ୍କଳ ଇତିହାସର ଭାରବାହୀ ମାଦଳା ପାଞ୍ଜି ସେଇ ଏକାକୀ ଅଶ୍ୱାରୋହୀଙ୍କ ସଠିକ ବଂଶ ପରିଚୟ ଓ ରାଜତ୍ୱକାଳ ସଂପର୍କରେ ଚିରଦିନ ପାଇଁ କିଛିଟା ନୀରବତା ଅବଲମ୍ବନ କରି ଅସ୍ୱସ୍ତିର ପାଇଁ କିଛିଟା... ଅମୁହାଁ ଦୁର୍ଗରେ ବନ୍ଦୀ ହେବାକୁ କେଜାଣି କାହିଁକି ଶ୍ରେୟସ୍କର ମନେ କଲା !!!

*(୫) ଶ୍ରୀ ରାମଚନ୍ଦ୍ରଙ୍କ ସଠିକ୍ ବଂଶ ପରିଚୟ ଓ ରାଜତ୍ୱକାଳ ସଂପର୍କରେ ଡ଼ଃ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସଙ୍କଳିତ ମାଦଳା-ପାଞ୍ଜିରୁ ସମ୍ୟକ ଧାରଣା କରି ହୁଏନା ଏବଂ ଅଦ୍ୟାପି ଏହା ଏକ ବିବାଦୀୟ ଅସମାଧିତ ପ୍ରଶ୍ନ ହୋଇ ରହି ଆସିଛି । କେତେକ ତାଙ୍କୁ ଭୋଇ-ବଂଶର ଦ୍ୱିତୀୟ ରାମଚନ୍ଦ୍ର ଦେବ ବୋଲି ଅଭିହିତ କରି ତାଙ୍କ ରାଜତ୍ୱକାଳ ଷୋଡ଼ଶ ଶତାବ୍ଦୀର ଶେଷ ପାଦ ବୋଲି ମତ ଦେଇଥାନ୍ତି । ତାଙ୍କର ପରମ ବନ୍ଧୁ ମହାମନ୍ତ୍ରୀ ପରମ ଲକ୍ଷ୍ମୀ ରାଜଗୁରୁ ସାହିତ୍ୟିକ ଜୟଗୁରୁ କ୍ଷେଧର ମହାପାତ୍ରଙ୍କର ପୂର୍ବପୁରୁଷ ବୋଲି ଐତିହାସିକମାନେ ବିଶ୍ୱାସ କରନ୍ତି । କଥିତ ଅଛି ସେ ପରେ ଗଜପତିଙ୍କୁ ଯବନମାନଙ୍କଠାରୁ ମୁକୁଳାଇ ଆଣିଥିଲେ ।

ଆସିଷ୍ଟାଣ୍ଟ ଇଞ୍ଜିନିୟର, ବାରିପଦା ଇରିଗେସନ ସର୍କଲ
ତକତପୁର, ବାରିପଦା—୭୫୭୦୦୩

# ମୋ ଜାତିର ଜିଦ୍

ଶ୍ରୀ ଦୁଃଖୀଶ୍ୟାମ ଦାସ

ଏଇ ଜଗା, ଗାଟ ଜଗି ବସିଛି କେଉଁ ଏକ ଅନାହତ ଯୁଗରୁ । ତା'ରି ଆଗରେ କେତେ ଯୁଗର ଇତିହାସ, ଭୂଗୋଳ ଲେଖା ହୋଇ ସାରିଲାଣି । କିନ୍ତୁ ସିଏ ତା'ର ସ୍ଥିତିକୁ ଖୁବ୍ ଗଭୀର ମଜଭୁତ କରି ରଖିଛି । କିଏ କହେ ସିଏ ସୃଷ୍ଟି-ସ୍ଥିତି-ପ୍ରଳୟର ନିଦର୍ଶନ । ସବୁତକ ବଛା ବଛା ଜିନିଷ ନିଜେ ବାଛିନେଇ ତା'ରି ଘେରଦରେ ଜମେଇ ରଖିଛି । ସେଇଥିପାଇଁ ଏ ଘେରଦକୁ ଆମେ ଭକ୍ତିଆ ଦଳ ଶ୍ରୀକ୍ଷେତ୍ର ବୋଲି କହିଥାଉଁ । ଏଥିରେ କ'ଣ ସିଏ ସନ୍ତୁଷ୍ଟ କି ? ନ ହେଲେ ଏତେ ବଡ଼ ସ୍ୱର୍ଣ୍ଣଗର୍ଭା ମହୋଦଧିଟାକୁ ମାଡି ବସିଥାଆନ୍ତା କି ନିଜର ସୀମା ଚିହ୍ନଟ ପାଇଁ ?

ସାରା ଇଲାକାରେ କେତେ ଘଟଣ ଅଘଟଣ ନ ଘଟୁଛି ! ମରୁଡି, ବାତ୍ୟା, ବନ୍ୟା, ଚୋରୀ, ଡକାୟତି, ଅପହରଣ, ଧର୍ଷଣ, ହିଂସାକାଣ୍ଡ, ସାଇ ଭାଇ ଗଣ୍ଡଗୋଳ, ଆତ୍ମହତ୍ୟା, ଦାଦନ ଉତ୍ପୀଡ଼ନ କେତେ ନ ଘଟିଲା ! ଖବର କାଗଜ, ରେଡିଓ ପ୍ରଭୃତି ପ୍ରଚାର ମାଧ୍ୟମରେ କେତେ କଣ ପ୍ରଚାର କରା ନ ଗଲା ! ଶେଷକୁ ପ୍ରଜାଗଣ (ରୋଗୀ ଭୋଗୀ ଥିଲା ନ ଥିଲା ଦେଶୀ ବିଦେଶୀ ସମସ୍ତେ) ବାଧ୍ୟ ହୋଇ 'ନେତା'ଙ୍କ ସିଂହଦ୍ୱାର ଆଗରେ ତ୍ରାହିମାଂ, ତ୍ରାହିମାଂ ଗଡି ଦେବାରୁ କୁମ୍ଭକର୍ଣ୍ଣ ନିଦ୍ରାଭଙ୍ଗ ହେଲା । କାଳିଆ ମୁହଁ ଦେଖି କିଏ କହିଲା "ଉତ୍କଳର ନେତା ଜଗନ୍ନାଥ କି ଜୟ", କିଏ କହିଲା, "ମୋ ସପ୍ତପୁରୁଷ ଉଦ୍ଧାର ହେଲେ" । ପାପୀ କହିଲା ସ୍ୱର୍ଗଧାମ ଦେଖିଲି, ତପୀ କହିଲା ବ୍ରହ୍ମରେ ମିଶିଲି", 'ରାଜା' ମନ୍ତ୍ରୀ କହିଲେ ଦେଶଟାକୁ ଏଥର ଘିଅ ମହୁରେ ଭସାଇ ଦେବ", ପ୍ରଜାଏ ଗାଇଲେ "ଧନ ମାଗୁନାହିଁ ଜନ ମାଗୁନାହିଁ ମାଗୁଛି ଶରଧା ବାଲିରୁ ହାତେ" । ଖଟିଖିଆ, ଠେକାଭିଡ଼ା ସ୍ୱାମୀମୁଣ୍ଡିଆ ଭାବିଲା ଏଥର ତା କପାଳରେ ସୁନା ଫଳିବ, ପୁଣି ବୁଲା ଫକୀର ଘର ଚୁମା ଧରି ସ୍ୱର ଧରିଲା "ସବୁଥିରୁ ବଞ୍ଚିତ କରି କେଉଁ ଯଶ ବାନା ଉଡ଼ାଇବ ହେ" । ଝିଅ ବୋହୂ ସେଇ ବଡ଼ା ବଡ଼ା ଡୋଳା ଦୁଇଟାକୁ ଦେଖି କଳ୍ପନା କଲେ ଯୋଗ୍ୟ ପାତ୍ରଟିଏର ସାନ୍ନିଧ୍ୟ ଅବା ସୁସନ୍ତାନଟିଏ ହୋଇ କୁଳ ଉଜ୍ଜ୍ୱଳ କରିବ । ମରହଟ୍ଟୀ ଭାବୁଛି ଦର୍ଶନ ଆଣି-ଦେଲା ଜୀବନର ସାର୍ଥକତା, ବିଦେଶୀ ଇସ୍କାବାଲା ଗେରୁଆ ବସ୍ତ୍ରଧାରୀ 'ନ ଦେଖ ନିମାଇଁ ସାଡି ଜଗାଟାକୁ ଦେଖି ବାହୁଡ଼ିତ' । ସେମାନଙ୍କ ମତରେ ଏଇ କାଳିଆ ଓଡିଆ ଦୁନିଆବୀର ତ୍ରାଣକର୍ତ୍ତା । ସିଏ କୁଆଡ଼େ ଆମର ଇଷ୍ଟ ! ଯୁଗ ଯୁଗ ଧରି ଜାତିର ଭଠା ପଡ଼ା କଳା କୁଶଳତାରେ ଯାଚି ହାତ ଅଛି ।

ସିଏ ଯାହା କହୁ ପଛେ ମୋତେ କିନ୍ତୁ ଏ ବ୍ୟଞ୍ଜନା-ଗୁଡ଼ାକ କଟା ଘା'ରେ ଚୂନ ଦେଲା ପରି ଲାଗୁଛି । କି ହୋ ! ଏ କଳା ମୁହାଁଟା ଆମର କି ଇଷ୍ଟ ହେବ ? ସିଏ ଛପନପୌଟି ଶ୍ୱାସ ପକାଇ ମେଘନାଦ ପାଚେରୀ ଘେରା ଉଚ୍ଚ ସିଂହାସନରେ ନିଘୋଡ଼ କୁମ୍ଭକର୍ଣ୍ଣ ନିଦରେ ଶୋଇବ, କଥା କଥାକେ ଗାଉଣା ବାଜଣା ମାଜଣା କରେ ସିଏ କ'ଣ ଏଇ ପୂଜକ - ଗାୟକ - ଚିନ୍ତକ ଉତ୍କଳିଆ ଗୋଷ୍ଠୀର ଉଦ୍ଧାର କର୍ତ୍ତା ହୋଇ ପାରିବ ? ସେଇଟା ଆଜ୍ଞା ଖାସ୍ ଖଣ୍ଡଟାଏ । ତା କଥାରେ ମୋତେ ଆଜ୍ଞା ବିଶ୍ୱାସ ରଖିବେନି ।

ଆମ ଗୁହାରି କା'ଆଗେ କରିବା । କପାଳରେ ସିନା କର ମାରିବା । ତା ନିଜ ଘର ବୁଡି ପରା ପାଣି ଆଣୁଏ । ବିଚରା କ'ଣ ବା କରିବ ସିଏ ! ନିଜ ନଅର ଛାତରୁ ପଥର ଖସୁଛି, ଗଙ୍ଗା କୂଅରୁ ବାସା ମଡ଼ା ବାହାରୁଛି । ଆଉରି କେତେ ଘଟଣ ଅଘଟଣ ତା ଇଲାକାରେ ଘଟୁଥିଲେ ହେଁ ସିଏ ଗୋଟେ ମାଦଳ ପରି ବର୍ଷ ବର୍ଷ ଯୁଗ ଯୁଗ ଧରି ବସି ରହି ଖାଲି କଳା କଳା ଡୋଳାରେ ଗୁହିଁ ରହିଛି । ତା ପେଟଟି ଭଲ ତ ସିଏ ଭଲ । ଆଉ କିଏ ଖାଇଲା ନ ଖାଇଲା ମଲା ଗଲା ତାର ସେଥିରେ ଯାଏ ଆସେ କ'ଣ ? ଏମିତି ଯଦି ଆଉ ଦିନାକେତେ ସିଏ ବସି ଖାଇବ ବୋଧେ କିଛି ଦିନ ପରେ ଖୋଦ ମହୋଦଧିର ବାଲି ବି ଶୁଖିଯିବାର ସମ୍ଭାବନା ଅଛି । ଖାଲି କ'ଣ କେତେବେଳେ ତାକୁ 'ସର୍ବ ଗିଳାଟେ' ବୋଲି ବୋଲିବାଣୀ ଜଗତି ! ଶୋଇଲା ବେଳକୁ ସାରା ସମୁଦ୍ର ଉଠିବ ପଡିବ, ଖାଇଲା ବେଳକୁ ସାରା ଜଗତଟା ଘୋ ଘା ଧୋ ଧା ରଡିରେ ଫାଟି ପଡିବ । କି ଅଦ୍ଭୁତ ପ୍ରକୃତି ଏଇ କଳା ମୁହାଁ ମାଙ୍କଡ଼ଟାର, ତା'ର ଆଦି ଅନ୍ତ କିଛି ବୁଝି ହୁଏ ନା ।

ଆଜି ଏଇ ଅଥର୍ବ ମାଦଳଟି ପାଇଁ ଏତେ ଘାଉ ଘାଉ, ହାଉ ହାଉ, ଡ଼ାଉ ଡ଼ାଉ, ପେଁ ପେଁ । ପୁଣି ଚାରି ଦୁଆର ମୁହଁରେ ! ସ୍ୱର୍ଣ୍ଣ ଖଚିତ ରଥର ବ୍ୟବସ୍ଥା ମହା ମହିମଙ୍କର ବିଜୟ ଯାତ୍ରା ପାଇଁ । ଏ ଯାତ୍ରା କାହାର ? ମଳି ମୁଣ୍ଡିଆ ଖଟି ଖିଆ, ଉପାଡିତ ଦଳିତ, ଶୋଷିତ, ଧର୍ଷିତ, କର୍ଣ୍ଣିତ ଓଡ଼ିଆ ଦାଦନ ପାଇଁ

ନା ସିଂହାସନରେ ଢ଼ୌଲ ଢ଼ାଗଲ ହୋଇ ବସୁଥିବା 'ମହନିଆ' ପାଇଁ ? ମୁଁ କହିବି ସେଇଟା ଏକ ନିଛାଟା ଦେହିଆଟେ । ନ ହେଲେ ଏତେ ଶୋଧା ବଜା ଛେଲ୍ସ କଚଡ଼ା ଘୋଷରା ପରେ ବି ତା'ର ଅତୀତ ବର୍ତ୍ତମାନ ସମାନ । କିଏ ବି କହୁଛି ଭବିଷ୍ୟତ ବି ତା'ର ସେୟା ହେବ । କି ଅଦଣ୍ଡ ଗୋପାଳଟିଏ ! ଘଷା ନା ପଷା, ଧୋଇରେ ଧୋଇ ନା ମଲ୍ଲିଡିରେ ମଲ୍ଲିଛି ? ଆମ ବଡ଼ ପଣ୍ଡାମାନେ କହନ୍ତି କୁଆଡ଼େ ଏଇ କାଳିଆଟା ସୁଦୂର ଦାକ୍ଷିଣାତ୍ୟରେ ଓଡ଼ିଆ ସ୍ବାରିମାନର ଧ୍ବଜା ଉଡ଼ାଇଥିଲା । ଏ ସବୁ ଯଦି ଠିକ୍ ତେବେ ଏ ମଉନମୁହାଁଟା ଏବେ ଚୁପ୍ ଚାପ୍ ରହିଛି କିଆଁ ? ଯଦି ସେ ମାଣିକ ଗଉଡୁଣୀ ଥାଆନ୍ତା ନିଶ୍ଚୟ ଏ କାଳିଆର ମୌନତାରେ ଦି କହୁଣୀ ଭୁଷା ଦେଇ କହିଥା'ନ୍ତା "ହଇରେ ମହନା, ତୋର ଏଡ଼େ ବହପ ? ଭାଇ ଭଉଣୀଙ୍କ ସାଙ୍ଗରେ ଗଦିରେ ବସି ଗ୍ରେଞ୍ଜ ପେଟେ ପକେଇ ମଉଜ୍ କରୁଛୁ, ଏଣେ ତୋ ଦରଜା ଆଗରେ ଲୋକ ବେଠି କରି କରି ଅନଂ ଦେହି ଚିତ୍କାର ଛାଡ଼ୁଛନ୍ତି । ସେକଥା ଟିକିଏ ହେଲେ ତୋ କାନରେ ବାଜୁନି ? ସେ ଦିନର ବୋଇତ ସାଧବ-ପୁଅ, ଗରମ କାଉଖିଆ, ଶିବେଇ-ବିଶୁ-ଧରମା, କାଣିଆ-କପିଳା ବଦଳରେ ପାରାଦ୍ବୀପ, ସୁନାବେଡ଼ା, ହୀରାକୁଦ, ରେଙ୍ଗାଲି, ରାଉରକେଲା, ଦାମନଯୋଡ଼ି-ତାଳଚେର, କୌଶଲ୍ୟାଗଙ୍ଗ-କଳିଙ୍ଗ, ଅଶୋକ, ସୁପରଫାଷ୍ଟ ଏକ୍ସପ୍ରେସ ବୋଇଂ ବିମାନ କାହାଣୀ ସବୁ ପଢ଼ା ସରିଲଣି । ତଥାପି ତୋ ଗୋଡ଼ି ଶ୍ରମିକ ଦଳ ବିଶ୍ବର ଦାରିଦ୍ର୍ୟର ସୀମାରେଖା ତଳେ ! ଯାଠାରୁ ବଳି ଦୁଃଖ ଆଉ କ'ଣ ଥାଇପାରେ ରେ ଅଲକ୍ଷୁକ ଜଗା ! ଏବେ ତୋତେ ନେହୁରା ହେଇ କହୁଛି ଭଲ ତାଙ୍କ ଗୁହାରି ଟିକେ ଶୁଣ୍" ।

କିଛି ହେବନି ଆଜ୍ଞା ! ଇଏ ସବୁ ନିଶ୍ଚଳ । ଉତ୍ତର ପ୍ରତିକ୍ରିୟା କିଛି ନାହିଁ । ଭଲ ମନ୍ଦ, ସତ୍ ଅସତ୍, ଅନ୍ଧାର ଆଲୁଅ, ସୃଷ୍ଟି ସ୍ଥିତି ପ୍ରଳୟ ବିଲୟ ଏସବୁରୁ ସେ ସଂପୂର୍ଣ୍ଣ ଅଲଗା । ପୁଣି ସବୁଥିରେଥାଇ କେଉଁଥିରେ ନଥିଲା ପରି । ଖାଲି କଣ ତାକୁ ସାକାର, ନିରାକାର, ନିର୍ବିକଳ୍ପ, ପରଂବ୍ରହ୍ମ ଆଦିମୂଳ ନିର୍ମୂଳବୋଲି ବଡ଼ ପଣ୍ଡାମାନେ ଡକାପାରୁଥାନ୍ତେ ! କଥାରେ ଅଛି ପରା 'ମହାଜନ ଯେନ ଗତଃ ସ ପନ୍ଥା' । ମୋ ଜାତି ଭାଇ ତ ତା ଦରଜା ଆଗରେ ଗହଳି ଲଗାଇ କିଏ ଗାଉଛି କୋଠ ଭୋଗଖିଆ ମୋ ଚକା ଆଖିଆ, କିଏ ଗାଉଛି ଜଗା କାଳିଆକୁ କାହିଁକି ଡାକ ସେତ ନୁହେଁ ତୁମ ଆପଣା ଲୋକ, ଆଉ କିଏ "କାଳିଆ ଆସିଲା କାଳିଆ ଆସିଲା କାଳିଆ ଆସିଲା ଭାଇ" । ଆଜି ଆକାଶ ପାତାଳ ଫାଟି ପଡୁଛି ଏଇଭଳି ନାଦରେ । ସେଥିରେ ପୁଣି ବିଜୟ ରଥର ଦଉଡ଼ି ଛୁଇଁବାପାଇଁ ଲାଗି ଯାଇଛି ପ୍ରବଳ ପ୍ରତି-ଦ୍ବନ୍ଦ୍ବିତା । ଏ ପରିସ୍ଥିତିରେ ମୁଁ ବା କଣ କରିଥାନ୍ତି ! ମୋତେ ଯେବେ ମାଠିରୁ ମାଠ୍, ମୁଁ ସେଇ ଦରପୋଡା କାଠ୍" । ରେ ଜଗା ! ତୁ ମୋତେ ପଶ୍ଚର ନ ପଶ୍ଚର, ମୋ ଦୁଃଖ ବୁଝ ନ ବୁଝ, ମୋତେ ମାର ହାଣ ଯାହା ବା କର ମୁଁ ସେଇ ଅବୋଇକଣା ଆଉ ତୁ ସେଇ ମୋର ସାଆନ୍ତ । ଏଇଟା ମୋ ଜାତିର ଜିଦ୍—

—ଜୟ ଜଗନ୍ନାଥ—

ଇଂରାଜି ଅଧ୍ୟାପକ
ନୟାଗଡ଼ କଲେଜ

ଏକ ମହାନ୍ ଜାତିରୂପେ ନିଜକୁ ପ୍ରତିଷ୍ଠିତ କରିବାକୁ ହେଲେ ଜାତିର ମହତର ଗୁଣାବଳୀର ବିକାଶ କରିବାକୁ ହେବ । ନିଜକୁ ଅବହେଳିତ ଅବଜ୍ଞାତ ମନେକରି, ଅତୀତର ସେହି ହୀନାବସ୍ଥାର ଉପରକୁ ଉଠି ନ ପାରିଲେ ଓଡ଼ିଆ ଜାତି ସେହିପରି ପଡ଼ି ରହିଥିବ ।

ଜାନକୀ ବଲ୍ଲଭ ପଟ୍ଟନାୟକ


ଯେତେବେଳେ ଅସହ୍ୟ ଗରମ
ଆପଣଙ୍କ ଶକ୍ତି କୁ
ନିଃଶେଷ କରିଦିଏ
ଯେତେବେଳେ ନିଅନ୍ତୁ ଗ୍ଲୁକନ-ଡି
ଆପଣଙ୍କର ବିଶ୍ୱାସଯୋଗ୍ୟ ଗ୍ଲୁକୋଜ-ଡି'ର ନୂଆ ନାମ ।
ଅଫୁରନ୍ତ ଶକ୍ତି ପାଇଁ-
ଠିକ୍ ଆପଣ ଚାହିଁବା ମାତ୍ରେ ।
Glucon-D
Glucose D
ଭାରତର ଅସଲି ଗ୍ଲୁକୋଜ ପାଉଡର- ଭିଟାମିନ ଡି ଓ
କ୍ୟାଲସିୟମ ଫସଫେଟ ରେ ଭରପୁର ।



# ଶ୍ରୀ ଜଗନ୍ନାଥ : ଶ୍ରୀ କୃଷ୍ଣ

ଶ୍ରୀ ରଘୁନାଥ ପାଣ୍ଡ

> "ପ୍ରିୟଃ ସୋଽୟଂ କୃଷ୍ଣ ସହଚରି କୁରୁକ୍ଷେତ୍ରେ ମିଳିତଂ
> ସ୍ତଥାହଂ ସା ରାଧା ତଦିଦମୁଭୟୋଃ ସଂଗମ ସୁଖଂ
> ତଥାପ୍ୟନ୍ତଃ ଖେଳନ୍ ମଧୁର ମୁରଳୀ ପଞ୍ଚମଜୁଷେ
> ମନୋମେ କାଳିନ୍ଦୀ ପୁଳିନ ବିପିନାୟ ସ୍ପୃହୟତି ॥"
>
> ଶ୍ରୀ ରୂପଗୋସ୍ୱାମୀ

ନୟନାଭିରାମ ପ୍ରିୟତମ ଶ୍ୟାମସୁନ୍ଦରଙ୍କ ସଂଗମ ସୁଖପାଇଁ ଆଜି ପ୍ରେମୋତ୍ସୁକା ଗୋପସୁନ୍ଦରୀଗଣ ବ୍ୟାକୁଳ, ଉଦ୍‌ବିଗ୍ନା । ଦୀର୍ଘ ବିଚ୍ଛେଦପରେ ବିରହ ବିଦଗ୍ଧା କୃଷ୍ଣପ୍ରାଣା ଗୋପାଙ୍ଗନା ଚିରବାଞ୍ଛିତ ଶ୍ରୀକୃଷ୍ଣଙ୍କୁ ପରମପାବନ ପ୍ରଭାସତୀର୍ଥ (କୁରୁକ୍ଷେତ୍ର)ରେ ଦର୍ଶନକରି ଅତ୍ମହରା । ବ୍ରଜେନ୍ଦ୍ରନନ୍ଦନଙ୍କୁ ଐଶ୍ୱର୍ଯ୍ୟମୟ କୁରୁକ୍ଷେତ୍ରରୁ ମାଧୁର୍ଯ୍ୟଲୀଳାଭୂମି ଶ୍ରୀବୃନ୍ଦାବନ ବିପିନକୁ ଫେରାଇ ନେବାପାଇଁ ଗୋପ ଆଭିରୀ ଆଜି ସତତ ଚେଷ୍ଟିତା ।

ଜଗନ୍ନାଥ ମହାପ୍ରଭୁଙ୍କର ଦେବଦୁର୍ଲଭ ରଥୋତ୍ସବ । ଶ୍ରୀମନ୍ଦିର ସମ୍ମୁଖରେ ଅପୂର୍ବ ପୀତ ଲୋହିତ ନନ୍ଦିଘୋଷ, କପିଧ୍ୱଜ । ରଥର ସାରଥି ଦାରୁକ । ସମ୍ମୁଖରେ ଚତୁଷ୍ଟୟ ଶ୍ୱେତାଶ୍ୱ—ଶଂଖ, ବଳାହକ ଶ୍ୱେତ ଓ ହରିଦାଶ୍ୱ । ରଥର ଚତୁପାର୍ଶ୍ୱରେ ନବ ଦେବତା ବିଦ୍ୟମାନ ଯଥା:— ହନୁମାନ, ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ଗୋବର୍ଦ୍ଧନ ଧାରଣ, ଚିନ୍ତାମଣି, ରାଘବ ଓ ନୃସିଂହ । ରଥର ଦେବୀ ହୋଇଛନ୍ତି ଯୋଗମାୟା । ରଥର ଊର୍ଦ୍ଧ୍ୱରେ ଅପୂର୍ବ ପତାକା ତ୍ରୈଲୋକ୍ୟ ମୋହିନୀ ।

ତ୍ରୈଲୋକ୍ୟ ଚିନ୍ତାମଣି ନୀଳାଦ୍ରିନାଥ ରଥ ଉପରେ ବିରାଜମାନ । ପତନି, ଖଣ୍ଡୁଆ, ଚୂଳ, ଫୁଟା ଓ ଯୋଡ଼ାର ସେନାପଟା ଏବଂ କୁସୁମି ଚଦର ଓ ଅଧର କୁସୁମିର ଶୁଭ୍ର ସଜ୍ଜରେ ସୁସଜ୍ଜିତ । ମସ୍ତକରେ ସୁବାସିତ କୁସୁମର ଅପୂର୍ବ ଟାୟା ଓ ଦୟଣାମାଳି ସୁନ୍ଦର ମାଳଚୂଳ । ରଥାଗ୍ରେ ଶ୍ରୀ ରାଧାଭାବ ବିଭାବିତ ଶ୍ରୀ ଗୌରସୁନ୍ଦର ଉଦଣ୍ଡ ନୃତ୍ୟକରି ଉଚ୍ଚସ୍ୱରରେ ଗାଇ ଉଠୁଛନ୍ତି —

> "ସେଇତ ପରାଣନାଥ ପାଇନୁ । ଯାଁହାଲାଗି ମଦନ-ଦହନେ
> ଝୁରିଗେନୁ ॥"

ମହାପ୍ରଭୁ ଚୈତନ୍ୟଚନ୍ଦ୍ରଙ୍କ ଚତୁର୍ଦ୍ଦିଗ ଭକ୍ତ ପରିବେଷ୍ଟିତ । ଶ୍ରୀରୂପ ଗୋସ୍ୱାମୀ ଓ ଶ୍ରୀ ସନାତନ ଗୋସ୍ୱାମୀ ଇତ୍ୟାଦି ଭକ୍ତ ଶ୍ରୀହରିଙ୍କ ଗୁଣାନୁକୀର୍ତ୍ତନକରି ନୃତ୍ୟର ତାଳେ ତାଳେ ଆତ୍ମହରା ହୋଇ ଉଠୁଛନ୍ତି । ଶ୍ରୀ ଶଚୀନନ୍ଦନ ନନ୍ଦନନ୍ଦନରୂପୀ ନୀଳାଦ୍ରିନାଥଙ୍କୁ ଐଶ୍ୱର୍ଯ୍ୟ ଲୀଳାଭୂମି ନୀଳାଚଳରୁ ମାଧୁର୍ଯ୍ୟଲୀଳାଭୂମି ସୁନ୍ଦରାଚଳ (ଗୁଣ୍ଡିଚା ମନ୍ଦିର)କୁ ଆକର୍ଷଣକରି ନେବାପାଇଁ ବ୍ୟାକୁଳ । ନେତ୍ର ଯୁଗଳରେ ପ୍ରେମାଶ୍ରୁର ପ୍ଲାବନ ଓ ଦିବ୍ୟ ଶରୀରରେ ରୋମାଞ୍ଚ । ଗୋପସୁନ୍ଦରୀରୂପୀ ଭକ୍ତବୃନ୍ଦଙ୍କ ଶରୀରରେ ବେପଥୁ ଓ ଶ୍ରୀମୁଖରେ ପ୍ରିୟତମଙ୍କର ମଧୁରାତିମଧୁର ନାମାବଳୀ ।

ଭକ୍ତ ବାଞ୍ଛାକଳ୍ପତରୁ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଦିବ୍ୟ-ଦୃଷ୍ଟିରେ ଶ୍ରୀକ୍ଷେତ୍ର ହେଉଛି ଐଶ୍ୱର୍ଯ୍ୟ ଲୀଳାଭୂମି କୁରୁକ୍ଷେତ୍ର ଗୁଣ୍ଡିଚା ମନ୍ଦିର ମାଧୁର୍ଯ୍ୟ ଲୀଳାଭୂମି ଶ୍ରୀ ବୃନ୍ଦାବନ ।

"ଇଁହା ଲୋକାରଣ୍ୟ, ହାତୀ, ଘୋଡ଼ା, ରଥଧ୍ୱନି ।
ତାଁହା ପୁଷ୍ପାରଣ୍ୟ, ଭୃଙ୍ଗ-ପିକନାଦ ଶୁନି ।।
ଏଇ ରାଜବେଶ, ସଂଗେ ସବ୍ କ୍ଷତ୍ରିୟଗଣ ।
ତାଁହା ଗୋପବେଶ, ସଂଗେ ମୁରଲୀ-ବାଦନ ।।
ବ୍ରଜେ ତୋମାର ସଂଗେ ସେଇ ସୁଖ–ଆସ୍ୱାଦନ ।
ସେଇ ସୁଖ ସମୁଦ୍ରେର ଇଁହା ନାହ ଏକ କନ ।।" (ଚୈତ)

ଚୈତନ୍ୟ ମହାପ୍ରଭୁଙ୍କପରି ବହୁ ଆଚାର୍ଯ୍ୟପାଦ, ବୁଦ୍ଧ, ସନ୍ଥସିଦ୍ଧ ଶିରୋମଣି, ରାମାନୁଜ, ଶ୍ରୀମଦ୍ ଶଂକରାଚାର୍ଯ୍ୟ, ସନ୍ଥକବିର, ସନ୍ଥନାନକ, ଗଣପତିଭଟ୍ଟ ଓ ସନ୍ଥ ତୁଳସୀ ପ୍ରମୁଖ ପରମପାବନ ଭୌମ ବୈକୁଣ୍ଠ ନୀଳାଚଳଧାମକୁ ଆସି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ନିଜ ନିଜର ଇଷ୍ଟଦେବରୂପେ ଦର୍ଶନକରି କୃତାର୍ଥ ହୋଇଛନ୍ତି । ସନ୍ଥ ତୁଳସୀ ଶ୍ରୀଜଗନ୍ନାଥଙ୍କୁ ନୟନାଭିରାମ ଶ୍ରୀ ରାମଚନ୍ଦ୍ର-ରୂପେ, ଗାଣପତ୍ୟ ଗଣପତିଭଟ୍ଟ ସ୍ନାନବେଦୀରେ ମହାପ୍ରଭୁଙ୍କୁ ଗଣେଶ ବା ହସ୍ତୀରୂପେ ଦର୍ଶନକରି କୃତ୍ୟ କୃତ୍ୟ ହୋଇଛନ୍ତି । ବୈଷ୍ଣବ ବିଷ୍ଣୁରୂପେ, ଶୈବ ଶିବରୂପେ ଶାକ୍ତ ଶକ୍ତିରୂପେ ଓ ଗାଣପତ୍ୟ ଗଣେଶରୂପେ ଓ ନିର୍ବିକଳ୍ପ ଯୋଗୀ ବ୍ରହ୍ମଜ୍ୟୋତି ଦର୍ଶନପାଇ ମରଜୀବନକୁ ସାର୍ଥକ କରିବା ସଂଗେ ସଂଗେ ମୁକ୍ତ କଣ୍ଠରେ ପରମବ୍ରହ୍ମ ସନାତନଙ୍କର ପ୍ରଶସ୍ତି ଗାନ କରିଛନ୍ତି ।

"ଯଂ ଶୈବାଃ ସମୁପାସତେ ଶିବଂଇତି ବ୍ରହ୍ମେତି ବେଦାନ୍ତିନୋ
ବୌଦ୍ଧ ବୁଦ୍ଧଇତି ପ୍ରମାଣ ପଟବଃ କର୍ତେତି ନୈୟାୟିକାଃ ।
ଅର୍ହନ୍ନିତ୍ୟଥ ଜୈନ ଶାସନରତାଃ କର୍ମେତି ମୀମାଂସକାଃ,
ସୋଽୟଂ ନୋ ବିଦଧାତୁ ବାଞ୍ଛିତଫଳଂ ତ୍ରୈଲୋକ୍ୟନାଥୋ ହରିଃ ।।"

ଅବତାରୀ ପୁରୁଷ ନିର୍ଗୁଣବ୍ରହ୍ମ ଶ୍ରୀଜଗନ୍ନାଥଙ୍କଠାରୁ ରାମ, କୃଷ୍ଣ, ବାମନ ଓ ନୃସିଂହାଦି ସମସ୍ତ ସଗୁଣ ବା ଅବତାର ବାଦର ସୃଷ୍ଟି ।

ଅବ୍ୟୟ, ଅପ୍ରମେୟ, ଗୁଣହୀନ ତଥା ଗୁଣାତ୍ମକ ଭଗବାନଙ୍କର ଅଭିବ୍ୟକ୍ତି ଅବତାର ମନୁଷ୍ୟର ପରମ କଲ୍ୟାଣକାରୀ ଓ ମୋକ୍ଷ ସାଧନପାଇଁ ଉଦ୍ଦିଷ୍ଟ । ଭଗବାନଙ୍କର ଲୌକିକ ସୌନ୍ଦର୍ଯ୍ୟ, ସ୍ୱର୍ଗୀୟ ମାଧୁର୍ଯ୍ୟ ଅପ୍ରମେୟ ଆକର୍ଷଣର ପରିଚୟ କେବଳ ସେ ବିଶ୍ୱନିୟଂତାଙ୍କ ଅବତାରଠାରୁ ମିଳିଥାଏ ।

ଋକ୍‌ବେଦର "ରୂପଂ ରୂପ ପ୍ରତିରୂପୋ ବଭୂବ, ତଦସ୍ୟ ରୂପଂ ପ୍ରତିଚକ୍ଷଣାୟ" । ଶ୍ଳୋକରୁ ଏକରୁ ଅନେକର ସୃଷ୍ଟି ପ୍ରତିପାଦିତ ହୁଏ । ଗୋଟିଏ ଆଲୋକ ବର୍ତ୍ତିକାରୁ ଅସଂଖ୍ୟ ଆଲୋକ ବର୍ତ୍ତିକାର ସୃଷ୍ଟି କିନ୍ତୁ ମୂଳ ବର୍ତ୍ତିକାର ଆଲୋକ ପ୍ରଶମିତ ହୁଏନାହିଁ ଓ ତାହା ପୂର୍ବବତ୍ ଦେଦୀପ୍ୟମାନ । ସେହିପରି ସଚ୍ଚିଦାନନ୍ଦ ପରମାତ୍ମାଙ୍କଠାରୁ ବିଶ୍ୱବ୍ରହ୍ମାଣ୍ଡ ଓ ବହୁ ଅବତାରବାଦର ସୃଷ୍ଟି ହେଲେ ମଧ୍ୟ ସେ ସର୍ବଦା ପରିପୂର୍ଣ୍ଣତମ ।

"ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ।।"
(ବୃହଦାରଣ୍ୟକ)

ଶ୍ରୀମଦ୍‌ଭାଗବତ୍ ଗୀତୋକ୍ତ

"ଯଦା ଯଦାହି ଧର୍ମସ୍ୟ ଗ୍ଳାନିର୍ଭବତି ଭାରତ ।
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।।
ପରିତ୍ରାଣାୟ ସାଧୁନାଂ ବିନାଶାୟଚ ଦୁଷ୍କୃତାମ୍ ।
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ "

ଭଗବାନଙ୍କର ଅବତାର ମୁଖ୍ୟତଃ ସାଧୁମାନଙ୍କ ପରିତ୍ରାଣରୁ ଓ ଦୁଷ୍କୃତର ବିନାଶପାଇଁ ଉଦ୍ଦିଷ୍ଟ କିନ୍ତୁ ଶ୍ରୀମଦ୍‌ଭାଗବତର

"ତୈର୍ଦର୍ଶନୀୟା ବୟବୈର୍ଭୁ ଦାର–
ବିଳାସହାସେ କ୍ଷିତିବାମ ସୁକ୍ତୈଃ ।

ହୃତାତ୍ମନୋ ହୃତପ୍ରାଣାଶ୍‌ଚ ଭକ୍ତି
ରନିଶ୍‌ଚତୋ ମେ ଗତିମଣ୍ୱୀଂ ପ୍ରଯୁଂକ୍ତେ" ।।

ଶ୍ଳୋକରୁ ଭଗବାନଙ୍କ ଅବତାର ଧରାପୃଷ୍ଠରେ ଅଲୌକିକ ରାଗାତ୍ମିକ ଭକ୍ତି ବିତରଣପାଇଁ ପ୍ରକଟିତ ଓ ଧର୍ମ ସଂସ୍ଥାପନା ଏକ ଲଘୁତର ବ୍ୟାପାର । ସେହିପରି କର୍ଦ୍ଦମ ତଥା ଦେବହୂତିଙ୍କ ଔରସରୁ ଭଗବାନ କପିଳଙ୍କ ସୃଷ୍ଟି । ସେ ପ୍ରସଂଖ୍ୟାନ ତତ୍ତ୍ୱର ନିରୂପଣ ତଥା ଆତ୍ମୋପଲବ୍ଧିର ମାର୍ଗ ପ୍ରଦର୍ଶକ । ଅର୍ଥାତ୍ ଜ୍ଞାନ, ମର୍ଯ୍ୟାଦା, ପ୍ରୀତି ଓ ଭକ୍ତିର ପରିପ୍ରସ୍ଥରପାଇଁ ବିଶ୍ୱନିୟନ୍ତା ଶ୍ରୀ ଜଗନ୍ନାଥ ବିଭିନ୍ନ ଅବତାର ବାଦରେ ମହର୍ଷି କପିଳ, ଶ୍ରୀରାମଚନ୍ଦ୍ର, ଶ୍ରୀକୃଷ୍ଣଚନ୍ଦ୍ର ଓ ମହାପ୍ରଭୁ ଶ୍ରୀଚୈତନ୍ୟରୂପେ ଆବିର୍ଭାବ ହୋଇଥାନ୍ତି । ଏହାହିଁ ତାଙ୍କର ଧର୍ମ ସଂସ୍ଥାପନା ।

ଅସଂଖ୍ୟ ଅବତାର । ଶ୍ରୀମଦ୍‌ଭାଗବତର ତୃତୀୟ ଅଧ୍ୟାୟରେ ୨୨ (ବାଇଶ)ଟି ଅବତାର ବିଷୟରେ ଉଲ୍ଲେଖ ଅଛି––(୧) କୌମାର ସର୍ଗ (ସନକ୍, ସନନ୍ଦନ, ସନାତନ ତଥା ସନତ୍‌କୁମାର), (୨) ବରାହ (୩)ନାରଦ, (୪) ନର-ନାରାୟଣ, (୫) କପିଳ, (୬) ଦତ୍ତାତ୍ରେୟ, (୭) ଯଜ୍ଞ, (୮) ଋଷଭଦେବ, (୯) ପୃଥୁ, (୧୦) ମତ୍ସ୍ୟ, (୧୧) କଚ୍ଛପ, (୧୨) ଧନ୍ୱନ୍ତରି, (୧୩) ମୋହିନୀ, (୧୪) ନରସିଂହ, (୧୫) ବାମନ, (୧୬) ପରଶୁରାମ, (୧୭) ବେଦବ୍ୟାସ, (୧୮) ରାମଚନ୍ଦ୍ର, (୧୯) ବଳରାମ (୨୦) କୃଷ୍ଣ, (୨୧) ବୁଦ୍ଧ ଓ (୨୨) କଳ୍କି ଇତ୍ୟାଦି । କିନ୍ତୁ ଶ୍ରୀମଦ୍‌ଭାଗବତର ଦ୍ୱିତୀୟ ସ୍କନ୍ଧର ସପ୍ତମ ଅଧ୍ୟାୟରେ ଭଗବାନଙ୍କର ୨୨ଟି ଅବତାର ବିଷୟ ବର୍ଣ୍ଣନ ହୋଇଛି କିନ୍ତୁ ପ୍ରଥମ ସୂଚୀଠାରୁ ଦ୍ୱିତୀୟ ସୂଚୀର ନାମରେ ବହୁ ପାର୍ଥକ୍ୟ ଦେଖାଯାଏ ଯଥା :–(୧) ବରାହ, (୨) ଯଜ୍ଞ, (୩) କପିଳ, (୪) ଦତ୍ତାତ୍ରେୟ, (୫) ଚତୁଃସନ, (କୌମାର ସର୍ଗ), (୬) ନର-ନାରାୟଣ, (୭) ପୃଥୁ, (୮) ଋଷଭ, (୯) ହୟଶୀର୍ଷ (ହୟଗ୍ରୀବ), (୧୦) ମତ୍ସ୍ୟ, (୧୧) କଚ୍ଛପ, (୧୨) ନୃସିଂହ, (୧୩) ଗଜେନ୍ଦ୍ର, ମୋକ୍ଷଦାତା (୧୪) ବାମନ, (୧୫) ହଂସ, (୧୬) ଧନ୍ୱନ୍ତରି,

(୧୭) ପରଶୁରାମ, (୧୮) ରାମ, (୧୯) କୃଷ୍ଣ, (୨୦) ବ୍ୟାସ (୨୧) ବୁଦ୍ଧ ଓ (୨୨) କଳ୍କି ଇତ୍ୟାଦି । କେତେକ ପଣ୍ଡିତଙ୍କ ମତରେ ଅବତାର ୨୪ (ଚବିଶ)ଟି । ସେମାନେ ପ୍ରଥମ ସୂଚୀ ସହିତ ଦ୍ୱିତୀୟ ସୂଚୀର ହଂସ ତଥା ହୟଗ୍ରୀବ ଅବତାରକୁ ସମ୍ମିଳନକରି ୨୪ (ଚବିଶ)ଟି ସଂଖ୍ୟା ନିରୂପଣ କରିଥାଆନ୍ତି କିନ୍ତୁ ଅଧୁନା ଭଗବାନଙ୍କର ଦଶାବତାର ସର୍ବଜନବିଦିତ ।

"ଜଳଜୌ ବନଜୌ ଖର୍ବଃ ତ୍ରିରାମୀ ସକୃପୋକୃପଃ ।
ଅବତାରା ଦଶୈବୈତେ କୃଷ୍ଣସ୍ତୁ ଭଗବାନ ସ୍ୱୟମ୍ ॥"

ଅର୍ଥାତ୍ ଜଳଜୌ (ଜଳରେ ଉତ୍ପନ୍ନ ହୋଇଥିବା ଦୁଇଟି ଅବତାର—ମତ୍ସ୍ୟ ଓ କଚ୍ଛପ), ବନଜୌ (ବନରେ ଉତପନ୍ନ ହୋଇଥିବା ଦୁଇଟି ଅବତାର—ବରାହ ଓ ନୃସିଂହ, ଖର୍ବ (ବାମନ), ତ୍ରିରାମୀ (ତିନୋଟି ରାମ ଅର୍ଥାତ୍ ପର୍ଶୁରାମ, ରାମଚନ୍ଦ୍ର ଓ ବଳରାମ), ସକୃପଃ (କୃପା ଯୁକ୍ତ ଅବତାର ବୁଦ୍ଧଦେବ) ତଥା ଅକୃପଃ (କୃପାହୀନ ଅବତାର କଳ୍କି), ଏହିପରି ଦଶଟି ଅବତାର ଦୃଷ୍ଟିଗୋଚର ହୁଏ । କିନ୍ତୁ ଏଥିରେ ଶ୍ରୀକୃଷ୍ଣଙ୍କୁ ଅବତାର ରୂପେ ନିଆଯାଇନାହିଁ ବରଂ ବଳରାମଙ୍କୁ ନିଆଯାଇଛି । ଅଗ୍ନିପୁରାଣ, ପଦ୍ମପୁରାଣ ଉତ୍ତରଖଣ୍ଡ, ଲିଂଗପୁରାଣ, ବରାହ ପୁରାଣ, ମତ୍ସ୍ୟ ପୁରାଣ ଓ ଗରୁଡ଼ ପୁରାଣରେ ଭଗବାନଙ୍କର ଦଶାବତାର ସୁସ୍ପଷ୍ଟ ।

ଶ୍ରୀମଦ୍ଭାଗବତର

"ଋଷୟୋ ମନବୋ ଦେବା ମନୁପୁତ୍ରା ମହୌଜସଃ
କଳାଃ ସର୍ବେ ହରେରେବ ସପ୍ରଜାପତୟସ୍ତଥା ॥
ଏତେଚାଂଶକଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ ସ୍ୱୟମ୍"

ଶ୍ଳୋକରୁ ଭଗବାନ ଶ୍ରୀକୃଷ୍ଣ ପରମବ୍ରହ୍ମ ସନାତନରୂପେ ସୂଚିତ ହେଉଥିଲେ ମଧ୍ୟ ଶ୍ରୀମଦ୍ଭାଗବତର

"ତାବିମୌ ବୈ ଭଗବତୋ ହରେରଂଶା ବିହାଗତୌ ।
ଭାରବ୍ୟୟାୟ ଚ ଭୁବଃ କୃଷ୍ଣୌ ଯଦୁକୁରୁଦ୍ୱହୌ" ॥

*  *  *  *

ଯଦୋଶ୍ଚ ଧର୍ମଶୀଳସ୍ୟ ନିତରାଂ ମୁନିସତ୍ତମ ।
ତତ୍ରାଂଶେନାବତୀର୍ଣ୍ଣସ୍ୟ ବିଷ୍ଣୋର୍ବୀର୍ଯ୍ୟାଣି ଶଂସନଃ

*  *  *  *

ତସ୍ମାନ୍ନନ୍ଦାତ୍ମଜୋଽୟଂ ତେ ନାରାୟଣ ସମୋ ଗୁଣୈଃ ।
ଶ୍ରିୟା କୀର୍ତ୍ତ୍ୟାନୁଭାବେନ ଗୋପାୟସ୍ୱ ସମାହିତଃ ॥"

ଇତ୍ୟାଦି ଶ୍ଳୋକରୁ ଶ୍ରୀକୃଷ୍ଣ ହରି ବା ନାରାୟଣଙ୍କ ଅଂଶ ବା ଅବତାର ବିଶେଷରୂପେ ବର୍ଣ୍ଣିତ । କିନ୍ତୁ ଏହା ଗୌଡ଼ୀୟ ବୈଷ୍ଣବ ଦର୍ଶନୋକ୍ତ ମତବାଦର ସଂପୂର୍ଣ୍ଣ ପରିପନ୍ଥୀ । ଗୌଡ଼ୀୟ ଦାର୍ଶନିକମାନଙ୍କ ମତାନୁଯାୟୀ ଶ୍ରୀକୃଷ୍ଣ ହେଉଛନ୍ତି ସ୍ୱୟଂ ଭଗବାନ (କୃଷ୍ଣସ୍ତୁ ଭଗବାନ ସ୍ୱୟଂ) ଓ ଅନ୍ୟ ସମସ୍ତ ଅବତାର ତାଙ୍କର କଳା ବା ଅଂଶ ବିଶେଷ ।

ଓଡ଼ିଶାର ପଞ୍ଚସଖା (ବଳରାମ ଦାସ, ଜଗନ୍ନାଥଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଅନନ୍ତ ଦାସ) ଶ୍ରୀଚୈତନ୍ୟଙ୍କର ପ୍ରେମଭକ୍ତିକୁ ସ୍ୱାଗତ କରିଥିଲେ ମଧ୍ୟ ଉତ୍କଳୀୟ ଧର୍ମଧାରଣାର ମୌଳିକତା ବଜାୟ ରଖିଥିଲେ । ଚୈତନ୍ୟଙ୍କର ରାଗାନୁଗା ଭକ୍ତିସହ ଜ୍ଞାନ, ଯୋଗ ଓ ତନ୍ତ୍ର ମତର ପରଂପରାପ୍ରତି ସମ୍ମାନ ପ୍ରଦର୍ଶନ କରିଛନ୍ତି । ଚୈତନ୍ୟଙ୍କ ଧର୍ମମତ ରାଜକୀୟ ପୃଷ୍ଠପୋଷକତା ଗ୍ରହଣ କରିଥିଲା ସତ କିନ୍ତୁ ସଂକୀର୍ତ୍ତନ ଓ ଉଦ୍ଦଣ୍ଡ ନୃତ୍ୟର ତାଳେ ତାଳେ ଶାନ୍ତ ସମାହିତ ନିର୍ଗୁଣ ଭଜନର ପ୍ରଚଳନ ଅବ୍ୟାହତ ରହିଲା । ସାଧନା ସାକାର ହୋଇପାରେ କିନ୍ତୁ ସାଧ୍ୟ ସର୍ବଦା ନିରାକାର ନିର୍ଗୁଣ—ଏହାହିଁ ଜଗନ୍ନାଥ ଧର୍ମର ମୂଳମନ୍ତ୍ର । ଜଗନ୍ନାଥଙ୍କ ଆକାର ଶ୍ରୁତିପ୍ରତିପାଦିତ ନିରାକାର, ଅଚିନ୍ତ୍ୟ, ଅଚଳ, ଧ୍ରୁବ, ଅକ୍ଷର, କୂଟସ୍ଥ, ସର୍ବବ୍ୟାପୀ ବ୍ରହ୍ମ ସଦୃଶ । ତେଣୁ ପଞ୍ଚସଖା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ନିରାକାର, ନିରଞ୍ଜନ, ଅଲେଖ, ଅରୂପ, ବ୍ରହ୍ମ ଓ ପୁରୁଷୋତ୍ତମାଦି ଆଖ୍ୟା ପ୍ରଦାନ କରିଛନ୍ତି ।

ବଳରାମ ଦାସଙ୍କ ମତରେ ଶ୍ରୀ ଜଗନ୍ନାଥ ମନ୍ଦିର ନିତ୍ୟରାସସ୍ଥଳୀ । ରାମ କୃଷ୍ଣାଦି ଅବତାର ଓ ଗୋପ ମଥୁରାଦି କ୍ଷେତ୍ରର ଉତ୍ପତ୍ତି ଶ୍ରୀକ୍ଷେତ୍ରରୁ ।

"ଏ ନୀଳଗିରି ନିତ୍ୟସମ । ତେଣୁ ଶ୍ରୀକୃଷ୍ଣ ନିତ୍ୟଧାମ ॥
ଏ ନୀଳଗିରି ନିତ୍ୟକୁଳ । ଅଭିନ୍ନ ଅଭେଦ ଅଟଇ ॥
ଗୋପ ମଥୁରା ଦ୍ୱାରାବତୀ । ଶ୍ରୀକୃଷ୍ଣ ଅଯୋଧ୍ୟାର ପତି
ଏମାନେ ନିତ୍ୟସ୍ଥଳୁ ଜାତ । ଅଭିନ୍ନ ନକର ହୋ ପାର୍ଥ ॥
ଏସବୁ ନିତ୍ୟସ୍ଥ ନିର୍ମାଣ । ଶ୍ରୀକୃଷ୍ଣ କ୍ରୀଡ଼ାରସ ସ୍ଥାନ ॥
ତୁ ଏହା ସଂଶୟ ନକର । ନିତ୍ୟରେ ଯେମନ୍ତ ବିହାର ॥

(ବେଦାନ୍ତସାର ଗୁପ୍ତଗୀତା)

ପଞ୍ଚସଖାଙ୍କ ମତରେ ଜଗନ୍ନାଥ ନିତ୍ୟକୃଷ୍ଣ ବା ଗୋଲୋକ କୃଷ୍ଣ ଓ ନୀଳାଚଳ ନିତ୍ୟ ଗୋଲକ । ଏହି ଧାମ ନିତ୍ୟକୃଷ୍ଣ ଓ ନିତ୍ୟରାଧାଙ୍କ ନିତ୍ୟରାସସ୍ଥଳୀ । ସେମାନେ ନିତ୍ୟ ଗୋଲୋକ ବିହାରୀ ଶ୍ରୀ ଜଗନ୍ନାଥଙ୍କୁ ପାଇବାପାଇଁ ଜ୍ଞାନ ଓ ଭକ୍ତି ଉଭୟର ମିଶ୍ରଣ ଉପାୟ ନିର୍ଦ୍ଦେଶ ଦେଇ ଯାଇଛନ୍ତି । ନିତ୍ୟ ରାସସ୍ଥଳୀକୁ ପ୍ରବେଶପାଇଁ ମାନବଦେହୀ କୃଷ୍ଣଙ୍କର ଅନୁମତି ଓ ସାଧନା ଆବଶ୍ୟକ । ଏ ସଂପର୍କରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ 'ରସବିନୋଦ' ପ୍ରଣିଧାନଯୋଗ୍ୟ । ମାନବଦେହୀ ବିଷ୍ଣୁ (ଶ୍ରୀକୃଷ୍ଣ) ଶ୍ରୀଜଗନ୍ନାଥଙ୍କର ଦ୍ୱାରପାଳିକା ତ୍ରିପୁରାର ନାମ ଲୟକରି ଦଶ ସହସ୍ର ଯୁଗ ଜପ କରିବାପରେ ତ୍ରିପୁରାଙ୍କ କୃପାବଶତଃ ଗୋପୀବେଶ ଧାରଣକରି ନିତ୍ୟରାସସ୍ଥଳୀରେ ପ୍ରବେଶ କରିଥିଲେ ।

"ବ୍ରହ୍ମାଣ୍ଡ ଠାକୁର ଯେ ହରି । ଦ୍ୱାରେ ରହିଲେ କଷ୍ଟ ପଡ଼ି ॥
ଦଶ ସହସ୍ର ଯୁଗ ପୁଣି । ରହିଲେ ଦେବ ଚକ୍ରପାଣି ॥
ତ୍ରିପୁରା ନାମ ଲୟକରି । ଜପି ଜପିଲେ ଦେବ ହରି ॥

*  *  *  *

ତୁ ଯେବେ ମୋତେ ଜଳୁ ଦେବା । ସ୍ତିରୀ ଅଂଗରେ ତୋତେ ନେବା ॥ (ରସବିନୋଦ)

ପରକୀୟା ମଧୁର ଭାବହିଁ ଗୌଡ଼ୀୟ ବୈଷ୍ଣବ ଦର୍ଶନର ମୂଳମନ୍ତ୍ର । ଡକ୍ଟର ମହତାବଙ୍କ ଭାଷାରେ "ଭଗବତ ପ୍ରାପ୍ତି ପାଇଁ ଗୋପୀମାନଙ୍କର ମଧୁର ରସ ଅର୍ଥାତ୍ ଶ୍ରୀକୃଷ୍ଣଙ୍କୁ କାନ୍ତରୂପେ ପ୍ରେମକରି ଭକ୍ତି କରିବାହିଁ ଶ୍ରେଷ୍ଠ ଉପାୟ ଓ ସେ ଉପାୟକୁ ଆୟତ୍ତ କରିବାପାଇଁ ନାମ ସଂକୀର୍ତ୍ତନ ହିଁ ଏକମାତ୍ର ସାଧନା । ଏହାହିଁ ସ୍ଥୂଳତଃ ଶ୍ରୀଚୈତନ୍ୟଙ୍କ ପ୍ରବର୍ତ୍ତିତ ଧର୍ମ ।" (ଓଡ଼ିଶା ଇତିହାସ)

ଗୀତୋକ୍ତ " ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ" ନୀତିରେ ଉଦ୍‌ବୁଦ୍ଧ ହୋଇ ଉତ୍କଳୀୟ ବୈଷ୍ଣବ ଗୌଡ଼ୀୟ ବୈଷ୍ଣବଧର୍ମ ସମ୍ମୁଖରେ ନିଜ ଧର୍ମର ସ୍ୱାତନ୍ତ୍ର୍ୟ ବା ମୌଳିକତା ବଳି ଦେଇନାହାନ୍ତି । ପରକୀୟା ପ୍ରୀତିଠାରୁ ସ୍ୱକୀୟ ପ୍ରୀତିକୁ ଉଚ୍ଚ ସ୍ଥାନ ଦେଇଛନ୍ତି । ଶ୍ରୀମନ୍ଦିରର ସମସ୍ତ ପର୍ବ ପର୍ବାଣି, ଯାନିଯାତ୍ରା ଓ ପୂଜା ପଦ୍ଧତିରେ ପରକୀୟା ପରିବର୍ତ୍ତେ ସ୍ୱକୀୟ ଉପାସନା ବିଶେଷ ପରିଲକ୍ଷିତ ହୁଏ । ଏଥିରୁ ଉତ୍କଳୀୟ ବୈଷ୍ଣବ ବାଦର ମୌଳିକତା ତଥା ବୈଶିଷ୍ଟ୍ୟ ସହଜରେ ଅନୁମେୟ ।

"ନିତ୍ୟ ସ୍ୱକୀୟା ଧର୍ମପଥ । ଏଯୁଗ ଯୁଗାନ୍ତର ଉକ୍ତ ॥

* * *

ସ୍ୱକୀୟା ସ୍ୱଧର୍ମଟି ଏହି । ଅନ୍ୟ ପୁରୁଷକୁ ନଗ୍ରହି ॥
ସେହି ଭକତି ଆଶ୍ରେକର । ଲଭିବ ପ୍ରେମ ନିରନ୍ତର ॥"
(ଶ୍ରୀଜଗନ୍ନାଥ ଚରିତାମୃତ)

ଉତ୍କଳୀୟ ବୈଷ୍ଣବଗଣ ଜଗନ୍ନାଥଙ୍କୁ ପୂର୍ଣ୍ଣବ୍ରହ୍ମ "ଏକମେ-ବାଦ୍ୱିତୀୟମ୍" ରୂପେ ଗ୍ରହଣ କରିଥାଆନ୍ତି । ସେମାନଙ୍କ ମତରେ ପରମ ପୁରୁଷ ଶ୍ରୀଜଗନ୍ନାଥଙ୍କ ଅଂଗରୁ ସଚରାଚର ବିଶ୍ୱବ୍ରହ୍ମାଣ୍ଡ ଓ ସମସ୍ତ ଅବତାରବାଦର ସୃଷ୍ଟି । ଅବତାରୀ ପୁରୁଷ ନୀଳାଦ୍ରିନାଥ ସ୍ୱୟଂ ଅଚିନ୍ତ୍ୟ, ଅବ୍ୟକ୍ତ ହୋଇଥିବାରୁ ବେଦ ମଧ୍ୟ ଗୁଣାନୁକୀର୍ତ୍ତନ କରିବାକୁ ଅକ୍ଷମ, ନିଶ୍ଚେଷ୍ଟ । କେବଳ ସେତିକି ନୁହେଁ, ତୁରୀୟବ୍ରହ୍ମ ଜଗନ୍ନାଥଙ୍କ ଷୋଳ କଳାରୁ ବ୍ରଜେନ୍ଦ୍ରନନ୍ଦନ ଶ୍ରୀକୃଷ୍ଣ ଏକ କଳା ମାତ୍ର । ଜଗନ୍ନାଥ ଅଗ୍ନିର ଭଳି ହେଲେ ସମସ୍ତ ଅବତାରବାଦ ସ୍ଫୁଲିଙ୍ଗ ସଦୃଶ । ପୁରୁଷୋତ୍ତମ ଜଗନ୍ନାଥହିଁ ଏକମାତ୍ର ପୁରୁଷ ଓ ପ୍ରକୃତି ରୂପିଣୀ ବ୍ରହ୍ମାଣ୍ଡର ଉତ୍ପତ୍ତି କର୍ତ୍ତା ।

"ସର୍ବଦା ନୀଳାଦ୍ରିରେ ସ୍ଥିତି । ଏଥୁ ସକଳ ଜାତ ହୋନ୍ତି ॥
ସମସ୍ତ ଅବତାରମାନ । ଜାତ ହୋଇଣ ପଶେ ପୁଣ ॥
ବେଦାନ୍ତସାର ବ୍ରହ୍ମ ଏହି । ବେଦହିଁ ବର୍ଣ୍ଣି ନ ପାରଇ ॥"
(ବେଦାନ୍ତସାର ଗୁପ୍ତଗୀତା)

* * *

ଏ ଜଗନ୍ନାଥ ରୂପ ବ୍ରହ୍ମ । ଏ ରୂପୁଁ ସର୍ବ ହୋନ୍ତି ଜନ୍ମ ॥
ଅବ୍ୟୟ ବ୍ରହ୍ମ ନିରାକାର । ଶ୍ରୀଜଗନ୍ନାଥ ନାମ ଯାର ॥
ଅଗ୍ନିରୁତରୁ ଲଗି ପ୍ରଦୀପ । ତହିଁରୁ ଯେ ଅନେକ ଦୀପ ॥
ସେପରି ଏହା ତହୁଁ ସର୍ବ । ଜାତ ହୋଇଛି ଏହା ଧ୍ରୁବ ॥
(ଜଗନ୍ନାଥ ଚରିତାମୃତ)

"ଅବତାର ଯେତେ ଏହି ଜଗନ୍ନାଥ ଅଂଗରୁ ଖସି ମିଶନ୍ତି ।
ଲୀଳା ନିମନ୍ତେ ଶ୍ରୀ ନୀଳାଦ୍ରିନାୟକ ନିର୍ବିକାରେ ବସିଛନ୍ତି ॥"

"ଏମନ୍ତେ ଯେ ଶ୍ରେଷ୍ଠ ସଂସାରରେ ଅଛି ଏଥୁକି ହୋଇବ ଜାଣି
ଅଶେଷ ପରେଟି ପୂର୍ଣ୍ଣବ୍ରହ୍ମ ଶ୍ରେଷ୍ଠ ନୀଳଗିରି ଶିରୋମଣି ॥"
—ଅନନ୍ତ ଗୁପ୍ତଟୀକା

"ବ୍ରହ୍ମାଣ୍ଡ ଗୋଟା ଗାବ ଯେ ପୁରୁଷୋତ୍ତମ ସଂଡ ।
ଯେହା ତହୁଁ ପ୍ରକାଶ ଅଶେଷ ବ୍ରହ୍ମାଣ୍ଡ ॥"
—ଶଂଖନାଭି ।

ଉତ୍କଳୀୟ ବୈଷ୍ଣବମାନେ ନିର୍ଗୁଣବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ଉପାସକ ହେଲେ ମଧ୍ୟ ସମସ୍ତ ସଗୁଣବାଦର ଉପାସକ । ସେମାନଙ୍କ ମତରେ ସଗୁଣ ଓ ନିର୍ଗୁଣ ଅଭିନ୍ନ । ଏକ ଅନ୍ୟର ପରିପୂରକ ମାତ୍ର ।

"ଶୁଣ ଆହେ ଗୋପସୁତ ଭଗତିର କଥା
ସଗୁଣ ନିର୍ଗୁଣ ଦୁଇ ଯେବଣ ବ୍ୟବସ୍ଥା ।
ଦୁଇ ସେ ଡେଣାରେ ପକ୍ଷୀ ଉଡ଼ିକରି ଯାଇ
ଦୁଇ ସେ ଚକ୍ଷୁରେ ସେହି ସଂସାରେ ଖେଳଇ ॥
ଏକ ଯେ ନଥିଲେ କଣା ଦୁଇଗଲେ ଅନ୍ଧ
ଏଣୁକରି ନିର୍ଗୁଣ ସଗୁଣ ପାଶେ ବନ୍ଧ ।"
(ଅଚ୍ୟୁତାନନ୍ଦ)

ସେମାନେ ଶ୍ରୀକୃଷ୍ଣଙ୍କୁ ମଧ୍ୟ ସଗୁଣ, ନିର୍ଗୁଣ, ସାକାର, ନିରାକାର ଓ ସନାତନ ଜ୍ୟୋତିରୂପେ ଉପାସନା କରିଥାଆନ୍ତି ।

"ଶ୍ରୀକୃଷ୍ଣ ଚରଣାମ୍ଭୋଜେ ବିଶେଷ ଶରଣଂ ଯଯୌ ।
ସଗୁଣଂ ନିର୍ଗୁଣଂ ବ୍ରହ୍ମ ଜ୍ୟୋତିରୂପଂ ସନାତନମ୍,
ସାକାରଂ ଚ ନିରାକାରମ୍ ତେଜୋରୂପଂ ନମାମ୍ୟହମ୍ ॥"
—ବ୍ରହ୍ମବୈବର୍ତ୍ତ ପୁରାଣ

ଆରାଧନା ଓ ଉପାସନାର ପ୍ରୟୋଜନୀୟତା ଓ ସାଧନାର ସରଳତାପାଇଁ ପରଂବ୍ରହ୍ମ ନିର୍ଗୁଣ ବ୍ରହ୍ମର ସାକାର ରୂପ କଳ୍ପନା କରାଯାଇଥାଏ ।

"ଚିନ୍ମୟସ୍ୟା ପ୍ରମେୟସ୍ୟ ନିର୍ଗୁଣସ୍ୟ ଶରୀରିଣଃ ।
ସାଧକାନାଂ ହିତାର୍ଥାୟ ବ୍ରହ୍ମଣୋ ରୂପକଳ୍ପନା ॥"
କୁଳାର୍ଣ୍ଣବ ତନ୍ତ୍ର

ପୁନଶ୍ଚ ମହାଭାରତ ଓ ବିଷ୍ଣୁ ପୁରାଣରୁ ଜଣାଯାଏ ଯେ ଶ୍ରୀ କୃଷ୍ଣ ଓ ବଳରାମ ନାରାୟଣଙ୍କର କୃଷ୍ଣ ଓ ଶୁକ୍ଳ କେଶରୁ ସମ୍ଭୂତ । ବାଲ୍ମୀକି ରାମାୟଣର ଉତ୍ତରାକାଣ୍ଡ "ଆରାଧୟ ଜଗନ୍ନାଥ ଇକ୍ଷ୍ୱାକୁ କୁଳ ଦୈବତମ୍ ।" ଶ୍ଳୋକରୁ ଶ୍ରୀରାମଚନ୍ଦ୍ରଙ୍କ ବହୁ ପୂର୍ବରୁ ଶ୍ରୀଜଗନ୍ନାଥ ସୂର୍ଯ୍ୟବଂଶର କୁଳଦେବତା ଥିବାର ସୂଚିତ ହୁଏ । କେବଳ ଏତିକି ନୁହେଁ, ଭୂପତି

ପଣ୍ଡିତଙ୍କ 'ପ୍ରେମପଞ୍ଚାମୃତ'ରୁ ଜଣାଯାଏ ଯେ, ବସୁଦେବ ଶ୍ରୀକୃଷ୍ଣଙ୍କ ଆବିର୍ଭାବ ପୂର୍ବରୁ ଶ୍ରୀକ୍ଷେତ୍ର ଆସି ଚତୁର୍ମାସ୍ୟ ବ୍ରତ ପାଳନ କରିଥିଲେ ଓ ଉତ୍ଥାନ ଏକାଦଶୀ ଦିନ ଶ୍ରୀଜଗନ୍ନାଥଙ୍କଠାରୁ ବର ପ୍ରାପ୍ତିକ୍ରମେ ଭଗବାନ ମୁକୁନ୍ଦ (ଶ୍ରୀକୃଷ୍ଣ)ଙ୍କୁ ପୁତ୍ର ରୂପେ ପାଇ ଧନ୍ୟ ହୋଇଥିଲେ ।

"ଗୋବିନ୍ଦଗରୁଡ଼ ବାହନ । ପ୍ରତକ୍ଷେ ଦେଲେ ଦରଶନ ॥
ଧରି ଆୟୁଧ ଚାରିଭୁଜେ । କୋଟି କନ୍ଦର୍ପ ରୂପ ଗଞ୍ଜେ ॥

* * * *

ହେ ନାଥ ତୁମ୍ଭ ପଦାମ୍ବୁଜ । ମାଗୁଛି ମୁଁ ଦୁଇ କୁମର ॥
ତୁମ୍ଭର ରୂପ ଗୁଣ ଘେନି । ଜନ୍ମିବେ ମୋର ପୁତ୍ର ବେନି ॥
ଆନନ୍ଦେ ରୂପ ଦେଖୁଥିବି । କୋଳେ ଘେନିଣ ଚୁମ୍ବ ଦେବି ॥
ସଙ୍ଗତେ ଭୁଞ୍ଜାଇ ଭୁଞ୍ଜିବି । ପଲ୍ୟଙ୍କେ ଘେନି ପହୁଡ଼ିବି ॥"

(ପ୍ରେମପଞ୍ଚାମୃତ)

"ପରମେଶ୍ୱର ସ୍ୟାପି ଇଚ୍ଛାବଶତ୍ ମାୟାମୟଂ
ରୂପଂ ସାଧକାନୁ ଗ୍ରହାର୍ଥମ୍"

(ବ୍ରହ୍ମ ସୂତ୍ର) ଶଙ୍କର ଭାଷ୍ୟରୁ ପରମେଶ୍ୱର ସାଧକ ପ୍ରତି ଅନୁଗ୍ରହ ପ୍ରଦର୍ଶନ ପୂର୍ବକ ଇଚ୍ଛାକରି ମାୟାମୟ ରୂପଧାରଣ କରିବା ଜଣାଯାଏ । ଶ୍ରୀମଦ୍ ଶଙ୍କରାଚାର୍ଯ୍ୟଙ୍କର ସୁପ୍ରସିଦ୍ଧ ଗୀତା ଭାଷ୍ୟର ମୁଖବନ୍ଧରେ ଶ୍ରୀକୃଷ୍ଣଭଗବାନଙ୍କର ଅଂଶାବତାର ରୂପେ ବର୍ଣ୍ଣିତ "ଅଂଶେନ କିଳ କୃଷ୍ଣ ସମ୍ବଭୂବ ।" ସଂମୋହନ ତନ୍ତ୍ରୋକ୍ତ ଗୋପାଳ ସହସ୍ର ନାମରୁ ଜଣାଯାଏ ଯେ, ନିରଞ୍ଜନ ନିରାକାର ପରଂବ୍ରହ୍ମ ଭକ୍ତମାନଙ୍କର ପ୍ରୀତି-ବର୍ଦ୍ଧନ ଶକାଶେ ଶ୍ରୀ ବୃନ୍ଦାବନ ବିପିନରେ ଗୋପାଳ-ରୂପେ ବିହାର କରୁଥିଲେ । "ନିରଞ୍ଜନ ନିରାକାର ଭକ୍ତାନାଂ ପ୍ରୀତିକାମତଃ । ବୃନ୍ଦାବନ ବିହାରାୟ ଗୋପାଳଂ ରୂପମୁଦ୍ବହନ ।"

ଅବତାର ପୁରୁଷଗଣ ଶରୀର ଧାରୀ ଓ ବିଗ୍ରହବନ୍ତ ହେଣୁ ସସୀମ, ସାନ୍ତ, ଉପାଧିଯୁକ୍ତ ଓ ଅଚିର ଅଟନ୍ତି । ସେମାନଙ୍କର ଶରୀର ଚିନ୍ମୟ ହେଲେ ମଧ୍ୟ ଆବିର୍ଭାବ ଓ ତିରୋଭାବ ଦେଖାଯାଏ । କିନ୍ତୁ ନୀଳାଦ୍ରିନାଥ ଶ୍ରୀ ଜଗନ୍ନାଥ ନିରାକାର, ନିର୍ବିକଳ୍ପ ଓ ନିତ୍ୟ ସନାତନ । ସେ ବିଭିନ୍ନ ଲୀଳା ବିଳାସପାଇଁ ରାମ, କୃଷ୍ଣ ଓ ବାମନାଦି ବିଭିନ୍ନ ରୂପରେ ପ୍ରତିଭାତ ହୁଅନ୍ତି । ଏକ ଅଗ୍ନି ଶିଖାରୁ ଶତ ସହସ୍ର ସ୍ଫୁଲିଙ୍ଗ ବିଚ୍ଛୁରିତ ହେବାପରି ଏକ ନିର୍ଗୁଣ ବ୍ରହ୍ମ ଶ୍ରୀ ଜଗନ୍ନାଥଙ୍କଠାରୁ ସମସ୍ତ ସଗୁଣବାଦର ସୃଷ୍ଟି । ତେବେ ପାଠକ ! ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣ ଏକ ଓ ଅଭିନ୍ନ ! ସମୁଦ୍ରସ୍ଥିତ ଲବଣ ଜଳ ଓ ପାତ୍ରସ୍ଥିତ ସମୁଦ୍ର ଜଳ; ଅଗ୍ନି ଓ ସ୍ଫୁଲିଙ୍ଗ ମୂଳତଃ ଏକ ଓ ଅଭିନ୍ନ । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପୁରୁଷୋତ୍ତମ ଯୋଗର ତାତ୍ତ୍ୱିକ ବିଶ୍ଳେଷଣ କରି ଉପଦେଶ ଦେଇଛନ୍ତି -

"ଯସ୍ମାତ୍ କ୍ଷରମତୀତୋଽହ, ମକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେଚ, ପ୍ରଥିତଃ ପୁରୁଷୋତ୍ତମଃ ॥"

(ଗୀତା)

"ମୁଁ କ୍ଷର ଅର୍ଥାତ୍ ଚେତନାଚେତନାତ୍ମକ ଜଗତର ଅତୀତ ଏବଂ ଅକ୍ଷର ଅର୍ଥାତ୍ ନିର୍ବିଶେଷ କୂଟସ୍ଥ ବ୍ରହ୍ମଠାରୁ ଉତ୍ତମ, ପୁରୁଷୋତ୍ତମ । ମୋ ଠାରୁ ପରମତତ୍ତ୍ୱ ଆଉ କିଛି ନାହିଁ ।" ପୁରୁଷୋତ୍ତମ ତତ୍ତ୍ୱରେ ବ୍ରହ୍ମ ତତ୍ତ୍ୱ, ଭଗବତ୍ ତତ୍ତ୍ୱ ଓ ଆତ୍ମତତ୍ତ୍ୱର ସୁମଧୁର ସମାବେଶ ହୋଇଛି ।

"ବ୍ରହ୍ମେତି ପରମାତ୍ମେତି ଭଗବାନିତି ଶବ୍ଦ୍ୟତେ "

(ଶ୍ରୀମଦ୍ ଭାଗବତ)

ବ୍ରହ୍ମ, ପରମାତ୍ମା ଓ ଭଗବାନ ନାମ ଭିନ୍ନ ହେଲେ ମଧ୍ୟ ତତ୍ତ୍ୱତଃ ଏକ ଓ ଅଭିନ୍ନ । ଶ୍ରୀଜଗନ୍ନାଥ ଏକାଧାରରେ ନିର୍ଗୁଣ ବ୍ରହ୍ମ ଓ ସଗୁଣ ବିଶ୍ୱରୂପ ଏବଂ ଜୀବ ଜଗତର ହୃଦସ୍ଥିତ ପରମାତ୍ମା । ଉତ୍ପ୍ରେକ୍ଷାରେ ସଂକୀର୍ତ୍ତନାଚାର୍ଯ୍ୟ ବାସୁଦେବ ଦାସଙ୍କ କତିପୟ ଉକ୍ତି ପଦାବଳୀ ମୋର ମନେ ପଡ଼େ ।


"ବାସୁଦେବ ଦାସ କହେ ତୋଳି ଦେନି ହାତ ।
ଯେଉ ଗୋରା ସେଇ କୃଷ୍ଣ ସେଇ ଜଗନ୍ନାଥ ।"

ପାଠକ ! ତେବେ ଜଗନ୍ନାଥ ମହାପ୍ରଭୁଙ୍କର ଦାରୁ ବିଗ୍ରହ ସମ୍ବନ୍ଧରେ ବହୁ କିମ୍ବଦନ୍ତୀ ଶୁଣାଯାଏ । ଉତ୍କଳୀୟ ବ୍ୟାସ ଶାରଳା ଦାସଙ୍କ ଦ୍ୱାରା ପ୍ରଭାବିତ ହୋଇ କେତେକ କହିଥାଆନ୍ତି–ଜରାଶବର ଶରରେ ଶ୍ରୀକୃଷ୍ଣଙ୍କ ମହାପ୍ରୟାଣ ହେଲା ଓ ତାଙ୍କ ମୃତ ଶରୀରକୁ ଦାହ କରାଗଲା । ମାତ୍ର ନାଭିମଣ୍ଡଳ ଅଗ୍ନିରେ ଦଗ୍ଧ ନ ହେବାରୁ ସମୁଦ୍ରରେ ଭସାଇ ଦିଆଗଲା ଓ ତାହା କାଳାନ୍ତରେ ଶ୍ରୀକ୍ଷେତ୍ର ଉପକୂଳରେ ଦାରୁ ରୂପେ ଲାଗିଲା, ଯେଉଁଥିରୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହର ଉତ୍ପତ୍ତି । କିନ୍ତୁ ଏହା ସଂପୂର୍ଣ୍ଣ ଭ୍ରମାତ୍ମକ କାରଣ ଅବତାର ପୁରୁଷମାନଙ୍କର ଶରୀର ଚିନ୍ମୟ । ସୁତରାଂ ଭଗବାନ ଶ୍ରୀକୃଷ୍ଣ ସ୍ୱ ଶରୀର ଦେହରେ ତାଙ୍କର ଦିବ୍ୟ ଧାମକୁ ଯିବାବେଳେ ତାଙ୍କର ଗତି ଦେବତା ମଧ୍ୟ ଲକ୍ଷ୍ୟ କରି ପାରିନଥିଲେ ।

"ଦେବାଦୟଃ ବ୍ରହ୍ମମୁଖ୍ୟାଃ ନ ବିଶନ୍ତଂ ସ୍ୱ ଧାମନି
ଅବିଜ୍ଞାତ ଗତିଂ କୃଷ୍ଣଂ ଦଦୃଶୁ ଶ୍ଚାତି ବିସ୍ମିତାଃ ।"

(ଶ୍ରୀମଦ୍‌ଭାଗବତ)

ଭଗବାନଙ୍କର ଜନ୍ମ ଓ କର୍ମ ଦିବ୍ୟାତି ଦିବ୍ୟ । ସେ ଯୋଗମାୟାଶ୍ରିତ ହୋଇ ବିଭିନ୍ନ ରୂପ ଧାରଣ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଲୀଳା ସଂପାଦନ କରିଥାଆନ୍ତି । ଭକ୍ତ ବ୍ୟତିରେକ ଅନ୍ୟ କେହି ଜାଣି ପାରନ୍ତି ନାହିଁ ।



"ଯୋଗିନଃ ହି ସ୍ୱଛନ୍ଦ ମୃତ୍ୟବଃ, ସ୍ୱାଂ ତନୁ ମାଗ୍ନେଯ୍ୟା ଯୋଗ ଧାରଣୟା ଦଗ୍‌ଧ୍ୱା ଲୋକାନ୍ତରଂ ପ୍ରବିଶନ୍ତି । ଭଗବାନ ତୁ ନ ତଥା, କିନ୍ତୁ ଅଦଗ୍‌ଧ୍ୱୈବ । ସ୍ୱତନୁ ସହିତଂ ସ୍ୱକଂ ଧାମଂ ବୈକୁଣ୍ଠାଖ୍ୟଂ ଆବିଶତ୍ ।" (ଶ୍ରୀଧର ସ୍ୱାମୀ)

ସୌଦାମିନୀ ଯେପରି ମେଘମାଳା ତ୍ୟାଗ ପୂର୍ବକ ଆକାଶ ମାର୍ଗରେ ପ୍ରବେଶ କରେ ଓ ମନୁଷ୍ୟ ତା'ର ଗତି ଦର୍ଶନ କରିବାରେ ଅସମର୍ଥ ସେହିପରି ଭଗବାନ ଶ୍ରୀକୃଷ୍ଣ ଧରାଧାମ ତ୍ୟାଗ କରି ଯିବାବେଳେ ଦେବ ମାନବ କେହି ତାଙ୍କର ଗତି ଲକ୍ଷ୍ୟ କରି ପାରିଲେ ନାହିଁ । "ଯେବଣ ପଥେ କୃଷ୍ଣ ଗଲେ । ଦେବେ ତା ଜାଣି ନ ପାରିଲେ ।"

"ସୌଦାମନ୍ୟା ଯଥାକାଶେ ଯାନ୍ତ୍ୟା ହିତ୍ୱାଭ୍ରମଣ୍ଡଳମ୍
ଗତିର୍ନ ଲକ୍ଷ୍ୟତେ ମର୍ତ୍ତ୍ୟୈସ୍ତଥା କୃଷ୍ଣସ୍ୟ ଦୈବତୈଃ ।"

(ଶ୍ରୀମଦ୍ ଭାଗବତ)

ତେଣୁ ଶ୍ରୀକୃଷ୍ଣଙ୍କ ଅଦଗ୍‌ଧ ନାଭିମଣ୍ଡଳକୁ ଶ୍ରୀଜଗନ୍ନାଥଙ୍କର ବିଗ୍ରହର ଉତ୍ପତ୍ତି ସଂପୂର୍ଣ୍ଣ ଭ୍ରମାତ୍ମକ ଓ କପୋଳକଳ୍ପିତ ।

ପାଠକ ! ଅନ୍ୟ ଦିଗରୁ ବିଚାର କଲେ ଋଗ୍‌ବେଦ (୮।୭୪।୧୫)ର ମନ୍ତ୍ର ଦ୍ରଷ୍ଟା ଋଷି ଉକ୍ତ ବେଦର ଅଷ୍ଟମ ମଣ୍ଡଳର ତୃତୀୟ ଓ ଚତୁର୍ଥ ମନ୍ତ୍ରର ପ୍ରଥମ ପାଦରେ ନିଜକୁ କୃଷ୍ଣ ବୋଲି ଆଖ୍ୟାୟିତ କରିଛନ୍ତି । ପୁଣି କେତେକ କୃଷ୍ଣକୁ ଅଙ୍ଗିରସ ବା ଅଙ୍ଗିରସଙ୍କ ସନ୍ତାନ ରୂପେ ଗ୍ରହଣ କରିଛନ୍ତି । ଛାନ୍ଦୋଗ୍ୟ ଉପନିଷଦରେ ଦେବକୀ ପୁତ୍ର କୃଷ୍ଣକୁ ଅଙ୍ଗିରସ ଋଷି ଯଜ୍ଞ ଦର୍ଶନ ସମ୍ବନ୍ଧୀୟ ଉପଦେଶ ପ୍ରଦାନ କରିଥିବାର ଜଣାଯାଏ । ଯଦି କୃଷ୍ଣ ଓ ଅଙ୍ଗିରସ ଏକ ଓ ଅଭିନ୍ନ ଅଟନ୍ତି ତେବେ କୃଷ୍ଣ ନାମଧେୟ ଋଷିଙ୍କ ପରଂପରା ଋଗ୍‌ବେଦରୁ ଆରମ୍ଭକରି ଛାନ୍ଦୋଗ୍ୟ ଉପନିଷଦ ପର୍ଯ୍ୟନ୍ତ ଚାଲି ଆସୁଥିଲା ବୋଲି ଧରିନେବାକୁ ହେବ । ପରବର୍ତ୍ତୀ ସମୟରେ ବାସୁଦେବଙ୍କୁ ଋଷି କୃଷ୍ଣଙ୍କ ସହ ମିଶାଇ ଦିଆଯାଉଛି ।

ପାଣିନୀଙ୍କ ବ୍ୟାକରଣରେ ବାସୁଦେବଙ୍କ ନାମ ଦ୍ରଷ୍ଟବ୍ୟ । ପାଣିନୀଙ୍କ ପୂର୍ବରୁ ବାସୁଦେବ ଧର୍ମର ପ୍ରସାର ଥିବା ସହଜରେ ଅନୁମେୟ । ପାଣିନୀଙ୍କ ପୂର୍ବବର୍ତ୍ତୀ ବୋଧାୟନ ତାଙ୍କ ଗୃହ୍ୟ ସୂତ୍ରରେ 'ଭଗବତେ ମହାଦେବାୟ,' 'ଭଗବାନ ମହା ବିଷ୍ଣବେ ନମଃ' ଓ ବାସୁଦେବାୟ ସ୍ୱାହା' ମନ୍ତ୍ରର ପ୍ରଚଳନ ଦୃଷ୍ଟି ଗୋଚର ହୁଏ । ଇଂରେଜ ବିଦ୍ୱାନମାନେ ପାଣିନୀଙ୍କ ସମୟ ୪ର୍ଥ ଶତାବ୍ଦୀ ନିରୂପଣ କରିବା ସମୟରେ ଭାରତୀୟ ଓ ଜର୍ମାନ ମନୀଷୀମାନେ ଖ୍ରୀଷ୍ଟପୂର୍ବ ପଞ୍ଚଶତ ଶତାବ୍ଦୀରୁ ଷଷ୍ଠ ବା ସପ୍ତମ ଶତାବ୍ଦୀ ନିରୂପଣ କରିଛନ୍ତି । ଜର୍ମାନ ପଣ୍ଡିତ ବୁହ୍ଲର (ବୁହ୍ଲର )ଙ୍କ ମତରେ ଜୈନ ଧର୍ମର ଆବିର୍ଭାବ ପୂର୍ବରୁ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର ବହୁ ପୂର୍ବେ ନାରାୟଣ ଓ ଦେବକୀ ପୁତ୍ର ଶ୍ରୀକୃଷ୍ଣଙ୍କ ଉପାସନା ପ୍ରଚଳନ ଥିଲା ।

ସୁପ୍ରସିଦ୍ଧ ଐତିହାସିକ ମେଗାସ୍ଥିନିସ୍‌ଙ୍କ ଭାରତ ବିବରଣୀରୁ ଜଣାଯାଏ ଯେ, ଯମୁନା ତୀରବର୍ତ୍ତୀ ମଥୁରାରେ ବାସୁଦେବ କୃଷ୍ଣଙ୍କର ପୂଜା ପ୍ରଚଳନ ଥିଲା । ତେଣୁ କୃଷ୍ଣ ପୂଜକ ମୌର୍ଯ୍ୟ ରାଜବଂଶ ଠାରୁ ପ୍ରାଚୀନ । ଐତିହାସିକ ପ୍ରଭାତ ମୁଖାର୍ଜୀଙ୍କ ମତରେ "ଗୁପ୍ତବଂଶୀ ରାଜାମାନଙ୍କ ରାଜତ୍ୱ କାଳରେ ଅର୍ଥାତ୍ ଖ୍ରୀଷ୍ଟୀୟ ପଞ୍ଚ ଶତାବ୍ଦୀରେ ବାସୁଦେବ ଧର୍ମ ଅର୍ଥାତ୍ ଭାଗବତ ଧର୍ମ ଯାହାକି ପରବର୍ତ୍ତୀ କାଳରେ ବୈଷ୍ଣବଧର୍ମ ନାମରେ ଅଭିହିତ ହେଲା, ଭାରତରେ ବହୁଳ ଭାବେ ପ୍ରସିଦ୍ଧି ଲାଭ କରିଥିଲା । ସେତେବେଳେ ବାସୁଦେବ ଓ ସଂକର୍ଷଣ, ଜଗନ୍ନାଥ ଓ ବଳରାମ ନାମରେ ଓଡ଼ିଶାରେ ପୂଜା ପାଇବାକୁ ଲାଗିଲେ ।"

ଶ୍ରୀରାମକୃଷ୍ଣ ଗୋପାଳ ଭଣ୍ଡାରକରଙ୍କ ମତରେ ଉପନିଷଦର ଅବଲମ୍ବନରେ ପୂର୍ବଭାରତରେ ଜୈନ୍ୟ ଓ ବୌଦ୍ଧ ଧର୍ମର ସୂତ୍ରପାତ ହେଲାପରି ପଶ୍ଚିମ ଭାରତରେ କୃଷ୍ଣ ବାସୁଦେବଙ୍କ ପୂଜା ଭାଗବତ ଧର୍ମରେ ରୂପାନ୍ତରିତ ହେଲା ।

ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ "ଶୂର୍ ଶମ୍ଭବ ବୃଷ୍ଣି ବା ଯାଦବ ବଂଶର କୃଷ୍ଣ ହେଉଛନ୍ତି 'ବାସୁଦେବ',! ବାସୁଦେବ ଧର୍ମ ପାଣିନୀଙ୍କ କାଳରୁ ପ୍ରଚଳିତ ହୋଇଥିଲା ! ଏହା ବୈଷ୍ଣବ ଧର୍ମର ଆଦିକାଳ । ଶ୍ରୀମଦ୍ ଭଗବଦ୍

ଗୀତା ଲେଖା ହେଲାବେଳକୁ ଏହି କୃଷ୍ଣ, ବିଷ୍ଣୁ, ଈଶ୍ୱର, ପୁରୁଷୋତ୍ତମ ସମସ୍ତେ ଏକ ହୋଇଯାଇଥିଲେ ।" ସପ୍ତମ ଶତାବ୍ଦୀର ବାଣଭଟ୍ଟ ତାଙ୍କ ହର୍ଷ ଚରିତରେ ପାଞ୍ଚରାତ୍ର ଓ ଭାଗବତ ଧର୍ମର ଉଲ୍ଲେଖ କରିଛନ୍ତି । ଏଣୁ ଖ୍ରୀଷ୍ଟୀୟ ଷଷ୍ଠ ବା ସପ୍ତମ ଶତାବ୍ଦୀ ବେଳକୁ ସାରା ଭାରତରେ ବୈଷ୍ଣବ ଧର୍ମ ବିସ୍ତାର ଲାଭ କରିଥିଲା, ଏଥିରେ ସନ୍ଦେହ ନାହିଁ ।

ପାଠକ ! ତେବେ ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରାଚୀନତା ବିଚାର୍ଯ୍ୟ । ଡକ୍ଟର ହରେକୃଷ୍ଣ ମହତାବଙ୍କ ମତରେ "ଖ୍ରୀଷ୍ଟ ପୂର୍ବ ଦ୍ୱିତୀୟ ଶତାବ୍ଦୀ (ଖାରବେଳ ସମୟ) ବେଳକୁ ଗୋପାଳକୃଷ୍ଣ ରଙ୍ଗମଞ୍ଚକୁ ଆସି ନ ଥିଲେ ଏବଂ କୃଷ୍ଣ ବାସୁଦେବ ମଧ୍ୟ ପୂର୍ବ ଭାରତ ଓ ଦକ୍ଷିଣ ଭାରତରେ ପୂଜିତ ହୋଇ ନ ଥିଲେ ।" (ଓଡ଼ିଶା ଇତିହାସ) ନବମ ଶତାବ୍ଦୀରେ ଓଡ଼ିଶାରେ ବୈଷ୍ଣବ ଧର୍ମ ପ୍ରଚଳନ ଥିବା ଡକ୍ଟର ମହତାବ ଉଲ୍ଲେଖ କରିଛନ୍ତି । ବାସୁଦେବଙ୍କ ଉପାସନା ସହ ରାଧା, ରୁକ୍ମିଣୀ, ସତ୍ୟଭାମା ଓ ଲକ୍ଷ୍ମୀଙ୍କ ଉପାସନା ପରବର୍ତ୍ତୀ କାଳରେ ପ୍ରଚଳିତ ହୋଇଥିବା ଅନୁମେୟ । ସ୍କନ୍ଦ ପୁରାଣରେ ଜଗନ୍ନାଥ କୃଷ୍ଣ ବାସୁଦେବ ରୂପେ ପରିକଳ୍ପିତ ହେଲେ ମଧ୍ୟ ରାଧାଙ୍କ ପ୍ରସଙ୍ଗ ଆଦୌ ଉତ୍‌ଥାପନ ହୋଇନାହିଁ । ଦ୍ୱାଦଶ ଶତାବ୍ଦୀ ନିମ୍ବାର୍କଙ୍କ ସମୟରେ ଶ୍ରୀରାଧା ପୂଜନ ଜନ୍ମ ଲାଭ କରି ଜୟଦେବ, ବିଦ୍ୟାପତି ଓ ଚଣ୍ଡି ଦାସଙ୍କ ଭକ୍ତି ଗୀତିକାରେ ସ୍ଥାନ ପାଇ ପରବର୍ତ୍ତୀ ସମୟରେ ରାଗାନୁଗା ଭକ୍ତି ପ୍ରବର୍ତ୍ତକ ଶ୍ରୀଚୈତନ୍ୟଙ୍କ ଦ୍ୱାରା ସମୃଦ୍ଧ ଓ ପ୍ରସାରିତ ହୋଇଥିଲା ।

ଶ୍ରୀଚୈତନ୍ୟ ଦେବ ୧୫୧୦ ଖ୍ରୀଷ୍ଟାବ୍ଦରେ, ପ୍ରତାପରୁଦ୍ରଙ୍କ ଶାସନ କାଳରେ ଓଡ଼ିଶାଗମନ କରିଥିଲେ । ଚୈତନ୍ୟଙ୍କ ଓଡ଼ିଶାରେ ଆବିର୍ଭାବର ବହୁ ପୂର୍ବରୁ ବିଶିଷ୍ଟ ଦ୍ୱୈତବାଦୀ ରାମାନୁଜ ୧୧୧୨—୧୧୩୭ ଖ୍ରୀଷ୍ଟାବ୍ଦରେ ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱ ସମୟରେ ଆସିଥିଲେ । ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଶାର ଧର୍ମଜଗତରେ ଚତୁର୍ବିଧ ବୈଷ୍ଣବ ସଂପ୍ରଦାୟ ଶ୍ରୀ (ରାମାନୁଜ), ବ୍ରହ୍ମ (ମାଧ୍ୱାଚାର୍ଯ୍ୟ), ରୁଦ୍ର, (ବିଷ୍ଣୁସ୍ୱାମୀ ବଲ୍ଲଭ) ଓ ସନକ (ନିମ୍ବାକାର୍ଯ୍ୟ) ଇତ୍ୟାଦି ସୁପରିଚିତ ଥିଲେ । ଉତ୍କଳୀୟ ବ୍ୟାସ ଶାରଳା ଦାସଙ୍କ ରଚନାରୁ ବୈଷ୍ଣବ ଧର୍ମର ପ୍ରଶସ୍ତି ସୁସ୍ପଷ୍ଟ ।

"ଶ୍ରୀ ବତ୍ସ ବ୍ରାହ୍ମଣ ଚଡ଼େ ନାଚେକ ମାରଇ ।
ତା ଭକ୍ତିରେ ତୁଷ୍ଟ ତୁହି ହେଲୁ ନନ୍ଦନନ୍ଦା ।।"

(ଶାରଳା ମହାଭାରତ)

ପଶ୍ଚାତରେ ଶ୍ରୀଜଗନ୍ନାଥଙ୍କ ପୂଜାପଦ୍ଧତିର କାଳ ନିରୂପଣ କଲେ ଜଣାଯାଏ ଯେ ଶ୍ରୀଜଗନ୍ନାଥଙ୍କ ପୂଜନ ରାମଚନ୍ଦ୍ରଙ୍କ ଆବିର୍ଭାବର ବହୁ ପୂର୍ବରୁ । ଇକ୍ଷ୍ୱାକୁ ବଂଶର କୁଳଦେବତା ରୂପେ ଜଗନ୍ନାଥ ପୂଜା ପାଉଥିଲେ ।

"ଆରାଧୟ ଜଗନ୍ନାଥ ଇକ୍ଷ୍ୱାକୁ କୁଳ ଦୈବତମ୍ "

(ବାଲ୍ମୀକି ରାମାୟଣ, ଉତ୍ତରା କାଣ୍ଡ) ।

ମହାଭାରତର ବନ ପର୍ବରୁ ଇନ୍ଦ୍ରଦ୍ୟୁମ୍ନଙ୍କର ଅଶ୍ୱମେଧ ଯଜ୍ଞ ସଂପାଦନ, ଅସଂଖ୍ୟ ଗୋଦାନ, ଗୋ ଖୁରାରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ସୃଷ୍ଟି ଓ ପ୍ରାଚୀନ କଳ୍ପ ବିଷୟ ଜଣା ପଡ଼େ । ସ୍କନ୍ଦ ପୁରାଣ ଅନୁସାରେ ଇନ୍ଦ୍ରଦ୍ୟୁମ୍ନ ସତ୍ୟ ଯୁଗର ରାଜା ଓ ସତ୍ୟ ଯୁଗରୁ ଜଗନ୍ନାଥଙ୍କ ପୂଜା ପଦ୍ଧତି ପ୍ରଚଳିତ । ପୁନଶ୍ଚ ଇନ୍ଦ୍ରଦ୍ୟୁମ୍ନଙ୍କ ବହୁ ପୂର୍ବରୁ ଆଦିମ ଶବର ବିଶ୍ୱାବସୁ ନୀଳମାଧବ ବା ଶ୍ରୀଜଗନ୍ନାଥଙ୍କୁ ଉପାସନା କରୁଥିବାର ବର୍ଣ୍ଣନା ହୋଇଛି ।"

"ଶୁଣରେ ଶବରୀ ତୋର ପତ୍ର ପୁଷ୍ପ ଫଳେ,
ମନ ନ ବୁଡ଼ିଲା ଏବେ ଯିବା ନୀଳାଚଳେ ।"

ଋକ୍‌ବେଦର ତୈତ୍ତରୀୟ ଶ୍ରୁତି "ଆଦୌ ଯଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍ । ତଦାଲଭସ୍ୱ ଦୁର୍ହଣୋ ତେନ ଯାହି ପରଂସ୍ଥଳମ୍ ।।" ଓ ଅଥର୍ବ ବେଦର "ଆଦୌ ଯଦ୍ଦାରୁ ପ୍ଲବତେ ସିନ୍ଧୋଃମିଧ୍ୟେଅପୁରୁଷମ୍ ତଦାଲଭସ୍ୱ ଦୁର୍ହଣୋ ତେନ ଯାହି ପରଂସ୍ଥଳମ୍ ।।" ଶ୍ଳୋକରୁ ବୈଦିକ ଯୁଗରେ ଦାରୁ ବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଉପାସନାର ପ୍ରଶସ୍ତି ମିଳିଥାଏ । ଶ୍ରୀଜଗନ୍ନାଥ ବିଷ୍ଣୁ, ରାମ ବା କୃଷ୍ଣ ନୁହନ୍ତି ସେ ହେଉଛନ୍ତି ଅଲେଖ, ଅରୂପ, ନିରାକାର, ନିରଞ୍ଜନ ବ୍ରହ୍ମ । ଆଚାର୍ଯ୍ୟ ରାମାନୁଜ ବିଷ୍ଣୁ ରୂପରେ, ସନ୍ଥ ତୁଳସୀ ଓ ରାମାନନ୍ଦ ଶ୍ରୀରାମ ରୂପରେ ଓ ଶ୍ରୀଚୈତନ୍ୟ ଶ୍ରୀକୃଷ୍ଣ ରୂପରେ ତାଙ୍କୁ ଦର୍ଶନ କରିବା ସଙ୍ଗେ ସଙ୍ଗେ ନିଜ ନିଜର ମତବାଦକୁ ଆରୋପ କରିଛନ୍ତି । ତେଣୁ ନିର୍ଗୁଣ, ନିରୁପାଧିକ, ଅବ୍ୟକ୍ତ, ଅନନ୍ତ ଓ ଅରୂପ ବ୍ରହ୍ମ ଜଗନ୍ନାଥ ସଗୁଣ, ଉପାଧିଧାରୀ, ବ୍ୟକ୍ତ, ସସୀମ ଓ ରୂପବନ୍ତ ହୋଇ ଉଠିଛନ୍ତି । ତେଣୁ ସର୍ବଧର୍ମ ଓ ସର୍ବବାଦ ସମନ୍ୱୟରେ ଏକ ସ୍ୱତନ୍ତ୍ର ଗଣଧର୍ମ ଓ ଗଣବାଦର ସୃଷ୍ଟି ହୋଇଛି । ଡକ୍ଟର ମହତାବଙ୍କ ଭାଷାରେ "ବୌଦ୍ଧ ମହାଯାନର ଶୂନ୍ୟବାଦ, ବଜ୍ରଯାନ, ସହଜଯାନ, ସିଦ୍ଧାଚାର୍ଯ୍ୟ ଓ ନାଥଗୁରୁମାନଙ୍କ ପ୍ରଭାବ ସର୍ବୋପରି ଦ୍ୱାଦଶ ଶତାବ୍ଦୀର ପ୍ରଥମ ଭାଗରୁ ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ କ୍ରମାଗତ ବୈଷ୍ଣବ ଧର୍ମର ପ୍ରଭାବ ଏସବୁ ଜଗନ୍ନାଥଙ୍କୁ କେନ୍ଦ୍ରକରି ପରସ୍ପର ମିଶିଯାଇ ଓଡ଼ିଶାରେ ଏକ ସ୍ୱତନ୍ତ୍ର ଗଣଧର୍ମ ସୃଷ୍ଟି କରିଥିଲା ।"

(ଓଡ଼ିଶା ଇତିହାସ)

ବାସ୍ତବିକ ଜଗନ୍ନାଥ ସଂସ୍କୃତି ବା ଧର୍ମ ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ, ସୌର, ଜୈନ, ବୌଦ୍ଧ ସମସ୍ତ ମତବାଦର ମିଳନସ୍ଥଳୀ । ପଣ୍ଡିତ ନୀଳକଣ୍ଠ ଦାଶଙ୍କ ମନ୍ତବ୍ୟ ଯଥାର୍ଥ "ସେ କୌଣସି ସ୍ଥାନ ବା ବ୍ୟକ୍ତିର ନାଥ ନୁହଁନ୍ତି । ସେ ରାମନାଥ ନୁହଁନ୍ତି, ଦ୍ୱାରକାନାଥ ନୁହଁନ୍ତି, ବଦ୍ରୀନାଥ ନୁହଁନ୍ତି । ପୁରିଧାମର ଶ୍ରେଷ୍ଠଧାମ ଜଗତର ନାଥ ସେ ଜଗନ୍ନାଥ । **ସେଇ ଏକା ନିର୍ମାଣ ସାଧନାର ଭୌତିକ ସଂକେତ,** ଯେତେ ଧର୍ମାଚାର୍ଯ୍ୟ ବା ଧର୍ମ ଧ୍ୱଜୀ ଏଠାକୁ ଆସିଛନ୍ତି ସମସ୍ତଙ୍କ ଧର୍ମ ସ୍ରୋତରେ ଜଗନ୍ନାଥ ସଂସ୍କୃତି, ଆତ୍ମ ପ୍ରତିଷ୍ଠ, ଉଦ୍ଭବ, ବୃଦ୍ଧିବନ୍ତ ଓ ମହିମାନ୍ୱିତ ।

ପାଠକ ବର୍ତ୍ତମାନ ଶ୍ରୀମନ୍ଦିରର ବିଭିନ୍ନ ପର୍ବପର୍ବାଣିରେ ଶ୍ରୀଜଗନ୍ନାଥ ତଥା ଶ୍ରୀକୃଷ୍ଣଙ୍କ ଭୂମିକା ବିମୃଶ୍ୟ ।

(୧) ରଥଯାତ୍ରା : ରଥଯାତ୍ରାର ପ୍ରାରମ୍ଭରେ ସ୍ୱସ୍ତି-ବାଚନ ପୂର୍ବକ "**ଆଷାଢ଼ ମାସି ଶୁକ୍ଳ ପକ୍ଷେ ଦ୍ୱିତୀୟାୟାଂ ତିଥୌ ଅମୁକଗୋତ୍ରଃ ଶ୍ରୀ ଅମୁକଦେବଶର୍ମା ବିଷ୍ଣୁଲୋକ ଗମନ କାମଃ ପ୍ରଣପତ୍ୟାଦି ନାନା ଦେବତା ପୂଜା ପୂର୍ବକଃ ଶ୍ରୀକୃଷ୍ଣ ରଥୋତ୍ସବ ଯାତ୍ରାମହଂ କରିଷ୍ୟେ ।" ଇତ୍ୟାଦି ମନ୍ତ୍ର ପାଠ କରାଯାଇଥାଏ ଓ ମାନସୋପଚାର ପୂଜାରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣରୂପେ ଧ୍ୟାନ କରିବାକୁ ହୁଏ ।

"ଓଁ ପୀନାଙ୍ଗ ଦ୍ୱିଭୁଜଂ କୃଷ୍ଣଂ ପଦ୍ମପତ୍ରାୟତେକ୍ଷଣମ୍ ।
ମହୋରସଂ ମହାବାହୁଂ ପୀତବସ୍ତ୍ରଂ ଶୁଭାନନେ ॥
ଶଂଖଚକ୍ର ଗଦାପଦ୍ମଂ ମୁକୁଟାଙ୍ଗଦଭୂଷଣମ୍ ।
ସର୍ବଲକ୍ଷଣ ସଂଯୁକ୍ତଂ ବନମାଳା ବିଭୂଷିତଂ ॥"

ସେହିପରି ବଳଭଦ୍ରଙ୍କୁ ରୋହିଣୀପୁତ୍ର ବଳରାମରୂପେ ଧ୍ୟାନ କରିବାକୁ ହୋଇଥାଏ । ପୁନଶ୍ଚ ହୋମପରେ ଶ୍ରୀ ଜଗନ୍ନାଥଙ୍କୁ ଶ୍ରୀକୃଷ୍ଣଙ୍କ ରୂପରେ ସ୍ତବ କରାଯାଏ ।

"ଜୟ କୃଷ୍ଣ ଜଗନ୍ନାଥ ଜୟ ସର୍ବାଘନାଶନ ।
ଜୟ ଶେଷ ଜଗଦ୍‌ବନ୍ଦ୍ୟ ପାଦାମ୍ଭୋଜ ନମୋସ୍ତୁତେ ॥"

ରଥଯାତ୍ରା ସମୟରେ ବଡ଼ଠାକୁରଙ୍କ ରଥରେ ବଳଭଦ୍ରଙ୍କ ସହ ରାମ ଓ କୃଷ୍ଣ ଯାତ୍ରା କରନ୍ତି ଓ ଶ୍ରୀଜଗନ୍ନାଥଙ୍କ ରଥରେ ମଦନମୋହନ । ପୁଣି ଶ୍ରୀଜଗନ୍ନାଥଙ୍କ ରଥ ନାମ ନନ୍ଦିଘୋଷ ଓ ବଳଭଦ୍ରଙ୍କ ରଥନାମ ତାଳଧ୍ୱଜ ଯାହାକି ଶ୍ରୀକୃଷ୍ଣ ଓ ବଳରାମଙ୍କ ରଥ ରୂପେ ପୁରାଣ ବର୍ଣ୍ଣିତ । ପୁନଶ୍ଚ ଗୁଣ୍ଡିଚା ମନ୍ଦିରରେ ସପ୍ତମୀ, ଅଷ୍ଟମୀ ଓ ନବମୀ ଦିନ ରାସୋତ୍ସବ ପାଳନ କରାଯାଏ । ଏଥିରୁ ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଅଭିନ୍ନତ୍ୱ ପ୍ରକାଶ ପାଇଥାଏ ।

(୨) ଚନ୍ଦନଯାତ୍ରା : ଚନ୍ଦନଯାତ୍ରା ଉତ୍ସବପାଇଁ ରାମ, କୃଷ୍ଣ, ମଦନମୋହନ ଶ୍ରୀଜଗନ୍ନାଥଙ୍କ ରତ୍ନ ସିଂହାସନରେ ବିଜେ ହୁଅନ୍ତି ଓ ନୀଳାଦ୍ରିନାଥଙ୍କ ହସ୍ତରୁ ଆଜ୍ଞାମାଳ ପାଇବାପରେ ମଦନମୋହନ (ଶ୍ରୀକୃଷ୍ଣ), ଲକ୍ଷ୍ମୀ (ରୁକ୍ମିଣୀ) ଓ ଭୂଦେବୀ (ସତ୍ୟଭାମା) ମଣିବମାନରେ ରାମକୃଷ୍ଣ ପାଲିଙ୍କିରେ ଓ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ (ପଞ୍ଚ ପାଣ୍ଡବ) କପାଳମୋଚନ, ଯମେଶ୍ୱର, ଲୋକନାଥ, ନୀଳକଣ୍ଠ ଓ ମାର୍କଣ୍ଡେୟ ବିମାନରେ ଘଣ୍ଟ, ଛତା ଓ କାହାଳି ସହ ନରେନ୍ଦ୍ର ସରୋବରକୁ ଗତି କରନ୍ତି । ଉକ୍ତ ଉତ୍ସବ ଅକ୍ଷୟ ତୃତୀୟା ଅର୍ଥାତ୍ ବୈଶାଖ ଶୁକ୍ଳ ତୃତୀୟାଠାରୁ ୨୧ ଦିନ ହୋଇଥାଏ । ପରବର୍ତ୍ତୀ ୨୧ ଦିନ ଶ୍ରୀମନ୍ଦିରରେ ପାଳନ କରାଯାଏ ଯାହାକି ଭିତର ଚନ୍ଦନ ନାମରେ ପ୍ରସିଦ୍ଧ ।

ଉକ୍ତ ଦିନ ରଥକାର୍ଯ୍ୟ ଆରମ୍ଭ ହୁଏ ଓ ରଥ ନିର୍ମାଣ ପାଇଁ ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରାଙ୍କୁ ପ୍ରାର୍ଥନା କରା-ଯାଇଥାଏ; ବଳଭଦ୍ରଙ୍କୁ ବଳରାମରୂପେ ଓ ଜଗନ୍ନାଥଙ୍କୁ ଶ୍ରୀକୃଷ୍ଣରୂପେ ।

"ବଳଭଦ୍ରଂ ନମସ୍କୁର୍ଯ୍ୟାଂ ନମସ୍ତେ ଖଡ୍ଗଲାଙ୍ଗଳାୟୁଧ ।
ଆଜ୍ଞାପୟ ପ୍ରଜନ୍ମାରେ ରଥ ନିର୍ମାଣ ହେତବେ ॥
ନନ୍ଦୀଘୋଷ ରଥାରୂଢ଼ ଚକ୍ରାୟୁଧ ନମୋସ୍ତୁତେ ।
ନୀଳାଚଳପତେ ଦେବ ନିତ୍ୟଂ ତୁର୍ଯ୍ୟଂ ନମୋ ନମଃ ॥
ଆଜ୍ଞାପୟ ଜଗନ୍ନାଥ ଜଗଦାନନ୍ଦ ବର୍ଦ୍ଧନ ।
ରଥସ୍ୟ ନିର୍ମିତଂ କର୍ତ୍ତୁଂ ଜଗତ୍ ପାବନ ହେତବେ ॥
ଭଦ୍ରେ ଦେବୀ ଜଗଦ୍ଧାତ୍ରି ସୃଷ୍ଟି ସ୍ଥିତି ଲୟାତ୍ମକେ ।
ଆଜ୍ଞାପୟ ସୁରେଶାନି ନିର୍ମାଣାର୍ଥଂ ରଥସ୍ୟ ବୈ ॥"

(ନୀଳାଦ୍ରି ମହୋଦୟ)

(୩) ଶ୍ରୀକୃଷ୍ଣ ଜନ୍ମୋତ୍ସବ : ଭାଦ୍ରବ କୃଷ୍ଣପକ୍ଷ ସପ୍ତମୀଦିନ ସନ୍ଧ୍ୟାଧୂପ ପୂଜାପରେ ଭିତରେ ପାଣି ପଡ଼ି ଧୋ ପଖାଳ ହୁଏ ଓ ଜୟ ବିଜୟ ଦ୍ୱାର ବନ୍ଦ ହୁଏ । ଟେରା ବନ୍ଧା ହୋଇ ଅଣସର ପିଣ୍ଡିରେ ମାତା ଦେବକୀଙ୍କ ପ୍ରୀତ୍ୟର୍ଥେ ଶ୍ରୀଜଗନ୍ନାଥଙ୍କୁ ଯେଉଁଡ଼ ଭୋଗ (ପିଠା, ଛେଳି, ଓରିଆ, ଖିରି, ଶାଗ ଓ ତରକାରୀ) କରାଯାଏ ।

"ଦେବକୀ ସାନ୍ତ୍ୱନାର୍ଥାୟ ଜଗଦୀଶଂ ପୁନର୍ଯ୍ୟଜେତ୍ ।
ନାନା ବ୍ୟଞ୍ଜନ ସଂଯୁକ୍ତଂ ନାନା ରୂପ ସମନ୍ୱିତଂ ॥"

ଭାଦ୍ରବ କୃଷ୍ଣ ପକ୍ଷ ଅଷ୍ଟମୀ ଦିନ ପଣ୍ଡା ପଞ୍ଚ ମୁହୂର୍ତ୍ତରେ ଭଦ୍ରମଣ୍ଡଳ ଭିତରେ କାଠ ସମ୍ମୁଖରେ ଲେଖନ୍ତି । ପଣ୍ଡା, ପତି ଓ ମୁଦିରସ୍ତ ଜନ୍ମ ଚକଡ଼ାରେ ବସି ସଂକଳ୍ପ ବାକ୍ୟ ପାଠ କରନ୍ତି । ଚିତ୍ରକାର ପ୍ରଦତ୍ତ ଶ୍ରୀ କୃଷ୍ଣ ଜନ୍ମ ପଟଚିତ୍ର ରୌପ୍ୟ ପଦ୍ମ ପାଖୁଡ଼ା ମଣ୍ଡଳ ଉପରେ ରଖାଯାଏ । ପାଖୁଡ଼ାରେ ୯ ଟି ଚିତ୍ର ଅଙ୍କିତ ହୋଇଥାଏ ଯଥା ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ଲକ୍ଷ୍ମୀ, ଉଗ୍ରସେନ, ବଳଭଦ୍ର, ଗର୍ଗ ଋଷି ଓ ଶ୍ରୀକୃଷ୍ଣ । ସ୍ୱର୍ଣ୍ଣର ଶ୍ରୀକୃଷ୍ଣ ମୂର୍ତ୍ତି ମଣ୍ଡଳ ଉପରେ ରଖାଯାଏ । ପଣ୍ଡି ଭୋଗ, ଫୁଲମାଳ ଓ ଚନ୍ଦନ ଲାଗି ହୋଇ ପଞ୍ଚୋପଚାରରେ ପୂଜା କରାଯାଏ । ମଦନମୋହନଙ୍କୁ ଦକ୍ଷିଣ ଗୃହରୁ ଆଣି ଶ୍ରୀଜଗନ୍ନାଥଙ୍କ ରତ୍ନ ସିଂହାସନରେ ବିଜେ କରାଯାଏ ଓ ମହାପ୍ରଭୁଙ୍କ ଶ୍ରୀ ଅଂଗରୁ ଆଜ୍ଞାମାଳ ପାଇ ମଦନମୋହନ ଜନ୍ମ ଚକଡ଼ାରେ ବିଜେ ହୁଅନ୍ତି ।

"ଜଗନ୍ନାଥ ନମସ୍ତେଽସ୍ତୁ ଜଗତାଂ ପତୟେ ନମଃ ।
ନାରାୟଣ ଜଗଦ୍ଧାମ ଶ୍ୟାମସୁନ୍ଦର ରମାପତେ ॥
ଦୀନବନ୍ଧୋ କୃପାସିନ୍ଧୋ ଧର୍ମପାଳନ ତତ୍ପର ।
ଦାନବାନାଂ ବିନାଶାୟ ରକ୍ଷଣାୟ ସତାଂ ପୁନଃ ॥
ଭୋଇବତ୍ସନ୍ତି ମତ୍ସ୍ୟାଦ୍ୟା ଅବତାରା ସ୍ତବାଜ୍ଞୟା ।
ଇଦାନୀଂ କୃଷ୍ଣଚନ୍ଦ୍ରସ୍ୟ ଜନ୍ମନେ ପଟ୍ଟସେଚନେ ॥
ଆଜ୍ଞାହୃତ୍ତ ମହାବାହୋ ଦାରୁବ୍ରହ୍ମ ନମୋସ୍ତୁତେ ।
ଇତ୍ୟୁକ୍ତ୍ୱା ଜଗଦୀଶାଜ୍ଞାନ୍ମାଲାମାନୀୟ ସାଦରଂ ॥
ନ୍ୟସେତ୍ କୃଷ୍ଣଗଳେ ତାବନ୍ନାଳଂତି ତାମନ୍ତ୍ର ମନ୍ତ୍ରକା ॥

(ନୀଳାଦ୍ରି ମହୋଦୟ)

ପଣ୍ଡା ଗର୍ଭୋଦକ କର୍ମ କରନ୍ତି । ଶୀତଳ ଭୋଗ ଷୋଡ଼ଶ ଉପଚାରରେ ମଣୋହି କରାନ୍ତି । ଦୁଇଜଣ ମହାଜନଙ୍କ ମଧ୍ୟରୁ ଜଣେ ବସୁଦେବ ଓ ଜଣେ ଦେବକୀ ବେଶ ହୋଇ ଜନ୍ମ ଚକଡ଼ାରେ ବ୍ରଜେନ୍ଦ୍ର ନନ୍ଦନ ଶ୍ରୀ କୃଷ୍ଣଙ୍କ ଜନ୍ମ ବିଧି କରନ୍ତି । ଦୁଧ, ଲହୁଣି ଓ ଗାଣ୍ଠୁଆ ମସଲ ସମର୍ପଣ ହୁଏ ଓ କର୍ପୂର ଆଳତି ହୁଏ । ମଦନ ମୋହନ (ଶ୍ରୀକୃଷ୍ଣ) ମହାଜନଙ୍କ ହସ୍ତରେ ବିଜେ ହୋଇ କାଞ୍ଚିଗଣନାଥଙ୍କ ସମ୍ମୁଖସ୍ଥ ଗଂଗା ଯମୁନା ନିକଟରେ (ଯମୁନା ନଦୀ ରୂପେ ପରିକଳ୍ପିତ) ବିଜେ ହୁଅନ୍ତି । ଜଣେକ ପୂଜାପଣ୍ଡା ଉଗ୍ରସେନର କର୍ତ୍ତବ୍ୟ ସଂପାଦନ କରି ଶ୍ରୀକୃଷ୍ଣଙ୍କୁ ଦଣ୍ଡ ପ୍ରଣାମ କରନ୍ତି । ପାଳିଆ ଖୁଣ୍ଟିଆ ଶ୍ରୀକୃଷ୍ଣଙ୍କ ଊର୍ଦ୍ଧ୍ୱରେ ସପ୍ତଫେଣୀ ବାସୁକି ଧାରଣ କରନ୍ତି । ପ୍ରସାଦ ଲାଗି ଓ ବନ୍ଦାପନା ହୁଏ । ନାଭିକଟା ମଣ୍ଡପରେ ମଦନମୋହନ ଓ ଦକ୍ଷିଣ ଘରୁ ରାମ କୃଷ୍ଣ ବିଜେ ହୁଅନ୍ତି । ନାଭି ଛେଦନ ଓ ପଞ୍ଚାମୃତ ସ୍ନାନ ପାଳନ କରାଯାଏ । ପଞ୍ଚୋପଚାରରେ ଶୀତଳ ଭୋଗ ମଣୋହି ଓ ବନ୍ଦାପନା ହୁଏ । ରାମ, କୃଷ୍ଣ ଓ ମଦନମୋହନ ଜଗମୋହନ ସ୍ଥିତ ଦୋଳିରେ ବିଜେ ହୁଅନ୍ତି । ମୁଦିରସ୍ତ ପ୍ରସାଦ ଲାଗି ଓ ପୂଜା ପଣ୍ଡା ଷୋଡ଼ଶୋପଚାରରେ ପୂଜା ଓ ମଣୋହି ସଂପାଦନ କରନ୍ତି ।

ପରଦିନ ଅର୍ଥାତ ଭାଦ୍ରବ କୃଷ୍ଣ ନବମୀ ଦିନ ଶ୍ରୀ ଜଗନ୍ନାଥଙ୍କର ମଂଗଳ ଆଳତି ପରେ ରାମ, କୃଷ୍ଣ ଓ ମଦନମୋହନ ଜଗମୋହନ ସ୍ଥିତ ଦୋଳିକାରେ ବିଜେ ହୁଅନ୍ତି । ସୁଭଦ୍ରା ଓ ଜଗନ୍ନାଥଙ୍କ ବାଡ଼ରେ ଷଷ୍ଠୀ ମାର୍କଣ୍ଡି ପୂଜା ହୁଏ । ଭଣ୍ଡାର ଘରରୁ ଦୁର୍ଗା ଦେବୀ ସୁଭଦ୍ରାଙ୍କଠାରୁ ଆଜ୍ଞାମାଳ ପାଇ ଜଗମୋହନସ୍ଥିତ ଦୋଳିରେ ବିଜେ ହୁଅନ୍ତି । ମହାସ୍ନାନ ଓ ଶୀତଳ ଭୋଗ ପରେ ଶ୍ରୀମନ୍ଦିର ଉତ୍ତର ଦିଗ ସାତ ପାହାଚ ଦ୍ୱାରରେ ତମ୍ବୁ ଉପରେ ବିଜେ ହୁଅନ୍ତି । ଏଠାରେ ପୁରାଣ ବର୍ଣ୍ଣିତ ବିଜୁଳିବତୀ କନ୍ୟା ବଧୋତ୍ସବ ପାଳନ କରାଯାଏ ।

ଲକ୍ଷ୍ମୀଙ୍କ ଜଗମୋହନରେ ରାମ, କୃଷ୍ଣ, ଓ ମଦନମୋହନ ବିଜେ ହୁଅନ୍ତି । ଭିତରଛୁ ମହାପାତ୍ର ନନ୍ଦରାଜାଙ୍କ କର୍ତ୍ତବ୍ୟ ସଂପାଦନ କରନ୍ତି । ରୌପ୍ୟ ପିଙ୍ଗଣରେ ଦୁଗ୍ଧ ସମର୍ପଣ କରାଯାଏ ଓ ରାଣିକୋରା ମଣୋହି କରାଯାଏ ।

ଭାଦ୍ରବ କୃଷ୍ଣ ଦଶମୀ ଦିନ ବନଭୋଜି, କୋଳି ବିକା, ବକାସୁର ଓ ଅଘାସୁର ବଧ, ଏକାଦଶୀ ଦିନ କାଳୀୟଦଳନ ଓ ଧେନୁକାସୁର ବଧ, ଦ୍ୱାଦଶୀ ଦିନ ପ୍ରଳମ୍ବାସୁର ବଧ, ତ୍ରୟୋଦଶୀ ଦିନ କୃଷ୍ଣ ବଳରାମ ବେଶ, ଅମାବାସ୍ୟା ଦିନ ବସ୍ତ୍ରହରଣ; ଭାଦ୍ର ଶୁକ୍ଳ ପ୍ରତିପଦା ଓ ଦ୍ୱିତୀୟାରେ ଯଥାକ୍ରମେ ଦାବାଗ୍ନି ଓ ନିକୁଞ୍ଜଲୀଳା ଶୁକ୍ଳ ପଞ୍ଚମୀଠାରୁ ଦଶମୀ ପର୍ଯ୍ୟନ୍ତ ଲବଣି ଖିଆ ଓ ମଥୁରାପୁର ଇତ୍ୟାଦି ଶ୍ରୀକୃଷ୍ଣଙ୍କର ବିଭିନ୍ନ ଲୀଳା ମହାସମାରୋହରେ ପାଳନ କରାଯାଏ । ଭାଦ୍ରବ ପୂର୍ଣ୍ଣମୀ ଦିନ ଇନ୍ଦ୍ର ଗୋବିନ୍ଦ ପୂଜା ଅନୁଷ୍ଠିତ ହୋଇଥାଏ । ଉପରୋକ୍ତ ସମସ୍ତ ଉତ୍ସବ ଶ୍ରୀମଦ୍‌ଭାଗବତର ଅବଲମ୍ବନରେ ହୋଇଥାଏ ।

(୪) ଦୋଳ ଯାତ୍ରା—ଫାଲ୍‌ଗୁନ ଶୁକ୍ଳ ଦଶମୀ ଦିନ ଦୋଳଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀ ନିର୍ଗୁଣବ୍ରହ୍ମ ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ପାଇ ଗୁଡେରିବେଶ ହୋଇ ଜଗନ୍ନାଥ ବଲ୍ଲଭକୁ ବିଜେ କରନ୍ତି । ସେଠାରେ ଭୋଗ, ବନ୍ଦାପନା ଓ ଜଉବାଦ (ଫଲ୍‌ଗୁ) ଖେଳି ଶ୍ରୀମନ୍ଦିରକୁ ବାହୁଡ଼ାବିଜେ କରନ୍ତି । ଏକାଦଶୀ, ଦ୍ୱାଦଶୀ ଓ ତ୍ରୟୋଦଶୀଦିନ ଦଶମୀ ପରି ଉତ୍ସବ ପାଳନ କରାଯାଏ । ଫାଲ୍‌ଗୁନ ଚତୁର୍ଦ୍ଦଶୀ ଦିନ ସମସ୍ତେ ଲକ୍ଷ୍ମୀଙ୍କ ଜଗମୋହନରେ ବିଜେ ହୁଅନ୍ତି । ସେଠାରେ ଲକ୍ଷ୍ମୀନାରାୟଣଙ୍କର ହୋରିଖେଳ ହୋଇଥାଏ । ଲକ୍ଷ୍ମୀଙ୍କ ତରଫରୁ ସଂପ୍ରଦା ମାହାରି ଓ ଦୋଳଗୋବିନ୍ଦ ତରଫରୁ ମୁଦିରସ୍ତ ହୋରି ଖେଳ କରିଥାଆନ୍ତି । ତତ୍‌ପରେ ଅଗ୍ନ୍ୟୁତ୍ସବ ପାଳନ କରାଯାଏ । ଦୋଳ ପୂର୍ଣ୍ଣମୀଦିନ ଦୋଳଗୋବିନ୍ଦ ଲକ୍ଷ୍ମୀ ଓ ସରସ୍ୱତୀ ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ପାଇ ଦୋଳବେଦୀରେ ଦୋଳୋତ୍ସବ କରିଥାଆନ୍ତି ।

(୫) ରୁକ୍ମିଣୀ ହରଣ :—ଉକ୍ତ ଉତ୍ସବ ତିନିଭାଗରେ ବିଭକ୍ତ ଯଥା :—(୧) ରାଜେନ୍ଦ୍ରାଭିଷେକ (୨) ରୁକ୍ମିଣୀ ହରଣ (୩) ଚଂପକ ଦ୍ୱାଦଶୀ (ଗୁଆଲି ବା ଭ୍ରମଣ ଲୀଳା) ଜ୍ୟେଷ୍ଠ ଶୁକ୍ଳ ଦଶମୀଦିନ ମଦନମୋହନଙ୍କ ରାଜେନ୍ଦ୍ରାଭିଷେକ ପାଳନ କରାଯାଏ । ଶ୍ରୀମଦ୍ ଭାଗବତ ମହାପୁରାଣର ଅବଲମ୍ବନରେ ଉକ୍ତ ଉତ୍ସବ ଅନୁଷ୍ଠିତ ହୋଇଥାଏ । କ୍ରଥ ଓ କୈଶିକ ସମଗ୍ର ରାଜ୍ୟ ଶ୍ରୀକୃଷ୍ଣଙ୍କୁ ସମର୍ପଣକରି ଅଭିଷେକ କରିଥିଲେ ଭଗବାନ ଶ୍ରୀକୃଷ୍ଣଙ୍କୁ ।

"ଉପେନ୍ଦ୍ର ତ୍ୱଂ ମହାବାହୋ ଦେବେନ୍ଦ୍ରେଣାଭିଷିକ୍ତବାନ୍ ।
ଆବାମିହ ହି ରାଜ୍ୟେ ତ୍ୱାମଭିଷିକ୍ତଂ ବଦାମିତେ ॥"

—(ହରିବଂଶ)

ରାଜେନ୍ଦ୍ରାଭିଷେକର ଅନୁଷ୍ଠାନପାଇଁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରାଯାଏ ।

"ନମସ୍ତେ ଦେବଦେବେଶ ନିର୍ଗୁଣସ୍ତ୍ୱଂ ପରଂ ପୁମାନ୍ ।
ସଗୁଣ ତ୍ୱାଂ ପରଂବ୍ରହ୍ମ ଭାବୟାମି କୃପାନିଧେ ॥
ରାଜରାଜେନ୍ଦ୍ର ସଂଜ୍ଞ୍ୟାତାଭିଷେକାୟ ମହାପ୍ରଭୋ ।
କୃଷ୍ଣମାଜ୍ଞାପୟ କ୍ଷିପ୍ରମପରାଧ୍ୟାନ୍ କ୍ଷମସ୍ୱମେ ॥"

—(ନୀଳାଦ୍ରି ମହୋଦୟ)

ଉକ୍ତଦିନ ଦେବର୍ଷି ନାରଦ (ବୀଣାକାର ସେବକ), ମଦନମୋହନ (ଶ୍ରୀକୃଷ୍ଣଙ୍କ) ସମକ୍ଷରେ ସତୀ ସାଧ୍ୱୀ ରୁକ୍ମିଣୀଙ୍କ ବିବାହ ପ୍ରସ୍ତାବ ଉତ୍‌ଥାପନ କରିଥାଆନ୍ତି । ମହର୍ଷି ନାରଦଙ୍କଠାରୁ ରୁକ୍ମିଣୀଙ୍କ ରୂପମାଧୁରୀ, ଉଦାରତା, ଶୀଳ ସ୍ୱଭାବ ଓ ଅଦ୍ୱିତୀୟ ଗୁଣାବଳୀ ଶ୍ରବଣକରି ଭଗବାନ ଶ୍ରୀକୃଷ୍ଣ ବିବାହପାଇଁ ଲାଳାୟିତ ହୋଇଥିଲେ ।

ଜ୍ୟେଷ୍ଠ ଶୁକ୍ଳ ଏକାଦଶୀଦିନ କୃଷ୍ଣପ୍ରାଣା ରୁକ୍ମିଣୀ ଜଣୈକ ବୃଦ୍ଧ ବ୍ରାହ୍ମଣଙ୍କ ହସ୍ତରେ ନିଜ ହୃଦୟର ଭାବବ୍ୟକ୍ତ କରି ପ୍ରିୟତମ ଶ୍ରୀକୃଷ୍ଣଙ୍କ ନିକଟକୁ ପ୍ରେମପତ୍ର ପ୍ରେରଣ

କରିଥିଲେ । ରୁକ୍ମିଣୀଙ୍କ ନିର୍ଦ୍ଦେଶମତେ ଶ୍ରୀକୃଷ୍ଣ (ମଦନମୋହନ) ନନ୍ଦିଘୋଷ (ମଣିବିମାନ)ରେ ବିଜୟକରି ରୁକ୍ମିଣୀଙ୍କୁ ହରଣ କରିଥାଆନ୍ତି । ଉକ୍ତଦିନ ରୁକ୍ମିଣୀ ପରିଣୟ ଉତ୍ସବ ପାଳନ ପାଇଁ ନିର୍ଗୁଣବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରାଯାଏ ଓ ଆଜ୍ଞାମାଳ ପାଇବାପରେ ଉତ୍ସବ ପାଳନ କରାଯାଏ । ପାଠକେ ! ମଦନମୋହନ ଶ୍ରୀଜଗନ୍ନାଥଙ୍କ ଦକ୍ଷିଣହସ୍ତରୁ ଆଜ୍ଞାମାଳ ପାଇବା ସମୟରେ ଲକ୍ଷ୍ମୀ (ରୁକ୍ମିଣୀ) ବାମ ହସ୍ତରୁ ପାଇଥାଆନ୍ତି । ତେଣୁ ଶ୍ରୀଜଗନ୍ନାଥ ପୁରୁଷ ଓ ପ୍ରକୃତିର ସମନ୍ୱୟ ମୂର୍ତ୍ତି ।

"ନମୋ ନୀଳନୃସିଂହାୟ ବିଷ୍ଣୋ ବ୍ରହ୍ମନ୍ ରମାପତେ ।
ଇଦାନୀଂ ରୁକ୍ମିଣୀ ବିଷ୍ଣୋ ହୃତ୍ୱା ପରିଣୟିଷ୍ୟତି ॥
ବିଜ୍ଞମେ ଦେବଦେବେଶ କୃଷ୍ଣମାଜ୍ଞାପୟ ପ୍ରଭୋ ।
ଆଜ୍ଞାମାଲ୍ୟଂ ସମାନୀୟ ଶ୍ରୀକୃଷ୍ଣାୟ ସମର୍ପୟେତ୍ ॥"

(ନୀଳାଦ୍ରିମହୋଦୟ)

ତଂପର ଦ୍ୱାଦଶୀଦିନ ଶ୍ରୀଜଗନ୍ନାଥଙ୍କଠାରୁ ରୁକ୍ମିଣୀ ଓ ମଦନମୋହନ ଆଜ୍ଞାମାଳପାଇ ଭ୍ରମଣଲୀଳା ସଂପାଦନ କରିଥାଆନ୍ତି ।

"ଜଗନ୍ନାଥ ସୁରଶ୍ରେଷ୍ଠ ନମସ୍ତେ କମଳାପତେ ।
ଆଜ୍ଞାପୟ ମହାବାହୋ ଶ୍ରୀକୃଷ୍ଣଂ ରୁକ୍ମିଣୀଂ ପ୍ରତି ॥
ବିବାହୋତ୍ସବ କାର୍ଯ୍ୟାନ୍ତେ ଭ୍ରମଣାୟ ସୁଲୀଳୟା ॥
ଉତ୍ୟକ୍ତ୍ୱାଚ ସ୍ରଜଂଦତ୍ତ୍ୱା ମହୋତ୍ସବ ସମନ୍ୱିତୌ ॥"

(ନୀଳାଦ୍ରିମହୋଦୟ)

(୬) ଝୁଲଣ ଯାତ୍ରା :—ଏହା ଶ୍ରାବଣ ଶୁକ୍ଳ-ଦଶମୀଠାରୁ ଭାଦ୍ରବ ପ୍ରତିପଦା ପର୍ଯ୍ୟନ୍ତ (ସାତଦିନ) ଅନୁଷ୍ଠିତ ହୋଇଥାଏ । ଉକ୍ତଦିନମାନଙ୍କରେ ଭୂଦେବୀ (ସରସ୍ୱତୀ ବା ସତ୍ୟଭାମା) ଶ୍ରୀଦେବୀ (ଲକ୍ଷ୍ମୀ ବା ରୁକ୍ମିଣୀ) ଦକ୍ଷିଣଗୃହର ପଲ୍ୟଙ୍କରେ ବିଜେ ହୁଅନ୍ତି । ଦକ୍ଷିଣଗୃହରୁ ମଦନମୋହନ (ଶ୍ରୀକୃଷ୍ଣ ବା ବିଷ୍ଣୁ) ମଧ୍ୟ ବିଜେ ହୁଅନ୍ତି । ଭଣ୍ଡାର ମେକାପ ପ୍ରବର ଅଳଙ୍କାରମାନ ତିନିମୂର୍ତ୍ତିଙ୍କୁ ଲାଗି କରାଯାଏ । ଶ୍ରୀଜଗନ୍ନାଥଙ୍କ ବାମ ଭୁଜରୁ ଲକ୍ଷ୍ମୀ ଓ ସରସ୍ୱତୀ ଆଜ୍ଞାମାଳ ପାଆନ୍ତି ଓ ମଦନମୋହନ ଦକ୍ଷିଣ ଭୁଜରୁ ଆଜ୍ଞାମାଳପାଇ ଝୁଲଣ ବେଦୀକୁ ଗମନ କରନ୍ତି ।

ଏହିପରି ନବାନ୍ନ, ମକରଯାତ୍ରା, ଦଶହରାରେ ରାମ, କୃଷ୍ଣ ଓ ମଦନମୋହନ ଶ୍ରୀ ଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ପାଇଁ ଉକ୍ତ ଉତ୍ସବ ସଂପାଦନ କରି ଥାଆନ୍ତି ।

ପାଠକେ ! ଇନ୍ଦ୍ରିୟାତୀତ ଓ ଇନ୍ଦ୍ରିୟରହିତ ନିର୍ଗୁଣ ବ୍ରହ୍ମ ପଦ ବିନା ସଚରାଚର ବିଶ୍ୱ ବ୍ରହ୍ମାଣ୍ଡ ଗତି କରି ପାରନ୍ତି । ହସ୍ତ ବିନା ସମସ୍ତଙ୍କ କର୍ମ ନିର୍ଣ୍ଣୟ କରିପାରନ୍ତି, ମୁଖ ନ ଥାଇ ସମସ୍ତ ରସ ଆସ୍ୱାଦନ କରି ପାରନ୍ତି । "ଅପାଣି ପାଦୋ ଜବନୋ ଗ୍ରହୀତା ।" ପରଂବ୍ରହ୍ମ ସମସ୍ତ ଇନ୍ଦ୍ରିୟର ଗୁଣାବଳୀ ବ୍ୟକ୍ତ କରିଥାନ୍ତି ।

ସର୍ବେନ୍ଦ୍ରିୟ ଗୁଣାଭାସଂ, ସର୍ବେନ୍ଦ୍ରିୟ ବିବର୍ଜିତଂ ।
ଅସକ୍ତଂ ସର୍ବ ଭୃଚ୍ଚୈବ, ନିର୍ଗୁଣଂ ଗୁଣ ଭୋକ୍ତୃ ଚ ॥ (ଗୀତା)

"ବିନୁ ପଦ ଚଲଇ ସୁନହି ବିନୁ କାନା ।
କର ବିନୁ କରଇ କରମ ବିଧି ନାନା ॥
ଆନନ୍ଦ ରହିତ ସକଲ ରସ ଭୋଗି ।"

(ଶ୍ରୀ ରାମ ଚରିତ ମାନସ)

ଶ୍ରୀମଦ୍ ଭଗବଦ୍ ଗୀତୋକ୍ତ
ଯେ ଯଥା ମାଂ ପ୍ରପଦ୍ୟନ୍ତେ, ତାଂ ସ୍ତଥୈବ ଭଜାମ୍ୟହଂ ।
ମମ ବର୍ତ୍ମାନୁ ବର୍ତ୍ତନ୍ତେ, ମନୁଷ୍ୟାଃ ପାର୍ଥ ସର୍ବଶଃ ॥"

ବାଞ୍ଛାକଳ୍ପତରୁ କରୁଣା ନିଧାନ ଭଗବାନ ଭକ୍ତଙ୍କର ବିନୋଦନ ପାଇଁ ବିଭିନ୍ନ ରୂପରେ ରୂପାୟିତ ହୋଇ ବହୁ ଲୀଳା ବିଳାସ ପ୍ରଦର୍ଶନ କରନ୍ତି । ଶ୍ରୀ ଜଗନ୍ନାଥ ନିର୍ଗୁଣ ଓ ସଗୁଣବାଦର ସମନ୍ୱୟ ।

"ନମସ୍ତେ ଦେବ ଦେବେଶ ନିର୍ଗୁଣସ୍ତ୍ୱଂ ପରଂପୁମାନ ।
ସଗୁଣଂ ତ୍ୱାଂ ପରଂବ୍ରହ୍ମ ଭାବୟାମି କୃପାନିଧେ ॥

କବି ସମ୍ରାଟ ଉପେନ୍ଦ୍ରଭଞ୍ଜ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀରେ ଶ୍ରୀ ଜଗନ୍ନାଥଙ୍କୁ ପ୍ରକୃତି ଓ ପୁରୁଷ ବା ରାଧା ଓ କୃଷ୍ଣଙ୍କର ମିଳିତ ବିଗ୍ରହ ରୂପେ ବର୍ଣ୍ଣନା କରିଛନ୍ତି ।

"ସେ କନ୍ଧୁ କଟକ ରାଜାନାମ ଜଗନ୍ନାଥ
ଶ୍ରୀବିବର୍ଣ୍ଣେ ଚଉବର୍ଗ ଦେବାକୁ ସମର୍ଥ ।
ଉକ୍ତି ଦେବା ଗୁପ୍ତ ହୋଇଅଛି ଯୁଗ୍ମାକ୍ଷରେ
ବୈଷ୍ଣବ ବିହୁନେ କେହୁ ଜାଣିବେ ସଂସାରେ ॥"

ଜଗତ ବା ପ୍ରକୃତି ସ୍ୱରୂପା ଶ୍ରୀ ରାଧାଙ୍କ ସହ ନାଥ ବା ବ୍ରହ୍ମରୂପୀ ଶ୍ରୀକୃଷ୍ଣଙ୍କ ମିଳନାତ୍ମକ ବିଗ୍ରହ ଜଗନ୍ନାଥ । ବାସ୍ତବିକ୍ ପରମେଶ୍ୱର ପୁରୁଷ ଓ ସ୍ତ୍ରୀର ମିଳନାତ୍ମକ ଦିବ୍ୟ ମୂର୍ତ୍ତି । ତେଣୁ ଉତ୍କଳୀୟ ଶ୍ରୀଜଗନ୍ନାଥଙ୍କୁ ପୁରୁଷ ଓ ନାରୀ ଉଭୟ ରୂପେ ଗ୍ରହଣ କରି ନାରୀ ସୁଲଭ ନାକଚଣା, ମଥାମଣି, ବିଭିନ୍ନ ପାଟପଟନି, ଝୋବା ଗଣ୍ଠି ଓ ଅଳଙ୍କାରରେ ଭୂଷଣ କରିଥାଏ । ମହାପ୍ରଭୁ ଗୌର ସୁନ୍ଦରଙ୍କ ମତରେ ମଧ୍ୟ ସେହି କଥା—ଶ୍ରୀଜଗନ୍ନାଥ, ଶ୍ରୀମତୀ ରାଧା ଓ ବ୍ରଜେନ୍ଦ୍ର ନନ୍ଦନ ଶ୍ରୀକୃଷ୍ଣଙ୍କ ମିଳିତ ତନୁ ।

"ଗୁଣ କାର୍ଯ୍ୟାଦିକଂ ଯତ୍ର ସ୍ଥାପିତଂ ହ୍ୟତ୍ର ତିଷ୍ଠତି ।
ରାଧାକୃଷ୍ଣାତ୍ମକେ ଦେହେ ଜଗନ୍ନାଥେତି କଥ୍ୟତେ ॥

(ଜଗନ୍ନାଥ ଚରିତାମୃତମ୍)

ସମସ୍ତ ଅବତାର ଓ ସକଳ ତୀର୍ଥ ନୀଳାଦ୍ରୀନାଥ ନୀଳାଚଳଚନ୍ଦ୍ରଙ୍କଠାରୁ ସୃଷ୍ଟ । ସେଥିପାଇଁ ଶ୍ରୀକ୍ଷେତ୍ରକୁ ଦଶାବତାର କ୍ଷେତ୍ର କୁହାଯାଏ । ଶୈବ, ଶାକ୍ତ, ଗାଣପତ୍ୟ,

ଶୈବ ଓ ବୈଷ୍ଣବବାଦି ବିଭିନ୍ନ ହିନ୍ଦୁଧର୍ମାବଲମ୍ବୀଙ୍କ ଦ୍ୱାରା ଗତିମୁକ୍ତି ପ୍ରଦାୟକ ରୂପେ ଶ୍ରୀକ୍ଷେତ୍ର ଯେପରି ଅନୁମୋଦିତ ଓ ଗୃହୀତ ହୋଇଛି, ଅନ୍ୟ କୌଣସି ଧାମ ସେହିପରି ଆଦୃତ ବା ଗୃହୀତ ହୋଇନାହିଁ । ଗୌଡ଼ୀୟ ବୈଷ୍ଣବ ଗଣ ଶ୍ରୀଚୈତନ୍ୟଙ୍କୁ ଛାଡ଼ି ଚାଲିଗଲେ ସତ କିନ୍ତୁ ମହାପ୍ରଭୁ ଗୌରସୁନ୍ଦର ଦୀର୍ଘ ଅଷ୍ଟାଦଶବର୍ଷ ଶ୍ରୀକ୍ଷେତ୍ରରେ ଅବସ୍ଥାନକରି ତ୍ରୈଲୋକ୍ୟ ଚିନ୍ତାମଣି ଶ୍ରୀଜଗନ୍ନାଥଙ୍କୁ ନିର୍ନିମେଷ ନୟନରେ ଦର୍ଶନ କରି ଆତ୍ମହରା ହୋଇ ଯାଉଥିଲେ ଓ ଚିନ୍ମୟଧାମ ବୃନ୍ଦାବନ ଛାଡ଼ି ଶ୍ରୀ କ୍ଷେତ୍ରରେ ରହିବାକୁ ଶ୍ରେୟ ମନେ କରୁଥିଲେ ।

"ଗତିଃ କୃଷ୍ଣେ ମତିଃ କୃଷ୍ଣେ ଗତି ଗଙ୍ଗା ତଟେ ତଟେ ।
ଜୀବିତେ ମରଣେ ବାପି ନୀଳାଚଳ ପତି ର୍ଗତିଃ ।"

ସର୍ବାନ୍ତର୍ଯ୍ୟାମୀ ନୀଳାଦ୍ରୀନାଥଙ୍କୁ ଅନନ୍ୟ ଭାବରେ ଦର୍ଶନ, ଚିନ୍ତନ ଓ ମନନ କରିବା ଓ ଶ୍ରୀହରିଙ୍କ ମଧୁରାତି ମଧୁର ଗୁଣାନୁକୀର୍ତ୍ତନ କରିବାହିଁ ମହାପ୍ରଭୁ ଶଚୀନନ୍ଦନଙ୍କ ଜୀବନର ସର୍ବଶ୍ରେଷ୍ଠ ଅନୁଶୀଳନ ଓ ଦିଗ୍‌ଦର୍ଶନ ଥିଲା ।

"ବହୂନି ତୀର୍ଥାନି କ୍ଷେତ୍ରାଣି ବର୍ତ୍ତନ୍ତେ ଭୁବନ ତ୍ରୟେ ।
ବହିରାଙ୍ଗାନି ତାନ୍ୟନ୍ତରଙ୍ଗ ଶ୍ରୀ ପୁରୁଷୋତ୍ତମମ୍ ॥

ମଥୁରା ଦ୍ୱାରକାଯୋଧ୍ୟା ଗୋକୁଳେଷୁ ସମାଶ୍ରିତା ।
ନୀଳାଚଳସ୍ଥ କୃଷ୍ଣାଂଶାସ୍ତେ ଲଭନ୍ତେ ବିହିରଙ୍ଗକାଃ ॥

---

ସଂପାଦକ 'ମହାପ୍ରଭୁ'
ବୃନ୍ଦାବନ ଧାମ
ଲୋକନାଥ ରୋଡ଼, ପୁରୀ ।



ଶ୍ରୀକ୍ଷେତ୍ରରେ ଚନ୍ଦନଯାତ୍ରା

# କଣ୍ୱ ଉପାଖ୍ୟାନରେ ପୁରୁଷୋତ୍ତମ କ୍ଷେତ୍ର ପ୍ରସଙ୍ଗ

ଅଧ୍ୟାପକ ଶ୍ରୀନିବାସ ତ୍ରିପାଠୀ

ଶରଣ ଯାଚିବା ଉଦ୍ଦେଶ୍ୟରେ ବେନିଭୁଜକୁ ଊର୍ଦ୍ଧ୍ୱକୁ ଟେକି, ବଡ଼ଦାଣ୍ଡର ସୁବିସ୍ତୃତ ବକ୍ଷରେ ରହି ରହି, ଭୋଗ ଖାଇ ଖାଇ, "ଡଗଡ଼ମାଳିଆ ପଦ" ଶୁଣି ଶୁଣି ଯେଉଁ ପତିତପାବନ ଲକ୍ଷଲକ୍ଷ ପାପୀ ତାପୀଙ୍କୁ ଆପଣାର କରି ନିଅନ୍ତି ସେ ନିଜେ ଯୋଗେଶ୍ୱର, ନିଜେ ବ୍ରହ୍ମଜ୍ଞାନର ସୀମାତୀତ, "ଭାବକୁ ନିକଟ ଅଭାବକୁ ଦୂର" । ସେ ଭକ୍ତି ସର୍ବସ୍ୱ— ଦାସିଆ ବାଉରୀ ପାଇଁ ଅତି ଆଦରର "ଚକାଡ଼ୋଳା", ରଘୁଅରକ୍ଷିତର ଗଣ୍ଠିଧନ, ସାଲବେଗର "ନୀଳ ଶଇଳ ପ୍ରବଳମତ୍ତ ବାରଣ" । ସେ କାହାପାଇଁ ରାମ, କାହା ପାଇଁ କୃଷ୍ଣ, କାହାପାଇଁ ଶିବ ତ କାହାପାଇଁ ଶକ୍ତି, କାହାପାଇଁ "କାଳସର୍ପ"ତ କାହାପାଇଁ "ପୂର୍ଣ୍ଣବ୍ରହ୍ମ" । ସେ କହିଛନ୍ତି :

ମନ୍‌ମନା ଭବ ମଦ୍‌ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ ।
ମାମେବୈଷ୍ୟସି ଯୁକ୍ତ୍ୱୈବମାତ୍ମାନଂ ମତ୍ ପରାୟଣଃ । ।
(ଗୀତା—୯—୩୪)

ତାଙ୍କର ଆଶ୍ରୟବିନା ତ ଗତି ନାହିଁ—ଯେଉଁ ରୂପରେ ହେଲେ ମଧ୍ୟ ଯେପରି ଭାବେ ହେଲେ ମଧ୍ୟ ତାଙ୍କୁ ଆରାଧନା ନ କଲେ ତ ମୁକ୍ତି ନାହିଁ । ସେ ଭକ୍ତି ଓ ଭକ୍ତ ସର୍ବସ୍ୱ ହେଲେ ହେଁ, ଦାସିଆ ବାଉରୀର ନଡ଼ିଆ ପାଇଁ ଆକାଙ୍କ୍ଷିତ ହେଲେ ହେଁ ଯୋଗ ପ୍ରତି ଓ ଯୋଗୀ ପ୍ରତି ମଧ୍ୟ ତାଙ୍କର କମ୍ କରୁଣା ନାହିଁ । ସେ ନିଜେ ଯୋଗ ମୂର୍ତ୍ତି, ଜ୍ଞାନମୟ, ପରମଆହ୍ଲାଦର ଅଭିବ୍ୟକ୍ତି, ଚରମ ଆନନ୍ଦର ପରିପ୍ରକାଶ । ଯୋଗୀକହେ, ତାଙ୍କର କ୍ଷେତ୍ରରେ ପ୍ରବେଶ ମାତ୍ରେ ଯୋଗର ଶିହରଣରେ ଶିରାପ୍ରଶିରା କଂପିଉଠେ ; ବ୍ରହ୍ମଜ୍ଞାନୀ "ସୋଽହଂ" କହି ଦଣ୍ଡ କମଣ୍ଡଳୁ ଧରି ତାଙ୍କର ପାଦତଳେ ସାଷ୍ଟାଙ୍ଗ ପ୍ରଣାମ କରେ ଏବଂ ଗାଇଉଠେ :

ପାଦୌ ଯସ୍ୟ ଧରାତଳାନ୍ତରିକ୍ଷମଖିଳଂ ନାଭିଶ୍ଚ ସର୍ବା ଦିଶଃ
ଶ୍ରୋତ୍ରେ ନେତ୍ରଯୁଗଂ ରବୀନ୍ଦୁଯୁଗଳଂ ମୂର୍ଦ୍ଧାଶ୍ଚ ଦ୍ୟୌଃ
ଅସୌ । (ଦାସଗୋବା ଗ୍ରାଣ୍ଡ)

କିମ୍ବା,

ସହସ୍ରଶୀର୍ଷାପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍
ସ ଭୂମିଂ ସର୍ବତୋବ୍ୟାପ୍ୟ ଅଧ୍ୟତିଷ୍ଠଦଶାଙ୍ଗୁଳମ୍ ।
(ସନ୍ଦ—ଉତ୍କଳ—୨୪-୬)

ସେ ଯେତେ ଯୋଗୀ, ବ୍ରହ୍ମଜ୍ଞାନୀଙ୍କୁ ତାଙ୍କର ପଦତଳେ ଆଶ୍ରୟ ଦେଇଛନ୍ତି ସେମାନଙ୍କ ମଧ୍ୟରୁ ଜଣଙ୍କର କଥା କହି ତାଙ୍କର ମହିମା କୀର୍ତ୍ତନ କରିବା ସଙ୍ଗେ ସଙ୍ଗେ ପୁରୁଷୋତ୍ତମ କ୍ଷେତ୍ରର ପ୍ରାଚୀନତା ପ୍ରସଙ୍ଗରେ ଆଉ ପଦେ କଥା ଆଲୋଚନା କରିବା ଏହି ପ୍ରବନ୍ଧଟିର ଲକ୍ଷ୍ୟ । ବ୍ରହ୍ମ ପୁରାଣର ନିମ୍ନୋକ୍ତ କଣ୍ୱ ଉପାଖ୍ୟାନ ଯେତିକି ଲୋଭନୀୟ ପଣ୍ଡିତ ମାନଙ୍କର ଗବେଷଣା ପାଇଁ ସେତିକି ଉପଯୋଗୀ—

ବୃକ୍ଷଲତା ଶୋଭିତ ତଥା ପକ୍ଷୀମାନଙ୍କର ମଧୁର କାକଳୀରେ ମୁଖରିତ ପବିତ୍ର ଗୌତମୀତୀରରେ କଣ୍ୱ ମୁନିଙ୍କର ଆଶ୍ରମ ଥିଲା । ଏହି ଆଶ୍ରମରେ କଣ୍ୱଋଷି ବ୍ରତ, ନିୟମ, ଉପବାସ, ସ୍ନାନ, ମୌନ ତଥା ସଂଯମ ଦ୍ୱାରା କଠୋର ତପସ୍ୟାରତ ଥିଲେ । ତାଙ୍କର ତପସ୍ୟାର ନିଷ୍ଠାରେ ଦେବତାମାନଙ୍କର ଆସନ ଟଳମଳ ହେବାକୁ ଲାଗିଲା । ସେମାନେ ଇନ୍ଦ୍ରଙ୍କ ନିକଟରେ ମୁନିଙ୍କର ତପସ୍ୟା ଭଗ୍ନ ପାଇଁ ନିବେଦନ କଲେ । ତେଣୁ ଇନ୍ଦ୍ର ରୂପଯୌବନ ସଂପନ୍ନା ପ୍ରମ୍ଲୋଚା ନାମକ ଅପ୍ସରାକୁ ତପସ୍ୟା ଭାଙ୍ଗିବାକୁ ପଠାଇଲେ । ମାତ୍ର ମୁନିଙ୍କର ତପସ୍ୟା ଭଗ୍ନ କରିବା କଷ୍ଟକର ବୋଲି ଭାବି ପ୍ରଥମେ ପ୍ରମ୍ଲୋଚା ଅରାଜି ହେଲା । କିନ୍ତୁ ଇନ୍ଦ୍ରଙ୍କର ଆଦେଶ ଭାଙ୍ଗି ନପାରି ପ୍ରମ୍ଲୋଚା ଆକାଶମାର୍ଗରେ ଆଶ୍ରମରେ ପହଞ୍ଚି ବାୟୁଦେବ, କାମଦେବ ତଥା ବସନ୍ତ—ଏହି ତିନିଙ୍କର ସାହାଯ୍ୟରେ ମୁନିଙ୍କର ଇନ୍ଦ୍ରିୟବାସନାକୁ ପୁନଃ ଜାଗରିତ କରି ତାଙ୍କର ତପସ୍ୟାକୁ ଭଗ୍ନ କରିବାକୁ ଚେଷ୍ଟା କଲା । ପ୍ରମ୍ଲୋଚା ମୁନି ଆଶ୍ରମର କିଛି ଦୂରରେ ରହି ମଧୁର ସଂଗୀତର ଝଙ୍କାରରେ ଆକାଶ ପବନ ସବୁକୁ ମୁଖରିତ କରନ୍ତେ ଅକାଳରେ ମଧ୍ୟ ବସନ୍ତ ଋତୁର ଆଗମନ ହେଲା—ମଳୟ ବହିଲା ଏବଂ ସ୍ୱୟଂ କନ୍ଦର୍ପ ପଞ୍ଚବାଣରେ ମୁନିଙ୍କର ଚିତ୍ତକୁ ଶତଧା ବିଦୀର୍ଣ୍ଣ କରି ପକାଇଲେ ;

ତତୋ ବସନ୍ତଃ ସହସା ବଳଂ ସମ କରୋଦଦୀ ।
କୋକିଳାରାବମଧୁରମକାଳିକ ମନୋହରମ୍ ।।୪୧।।
ବବୌ ଗନ୍ଧବହସ୍ତୈବ ମଳୟାଦ୍ରିନିକେତନଃ ।
ପୁଷ୍ପା ନୁଚ୍ଚାବଚାନ୍ ମେଧ୍ୟାନ ପାତୟଂଶ୍ଚ ଶନୈଃ ଶନୈଃ ।୪୨।

କାମକନ୍ଦର୍ପିତ ମୁନି ଆସି ପ୍ରମ୍ଲୋଚାଙ୍କ ପାଖରେ ପହଞ୍ଚି ଗଲେ । ସୁନ୍ଦରୀ ପ୍ରମ୍ଲୋଚାଙ୍କୁ ଦେଖି ତାଙ୍କର ଶରୀରରେ ରୋମାଞ୍ଚ ଆସିଗଲା । ବସନଭୂଷଣ ଅସ୍ତବ୍ୟସ୍ତ ହୋଇ ଗଲା । ମୁନି ସୁନ୍ଦରୀ ପ୍ରମ୍ଲୋଚାଙ୍କର ହାତ ଧରି ପକାଇ ଆଶ୍ରମକୁ ଘୋଷାରି ନେଲେ । ତତ୍‌ପରେ ସେ ତପସ୍ୟା ଆରାଧନା ଇତ୍ୟାଦି ତ୍ୟାଗ କରି ଦିନରାତି ସେହି ଅପ୍‌ସରା ସହିତ କାମନା ତୃପ୍ତିରେ ମଗ୍ନ ରହିଲେ । ତାଙ୍କର ଧର୍ମ କ୍ରମେ କୃଷ୍ଣପକ୍ଷର ଚନ୍ଦ୍ରଭଳି କ୍ଷୟମୁଖୀ ହେଲା । କିନ୍ତୁ ସେ ଏକଥା ଆଦୌ ଜାଣିପାରୁନଥିଲେ । ଏହିଭଳି ଶହେ ବର୍ଷ ଗତହେବାରେ ଅପ୍‌ସରା ସ୍ୱର୍ଗକୁ ଫେରିଯିବାକୁ ଇଚ୍ଛା ପ୍ରକାଶ କଲା । ମାତ୍ର ମୁନି ତାଙ୍କୁ ଛାଡ଼ିବାକୁ ପ୍ରସ୍ତୁତ ନଥିଲେ ।

ଦିନେ ଏକ ବିଶେଷ ଘଟଣାରେ ମୁନିଙ୍କର ମନ ଆନ୍ଦୋଳିତ ହେଲା । ସେ ଆଶ୍ରମରୁ ତରବର ହୋଇ ଚାଲିଯାଉଥିବାର ଦେଖି ଅପ୍‌ସରା ପଚାରିଲା, "ମୁନିବର, କେଉଁ ସ୍ଥାନକୁ ଯାଉଛନ୍ତି ?" ମୁନି ଉତ୍ତର ଦେଲେ, "ସୁନ୍ଦରୀ, ସଂଧ୍ୟା ଆସିଗଲା । ମୁଁ ଆରାଧନା କରିବାକୁ ଯାଉଛି ; ତା'ନହେଲେ ମୋର କ୍ରିୟା ନଷ୍ଟ ହୋଇଯିବ । ଏହା ଶୁଣି ଅପ୍‌ସରା ହସି କହିଲା, " ହେ ଧର୍ମଜ୍ଞ, କେବଳ କ'ଣ ଏଇ ଗୋଟିକ ସଂଧ୍ୟାରେ କ୍ରିୟା ନଷ୍ଟ ହୋଇଯିବ ? ଏହିଭଳି କେତେ ସଂଧ୍ୟା ଗଲାଣି । "ମୁନି କହିଲେ, କାହିଁକି, ଏଇ ଆଜି ସକାଳେ ତ ତୁମେ ଆସିଥିଲ । ତୁମକୁ ମୁଁ ଆଶ୍ରମକୁ ଘୋଷାରି ଆଣିଲି । ବର୍ତ୍ତମାନ ତ ସଂଧ୍ୟା ହେଉଛି । ତେବେ ମୋ' ପ୍ରତି ପରିହାସ କାହିଁକି ?"

ପ୍ରମ୍ଲୋଚା ସହିତ ରମଣ କରୁକରୁ ନଅ ଶହ ବର୍ଷ ଚାଲିଯାଇଛି ବୋଲି ଜାଣି ମୁନିଙ୍କର ମନ ଯୁଗପତ୍ ଦୁଃଖ ଓ କ୍ରୋଧରେ ଜର୍ଜରିତ ହୋଇଗଲା । ସେ ଅପ୍‌ସରାକୁ ଆଶ୍ରମରୁ ବାହାରି ଯିବାକୁ ନିର୍ଦ୍ଦେଶ ଦେଲେ । ପ୍ରମ୍ଲୋଚା ମୁନିଙ୍କ ଆଦେଶ ଶିରୋଧାର୍ଯ୍ୟ କରି ଆଶ୍ରମରୁ ବାହାରି ଯାଉଯାଉ ତା'ର ଘର୍ମବିନ୍ଦୁ ସବୁ ତରୁପଲ୍ଲବମାନଙ୍କରେ ନିପତିତ ହେଲା :

ବୃକ୍ଷାତ୍ ବୃକ୍ଷଂ ଯଯୌ ବାଲା ଉଦଗ୍ରାରୁଣପଲ୍ଲବୈଃ ।
ନିର୍ମମାର୍ଜ୍ଜ ଚ ଗାତ୍ରାଣି ଗଳତ୍‌ସ୍ୱେଦ ଜଳାନିବୈ ।୧୦୨।

ଏହି ଅବସରରେ ଋଷିଙ୍କ ଔରସରୁ ପ୍ରମ୍ଲୋଚାଙ୍କର ଏକ କନ୍ୟା ଜନ୍ମ ହେଲା । କିନ୍ତୁ ଜନ୍ମ ପରେ ଅପ୍‌ସରା କନ୍ୟାଟିକୁ ଗଛଉପରେ ଛାଡ଼ିଦେଇ ଚାଲିଗଲା । ସେହି କନ୍ୟାକୁ ବୃକ୍ଷ, ବାୟୁ ଓ ଚନ୍ଦ୍ର ପାଳନ କଲେ ଏବଂ ପରିଶେଷରେ ସେ ମାରିଷା ନାମ ଧାରଣ କରି ପ୍ରଚେତାଗଣଙ୍କର ପତ୍ନୀ ହେଲେ । ମାରିଷାଙ୍କ ଗର୍ଭରୁ ଦକ୍ଷ ଜନ୍ମଲାଭ କରିଥିଲେ ।

ଏଣେ କଣ୍ଡୁ ଋଷି ଯୋଗଭ୍ରଷ୍ଟ ହୋଇ ପୁରୁଷୋତ୍ତମ ନାମକ ପବିତ୍ର ବିଷ୍ଣୁକ୍ଷେତ୍ରକୁ ଚାଲିଗଲେ ।

ସଶ୍ଚାପି ଭଗବାନ୍ କଣ୍ଡୁଃ କ୍ଷୀଣେତପସୀସତ୍ତମଃ ।
ପୁରୁଷୋତ୍ତମାଖ୍ୟଂ ଭୋବିପ୍ରା ବିଷ୍ଣୋରାୟତନଂ ଯଯୌ ।୧୦୩।

ଦଦର୍ଶ ପରମଂ କ୍ଷେତ୍ରଂ ମୁକ୍ତିଦଂ ଭୁବି ଦୁର୍ଲ୍ଲଭମ୍
ଦକ୍ଷିଣସ୍ୟୋଦଧେସ୍ତୀରେ ସର୍ବ କାମ ଫଳପ୍ରଦମ । ୧୦୭ ।

ସୁରମ୍ୟ ବାଲୁକାକୀର୍ଣ୍ଣଂ କେତକୀ ବନଶୋଭିତମ୍
ନାନା ଦ୍ରୁମଲତାକୀର୍ଣ୍ଣଂ ନାନା ପକ୍ଷୀରୁତଂ ଶିବମ୍ ।। ୧୦୮ ।।

ସେଠାରେ ସେ ଦୁଇହାତକୁ ଉପରକୁ ଉଠାଇ ଏକାଗ୍ର ଚିତ୍ତରେ ବ୍ରହ୍ମପାର ମନ୍ତ୍ରକୁ ଜପକଲେ :

ପାରଂ ପରଂ ବିଷ୍ଣୁରପାରପାରଃ, ପରଃ ପରେଭ୍ୟଃ ପରମାତ୍ମରୂପଃ
ସ ବ୍ରହ୍ମପାରଃ ପରପାରଭୂତଃ, ପରଃ ପରାଣାମପି ପାରପାରଃ ।। ୧୧୫ ।।

ସ କାରଣଂ କାରଣସଂଶ୍ରିତୋଽପି, ତସ୍ୟାପି ହେତୁଃ ପରହେତୁ- ହେତୁଃ
କାର୍ଯ୍ୟେଽପି ଚୈଷ ସହକର୍ମକର୍ତ୍ତୃ.... ରୂପୈରନେକୈରବତୀହସର୍ବମ୍ ।। ୧୧୬ ।।

ବ୍ରହ୍ମପ୍ରଭୁର୍ବ୍ରହ୍ମ ସ ସର୍ବଭୂତୋ, ବ୍ରହ୍ମପ୍ରଜାନାଂ ପତିରଚ୍ୟୁତୋଽସୌ ।
ବ୍ରହ୍ମାବ୍ୟୟଂ ନିତ୍ୟମଜଂ ସ ବିଷ୍ଣୁରପକ୍ଷୟାଦ୍ୟୈରଖିଳୈରସଙ୍ଗଃ ।। ୧୧୭ ।।

ଏହି ବ୍ରହ୍ମପାର ମନ୍ତ୍ର ଶ୍ରବଣକରି ତଥା ମୁନିଙ୍କର ତପସ୍ୟାର ନିଷ୍ଠାରେ ମୁଗ୍ଧ ହୋଇ ବିଷ୍ଣୁ ପ୍ରସନ୍ନ ହେଲେ ଏବଂ ମୁନିଙ୍କୁ ତାଙ୍କର ଇପ୍‌ସିତ ମୋକ୍ଷ ପ୍ରଦାନ କଲେ ।

କଣ୍ଡୁ ଉପାଖ୍ୟାନଟି ବ୍ରହ୍ମପୁରାଣର ଏକ ସ୍ୱତନ୍ତ୍ର ଅଂଶ— ୧୭୮ ଅଧ୍ୟାୟରେ ଅତ୍ୟନ୍ତ ମନମୁଗ୍ଧକର ଚାତୁରୀରେ ବର୍ଣ୍ଣିତ ହୋଇ ପୁରୁଷୋତ୍ତମକ୍ଷେତ୍ରର ପବିତ୍ରତା ତଥାସ୍ୱତନ୍ତ୍ରତାକୁ ପ୍ରତିପାଦନ କରୁଛି । ଏହି କଣ୍ଡୁ ପ୍ରସଙ୍ଗ ୫ମ ଶତାବ୍ଦୀ ପୂର୍ବରୁ ରଚିତ ବିଷ୍ଣୁପୁରାଣରେ ମଧ୍ୟ ଅଛି (ଶ୍ରୀ ଶ୍ରୀ ବିଷ୍ଣୁ ପୁରାଣ, ପୃ ୨୨୨ (Passim) । ଏଠାରେ କୁହାଯାଇଛି ଯେ ବୃକ୍ଷମାନଙ୍କର ରାଜା ସୋମ ପ୍ରଚେତାମାନଙ୍କୁ ମାରିଷା ନାମକ କନ୍ୟା ଅର୍ପଣ କରି ସେମାନଙ୍କୁ ବୃକ୍ଷନାଶରୁ ନିବୃତ୍ତ କଲେ । ଏହି ମାରିଷାଙ୍କର ଜନ୍ମବୃତ୍ତାନ୍ତ ପ୍ରସଙ୍ଗରେ କଣ୍ଡୁ-ଉପାଖ୍ୟାନ ବର୍ଣ୍ଣିତ ହୋଇଛି । ଶ୍ରୀମଦ୍‌ଭାଗବତରେ ମଧ୍ୟ ଆହୁରି ଅଧିକ ସଂକ୍ଷିପ୍ତ ଭାବରେ କଣ୍ଡୁଙ୍କ ବିଷୟରେ ସୂଚନା ଅଛି :

କଣ୍ଡୋଃ ପ୍ରମ୍ଲୋଚୟା ଲବ୍‌ଧା କନ୍ୟା କମଳଲୋଚନା
ତାଂଶ୍ଚାପବିଦ୍ଧାଂ ଜଗୃହୁର୍ଭୂରୁହା ନୃପନନ୍ଦନା ।। ୧୩ ।।
(ଶ୍ରୀମଦ୍‌ଭାଗବତ—୪—୩୦—୧୩)

ଏଥିରୁ ସୁସ୍ପଷ୍ଟ ଯେ କଣ୍ଡୁ ଉପାଖ୍ୟାନଟିକୁ ପୁରାଣକାରମାନେ ସେମାନଙ୍କ ଆବଶ୍ୟକ ଅନୁସାରେ ବ୍ୟବହାର କରିଛନ୍ତି । ବ୍ରହ୍ମପୁରାଣର କଣ୍ଡୁଉପାଖ୍ୟାନ ସୁବିସ୍ତୃତ କାବ୍ୟ ଚାତୁରୀପୂର୍ଣ୍ଣ ତଥା ସବିଶେଷ ବର୍ଣ୍ଣନାବହୁଳ ହୋଇଥିବାରେ ଏଥିରେ ପୁରୁଷୋତ୍ତମ କ୍ଷେତ୍ର ଦକ୍ଷିଣ ସାଗର କୂଳରେ ବାଲୁକାପ୍ରାନ୍ତର ଓ କେତକୀବନ ଶୋଭିତ ହୋଇଥିଲା ବୋଲି କୁହାଯାଇଛି । ମାତ୍ର ବିଷ୍ଣୁପୁରାଣର କଣ୍ଡୁପ୍ରସଙ୍ଗ

ଅପେକ୍ଷାକୃତ ସଂକ୍ଷିପ୍ତ ହୋଇଥିବାରୁ ଏଥିରେ ପୁରୁଷୋତ୍ତମ କ୍ଷେତ୍ର ବିଷୟରେ ମାତ୍ର ନିମ୍ନୋକ୍ତମତେ ସୂଚନା ଦିଆଯାଇଛି :

ସ ସ୍ତୁପି ଭଗବାନକଣ୍ଡୁଃ କ୍ଷୀଣେ ତପସି ସତ୍ତମଃ
ପୁରୁଷୋତ୍ତମାଖ୍ୟାତଂ ବିଷ୍ଣୋରାୟତନଂ ଯଯୌ ॥ ୫୨ ॥

ଦୁଇଟିଯାକ ପୁରାଣର କଣ୍ଡୁଉପାଖ୍ୟାନ ମଧ୍ୟରେ ଯଥେଷ୍ଟ ଭାଷାଗତ ଓ ଭାବଗତ ସାମଞ୍ଜସ୍ୟ ଥିବାରୁ ବିଷ୍ଣୁପୁରାଣର "ପୁରୁଷୋତ୍ତମାଖ୍ୟାତଂ ବିଷ୍ଣୋରାୟତନଂ" ଯେ ନିଶଚିତ ଭାବରେ ବ୍ରହ୍ମପୁରାଣର" ସୁରମ୍ୟଂ ବାଲୁକାକୀର୍ଣ୍ଣ କେତକୀ ବନଶୋଭିତଂ ପୁରୁଷୋତ୍ତମାଖ୍ୟଂ ....ବିଷ୍ଣୋରାୟତନଂ" ଏଥିରେ ସନ୍ଦେହର ଅବକାଶ ନାହିଁ । ବ୍ରହ୍ମ ଓ ବିଷ୍ଣୁପୁରାଣ ମଧ୍ୟରୁ କେଉଁଟି ପ୍ରଥମେ ରଚିତ ତଥା ବ୍ରହ୍ମପୁରାଣର କେଉଁ ଅଂଶଟି ପ୍ରକ୍ଷେପ ତାହା ନିର୍ଣ୍ଣୟ 'କରିବା ଯଥେଷ୍ଟ କଷ୍ଟସାଧ୍ୟ । ତେବେ ବଂଶାନୁଚରିତମୂଳକ ହୋଇଥିବାରୁ ଆଖ୍ୟାୟିକାଟି ଯେ ଅତିପୁରାତନ ଏହା ବିନା ଦ୍ୱିଧାରେ କୁହାଯାଇପାରେ । ପୁନଶ୍ଚ ଏହି ଆଖ୍ୟାନଟିରେ ପୁରୁଷୋତ୍ତମ 'ଆୟତନ'ର ସୂଚନା ଏକ ଅତ୍ୟାବଶ୍ୟକ ଅଂଶ ଅଟେ । ପୁରୁଷୋତ୍ତମ ସଂଜ୍ଞକ ବିଷ୍ଣୁକ୍ଷେତ୍ର ଅନ୍ୟତ୍ର ନାହିଁ । ଏହି ବ୍ରହ୍ମପୁରାଣର ବ୍ୟାଖ୍ୟା ପରିପ୍ରେକ୍ଷୀରେ ପୁରୁଷୋତ୍ତମ ନାମକ ବିଷ୍ଣୁଆୟତନ ଯେ ଆଜିର ପୁରୀକ୍ଷେତ୍ର ଏହା ସନ୍ଦେହର ଊର୍ଦ୍ଧ୍ୱରେ ।

ମାତ୍ର ଡ଼ଃ ଗୟାଚରଣ ତ୍ରିପାଠୀ ତାଙ୍କର ପ୍ରବନ୍ଧରେ ଲେଖିଛନ୍ତି, "while there doesnot seem to be *apriori* any reason why this Purusottama Khyam ayatanam should not be identified with the Purusottam Ksetra of Puri absolute Certainty, of course cannot be obtained in this regard, [The cult of Jaganath and the Regional Tradition of Orissa], P. 37

ବ୍ରହ୍ମପୁରାଣର କଣ୍ଡୁଉପାଖ୍ୟାନ ତଥା ମୁକ୍ତିଚିନ୍ତାମଣି (୧୪୬୬-୯୭) ପୁରୁଷୋତ୍ତମ କ୍ଷେତ୍ରକୁ ପୁରୀ ବୋଲି ସ୍ୱୀକାର କରିଥିବା ପରିପ୍ରେକ୍ଷୀରେ ଡ଼ଃ ତ୍ରିପାଠୀଙ୍କର ଯୁକ୍ତି ଅବାନ୍ତର ମନେହୁଏ । ପୁନଶ୍ଚ ଆଜିର ପୁରୀକ୍ଷେତ୍ର ବହୁପୂର୍ବ କାଳରେ ପୁରୀବୋଲି ପରିଚିତ ନଥାଇ "ପୁରୁଷୋତ୍ତମ" ବୋଲି ପରିଚିତ ଥିଲା । ପ୍ରାଚୀନକାଳରେ "ପୁରୁଷୋତ୍ତମ" ସହିତ "କ୍ଷେତ୍ର" ଶବ୍ଦର ସଂଯୋଗ ଘଟିନଥିଲା କାରଣ ଡ଼ଃ ବେଣୀ-ମାଧବ ପାଢ଼ୀଙ୍କ ମତରେ "କ୍ଷେତ୍ର" ଶବ୍ଦର ବ୍ୟବହାର "ପୁରୁଷୋତ୍ତମ" "ଶ୍ରୀଜଗନ୍ନାଥ" ଭାବରେ ପରିଚିତ ହେବା-ପରେହିଁ ହୋଇଥିଲା । ତାହା ହୋଇଥିଲେ ବିଷ୍ଣୁପୁରାଣ "ଆୟତନ" ଶବ୍ଦ ପରିବର୍ତ୍ତେ ସିଦ୍ଧସ୍ଥାନ କିମ୍ବା ତୀର୍ଥସ୍ଥାନ ଅର୍ଥବ୍ୟଞ୍ଜକ "କ୍ଷେତ୍ର" ଶବ୍ଦ ହୁଏତ ବ୍ୟବହାର କରିଥାନ୍ତା । ବର୍ତ୍ତମାନ ମଧ୍ୟ ପୁରୀ ବକ୍ଷରେ "ପଣ୍ଡୁ ଆଶ୍ରମ" କିମ୍ବା "କଣ୍ଡୁ ଆଶ୍ରମ" ବୋଲି ପୁଣ୍ୟସ୍ଥଳୀ ରହି କଣ୍ଡୁମୁନିଙ୍କର ସ୍ମୃତିକୁ ପୁନର୍ଜାଗରିତ କରିବା ସଙ୍ଗେ ସଙ୍ଗେ ବିଷ୍ଣୁପୁରାଣର "ପୁରୁଷୋତ୍ତମ ଆୟତନ" ଯେ ଆଜିର ପୁରୀ-ଏହି ଯୁକ୍ତିର ସତ୍ୟତା ପ୍ରମାଣକରୁଛି ।

ଏହି ଆଲୋଚନାରୁ ସୁସ୍ପଷ୍ଟ ଯେ ସପ୍ତମ ଶତାବ୍ଦୀରେ ରଚିତ ଜ୍ଞାନସିଦ୍ଧି ତଥା ନବମ ଶତାବ୍ଦୀର ଅନର୍ଘରାଘବର ବହୁ ପୂର୍ବ ପଞ୍ଚମ ଶତାବ୍ଦୀର ବିଷ୍ଣୁପୁରାଣରେ "ପୁରୁଷୋତ୍ତମ" କିମ୍ବା ଜଗନ୍ନାଥ କ୍ଷେତ୍ର "ପୁରୀ" ବିଷୟରେ ସୂଚନା ଅଛି ।

ବହୁ ପୂର୍ବକାଳରୁ ସିଦ୍ଧସାଧକ, ଯୋଗୀ ତପସ୍ୱୀ ଯେଉଁ କ୍ଷେତ୍ରରେ ଯୋଗମଗ୍ନ ହୋଇ, କିମ୍ବା ଭକ୍ତିବହ୍ଲିତ ହୋଇ ପରମପଦ ଲାଭ କରିଛନ୍ତି ତାର ପୁରାତତ୍ତ୍ୱ ତଥା ଆଧ୍ୟାତ୍ମ-ତାରେ ମଜ୍ଜି ରହିବା କମ୍ ସୌଭାଗ୍ୟର କଥା ନୁହେଁ । ମାତ୍ର ସେହି "ପରମ ବେଦିତବ୍ୟ" ଅଥଚ "ଅପ୍ରମେୟ"ଙ୍କ ବିଷୟରେ କିଏ ବା ସୀମା ସଙ୍କେତ ପାଇବ ? "ଲୀଳାବିଳାସିତ କୋଟିପଂଦ୍ମାଭବରୁଦ୍ରେନ୍ଦ୍ରମରୁ ଦଶ୍ୱିସାଧ୍ୟ ସିଦ୍ଧଗଣ ପ୍ରଣତାଶେଷମୁରାମୁରର୍ତ୍ତି ଭୁବନଗୁରୋ ନକସ୍ୟାପି ଜ୍ଞାନ ଗୋଚର ନମସ୍ତେ ନମସ୍ତେ "

(ସନ୍ଦ-ଉତ୍କଳ-ଶ୍ରୀଜଗନ୍ନାଥଦଣ୍ଡକମ୍)

ଶ୍ରୀଜଗନ୍ନାଥଙ୍କର ଶରୀରରୂପୀ ଏହି ପୁରୁଷୋତ୍ତମ କ୍ଷେତ୍ର ବା ଶ୍ରୀକ୍ଷେତ୍ର ମାନବ ଜନ୍ମକୁ ସାର୍ଥକ କରିବାକୁ ଅଧିକ ପ୍ରେରଣା ଦେଉ କେବଳ ଏତିକି ହିଁ କାମନା ।

ସହାୟକ ଗ୍ରନ୍ଥମାନଙ୍କ ମଧ୍ୟରୁ କେତୋଟି-


(୧) ବ୍ରହ୍ମପୁରାଣମ୍, ପ୍ରୟାଗ : ହିନ୍ଦିସାହିତ୍ୟ ସମ୍ମେଳନ, ୧୯୭୬ ।

(୨) Chakravorti, Madhavadasa. A Short History of Sanskrit Literature.

(୩) Eschmann, et. al. Ed, The. Cult of Jagannath and the Regional Tradition of Orissa.

(୪) Hazra, R. C. Studies in the Upa Puranas.

(୫) Kane, P. V. History of Dharma-sastra. IV,

(୬) ପାଢ଼ୀ, ବେଣୀମାଧବ. ଦାରୁଦେବତା ।

(୭) ପୌରାଣିକ କୋଷ. ବାରାଣସୀ: ଜ୍ଞାନମଣ୍ଡଳ ଲିଃ ।


(୮) ଶ୍ରୀ ଶ୍ରୀ ବିଷ୍ଣୁପୁରାଣ. ଗୋରଖପୁର : ଗୀତାପ୍ରେସ ।

(୯) Singh, M. R. Geographical Data in the Early Puranas.

(୧୦) ଦାଶ, ପଣ୍ଡିତ ସୂର୍ଯ୍ୟନାରାୟଣ. ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥତତ୍ତ୍ୱ ।



ଗବେଷକ,
ସ୍ନାତକୋତ୍ତର ଇଂରାଜୀ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର-୪



# ନୀଳଚକ୍ରେ ହୋ ଦେଖ ଉଡୁଛି ବାନା...

ମହାପାତ୍ର ନୀଳମଣି ସାହୁ

ଓଡ଼ିଶା ଭୂଇଁରେ ଅବା କେତେ ଦେଉଳ ନାହିଁ ? କେଉଁ ଦେଉଳର ଦଧିନଉତି ଉପରେ ଅବା କେତେ ନେତ ଉଡୁ ନାହିଁ ? ବାନା ଉଡୁ ନାହିଁ ? ସାରା ଓଡ଼ିଶାରେ ତ ଓଡ଼ିଆମାନେ ଖାଲି ଦେଉଳ ତୋଳି ଯାଉଛନ୍ତି । ଯୁଆଡ଼େ ଚାହିଁବ ଖାଲି ଦେଉଳ, ନ ହେଲେ ମଠ । ନାହିଁ କୋଉ ଅପନ୍ତରା ଭିତରେ, କିମ୍ବା ନଈ ସମୁଦ୍ରକୂଳରେ ଅଥବା କୋଉ ପାହାଡ଼ ପର୍ବତ ବଣ ଅରଣ୍ୟରେ ଯୁଆଡ଼େ ଚାହିଁବ ଖାଲି ଦେଉଳ । କାରୁକାର୍ଯ୍ୟ ଭରି ଦେଉଳ । ଅମରପୁରଠାରୁ ବାଲେଶ୍ୱର ଯାଏ–ବଲାଙ୍ଗୀରଠାରୁ କୋରାପୁଟଯାଏ–ମୟୂରଭଞ୍ଜଠାରୁ ପାରଳାଖେମୁଣ୍ଡି ଯାଏ–ଓଡ଼ିଶାରେ ଆଉ କଣ ଅଛି ? ଓଡ଼ିଆଙ୍କର ବି ଆଉ କଅଣ ଅଛି ? ଖାଲି ମଠ ଦେଉଳ, ମଠ ଦେଉଳ । ଓଡ଼ିଆ ବଣିକର ଧନ ବଢ଼ିଲେ ଖାଲି ମନ୍ଦିର ଗଢ଼ିବେ । ଓଡ଼ିଆ ରାଜା ଜମିଦାରଙ୍କର ବି ବଳକା ଧନ ଯାଏ ଏଇ ମଠ ମନ୍ଦିର ଗଢ଼ିବାରେ । ଦିଅଁ ବସାଇ ପ୍ରତିଷ୍ଠାକରି ପୂଜା ଧୂପାପାଇଁ ଶହ ଶହ ଏକର ଜମି ଖଂଜା କରିଛନ୍ତି ଓଡ଼ିଆମାନେ । ଯାନି, ଯାତ୍ରା, ପର୍ବପର୍ବାଣୀ, ମେଳା ମଉଛବ–ଓଡ଼ିଆ ଜାତିର ବିଶେଷତ୍ୱ । ଯୁଆଡ଼େ ଯାଅ–ହରେକ ଦେବତା ହରେକ ଦେବୀ ଭରା ହୋଇଛନ୍ତି ଅତ୍ର ତତ୍ର । ସେଠି ଶଂଖ ଚକ୍ର ଗଦାଧାରୀ ବିଷ୍ଣୁଙ୍କ ମନ୍ଦିର–ଏଠି ମୁରଲୀଧାରୀ କୃଷ୍ଣଙ୍କ ମନ୍ଦିର । କେତେ ନାମରେ ସେ କେତେ ଗାଁରେ ଭରା ହୋଇଛନ୍ତି–କ୍ଷୀରଚୋରା ଗୋପୀନାଥ, ଟୋଟା ଗୋପୀନାଥ–ସାକ୍ଷୀଗୋପାଳ, ମଦନମୋହନ, ରାଧାକାନ୍ତ, ଗୋପୀବଲ୍ଲଭ, ରାଧାରମଣ, ବୃନ୍ଦାବନଚନ୍ଦ୍ର, ଗୋପଗୋବିନ୍ଦ–ଏମିତି ଏମିତି କେତେ ନାମ ! ସହସ୍ର ନାମ ! ସେମିତି ଭାଇଜଯାକ ଶିବ ମନ୍ଦିରମାନ କେତେ ନାଁରେ ହରହର ଶଙ୍କର ମହାଦେବ ପୂଜା ପାଉଛନ୍ତି–ଲୋକନାଥ, ପୂର୍ଣ୍ଣେଶ୍ୱର, ବଟେଶ୍ୱର, ଗୋକର୍ଣ୍ଣେଶ୍ୱର, ଶୋଭନେଶ୍ୱର, ଲିଙ୍ଗରାଜ, ଲିଙ୍ଗେଶ୍ୱର, ନୀଳକଣ୍ଠେଶ୍ୱର, ଲକ୍ଷେଶ୍ୱର, ଯଜ୍ଞେଶ୍ୱର, ନାଗଭୂଷଣ ତ୍ରିବେଣୀଶ୍ୱର, ହଟକେଶ୍ୱର, ଯୋଗେଶ୍ୱର, ମହେଶ୍ୱର, ପାତାଳେଶ୍ୱର–ଏମିତି ଏମିତି କେତେ ନାଁ–ସହସ୍ରେ ନାଁ । ଆଉ କୋଉଠି ଦେଖିବ– ଆଦିମାତା ଦୁର୍ଗା–ରାଜ୍ୟ-ସାରା କେତେ ରୂପରେ କେତେ ନାମରେ କେତେ-ଦେଉଳରେ ସେ ଅଧିଷ୍ଠିତା ହୋଇଛନ୍ତି । ମଙ୍ଗଳା, ସାରଳା, ଭଗବତୀ, ସମଲେଶ୍ୱରୀ, କୀଚକେଶ୍ୱରୀ, ବିମଳା, ଚର୍ଚ୍ଚିକେଶୀ, ତାରେଣୀ, ଭୁବନେଶ୍ୱରୀ, ଗୌରୀ, ମଣିନାଗେଶ୍ୱରୀ, ତାରାତାରେଣୀ, ଚଣ୍ଡୀ–ଏମିତି ଏମିତି କେତେ ନାଁ–ସହସ୍ରେ ନାଁ । ଖାଲି ଏତିକି ନୁହଁ – ଗାଁ ଗାଁ କେ ଗ୍ରାମଦେବତୀମାନେ ରହିଛନ୍ତି – କୁତାମଚଣ୍ଡୀ, ଆଲମ୍ବଚଣ୍ଡୀ, ଚଣ୍ଡାଖାଇ, କାଳୁଆ ମହୁରୀ, ଆକଟେଇ, କାଙ୍କଟେଇ, ସାତପୁଅମା, ହରଚଣ୍ଡୀ, ଉଗ୍ରଚଣ୍ଡୀ, ମାଣିକେଇ, ବାହୁଦେଇ–ଏମିତି ଏମିତି କେତେ ନାଁ–ସହସ୍ରେ ନାଁ । ଏମାନଙ୍କ ବ୍ୟତୀତ ପୁଣି ସାରା ଓଡ଼ିଶାରେ ଦେଖିବେ ଗଣେଶ ମନ୍ଦିର, ବ୍ରହ୍ମାଙ୍କ ମନ୍ଦିର, ଚଉଷଠି ଯୋଗିନୀଙ୍କ ମନ୍ଦିର– କୋଉଠି ବା ବିରଞ୍ଚି ନାରାୟଣ ମନ୍ଦିର ତ କୋଉଠି ସୂର୍ଯ୍ୟନାରାୟଣ ମନ୍ଦିର । କୋଉଠି ପୁଣି ବାରାହୀ, କୋଉଠି କାଳୀ, କୋଉଠି ବିନାୟକ ମନ୍ଦିର ତ କୋଉଠି ପୁଣି ନୃସିଂହ ମନ୍ଦିର । ଏତ ଗଲା ମନ୍ଦିର । ଏଣେ ପୁଣି ଗାଁ ଗାଁ କେ ମଠ–ଗାଁ ଗାଁ କେ ଗାଦୀବ୍ରହ୍ମ–– ଗାଁ ଗାଁ କେ ବରଗଛ ବା ଅଶ୍ୱତ୍ଥ ଗଛର କୋରଡ ଭିତରେ, ଶାହାଡ଼ା ଗଛ ତଳେ, ଅଥବା କରଞ୍ଜଗଛ କି ତେନ୍ତୁଳି ବଣ ଭିତରେ ଥାଇ ପୂଜା ପାଉଛନ୍ତି କେତେ ଠାକୁରାଣୀ । ଛୋଟ ଛୋଟ ଆପଦ ବିପଦକୁ ସେଇମାନେଇ କେବଳ ସାହା ଭରସା ।

କିନ୍ତୁ ଏସବୁ ବାହାରେ ପୁଣି ରହିଛି ପ୍ରତି ଗାଁରେ ଭାଗବତ ଘର, ଭଜନ ଟୁଙ୍ଗି । ଭାଗବତ ଘର ଗାଁର ସେଠାଘର । ତା ଭିତରେ ବିମାନ ଭିତରେ କୌଣସି ମୂର୍ତ୍ତି ନଥାନ୍ତି–କେବଳ ତାଳପତ୍ରରେ ଲିଖିତ ଭକ୍ତକବି ଜଗନ୍ନାଥ ଦାସଙ୍କ କୃତ ବାର ସ୍କନ୍ଧ ଭାଗବତ । ଛିଟକନା, ଆଉ ମୟୂରଚନ୍ଦ୍ରିକା, ତୁଳସୀ ପତ୍ର ଆଉ ଚନ୍ଦନ । ଅଧିକା କୋଉ କୋଉଠି ବା ଶାଳଗ୍ରାମ ଶିଳା । ଏଠି ପ୍ରତିଦିନ ଭାଗବତ ପଢାଯାଏ– ଭାରତ, ହରିବଂଶ, ବିଷ୍ଣୁପୁରାଣ ବା ରାମାୟଣ ପଢା-ଯାଏ । କୋଉ କୋଉ ଗାଁରେ ପୁଣି ରହିଛି ଭଜନ ଟୁଙ୍ଗୀ । ଶୂନ୍ୟବାଦୀ ପିଣ୍ଡ ବ୍ରହ୍ମାଣ୍ଡ ବାଦୀ ପଞ୍ଚସଖାଙ୍କ ଶିଷ୍ୟମାନେ ସେଠି ରାତିରେ ଏକାଠି ହୋଇ

ଶରୀର ଭେଦ ଭଜନ ଗାଉ । ଶୁଣେଣି ମାଡ଼ରେ ଗାଁ କଂପୁଥାଏ । ଭୀମ ଭୋଇଙ୍କ ଭଜନ, ଅଚ୍ୟୁତାନନ୍ଦ ଦାସ, ଶିଶୁ ଅନନ୍ତ ଦାସ, ଯଶୋବନ୍ତ ଦାସ, ଆରତ ଦାସଙ୍କ ଶରୀର ଭେଦ ଭଜନ ।

"ମନ କହୁଛିରେ; ବସି ହଂସକୁ ଖେଳା
ହଂସ ଉଡ଼ିଗଲେ, ହଂସ ଉଡ଼ିଗଲେ, ହଂସ ଉଡ଼ିଗଲେ
ବୁଡ଼ିବ ଭେଳା । ମନ କହୁଛିରେ......

କିମ୍ବା -ରୂପରେଖ ନାହିଁହେ ଶୂନ୍ୟଦେହି;
ଅଛି ଭରାହୋଇ ।

କିମ୍ବା—ଆରେ ଶୁଆ ଖଡ୍ ଖଡ୍
ମିଛ ମାୟାରେ ପଡ଼ି ହେଉ ଲଡ଼ ବଡ଼
ଆରେ ଶୁଆ ଖଡ୍ ଖଡ୍ ।

କିମ୍ବା—ଦିଅଁ ଦେଖି ଯିବା ଗୋ ସହୀ,
ଦେଉଳରେ ଦିଅଁ ଦେବତା ନାହିଁ !
ଦିଅଁ ଦେଖି ଯିବା ଗୋ ସହୀ !!

ସିଦ୍ଧତଟବଟ କୂଟରେ ପ୍ରକଟ ରାଧାକୃଷ୍ଣ ବାରି ହୁଅନ୍ତି ନାହିଁ!
ଆଉ କୋଉ ଗାଁରେ କୀର୍ତ୍ତନ ଟୁଙ୍ଗୀରେ
ଦକ୍ଷିଣୀ କୀର୍ତ୍ତନ ଗ୍ଧଲିଥିବ—ପାଣ୍ଠହଳ ଝାଞ୍ଜ—
ତିନିତିନିତା ମୃଦଙ୍ଗରେ କାନ ଅତଡ଼ା ପଡୁଥିବ—
ଅଧା ଓଡ଼ିଆ ଅଧା ବଙ୍ଗଳା ଭାଷାରେ ଭଗବାନ
ଶ୍ରୀକୃଷ୍ଣ ବା ଶ୍ରୀଚୈତନ୍ୟଙ୍କ ଦିବ୍ୟଲୀଳାର ବର୍ଣ୍ଣନା—

ଏକଦିନେ କୃଷ୍ଣଚନ୍ଦ୍ର ବୃନ୍ଦାବନେ ଗେଲ
ବିରହବାଂଶରୀ ଲୟା ବଜାଇ ଯଗିଲ ।

କିମ୍ବା

ସୁନାର ବରନ ପୋଷା ପକ୍ଷୀଟିଏ
କିଏ ସେ ଦେଖିଛ ଭାଇ !

କିଏ ସେ ଦେଖିଛ କହି ଦିଅରେ !
ସେ ତ ଶଚୀଦେବୀଙ୍କର ନୟନତାରା !

ତେଣେ ଭାଗବତ ଟୁଙ୍ଗୀରୁ ଭାଗବତ ପଦମାନ ଭାସି ଆସୁଥିବ—

ଗୋବିନ୍ଦ ବିସ୍ମରନ୍ତି ମନେ
ଆଜ ରମିବି ବୃନ୍ଦାବନେ
ଷୋଳସହସ୍ର ଗୋପନାରୀ
ମୋତେ ବରିଲେ ତପକରି ।

ଏମିତି ଏମିତି ସାରା ଓଡ଼ିଶାରେ ହଜାରେ ବର୍ଷ ଧରି କେତେ ମନ୍ଦିର, କେତେ ମଠ, କେତେ ଗାଦୀ, କେତେ ଟୁଙ୍ଗୀରେ କେତେ ଧର୍ମ ଚର୍ଚ୍ଚା ହୋଇ ଆସିଛି—କେତେ କୀର୍ତ୍ତନ, କେତେ ଭଜନ, କେତେ ଜଣାଣ, କେତେ ମାଳଣା, କେତେ ଉତ୍ସବ, କେତେ ମହୋତ୍ସବ ହୋଇ ଆସିଛି । ଓଡ଼ିଆ ଜାତି ସବୁ ଛାଡ଼ି ଧର୍ମକୁ ଧରିଛି । ଧର୍ମକୁ ଧରି ସବୁ ଛାଡ଼ିଛି । ହଜାରେ ବର୍ଷ ଧରି ଏ ଜାତିର ଧର୍ମ ସାଧନାର ଇତିହାସ ଯେମିତି ବ୍ୟାପକ, ସେମିତି ଗଭୀର—ଯେମିତି ଜଟିଳ ସେମିତି ବିଚିତ୍ର । ବୌଦ୍ଧ, ଜୈନ, ଶାକ୍ତ, ଶୈବ, ବୈଷ୍ଣବ, ଗାଣପତ୍ୟ, ସୌର, ତନ୍ତ୍ର, ଯୋଗ, ଭକ୍ତି, ଜ୍ଞାନ ଶୂନ୍ୟ ସାଧନାର ବହୁ ବ୍ୟାପକ ବିଚିତ୍ର ଅଭିଜ୍ଞତାରେ ଏ ଜାତିର ଆତ୍ମା ପରିପୁଷ୍ଟ ହୋଇଛି । ସାରା ବିଶ୍ୱର ମାନବ ସମାଜକୁ ଭାରତୀୟମାନଙ୍କର ଅବଦାନ କଣ ? ତାର ଉତ୍ତର ହେଲ—ଧର୍ମ ବା ଆଧ୍ୟାତ୍ମ ସାଧନା । ସେମିତି ସାରା ଭାରତବାସୀଙ୍କୁ ଓଡ଼ିଆ ଜାତିର ଅବଦାନ କଣ ବୋଲି ପ୍ରଶ୍ନ ହେଲେ—ଖୁବ୍ ସ୍ପଷ୍ଟ ଓ ଦୃଢ଼ ଭାବରେ କହିଦେଇ ହେବ—ଧର୍ମ ଓ ଆଧ୍ୟାତ୍ମ—ସାଧନାର ଅଦ୍ଭୁତ ଅଭିଜ୍ଞତା । ସବୁମତ ଓ ସବୁ ପଥର ସମନ୍ୱୟ ଏଇ ଉଡ୍ଡୀୟମାନ ପୀଠରେ ହିଁ ସମ୍ଭବ ହୋଇଛି । ଓଡ଼ିଆଙ୍କ ପ୍ରାଣ, ମନ ଓ ଆତ୍ମା ଏହି ଭାବ—ସମନ୍ୱୟ—ଭିତରେ ହିଁ ପରିପୁଷ୍ଟ ହୋଇଛି । ସାମ୍ୟ, ମୈତ୍ରୀ, ଆତିଥେୟତା, ସମନ୍ୱୟ, ସହଯୋଗିତା, ତ୍ୟାଗ, ସତ୍ୟ, ଅହିଂସାଦି ଗୁଣର ବିକାଶପାଇଁ ଏ ଜାତି ଯୁଗ-ଯୁଗ ଧରି ସାଧନା କରି ଆସିଛି । ସେଇଥିପାଇଁ ଏ ଜାତିର ଇଷ୍ଟ ଦେବତା ପୁରୁଷୋତ୍ତମ ଶ୍ରୀଜଗନ୍ନାଥ । ଏ ଜାତିର ଇଷ୍ଟବନ୍ଧୁ ମଧ୍ୟ ସେଇ ପୁରୁଷୋତ୍ତମ ଜଗବନ୍ଧୁ । ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ହେଲା ଆମର ବନ୍ଧୁଘର । ଆମର ଏକମାତ୍ର ଅଭିଳାଷ ହେଲା—

ଥରେ ମନ ଗ୍ଧଲ ଯିବା
ଚକା ନୟନ ଦେଖିବା

ଶଂଖ ନାଭି ମଣ୍ଡଳରେ ବେନିନେତ୍ର ପଖାଳିବା ।

ଆମ ପାଇଁ ଶ୍ରୀକ୍ଷେତ୍ରର ପ୍ରତି ଧୂଳିକଣା ପରମ ପବିତ୍ର । ଶୁଖିଲ ଅନ୍ନ କଣିକାଏ ଆମର ପରମ ନିର୍ମାଲ୍ୟ । ମୃତ୍ୟୁ ବେଳର ଶେଷ ଢୋକଟି ଆମର ଆକାଂକ୍ଷା କରିଥାଏ, ଅପେକ୍ଷା କରିଥାଏ ସେଇ ନିର୍ମାଲ୍ୟ କଣିକା ମିଶ୍ରିତ ଟୋପାଏ ପାଣିପାଇଁ । ସେତିକି ସେତିକିବେଳେ କେହି ଆମ ପାଟିରେ ଦେଇ ଦେଲେ—ଆମର ପଞ୍ଚ ପ୍ରାଣବାୟୁ ଗୋଟିଏ ମାତ୍ର ନିଃଶ୍ୱାସରେ ଏ ମର୍ତ୍ତ୍ୟ ଭୂମି ଛାଡ଼ି ପରମ ଜିଜ୍ଞାସାରେ ଆରପାରିକି ଗ୍ଧଲିଯାଏ ।

ଶ୍ରୀଜଗନ୍ନାଥ ହିଁ ଓଡ଼ିଆଙ୍କର ଏକମାତ୍ର ଧ୍ୟେୟ । ଖାଲି ଓଡ଼ିଆଙ୍କର ନୁହଁ—ଓଡ଼ିଆଙ୍କର ଯେତେ ଦେବାଦେବୀ ଯେଉଁଠି ଅଛନ୍ତି—ସମସ୍ତଙ୍କ ଉପରେ ସେ ଶ୍ରୀଜଗନ୍ନାଥ ! ଶ୍ରୀଜଗନ୍ନାଥଙ୍କ ଛଡ଼ାମାଳ ବା ଧଣ୍ଡାକୁ ନିଜ ଗଳାରେ ପିନ୍ଧି ଧନ୍ୟ ହେବାପାଇଁ ଓଡ଼ିଶାର ଦେବୀମାନେ ଅତ୍ୟନ୍ତ ଆଗ୍ରହର ସହିତ ଅପେକ୍ଷା କରିଥାନ୍ତି । ବାଣପୁରର ଭଗବତୀ, ଯାଜପୁରର ବିରଜା, କାକଟପୁରର ମଙ୍ଗଳା, ଝଙ୍କଡ଼ର ସାରଳା, ବାଙ୍କୀର ଚର୍ଚ୍ଚିକା, କଟକର ଚଣ୍ଡୀ, ଭୁବନେଶ୍ୱରର ଗୌରୀ, ସମ୍ବଲପୁରର ସମଲେଇ—ସବୁ ଠାକୁରାଣୀମାନେ ଜଗନ୍ନାଥଙ୍କ

ଛତ୍ରାମାଙ୍କ ଆଉ ଜଗନ୍ନାଥଙ୍କ ପିନ୍ଧା ପାଛୋଡ଼ା ପିନ୍ଧିବାପାଇଁ ଖୁବ୍ ଆଗ୍ରହର ସହିତ ଅପେକ୍ଷା କରି ରହିଥାନ୍ତି । ଜଗନ୍ନାଥଙ୍କ ଅଭଡ଼ା ମହାପ୍ରସାଦ ସେବା କରିବାପାଇଁ ଖୁବ୍ ଲୋଭ କରି ରହିଥାନ୍ତି ।

ଓଡ଼ିଶାରେ ଅସଂଖ୍ୟ ତୀର୍ଥ, ଅସଂଖ୍ୟ ଧର୍ମପୀଠ । ସବୁ ପୀଠର ଦେବତାମାନେ ସୂକ୍ଷ୍ମ ରୂପରେ ଶ୍ରୀଜଗନ୍ନାଥଙ୍କ ଅଭିଷେକୋତ୍ସବ ଦେଖିବାପାଇଁ ଅଥବା ରଥଯାତ୍ରା ଦେଖିବା ପାଇଁ ଶ୍ରୀକ୍ଷେତ୍ରରେ ଆସି ଉପନୀତ ହୁଅନ୍ତି ।

ଶ୍ରୀକ୍ଷେତ୍ର ପୁରୀ ହେଲା ଓଡ଼ିଶାର ଆତ୍ମା କେନ୍ଦ୍ର । ବର୍ଷକେ ଅନ୍ତତଃ ଥରେ ହେଲେ ବି ପୁରୀଧାମ ଯାଇ ସମୁଦ୍ର ଜଳରେ ବୁଡ଼ ପକାଇ ଧରି ଶ୍ରୀଜଗନ୍ନାଥଙ୍କର ମୁଖାରବିନ୍ଦ ଦର୍ଶନ ନ କଲେ ଓଡ଼ିଆଙ୍କ ପ୍ରାଣର କ୍ଷୁଧା ଶାନ୍ତ ହୁଏ ନାହିଁ । ବଡ଼ଦାଣ୍ଡରେ ଠିଆ ହୋଇ ବଡ଼ଦେଉଳର ନୀଳଚକ୍ର ଉପରେ ଫର ଫର ହୋଇ ଉଡୁଥିବା ପତିତପାବନ ବାନା ଉପରେ ଥରେ ମାତ୍ର ଆଖି ନ ପଡ଼ିଲେ ଓଡ଼ିଆଙ୍କୁ ଚତୁର୍ଦ୍ଦିଗ ଅନ୍ଧାର ଦେଖାଯାଏ । ବର୍ଷକେ ଥରେ ହେଲେ ବି ଆନନ୍ଦ ବଜାରରେ ବନ୍ଧୁବାନ୍ଧବ କୁଟୁମ୍ବ ପରିଜନଙ୍କ ସହିତ ବସି, ଶ୍ରୀଜଗନ୍ନାଥଙ୍କ ଅଭଡ଼ା, ଡାଲି ମହୁର, ବେସରରେ ପଙ୍ଗତ ନ କଲେ ଓଡ଼ିଆଙ୍କ ପ୍ରାଣର କ୍ଷୁଧା ମେଣ୍ଟେ ନାହିଁ । ଓଡ଼ିଆଙ୍କ ସାରା ଶରୀରର ସମସ୍ତ ଇନ୍ଦ୍ରିୟ ଜଗନ୍ନାଥଙ୍କ ପ୍ରତି ଉନ୍ମୁଖ । ଜଗନ୍ନାଥଙ୍କୁ ନେଇ, ଜଗନ୍ନାଥଙ୍କ ପାଖରେ, ଯେତେ କବିତା, ଭଜନ, ସ୍ତୁତି, ଜଣାଣ ଓଡ଼ିଆ କବିମାନେ ଲେଖି ଯାଇଛନ୍ତି–ସେମିତି ଭାରତବର୍ଷର ଆଉ କୌଣସି ଦେବଦେବୀଙ୍କ ପାଇଁ ସେ ରାଜ୍ୟର କବିମାନେ ଲେଖି ନାହାନ୍ତି । ସେହି ଭଜନ ଜଣାଣଗୁଡ଼ିକ ଓଡ଼ିଆଙ୍କର ପ୍ରାଣର ସଙ୍ଗୀତ । ଓଡ଼ିଆଟିଏ ଯେଉଠି ଥାଉ–ଦେଶରେ ଥାଉ କି ବିଦେଶରେ ଥାଉ ତା' କାନରେ ଯଦି ଦୈବାତ୍ ଜଗନ୍ନାଥଙ୍କ ଜଣାଣଟିଏ, ପଡ଼ିଯାଏ–ବାଧିଲା ଜାଣି କ୍ଷମା, କର ନୋହିଲେ ଉମା–ରମଣ ଦଣ୍ଡେ ଦିଅ ଟାଳି କିମ୍ବା "ନୀଳାଦ୍ରି ସିଂହ ! ଆଉ ବିଳମ୍ବ କର କାହିଁକି ? କିମ୍ବା "ଚକାଡୋଳା କିଂପା ଢଳା, କିଂପା ଢଳା ନଶୁଣ ହେ ! କିମ୍ବା "ଚକାନୟନକୁ ସ୍ପର୍ଶି ପଡିଡ ଜଣେ"– କିମ୍ବା ଏହି ଭଳି ଯେ କୌଣସି ଜଗନ୍ନାଥ ଜଣାଣର ପଦଟିଏ ଯଦି ହରିଚନ୍ଦନ, କି ଭିକାରୀ ବଳ କି ପ୍ରଫୁଲ୍ଲ କରଙ୍କ କଣ୍ଠରୁ ନିଃସୃତ ହୋଇ ତା' କାନରେ ପଡ଼ିଯାଏ, ତେବେ ତାର ପ୍ରାଣ କେନ୍ଦ୍ର ସ୍ପନ୍ଦିତ ହୋଇ ଉଠେ– ତାର ପଞ୍ଚପ୍ରାଣ ପୁଲକିତ ହୋଇଉଠେ– ତାର ଆତ୍ମା–କେନ୍ଦ୍ର ଉତ୍‌ଫୁଲ୍ଲିତ ହୋଇଉଠେ । ଓଡ଼ିଆଟିଏ ବିଦେଶରେ ଥିଲେ ବି ଜଗନ୍ନାଥଙ୍କ ମୂର୍ତ୍ତିଟିଏ ଦେଖିଲେ, କି ଫଟୋଟିଏ ଦେଖିଲେ, କି ଭଜନଟିଏ ଶୁଣିଲେ ସେହି ବିଦେଶ ଭୂଇଁ ମଧ୍ୟ ତାକୁ ସ୍ୱଦେଶ ମାତୃଭୂମି ବୋଲି ମନେହୁଏ । ଜଗନ୍ନାଥେ ଅଛନ୍ତି ବୋଲି ସିନା ଓଡ଼ିଶା ଦେଶ ଆମର ଏତେ ପ୍ରିୟ !

ଆଜି ଜଗନ୍ନାଥ ଅବଶ୍ୟ ସାରା ଜଗତର ନାଥ ହୋଇ ପ୍ରତିଷ୍ଠା ପାଇଲେଣି । ଆଜି ଭାରତବର୍ଷର ବିଭିନ୍ନ ରାଜ୍ୟରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେଲାଣି । ଆଜି ଆମେରିକାରେ ଏକାଧିକ ଜଗନ୍ନାଥ ମନ୍ଦିର ତୋଳା ହେଲାଣି ଓ ଜଗନ୍ନାଥ ଚେତନା ସମିତି ସ୍ଥାପନ ହେଲାଣି । ଜଣେ ଓଡ଼ିଆ ବନ୍ଧୁ ସାନ୍‌ଫ୍ରାନସିସ୍କୋରୁ ଲେଖିଥିଲେ–ସେଠି ଜଗନ୍ନାଥ ମନ୍ଦିରରେ "କଦାଚିତ୍ କାଳିନ୍ଦୀ ତଟ ବିପିନୋ ସଙ୍ଗୀତ କରବଃ" ଏହି ସଂସ୍କୃତ ଭଜନଟିର ରେକର୍ଡ଼ ବାଜିବା ସଙ୍ଗେ ସଙ୍ଗେ ଭିକାରୀ ବଳ, ନିମାଇଁ ହରିଚନ୍ଦନ, ପ୍ରଫୁଲ୍ଲ କର, ଅକ୍ଷୟ ମହାନ୍ତି ପ୍ରଭୃତିଙ୍କ ଦ୍ୱାରା ଗାନ କରା ଯାଇଥିବା ଓଡ଼ିଆ ଜଗନ୍ନାଥ ଭଜନଗୁଡ଼ିକର ରେକର୍ଡ଼ ମଧ୍ୟ ବାଜୁଛି ଏବଂ ସେସବୁ ଶୁଣିବା ମାତ୍ରେ ମନେ ହେଉଛି–ସତେକି ଶ୍ରୀଜଗନ୍ନାଥ ସାରା ଓଡ଼ିଶା ଓ ଓଡ଼ିଆଜାତିକୁ ଧରି ଆମେରିକା ଆସି ଏଠି ଛୁଟି କାଟୁଛନ୍ତି ।

ଆଜି ଶ୍ରୀଜଗନ୍ନାଥ ସାରା ବିଶ୍ୱରେ ସର୍ବାଧିକ ପୂଜ୍ୟ ଦେବତା । ଯାହା ଜଣା ପାଉଛି–ଭବିଷ୍ୟତରେ କ୍ଷର–ଅକ୍ଷର ଓ କ୍ଷରାକ୍ଷରର ବହିର୍ଭୂତ ମହାନ୍ ପୁରୁଷୋତ୍ତମ ତତ୍ତ୍ୱ ଉପରେ ପ୍ରତିଷ୍ଠିତ ଏବଂ ସାମ୍ୟ, ମୈତ୍ରୀ, ପ୍ରୀତି, ସତ୍ୟ ଋତ ଓ ସମନ୍ୱୟର ମହା ରହସ୍ୟମୟ ବ୍ରହ୍ମସ୍ୱରୂପ ଏହି ଦାରୁ ବିଗ୍ରହଙ୍କର ପୂଜା ଆରାଧନା ଓ ଉପାସନା ସାରା ବିଶ୍ୱରେ ଅଧିକରୁ ଅଧିକ ପ୍ରସାରିତ ହେବ । ତେବେ ଏକଥା ନିଶ୍ଚିତ ଯେ, ଶ୍ରୀଜଗନ୍ନାଥ ଓଡ଼ିଶା ଛାଡ଼ି ଓଡ଼ିଆଙ୍କ କୁଟୁମ୍ବି ତାକୁ ଅସ୍ୱୀକାର କରି ଆଉ କୁଆଡ଼େ ଚାଲିଯିବେ ନାହିଁ । ଶ୍ରୀଜଗନ୍ନାଥ ଏହି ପ୍ରତିଶ୍ରୁତି ଦେଇଛନ୍ତି,–ମୋର ମନ୍ଦିର ଥାଉ ବା ନଥାଉ ଅଥବା ମୋର ବିଗ୍ରହ ଥାଉ ବା ନଥାଉ–ମୋ ପାଖରେ ଛପନ କୋଟି ଭୋଗ ବଢ଼ା ହେଉ କି ନହେଉ–ମୋ ପାଖରେ ଛତିଶିପାଟକ ସେବାକାରୀ ଖଟନ୍ତୁ ବା ନଖଟନ୍ତୁ–ମୋପାଇଁ ବାରମାସରେ ତେର ପର୍ବ ହେଉ କି ନ ହେଉ–ସାରା ଓଡ଼ିଶାରେ ବିଶର ମହାନ୍ତି ଭଳି କିମ୍ବା ଦାସିଆ ବାଉରୀଭଳି କିମ୍ବା ଯବନ ସାଲବେଗ ଭଳି ଜଣେ ମାତ୍ର ଭକ୍ତ ଥିବା ପର୍ଯ୍ୟନ୍ତ, ଜଣେ ମାତ୍ର ଭକ୍ତର ତୁଣ୍ଡରୁ ଜଗବନ୍ଧୁ ଡାକ ଶୁଣିବା ପର୍ଯ୍ୟନ୍ତ ମୁଁ ନୀଳାଚଳ ଏହି ଶଙ୍ଖ ନାଭି ମଣ୍ଡଳ ଶ୍ରୀକ୍ଷେତ୍ର ଛାଡ଼ି ମୁହୂର୍ତ୍ତକପାଇଁ ହେଲେ ବି କେଉଁଆଡ଼େ ଯିବି ନାହିଁ । ନ ତ୍ୟଜାମି–ନ ତ୍ୟଜାମି–ନ ତ୍ୟଜାମି ।

ପ୍ରଭୁ, ଏହି ପ୍ରତିଶ୍ରୁତି ଦେଇଛନ୍ତି । ଓଡ଼ିଆଙ୍କର ମହାଭାଗ୍ୟ । ସାରା ବିଶ୍ୱର ଜଗନ୍ନାଥ ପ୍ରେମୀମାନେ ଜାଣି ରଖନ୍ତୁ–ସୂର୍ଯ୍ୟ ପଶ୍ଚିମରେ ଉଦୟ ହୋଇ ପାରନ୍ତି–ପର୍ବତମାନ ପାଣିରେ ଭାସି ପାରନ୍ତି–ଅଗ୍ନି ଶୀତଳ ହୋଇ ଯାଇପାରେ–ଜଳସ୍ରୋତ ଊର୍ଦ୍ଧ୍ୱଗାମୀ ହୋଇପାରେ–ମାତ୍ର ଓଡ଼ିଆ ଜାତି ଜଗନ୍ନାଥଙ୍କୁ ଛାଡ଼ିବ ନାହିଁ, କି ଜଗନ୍ନାଥେ ଓଡ଼ିଆଙ୍କୁ ଛାଡ଼ିବେ ନାହିଁ । ଜଗନ୍ନାଥ ଓଡ଼ିଆଙ୍କର ପ୍ରାଣର ପ୍ରାଣ–ଦେହର ଦେହ, ମନର ମନ ଓ ଆତ୍ମାର ଆତ୍ମା । ଓଡ଼ିଆଙ୍କର ହୃଦୟ ରାଜ୍ୟର ସେଇ ଏକମାତ୍ର ହିଁ ଅଧୀଶ୍ୱର - ଗତି -ମୁକ୍ତି, ଭକ୍ତି ଓ ଭୁକ୍ତିର ବିଧାତା -ସବୁ ଆନନ୍ଦର ଆକର–ସର୍ବ ପ୍ରାପ୍ତିର ପ୍ରାପ୍ତି ।

"ସେ କମ୍ପୁ କଟକ ରାଜା ସ୍ୱୟଂ ଜଗନ୍ନାଥ,
ଚତୁର୍ବର୍ଣ୍ଣେ ଚଉବର୍ଗ ଦେବାକୁ ସମର୍ଥ ହେ ।।"

* * * *

"ଜଗବନ୍ଧୁ ପରି ଜଣେ ସାମନ୍ତ, ନାହିଁ ନାହିଁ ତ ।"
"ଉତ୍କଳର ନେତା ନିଜେ ନାରାୟଣ........"

ଓଡ଼ିଆ ଜାତିର ସୁଦିନର ବନ୍ଧୁ ଜଗନ୍ନାଥ–ଦୁର୍ଦ୍ଦିନର ବନ୍ଧୁ ମଧ୍ୟ ଜଗନ୍ନାଥ ।

"କେହୁ ସରିକି ?
ବନ୍ଧୁ ପଣେ ନୀଳାଦ୍ରି ବିହାରୀକି ?"

ଓଡ଼ିଆ ଜାତିର ପରିଆରା ହେଉଛନ୍ତି ଶ୍ରୀଜଗନ୍ନାଥ । ପ୍ରତୀତି ହେଉଛନ୍ତି ମଧ୍ୟ ଶ୍ରୀଜଗନ୍ନାଥ । ସେଇଥିପାଇଁ ଜଗନ୍ନାଥ ସଡ଼କରେ ପୁରୀ–ଅଭିମୁଖୀ ଓଡ଼ିଆ ଯାତ୍ରୀମାନେ ଖାଲି ପାଦରେ ଚାଲି ଚାଲି ଗଲାବେଳେ ଦୁଇକୋଶ ବାଟ ଦୂରରୁ ସମାଗରା ପାଟର ଆଉପଟ ଦିଗ୍‌ବଳୟରେ ନୀଳଚକ୍ର ଉପରେ ଫର ଫର ହୋଇ ଉଡୁଥିବା ପତିତପାବନ ବାନାକୁ ଦେଖି ଆନନ୍ଦରେ ବିହ୍ୱଳ ହୋଇ ତାଳି ମାରି ସମସ୍ୱରରେ ଗାଇ ଉଠନ୍ତି–

ନୀଳଚକ୍ରେ ହୋ !
ଦେଖ ଉଡୁଛି ବାନା ! ନୀଳଚକ୍ରେ ହୋ !

ଏ ବାନା ଉଡୁଛି ମାନେ ନୀଳାଦ୍ରି ନାଥ ମହାପ୍ରଭୁ ଶରଣପଞ୍ଜର ଶ୍ରୀଜଗନ୍ନାଥ ଶ୍ରୀ ମନ୍ଦିରରେ ରହିଛନ୍ତି । ଏଇ ବାନା ହେଉ ବଳୀୟାରଭୁଜ ପ୍ରଭୁଙ୍କର ଶ୍ରୀହସ୍ତ ! ସେଇ ହାତ ହଲାଇ ସେ ଦୂରର ବନ୍ଧୁମାନଙ୍କୁ, ଭକ୍ତମାନଙ୍କୁ, ପାପୀମାନଙ୍କୁ, ଦୁଃଖୀମାନଙ୍କୁ ପାଖକୁ ଡ଼ାକୁଛନ୍ତି ଆସ, ଆସ ! ସମସ୍ତେ ଆସ ମୋ ପାଖକୁ । ନିଶ୍ଚିନ୍ତରେ ଚାଲି ଆସ । ନିର୍ଭୟରେ ଚାଲି ଆସ । ମୋ ଉପରେ ସବୁ ନିର୍ଭର କର । ମୁଁ ତୁମକୁ ସବୁ ଦୁଃଖ ବିପତ୍ତିରୁ ରକ୍ଷା କରିବି । ସବୁ ପାପ ତାପରୁ ମୁଁ ତୁମକୁ ମୁକ୍ତ କରିବି ।

"ପତାକା ଅଞ୍ଚଳ ଚଞ୍ଚଳ ଡ଼ାକେ ପାପୀଙ୍କି ଅବା ।
ଏ ନୀଳ ନଗ ନଗରକୁ ଆସ ପାରି କରିବା ।"

..ଉନ୍ନତ ପ୍ରାସାଦ ରାଜ ପତାକା ଉଡ଼ାଇ
ଏ ପ୍ରଦେଶେ ସମବର୍ତ୍ତୀ ପଣେ ନାହିଁ କେହି ଯେ ।

✳ ✳ ✳ ✳

ନୀଳଚକ୍ରରେ ଏହି ବାନା ଉଡୁଥିବା ଯାଏ–ମାଭୈଃ, ମାଭୈଃ, ମାଭୈଃ । ନିତ୍ୟ ସୈନ୍ଧବ ପବନରେ ହିଲ୍ଲୋଳିତ ଅହରହ ଉଡ୍‌ଡୀୟମାନ ଏହି ବିଭୁ ମହିମା ପ୍ରଖ୍ୟାପକ ବାନା ସତେକି ଆମକୁ ଜଣାଇ ଦେଉଛି–

"ଓରେ ମୂଢ଼ ! ଟୋଲ ଟୋଲ ଶିର
ତୁମି ଆଛ–ଆମି ଆଛି ସତ୍ୟ ଆଛେ ସ୍ଥିର ।"

..ନୀଳଚକ୍ରରେ ବାନା ଉଡୁଛି ରାଇନା ! ଦେଖ ଦେଖ !
..ବାଦି ! ଚାହିଁ ଚାହିଁ–ନୀଳଚକ୍ରରେ ବାନା ଉଡୁଛି !
..ଆରେ ପୁଅ ! ନୀଳ ଚକ୍ରକୁ ଅନା ! ଉଡୁଛି ବାନା !
..ନାନୀ ଦେଖ୍ ଲୋ ! ନୀଳ ଚକ୍ରରେ କେମିତି ବାନା ଉଡୁଛି !
..ସଖୀ ଦେଖ ଗୋ ! ନୀଳ ଚକ୍ରେ ଉଡୁଅଛି ବାନା !
..ନୀଳାଚଳ ପୁରେ ବାନା ଉଡୁଛିରେ ! ଅନା, ଅନା !
..ଗୋସେଇଁ ! ଉପରକୁ ଅନେଇଲେ ବାନା ଉଡୁଛି ନୀଳ ଚକ୍ରରେ ! ପୁଣି ଭିତରକୁ ଅନେଇଲେ ବି ସେମିତି ବାନା ଉଡୁଛି ନୀଳଚକ୍ରରେ !
..ବାନା ଉଡୁଛି ସ୍ୱର୍ଗରେ, ମର୍ତ୍ତ୍ୟରେ, ପାତାଳରେ ।
ବାନା ଉଡୁଛି ମନରେ, ହୃଦୟରେ, ଆତ୍ମାରେ ।
..ସେଇ ବାନାକୁ ଅନେଇ ଥାଅ ମଉସା !
..ଆରେ ବାପ ! ନୀଳଚକ୍ରକୁ ଅନା ଫର ଫର ହୋଇ ଉଡୁଛି ବାନା ।
..ହେ ଜଗନ୍ନାଥ ! ତୁମ ଦେଉଳର ନୀଳଚକ୍ର ଉପରେ ଏ ବାନା ଏମିତି ଉଡୁଥାଉ–ଉଡୁଥାଉ । ତୁମ ବାନା ଟେକ ରହିଥାଉ ମହାପ୍ରଭୁ !





# ଜଗନ୍ନାଥଙ୍କ ହସ



ଶ୍ରୀ ସାତକଡ଼ି ହୋତା

ଉଛବ ଧୋବାର ମୁଣ୍ଡ ଉପରେ ବଜ୍ର ପଡିଲା ଯେପରି । ସେ ସ୍ତବ୍ଧ ହୋଇ ରହିଗଲା କେତୋଟି ମୁହୂର୍ତ୍ତ । ଏ ରୋଗ ଯେ ଆଦୌ ଭଲ ହୁଏ ନାହିଁ ସେଇ କଥାଟା ଉପରେ ଗୁରୁତ୍ୱ ଦେଇଥିଲେ କବିରାଜ । ଆଉ କାହାକୁ କହିବାକୁ ସଙ୍କୋଚ ଲାଗେ । ଅନେକ ଦିନ କଥାଟିକୁ କାହାକୁ ନ କହି ଗୋପନ ରଖିଥିଲା ଉଛବ । ଇଏତ ଭଲ କଥା ନୁହେଁ ଯେ ଦଶ ଜଣଙ୍କୁ ଶୁଣେଇବ । ମନକୁ ବାଧେ । କବିରାଜଙ୍କ କଥାଟି ମନେ ପଡ଼େ । ସେ ମନକୁ ମନ କୁହେ, ଆଉ ଭଲ ହେବି ନାହିଁ; ଆଉ ଭଲ ହେବି ନାହିଁ । ଭଲ ନ ହେବା ସହିତ ଜୀବନର ସବୁ ବାସନା କାମନା ବି ହଠାତ୍ ଅସମ୍ଭବ ହୋଇ ଉଠିଲା ଆଖି ଆଗରେ । ହତାଶ ହୋଇଗଲା ଉଛବ । ଘରେ ପୁଅ, ମାଈପ ଅଛନ୍ତି; ଦୁଇଟା ଛେଳି, ଦୁଇ ଯୋଡ଼ା ହଂସ ଏବଂ ପାରା କେଇ ଯୋଡ଼ା ବି ଅଛନ୍ତି । ସେମାନେ ସମସ୍ତେ ତା'ର ଆପଣାର । ଏଇ ରୋଗଟା କୁଆଡ଼େ ସଂକ୍ରାମକ, ଆଉ ତାହା ସଂସ୍ପର୍ଶରେ ଆସିଲେ ଡେଇଁ ଯାଏ ଦିହରୁ ଦିହକୁ । ଘରେ ରହି ପୁଅ ମାଈପକୁ ରୋଗଗ୍ରସ୍ତ କରିବ ? ଛି, ଛି, ତାହା ସେ କେବେ କରି ପାରିବ ନାହିଁ । ସେ ବଞ୍ଚୁ ବା ମରୁ ସେଥିରେ କିଛି ଯାଏ ଆସେ ନାହିଁ, କିନ୍ତୁ ନେତି ବଞ୍ଚି ରହୁ, ମାଧିଆ ଆୟୁଷ୍ମାନ ହଉ ; ଛେଳି, ହଂସ ଏବଂ ପାରାମାନେ ବି ଭଲରେ ରୁହନ୍ତୁ ! ଆଉ ଘରକୁ ଫେରିଯିବାପାଇଁ ସାହାସ ହେଲନି ଉଛବର । ସେ ଘରକୁ ନ ଫେରି ଧୀରେ ଧୀରେ ଚାଲିଲା ପାଇକମାଳ ବଜାର ଆଡ଼େ । ସରକାରୀ ଡାକ୍ତରଖାନା ଅଛି ସେଠାରେ, ଡାକ୍ତର ବାବୁ ଖୁବ୍ ଭଲ ଲୋକ, ତାଙ୍କୁ ଥରେ ଦେଖେଇବ, ତା' ପରେ ଦୁଇ ଆଖି ଯୋଉ ଆଡ଼େ ଯିବ ସେଇ ଆଡ଼େ ଚାଲିଯିବ ।

ପାଇକମାଳକୁ ଯିବା ରାସ୍ତାରେ ଅଗାଧୁ ଗଉଡ଼ ସହିତ ଦେଖା ହେଲା । ଅଗାଧୁ ଫେରୁଥାଏ ପାଇକମାଳରୁ ଗାଆଁକୁ । ତାକୁ ଦେଖିପକେଇ ଦେହରେ ଗାମୁଛାଟାକୁ ଘୋଡ଼େଇ ପକେଇଲା ଉଛବ । ଅଗାଧୁ ପାଖକୁ ଆସି କହିଲା, କୁଆଡ଼େ ଧାଇଁଛ ଉଛବ ଭାଇ ? ଉଛବ କହିଲା, ତୁ ଦୁଧ ଦେଇ ଫେରୁଛୁ ପରା, ମୁଁ ଯାଉଛି ପାଇକମାଳରେ ଡାକ୍ତର ପାଖକୁ, ଦିହଟା ଭଲ ରହୁ ନାହିଁ, ଦେଖେଇ ଆସିବି । ଅଗାଧୁ ଉଛବ ମୁହଁକୁ ଅନେଇଲା ରୋଗର କଳନା କରିବା-ପାଇଁ, ତା' ପରେ କହିଲା, ହଁ ଯାଅ, ଯାଅ, ଦେଖେଇ ଆସ । କିନ୍ତୁ କବିରାଜେ କହୁଥିଲେ ଯେ ଏଇ ରୋଗ କୁଆଡ଼େ ଆଉ ଭଲ ହୁଏ ନାହିଁ ।

ଉଛବ ଚମକି ପଡିଲା । କଥାଟା ଯେ, ଗୁପ୍ତ ନ ରହି ପ୍ରଘଟ ହୋଇଗଲାଣି । ଏହା ଜାଣିବା କ୍ଷଣି ଦେହରୁ ଝାଳ ବୋହି ଗଲା । କବିରାଜଙ୍କୁ ଛାଡି ଦ୍ୱିତୀୟ ବ୍ୟକ୍ତିକୁ ସେ କିଛି କହି ନାହିଁ, ତଥାପି କାନକୁ କାନ କଥାଟା ଗଡିଲା କିପରି, କହିଲା କିଏ ? କବିରାଜେ ନିଶ୍ଚୟ କହିଥିବେ ବୋଲି ମନରେ ସିଦ୍ଧାନ୍ତ କରି, ଟିକେ ଦବି ଯାଇ କହିଲା ଉଛବ, କବିରାଜେ ସବୁଠୁ ବଡ଼ ଡାକ୍ତର ନୁହନ୍ତି, ତାଙ୍କଠୁ ବଡ଼, ଆହୁରି ବଡ଼ ଅଛନ୍ତି । କଅଣ ହୋଇଛି ନ ହୋଇଛି ସେଇମାନେ ବୁଝିବେ, କାହାର କଅଣ ରୋଗ ବଇରାଗ ହୋଇଛି ତାହା ଡିଣ୍ଡିମ ପିଟିଲେ ବଢିଯିବ ନାହିଁ ବା ଭଲ ହୋଇଯିବ ନାହିଁରେ ଅଗାଧୁ ।

ଅଗାଧୁର ମୁହଁରେ ବାଡ଼ ବତା ନାହିଁ, ଯାହା ମନକୁ ଆସେ କଡ଼ା କରି କହିଦେବା ତା'ର ଅଭ୍ୟାସ, ଅଥଚ ଲୋକଟା ମନ୍ଦ ନୁହେଁ, କାହାରି ଅନିଷ୍ଟ କରେ ନାହିଁ । ଉଛବକୁ ସତର୍କ କରିଦେବାପାଇଁ କହିଲା ଅଗାଧୁ, ଯାଅ, ଦେଖେଇ ଆସ, ନୋହିଲେ କିଏ ଜାଣେ ଗୋଡ଼ ହାତ ଅଚଳ କରି ଥୁଣ୍ଟା ଗଛ ପରି ବସିଯିବ ।

ଅଗାଧୁ ଗୁଡ଼ିଗଲା, କିନ୍ତୁ ତା'ର ଯିବା ପଥକୁ ସ୍ତବ୍ଧ ହୋଇ ଅନାଇ ରହିଲା ଉଜ୍ଜ୍ୱଳ । କେତେ କଠୋର କଥାଗୁଡ଼ା କେତେ ସହଜରେ କହି ଦେଇଗଲା ଅଗାଧୁ ଭଉଡ଼ । ବଡ଼ରୋଗ ତାକୁ ଖାଲି ହୋଇ ନାହିଁ, ଆଉ କାହାକୁ ବି ହୋଇଥିବ । ତଥାପି କାଳେ ସେ ପରିବାର ସହିତ ଏକତ୍ର ବାସ କଲେ ପିଲମାନେ ଭୋଗିବେ ବୋଲି ସତର୍କ ହୋଇଗଲା ଉଜ୍ଜ୍ୱଳ । ଅନ୍ତର ଭିତରଟା ହୁ ହୁ କରି ଜଳି ଉଠିଲା । ସବୁ ହତାଶା ଦୀର୍ଘଶ୍ୱାସ ହୋଇ ନିଆଁ ହୁଳା ପରି ପେଟ ଭିତରୁ ଛାତି ଠେଲି ବାହାରି ଆସିଲା । ସେ ନିରୁପାୟ ହୋଇ ପାଦ ମଜାଇଲା ପାଇକମାନଙ୍କ ଆଡ଼କୁ ।

ଉଜ୍ଜ୍ୱଳ ଧୋବା ବଞ୍ଚିବାପାଇଁ ଦିନ ରାତି ଅନେକ ସ୍ୱପ୍ନ ଦେଖିଥିଲା, ସଂସାରରେ ସୁଖରେ ରହିବାପାଇଁ ଦିନରାତି ଖାଟୁଥିଲା । ତା'ର ବଂଶରେ ଆଉ କାହାକୁ କେବେ କୁଷ୍ଠ ବ୍ୟାଧି ହୋଇଥିବାର ଶୁଣି ନ ଥିଲା ସେ । ତାକୁ ପ୍ରଥମ ଆକ୍ରମଣ କରିଛି ଏଇ ରୋଗ, ଆତତାୟୀ ପରି ଅତର୍କିତ ଭାବରେ ସର୍ବନାଶ କରିବାପାଇଁ ଛିଦ୍ର ପଥ ଦେଇ ଶତ୍ରୁ ପ୍ରବେଶ କରିଛି ଶରୀର ଭିତରେ । ସେ ଆଉ ସମସ୍ତଙ୍କ ସାଥୀରେ ମିଶି ପାରିବ ନାହିଁ, ତାକୁ ଦେଖି ଆତଙ୍କରେ ଲୋକେ ଦୂର ଦୂର କରିବେ । ଆଉ ଦିନେ ହୁଏତ ସେ ଅକ୍ଷମ, ଅକର୍ମଣ୍ୟ ହୋଇ ଯିବ, ରାସ୍ତା କଡ଼ର ନିଃସହାୟ ଭିକାରୀଟି ପରି ଭିକ୍ଷା କରିବ ପେଟ ପୋଷିବାପାଇଁ ।

ପାଇକମାନଙ୍କରେ ପହଞ୍ଚିବା ବେଳକୁ ଡାକ୍ତରଖାନା ବନ୍ଦ ହୋଇ ଯାଇଥାଏ । ଦୁଇ କୋଶ ଚାଲି ଆସିବା ପରେ ପୁଣି ଆଉ କାହିଁ ଯିବାପାଇଁ ମନ ନ କରି ଡାକ୍ତରଖାନା ହତା ଭିତରେ ଥିବା ଆମ୍ବଗଛ ମୂଳେ ଲଥ୍‌କିନା ବସି ପଡ଼ିଲା ଉଜ୍ଜ୍ୱଳ । ଆଗେ ଦଶ କୋଶ ଚାଲି ଗଲେ ବି ବାଧୁ ନ ଥିଲା, ଏବେ ଦୁଇ କୋଶ ଚାଲି ଭଲେ ନିସ୍ତେଜ ଲାଗୁଛି । ଝୋଲେଇ ହଉଥାଏ ପାଦ ଦୁଇଟା । ହୁଏତ ଆଉ କିଛି ଦିନ ପରେ ଚୋଖାରି ହୋଇ ଚାଲିବ ନିଜକୁ ନିଜେ ବୋହି । ଦୁଇଟା ଗାଆଁର ସବୁ ମଇଳା ଲୁଗା ସଫା କରି ବି ସେ ହାଲିଆ ହଉ ନ ଥିଲା, ଜାନି ଯାତ୍ରାବେଳେ ତାକୁ କାହେସୀ ଲାଗୁଥିଲେ ବୋଲି ସେ ଝୁମୁଥିଲା, ଡିଆଁ ମାରି କଳା ମେଣ୍ଢାର ବେକ ନିଜ ହାତରେ କାଟି ପକାଉଥିଲା । ଆଜି ନିଜେ ଅକ୍ଷମ, ଏ ସବୁ ଆଉ କେବେ କରି ପାରିବ ନାହିଁ ବୋଲି ମନଟା ଗୋଳେଇ ଘାଣ୍ଟି ହେଲା, ଛାତି ତଳୁ ଲମ୍ବା ଦୀର୍ଘଶ୍ୱାସଟିଏ ବାହାରି ଗଲା ସର୍ବାଙ୍ଗ ଥରାଇ ।

ନିଜ କଥା ଭାବୁ ଭାବୁ କେତେବେଳେ ଆମ୍ବଗଛରେ ଭରା ଦେଇ ଶୋଇ ପଡ଼ିଲା ଉଜ୍ଜ୍ୱଳ ।

ଗୋଟେ ସ୍ୱପ୍ନ ଦେଖିଲା ନିଦରେ । ବେଶ ଲମ୍ବା ସ୍ୱପ୍ନ । ସ୍ୱପ୍ନରେ ଦିନ ଶେଷ ହୋଇ ରାତି ଆସିଲା, ଘୋଟିଗଲା ଅନ୍ଧାର, ଏପରି କଳା ମଚ ମଚ ଅନ୍ଧାର ଆଉ କେବେ ଦେଖି ନ ଥିଲା ଉଜ୍ଜ୍ୱଳ । ସେଇ ଅନ୍ଧାରରେ ଗୁରୁଣ୍ଡି ଗୁରୁଣ୍ଡି ଯିବାବେଳେ ବାଟ ବଣା ହୋଇ ଗୋଟିଏ ଜାଗାରେ ବସି ପଡ଼ିଲା । ସେଇ ଅନ୍ଧାର ମାଡ଼ି ବସିଥାଏ ଦୁନିଆକୁ, ତାହାରି କବଳରେ ସାରା ସଂସାର କବଳିତ ହୋଇ କେବଳ ଖୋଜୁଥାଏ ନିଷ୍କୃତିର ପଥ ।

ସେଇ କଳା ଅନ୍ଧକାର ରାତିରେ ଗୋଟେ ରାକ୍ଷସ ଅଣ୍ଡାଳି ଅଣ୍ଡାଳି ତା' ଆଡ଼କୁ ଆସୁଥିବାର ଦେଖିଲା ଉଜ୍ଜ୍ୱଳ । ରଡ଼ ନିଆଁ ପରି ତାର ଆଖି, ବଡ଼ ବଡ଼ ଅସନା ଦାନ୍ତ, ଲୋମଶ ଶରୀର...... । ଭୟଙ୍କର ମୂର୍ତ୍ତି ନିଶ୍ଚୟ । ଭୟରେ ଅବସନ୍ନ ହୋଇ ଆସୁଥାଏ ଶରୀର, ଶିହରି ଉଠୁଥାଏ ସର୍ବାଙ୍ଗ । ତାକୁ ଲାଗୁଥାଏ ଯେପରି ଏଇ ରାତି ଆଉ ପାହିବ ନାହିଁ, ଏଇ ଅସୁର କବଳରୁ ସେ ଆଉ ବର୍ତ୍ତି ଯାଇ ପାରିବ ନାହିଁ ।

ହଠାତ୍ ଅନ୍ଧକାର ଗାଢ଼ରୁ ଗାଢ଼ତର ହେଲା । ନିଜର ନିଶ୍ୱାସ ପ୍ରଶ୍ୱାସର ଅନୁଭବ ବ୍ୟତୀତ ତା'ପାଖରେ ଆଉକିଛି ରହିଲା ନାହିଁ । ନିଜର ସ୍ଥିତି ଜାଣିବାପାଇଁ । ସେଇ ସଙ୍କଟର ସୁଯୋଗ ନେଇ ହାତ ବଢ଼େଇ ଧାଇଁ ଆସୁଥାଏ ଅସୁର ତାକୁ ଗ୍ରାସ କରିବାପାଇଁ । ଦେହ ଓ ମନର ସବୁ ଶକ୍ତି ଠୁଳ କରି ସେତିକି ବେଳେ ଡାକିଲା ଉଜ୍ଜ୍ୱଳ, ପ୍ରଭୁ ହେ . . . । କିନ୍ତୁ ପ୍ରଭୁ ଆଉ ଶୁଣିଲେ ନାହିଁ, ସେ ବି ବୋଧ ହୁଏ ଅସହାୟ ପରି ଅନାଇ ଥିଲେ ସେଇ ଅସୁରକୁ । ଶେଷ ମୁହୂର୍ତ୍ତ ସମାଗତ ଜାଣି ଆଖି ମୁଦି ହୋଇଗଲା ଉଜ୍ଜ୍ୱଳର । ସଙ୍କଟ ମୁହୂର୍ତ୍ତର ଚରମ ଅବସ୍ଥାରେ ସହସା ଅଷ୍ଟମୀର ଫାଳେ ଜହ୍ନ ପରି ଫାଳେ ହସ ଝଟକି ଉଠିଲା, ଭୟ ବା ଆତଙ୍କ ନ ଥିଲା ସେହି ହସରେ, ପ୍ରଶାନ୍ତ ଏବଂ ନିର୍ମଳ, ଯେପରି ବରାଭୟ ଦେଉଥିଲା ଦୁନିଆକୁ । ସେଇ ହସ କୋଉ ଏକ ପଥଚାରୀର ହୋଇଥିବ ଭାବି ତା ସହିତ ମିତ ବସିବାପାଇଁ ବ୍ୟାକୁଳ ହୋଇ ଧାଇଁ ଯିବା ବେଳକୁ ସେ କିନ୍ତୁ ଅପସରି ଗଲା, ହସ ଆଉ ଦେଖାଗଲା ନାହିଁ । ମନର ଭ୍ରମ ଭାବି ପୁଣି ନିଜକୁ ନିଜେ ରକ୍ଷା କରିବାପାଇଁ ବଳ ଆଣିବା ବେଳକୁ ନିଦ ଭାଙ୍ଗିଗଲା । ତଥାପି ଛାତି ତଳର ଦ୍ରୁତତର ହୋଇଥିବା ସ୍ପନ୍ଦନ ଶାନ୍ତ ହୋଇ ନ ଥିଲା ଏବଂ ଦେହ ଝାଳେଇ ଯାଇଥିଲା । ଉଜ୍ଜ୍ୱଳ ଉଠି ପଡ଼ି ଦେଖିବା ବେଳକୁ ଡାକ୍ତରଖାନା ଖୋଲି ଯାଇଥାଏ । ପୁଣି ରୋଗୀ ଆସିବାପାଇଁ ଆରମ୍ଭ କରିଥାଆନ୍ତି ।

ନିଦ ଭାଙ୍ଗିଯିବା ପରେ ମଧ୍ୟ ସେଇ ଫାଳେ ହସର ପରଶ ଲିଭିଗଲା ନାହିଁ ମନରୁ, ବରଂ ସ୍ୱପ୍ନର ଶିହରଣ ସଞ୍ଚରି ଯାଇ ଉଲ୍ଲସେଇ ଦେଉଥିଲା ଦେହ ଓ ମନକୁ । ସେଇ ହସଟି କାହାର. କେଉଁ ଲୋକର ? କାହାର ଏଇ ଫାଳେ ହସରୁ ଅମୃତ ଝରେ, କିଏ ସେ ? ହସଠାରୁ ବି କାହାର ହସ ଏତେ ବେଶୀ ନିର୍ମଳ ? କିଛି ଜାଣି ପାରିଲା ନାହିଁ ଉଜ୍ଜ୍ୱଳ । ତାହା ହସ ଓ ଫାଳେ ଜହ୍ନ କିଛି ମଧ୍ୟ ନିଶ୍ଚିତ ଭାବରେ ସ୍ଥିର କରି ପାରିଲା ନାହିଁ । ମଣିଷ ନ ଥାଇ ହସ ନ ଥାଏ ।

ସେ କୌଣସି ମଣିଷକୁ ଦେଖି ନାହିଁ । ବୋଧହୁଏ ତାହା ଙ୍କାହାରି ହସ ନୁହେଁ, ସେଇ ନିବିଡ଼ ଅନ୍ଧକାର ମଧ୍ୟରେ ହୁଏତ ଫାଙ୍କେ ଶବ୍ଦ ଝଲକି ଉଠିଥିବ ମୁହୂର୍ତ୍ତକ ପାଇଁ ।

କୌଣସି ସିଦ୍ଧାନ୍ତ କରି ପାରିଲା ନାହିଁ ଉଦ୍ଧବ । ଯେତେ ଲୋକଙ୍କୁ ଦେଖିଛି ଜୀବନରେ ସେମାନଙ୍କୁ ଗୋଟିଗୋଟି ମନେ ପକାଇଲା, ସେମାନଙ୍କର ହସକୁ ବି ସ୍ମରଣ କରିବାପାଇଁ ଚେଷ୍ଟା କଲା । କିନ୍ତୁ ସେ ହଜିଗଲା ସେଇ ଚିନ୍ତାରେ । ଆହୁରି ବୋଧହୁଏ କିଛି ସମୟ ସେଇ ଆବେଗରେ ବସି ଥାଆନ୍ତା, କିନ୍ତୁ ଗୋଟେ ଚଟକା ବାଦୁଡ଼ୀ ଆସି ତା ଦେହ ସହିତ ଘଷି ହୋଇ ଗଲା ଯିବାରୁ ସେ ସଜାଗ ହୋଇ ଉଠିଲା । ତା'ପରେ ଉଠି ବସି ଚାଲିଲା ସେ ଡ଼ାକ୍ତର ବାବୁଙ୍କ ପାଖକୁ ।

ଡ଼ାକ୍ତର ବାବୁ ତାକୁ ପରୀକ୍ଷା କରି କହିଲେ, ଏ ରୋଗ ଅସାଧ୍ୟ ନ ହେଲେ ମଧ୍ୟ ସହଜ ସାଧ୍ୟ ନୁହେଁ । ଭଲ ହେବାପାଇଁ ସମୟ ଲାଗେ । ଅନେକ ଲୋକ ଆରୋଗ୍ୟ ଲାଭ କରିଛନ୍ତି । ଚିକିତ୍ସାରେ ରୁହ । ପରିବାରଠାରୁ ଟିକିଏ ଦୂରତ୍ୱ ରକ୍ଷା କରି ଚଳ, କିଆଁ ରୋଗ, ଆଉ କାହାକୁ ଆକ୍ରମଣ କରିବାର ଆଶଙ୍କା ବି ଅଛି ।

ବିଶ୍ୱାସ ହଉ ନ ଥାଏ ଉଦ୍ଧବର । ତଥାପି ଡ଼ାକ୍ତର ବାବୁଙ୍କୁ ପୁରାପୁରି ଅବିଶ୍ୱାସ ବି କରି ପାରୁ ନ ଥାଏ । ବିଶ୍ୱାସ ଅବିଶ୍ୱାସର ସଙ୍କଟ ମଧ୍ୟରେ ସେ କେବଳ ଭାବୁଥାଏ ନିଜ ସମ୍ପର୍କରେ । ଡ଼ାକ୍ତରଖାନା ଭିତରୁ ବାହାରି ଆସି ବିବର୍ଣ୍ଣ ବିଷର୍ଣ୍ଣ ଏକ ପୃଥିବୀକୁ ଦେଖିଲା ସେ । ଯେଉଁ ଆମ୍ବଗଛ ମୂଳେ ଅନେକ ବେଳ ଧରି ବିଶ୍ରାମ କରୁଥିଲା, ସେଇ ଆମ୍ବଗଛକୁ ଅନେଇଲା ଉଦ୍ଧବ । ଆମ୍ବକସିଗୁଡ଼ା ସକାଳିଆ କୁହୁଡି ଯୋଗୁ ଢଳି ଯାଇ ଥାଏ । ଗଛର ଶୋଭା ଆଖିକୁ ଲାଗୁ ନ ଥାଏ ଆଦୌ । ଘରକୁ ଫେରିଯିବାପାଇଁ ମନ ହେଉଥିଲେ ବି ଡ଼ାକ୍ତର ବାବୁଙ୍କ ପରାମର୍ଶ ସ୍ମରଣ କରି ଥରି ଉଠିଲା ଆଶଙ୍କାରେ । ଏତେବେଳକୁ କଥାଟା ପ୍ରଚାର ହୋଇ ଯାଇଥିବ । ଅଗାଧୁ ଯାଇ ହାଟ ବଜାଇଥିବ ଗାଆଁରେ, କବିରାଜ ବି ଆହୁରି କାହାକୁ ଯେ କିଛି କହି ନ ଥିବେ କିଏ କହିବ । ଏପରି କଠିଣ ବ୍ୟାଧିକୁ ଦେହରେ ବହନ କରି ସେ ସମସ୍ତଙ୍କ ସହିତ କିପରି ଚଳପ୍ରଚଳ କରିବ ? ନିଜର କର୍ମ ଫଳକୁ ଭୋଗ ନ କରି ସେ କାହିଁକି ପୁଅ ମାଇପକୁ ସନ୍ତେଇବ ? ଉଦ୍ଧବ ଆଉ କାଳ ବିଳମ୍ବ ନ କରି ବଜାର ଆଡ଼କୁ ଚାଲିଲା । ବଜାରରେ ଗାଆଁର ଆଉ କେତେ ଜଣ ଲୋକଙ୍କ ସହିତ ସାକ୍ଷାତ ହୋଇଗଲା । ନୟନା ମୋଚିର ପୁଅକୁ ଏକାନ୍ତରେ ସବୁ କହିଲା ଉଦ୍ଧବ । ସ୍ତ୍ରୀ ଏବଂ ପୁଅକୁ ସମ୍ବାଦ ପଠେଇଲା । ଶୋଚନା ନ କରି ନିଜ ଶକ୍ତି ସାମର୍ଥ୍ୟ ଦ୍ୱାରା ଚଳ । ମୁଁ କୁଷ୍ଠ, ଅବଲମ୍ବହୀନ । ମୋପାଇଁ ଚିନ୍ତା ନ କରି ନିଜ କଥା ବିଚାରକର । କୋଉ ଆଡ଼କୁ ଯିବି କିଛି ଠିକ୍ କରି ନାହିଁ, କିନ୍ତୁ ଆଖି ଯୋଉ ଆଡ଼କୁ ନବ ସେଇ ଆଡ଼କୁ ଯିବି । ମୁଁ ମୋ କର୍ମଫଳ ଭୋଗିବି, ତୁମ ସମସ୍ତେ ସେଥିରେ ଭାଗୀ ହେବ କାହିଁକି ? ତୁମେ ଦୁହେଁ ଖାମିନ୍ଦମାନଙ୍କ ଘରେ ଖଟି ଲୋଟି ଚଳିବ ।

ନୟନା ମୋଚିର ପୁଅ ବୟନା ପାଖରୁ ବିଦାୟ ନବାବେଳେ ଆଖି ଛଳ ଛଳ କରୁଥାଏ ଉଦ୍ଧବର, କୋହ ଉଠୁଥାଏ ଛାତି ଫଟେଇ । କିନ୍ତୁ ନାଚାର ସେ । ଆଉ ବଜାରଟାରେ ଛିଡ଼ା ନ ହୋଇ ବାହାରି ପଡ଼ିଲା ରାସ୍ତା ଉପରକୁ ।

ପାଇକମାଳର ବାହାରକୁ କେବେ ଯାଇନାହିଁ ଉଦ୍ଧବ । ପ୍ରତି ବର୍ଷ ଅନେକ ଲୋକ ଏଇ ଅଞ୍ଚଳରୁ ଯାଆନ୍ତି ସମ୍ବଲପୁର ସମଲେଶ୍ୱରୀଙ୍କ ପାଖରେ ମାନସିକ ଜଣେଇବାପାଇଁ, ଅନେକ ବି ଯାଆନ୍ତି ଶୀତଳ ଷଷ୍ଠୀ ଯାତ ଦେଖିବାପାଇଁ । ବର୍ଷକୁ ଦଳ ବାନ୍ଧି କେତେ ବି ଯାଆନ୍ତି ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଦର୍ଶନ କରିବାପାଇଁ, ରଥର ଦଉଡି ଟାଣିବାପାଇଁ । ଅନେକ ଥର ଯିବାପାଇଁ ମନ ହୋଇଛି, କିନ୍ତୁ ଯାଇ ପାରି ନାହିଁ । ଉଦ୍ଧବ, ସମୟ ଓ ସୁବିଧା ହୋଇ ନାହିଁ । ତା ଗୋସେଇଁ ବାପର ବାପ କୁଆଡ଼େ ଯାଇଥିଲା ପୁରୁଷୋତ୍ତମ ରଥଯାତ୍ରା ଦେଖିବାପାଇଁ, କିନ୍ତୁ ଆଉ ବାହୁଡି ନ ଆସି ରହିଯାଇଥିଲା ପୁରୁଷୋତ୍ତମ କ୍ଷେତ୍ରରେ ।

ସମ୍ବଲପୁରକୁ ସିନା ବସ୍‌ରେ ଯାଇହୁଏ, ପୁରୁଷୋତ୍ତମ କ୍ଷେତ୍ରକୁ ଯିବାପାଇଁ ବସ୍‌ରେ ସମ୍ବଲପୁର ଯାଇ ସେଠାରୁ ରେଳଗାଡ଼ି ଧରିବାକୁ ହୁଏ । ଆଗ କାଳରେ ରେଳଗାଡ଼ି ବା ମୋଟର ଗାଡ଼ି ନଥିଲା, ଲୋକେ ଚାଲି ଚାଲି ଯାଉଥିଲେ । ମହାନଦୀ କୂଳେ କୂଳେ ରାସ୍ତା, ସମ୍ବଲପୁର, ସୋନପୁର, ବଉଦ, କଣ୍ଟିଲୋ । ନୀଳମାଧବଙ୍କ ଦର୍ଶନ ସାରି ବାଟ ଭାଙ୍ଗୁଥିଲେ ଦକ୍ଷିଣକୁ । ତା'ପରେ ଖୋର୍ଦ୍ଧା, କଟଣୀ, ସାକ୍ଷୀଗୋପାଳ । ଶେଷରେ ମହୋଦଧି କୂଳରେ ପୁରୁଷୋତ୍ତମ କ୍ଷେତ୍ର ।

ପୁରୁଷୋତ୍ତମକୁ ଯିବା ସହଜ ନୁହେଁ, ଅନେକ ବାଟ, ଅଙ୍ଗି ପାଏନି । ମାସେ ଲାଗେ ପାଦରେ ଚାଲି ଚାଲି ପହଞ୍ଚିବାପାଇଁ । ଦୁର୍ଗମ ପଥ । ତଥାପି ପୂର୍ବ ପୁରୁଷମାନେ ସାହସ କରି ଯାଉଥିଲେ, ଜଗନ୍ନାଥଙ୍କ ଡୋରି ତାଙ୍କୁ ଟାଣୁଥିଲା, ପୁରୀରେ ପହଞ୍ଚି ଜଗନ୍ନାଥଙ୍କ ରଥର ଦଉଡ଼ି ସେମାନେ ଟାଣୁଥିଲେ । ନରି ପୂଜାପଣ୍ଡା ସଙ୍କେଇ ସାଙ୍କେଇ କୁହନ୍ତି ପ୍ରାଚୀନ କଥା, ପରୀ ରାଇଜର କାହାଣୀ ପରି ଶୁଣାଯାଏ । ଦିନେ ଉଦ୍ଧବକୁ ତା' ପୂର୍ବ ଉଦ୍ଧବ ତାଳୁକ ହୋଇଯାଏ । ଦିନେ ଉଦ୍ଧବକୁ ତା' ପୂର୍ବ ପୁରୁଷର କଥା ସ୍ମରଣ କରାଇ ଦେଇ ନରି ପୂଜାପଣ୍ଡା କହିଥିଲେ, ତୁ ଅଭାଗା, ନୋହିଲେ ଏଯାଏ ମୁହଁ ମାଡ଼ି ପଡ଼ିରହିଥାଆନ୍ତୁ । ଆସନ୍ତା ରଥଯାତ୍ରାକୁ ବାହାରିପଡ଼, ତୀର୍ଥ ଦର୍ଶନ ଭାଗ୍ୟରେ ଥିଲେ ହୁଏ, ମହାପୁଣ୍ୟ ଅର୍ଜନ କର । ପଣ୍ଡାଙ୍କ ଖାତାରେ ତୋ ପଣ ଗୋସେଇଁ ବାପର ଟିପଚିହ୍ନ ଦେଖ । ସେଇଠାରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ତିନି ଠାକୁର ବିଜେ । ସେଇଠାରେ ଜଗନ୍ନାଥ ଦାସେ ଭାଗବତ ରଚନା କରିଥିଲେ, ଚୈତନ୍ୟ ମହାପ୍ରଭୁ ଲୀଳା ଖେଳା କରିଥିଲେ ।

ସେହିଦିନୁ ମନଟା ଉଚ୍ଛନ୍ନ ହଉଥିଲା ଉଦ୍ଧବର । ହେଲେ ପୁରୁଷୋତ୍ତମକୁ ଯିବା ଅସାଧ୍ୟ ସାଧନପରି ମନେ ହେଉଥିଲା ତା'ର । ତଥାପି ସେଇ କଥାଟା ତୁହାଇ ତୁହାଇ ମନକୁ ଆସିଲା, ତା ଅନ୍ତରଭିତରୁ କିଏ ଯେପରି କହିଲା, ଚାଲ ଚାଲ, ଆଗକୁ ଚାଲ, ଏତେ ଲୋକ ଯାଉଛନ୍ତି, ଦୀନ, ଦୁଃଖୀ, ଭକ୍ତି, ଆର୍ତ୍ତ ଓ ଅର୍ଥାବତା ସମସ୍ତଙ୍କର ଭିଡ଼ ଜମିଛି ବାଇଶ ପାବଚ୍ଛ ତଳେ, ତୁ ଆଗକୁ ପାଦ ବଢ଼ା, ଆଗକୁ ମାଡ଼ି ଯାଆ ।

କିଏ ଏତେ କଥା କହିଲା କିଛି ବୁଝି ପାରିଲା ନାହିଁ ଉଦ୍ଧବ । ପାଇକମାନଙ୍କୁ ସମ୍ବଲପୁର ଆଡ଼କୁ ଯାଉଥିବା ରାସ୍ତାଟା ଧରି ବାହାରି ଗଲା ସହରରୁ, ସମ୍ବଲପୁରରେ ପହଞ୍ଚିବା ପରେ ଅନ୍ୟ ରାସ୍ତା ଧରିବ ।

ଦିନ ରାତି ଜଣା ପଡୁନଥାଏ ଉଦ୍ଧବକୁ । ଦୂରକୋଶ ଚାଲିଆସି ଫୋଳେଇ ହଉଥିବା ପାଦରେ ସେ ଚାଲୁଥାଏ ଦୀର୍ଘପଥ । ଯେତେବେଳେ ଆଉ ପାଦ ଉଠେଇବାପାଇଁ ଅକ୍ଷମ ହୁଏ, ଗଛ ମୂଳରେ ଶୋଇପଡ଼େ ବିଶ୍ରାମପାଇଁ । ହଠାତ୍ ପକ୍ଷୀମାନଙ୍କର ଶବ୍ଦରେ ନିଦ ଭାଙ୍ଗିଯାଏ । ଆଖି ଖୋଲି ଚାହିଁଲା ବେଳକୁ ପ୍ରଭାତ ହୋଇ ସାରିଲାଣି । ପୁଣି ପାଦ ବଢ଼ାଏ ଉଦ୍ଧବ । ମନରୁ କିନ୍ତୁ ସଂଶୟଟି ଯାଉନଥାଏ । ସେ ଦୀନ ଦୁଃଖୀ, ଅଳପ କୁଳରେ ଜନ୍ମ । ତାକୁ ଜଗନ୍ନାଥେ ଦର୍ଶନ ଦେବେ ତ ? ନରି ପୂଜାପଣ୍ଡାଙ୍କ ଆଶ୍ୱାସନା ମନେ ପଡ଼େ । ସେ ତାକୁ ଶୁଣେଇ ଥିଲେ 'ଦାଢ଼ୀଆତା ଭକ୍ତି'ର ଦାସିଆ ବାଉରୀ କଥା । ଦାସିଆର ନଡ଼ିଆ ଖଣ୍ଡକ ନବା-ପାଇଁ ହାତ ଲମ୍ବାଇ ଅନେଇ ରହିଲେ ପ୍ରଭୁ । ଦାସିଆ ସିନା ଏତେ ପଥ ଅତିକ୍ରମକରି ଆସି ପାରିଲା ନାହିଁ, ତା' ହାତର ଶ୍ରୀଫଳ କିନ୍ତୁ ପହଞ୍ଚିଲା ପ୍ରଭୁଙ୍କ ପାଖରେ, ଭୋ ଭୋ ହୋଇ କାନ୍ଦିଲା ଉଦ୍ଧବ, ଜଗନ୍ନାଥଙ୍କୁ ଆତୁର ହୋଇ ଡାକିଲା ।

ବିଲ, ବଣ, ପ୍ରାନ୍ତର ପାର ହୋଇ ଅନେକ ଜନପଦ ଅତିକ୍ରମ କରି ସମ୍ବଲପୁରରେ ପହଞ୍ଚିବା ବେଳକୁ ଶରୀର ଅବଶ ହୋଇ ଯାଇଥାଏ । ବ୍ୟାଧି ଆହୁରି ସଂକ୍ରମି ଯାଇ-ଥାଏ ଶରୀରରେ, ଏଇ ଶରୀର ଅଳ୍ପଦିନପାଇଁ, ଚିରସ୍ଥାୟୀ ନୁହେଁ । ଏଇ ଶରୀରକୁ ଛାଡ଼ି ଆତ୍ମା ଦିନେ ଉଡ଼ିଯିବ ଆଉ ଗୋଟିଏ ଶରୀରକୁ । ଶରୀର ଥିବା ପର୍ଯ୍ୟନ୍ତ ରୋଗ ଥିବ, ଯନ୍ତ୍ରଣା ଥିବ, ଭାଗବତ କଥା ନରି ପୂଜାପଣ୍ଡାଙ୍କ ମୁହଁରୁ ଶୁଣିଛି । ସେ ମୂର୍ଖ, ଅଜ୍ଞାନୀ, ଶାସ୍ତ୍ର ପୁରାଣ ପଢ଼ିନାହିଁ, ପ୍ରଭୁଙ୍କ ସହସ୍ର ନାମ ଉଚ୍ଚାରଣ କରି ପାରେନାହିଁ, ତୁଣ୍ଡ ଲେଉଟେ ନାହିଁ । ତଥାପି ସେଇ ନାମରେ ସବୁରି ନାମ ଅଛି ବୋଲି ଭୋ ଭୋ ରଡ଼ି ଛାଡ଼ି ବାଉଳ ପରି ପ୍ରଭୁଙ୍କୁ ଡାକେ, ଜଗନ୍ନାଥଙ୍କୁ ଧାସ୍ତା କଡ଼ରେ ଖୋଜେ ।

ସମ୍ବଲପୁର ଷ୍ଟେସନରେ ଦୁଇଦିନ ରହିଗଲା । ଷ୍ଟେସନ ଆଗରେ କୃଷ୍ଣଚୂଡ଼ା ଗଛମୂଳେ ଚଟା ଆସନ ପକେଇ ବସିଲା ଦୁଇଦିନ । ସମସ୍ତେତ ନିର୍ଦ୍ଦୟ ନୁହନ୍ତି, ଯିଏ ଯାହା ଦେଲେ ହାତ ପାତି ନେଲା ଉଦ୍ଧବ । ଭିକ ମାଗିବା ଏଇ ପ୍ରଥମ । ଉପାୟ କଣାଏ କିଛି, ଶରୀର ଥିଲେ ଖାଦ୍ୟ ବସ୍ତ୍ରର ପ୍ରୟୋଜନ ହୁଏ । ରାତି ଗାଡ଼ି ଆସି ପହଞ୍ଚିବାରୁ ଟିକଟ ନକରି ସେଥି-ପରି ଗୋଟିଏ ପଛୁଆ ଡବା ଭିତରକୁ ପଶିଗଲା ଉଦ୍ଧବ । ଟିକଟ କରିନାହିଁ, ଆଇନ ଲଂଘୁଛି ବୋଲି ଭୟ ହେଉଥାଏ ମନରେ । ଛଟ୍ ପଟ୍ ହୋଇ ଗୋଟିଏ କୋଣରେ ବସିଲାଯାଇ । ଗାଡ଼ି ଛାଡ଼ି ଦେଲା ।

ରାତିର ପେଟ ଚିରି ଆଗେଇ ଯାଉଥାଏ ରେଳଗାଡ଼ି । ସିଟି ବଜାଇ ମେଦିନୀ କମ୍ପାଇ ଚାଲିଯାଉଥାଏ ଆଗକୁ । ଝରକା ଦେଇ ଡବା ଭିତରକୁ ପଶି ଆସୁଥାଏ ଶୀତଳ ପବନ । ଆଖି ପତା ଯୋଡ଼ି ହୋଇଗଲା । ମାଆର କୋଳରେ ନିର୍ଭୟରେ ଶିଶୁ ଶୋଇଯିବା ପରି ସେ ବି ଶୋଇ ପଡ଼ିଲା ନିଶ୍ଚିନ୍ତରେ ।

ଉଦ୍ଧବ ସ୍ୱପ୍ନ ଦେଖୁଥାଏ ଅନାଦି କାଳରୁ ଚାଲି ଆସୁଥିବା ମଣିଷର । ସିଏ ସେଇ ମଣିଷର ପ୍ରତିନିଧି ହୋଇ ଚାଲିଛି ସେ ଚାଲୁଛି, ପଥ ସରୁନାହିଁ କିନ୍ତୁ ପାଥେୟ ସରିଯାଉଛି । ସେଇ ମଣିଷ ଜୀବନର କେଉଁଠି ଶେଷହବ ସେ ଜାଣେନାହିଁ, କେହି ଜାଣିନାହାଁନ୍ତି । ପୃଥିବୀ ପୃଷ୍ଠରେ ଏତେ ସ୍ୱର ଶବ୍ଦ କରୁଥିବା ମଣିଷଟି ସେଇ ନିରନ୍ଧ୍ର ଅନ୍ଧକାର ଭିତରେ କେଡ଼େ ଅସହାୟ ହୋଇ ଉଠେ ସତରେ । ସେଇ ଅନ୍ଧାର ଭିତରେ ଆଦି ଯୁଗଠାରୁ ଆରମ୍ଭ କରି ଆଜିଯାଏ ଗୁରୁଣ୍ଡି ଗୁରୁଣ୍ଡି ଚାଲିଛନ୍ତି ଅସଂଖ୍ୟ ମଣିଷ । ଏତେ ଲୋକ ଥାଇବି ଉଦ୍ଧବ ଅନୁଭବ କରେ ଯେ ସେ ଏକା, ତା'ର ସଙ୍ଗ ନାହିଁ ସାଥୀ ନାହିଁ । ଏକାକୀ ସେ ଆଉ କେତେ ସମୟ ଚାଲିବ, ବାଟ ସରୁ ନାହିଁ କି ସରିବ ନାହିଁ ।

ଚାଲୁ ଚାଲୁ ଅଟକି ଯାଏ ଉଦ୍ଧବ । ଆଦିମ ଯୁଗରୁ ଏଯାବତ୍ ଜୁଡ଼ ହୋଇଥିବା ମଣିଷମାନଙ୍କର କଙ୍କାଳମାନଙ୍କୁ ଦେଖି ଆତଙ୍କରେ ଶିହରି ଉଠେ । ଚାରି ଦିଗରେ ଜୁଡ଼ ଜୁଡ଼ ହାଡ଼, କଙ୍କାଳ ଏବଂ ମୃତ ମଣିଷମାନଙ୍କର ଅସ୍ଥି । ତା' ଆଡ଼କୁ ସେଇ କଙ୍କାଳମାନେ ଆଗେଇ ଆସୁଥିବାର ଦେଖି ଭୟରେ ଶିହରି ଉଠେ ଉଦ୍ଧବ । ସେମାନଙ୍କ କବଳରୁ ନିଜକୁ ରକ୍ଷା କରିବାପାଇଁ ସେ ଦଉଡ଼ିବାକୁ ଆରମ୍ଭ କରିଦିଏ । ହଠାତ୍ କିଏ ଯେପରି ରୋକିଦିଏ ତାକୁ, ପାଦ ଛନ୍ଦି ହେଇଯାଇ ପଡ଼ିଯାଏ ଉଦ୍ଧବ । ସେ ବ୍ୟାକୁଳ ହୋଇ ପ୍ରାର୍ଥନା କରେ ତ୍ରାହି ଉଦ୍ଧାପାଇଁ । ଅଟ୍ଟହାସ୍ୟ କରି ଆଗେଇ ଆସୁଥିବା ସେଇ କଙ୍କାଳମାନେ ପଛେଇ ଯାଆନ୍ତି, ତା'ପରେ ସେମାନେ କେଉଁଠାରେ ଅଦୃଶ୍ୟ ହୋଇ ଯାଆନ୍ତି କିଛି ଦେଖି ପାରେନାହିଁ ଉଦ୍ଧବ । ଦେହରୁ ଝାଳ ବୋହିଯାଏ ଭୟରେ, ପାଟି ଖଟି ମାରିଯାଏ, ଗଳା ରୁଦ୍ଧ ହୋଇଆସେ । ଆଖି ବୁଜି ହୋଇଯାଏ ଆତଙ୍କରେ । ଆଖି ବୁଜିଲେ ପୁଣି ସେଇ ପରିଚିତ ଅନ୍ଧାର, ରାଶି ରାଶି ଅପସରନ୍ତି ଅନ୍ଧାର । ସେଇ ଅନ୍ଧାର ଭିତରେ ସହସା ଅଷ୍ଟମୀର ଫାଳେ ଜହ୍ନପରି ଫାଳେହସ ଫୁଟି ଉଠେ ଶୂନ୍ୟରେ । ତା'ପରେ ଆକାର ନିଏ ଗୋଟିଏ ଚକାମୁହଁ । ମଣିଷ ପାଖରେ ଥିବାର ଅନୁମାନ କରି ଭରସା ପାଏ ଉଦ୍ଧବ, ସେଇ ମୁହଁ ଓ ହସକୁ କେବେ ଦେଖି ନଥିଲେବି ଆଜନ୍ମରୁ ତାହା ଯେପରି ତା'ର ପରିଚିତ ସେୟା ମନେକରି ମନକୁ ପ୍ରବୋଧ ଦିଏ ସେ । ଅନ୍ଧାରରେ ସେଇ ଲୋକଟି ସହିତେ ସାଥୀ ହବାପାଇଁ ହାତ ବଢ଼ାଏ କିନ୍ତୁ ଅଦୃଶ୍ୟ ହୋଇଯାଏ ସେଇ ଚକାମୁହଁ ଓ ଫାଳେହସ । ଆଖି ଆଗରୁ ଅନ୍ଧାର

ଯେପରି ଯାଇ ଆଲୁଅର ସୁଅ ଛୁଟିଆସେ । ଆଦିଗନ୍ତ ଅଲୌକିକ ବନ୍ୟାରେ ଉଦ୍ଭାସିତ ହୋଇ ଉଠେ । ନିଦ ଭାଙ୍ଗିଯାଏ ଉଚ୍ଚବେଗ୍ରେ, ଶେଷ ହୁଏ ସ୍ୱପ୍ନ । ଉଠିବାକୁ ମନ ନକରି ସ୍ୱପ୍ନର ଶେଷରେ ଦେଖିଥିବା ସେଇ ପରିଚିତ ମୁହଁ ଟିକୁ ଦେଖିବାପାଇଁ ଆହୁରି ଖୋଜେ, କିନ୍ତୁ ପାଏନି କାହିଁ. ସର୍ବାଙ୍ଗରେ ଜିଣ୍ଣୁ ବୋଲିହୋଇ ଯାଇଥାଏ ଏକ ଅନନୁଭୂତ ପୁଲକ, ପ୍ରାଣରେ ଖେଳି ଯାଇଥାଏ ଏକ ଆଲୋକିତ ଚେତନା...... । ସେହି ଅନୁଭବକୁ ଆହୁରି କିଛି ସମୟ ଉପଲବ୍ଧି କରିବାପାଇଁ ଇଚ୍ଛାହୁଏ ଶୋଇଥାଏ ସେହିପରି । ତାକୁ କେହିଜଣେ ଉଠେଇ ଦେଇ କହିଲା, ମୁଦାର ଉଠି ଗାଡ଼ିଟା ଯାଇ ଶୋଇଛ, ଏଥର ଉଠ, ଗାଡ଼ି ବଦଳ କରିବାକୁ ହବ ଯେ.... । ସେଇ ଲୋକଟିକୁ ଚିହ୍ନି ବା ଆଗରୁ ତରତର ହୋଇ ଗାଡ଼ି ବଦଳ କରିବାପାଇଁ ସବୁ ଯାତ୍ରୀଙ୍କୁ ଓହ୍ଲେଇ ଯାଉଥିବାର ଦେଖିଲା ସେ । ଗଣ୍ଠିଲିଟିକୁ ହାତରେ ଧରି ସେ ବି ଓହ୍ଲେଇ ପଡ଼ିଲା ଡବା ଭିତରୁ ।

କିନ୍ତୁ ସ୍ୱପ୍ନର ସେଇ ଫାଳେ ହସ ତା ମନ ଭିତରେ ଲାଖି ରହିଥାଏ । ଯାହାକୁ ଦେଖେ ଇଚ୍ଛାହୁଏ ତାହାରି ମୁହଁକୁ ନିନିମେଷ ନୟନରେ ମୁହୂର୍ତ୍ତେ ଅନାଇ ଦିଏ ସେଇ ମୁହଁର ହସକୁ କଳନା କରିବାପାଇଁ । ଫାଳେ ଜହ୍ନପରି ନିର୍ମଳ ହସ କାହାରି ମୁହଁରେ ଶୋଭା ପାଉଥିବାର ଦେଖିନାହିଁ । ସେପରି ଚକା ମୁହଁ, ଚକା ଆଖି ଦୃଷ୍ଟିରେ ପଡ଼େନାହିଁ ।

ରେଳଗାଡ଼ିର ଗତି ସହିତ ତାଳ ଦେଇ ଆଗକୁ ଦଉଡ଼େ ମନ । ସାଇବେଗର କଣାଣ ମୁଖର ହୁଏ ତୁଣ୍ଡରେ । ଜୀବନରେ ଥିବି ଯଦି ଯିବି ବୃନ୍ଦାବନ.... । ଆଖିକୋଣ ଓଦା ହୋଇଯାଏ ଭାବାବେଶରେ । ମୂଢ଼ ସେ, ଛାର ଧୋବା ବାପୁଡ଼ା । ସେ ତ ଦାସିଆ ବାଉରୀ ହୋଇ ନାହିଁ ଯେ ଜଗନ୍ନାଥେ ଅନେଇଥିବେ ତା ହାତର ଶ୍ରୀଫଳକୁ ଗୋଟେଇ ନବାପାଇଁ । ନରି ପୂଜାପଣ୍ଡାଙ୍କ ମୁହଁରୁ କେତେ କାହାଣୀ ସେ ଶୁଣିଥିଲା ଜଗନ୍ନାଥଙ୍କ ଅକଳନ୍ତି କରୁଣା ବିଷୟରେ । ସେଇ କରୁଣା କଅଣ ଭଣା ହେବ ତା ଭାଗ୍ୟକୁ ? ନରି ପୂଜାପଣ୍ଡା ବର୍ଷକୁ ଥରେ ଆସନ୍ତି ପାଇକମାଳ ଅଞ୍ଚଳକୁ ଯାତ୍ରୀ ଯୋଗାଡ଼ କରିବାପାଇଁ । ଜଗନ୍ନାଥଙ୍କ ମହିମା ଶୁଣନ୍ତି ଲୋକେ ତାଙ୍କରି ମୁହଁରୁ । ମହାର୍ଦ୍ଦ, ତୁଳସୀଧଣ୍ଡା, ତିନି ଠାକୁରଙ୍କ ଫଟୋ, ତୁଳସୀମାଳୀ, ବେତବାଡ଼ି, ଶିରିପା ବାଣ୍ଟନ୍ତି ଭକ୍ତମାନଙ୍କୁ, ତାଙ୍କରି ତୁଣ୍ଡରୁ ଶୁଣି ଶୁଣି ପ୍ରଭୁଙ୍କର ସବୁ କୀର୍ତ୍ତି ମନେ ରହିଯାଇଛି, ସହଜ ନାମ ଗୁଡ଼ା ବି ମୁଖସ୍ଥ ହୋଇଯାଇଛି । ନରି ପୂଜାପଣ୍ଡା କୁହନ୍ତି, ସେହି ନାମହିଁ ସବୁ । ଭାଗବତରୁ ଆବୃତ୍ତି କରନ୍ତି ପୂଜାପଣ୍ଡା :—ଗୋବିନ୍ଦ, ଗୋବିନ୍ଦ, ଗୋବିନ୍ଦ, ନାମୁଗଳଇ ମକରନ୍ଦ । ସେ ମକରନ୍ଦ କରିପାନ, ଆନନ୍ଦେ ବଞ୍ଚୁଥିବ ଦିନ । ସେଇ ନାମହିଁ ଅମୃତ, ସେହି ଗୋଟିଏ ନାମ ଉଚ୍ଚାରଣରେ ସମସ୍ତଙ୍କର ନାମ ଉଚ୍ଚାରିତ ହୁଏ ।

ନିର୍ଯୋଗ ହୋଇ ଏତେଦିନ ଚାଲି ଆସିଲା । କୋଉ ପାପକୁ ଏଇ ଦଣ୍ଡଦେଲେ ଭଗବାନ ବୁଝି ପାରେନାହିଁ ଇଛବ । ନେତିକୁ ସାଙ୍ଗରେ ଆଣିଥିଲେ କେତେ ଖୁସି ହୋଇଯାଆନ୍ତା ସେ । ଧନ୍ୟ ହୋଇ ଯାଇଥାନ୍ତା ଜୀବନ । ନେତି କଥା ମନେ ପଡ଼ି ଛାତି ଭିତରଟା ମଚ୍ଚି ହୋଇଗଲା । ତାକୁ କହି ନାହିଁ ସେ ଆସିବା କଥା । ପୁଅବାଟ ଛୋଟ, ତାକୁ କଅଣ ବା କହି ପାରନ୍ତା ଇଛବ । ନେତିର ଆଖି ଯୋଡ଼ିକ, ତା'ର ଚକା ମୁହଁ, ପାତଳ ଦେହ ମନେ ପଡ଼େ । ଅନ୍ତର ଭିତରଟା ହାହାକାର କରି ଉଠେ । ହାତରେ କଉଡ଼ି ନାହିଁ, ତଥାପି ଗୁଳି ଆସିଛି ବୋଲି ନିଜକୁ ଧିକ୍କାରେ ଇଛବ । ଜୀବନରେ ଆଗରୁ କେବେ ଆଉନ ଭାଙ୍ଗି ନାହିଁ, ଏଇ ପ୍ରଥମ । ସେ ସିନା ଗୁଳି ଆସିଲା ମନର ଗୋଟିଏ ଆବେଗରେ, ନେତି କିପରି ଆସି ପାରନ୍ତା ? ଘରର ଗୁଆଗୁଣ୍ଡୀକୁ ଆଣି ଦାଣ୍ଡରେ ଛିଡ଼ା କରେଇ ପାରନ୍ତା ଇଛବ ? ଅଣ୍ଟାରେ ଗଣ୍ଠିଆ ଭିତରେ ସାତଟଙ୍କା ଗୋଟିଏ ପଇସା ପଡ଼ିଛି, ଏତକ ସମ୍ବଳ, ଏତକ ସାହା ଭରସା । ନରି ପୂଜାପଣ୍ଡା କୁହନ୍ତି, ପୁରୁଷୋତ୍ତମ କ୍ଷେତ୍ରକୁ ଆସି ପଇସା ଅଭାବରୁ କେହି ଉପାସ ରହିନାହିଁ, ସେଠାରେ ପରା ଲକ୍ଷ୍ମୀଙ୍କ ଭଣ୍ଡାର, ସମସ୍ତଙ୍କ ପାଇଁ ଆହାର ଜୁଟାଇ ଦିଅନ୍ତି ମହାଲକ୍ଷ୍ମୀ । ଶ୍ରୀୟା ଚଣ୍ଡାଳୁଣୀ ସେଥିପାଇଁ ତାଙ୍କୁ ଝୁରୁଥିଲା, ତାଙ୍କୁ ପାଇ ସେ ତରିଗଲା, ନାମ ରହିଗଲା କାଳ କାଳକୁ ।

ରଥଯାତ୍ରା ଦେଖିବାପାଇଁ ଅନେକ ଦିନୁ ମନ ଭିତରେ ଆଶା ପୋଷିଥିଲା ଇଛବ । କାହେ ସେଇ ଆଶା କେବେ ପୂର୍ଣ୍ଣ ହୋଇପାରିବ କି ନାହିଁ ବୋଲି ଆଶଙ୍କାରେ କହି ନଥିଲା କାହାକୁ । ନରି ପୂଜାପଣ୍ଡାଙ୍କ ତୁଣ୍ଡର କଥା । ତିନି ଠାକୁରଙ୍କର ତିନି ରଥ, ତାଳଧ୍ୱଜ, ନନ୍ଦିଘୋଷ ଏବଂ ଦେବଦଳନ । ରଥର ଦଉଡ଼ି ଟାଣିବାପାଇଁ ବଡ଼ଦାଣ୍ଡରେ ଭିଡ଼ ହୁଅନ୍ତି ଅସୁମାରୀ ଲୋକ । ସମସ୍ତଙ୍କୁ ଚଳଉଥିବା ଠାକୁରଙ୍କୁ ଚଳେଇବା ପାଇଁ ଆବଶ୍ୟକ ହୁଏ ରଥଟଣା । ଗୁରୁ ଉଠିବା ପରେ ଝାଞ୍ଜ ବାଜିଉଠେ, ଶଙ୍ଖ ହୁଳହୁଳି ଧ୍ୱନି ହୁଏ, ସାରଥି ପାଖରେ ଛିଡ଼ାହୋଇ ଦଇତାପତି ନିର୍ଦ୍ଦେଶ ଦିଏ ରଥର ଦଉଡ଼ି ଧରିବାପାଇଁ । ଲାଗିଆସେ ସହସ୍ର ହାତ । ଜଗତର ନାଥଙ୍କୁ ରଥ ଉପରେ ବସେଇ ରଥଟାଣନ୍ତି ମଣିଷ ବାପୁଡ଼ା । ଧନ୍ୟ ମହାବାହୁ, ଧନ୍ୟ ମହିମା ।

ବଡ଼ଦାଣ୍ଡରେ ଦଉଡ଼େ ତିନି ଠାକୁରଙ୍କ ରଥ । ସେଇ ବଡ଼ଦାଣ୍ଡରେ ପାଦଦେଇ ସର୍ବାଙ୍ଗରେ ଧୂଳି ବୋଳି ହବାପାଇଁ ମନହୁଏ ଇଛବର । ଆଉ ବଡ଼ଦାଣ୍ଡ ଅତିକ୍ରମ କରି ସେ ଯିବ ମହୋଦଧି ତଟକୁ । ମହୋଦଧିରେ ସ୍ନାନ କରି ପିତୃପୁରୁଷଙ୍କୁ ସାତ ଅଞ୍ଜୁଳା ପାଣି ଟେକି ଦେବ, ସ୍ୱର୍ଗଦ୍ୱାରରେ ନମସ୍କାର କରି ସେ ଛିଡ଼ାହବ ଅରୁଣସ୍ତମ୍ଭ ପାଖରେ ।

ଗାଡ଼ି ଆସି ପହଞ୍ଚିଲା ପରାଶାରେ । ବଡ଼ ଷ୍ଟେସନ । ତା'ର କାହିଲ ବେସ୍ତ ନଶୁଣି ଡବା ଭିତରୁ ତାକୁ ଓହ୍ଲେଇ ଦେଇ ଟିକଟ କଲେକ୍ଟର । ନିରୁପାୟ ହୋଇ ଓହ୍ଲେଇ ପଡ଼ିଲା ଇଛବ । ଅନ୍ଧାର ଦିଶିଲା ଭୁବନ । କେଉଁଠାକୁ ଯିବ, କୋଉଠି ରହିବ ? ଆଖି ପାଉ ନଥାଏ କେଉଁଠାକୁ ଯିବ, ପୁରୁଷୋତ୍ତମକୁ ଯାହାକୁ ପଚାରିଲା ସିଏ କହିଲା, ଆହୁରି ଅନେକ ବାଟ । ରୋଗା ଦେହରେ ଏତେ ବାଟ ଯିବ କିପରି ? ଶେଷରେ ଅଧୀର ହୋଇ ଆକାଶକୁ ଅନାଇଲା ଇଛବ । ଶେଷଥର ପାଇଁ ଟିକଟ କଲେକ୍ଟର ବାବୁଙ୍କୁ ନେହୁରା ହୋଇ କହିଲା, ଏତେ ଲୋକ ଯାଉଛନ୍ତି ମୋତେ ଟିକେ ଛାଡ଼ିଦିଅ ବାବୁ,

ରଥଯାତ୍ରା ଦେଖିବାପାଇଁ ବଡ଼ ଆଶାକରି ଆସିଛି...... । ଟିକଟ କଲେକ୍ଟର ବାବୁ ତାକୁ ଧକ୍କାଏ ମାରି କହିଲା, ଅଣ୍ଟାରେ ନାହିଁ ଧନ, ଯାତ୍ରା ଯିବାକୁ ମନ । ପଇସା ନଥାଇ ଗାଡ଼ିରେ ଚଢ଼ିଲୁ କେଉଁ ସାହସରେ ? ଯା, ଯା........ । ପୁଲିସ ଜଣେ ବାଡ଼ି ଉଞ୍ଚେଇ ଉଦ୍ଧବକୁ ତଡ଼ିନେଇ ଷ୍ଟେସନ ଘେରିପାଖରେ ଥିବା ବାଡ଼ ସେପାଖରେ ଛାଡ଼ି ଆସିଲା ।

ପୁଣି ନିଃସହାୟ ଭାବରେ ମହାଶୂନ୍ୟକୁ ଚାହିଁଲା ଉଦ୍ଧବ । ତା'ର ସବୁ ଆଶା ଆକାଂକ୍ଷା ମିଳେଇ ଗଲା ଶୂନ୍ୟରେ । କେବଳ ଦନ୍ତ ଥରାଇ ବହି ଆସିଲା ତତଲା ଦୀର୍ଘଶ୍ୱାସଟିଏ । ସେ ହାତଯୋଡ଼ି ମନକୁ ମନ କାହାକୁ କଅଣ କହିଲା ଅସ୍ପଷ୍ଟ ସ୍ୱରରେ କିଛି ଜାଣି ହେଲାନାହିଁ । ତା'ପରେ ଧୀରେ ଧୀରେ ପାଦ ବଢ଼େଇଲା ବ୍ରହ୍ମପୁର ଆଡ଼କୁ ।

ବାଟ ଭୁଡ଼ି ପୁଣି ପଚାରି ପଚାରି ଠିକ୍ ବାଟକୁ ଫେରିଆସେ । ବାଟୋଇ କାହାକୁ ଦେଖିଲେ ପଚାରେ, ପୁରସ୍ତମକୁ ଆଉ କେତେ ବାଟ ଭାଇ ?

କିଏ ଉତ୍ତର ଦିଏ ତ ଆଉ କିଏ ଦିଏ ନାହିଁ; ପୁଣି କିଏ ହସି ଉଠେ, ଛିଗୁଲେଇ ହୋଇ କୁହେ, ପାଦରେ ଚାଲି ଚାଲି ଯିବ ପୁରସ୍ତମ..... ପାଗଳ ନା କଅଣ ?

ଅଥଚ ନରି ପୂଜାପଣ୍ଡା କହୁଥିଲେ ଯେ ପୂର୍ବ କାଳରେ ସମସ୍ତେ ପାଦରେ ଚାଲି ଚାଲି ଆସୁଥିଲେ । ମୋଟର ଗାଡ଼ି ନ ଥିଲା କି ରେଳଗାଡ଼ି ବି ନ ଥିଲା । ଏ ଯୁଗରେ ସେଇ ମଣିଷ ଆଉ ନାହାନ୍ତି । ସେଇ ଭକ୍ତି ବି ନାହିଁ । ବଦଳି ଯାଇଛି ସେଇ ମନ, ବଦଳି ଯାଇଛି ଦୁନିଆ । ଉଦ୍ଧବ ଭାବେ ଯେ ସେ ପାଗଳ, ନୋହିଲେ ପୁରସ୍ତମ କ୍ଷେତ୍ରକୁ ଯିବାପାଇଁ ବାହାରି ଥାଆନ୍ତା ସମ୍ବଳ ନ ଥାଇ । ଆଖି ଝାପସା ହୋଇ ଆସେ, ପେଟ ତଳୁ କୋହ ଉଠେ, ସେ କାତର ହୋଇ ଡାକେ, ଜଗନ୍ନାଥ ହେ...... ।

କିଏ ଶୁଣୁଛି କାହା କଥା, କାହାରି ସମୟ ନାହିଁ ଅନ୍ୟ କାହା କଥା ଶୁଣିବାପାଇଁ । ଜଗନ୍ନାଥ ହୁଏତ ଶୁଣୁ ଥିବେ ସମସ୍ତଙ୍କ କଥା । ରତ୍ନ ବେଦୀ ଉପରେ ଛପନ ପ୍ରକାର ଭୋଗ ଖାଇ । ପୁଣି ଆଉ ଥରେ ଡାକେ ଉଦ୍ଧବ, ମହାବାହୁ ହେ.......... । ଆଖିରୁ ଲୁହ ଝରେ ଉଦ୍ଧବର । ପାଦ ପରାସରେ ସଂକୁଚିତ ହୋଇଯାଏ । ସେ ଗୋଟିଏ ଝଙ୍କାଳିଆ ଗଛ ମୂଳେ ବସୁ ବସୁ ଶୋଇପଡ଼େ ନିଦରେ ।

ଆହୁରି ଅନେକ ପଥ । ପାଦର ଶକ୍ତି କମି କମି ଆସୁଥାଏ, କିନ୍ତୁ କେବଳ ମନର ଜୋର ଟାଣି ନେଉଥାଏ ତାକୁ । ଭୋକ ଉପାସରେ କେତେ ରହିବ ? କେହି ଦେଲେ ଖାଏ ମୁଠେ, ନ ଦେଲେ ନାହିଁ, ଓପାସ । ପାଖରେ ଯାହା ଅଛି ଖର୍ଚ୍ଚ କରିବାପାଇଁ ହାତ ଉଠେ ନାହିଁ । ଠାକୁରଙ୍କ ପାଖକୁ ଖାଲି ହାତରେ ଯିବ ? ନଡ଼ିଆ, ଫୁଲ, ତୁଳସୀ ନବ ନାହିଁ ? ପୂଜାପଣ୍ଡାଙ୍କ ଦକ୍ଷିଣା ଦବ ନାହିଁ ।

ସେଦିନ ଜ୍ୱର ଜ୍ୱର ଲାଗୁଥାଏ ଉଦ୍ଧବକୁ । ସେଣି ହୋଇ ଯାଉଥାଏ ପଞ୍ଜରା ହାଡ଼ । ତଥାପି ଉଠିଲା ଉଦ୍ଧବ । ଭିକାରୀ ଜଣକୁ ପାଖରେ ଦେଖି କହିଲା, ଟିକେ ସାଂଗ ହେବ ଭାଇ ? ଏକା ଏକା........ । ଭିକାରୀ କହିଲା, ସେଇଥିପାଇଁତ ଆସିଛି । ଚାଲ, ଚାଲ, ଏଇ ଆଗରେ ମାଣିକପାଟଣା । ଉଦ୍ଧବ ଆଚମ୍ବିତ ହୋଇ କହିଲା, ମାଣିକପାଟଣା ? ମାଣିକପାଟଣା ସହର ନା ଗାଁ ? କଅଣ ମିଳିବ ମୋତେ ସେଥିରୁ ? ମୁଁ ଯିବି ପୁରସ୍ତମ.... ।

ଉଦ୍ଧବକୁ ମାଣିକପାଟଣା କାହାଣୀ କହିଲା ଭିକାରୀ । ଏଇ ଗାଁଆରେ ମାଣିକ ଗଉଡୁଣୀ ହାତରୁ ଦହି ଖାଇଥିଲେ ଦୁଇ ଭାଇ, ପଇସା ନ ଥିଲା ପାଖରେ ସେ ରତ୍ନ ମୁଦି ଦେଇଥିଲେ ଗଉଡୁଣୀକୁ ଠାକୁରେ ରାଜାଙ୍କୁ ଯୁଦ୍ଧରେ ଜିତେଇ ଟେକ ରଖିଥିଲେ ଦେଶର । କଳା ଘୋଡ଼ା, ଧଳା ଘୋଡ଼ାରେ ବସି ଯୁଦ୍ଧକୁ ଯାଉଥିବା ବେଳେ ଏଇ ଗାଁରେ ଘଟିଥିଲା ଘଟଣା । ଉଦ୍ଧବ କହିଲା, ଧନ୍ୟ ମାଣିକପାଟଣା, ଧନ୍ୟ ମାଣିକ ଗଉଡୁଣୀ ! ଠାକୁରେ ଏତେ ଦୟାବନ୍ତ । କିନ୍ତୁ ପାପୀ ମୁଁ, ମୋ କଥା ତାଙ୍କ କାନରେ ପଡୁ ନାହିଁ । ରାତିଟା ମାଣିକପାଟଣାରେ ରହିଗଲା ଉଦ୍ଧବ । ବହୁ କାକୁତି ମିନତି କରି ମଧ୍ୟ ଚିଲିକା ପାରି କରିବାପାଇଁ ନାଉରୀ ରାଜି ନ ହେବାରୁ ଉଦ୍ଧବ ବ୍ୟାକୁଳ ହୋଇ ଭୋ ଭୋ କାନ୍ଦିଲା ।

ପୁଣି ଧରିଲା ଚଲା ପଥ । ପଡ଼ି ଉଠି ଚାଲିଲା । ଦିନ ଦୁଇ ପ୍ରହର ହବ, ତଣ୍ଟି ଶୁଖି ଯାଉଥାଏ ଖରାରେ, ଗମ ଗମ ହୋଇ ଝାଳ ବୋହୁ ଥାଏ ଦେହରୁ । ତାତିଲା ଭୂଇଁରେ ସିଝି ଯାଉଥାଏ ତଳିପା । ଖରାବେଳଟା ଏକା ରାହାରେ କିଛି ବାଟ ଚାଲି ଆସି ସନ୍ଧ୍ୟା ହେବା ଆଗରୁ ଗୋଟାଏ ଜାଗାରେ ବସିଗଲା ଉଦ୍ଧବ । ଦେହର ସବୁ ଶକ୍ତି ଯେପରି କିଏ ନିଗାଡ଼ି ନେଇଥାଏ । ଗାଁଆଟା ଯାକର ମଇଳା ଲୁଗାକୁ ପିଠି ଉପରେ ବୋହି ନେଇ ପୋଖରୀ ତୁଠକୁ ଯାଉଥିବା ଉଦ୍ଧବ ଧୋବା ଆଜି ନିଜର ବୋଝ ବୋହି ପାରୁ ନାହିଁ ବୋଲି ବିକଳ ହୋଇ ରଡ଼ି ଛାଡ଼ିଲା, ଆଉ କେତେ କଷଣ ଦବ ହେ ଚକାଡ଼ୋଳା ।

ସେଇ ବରଗଛ ମୂଳକୁ ଆଶ୍ରା କରି ପଡ଼ି ରହିଲା ଉଦ୍ଧବ । ବରଗଛର ଓହଳମାନଙ୍କୁ ବେଳେବେଳେ କୁଣ୍ଢେଇ ପକେଇ କାନ୍ଦିଲା । ପୂଜା ପଣ୍ଡା କହିଥିଲେ ଠାକୁରଙ୍କ ନବକଳେବର କଥା । ତାକୁ ଆଚମ୍ବିତ ହୋଇ ଯାଉଥିବାର ଦେଖି ସେ କହିଥିଲେ ସେଦିନ, ଇଏ ଦାରୁ ବ୍ରହ୍ମ । ନବକଳେବର ସମୟରେ ପୁରୁଣା ଦାରୁ ଛାଡ଼ି ନୂଆ ଦାରୁ ଭିତରେ ପ୍ରବେଶ କରନ୍ତି । ସେଇ କଥା ମନେ ପଡ଼ିଯିବାରୁ ବରଗଛର ଓହଳକୁ କୁଣ୍ଢେଇ ପକେଇ କହିଲା ଉଦ୍ଧବ, ତୁମେ ଦାରୁ ବ୍ରହ୍ମ, ତୁମେ ସବୁଠାରେ, ସର୍ବ ନାମ...... !

ଝଙ୍କାଳିଆ ସେଇ ବରଗଛ ମୂଳେ ରାତିର ସବୁ ଅନ୍ଧାର ଠୁଳ ହେଲା ଯେପରି ଚମଟିକା ମାନେ ଟିଁ ଟିଁ ହେଲେ ଡାଳରେ, ମଝିରେ ମଝିରେ ପୂର୍ବାଳି ପବନ

ବୋହଲାର ଦେଇଗଲା ଗଛର ଡାଳକୁ । ମେଘ ଘୋଟେଇ ଥାଏ ଚିଲିକା ଉପରେ, ଢାଙ୍କି ହୋଇଯାଇଥାଏ ଆକାଶ । ଅଣ୍ଟା ଟିକେପାଇଁ ଆଉ କାହିଁ ଯିବାପାଇଁ ଶକ୍ତି ନ ଥାଏ ଶରୀରରେ । ଝିଟିଝିଟିଆ ଅନ୍ଧାର ଭିତରେ ସେଇ ବରଗଛକୁ ଆଶ୍ରା କରି ବସି ରହିଲା ଉଚ୍ଛବ ।

ସେଇ ରାତିଟା ଖୁବ୍ ଭୟଙ୍କର ମନେ ହେଲା । ସେ ମନେ କଲା ଏଇଟା ଯେପରି ତା ଜୀବନର ଶେଷ ରାତି, ଏଇ ଝଡ଼ ତୋଫାନରେ କୁଟା କାଠି ପରି ସେ ବି ଉଡ଼ିଯିବ କେଉଁଆଡ଼େ । ଚିଲିକା ଆଡୁ ଧୁମୁସେଇ ଆସିଲା କଳା ହାଣ୍ଡିଆ ମେଘ । ତା' ସାଥିରେ ଗଛ, ଡାଳ, ପତ୍ର ଭଙ୍ଗା ବତାସ । ଅଣଗ୍ରଷ୍ଟ ପବନ ବହିଲା ଯେପରି ସେଇ ପବନର ଯୋର ଦେଖି କାଳେ ଉଡ଼ିଯିବ ବୋଲି ଗାମୁଛାକୁ ଅଣ୍ଟାରେ ଗୁଡ଼େଇ ଓହଳ ସାଥିରେ ବାନ୍ଧି ଦେଲା ଉଚ୍ଛବ । ସାରା ରାତି ଝଡ଼ ବର୍ଷା ଧୁମୁସେଇଲା ଧରଣୀକୁ । ବର୍ଷା ମାଡ଼ ଖାଇ ଶରୀର କାଲୁଆ ହୋଇଗଲା ଉଚ୍ଛବର, ସେ ବେହୋସ ହୋଇ ପଡ଼ିଲା ମଝି ରାତିରେ ।

ରାତିଯାକ ବର୍ଷା ଓ ବତାସର ମାଡ଼ ଖାଇ ବିପର୍ଯ୍ୟସ୍ତ ଦିଶୁଥାଏ ପୃଥିବୀ ଉଷାର ଆଲୋକରେ । ଶହ ଶହ ଗଛ ଉପୁଡ଼ି ପଡ଼ିଥାଏ ପବନର ବେଗକୁ ଅଟକାଇ ନ ପାରି । ଉଚ୍ଛବର ବର୍ଷା ଛେଚା ଦେହଟା ନିର୍ଜୀବପରି ଆଉଜି ପଡ଼ିଥାଏ ବରଗଛ ଉପରେ ।

ଜଣେ କିଏ ଉଚ୍ଛବକୁ ଝାଙ୍କି ଦେଇ କହିଲା, ଉଠ, ଉଠ, ଏଇ ଟ୍ରକ ଆସିଗଲା ଯେ...... । ପୁରୁଷମ ଯିବ ପରା ? ଉଚ୍ଛବର କାନକୁ ଶୁଭୁ ନ ଥାଏ କୌଣସି ଶବ୍ଦ । ତାକୁ ପୁଣି ଝାଙ୍କି ଦେଇ କହିଲା ସିଏ ଉଠ, ଉଠ, ଟ୍ରକଟା ଛିଡ଼ା ହୋଇଛି ଯେ........ ଉଠି ପଡ଼........ ।

ଟ୍ରକ ଆଡ଼କୁ ଅଧା ମୁଦା ଆଖିରେ ଚାହିଁଲା ଉଚ୍ଛବ । ସିଏ ଯିବ କି ନ ଯିବ କିଛି ସ୍ଥିର କରିବା ପୂର୍ବରୁ ତାକୁ ଶୂନ୍ୟେ ଶୂନ୍ୟେ ଉଠେଇ ନେଇ ଟ୍ରକ ଉପରକୁ ଉଠେଇ ଦେଇ କହିଲା ସେହି ଟୋକା, ମୁଁ କହି ଦେଇଛି ଡ୍ରାଇଭରକୁ ଏକାବେଳେ ପୁରୁଷମ...... ।

ଅତି କଷ୍ଟରେ କହିଲା ଉଚ୍ଛବ, ତୁ ସାଙ୍ଗରେ ଯିବୁ ନାହିଁ ବାପା ?

ସେ କୋମଳ କଣ୍ଠରେ କହିଲା, ଅନେକ କାମ ପଡ଼ିଛି ମଉସା, ମୁଁ ପରେ ଯିବି, ସେଇ ବଡ଼ ଦାଣ୍ଡରେ ଭେଟ ହେବ ଯେ.... ।

ବର୍ଷା ମାଡ଼ ଖାଇ ଆଖି ଯୋଡ଼ିକ ଘୋଳେଇ ହଉଥାଏ ବୋଲି ଭଲ ଧାରେ ଚାହିଁ ପାରୁ ନ ଥାଏ ଉଚ୍ଛବ । ତଥାପି ସେଇ ଉପକାରୀ ପିଲଟିକୁ ଟିକେ ଦେଖିନବାପାଇଁ ଚାହିଁ ଦେଲା ଉଚ୍ଛବ । ସେତେବେଳକୁ ଟ୍ରକଟା ଗଡ଼ିବାକୁ ଆରମ୍ଭ କରିଥିଲା ବୋଲି ତାକୁ ଦେଖା ସମ୍ଭବ ହେଲା ପାରିଲା ନାହିଁ, କେବଳ ମନେ ରହିଗଲା ତା'ର ଚକା ମୁହଁ, ଝୁଙ୍କୁଡ଼ିଆ କେଶ, ଚକା ଚକା ଦୁଇଟି ଉଜ୍ଜ୍ୱଳ ଆଖି, ଅଲ୍ ଅଷ୍ଟମୀର ଜହ୍ନ ପରି ଫାଟେ ହସ ।

ସେଇ ମଧୁବୋଳା ମୁହଁଟି ଆଖି ଆଗରୁ ଅଦୃଶ୍ୟ ହୋଇଯିବା ବେଳକୁ ବାଉଳା ହେବାପରି କହି ଉଠିଲା ଉଚ୍ଛବ । ଆରେ ! ଇଏ କିଏ କି ? ଚିହ୍ନା ଚିହ୍ନା ଆଖି, ପରିଚିତ ମୁହଁ, ମନଛୁଆଁ ହସ.... । ମନକୁ ମନ କହି ଗୁଲି ଥାଏ ଉଚ୍ଛବ, କିଏ ତୁ ବାବା, ନାମ ଠିକଣା କହିଲୁ ନାହିଁ, ଶୁଣିଛି ସେଠାରେ ଅସୁମାରୀ ଲୋକ, କେତେ ଆଉ କେତେ ଅବାଥ, କିପରି ଭେଟ ହବ, କୋଉଠି ପାଇବି ତୋତେ...

ସେ ଭାବୁଥାଏ ଯେ ସେଇ ଉପକାରୀ ପିଲଟି ସହିତ ଆଉ ତା'ର ହୁଏତ କେବେ ଦେଖା ହେବ ନାହିଁ । ଏତେ ସୁନ୍ଦର ସ୍ନେହଭରା ଦରଦି କଥା ପଦେ ଆଉ କାନରେ ପଡ଼ିବ ନାହିଁ । ଏତେ ଲୋକ ଥିବା ବେଳେ କାହିଁ କେହିତ ତା' ଦୁଃଖ ବୁଝିଲେ ନାହିଁ, କିନ୍ତୁ ଚିହ୍ନା ପରିଚୟ ନ ଥାଇ ସିଏ ତା ମନ କଥା ବୁଝିଲା, ତାକୁ ଟ୍ରକ ଉପରକୁ ଉଠେଇ ଦେଲା ପୁରୁଷମ ଯିବାପାଇଁ । ତେହେତାଟି କେଉଁଠି ଯେପରି ଦେଖିଛି । କେତେ ଆପଣାର । ପୂଜା ପଣ୍ଡାଙ୍କ କଥା ମନେ ପଡ଼ିଲା, ସେ କହୁଥିଲେ- ପିତାମାତାଙ୍କ ପୁଣ୍ୟ ବଳେ ସୁପୁତ୍ର ଉପୁଜାଇ କୁଳେ । ଇଏ ସତ କଥା । ପିତାମାତାଙ୍କର ପୁଣ୍ୟ ନ ଥିଲେ ଏପରି ସୁପୁତ୍ର ଜନ୍ମ ହେବେ ନାହିଁ ।

ବଡ଼ଦାଣ୍ଡରେ ଉଚ୍ଛବକୁ ଓହ୍ଲେଇ ଦେଇ ତା' ହାତକୁ କେତୋଟି ଟଙ୍କା ବଢ଼େଇ ଦେଇ କହିଲା ଡ୍ରାଇଭର, ଏଇ ଯେ ବଡ଼ଦାଣ୍ଡ, ଟିକେ ଆଗକୁ ଗଲେ ବଡ଼ ଦେଉଳ, ଏଠୁ ଦେଖ ନୀଳଚକ୍ରରୁ ଫର ଫର ହୋଇ ଉଡୁଛି ବାନା.... ଯା, ଆଗେଇ ଯା........ ।

ଉଚ୍ଛବ କିଛି ପଚାରିବା ପୂର୍ବରୁ ଟ୍ରକଟା ଅଦୃଶ୍ୟ ହୋଇଗଲା ଆଖି ଆଗରୁ ।

ବଡ଼ଦାଣ୍ଡର ଧୂଳି ପବିତ୍ର ବୋଲି କହିଥିଲେ ନରି ପୂଜା ପଣ୍ଡା । ସେଇ ଧୂଳିରେ କେତେ ଥର ଗଡ଼ିଗଲା ଉଚ୍ଛବ । ବଡ଼ ଶଙ୍ଖ ପାଖରେ ଧର୍ମଶାଳା, ସେଇଠାରେ ଆସନ ପକେଇ ବସିଗଲା ଉଚ୍ଛବ । ରୋଗା ଅଥର୍ବ ମଣିଷ, ଆଉ ଆଗକୁ ଯିବାପାଇଁ ସାହାସ ହଉ ନ ଥାଏ ।

ବଡ଼ଦାଣ୍ଡ ଉଛୁଳି ପଡୁଥାଏ ଲୋକାରଣ୍ୟରେ । ହରି ଶବ୍ଦରେ କମ୍ପି ଉଠୁଥାଏ ମେଦିନୀ ।

ଯାତ୍ରୀମାନେ ହୁରି ଛାଡ଼ିଲେ, ବଡ଼ ଠାକୁରଙ୍କ ରଥ ଆଗେଇ ଆସୁଛି, ଉଠ ଉଠ, ଦଉଡ଼ିରେ ହାତ ଲଗାଅ ଉଚ୍ଛବର ଅଥର୍ବ ଶରୀରରେ ଚେତନାର ଅପୂର୍ବ ଚଞ୍ଚଳତା । କିନ୍ତୁ ବହୁ ଚେଷ୍ଟା କରି ବି ଅସମର୍ଥ ଶରୀରକୁ ସେ ଟାଣି ନେଇ ପାରିଲା ନାହିଁ ରଥ ଦଉଡ଼ି ପାଖକୁ । ମୁହଁ ଉପରକୁ କରି ଆଖି ପୁରେଇ ସେ କେବଳ ଦେଖିଲା ।

ହରିବୋଲ ଧ୍ୱନିରେ ପୂରିଗଲା ଆକାଶ ବତାଶ । ରଥ ଉପରକୁ ନଡ଼ିଆ ଫିଙ୍ଗିଲେ ଭକ୍ତମାନେ । ଧଣ୍ଡା ତୁଳସୀ ଫିଙ୍ଗିଲେ ସେବକମାନେ ରଥ ଉପରୁ । ପୃଥିବୀର ସବୁ ଦର୍ପକୁ ଚୂନାକରି ଆଗେଇ ଗଲେ ବଡ଼ ଠାକୁର । ତାଙ୍କୁ ନିଷ୍ପଲକ ନୟନରେ ଚାହିଁ ରହିଥାଏ ଉଚ୍ଛବ, ଆଖିରୁ ବହି ଯାଉଥାଏ ଧାର ଧାର ଲୁହ ।

ସେ ଆକୁଳ ହୋଇ କହୁଥାଏ, ମୁଁ ଅକ୍ଷମ, ମୁଁ ଅସମର୍ଥ, ମୁଁ ପାପୀ ବଡ଼ ଠାକୁରେ. ତୁମ ଦଉଡ଼ି ଛୁଇଁ ପାରିଲି ନାହିଁ.................

ତାଳଧ୍ୱଜପରେ ଆସିଲେ ସୁଭଦ୍ରାଙ୍କ ଦେବଦଳନ । ଛାଣୁ ପରି ସେଇ ଗୋଟିଏ ଜାଗାରୁ ପ୍ରଣାମ କଲା ଉଦ୍ଧବ । ଆଖି ପୁରି ଯାଉଥାଏ ଲୁହରେ, ତା'ପରି ପାପୀର ପୁଣି ଏତେ, ଭାଗ୍ୟ, ସ୍ୱଚକ୍ଷୁରେ ଦେଖିଲା ବଡ଼ ଠାକୁର, ସୁଭଦ୍ରାଙ୍କୁ । ପଛେ ପଛେ ସାନ ଠାକୁର ବଳିଆରଭୁଜ ଜଗନ୍ନାଥେ । ଆଗେଇ ଆସୁଥାଏ ନନ୍ଦିଘୋଷ । ସମୁଦ୍ରର ଢେଉପରି ମାଡ଼ି ଆସୁଥାଏ ଲୋକ ଗହଳି ।

ସବା ଆଗରେ ସଂକୀର୍ତ୍ତନ ଦଳ, ତା' ପଛକୁ ପାଟ ଓ ସୁନା ଜରିରେ ସଜ କରାହୋଇଥିବା ହାତୀର ହାଉଦା ଉପରେ ବାଦକ ଦଳ, ତା' ପଛକୁ ଝାଞ୍ଜ, ମୃଦଙ୍ଗ, ଖଞ୍ଜଣି, ଶଂଖ, କାହାଳୀ, ଯିଏ ଯାହା ପାରିଲା ବଜାଉ ଥାଏ ।

ଏକାଗ୍ର ହୋଇ ଅପେକ୍ଷା କରୁଥାଏ ଉଦ୍ଧବ ସେହି ପରମଙ୍କୁ ଦର୍ଶନ କରି ନେତ୍ର ପବିତ୍ର କରିବାପାଇଁ । ତା'ର ଚେତନାରେ ଉଦ୍ଭାସିତ ହେଉ ଥାଆନ୍ତି ଜଗନ୍ନାଥ ।

ମାଡ଼ି ଆସୁଥାଏ ନନ୍ଦିଘୋଷ ପୃଥିବୀର ସବୁ ବାଧା ବନ୍ଧନକୁ ଭ୍ରୂକ୍ଷେପ ନକରି । ବଡ଼ଦାଣ୍ଡରେ ଲହଡ଼ି ଭାଙ୍ଗୁଥାଏ ମଣିଷଙ୍କ ଭିଡ଼ । ଲୋକେ ଲୋକାରଣ୍ୟ ।

ହରିବୋଲ ଓ ଝାଞ୍ଜ, ମୃଦଙ୍ଗର ତାଳ ସହିତ ତାଳ ମିଳାଇ ମଉଗଜ ପରି ଦୋଳି ଦୋହଲି ଆଗେଇ ଆସୁଥାଏ ନନ୍ଦିଘୋଷ । ପୃଥିବୀର ସବୁ ବାଧା, ସବୁ ପ୍ରତିବନ୍ଧକ ଦଳି ମକଚି ହୋଇ ଯାଉଥାଏ ରଥର ଚକ ତଳେ । ଚୁରି ହୋଇ ଯାଉଥାଏ ମଣିଷର ଅହଂକାର ଅଭିମାନ । ରଥର ସାରଥିକୁ ଦୂରରୁ ଦେଖିଲା ଉଦ୍ଧବ । ରଥ ଆଗରେ କଳା ଧଳା ଘୋଡ଼ା ଉପରକୁ ଡ଼ିଂଆ ମାରିବା ପରି ଦିଶୁ ଥାଆନ୍ତି । ଏଇ ଶେଷ ସୁଯୋଗ, ଏହାପରେ ଆଉ ଏଇ ମୁହୂର୍ତ୍ତ ଆସିବ ନାହିଁ । ଜଗନ୍ନାଥଙ୍କୁ ସାଷ୍ଟାଙ୍ଗ ହୋଇ କାକୁତି କଲା ଉଦ୍ଧବ, ସମସ୍ତେ ହାତ ଲଗାଉଛନ୍ତି ହେ ମହାପ୍ରଭୁ, ମୁଁ ଅକ୍ଷମ, ଅସମର୍ଥ...... । ମୋତେ ଟିକେ ଶକ୍ତି ଦିଅ, ଟିକେ କୃପା କର...... । ବହୁ ଚେଷ୍ଟା କରି ଯଦିବା ଉଠିଲା ଉଦ୍ଧବ ଲୋକମାନଙ୍କର ଠେଲାରେ ପଛକୁ ଘୁଞ୍ଚି ଆସିଲା ପୁଣି । ବଡ଼ ଶଂଖ ଉପରକୁ ନନ୍ଦିଘୋଷ ଉଠିବା ବେଳକୁ ଜୀବନ ପଣ କରି ପୁଣିଥରେ ଦଉଡ଼ି ଧରିବାପାଇଁ ହାତ ବଢ଼ାଇଲା ଉଦ୍ଧ ତାହା ବି ବ୍ୟର୍ଥ ହୋଇଗଲା । ମାଡ଼ି ଆସୁଥିବା ଲୋକମାନଙ୍କ ପାଦତଳେ ଲୋଟି ପଡ଼ିଲା ବେଗ ସଂଭାଳି ନପାରି ।

ରଥ ଚକ ମାଡ଼ି ଆସୁଥାଏ ଆଗକୁ । କିଏ କାହା କଥା ଶୁଣୁଛି । ଉଦ୍ଧବ ବଡ଼ଦାଣ୍ଡର ବାଲିରେ ମଥା କୋଡ଼ି କହୁଥାଏ, ମୋ ଉପର ଦେଇ ଘୁରି ଯାଅ ଚକାଡୋଳା, ମୁଁ ଆଉ ପାରୁ ନାହିଁ, ତୁମ ରଥର ଦଉଡ଼ି ଧରିବାକୁ ମୋ ହାତରେ ବଳ ନାହିଁ ...... ।

ମୁହଁ ମାଡ଼ି ପଡ଼ିଥାଏ ଉଦ୍ଧବ । ତାରି ପିଠି ଉପରେ ଖୁନ୍ଦିଗଲେ ଦଳେ ଲୋକ । ଯନ୍ତ୍ରଣାରେ ଚିରି ଚିରେଇ ଉଠିଲା ଉଦ୍ଧବ । ତା'ର ଆଖି ମୁଦି ହୋଇଗଲା, ବେହୋସ ହୋଇ ଯାଉଥିବା ପରି ମନେ କଲା ସେ ।

ହଠାତ୍ ତାହାରି ଦେହକୁ ଲାଗି ଅଟକି ଗଲା ନନ୍ଦିଘୋଷର ଚକ । ହାଁ ହାଁ କରି ଦଉଡ଼ି ଆସିଲେ ହାକିମ ହୁକୁମା । ପଣ୍ଡା ପଡ଼ିହାରୀ ହୁରି ଛାଡ଼ିଲେ, ଭିଡ଼ି ନିଅ, ଭିଡ଼ି ନିଅ, ରଥଚକ ମାଡ଼ିଯିବ ଏଇନେ...... ।

ମୁହଁ ମାଡ଼ି ପଡ଼ିଥାଏ ଉଦ୍ଧବ । ତା' ହାତକୁ ଧରି ଗୋଟିଏ ଝାଙ୍କରେ ଉଠେଇ ଦେଇ କହିଲା ପିଲାଟି, ଉଠ ଉଠ, ଏତିକିବେଳେ ଶୋଇ ପଡ଼ିଲେ ଆଉ ଦେଖିବ କେତେବେଳେ ଦଉଡ଼ିରେହାତ ଲଗାଅ, ଶେଷ ଥରପାଇଁ ତାଙ୍କୁ ଦେଖିନିଅ ।

ବଲବଲ କରି ତାକୁ ଅନାଇଲା ଉଦ୍ଧବ । କିଏ ଏଇ ପିଲାଟି ? କୋଉଠି ଦେଖିବା ପରି ମନେ ହଉଥିଲା ଉଦ୍ଧବର ।

ତାକୁ ବୋକା ପରି ଚାହିଁ ଥିବାର ଦେଖି କହିଲା ପିଲାଟି, ମୁଁ କହିଥିଲି ନା ବଡ଼ଦାଣ୍ଡରେ ଭେଟ ହେବ ବୋଲି ମୋ କଥା ରକ୍ଷା କରି ମୁଁ ଆସିଛି, ଏଥର ହାତ ଲଗାଅ, ଦଉଡ଼ିରେ ହାତ ଲଗାଅ.......... ।

ଉଦ୍ଧବର ବାହୁଧରି ଶୂନ୍ୟେ ଶୂନ୍ୟେ ଉଠେଇ ଆଣି ତାକୁ ରଥ ଆଗରେ ଠିଆ କରାଇ ଦେଲା ପିଲାଟି । ଦେହରେ ଯେପରି ହାତୀର ବଳ ।

ଉଦ୍ଧବ ଉପରକୁ ଅନାଇଲା । ଆଖି ଆଗରେ ନନ୍ଦିଘୋଷ । ତହିଁ ଉପରେ ବିରାଜମାନ ଦାରୁବ୍ରହ୍ମ । ଜଗତର ନାଥ ଜଗନ୍ନାଥ ।

ବିସ୍ମୟରେ ଅଭିଭୂତ ହୋଇଗଲା ଉଦ୍ଧବ । ଇଏତ ସେହି, ଇଏତ ତା'ର ଅଜଣା ନୁହଁନ୍ତି, ଅତି ପରିଚିତ । ଏଇତ ସେହି ଚକା ମୁହଁ, ଚକା ଆଖି, ଅଷ୍ଟମୀର ଚନ୍ଦ୍ର ପରି ମୁହଁ ଉପରେ ଲାଖି ରହିଥିବା ଫାଳେ ହସ । ଏତ ଅତି ଆପଣାର, ଅତି ମଧୁର.... ।

ବିହ୍ୱଳ ହୋଇ ହାତ ବଢ଼ାଇଲା ଉଦ୍ଧବ ପାଖରେ ଠିଆ ହୋଇଥିବା ସେଇ ପିଲାଟିକୁ କୁଣ୍ଢେଇ ପକେଇବା-ପାଇଁ । ତାହାରି ଯୋଗୁଁ ରଥ ଦେଖା, ତାହାରି କୃପାରୁ ଜଗନ୍ନାଥଙ୍କ ଦର୍ଶନ । କିନ୍ତୁ ଦୁଇବାହୁ ଶୂନ୍ୟରେ ରହିଗଲା ଉଦ୍ଧବର । ପିଲା ଆଉ ନଥିଲା ସେଠାରେ ।

ପରମ ବିସ୍ମୟରେ ଦେଖିଲା ଉଦ୍ଧବ, ସେଇ ପିଲା ଡାଳାରେ ପୁଣି, ଆଗକୁ ହାତ ମେଲି ଠିଆ ହୋଇଛନ୍ତି ଜଗନ୍ନାଥେ, ମୁହଁରେ ସେହି ହସ, ଆଖିରେ ସେଇ ଅମୃତାୟନ ଦୃଷ୍ଟି ।


ହଠାତ୍ ରଥର ଦଉଡ଼ି ଧରି ତାବାନ ପରି ଆଗକୁ ଦଉଡ଼ିଲା ଉଦ୍ଧବ । ଚିତ୍କାର ଫଟେଇ ରଡ଼ି ଛାଡ଼ିଲା, ମହାପ୍ରଭୁ ହେ........ ।


ପଙ୍ଗୁ ଗିରି ଲଂଘିବା ପରି ରଥ ଦଉଡ଼ି ଧରି ଆଗକୁ ଦଉଡ଼ିଲା ଉଦ୍ଧବ, ଆଗେଇ ଗଲା ନନ୍ଦିଘୋଷ । ତା'ର ମନେ ହେଉଥାଏ ସେ ସୁସ୍ଥ, ସଂପୂର୍ଣ୍ଣ ସୁସ୍ଥ ।



# ଦୁର୍ଦ୍ଦିନରେ ଆମ ପାଖେ







ଶ୍ରୀ ନରେନ୍ଦ୍ର କୃଷ୍ଣ ଧଳ

ପ୍ରଳୟଙ୍କରୀ ବାତ୍ୟାରେ ବିପନ୍ନ ହୋଇ ଓଡ଼ିଶାର ସାତୋଟି ଜିଲ୍ଲାର ଲୋକେ ଯେତେବେଳେ ଅକଥନୀୟ ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଥିଲେ, ଠିକ୍ ସେତିକି ବେଳେ ସେମାନଙ୍କୁ ସମବେଦନା ଜଣାଇବା ପାଇଁ ଏବଂ ଏହି ଦାରୁଣ ବିପଦର ମୁକାବିଲା କରିବାକୁ ସେମାନଙ୍କ ମନରେ ସାହସ ଦେବା ପାଇଁ ଓଡ଼ିଶା ପରିଦର୍ଶନରେ ଆସିଥିଲେ ଭାରତର ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ।

ଏହି ଅଭୂତପୂର୍ବ ବାତ୍ୟା ବିପତ୍ତି ଓଡ଼ିଶା ଭଳି ଏକ ଦରିଦ୍ର ରାଜ୍ୟର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇ-ଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ପରିଦର୍ଶନ କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଏହାଦ୍ୱାରା ଓଡ଼ିଶାକୁ କେନ୍ଦ୍ରୀୟ ସାହାଯ୍ୟ ମିଳିବା ଦିଗରେ ପଥ ସୁଗମ ହେଲା ବୋଲି ସରକାରୀ ମହଲରେ ମତ ପ୍ରକାଶ ପାଇଛି । ଓଡ଼ିଶାର ଏହି ବିପତ୍ତି ବେଳେ ପ୍ରଧାନମନ୍ତ୍ରୀଙ୍କ ଅଚାନକ ଓଡ଼ିଶା ଗସ୍ତ ଓଡ଼ିଶାର ଜନସାଧାରଣଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଓ ଆନ୍ତରିକତାର ସୂଚନା ଦେଉଛି ।

ଚଳିତ ମାସ ଏଗାର ତାରିଖ ପୂର୍ବାହ୍ନ ଠିକ୍ ନଅଟା ପାଞ୍ଚ ମିନିଟ୍ ବେଳେ ଭାରତୀୟ ବିମାନ ବାହିନୀର

'ରାଜହଂସ' ବିମାନ ଭୁବନେଶ୍ୱର ବିମାନ ଘାଟିରେ ଅବତରଣ କଲା । ବିମାନ ଭିତରୁ ହସ ହସ ମୁହଁରେ ବାହାରି ଆସିଲେ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ । ନୀଳ ବୁନ୍ଦ ପକା ଧଳା ଖଦଡ଼ ଶାଢ଼ୀ ପରିହିତା ପ୍ରଧାନମନ୍ତ୍ରୀ ଗୋଟିଏ ଛୋଟ ଛତା ଖୋଲି ନିଜେ ଧରିଲେ । ବିମାନ ଘାଟି ଚାରିପାଖ କଡ଼େ କଡ଼େ ବିପୁଳ ଜନତା ଶ୍ରୀମତୀ ଗାନ୍ଧୀଙ୍କ ଜୟ ଧ୍ୱନିରେ ଆକାଶ ପ୍ରକମ୍ପିତ କଲେ ।

ଓଡ଼ିଶାର ରାଜ୍ୟପାଳ ଶ୍ରୀ ସି. ଏମ୍. ପୁନାଚା, ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରଥମେ ପ୍ରଧାନ ମନ୍ତ୍ରୀଙ୍କୁ ସଂବର୍ଦ୍ଧନା ଜଣାଇ ଅଦୂରରେ ଉପସ୍ଥିତ ଥିବା ମନ୍ତ୍ରୀମଣ୍ଡଳର ସଦସ୍ୟ, ଏମ୍. ପି., ଏମ୍. ଏଲ୍. ଏ. ମାନଙ୍କ ନିକଟକୁ ନେଇଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରଧାନ ମନ୍ତ୍ରୀଙ୍କୁ ସମସ୍ତଙ୍କ ସହ ପରିଚିତ କରାଇ ଦେଇ-ଥିଲେ । ପ୍ରଧାନ ମନ୍ତ୍ରୀଙ୍କ ହାତରେ ଛତାଟି ସେହିଭଳି ଥିଲା । ଛତା ସହ ସମସ୍ତଙ୍କୁ ସେ ଯୋଡ଼ ହସ୍ତରେ ନମସ୍କାର ଜଣାଇଥିଲେ ।

ପ୍ରଧାନ ମନ୍ତ୍ରୀ ବ୍ୟଗ୍ର ହୋଇ ପଡ଼ିଥିଲେ ବାତ୍ୟା ଅଂଚଳ ପରିଦର୍ଶନ ପାଇଁ । ଲକ୍ଷ ଲକ୍ଷ ବାତ୍ୟାବିଧ୍ୱସ୍ତ ନର ନାରୀଙ୍କ ପାଇଁ ପ୍ରଧାନ ମନ୍ତ୍ରୀଙ୍କ ହୃଦୟର ବ୍ୟାକୁଳତା ବିମାନ ଘାଟିରେ ହିଁ ପରିସ୍ଫୁଟ ହୋଇଥିଲା । ଯେତେ ଶୀଘ୍ର ସମ୍ଭବ ଏହି ପରିଚୟ ପର୍ବ ଶେଷ କରି ବାତ୍ୟାଞ୍ଚଳକୁ ଯିବାପାଇଁ ସେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ତାଙ୍କର ଅଭିଳାଷ ଜଣାଇଥିଲେ । ମାତ୍ର ଦଶମିନିଟ ମଧ୍ୟରେ ପ୍ରଧାନ ମନ୍ତ୍ରୀ ବାତ୍ୟାଞ୍ଚଳକୁ ଯିବାପାଇଁ ଅପେକ୍ଷା କରିଥିବା ଭାରତୀୟ ବିମାନ ବାହିନୀର ଏକ ହେଲିକପ୍ଟର ଆରୋହଣ କଲେ । ସାଙ୍ଗରେ ଗଲେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ଜଗତସିଂହପୁର ପାର୍ଲାମେଣ୍ଟ ସଦସ୍ୟ ଶ୍ରୀ ଲକ୍ଷ୍ମଣ ମଲ୍ଲିକ ।

ପାରାଦୀପଠାରେ ପ୍ରଥମେ ଏହି ହେଲିକପ୍ଟର ଅବତରଣ କଲା । ସେଠାରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ ସଂବର୍ଦ୍ଧନା ଜଣାଇଲେ ରାଜ୍ୟ କୃଷି ମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ର ଏବଂ ପାରାଦ୍ୱୀପ ବନ୍ଦରର କର୍ମକର୍ତ୍ତାଗଣ । ପ୍ରବଳ ଗ୍ରୀଷ୍ମତାପ ଗୁଳୁଗୁଳି ଭିତରେ ପ୍ରଧାନମନ୍ତ୍ରୀ ପ୍ରାୟ ଘଣ୍ଟାଏରୁ ଅଧିକ କାଳ ପାରାଦୀପ ବନ୍ଦର ଅଞ୍ଚଳ ବୁଲି ଦେଖିଥିଲେ । ବନ୍ଦରର ଅଟୋ ଓ୍ୱାର୍କସପ୍, କାର୍ଗୋ ବର୍ଥ, ସ୍ୱୟଂ ଚାଳିତ ଲୁହାପଥର ଉତ୍ତୋଳନକାରୀ ଯନ୍ତ୍ର, ଜମର ହାଉସ୍, କୋଇଲା ଗୋଦାମ ଆଉ ଶ୍ରମିକ କଲୋନୀ ବୁଲି ଦେଖିଥିଲେ । ଶ୍ରୀମତୀ ଗାନ୍ଧୀ ବ୍ୟକ୍ତିଗତ ଭାବେ କେତେକ ଶ୍ରମିକ ଓ ନୋଳିଆଙ୍କ ସହ କଥାବାର୍ତ୍ତା କରିଥିଲେ । ଶ୍ରୀମତୀ ଗାନ୍ଧୀଙ୍କ ଏହି ଆପଣାର ଭାବହିଁ ଅଭିଭୂତ କରିଥିଲା ଦରିଦ୍ର ଶ୍ରମିକ ଆଉ ଖଟିଖିଆ ମଜୁରିଆ ଶ୍ରେଣୀର ଲୋକଙ୍କୁ । ପାରାଦ୍ୱୀପ ବନ୍ଦର ଚେୟାରମ୍ୟାନ ଶ୍ରୀ ଏମ୍. ଓ୍ୟାଇ. ରାଓ ବନ୍ଦରର କ୍ଷୟକ୍ଷତି ସଂପର୍କରେ ଏକ ବିବରଣୀ ଦେଇ ପାଞ୍ଚକୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସଂପତ୍ତି ନଷ୍ଟ ହୋଇଥିବା କଥା ଦର୍ଶାଇ-ଥିଲେ । ପାରାଦ୍ୱୀପ ବନ୍ଦର ପୁଣି କର୍ମ ଚଞ୍ଚଳ ହୋଇ-ଥିବାରୁ ପ୍ରଧାନ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ ।

ପରେ ପରେ ପ୍ରଧାନ ମନ୍ତ୍ରୀ ହେଲିକପ୍ଟର ଯୋଗେ ପାରାଦୀପରୁ ଗୁଡବାଲି ଏବଂ ଅସ୍ତରଙ୍ଗ ପର୍ଯ୍ୟନ୍ତ ସମସ୍ତ ଉପକୂଳ ବର୍ତ୍ତୀ ଅଞ୍ଚଳ ବୁଲି ବୁଲି ଖୁବ୍ କମ୍ ଉଚ୍ଚତାରୁ ବାତ୍ୟାବିଧ୍ୱସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ ।






ମଧ୍ୟାହ୍ନ ବାରଟା ଦଶମିନିଟ୍ ବେଳେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ଫେରି ଆସିଥିଲେ । ବିମାନ ଘାଟିରୁ ସେ ସୂଚନା ଭବନକୁ ଆସିଥିଲେ । କଂଗ୍ରେସ (ଇ) ଦଳର ଏମ୍. ଏଲ୍. ଏ. ଓ ଏମ୍. ପି. ମାନଙ୍କ ସମାବେଶରେ ପ୍ରଧାନ ମନ୍ତ୍ରୀ ଉଦ୍‌ବୋଧନ ଦେଇଥିଲେ ।

ପ୍ରଧାନମନ୍ତ୍ରୀ କହିଲେ ଓଡ଼ିଶାର ଐତିହ୍ୟ ଓ ପରମ୍ପରାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ପ୍ରତ୍ୟେକ ଓଡ଼ିଆ ଏହି ଉନ୍ନତ ପରମ୍ପରା ଓ ଐତିହ୍ୟକୁ ମନରେ ରଖି ଓଡ଼ିଶାକୁ ପ୍ରଗତି ଓ ସମୃଦ୍ଧି ପଥରେ ଆଗେଇ ନେବାପାଇଁ ସେ ଆହ୍ୱାନ ଦେଇଥିଲେ ।

ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ କଂଗ୍ରେସ ଦଳ ଭିତରେ ଗୋଷ୍ଠୀ ବିବାଦ କଥା ଉଲ୍ଲେଖ କରି କହିଲେ ଯେ ଦଳ ଭିତରେ ଗୋଷ୍ଠୀ ବିବାଦ ନୂଆ କଥା ନୁହେଁ । ସବୁ ଦଳରେ ଏହା ରହିଛି । ତାଙ୍କ ପିତା ସ୍ୱର୍ଗତ ଜବାହରଲାଲ ନେହେରୁଙ୍କ ସମୟରେ ମଧ୍ୟ ଏହା ଥିଲା । କିନ୍ତୁ ଏହି ବିବାଦକୁ ବାହାରେ ପ୍ରକାଶ ନ କରି ଦଳ ଭିତରେ ତାହାର ସମାଧାନ ହେବା ଉଚିତ । ସମ୍ବାଦପତ୍ର ଜରିଆରେ ଏହା ପ୍ରକାଶ କଲେ ନିଜର ଦୁର୍ବଳତା ପ୍ରକାଶ ପାଇବ ଏବଂ ଦଳ ଏହା ଦ୍ୱାରା ଦୁର୍ବଳ ହୋଇ ପଡ଼ିବ ।

ଦଳ ଭିତରେ ଥାଇ ଦଳ ବିରୋଧୀ କାର୍ଯ୍ୟ କରୁଥିବା ଲୋକଙ୍କ ଉଦ୍ଦେଶ୍ୟରେ ସତର୍କବାଣୀ ଶୁଣାଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏ ଭଳି ଲୋକ ଦଳ ଛାଡ଼ି ଦେବା ଉଚିତ । କିନ୍ତୁ ତା' ପୂର୍ବରୁ ସେମାନେ ଚିନ୍ତା କରିବା ଆବଶ୍ୟକ ଯେ ସେମାନଙ୍କ ସ୍ଥିତି କ'ଣ ହେବ ? ଅତୀତରେ ଯେଉଁମାନେ ଦଳ ଛାଡ଼ିଛନ୍ତି ଆଜି ସେମାନଙ୍କର ସ୍ଥିତି କ'ଣ ବୋଲି ସେ ପ୍ରଶ୍ନ କରିଥିଲେ ?

ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରାରମ୍ଭିକ ଭାଷଣ ଦେଇ କହିଲେ ଯେ ଶ୍ରୀମତୀ ଗାନ୍ଧୀ ୧୯୬୬ ମସିହାରୁ ପ୍ରଧାନମନ୍ତ୍ରୀ ହେବା ଦିନଠାରୁ ଓଡ଼ିଶା ପ୍ରତି ସର୍ବଦା ସହାନୁଭୂତିଶୀଳ । ଶ୍ରୀମତୀ ଗାନ୍ଧୀଙ୍କ ସାହାଯ୍ୟ ସହାନୁଭୂତି ଓ ପ୍ରେରଣା ଆଜି ଏକ ନୂତନ ଓଡ଼ିଶା ଗଠନ ଦିଗରେ ଆମକୁ ଶକ୍ତି ଯୋଗାଇଛି ବୋଲି ସେ ମତ ଦେଇଥିଲେ ।

ରାଜ୍ୟ କଂଗ୍ରେସ (ଇ) ସଭାପତି ଶ୍ରୀ ଚିନ୍ତାମଣି ଜେନା ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ ଏବଂ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ ।

ଦିନ ପ୍ରାୟ ଗୋଟାଏ ବେଳେ ଏହି ବୈଠକ ଶେଷ ହୋଇଥିଲା ଏବଂ ପ୍ରଧାନମନ୍ତ୍ରୀ ରାଜଭବନକୁ ଯାଇ ମଧ୍ୟାହ୍ନ ଭୋଜନ କରିଥିଲେ ।

ଅପରାହ୍ନ ଅଢ଼େଇଟା ବେଳେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧି ରାଜ୍ୟ ସରକାରଙ୍କର ଉଚ୍ଚପଦସ୍ଥ ଅଫିସରମାନଙ୍କୁ ଭେଟି କୋଡ଼ିଏ ଦଫା କାର୍ଯ୍ୟକ୍ରମ ଏବଂ ବାତ୍ୟା ଅଞ୍ଚଳରେ ସାହାଯ୍ୟ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ, ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ, ମୁଖ୍ୟ ଶାସନ ସଚିବ ଏବଂ









ବିଭାଗୀୟ ଶାସନ ସଚିବମାନେ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ସହ କେନ୍ଦ୍ରରୁ ଦୁଇଜଣ ଉଚ୍ଚପଦସ୍ଥ ଅଫିସର ଆସିଥିଲେ । ସେମାନେ ହେଲେ କୃଷି ମନ୍ତ୍ରଣାଳୟର ଅତିରିକ୍ତ ଶାସନ ସଚିବ ତଥା କେନ୍ଦ୍ର ରିଲିଫ୍ କମିଶନର ଶ୍ରୀ ଜେ. ସି. ଆଗ୍ରୱାଲ ଏବଂ ପ୍ରଧାନମନ୍ତ୍ରୀଙ୍କ ସେକ୍ରେଟେରିଏଟର ଅତିରିକ୍ତ ସଚିବ ଡକ୍ଟର ଅର୍ଜୁନ ସେନଗୁପ୍ତ । ଏହି ଦୁଇ ଅଫିସର ଏବଂ ପ୍ରଧାନମନ୍ତ୍ରୀ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଥିଲେ । ପ୍ରାୟ ଏକଘଣ୍ଟା କାଳ ଏହି ସମୀକ୍ଷା ଚାଲିଲା । ବିଭିନ୍ନ ବିଭାଗ ସଂପର୍କରେ ବହୁ ପ୍ରଶ୍ନ କରିଥିଲେ । ପ୍ରଧାନ ମନ୍ତ୍ରୀ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତିରେ ସନ୍ତୋଷ ପ୍ରକାଶ କରିଥିଲେ ।

ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧିଙ୍କର ସାତ ଘଣ୍ଟିଆ ଓଡ଼ିଶା ଗସ୍ତର ସର୍ବଶେଷ କାର୍ଯ୍ୟକ୍ରମ ଥିଲା ସାମ୍ବାଦିକ ସମ୍ମିଳନୀ । ରାଜଭବନରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନିଜର ମତାମତ ସ୍ପଷ୍ଟଭାବେ ବିଭିନ୍ନ ପ୍ରଶ୍ନର ଉତ୍ତରରେ ବ୍ୟକ୍ତ କରିଥିଲେ । ଓଡ଼ିଶାର ସ୍ୱାର୍ଥ ସମ୍ପର୍କୀୟ ତିନୋଟି ପ୍ରଶ୍ନର ଉତ୍ତର ସେ ଦେଇଥିଲେ ଏବଂ ଏହି ଉତ୍ତର ସମସ୍ତ ପ୍ରକାର ଜଳ୍ପନା କଳ୍ପନାର ଅବସାନ ଘଟାଇଥିଲା । ଏଥିରୁ ପ୍ରଥମଟି ହେଲା ଓଡ଼ିଶାର ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା ଏହି ନିବନ୍ଧରେ ଲେଖକ ପ୍ରଥମେ ଏହି ପ୍ରଶ୍ନ ଉଠାଇଥିଲେ । ପ୍ରଧାନମନ୍ତ୍ରୀ ସ୍ପଷ୍ଟ ଭାବରେ କହିଲେ ଓଡ଼ିଶାରେ ଇସ୍ପାତ କାରଖାନା ନିଶ୍ଚିତ ଭାବେ ସ୍ଥାପନ ହେବ । କେବଳ ବ୍ରିଟିଶ୍ କଂପାନୀ ସହ ହୋଇଥିବା ଚୁକ୍ତି ଭଙ୍ଗ ହେବା ଫଳରେ ଏହାର କାର୍ଯ୍ୟ ଆରମ୍ଭରେ ସାମାନ୍ୟ ବିଳମ୍ବ ଘଟିଛି । କିନ୍ତୁ କାରଖାନା ପ୍ରତିଷ୍ଠା ସଂପର୍କରେ କୌଣସି ପ୍ରକାର ସନ୍ଦେହ ପ୍ରକାଶର ଅବକାଶ ନାହିଁ ।

ଦ୍ୱିତୀୟଟି ହେଲା ଓଡ଼ିଶାର ବାତ୍ୟା ବିପନ୍ନ ଲୋକଙ୍କୁ ସାହାଯ୍ୟ । ପ୍ରଧାନମନ୍ତ୍ରୀ ଉତ୍ତର ଦେଇଥିଲେ ବାତ୍ୟା ଅଞ୍ଚଳରେ ସମସ୍ତ ଦୁଃଖ କଷ୍ଟ ଦୂର କରିବା ଦିଗରେ କେନ୍ଦ୍ର ସରକାର ସମସ୍ତ ସାହାଯ୍ୟ ଦେବେ । ପ୍ରଧାନମନ୍ତ୍ରୀ ସାତକୋଟି ଟଙ୍କା ସାଙ୍ଗେ ସାଙ୍ଗେ ମିଳିବ ବୋଲି ଘୋଷଣା କରିବା ସାଙ୍ଗେ ସାଙ୍ଗେ ରାଜ୍ୟ ସରକାର ଦାବୀକରିଥିବା ୧୧୩କୋଟି ଟଙ୍କା ସଂପର୍କରେ ଦିଲ୍ଲୀଯାଇ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ତୃତୀୟଟି ହେଲା ଓଡ଼ିଶା ସରକାରଙ୍କ କାର୍ଯ୍ୟକଳାପ ସଂପର୍କରେ । ଏହି ପ୍ରଶ୍ନଟି ଲେଖକଙ୍କର ଏବଂ ସାମ୍ବାଦିକ ସମ୍ମିଳନୀର ଶେଷ ପ୍ରଶ୍ନ । ପ୍ରଧାନମନ୍ତ୍ରୀ ଏହାର ଉତ୍ତରରେ କହିଲେ "ମୋ ବିଚାରରେ ଓଡ଼ିଶା ସରକାର ଖୁବ୍ ଭଲ କାମ କରୁଛନ୍ତି" ।

ଅପରାହ୍ନ ସାଢ଼େ ଚାରିଟା ବେଳେ ପ୍ରଧାନମନ୍ତ୍ରୀ ଓଡ଼ିଶାରୁ ବିଦାୟ ନେଲେ ।




'ସେ ଦୁର୍ଦ୍ଦିନ ଦୁଃଖ ବଖାଣିବୁ କେତେ
ମାଆଲୋ୍ ଥରୁଛି ଛାତି
ଖୋଟେ ଦେଖି କ୍ରୋଧ ହୁଏ ଅସମ୍ଭାଳ
ଶୀତଳ କରନ୍ତୁ ତାଡି।"

# ଶ୍ରୀ ଜଗନ୍ନାଥ ଓ ଜ୍ଞାନଦେଈ ମାଳୁଣୀ



ଗଣେଶ ପ୍ରସାଦ ପରିଜା

ସମସ୍ତଙ୍କ ଆଖି ତାହାରି ଉପରେ । କି ବୁଢା କି ଟୋକା ତା' ଆଡକୁ ଯେପରି ନ ଚାହିଁଲେ ତାଙ୍କ ଆଖି ଅପବିତ୍ର ରହିଯିବ । ପଣ୍ଡା ସେବକମାନେ ଯେତେଥର ସେ ବାଟଦେଇ ଯିବା ଆସିବା କରନ୍ତି ସେତେଥର ତା' ମୁହଁକୁ ଡାଆଣା ଆଖିରେ ଅନାଇ ଅନାଇ ଯାନ୍ତି । ସତେ ଯେପରି ତା' ମୁହଁରେ ଅମୃତ ବୋଳା ହୋଇଛି । ସେ ଅମୃତ ଆଖିବାଟେ ପାନ କରି ଚିର ଦିନ ଅମର ହୋଇ ରହିଯିବେ ସେ ।

ସେ କିନ୍ତୁ କାହାରି ଆଡକୁ ଅନାଏ ନାହିଁ । ତଳକୁ ମୁହଁପୋତି ତା' ଫୁଲ ପସରାରୁ ଫୁଲ ଆଣି କଦଳୀ ବାସୁଙ୍ଗାରେ ଗୁନ୍ଥି ଚାଲିଥାଏ । କେହି ଯଦି କଉଡି ଦେଇ ଫୁଲ ତାକୁ ମାଗେ, ତେବେ କଉଡ଼ି ଅନୁସାରେ ଫୁଲ ପୁଳାଏ ବା ଫୁଲମାଳ କେତୋଟି କଦଳୀପତ୍ରରେ ଗୁଡାଇ ତଳେ ଥୋଇ ଦିଏ । କାହାରି ହାତକୁ ସେ ଫୁଲ ଦେବାର କେହି ଦେଖି ନାହାନ୍ତି । କେତେକ ମଧ୍ୟ ଆଗ୍ରହୀହୋଇ ଆସନ୍ତି ତା' ହାତରୁ ଫୁଲ ନେବାପାଇଁ । ମାତ୍ର ସେ ଭୁଲରେ ବି କାହାରି ହାତକୁ ଫୁଲ ବଢାଇ ଦିଏ ନାହିଁ । ଥରେ ବଡପଣ୍ଡାଙ୍କ ପୁଅ ସେ ଫୁଲପୁଳାକ କଦଳୀପତ୍ରରେ ବାନ୍ଧି ରଖୁ ରଖୁ ସେ ଜୋର କରି ତା' ହାତରୁ ଟାଣି ନେଲେ । ତା' ହାତର କିଛି ଅଂଶ ତାଙ୍କ ହାତରେ ବାଜିଗଲା ।

ଓହୋ କ'ଣ ଯେପରି ହୋଇଗଲା ବଡପଣ୍ଡା ପୁଅଙ୍କର । ଫୁଲ ପୁଳାକ ତାଙ୍କ ହାତରୁ ଛିଟାଡି ହୋଇ ପଡିଲା କିଛି ଦୂରରେ । ସେ ତାଙ୍କ ହାତଟିକୁ ଧରି ବସିପଡିଲେ ସେଇଠି କିଛି ସମୟ । ତାଙ୍କର ମନେହେଲା ମାଳୁଣୀର ହାତ ତାଙ୍କ ହାତରେ ବାଜିବା ମାତ୍ରେ ତାଙ୍କ ହାତର ସମସ୍ତ ଶକ୍ତି ଯେପରି ଚାଲିଗଲା । ହାତର ଶିରା ପ୍ରଶିରାଗୁଡାକ ଯେପରି ରକ୍ତ ସଞ୍ଚାଳନରେ ଅକର୍ମଣ୍ୟ ହୋଇଗଲେ ।

ସେ ଯେତେବେଳେ ତାଙ୍କ ହାତଟି ଧରି ଗୋଟାଏ ଅବ୍ୟକ୍ତ ଚିତ୍କାର କରି ବସି ପଡିଲେ, ସେତେବେଳେ କ'ଣ ହେଲା କ'ଣ ହେଲା କହି ଅନ୍ୟମାନେ ଚାରିଆଡୁ ଧାଇଁ ଆସିଲେ । ମାତ୍ର ମାଳୁଣୀର କୌଣସି ଭାବାନ୍ତର ନାହିଁ ବରଂ ସେ ଅଧିକ ଗମ୍ଭୀର ହୋଇ ବସିଥାଏ । ତା'ର ସେହି ଗମ୍ଭୀର ମୁଖମଣ୍ଡଳକୁ ଅନାଇଲେ ମନେହେବ ବଡପଣ୍ଡାଙ୍କ ପୁଅ ଯେପରି ଗୁରୁତର ଅପରାଧ କରିଛନ୍ତି । ସେହି ଅପରାଧର ଫଳ ସ୍ୱରୂପ ସେ ଯାହା ପାଇଛନ୍ତି ତାହା ଯଥେଷ୍ଟ ନୁହେଁ ।

ତଥାପି ବହୁଲୋକଙ୍କର ବେଳେ ବେଳେ ଇଚ୍ଛାହୁଏ ମାଳୁଣୀର ଦେହକୁ ଟିକିଏ ସ୍ପର୍ଶ କରି ନିଜକୁ କୃତ୍ୟକୃତ୍ୟ କରି ତୋଳିବାକୁ । ସାହାସ କରି ତା' ପାଖକୁ ଆଗେଇ ଯାନ୍ତି । ମାତ୍ର ତା' ପାଖରେ ପହଞ୍ଚିଲା ପରେ ତାଙ୍କର ସେ ସାହାସ କେଉଁଆଡେ ଉଭେଇଯାଏ । ମନେହୁଏ ତାଙ୍କର, ଛୁଇଁଦେଲା ପରେ ଯଦି କ'ଣ ହୋଇଯାଏ ନିଜର? ଭୟରେ ଆଗେଇ ଯାଇଥିବା ପାଦଗୁଡିକ ପଛେଇ ଆସେ । ଖାଲି ମାଳୁଣୀର ସେ ନିଟୋଳ ମୁହଁଟି ଆଡକୁ ଅନାଇ ନିରାଶ ହୋଇ ଫେରି ଆସନ୍ତି । ରୂପର ଅଫୁରନ୍ତ ପସରା ସେହି ମାଳୁଣୀର ଅଙ୍ଗସ୍ପର୍ଶ ସୁଖ ତାଙ୍କ ମନରେ ଯାହା-ରହିଯାଏ ।

ମହାରାଜ ଯେତେବେଳେ ଦିଅଁଙ୍କ ଦର୍ଶନକୁ ଆସନ୍ତି, କାହାଳୀ ବାଜି ଉଠେ, ଖୁଣ୍ଟିଆ ମହାରାଜଙ୍କୁ ବାଟ ଛାଡି ଦେବାପାଇଁ ବଡପାଟିରେ ଡାକ ମାରନ୍ତି, ସେତେବେଳେ ମାଳୁଣୀ ଟିକିଏ ଉପରକୁ ମୁହଁ ଟେକି ମହାରାଜାଙ୍କୁ ଅନାଏ । ମହାରାଜ ମଧ୍ୟ ଅନାନ୍ତି ତା' ଆଡକୁ ଟିକିଏ । ତା' ଦୁଇ ଆଖି ସହିତ ମହାରାଜଙ୍କର ଦୁଇ ଆଖି ଯେତେବେଳେ ମିଶି ଚାରିଚକ୍ଷୁ ହୋଇଯାଏ, ସେତେବେଳେ ମହାରାଜ ଅନୁଭବ କରନ୍ତି, ନୀଳ ଭ୍ରମର ପରି ତା'ର ସେହି ମାଛଭଳି ଲମ୍ବା ଆଖି ଦୁଇଟି ତାଙ୍କୁ ଟାଣି ନେଉଛି ତାହାରି ଆଡକୁ । ତାଙ୍କର ଆଗେଇ ଯାଉଥିବା ପଦ ଦୁଇଟି ମୁହୂର୍ତ୍ତକପାଇଁ ଶିଥିଳ ହୋଇ ପଡେ । ପର ମୁହୂର୍ତ୍ତରେ ନିଜକୁ ଟିକିଏ ସମ୍ଭାଳି ନେଇ ପୁଣି ଆଗେଇ ଚାଲନ୍ତି ମନ୍ଦିର ଭିତରକୁ ।

ବହୁ ସୁନ୍ଦରୀ ସ୍ତ୍ରୀ ଅଛନ୍ତି । ପୁରାଣରେ ଦେବୀ ଓ ଅପ୍ସରାମାନଙ୍କର ରୂପ ବର୍ଣ୍ଣନା ହୋଇଛି । ମାତ୍ର

ମାଳୁଣୀ ରୂପ ମାଧୁରୀରେ ସେ ଦୃଷ୍ଟିକୁ ଯେପରି ନିରସ୍ତ ହୋଇ ଯାଏ । ରୂପ ଭଳି ଲାଗେ ।

କେତେକ ଲୋକ ସନ୍ଦେହ ନ ପାରି କେହିଆଙ୍କ ଭଳି କହନ୍ତି, ମାଳୁଣୀ କେଉଁ ସୁନ୍ଦରୀ ହୋଇ ଜନ୍ମ ହୋଇଛି, ପୁରୁଷଙ୍କୁ ହତସଜ୍ଞ କରି ମାରିବାକୁ ।

ଗୁହଳି ନୁହଁଟି ତା'ର ଗୋଲ । ମୁଣ୍ଡର କୁଞ୍ଚି-କୁଞ୍ଚିଆ ଗାଢ଼ନୀଳରଙ୍ଗର ବାଳ ପ୍ରକାଶ ସେ ଏଭଳି ପ୍ରତିଫଳନ ଦେଇଥାଏ ଯାହାକି ଦୂରକୁ ଗୋଟିଏ ନୀଳ ଚାନ୍ଦ ଭଳି ଦିଶେ । ଜଳା ରଙ୍ଗର ଖୋସାରେ ବିଭିନ୍ନ ରଙ୍ଗର ଫୁଲ ତାକୁ ଅଧିକ ସୁନ୍ଦର କରି ତୋଳେ । ପ୍ରଶସ୍ତ କପାଳ ତଳକୁ ଧନୁଭଳି ଦୁଇଟି ଭ୍ରୂଲତା । ଲମ୍ବା ଲମ୍ବା ଆଖିର ଆଖିପତା ଟିକିଏ ବଙ୍କେଇଆ—ଆଉ ଆଖି ଦୁଇଟି ତ ଠିକ ଭ୍ରମର ଭଳି ନୀଳ । ଭ୍ରମର ମଧୁପାନ କରି ମଧୁର ମାଦକତାରେ ଯେଉଁଭଳି ବିଭୋର ହୋଇ ପଡ଼େ ସେହିଭଳି ଆଖିପତା ଦୁଇଟି ଅଧା ନଇଁ ଆସିଥାଏ ତା' ଆଖିର ଡୋଳା ଉପରକୁ । ପାଟିଟି ଠିକ୍ ଶୁକ୍ଳପକ୍ଷ ଦ୍ୱିତୀୟା ଚନ୍ଦ୍ରଭଳି । ବନ୍ଧୁଳି ଫୁଲର ରଙ୍ଗମଖା ଓଠ ଦୁଇଟି ତା'ର । ବାମଭାଗର ଚିବୁକରେ ଛୋଟ କଳାଜାଇଟିଏ । ଛୋଟ ଛୋଟ ରୁଦ୍ରାକ୍ଷଗୁଡ଼ିଏ ମାଳାହୋଇ ଲମ୍ବିଥାଏ ତା' ବକ୍ଷ ଉପରକୁ । ବକ୍ଷୋଜର ଶୋଭା ଦର୍ଶକଙ୍କଠାରୁ ଚମତ୍କାର । ସେଥିପାଇଁ ପୁରୁଷଙ୍କ ଆଖି ନଇଁ ଯାଏ ତା'ର ସେ ସୁଗୋଲ ମୁଖ ଦେଖିବା ତଳ ଆଡ଼କୁ । ତା'ର ସେ ପୃଥୁଳ ଉରଜକୁ କାଞ୍ଚୁଲିରେ ଚିପି ବାନ୍ଧି ଦେଇଥିଲେ ମଧ୍ୟ ପଦାକୁ ବେଶ୍ ଫୁଟି ଦିଶୁଥାଏ । କାନ୍ଧଠାରୁ ଧୀରେ ସରୁ ହୋଇ ଅଣ୍ଟା ପର୍ଯ୍ୟନ୍ତ ଗଳିଯାଇଥାଏ ତା'ର ମାଂସଳ ଦେହ । ଅଣ୍ଟା ତଳପରେ ଠାଏ ଠାଏ ପିଚିକି ପଡୁଥାଏ ଦେହର ପୃଥୁଳ ଅଂଶ । ଗୋଡ଼ ହାତ ତା'ର ବେଶ୍ ଚିକ୍କଣ ବଳିଲ ବଳିଲ ।

ମାଳୁଣୀ ବିଷୟରେ ବହୁ ଲୋକ ବହୁକଥା କୁହନ୍ତି । ଆଗେ ଯେଉଁ ବୁଢ଼ାମାଳୀଟି ଠାକୁରଙ୍କୁ ଫୁଲ ଯୋଗାଉଥିଲା ସେ ଯେତେବେଳେ ଅସମର୍ଥ ହୋଇଗଲା ସେତେବେଳେ, ସେ ଜଗନ୍ନାଥଙ୍କୁ ଜଣାଇଲା, ହେ ମହାପ୍ରଭୁ! ମୁଁ ତ ଅସମର୍ଥ ହୋଇଯାଉଛି । ଏଣିକି ହୁଏତ ଆଉ ଆସିପାରିବି ନାହିଁ । ମୁଁ ନ ଆସିଲେ ତୋ ପାଇଁ ଫୁଲ କିଏ ଆଣିବ? ଆଉ କାହା ହାତର ଫୁଲମାଳ ତୋ ଦେହକୁ ମାନିବ । ଏହିଭଳି କେତେଦିନ ଜଣାଇଲା ପରେ ଦିନେ ସେ ସ୍ୱପ୍ନ ଦେଖିଲା ମହାପ୍ରଭୁ ତାକୁ କହୁଛନ୍ତି, କାଲି ସକାଳେ ଯେଉଁ ଝିଅଟି ତୋ ପାଖରେ ପହଞ୍ଚି ତୋ ଘରେ ରହିବାକୁ ଜିଦ୍ କରିବ ସେହି ଝିଅଟି ମୋତେ ଫୁଲ ଯୋଗାଇବ । ତାହାରି ହାତର ଫୁଲମାଳ ପିନ୍ଧିବାକୁ ମୋର ଇଚ୍ଛା । ତାକୁ ତୁ ଝିଅ କରି ଘରେ ରଖିବୁ—ସେ ହିଁ ସବୁଦିନେ ମୋପାଇଁ ଫୁଲଗୁନ୍ଥି ଦେବ । ସତକୁ ସତ ତା' ଆରଦିନ ସକାଳେ ଗୋଟିଏ ସୁନ୍ଦରୀ ଝିଅ ତା ପାଖରେ ପହଞ୍ଚି ବୁଢ଼ାମାଳୀକୁ ବାପବୋଲି ସମ୍ବୋଧନ କରି କହିଲା ତା'ର ଆଉ କେହି ନାହାନ୍ତି—ଠାକୁର ତାକୁ ସପନରେ କହିଛନ୍ତି ବୁଢ଼ାମାଳୀର ଝିଅ ହୋଇ ସେ ରହିବ ।

ସେହିଦିନଠାରୁ ବୁଢ଼ାମାଳୀ ଘରେ ତା'ର ଝିଅ ହୋଇ ସେ ରହି ଆସିଛି । ବୁଢ଼ାମାଳୀ ବଞ୍ଚି ଥାଉଁ ଥାଉଁ ଠାକୁରଙ୍କ ସେବା କରିବାକୁ ସେ ବରାବର ସକାଳୁ ଫୁଲ ଧରି ଯାଏ । ଲୋକେ କଉଡ଼ି ଦେଇ ତା' ଠାରୁ ଫୁଲ ନିଅନ୍ତି ଠାକୁରଙ୍କ ପୂଜାପାଇଁ । ଲୋକଙ୍କ ଠାରୁ କଉଡ଼ି ନେଇ ଫୁଲ ଦେବାଛଡ଼ା ଆଉ କାହା ସହିତ ପଦଟିଏ କଥାବାର୍ତ୍ତା ହେବାର କେହି କେବେ ଦେଖି ନାହାନ୍ତି । ସଞ୍ଜ ପୂର୍ବରୁ ଫୁଲତକ ବିକି କଉଡ଼ି ନେଇ ମହାପ୍ରସାଦ-ପାଇଁ ସୁଆରଙ୍କ ପାଖକୁ ଯାଏ । ତା'ର ଦରକାର ଅନୁସାରେ ମହାପ୍ରସାଦ ଦେଇ ସୁଆର ତା' ଠାରୁ କଉଡ଼ି ରଖନ୍ତି । ମହାପ୍ରସାଦ ଧରି ସଞ୍ଜବେଳକୁ ସେ ଘରେ ପହଞ୍ଚେ ।

ବୁଢ଼ାମାଳୀ ଗାଁଠାରୁ ଟିକିଏ ଦୂରରେ ଘର, ଫୁଲ ବଗିଚା କରି ରହିଥିଲା । ବୁଢ଼ା ମଲାପରେ ମାଳୁଣୀ ସେହି ଘରେ ରହି ଆସିଛି । ବୁଢ଼ାର ତ ପୁଅ ନଥିଲେ । ବହୁ ପୂର୍ବରୁ ସେ ବି ବିପତ୍ନୀକ । ମଲା ପୂର୍ବରୁ ଝିଅଟିକୁ ସେ ବି କାହା ହାତରେ ବାନ୍ଧି ଦେଇ ଯାଇ ନାହିଁ । ବୁଢ଼ା ମଲା ପରେ ମାଳୁଣୀ କେତେ ଗୁଡ଼ିଏ ମେଣ୍ଢା ରଖିଛି । ଶୁଆ, ସାରୀ ବି ଦୁଇଟି ଯତ୍ନରେ ପାଳିଛି । ଶୁଆ ସାରୀଙ୍କ କଣ୍ଠରୁ ବେଳେବେଳେ ଜଗନ୍ନାଥଙ୍କ ସ୍ତୁତି ଶୁଣାଯାଏ । ମାଳୁଣୀ ଘରକୁ ବାହାରଲୋକ ଯିବା ମନା । ମାଳୀ ଥାଉଁ ଥାଉଁ ଲୋକମାନଙ୍କର ଯିବା ଆସିବା ବନ୍ଦ ହୋଇ ଯାଇଛି, ତେଣୁ ବଗିଚା ବାହାରେ ବାଟରେ ଗଲାବେଳେ ସମୟେ ସମୟେ ଶୁଆ ସାରୀଙ୍କ କଣ୍ଠର 'ଜଗନ୍ନାଥ' ଶବ୍ଦ ଶୁଣି ଲୋକେ ଟିକିଏ ଠିଆ ହୁଅନ୍ତି ଶୁଆ ସାରୀ ଆଉ କ'ଣ କହୁଛନ୍ତି ତାହା ଶୁଣିବାକୁ । ବେଳେ ବେଳେ ଶୁଆ ଯେତେବେଳେ ଗାଇଉଠେ ଜୟ ଜଗନ୍ନାଥ, ଜୟ ଜଗନ୍ନାଥ, ଜୟ ଜଗନ୍ନାଥ ତ୍ରାହି ମାଂ ସେତେବେଳେ ସାରୀ ଗାଇ ଉଠେ, ମାତା ସୁଭଦ୍ରା, ମାତା ସୁଭଦ୍ରା, ମାତା ସୁଭଦ୍ରା ରକ୍ଷ ମାଂ ।

ବାଟରେ ଯାଉଥିବା ଲୋକେ ଶୁଆ -ସାରୀଙ୍କ କଣ୍ଠରୁ ଜଗନ୍ନାଥଙ୍କର ଜୟ ଜୟ କାର ଧ୍ୱନି ସହିତ ନିଜର କଣ୍ଠ ମିଶାଇ ଜଗନ୍ନାଥ ମହାପ୍ରଭୁଙ୍କର ଜୟ ହେଉ ବୋଲି ବଡ଼ ପାଟିରେ କହି ଭକ୍ତି ବିଭୋର ହୋଇ ନାଚି ନାଚି ଗୁଲିଯାନ୍ତି । କ୍ଷଣକପାଇଁ ନିଶବ୍ଦ ପରିବେଶ ଜଗନ୍ନାଥ ଧ୍ୱନିରେ କମ୍ପି ଉଠେ ।

ମାଳୁଣୀ ଶୁଆ -ସାରୀଙ୍କ ଭଳି ମେଣ୍ଢା କେତୋଟିକୁ ମଧ୍ୟ ବଡ଼ ଯତ୍ନରେ ପାଳିଥାଏ । ତା' ମେଣ୍ଢାମାନେ କେବେ ଘାସ ବା ଡାଳପତ୍ର ଖାଉବା କେହି ଦେଖି ନାହାନ୍ତି । ମାଳୁଣୀ ଠାକୁରଙ୍କ ସେବାସାରି ଫେରି ଆସିଲା ପରେ ସେ ଯେଉଁ ମହାପ୍ରସାଦ ଆଣିଥାଏ ସେହି ପ୍ରସାଦ ମେଣ୍ଢା ଖାଇଥାନ୍ତି । ଭୋର ହେବା ମାତ୍ରେ ଲୋକ-ମାନେ ଦେଖନ୍ତି ମେଣ୍ଢାଗୁଡ଼ିକ ମାଳୁଣୀ ଫୁଲ ବଗିଚାରେ ବୁଲାବୁଲି କରୁଛନ୍ତି । କୌଣସି ଫୁଲଗଛର ପତ୍ରଟିଏ ବି କୌଣସି ମେଣ୍ଢା ଖାଇବାର କେହି ଦେଖି ନାହାନ୍ତି । ଲୋକମାନେ ଭାବନ୍ତି ଜଗନ୍ନାଥଙ୍କ ଅବଢ଼ା ଖେଉଁଥିବା ସେ ଖାଇଲାଣି ସେ ବା ଗଛର ପତ୍ର କିଆଁ ଖାଇବ?

ମାଲୁଣୀ ସୂର୍ଯ୍ୟ ଉଇଁବା ପୂର୍ବରୁ ଉଠି ତା'ର ନିତ୍ୟକର୍ମ ସାରି ମନ୍ଦିରକୁ ଯିବା ପର୍ଯ୍ୟନ୍ତ ମେଣ୍ଢାଗୁଡ଼ିକ ଘର ବାହାରେ - ଫୁଲ ବଗିଚାରେ ବୁଲାଚଲା କରନ୍ତି । ମାଲୁଣୀ ମନ୍ଦିରକୁ ଯିବା ପୂର୍ବରୁ ଶିକ୍ଷିତ ଲୋକଙ୍କ ଭଳି ମେଣ୍ଢାଗୁଡ଼ିକ ଆପଣାଛାଏଁ ଘରଭିତରକୁ ପଶି ଯାନ୍ତି । ମାଲୁଣୀ ଘରର କବାଟ ଦେଇ ମନ୍ଦିରକୁ ଯାଏ । କେହି କେବେ ଶୁଣି ନାହାନ୍ତି ମାଲୁଣୀ ନ ଥିଲାବେଳେ ମେଣ୍ଢାଗୁଡ଼ିକ ବୋବାଇ ଥିବାର । ଶିକ୍ଷିତ ମଣିଷଙ୍କ ଭଳି ମାଲୁଣୀ ନଥିଲାବେଳେ ମେଣ୍ଢାଗୁଡ଼ିକ ବୋଧେ ନୀରବରେ ଶୋଇ ଯାନ୍ତି ।

ସକାଳୁ ମାଲୁଣୀ ଘର ଆଗରେ ଗାଁର ଲୋକମାନେ ଘୋଡ଼ା କେତୋଟି ଆସିଥିବା ଦେଖନ୍ତି । ମାଟି ଉପରେ ଘୋଡ଼ା ଟାପୁର ଚିହ୍ନ ସ୍ପଷ୍ଟଭାବେ ରହିଥାଏ । ଦିନେ ଦିନେ ଘୋଡା ମଳ ମଧ୍ୟ ପଡିଥିବାର ଦେଖାଯାଏ । ଲୋକମାନେ ଧାରଣା କରନ୍ତି ମାଲୁଣୀ ରାତିରେ ପର ପୁରୁଷ ସହିତ ପ୍ରୀତି କରୁଛି । ସେଥିପାଇଁ ସେ ଅନ୍ୟ ଲୋକଙ୍କ ଆଡ଼କୁ ଅନାଉ ନାହିଁ ।

ଗାଁର ଲୋକମାନେ କିଏ ରାତିରେ ମାଲୁଣୀ ଘରକୁ ଆସୁଛି ତାହା ଜାଣିବାପାଇଁ ରାତି ଉଜାଗର ହୋଇ ଜଗିଲେ । ମାତ୍ର କୌଣସି ଘୋଡ଼ା ଆସିବା ଦେଖାଗଲା ନାହିଁ କିମ୍ବା କୌଣସି ଲୋକ ମାଲୁଣୀ ଘରକୁ ଯିବାର କେହି ଦେଖିଲେ ନାହିଁ । ଗାଁ ଲୋକେ ସନ୍ଦେହୀ ଆଖିରେ ମାଲୁଣୀକୁ ଯେ ଯେତେ ଅନାଇଲେ ମଧ୍ୟ ମାଲୁଣୀର ସେଥିରେ କିଛି ଯାଏ ଆସେ ନାହିଁ । ମାଲୁଣୀ ମଧ୍ୟ ଅନାଏ ନାହିଁ କାହାରି ଆଡ଼କୁ ମୁହଁ ଟେକି । ତା'ର ଶୁଆ-ସାରୀ, ମେଣ୍ଢା, ଫୁଲ ବଗିଚା ଭଲଥିଲେ ଆଉ ସର୍ବୋପରି ତା'ର ବିଗ୍ରହଙ୍କ ସେବା ରୀତିମୁତାବକ ହେଉଥିଲେ ସେ ଖୁସୀ । କ'ଣ ମିଳିବ କାହା ସହିତ କଥାବାର୍ତ୍ତା କରି ବା କାହାରିକୁ ଅନାଇଁ ।

ମାଲୁଣୀର ସୁନ୍ଦରିଆ ଫୁଲବଗିଚା ଦେଖି ଲୋକମାନଙ୍କର ସେମିତି ଇଚ୍ଛା ହୁଏ ବିଟା ଫୁଲ ଛିଣ୍ଡାଇ ନେବାକୁ ସେହିଭଳି ପାଣଚୋରୁ ଛେଳି ମେଣ୍ଢାଙ୍କର ଲୋଭହୁଏ ବଗିଚାର ସବୁଜ ଗଛଗୁଡିକ ଦେଖି । ବେଳେ ବେଳେ ସେମାନେ ଆଗେଇ ଯାନ୍ତି ବଗିଚା ଆଡ଼କୁ । ଠିକ୍ ବଗିଚାର ବାଡ଼ ପାଖରେ ପହଞ୍ଚିଲା ମାତ୍ରେ ସେମାନେ ଅନୁଭବ କରନ୍ତି ସେମାନଙ୍କର ନିଶ୍ୱାସ ଯେପରି ବନ୍ଦ ହୋଇଯାଉଛି---ବାଡ଼କୁ ଛୁଇଁଲାମାତ୍ରେ ଦେହ ଯେପରି ଅବଶ ହୋଇପଡୁଛି । ଯେତେ ସବଳ ହେଲେ ମଧ୍ୟ ସେମାନେ ଏତେ ନିଜକୁ ଦୁର୍ବଳ ଅନୁଭବ କରନ୍ତି ସେଇଠି ସେ ମୁଣ୍ଡକୁ ଦୁଇ ହାତରେ ଧରି ନିର୍ବାକହୋଇ ବସିପଡ଼ନ୍ତି ।

ମାଲୁଣୀ ନ ଥିଲାବେଳେ ଗାଁର ଟୋକାମାନେ ଅନ୍ୟ ଟୋକାଙ୍କ ସହିତ ବାଜି ମାରନ୍ତି ମାଲୁଣୀ ବଗିଚାରୁ କିଏ ଫୁଲ ତୋଳି ଆଣି ପାରିବ ? ପ୍ରଥମେ ପ୍ରଥମେ କେହି ଚେଷ୍ଟା କରୁଥିଲେ, ମାତ୍ର ସମସ୍ତେ ଜାଣିଗଲେ ପରେ କେହି ସାହସ କରି ମାଲୁଣୀ ବଗିଚା ଆଡ଼କୁ ଯାନ୍ତି ନାହିଁ । ଲୋକମାନଙ୍କର ଧାରଣା ହୁଏ, ସେ ବଗିଚା ତ ମାଲୁଣୀର ନୁହେଁ ଜଗନ୍ନାଥଙ୍କର । ଜଗନ୍ନାଥ ପ୍ରତ୍ୟକ୍ଷ ଦେବତା । ତେଣୁ ତାଙ୍କ ବଗିଚାକୁ କେହି ଗଲେ ସେ ଯେପରି ଯାଇପାରିବ ନାହିଁ ତାହାର ବ୍ୟବସ୍ଥା ନିଜେ ଜଗନ୍ନାଥ କରୁଛନ୍ତି ।

ରାତିରେ ମାଲୁଣୀ ଘରକୁ କେହି କେହି ଘୋଡ଼ାରେ ଚଢ଼ି ଆସୁଛନ୍ତି ତାହା ମହାରାଜାଙ୍କ କର୍ଣ୍ଣଗୋଚର ହେବା ମାତ୍ରେ ମହାରାଜ ଗୁପ୍ତଚର ନିଯୁକ୍ତି କଲେ ପ୍ରକୃତ ତଥ୍ୟ ଜାଣିବାପାଇଁ । ତାଙ୍କର ମନେହେଲା ମାଲୁଣୀଠାରୁ ବାହାର ଶତ୍ରୁ ରାଜ୍ୟର ଗୁପ୍ତ ତଥ୍ୟ ସଂଗ୍ରହ କରୁଛନ୍ତି । ତେଣୁ ଗୁପ୍ତଚରଙ୍କୁ ଆଦେଶ ହେଲା ମାଲୁଣୀ ବିଷୟରେ ପ୍ରକୃତ ତଥ୍ୟ ସଂଗ୍ରହ କରି ଜଣାଇବାକୁ ।

ଗୁପ୍ତଚରମାନେ ବହୁରାତି ଅନିଦ୍ରାହୋଇ ମାଲୁଣୀର ଘରକୁ ଜଗିଲେ । ମାଲୁଣୀ ନ ଥିଲାବେଳେ ଘର ଭିତରେ ପଶିବାକୁ ଚେଷ୍ଟା କଲେ । ଘରଭିତରକୁ ଯିବା ତ' ଦୂରର କଥା ମାଲୁଣୀର ବାଡକୁ ମଧ୍ୟ କେହି ଡେଇଁ ଯାଇ ପାରିଲେ ନାହିଁ । ସେମାନେ ମନେକଲେ ସତେ ଯେପରି କେହି କିମିଆଁ କରିଛି ।

ମାଲୁଣୀର ଘରକୁ ଗୁପ୍ତଚରମାନେ ଜଗିଥିଲାବେଳେ ରାତି ଅଧରେ ସେମାନେ ଶୁଣିବାକୁ ପାନ୍ତି ମନ୍ତ୍ରର ଅସ୍ପଷ୍ଟ ଝଙ୍କାର । ସେମାନଙ୍କ ନାସିକା ସ୍ପର୍ଶ କରେ ମଦ–ମାଂସ–ମାଛର ଗନ୍ଧ । ନାରୀ-ପୁରୁଷଙ୍କର ଆନନ୍ଦ ବିହ୍ୱଳିତ ଅସ୍ପଷ୍ଟ ଧ୍ୱନି ସେମାନେ ମଧ୍ୟ ଶୁଣି ପାରନ୍ତି । ବେଳେ ବେଳେ ତାଙ୍କରି ପାଖରେ କୌଣସି ଯୁବତୀର ଖିଲ୍ ଖିଲ୍ ହସ ଶୁଣି ଚକିତ ଚାହାଣିରେ ଚାରିଆଡକୁ ଲକ୍ଷ୍ୟ କରି କାହାରିକୁ ନ ଦେଖି ବିସ୍ମିତ ହୋଇପଡ଼ନ୍ତି । ସ୍ପଷ୍ଟଭାବେ ଶୁଣନ୍ତି ସେମାନେ ଏକସ୍ୱରରେ ବହୁଲୋକ ଗାଉଥାନ୍ତି ଜୟ ଜଗନ୍ନାଥ, ଜୟ ଜଗନ୍ନାଥ, ଜୟ ଜଗନ୍ନାଥ ତ୍ରାହି ମାଂ—ମାତା ସୁଭଦ୍ରା, ମାତା ସୁଭଦ୍ରା, ମାତା ସୁଭଦ୍ରା ରକ୍ଷ ମାଂ ।

ସ୍ୱତଃ ସେମାନଙ୍କ ମନ ଜଗନ୍ନାଥ ମୁଖୀ ହୋଇ ପଡ଼େ । ଯେ ସେ ଘର ଭିତରେ ଥାନ୍ତୁ ନା କାହିଁକି ସେମାନେ ଜଗନ୍ନାଥଙ୍କ ଭକ୍ତ । ନିଭୃତରେ ସେମାନେ କରୁଛନ୍ତି ଜଗନ୍ନାଥଙ୍କ ଅର୍ଚ୍ଚନା । ସେମାନଙ୍କୁ ସନ୍ଦେହ କରିବା ଅର୍ଥ ପାପ ଅର୍ଜ୍ଜନ କରିବା । ସେ ପାପ କେବେ କୌଣସି ପୁଣ୍ୟରେ କ୍ଷୟ ହେବ ନାହିଁ ।

ଗୁପ୍ତଚରମାନେ ଫେରିଯାଇ ମହାରାଜାଙ୍କୁ ସମ୍ବାଦ ଦେଲେ ମାଲୁଣୀର କାର୍ଯ୍ୟରେ ସେଭଳି କିଛି ଦୋଷ ତ୍ରୁଟି ନାହିଁ । ଗ୍ରାମର କେତେକ କ୍ଷୁଦ୍ର ବ୍ୟକ୍ତି ମାଲୁଣୀ ପ୍ରତି ଅସତ୍ କାମନା କରି ଯେତେବେଳେ ଅକୃତ କାର୍ଯ୍ୟ ହେଲେ ସେତେବେଳେ ମାଲୁଣୀ ନାମରେ ମିଥ୍ୟା ଅପବାଦ ଦେଇଛନ୍ତି । ତା' ଘରକୁ କେହି ଆସନ୍ତି ନାହିଁ କିମ୍ବା ସେ କାହାରି ସହିତ କୌଣସି ସଂପର୍କ ରଖେ ନାହିଁ । ସେ ଜଗନ୍ନାଥଙ୍କ ଛଡ଼ା ଆଉ କାହାରିକୁ ଜାଣେ ନାହିଁ ।

ଶିବ ଉପାସନା ଦେଶରେ ପ୍ରବଳ ହୋଇ ଉଠିଥାଏ । ବିଭିନ୍ନ ଶୈବ ପନ୍ଥୀ ଭାରତ ଦେଶରେ ଶିବଙ୍କର ମହିମା ପ୍ରସ୍ଥର କରି ସ୍ଥଳିଥାନ୍ତି । ଇନ୍ଦ୍ରଲୀଶ, ପାଶୁପତ, ଲିଙ୍ଗାୟତ ଆଦି ଶୈବ ପନ୍ଥୀ ଶିବଙ୍କୁ ପୂଜା କଲେ କିପରି ସବୁ ପ୍ରକାର ମଙ୍ଗଳ ହୋଇଥାଏ ତାହା ଆଲୋଚନା କରି ଲୋକଙ୍କୁ ବୁଝାଇ ଥାନ୍ତି । ଶିବ ସ୍ତୋତ୍ର । ମଦ୍ୟପାନ କରି ପାଶୁପତମାନେ ଭଣ୍ଡ ବାକ୍ୟ ପ୍ରୟୋଗ କଲେ ମଧ୍ୟ ଲୋକମାନେ ନିଜର ମଙ୍ଗଳ ଉଦ୍ଦେଶ୍ୟରେ ଗୃହ ମଧ୍ୟରେ ସ୍ଥାନ ଦେଉଥିଲେ ।

ମାଳୁଣୀ କୌଣସି ବିଷୟରେ କାହାକୁ କେବେ କିଛି କହେ ନାହିଁ । କେବଳ ଜଗନ୍ନାଥଙ୍କ ମନ୍ଦିରରେ ଫୁଲ ଦେବା ଛଡ଼ା ସେ ଶିବଙ୍କ ମନ୍ଦିର ବା ଅନ୍ୟ କୌଣସି ମନ୍ଦିରକୁ କେବେ ଯାଏନାହିଁ । ଯିବାକୁ ମଧ୍ୟ ତାକୁ ସମୟ ନଥାଏ ।

ଏକଦା ଗ୍ରାମର କେତେଜଣ ସ୍ତ୍ରୀ ଲୋକ ତା' ଘରକୁ ସକାଳେ ଆସିଲେ । ସେତେବେଳେ ସେ ଖୁବ୍ ବ୍ୟସ୍ତ । ଶୀଘ୍ର କିପରି ନିତ୍ୟକର୍ମ ସାରି ମନ୍ଦିରକୁ ଯିବ । ସ୍ତ୍ରୀଲୋକମାନେ ଆସିଲେ ମଧ୍ୟ ତାଙ୍କ ସହିତ କଥାବାର୍ତ୍ତା କରିବାକୁ ତାକୁ ସମୟ ନାହିଁ । ସ୍ତ୍ରୀଲୋକମାନେ ତା ବଗିଚାରେ ଟିକିଏ ବୁଲି ଘରଭିତରକୁ ପଶିଗଲେ । ଘରଭିତରେ ଖୋଜିଲେ ଖୋଜିଲେ ଆଖିରେ ସ୍ୱଭିଆଡ଼କୁ ଚାହିଁଲେ । ମେଣ୍ଢା କେତୋଟି ଶୁଆ, ସାରୀଙ୍କ ଛଡ଼ା ତା' ଘରେ ଆଉ କୌଣସି ପ୍ରାଣୀ ନାହାନ୍ତି । ସେମାନେ ଯେତେବେଳେ ଫେରି ଆସିଲେ ସେତେବେଳେ ସେମାନେ ଟିକିଏ ବିରସ ମନରେ ଫେରିବା ଦେଖାଗଲା ।

ସେମାନଙ୍କ ଫେରିବା ସମୟର ବିରସ ମୁହଁ ଦେଖି ମାଳୁଣୀ ମନେ ମନେ ଟିକିଏ ହସିଲା । ସେ ଠିକ ଧାରଣା କରିନେଲା ସ୍ତ୍ରୀଲୋକମାନେ ତା' ଘରକୁ କାହିଁକି ଆସିଥିଲେ ।

ସେଦିନ କାର୍ତ୍ତିକ ଅମାବାସ୍ୟା । ବର୍ଷା କାଳ ସରିବାକୁ ଆଉ ମାତ୍ର ପନ୍ଦରଦିନ ବାକି । ବର୍ଷାକାଳ ମାତ୍ର ଚାରିମାସ । ତାହା ଶ୍ରାବଣଠାରୁ ଆରମ୍ଭ ହୋଇ କାର୍ତ୍ତିକରେ ସରେ । ବୌଦ୍ଧମାନେ ଆଷାଢ଼କୁ ବର୍ଷା ମାସ ରୂପେ ଧରନ୍ତି ନାହିଁ । ତେଣୁ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଜଗନ୍ନାଥ ରଥରେ ବିଜେ ହୋଇ ଗୁଣ୍ଡିଚା ଘରକୁ ଯାଆନ୍ତି । ମାଳୁଣୀ ଜାଣେ ଆଦିବାସୀମାନଙ୍କ ଦେବତାଙ୍କୁ ଶ୍ରୀଜଗନ୍ନାଥ ଭାବେ ପୂଜା କରାଯାଉଛି । ଗ୍ରୀଷ୍ମ ସମୟରେ ଯେତେବେଳେ ଧରା ସୂର୍ଯ୍ୟଙ୍କ ପ୍ରଖର ତାପରେ ପୋଡ଼ିଯାଏ, ସେତେବେଳେ ଆଦିବାସୀମାନେ ତାଙ୍କ ଦେବତାଙ୍କୁ ପାଣିରେ ଗାଧୋଇ ଦିଅନ୍ତି । ସେମାନଙ୍କର ଧାରଣା ଦେବତାଙ୍କୁ ପ୍ରଚୁର ସ୍ନାନ କରାଇଲେ ମେଘ ବର୍ଷା ହୁଏ । ସେଥିପାଇଁ ଗରମ ମାସ ଶେଷ ଜ୍ୟେଷ୍ଠ ପୂର୍ଣ୍ଣମୀ ଦିନ ଜଗନ୍ନାଥଙ୍କୁ ସ୍ନାନ କରାଯାଏ । ସ୍ନାନ ପରେ ପନ୍ଦରଦିନ ଦିଅଁ ଗୁପ୍ତଭାବରେ ପୂଜା ପା'ନ୍ତି । ତା'ପରେ ତାଙ୍କର ଶ୍ରେଷ୍ଠ ଯାତ୍ରା ରଥଯାତ୍ରା ଆରମ୍ଭ ହୁଏ ।

ଯାତ୍ରା ଆରମ୍ଭରେ ବଜ୍ର ରୂପୀ ସୁଦର୍ଶନ ମାର୍ଗ ପରିଷ୍କାର କରି ରଥକୁ ବିଜେ କରନ୍ତି । ସେ ସତ୍ୟ ନ ହୋଇ ଥିବାରୁ ତାଙ୍କର ସ୍ୱତନ୍ତ୍ର ରଥ ହୁଏ ନାହିଁ । ସେ ବିଜେ କରନ୍ତି ନୈରାତ୍ମା ରୂପୀ ସୁଭଦ୍ରାଙ୍କ ରଥରେ । ତା'ପରେ ଆସନ୍ତି ବଜ୍ରୋଦକ ବଳଭଦ୍ର । ସେ ହେଉଛନ୍ତି ସୃଷ୍ଟିର କାରଣ । ଭଗବାନ ଭଗବତୀ ହେଉଛନ୍ତି ସତ୍ୟ । ତେଣୁ ସୃଷ୍ଟି କାରଣର ପ୍ରତୀକ ବଳଭଦ୍ର ସତ୍ୟ ନ ହେଲେ ମଧ୍ୟ ଆପେକ୍ଷିକ ସତ୍ୟ ଭାବେ ଧରା ଯା'ନ୍ତି । ସେଥିପାଇଁ ତାଙ୍କର ସ୍ୱତନ୍ତ୍ର ରଥ ହୁଏ । ପରମ ବଜ୍ରୀ ହେଉଛନ୍ତି ଜଗନ୍ନାଥ । ସେ ଆକାଶ ରୂପୀ ପିତା ଭଳି । ସୁଭଦ୍ରା, ମାତା ପୃଥିବୀଭଳି । ପରମପିତା ଜଗନ୍ନାଥ ନିଜର ଆୟୁଧ ସୁଦର୍ଶନ ଦ୍ୱାରା କାରଣ ବାରସି ବର୍ଷଣ କରି ସୁଭଦ୍ରାଙ୍କ ସାହାଯ୍ୟରେ ସୃଷ୍ଟି କରିଥାନ୍ତି । ଆଷାଢ଼ ହେଉଛି ସୃଷ୍ଟିର ମାସ । ବସୁଧାରେ ପାଣି ପଡ଼ିଲେ ଗୋଟାଏ ହୋଇ ଠିଆ ହୁଏ । ମହାପ୍ରଭୁମାନେ ସୃଷ୍ଟି ନିମିତ୍ତ ଆଷାଢ଼ ଦ୍ୱିତୀୟାରେ ବିଜେ କରି ପୂର୍ଣ୍ଣମୀ ପୂର୍ବରୁ ମନ୍ଦିରକୁ ଫେରି ଆସନ୍ତି । ବର୍ଷା ମାସ ଆରମ୍ଭ ପୂର୍ବରୁ ଫେରି ନ ଆସିଲେ ଅସୁବିଧା ।

ଶ୍ରାବଣଠାରୁ କାର୍ତ୍ତିକ ପର୍ଯ୍ୟନ୍ତ ବର୍ଷାମାସ ଯୋଗୁଁ ଅଶୁଦ୍ଧ କାଳ ରୂପେ ଏହି ସମୟକୁ ଗଣନା କରାଯାଏ । ଶ୍ରାବଣଠାରୁ କାର୍ତ୍ତିକ ପର୍ଯ୍ୟନ୍ତ ଯୋଗୀ ସନ୍ୟାସୀମାନେ ସମୃଦ୍ଧିଶାଳୀ ଗ୍ରାମ ବା ନଗରରେ କାଳ କାଟନ୍ତି । ଗ୍ରାମ ବା ନଗର ସମୃଦ୍ଧିଶାଳୀ ନ ହେଲେ ସେମାନଙ୍କ ପରିଚର୍ଯ୍ୟାରେ ଅସୁବିଧା ହେବ । ଏହି ସମୟରେ ଧାର୍ମିକ ବ୍ୟକ୍ତିମାନେ ସାଧୁ ସନ୍ୟାସମାନଙ୍କ ପରିଚର୍ଯ୍ୟା ଭାର ଗ୍ରହଣ କରି ତାଙ୍କଠାରୁ ଧର୍ମୋପୋଦେଶ ଶୁଣିଥାଆନ୍ତି । କୃଷିକାର୍ଯ୍ୟ ଯୋଗୁ କେତେକ ଶ୍ରାବଣରୁ ଆଶ୍ୱିନମାସ ପର୍ଯ୍ୟନ୍ତ ଏହି ସୁଯୋଗ ଗ୍ରହଣ କରି ପାରନ୍ତି ନାହିଁ । ମାତ୍ର କାର୍ତ୍ତିକ ମାସଟି ସେମାନେ ଧର୍ମାୟତନରେ ଯୁକ୍ତ ହୋଇ ଧର୍ମ ବିଷୟରେ କିଛି ଧାରଣା ନିଅନ୍ତି । ତେଣୁ କାର୍ତ୍ତିକ ମାସଟି ପୁରୁଷୋତ୍ତମରେ ଯେପରି ବହୁ ସାଧୁସନ୍ଥ କଟାଇଥାଆନ୍ତି । ସେହିପରି ବହୁ ସାଧାରଣ ଲୋକ ସେଠାକୁ ଆସି ଧର୍ମ, ଦର୍ଶନ ବିଷୟରେ ଜ୍ଞାନ ଆହରଣ କରନ୍ତି ।

କାର୍ତ୍ତିକ ଅମାବାସ୍ୟା ରଜନୀରେ ବାମାଚାରିମାନେ ସେମାନଙ୍କ ଇଷ୍ଟଙ୍କୁ ବିଶେଷ ରୂପେ ଆରାଧନା କରନ୍ତି । ସେ ଦିନ ମାଳୁଣୀ ଶୀଘ୍ର ତା ଫୁଲଡାଳ ଦିଅଁଙ୍କ ସେବାରେ ଲଗାଇ, ମହାପ୍ରସାଦ କିଛି ଧରି ଚାଲିଲା ତା' ଘରକୁ । ସେତେବେଳକୁ ଆକାଶ ସାରା କଳାମେଘରେ ଭରି ଯାଇଥାଏ । ଦିନ ମଧ୍ୟ ହୋଇଯାଇଥାଏ ରାତି ଭଳି । ତଥାପି ସେହି ଅନ୍ଧାରରେ ମାଳୁଣୀ ମହାପ୍ରସାଦ ଧରି ଚାଲିଲା ତା ଘରଆଡ଼େ । ଯାଉଁ ଯାଉଁ ଆରମ୍ଭ ହେଲା ବର୍ଷା ପବନ । ଯେଉଁମାନେ ରାସ୍ତାରେ ଯାଉଥିଲେ, ସେମାନେ ନିଜକୁ ରକ୍ଷା କରିବାକୁ କେଉଁଠି କିପରି ରହି ଯାଇଥାଆନ୍ତି । ମାଳୁଣୀର କିନ୍ତୁ ଭୟ ନ ଥାଏ ମେଘପ୍ରତି । ସେ ସବୁଦିନ ଭଳି ସାଧାରଣ ଗତିରେ ଚାଲିଥାଏ ରାସ୍ତା ଉପରେ ।

ମାଳୁଣୀ ଛଡ଼ା ରାସ୍ତାରେ ଆଉ କେହି ଯାଉ ନ ଥାନ୍ତି ପ୍ରାୟ. । ମାତ୍ର ଏ କଅଣ ? ମାଳୁଣୀ ଦେହରେ

ବିନ୍ଦୁଏ ପାଣି ପଡୁ ନ ଥାଏ କିମ୍ବା ଏତେ ବଡ଼ ପବନରେ ତା' ଲୁଗା ସେ ଭଳି କିଛି ଉଡୁ ନ ଥାଏ । ଠିକ୍ ସାଧାରଣ ଦିନ ଭଳି ସେ ଚାଲୁଥାଏ ଧୀର ସ୍ଥିର ଭାବେ । ଏ ଦେଖିଲା ସେ କାବା ହୋଇଗଲା । ମାଲୁଣୀ କ'ଣ ମେଘ ପବନକୁ ବାରଣ କରି ଦେଇଛି ତା' ଦେହ ସ୍ପର୍ଶ କରିବାକୁ ?

ତାହାହେଲେ ମାଲୁଣୀ ଜଣେ ସିଦ୍ଧ ସାଧିକା । ସେ ଶୈବାଗ୍ରଣୀଙ୍କ ଭଳି ଢେଣ୍ଢୁରା ପିଟି ନିଜର ବାହାଦୁରି ନ ବଖାଣିଲେ ମଧ୍ୟ ତା'ର ଦୈନନ୍ଦିନ କାର୍ଯ୍ୟଗୁଡ଼ିକ ସୂଚାଇ ଦେଉଛି ସେ ଜଣେ ସାଧିକା । ସେଥିପାଇଁ ରାତି ଅଧରେ ତା' ଘରୁ ବିଭିନ୍ନ ଗନ୍ଧ ଭାସିଥାଏ ।

ପାଣି, ପବନ, ଅନ୍ଧାରରେ ମଧ୍ୟ ତୁଣ୍ଡକୁ ତୁଣ୍ଡ ହୋଇ ବହୁ ଲୋକଙ୍କ ପାଖରେ ସମ୍ବାଦ ପହଞ୍ଚିଗଲା ମାଲୁଣୀ ଜଣେ ସିଦ୍ଧ ସାଧିକା । ତେଣୁ ସେ ଘରେ ନ ଥିଲାବେଳେ ତା' ବାଡିରେ କେହି ପଶି ପାରନ୍ତି ନାହିଁ, ରାତିରେ ତା ଘରୁ ସ୍ତୋତ୍ର ମନ୍ତ୍ର ଶୁଭାଯାଏ । ତା' ପୂଜାରେ ସନ୍ତୁଷ୍ଟ ହୋଇ ବରାବର ଇନ୍ଦ୍ର ଦେବତା ରାତିରେ ତା' ଘରକୁ ବିଜେ କରିଥାନ୍ତି ।

ସକାଳ ହେବା ମାତ୍ରେ ସ୍ତ୍ରୀଲୋକମାନେ ସେମାନଙ୍କ ରୋଗଣା ପିଲାଙ୍କୁ ଧରି ପହଞ୍ଚିଗଲେ ମାଲୁଣୀ ଘରେ । ସେତେବେଳେ ସେ ବ୍ୟସ୍ତ କିପରି ଶୀଘ୍ର ତା'ର ନିତ୍ୟକର୍ମ ସାରି ଫୁଲ ଟୋକାଇଟି ଧରି ଜଗନ୍ନାଥଙ୍କ ମନ୍ଦିରକୁ ଯିବ । ସେ ରୋଗା ପିଲାଙ୍କ ସହିତ ମାମାନଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା ।

ସ୍ତ୍ରୀ ଲୋକମାନେ କହିଲେ, ତୁମେ ଯାହା କୁହନା କାହିଁକି ଆମ ପିଲାଙ୍କ ରୋଗପାଇଁ କିଛି ମନ୍ତ୍ର ପାଣିର ବ୍ୟବସ୍ଥା ନ କଲେ ଆମେ କେବେ ଏଠୁ ଯିବୁ ନାହିଁ । ଆଉ ତୁମେ ପାରିବ ନାହିଁ ଆମକୁ ଠକି । ତୁମେ ଜଣେ ସିଦ୍ଧ ସାଧିକା । ଆଦେଶ ଦେଲେ ସ୍ୱର୍ଗରୁ ଅମୃତ ଆସି ଆମ ପିଲାଙ୍କ ଉପରେ ବୃଷ୍ଟି ହୋଇ ପାରିବ । ତୁମେ କହିଲେ ଯମ ମଧ୍ୟ ଏ ଭୁବନକୁ ଆସିବ ନାହିଁ । ତୁମେ ଟିକିଏ ଦୟା କର ଆମର ଏ ପିଲାମାନଙ୍କ ପ୍ରତି । ତା' ନ ହେଲେ ଆମେ ଏଠୁ ଉଠିବୁ ନାହିଁ ।

ମାଲୁଣୀ ଯେତେ କହିଲେ ମଧ୍ୟ କେହି ଶୁଣିଲେ ନାହିଁ ତା' କଥା । ଅଗତ୍ୟା ସେ ଟିକିଏ ଚିନ୍ତାକରି କିଛି ପାଣି ଆଣି କ'ଣ ବିଡି ବିଡି କରି କହି ଗୋଟିଏ ସ୍ଥାନରେ ଥୋଇ କହିଲା, ଏହି ପାଣିରୁ ଅଳ୍ପ ଟିକିଏ ନେଇ ଜଗନ୍ନାଥଙ୍କ ନାମ ଧରି ପିଲାକୁ ପିଆଇ ଦିଅ ଆଉ ତା' ଉପରେ କିଛି ଛିଞ୍ଚି ଦିଅ ।

ସମସ୍ତେ ତାହାହିଁ କଲେ । ସତକୁ ସତ ସେହି ପାଣି ଟୋପାକରେ ସେମାନଙ୍କର ପିଲାମାନେ ଆରୋଗ୍ୟ ହେବାକୁ ଲାଗିଲେ । ତା ଆର ଦିନକୁ ଆହୁରି ବେଶି ପିଲା ଆସିଲେ । ପିଲାମାନେ ଭଲ ହେଇ ହେଇ ବଡ଼ମାନେ ମଧ୍ୟ ଆସିଲେ । ମାଲୁଣୀର ମନ୍ତ୍ରପୂତ ପାଣି ଟୋପାକୁ ଜଗନ୍ନାଥଙ୍କ ନାମ ନେଇ ବିନ୍ଦୁଏ ତୁଣ୍ଡରେ ଦେଇ, ଆଉ ଟିକିଏ ଦେହରେ ସିଞ୍ଚିଦେଲେ ବଡ଼ ବଡ଼ ଅସାଧ୍ୟ ରୋଗରୁ ଆରୋଗ୍ୟ ଲାଭ କରିବାକୁ ଲାଗିଲା । ଯାହାକୁ କି ବୈଦ୍ୟ ଚିକିତ୍ସକମାନେ ଅସାଧ୍ୟ କହି ଫେରାଇ ଦେଇଥିଲେ ସେମାନେ ଯେତେବେଳେ ଆରୋଗ୍ୟ ଲାଭ କଲେ, ସେତେବେଳେ ମାଲୁଣୀର ସୁନାମ ଚାରିଆଡ଼େ ବ୍ୟାପିବାକୁ ଲାଗିଲା । ରୋଗରୁ ଆରୋଗ୍ୟ ଲଭି ସେମାନେ ଧାଇଁଲେ ଜଗନ୍ନାଥଙ୍କ ପାଖକୁ ।

ଧୀରେ ଧୀରେ ଅନିର୍ବାଣ ଜ୍ୟୋତି ଜଗନ୍ନାଥଙ୍କ ନାମ ସମସ୍ତଙ୍କ ତୁଣ୍ଡରେ ଉଚ୍ଚାରିତ ହେବାକୁ ଲାଗିଲା । ଯେଉଁମାନେ ଧାଇଁଥିଲେ ଲକୁଳୀଶ, ପାଶୁପତମାନଙ୍କ ପାଖକୁ ଓ ଶିବ ମନ୍ଦିରକୁ, ସେମାନେ ଧାଇଁଲେ ମାଲୁଣୀ ପାଖକୁ ଏବଂ ତା'ର ଆରାଧ୍ୟ ଜଗନ୍ନାଥଙ୍କ ମନ୍ଦିରକୁ । ଲକୁଳୀଶ-ପାଶୁପତମାନଙ୍କ ପାଖକୁ ଧୀରେ ଧୀରେ ଲୋକମାନଙ୍କ ଯିବା କମିଯିବା ଦେଖି ସେମାନେ କାରଣ ଅନୁସନ୍ଧାନ କଲେ । ଲୋକମାନଙ୍କର ଯଦି ମାଲୁଣୀର ଟକିଏ ମନ୍ତ୍ରରା ପାଣିରେ ରୋଗ ଆରୋଗ୍ୟ ହୋଇ ଯାଉଛି ତେବେ ସେମାନେ କାହିଁକି ଧାଇଁବେ ଲକୁଳୀଶ ପାଶୁପତମାନଙ୍କ ପାଖକୁ । କାହିଁକି ବା ସେମାନେ ଲକୁଳୀଶ ଆଦିଙ୍କ ଉଣ୍ଡ କଥା ଶୁଣିବେ ।

ଗୋଟିଏ ମାଲୁଣୀ ଯେ କି ଦେବତାଙ୍କୁ ପଦ୍ମ ଫୁଲ ଯୋଗାଇ ଥାଏ ସେ ଲୋକଙ୍କର ରୋଗବ୍ୟାଧି ଭଲ କରି ଦେଉଛି ଶୁଣି ଶୈବମାନେ ଆଗ୍ନେୟ ହୋଇଗଲେ । କେତେକ ମଧ୍ୟ ଆଖିକୁ ଡିମା ଡିମା କରି ମୁଣ୍ଡର ଖାଙ୍କର କେଶ ଓ ଜଟାକୁ ହଲାଇବାକୁ ଲାଗିଲେ । ସେମାନଙ୍କର ହାବଭାବ ଦେଖିଲେ ମନେ ହୁଏ, ସେମାନେ ଯେପରି ମାଲୁଣୀକୁ ବର୍ତ୍ତମାନ ମାରି ପକାଇବେ ।

ମାଲୁଣୀଦ୍ୱାରା ଆରୋଗ୍ୟ ଲାଭ କରି ୯ ମଧ୍ୟରେ ବହୁଲୋକ କାୟ, ମନ ବାକ୍ୟରେ ମାଲୁଣୀର ଭକ୍ତ ହୋଇ ସାରିଥିଲେ । ସେମାନଙ୍କ ମଧ୍ୟରୁ କେତେକ ଶୈବମାନଙ୍କର ମାଲୁଣୀପ୍ରତି ବିରକ୍ତି ଭାବଦେଖି ସଙ୍ଗେ ସଙ୍ଗେ ଯାଇ ମାଲୁଣୀକୁ ଅତି ବିନୟ ସହକାରେ ସବୁ ବିଷୟ ଜଣାଇଲେ । ସେ ସେମାନଙ୍କ କଥା ଶୁଣି ଟିକିଏ ହସି ଦେଇ କହିଲା ପ୍ରଭୁ ଜଗନ୍ନାଥ ତାଙ୍କୁ କ୍ଷମା କରନ୍ତୁ ।

ଶୈବମାନେ ତନ୍ତ୍ରମନ୍ତ୍ରରେ ଦକ୍ଷ ଥିଲେ । ମାଲୁଣୀ ଉପରେ ସବୁ ଶୈବ ସମ୍ପ୍ରଦାୟ ଯେତେବେଳେ ବିରକ୍ତ, ସେତେବେଳେ ସବୁ ସମ୍ପ୍ରଦାୟ ଏକତ୍ରିତ ହୋଇ କ'ଣ କରାଯିବ ଚିନ୍ତା କଲେ । ଶେଷରେ ସେମାନେ ସ୍ଥିର କଲେ ତନ୍ତ୍ର ପ୍ରୟୋଗଦ୍ୱାରା ମାଲୁଣୀକୁ ମୂକ କରି ଦେଲେ ଶକ୍ତି ବାନ୍ଧ ସରିବ । ଦେଖାଯିବ ତା'ର କେଉଁ ଶକ୍ତି ଅଛି ସେ ପାଣି ଟୋପାକରେ କାହାକୁ ଭଲ କରିଦେବ ।

ସେହିଦିନ ରାତି ଅଧରେ ସେମାନେ ଏକତ୍ରିତ ହେଲେ ତନ୍ତ୍ର ପ୍ରୟୋଗପାଇଁ । ଜଣେ କାପାଳିକ ତା'ହାତରେ ଧରିଥିବା ବ୍ରାହ୍ମଣର ନରକରୋଟିକୁ ପେଷଣପାଇଁ ସମସ୍ତଙ୍କ ସମ୍ମୁଖରେ ରଖିଦେଲେ । ଶୈବତାନ୍ତ୍ରିକମାନେ ସ୍ତମ୍ଭନ ବିଦ୍ୟାକୁ ବ୍ରହ୍ମ ନର-କରୋଟିରେ ପ୍ରୟୋଗ କରି ଆଦେଶ ଦେଲେ, ଶୀଘ୍ର ଯାଇ ପୁରୁଷୋତ୍ତମର ଉପକଣ୍ଠରେ ରହୁଥିବା ମାଳୁଣୀକୁ ମୂକ କରି ଦେବାକୁ ।

ଆଦେଶ ମାତ୍ରେ ନରକରୋଟି ଭୂମିରୁ ଶୂନ୍ୟକୁ ଉଠିଗଲା । ଶୂନ୍ୟରେ ଯାଉଥିଲା ବେଳେ ତାକୁ ଦେଖାଯାଉଥିଲା ସତେ ଯେପରି ଗୋଟିଏ ଅଗ୍ନି ପିଣ୍ଡୁଳା ଧାଇଁ ଯାଉଛି । ମନ୍ତ୍ର ପ୍ରଭାବରେ ନରକରୋଟିଟି ତେଜ ବିସ୍ତାର କରି ଦାଉ ଦାଉ ହୋଇ ଜଳୁଥିଲା । ଶୈବାଚାର୍ଯ୍ୟମାନଙ୍କର ଯେଉଁ ଶିଷ୍ୟମାନେ ସେଠାରେ ଥିଲେ, ସେମାନେ ଗୁରୁଙ୍କର ମନ୍ତ୍ରଶକ୍ତି ଦେଖି ବିସ୍ମିତ ହେଲେ । ସେମାନେ ନିଶ୍ଚିତଭାବେ ଜାଣିଲେ ମାଳୁଣୀ ଏଇ ମୁହୂର୍ତ୍ତରେ ମୂକ ହୋଇଯିବ !

ପେଷଣ କାର୍ଯ୍ୟ ସମାପନ କରି କିଛି କାରଣୀ ବାରି ପାନ କରିବାପାଇଁ ଶୈବାଚାର୍ଯ୍ୟମାନେ ଇଚ୍ଛା ପ୍ରକାଶ କଲେ । ସଙ୍ଗେ ସଙ୍ଗେ ଶିଷ୍ୟମାନେ କାରଣୀ ବାରି ପୂର୍ଣ୍ଣ କଳସିଟି ବଢ଼ାଇ ଦେଲେ କାପାଳିକ ଗୁରୁଙ୍କ ହାତକୁ । ଗୁରୁ ପାତ୍ରରେ କିଛି କିଛି କାରଣୀ ବାରି ଢ଼ାଳି ଅନ୍ୟମାନଙ୍କୁ ଦେଇ ନିଜେ ପାନ କରିବା ପୂର୍ବରୁ ହୋ ହୋ ହୋଇ ହସି ଉଠିଲେ । କାପାଳିକ ଗୁରୁଙ୍କ ହସ ଦେଖି ତାଙ୍କଠାରୁ ଆହୁରି ଅଧିକ ଯୋରରେ ହସି ଉଠିଲେ ଲକୁଳୀଶଙ୍କ ଗୁରୁ । ଲକୁଳୀଶଙ୍କ ପଛେ ପଛେ ହସି ଉଠିଲେ ପାଶୁପତ । ଗୁରୁଙ୍କ ହସ ଦେଖି ହସି ଉଠିଲେ ମଧ୍ୟ ଶିଷ୍ୟମାନେ । ସ୍ଥାନଟି ହସ ଶବ୍ଦରେ କମ୍ପି ଉଠିଲା ।

ମାତ୍ର କେତୋଟି ମୁହୂର୍ତ୍ତ । ସେ ପର୍ଯ୍ୟନ୍ତ ସେମାନଙ୍କ ହାତରେ ଥିବା ସୁରା ଅଧର ସ୍ପର୍ଶ କରିନାହିଁ । ଏତିକିବେଳେ ଜଣେ ପାଟି କରି ଉଠିଲା – ହେଇ ଦେଖ ପେଷଣଟି ତା' କାର୍ଯ୍ୟ ସାରି କିପରି ଫେରି ଆସୁଛି ।

ହସିବା ବନ୍ଦ କରି ସମସ୍ତେ ଅନାଇଲେ ସେହି ପେଷଣ ଆଡ଼େ । କାପାଳିକଙ୍କ ଗୁରୁ ଶୂନ୍ୟରୁ ତାଙ୍କ ଆଡ଼କୁ ଧାଇଁ ଆସୁଥିବା ତାଙ୍କର ସେହି ନରକରୋଟି ଆଡ଼େ ଅନାଇଲେ । ଏ କ'ଣ ? ଯଦି ପେଷଣଟି ତା'କାର୍ଯ୍ୟ ଶେଷ କରି ଆସିଥାଆନ୍ତା ତେବେ ଏତେ ଉଜ୍ଜ୍ୱଳ ସେ ଦେଖାଯାଉ ନ ଥାଆନ୍ତା । ତାହାହେଲେ ସେ କ'ଣ ଅକୃତକାର୍ଯ୍ୟ ହୋଇ ଫେରି ଆସିଛି ?

ପେଷଣକୁ ଉଦ୍ଦେଶ୍ୟକରି କାପାଳିକ ପଚାରିଲେ ତୁମେ କ'ଣ ତୁମ କାର୍ଯ୍ୟ ଶେଷ କରି ଫେରି ଆସିଛ ନା କାର୍ଯ୍ୟ ଶେଷ କରିବାରେ କିଛି ଅସୁବିଧା ହେଲା ?

ଠିକ୍ ମଣିଷଙ୍କ ଭଳି ପେଷିତ ହୋଇଥିବା ସେହି ବ୍ରହ୍ମ ନରକରୋଟି କହିଲା, ଆପଣମାନେ ଯାହାକୁ ଉଦ୍ଦେଶ୍ୟ କରି ମୋତେ ପେଷିଥିଲେ, ଜଣେ ସାଧକ ସହିତ ଯୁଗ୍ମ ହୋଇ ନାମକୁ ମାତ୍ର ସେ ରହିଛି । ତା'ର ଆତ୍ମା ଷଟଚକ୍ର ଭେଦକରି ସପ୍ତମରୁ ଅଷ୍ଟମ – ନବମ ଦେଇ ଶୂନ୍ୟ ମହାଶୂନ୍ୟରେ ବିଚରଣ କରୁଛି । ଏ ଅବସ୍ଥାରେ ସ୍ପର୍ଶ କରିବା ସହଜ ନୁହେଁ । ସେ ଦୁଇଜଣ ସାଧକ ସାଧିକାଙ୍କୁ କେନ୍ଦ୍ର କରି ଚତୁର୍ଦ୍ଦିଗରେ ଚାରିଜଣ ସାଧକ ସଦା ଜାଗ୍ରତ ଅଛନ୍ତି । ଉପରେ ଶୁକ-ଶାରୀ ମୋର ଆଗମନ ସମ୍ବାଦକୁ ଜାଣି ରହିଥିବା ସାଧକଙ୍କୁ ଜଣାଇ ଦେବା ମାତ୍ରେ ସେମାନେ ପାଲଟା ମନ୍ତ୍ର ପ୍ରୟୋଗ କରି ମୋର ଗତିପଥକୁ ସମ୍ପୂର୍ଣ୍ଣ ରୂପେ ପ୍ରତିହତ କରାଇ ଯେଉଁମାନେ ପେଷଣ କରିଛନ୍ତି ତାଙ୍କୁ ହିଁ କବଳିତ କରିବାକୁ ଆଦେଶ ଦେଇଛନ୍ତି । ତେଣୁ ମୋର ତୁମମାନଙ୍କୁ କବଳିତ କରିବା ଛଡ଼ା ଅନ୍ୟ ଗତିନାହିଁ ।

ପେଷଣର କଥା ଶୁଣି ବିସ୍ମିତ ହେଲେ ଶୈବ ତନ୍ତ୍ର ସାଧକମାନେ । ସେମାନେ ବଡ଼ ପାଟିରେ କହିଲେ କାହିଁକି ତୁମେ ତା'ର ମେଣ୍ଢାଗୁଡ଼ିକୁ କବଳିତ କଲନାହିଁ ?

ସେଠାରେ କୌଣସି ମେଣ୍ଢା ନାହାନ୍ତି . ଯେଉଁମାନେ ଦିନରେ ମେଣ୍ଢା ରୂପ ଧରିଥିଲେ, ସେମାନେ ଜଣେ ଜଣେ ସିଦ୍ଧ ସାଧକ । ମାଳୁଣୀ ଲୋକମାନଙ୍କୁ ଭୁଲାଇବାପାଇଁ ଦିନରେ ସେମାନଙ୍କୁ ମେଣ୍ଢା କରି ରାତିରେ ଭେଣ୍ଡା କରିଥାଏ । ଆନନ୍ଦ – ମହାନନ୍ଦ ପାଇଁ ସେମାନେ ଇନ୍ଦ୍ରିୟ ସୁଖ ମାର୍ଗରେ କୁଣ୍ଡଳିନୀକୁ ଜାଗ୍ରତ କରନ୍ତି । କୁଣ୍ଡଳିନୀ ଜାଗ୍ରତ ହୋଇ ଏକ ପରେ ଏକ ଚକ୍ର ମଧ୍ୟ ଦେଇ ଷଟଚକ୍ର ଭେଦ କରେ । ଶିବ ଶକ୍ତିଙ୍କ ଭଳି ସାଧକ ସାଧିକା ଶୂନ୍ୟ ଦେଇ ମହାଶୂନ୍ୟରେ ପ୍ରବେଶ କରି ଆନନ୍ଦରେ ବିଚରଣ କରନ୍ତି । ଏ ଭଳି ଅବସ୍ଥାରେ ତାଙ୍କୁ କିଏ ବା କବଳିତ କରିବ ?

ଶୈବାଚାର୍ଯ୍ୟମାନେ ମନ୍ତ୍ରଦ୍ୱାରା ପେଷଣଟିକୁ ନଷ୍ଟ କରି ଦେଇ ପାରି ଥାଆନ୍ତେ । ମାତ୍ର ସେମାନେ କ'ଣ କରିବେ ଏହି ଚିନ୍ତା କରୁ କରୁ ପେଷଣ ଶୂନ୍ୟରୁ ଅବତରଣ କରି ଆଚାର୍ଯ୍ୟମାନଙ୍କୁ ମୂକ କରିଦେଲେ । ଅବସର ପାଇଲେ ନାହିଁ ଆଚାର୍ଯ୍ୟମାନେ ସେହି ପେଷଣଟିକୁ କବଳିତ କରିବା ପାଇଁ ।

ଶୈବାଚାର୍ଯ୍ୟମାନେ ଯେତିକି ଶକ୍ତି ବିନିଯୋଗ କରି ମାଲ୍ୟାଣୀକୁ ମୂକ କରିବାପାଇଁ ମନ୍ତ୍ର ପ୍ରୟୋଗ କରିଥିଲେ, ତାହାଠାରୁ ଅଧିକ ଶକ୍ତି ପ୍ରୟୋଗ କରି ମାଲ୍ୟାଣୀର ଉଭର ସାଧକମାନେ ତାକୁ ଫେରାଇ ଦେଲେ । ତେଣୁ ପେଷଣଟି ପୂର୍ବଠାରୁ ଅଧିକ ତେଜ ବିସ୍ତାର କରି ଧାଇଁ ଆସିଲା । ତା' ତେଜରେ ଶୈବାଚାର୍ଯ୍ୟମାନେ ଅବସ୍ଥାନ କରିଥିବା ସ୍ଥାନଟି ଦିନଭଳି ଆଲୋକିତ ହୋଇଗଲା । ମାତ୍ର ଯେତେବେଳେ ସେ ଶୈବାଚାର୍ଯ୍ୟମାନଙ୍କୁ କବଳିତ କଲା ସେତେବେଳେ ତା'ର ସମସ୍ତ ଆଲୋକ ଲିଭିଯାଇ ସ୍ଥାନଟିକୁ କିଛି ସମୟପାଇଁ ଅନ୍ଧକାରରେ ପରିଣତ କରିଦେଲା । ସମସ୍ତଙ୍କୁ କବଳିତ କଲା ପରେ ସେଠାରେ ପଡ଼ି ରହିଲା ବୃଦ୍ଧା ବ୍ରହ୍ମ କପାଳଟି ।

ହାହାକାର ପଡିଗଲା ଶୈବ ସମ୍ପ୍ରଦାୟଙ୍କ ମଧ୍ୟରେ । ସେମାନଙ୍କ ମଧ୍ୟରେ ବହୁ ତନ୍ତ୍ର ସିଦ୍ଧ ସାଧକ ଥିଲେ । ସେମାନେ ସେମାନଙ୍କ ସାଧ୍ୟମତେ ଚେଷ୍ଟା କଲେ ଗୁରୁମାନଙ୍କୁ ମୂକ ଅବସ୍ଥାରୁ ଆରୋଗ୍ୟ କରିବାପାଇଁ ସେମାନେ ଏକ ସ୍ୱରରେ ଗାଇ ଉଠିଲେ ଶିବ ଗାୟତ୍ରି ସହିତ ଶିବମନ୍ତ୍ର—

ସଦ୍ୟୋଜାତଂ ପ୍ରପଦ୍ୟାମି ସଦ୍ୟୋଜାତାୟ ବୈ ନମଃ ।
ଭବେ ଭବେ ନାତି ଭବେ ଭଜସ୍ୱ ମାଂ । ଭବୋଦ୍
ଭବାୟ ନମଃ ॥

ବାମଦେବାୟ ନମଃ ଜ୍ୟେଷ୍ଠାୟ ନମଃ ଶ୍ରେଷ୍ଠାୟ ନମୋ ।
ରୁଦ୍ରାୟ ନମଃ କାଳାୟ ନମଃ କଳ ବିକରଣାୟ ନମୋ ।
ବଳ ବିକରଣାୟ ନମୋ ବଳାୟ ନମୋ ॥

ବଳ ପ୍ରମଥନାୟ ନମଃ ସର୍ବଭୂତ ଦମନାୟ ନମୋ
ମନୋନ୍ମନାୟ ନମଃ ॥

ଅଘୋରେ ଭ୍ୟୋଽଥ ଘୋରେଭ୍ୟୋ ଘୋର ଘୋରତରେଭଃ ।
ସର୍ବତଃ ସର୍ବ ସର୍ବେଭ୍ୟୋ ନମସ୍ତେ ଅସ୍ତୁ ରୁଦ୍ର ରୂପେଭ୍ୟଃ ॥

ତତ୍ ପୁରୁଷାୟ ବିଦ୍ମହେ ମହାଦେବାୟ ଧୀମହି ।
ତନ୍ନୋ ରୁଦ୍ରଃ ପ୍ରଚୋଦୟାତ୍ ॥

ଇଶାନଂ ସର୍ବବିଦ୍ୟାନାମୀଶ୍ୱରଃ ସର୍ବଭୂତାନଂ ବ୍ରହ୍ମଧି–
ପତିବ୍ରହ୍ମଣୋପତି ବ୍ରହ୍ମୋ ଶିବୋ ମେ ଅସ୍ତୁ ସଦା ଶିବୋମ୍ ॥

ଗାୟତ୍ରୀ ଜପି ଜପି ମନ୍ତ୍ର ପଢି ପଢି ଥକିଗଲେ ଶୈବ ତାନ୍ତ୍ରିକ ମାନେ । କୌଣସି ଫଳ ହେଲା ନାହିଁ । ସେମାନଙ୍କ ମନ୍ତ୍ର ପାଠର କିମ୍ବା ଗାୟତ୍ରୀ ଜପର । କେବଳ ସେହି ରାତିଟି ନୁହେଁ, ଦିନ ରାତିକରି ତିନି ଦିନ ଧରି ଶୈବଗଣ ବହୁ ଚେଷ୍ଟା କଲେ ଗୁରୁମାନଙ୍କୁ ଆରୋଗ୍ୟ କରିବାପାଇଁ । ମାତ୍ର ସବୁ ଚେଷ୍ଟା ନିଷ୍ଫଳରେ ପର୍ଯ୍ୟବେସିତ ହେଲା ।

ତିନି ଦିନ ଚେଷ୍ଟା କରି ଯେତେବେଳେ କୌଣସି ଫଳ ମିଳିଲା ନାହିଁ ସେତେବେଳେ ସେମାନେ ସ୍ଥିର କଲେ ମାଲୁଣୀ ବିରୁଦ୍ଧରେ ରାଜଦରବାରରେ ସେମାନେ ଅଭିଯୋଗ ଆଣିବେ, ଆମ୍ଭମାନଙ୍କ ଗୁରୁମାନଙ୍କୁ ମାଲୁଣୀ ମନ୍ତ୍ର ପ୍ରୟୋଗ କରି ମୂକ କରି ଦେଇଛି ।

ବିଳମ୍ବ ନ କରି ଶୈବମାନେ ଗଲେ ରାଜଦରବାରକୁ । ଉତ୍କଳ ଦେଶର ମହାରାଜା ସେମାନଙ୍କ ଅଭିଯୋଗ ଶୁଣି ବିସ୍ମିତ ହେଲେ । ସତେ କି ଆଶ୍ଚର୍ଯ୍ୟ କଥା ଗୋଟାଏ ମାଲ୍ୟାଣୀ ଯେ କି କେବଳ ଜଗନ୍ନାଥଙ୍କୁ ଫୁଲ ଯୋଗାଉଛି । ଛଡ଼ା ଆଉ କିଛି କରେ ନାହିଁ ସେ ପୁଣି ମନ୍ତ୍ର ପ୍ରୟୋଗ କରି ଶୈବାଚାର୍ଯ୍ୟମାନଙ୍କୁ ମୂକ କରିଦେଇଛି ।

ଶୈବାଚାର୍ଯ୍ୟ–ଯେଉଁମାନେ କି ତନ୍ତ୍ର ମନ୍ତ୍ରରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି ତାଙ୍କୁ ଗୋଟାଏ ମାଲୁଣୀ ........ । ମହାରାଜ କିଛି ଭାବି ପାରିଲେ ନାହିଁ ।

ଶୈବମାନେ କହିଲେ, ମହାରାଜ, ମାଲୁଣୀ କେବଳ ଯେ ଆମ୍ଭମାନଙ୍କ ଗୁରୁଙ୍କୁ ତନ୍ତ୍ର ପ୍ରୟୋଗ କରି ମୂକ କରି ଦେଇଛି ଏହା ନୁହେଁ, ପାଞ୍ଚଜଣ ଭେଣ୍ଡାଙ୍କୁ ମେଣ୍ଢା କରି ତା' ଘରେ ରଖିଛି । ଦିନରେ ସେ ସେମାନଙ୍କୁ ମେଣ୍ଢା କରୁଛି, ରାତି ହେଲା ମାତ୍ରେ ସେହି ମେଣ୍ଢାଙ୍କୁ ଭେଣ୍ଡା କରି ତାଙ୍କ ସହିତ ରତି ସୁଖରେ ମତ୍ତ ରହୁଛି । ଭେଣ୍ଡା-ଗୁଡ଼ିକ କେବଳ ତା' ସହିତ ରାତିରେ ଯୁକ୍ତ ହେବାପାଇଁ ଦିନରେ ମେଣ୍ଢା ହୋଇ ପଡ଼ି ରହିଛନ୍ତି ।

ଚମତ୍କୃତ ହେଲେ ଉତ୍କଳ ଦେଶର ମହାରାଜ ସେମାନଙ୍କ କଥା ଶୁଣି । ଯଦି ଏହାହିଁ ହେଉ ଥାଏ ତେବେ ଉପଯୁକ୍ତ ଶାସ୍ତି ଦିଆଯିବ ମାଲ୍ୟାଣୀକୁ ।

ଆଦେଶ ଦେଲେ ମହାରାଜ ଏଇ ମୁହୂର୍ତ୍ତରେ ମଲ୍ୟାଣୀର ଘର ଘେରାଉ କର ତା' ଘରୁ ଗୋଟିଏ ପିମ୍ପୁଡ଼ି ଛୁଆ ବି ବାହାରକୁ ଛାଡ଼ି ଦିଆଯିବ ନାହିଁ । ଯାହା ହେଉନା କାହିଁକି ମାଲ୍ୟାଣୀ ବିଷୟ ବିଚାର ହୋଇ ତାକୁ ଉପଯୁକ୍ତ ଶାସ୍ତି ଦିଆଯିବ ।

ରାଜାଦେଶରେ ସୈନ୍ୟମାନେ ଚାଲିଲେ ମାଲୁଣୀ ଘର ଘେରାଉ କରିବାପାଇଁ । ତା' ଘର ଭିତରେ ପଶିବା ଶକ୍ତି ତ କାହାରି ନାହିଁ । ଖାଲି ଘେରାଉ କରି ମାଲୁଣୀ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରାଯିବ । ସେ ମନ୍ଦିରରୁ ଫେରିବା ପରେ ରାଜାଦେଶ ଜଣାଇ ସେ ଆଉ ତା'ର ମେଣ୍ଢା ପ୍ରଭୃତିଙ୍କୁ ଧରି ଅଣାଯିବ ରାଜଦରବାରକୁ ।

ମାଲ୍ୟାଣୀର ଘରକୁ ସୈନ୍ୟମାନେ ଘେରିଯିବା ମାତ୍ରେ ଶୁକପକ୍ଷୀ ପଞ୍ଜୁରୀ ମଧ୍ୟରୁ ଶୂନ୍ୟକୁ ଉଡ଼ିଗଲା । ସେ ଶୂନ୍ୟେ ଶୂନ୍ୟେ ମାଲୁଣୀ ଯେଉଁଠାରେ ଫୁଲ ଧରି ବସିଛି ସେହିଠାକୁ । ଶୁକକୁ ଦେଖୁ ଦେଖୁ ମାଲୁଣୀ ଅନୁଚ୍ଚ ସ୍ୱରରେ କହିଲା, କ'ଣ ରାଜାଙ୍କ ସୈନ୍ୟମାନେ ମୋ ଘରକୁ ଘେରାଉ କରିଦେଇଛନ୍ତି ଏହି କଥା କହିବାକୁ ଆସିଛୁ ନା ? କିଛି ଭୟ ନାହିଁ । ଯାହାର ଇଷ୍ଟ ମହାପ୍ରଭୁ ଜଗନ୍ନାଥ ତା'ର କିଏ କଣ କରିବ ? ଏତେ ଦିନ ପର୍ଯ୍ୟନ୍ତ ସବୁ ଗୁପ୍ତରେ ଚାଲିଥିଲା -ଆଜି ସବୁ ପଦାରେ ପଡ଼ିଯିବ । ଯଦି ଜଗନ୍ନାଥଙ୍କର ଇଚ୍ଛା ସେହିଭଳି ହେବାପାଇଁ ତେବେ ମୁଁ କିଏ ତାକୁ ଅନ୍ୟଥା କରିବାପାଇଁ ।

ଅନ୍ୟ ଦିନଠାରୁ ଟିକିଏ ସହଜ ମାଲୁଣୀ ତା' ଫୁଲଟକ ଦେଉଁଙ୍କ ସେବାରେ ଲଗାଇ ଉଠିଲା ଯିବାକୁ । ମନ୍ଦିର ବେଢ଼ା ମଧ୍ୟରୁ ବାହାରକୁ ଯିବା ପୂର୍ବରୁ ମହାପ୍ରଭୁ ଜଗନ୍ନାଥଙ୍କୁ ପ୍ରଣାମ କରିବାପାଇଁ ଗଲା । ଶୂନ୍ୟର ପ୍ରତୀକ ଶ୍ରୀ ଜଗନ୍ନାଥଙ୍କ ଆଡ଼କୁ ମାଲୁଣୀ ଚାହିଁଦେଲା ମାତ୍ରେ ଦେଖିଲା. ଜଗନ୍ନାଥଙ୍କ ଗମ୍ଭୀର ବଦନ ମଣ୍ଡଳରେ ପ୍ରସନ୍ନତା ଭରି ରହିଛି । ତାଙ୍କ ବିମ୍ବୋଷ୍ଠ ଦେଇ ଆନନ୍ଦ ଝରି ପଡୁଛି । ସତେ ଯେପରି ସେ କହୁଛନ୍ତି, ଭଯ ନାହିଁ—ମୁଁ ତୋ ସଙ୍ଗେ ସଙ୍ଗେ ରହିଛି ।

ମାଲୁଣୀ ଜାଣେ ଶିବ ବୃହ, ବ୍ରହ୍ମା ବୃହ, ବିଷ୍ଣୁ ବୃହ ବୃହଙ୍କର ପ୍ରତିନିଧି ଶ୍ରୀ ଜଗନ୍ନାଥ । ମହାପ୍ରଭୁ ଜଗନ୍ନାଥ ବୃହର ପ୍ରତୀକ ଏକ ହୋଇ ବସିଛନ୍ତି । ସେ ପୁଣି ସୃଷ୍ଟିର ବିଭିନ୍ନ କ୍ରିୟାପାଇଁ ଏକରୁ ତ୍ରିରୁ ହୋଇ ଯାଉଛନ୍ତି । ସେ ସ୍ରଷ୍ଟା ଓ ପ୍ରଳୟକର୍ତ୍ତା—ଏକ ବ୍ରହ୍ମ । ଏକଥା ଶୈବମାନେ ଜାଣି ମଧ୍ୟ ଜାଣି ପାରୁ ନାହାନ୍ତି । ଅହମିକା ସେମାନଙ୍କୁ ଗ୍ରାସ କରିଛି ।

ମାଲୁଣୀ ମନ୍ଦିର ମଧ୍ୟରୁ ବାହାରକୁ ବାହାରି ଆସିଲା । ସେ ପର୍ଯ୍ୟନ୍ତ ଶାଗି ଆସିନାହିଁ କୌଣସି ସମ୍ବାଦ ଦେବାକୁ । ତାହାହେଲେ କେବଳ ସୈନ୍ୟମାନେ ତାହାର ଘରକୁ ଯାହା ଘେରି ରହିଛନ୍ତି । ଭିତରକୁ କେହି ପଶିବାକୁ ଚେଷ୍ଟା କରିନାହିଁ । ସେ ଅନାଇଲା ଆକାଶକୁ । ଆକାଶରେ ବାୟସ, ଶଂଖଚିଲ, ଭଦଭଦଳିଆ ଉଡୁଛନ୍ତି । କୌଣସି ବିପଦର ଚିହ୍ନ ତାଙ୍କ ଉଡ଼ିବାରୁ ଜଣା ଯାଉନାହିଁ ।

ମନେ ମନେ ସେ ଭାବିଲା ମେଣ୍ଢାଗୁଡ଼ିକୁ ସେ କ'ଣ ତନ୍ତ୍ର ପ୍ରୟୋଗ କରି ଶୂନ୍ୟ କରିଦେବ ? ତା' ନ ହେଲେ ହୁଏତ ତାକୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ି ପାରେ । ମହାରାଜ କ'ଣ ବୁଝିବେ, ଲୋକମାନେ କ'ଣ ଜାଣିବେ ବଜ୍ରଯାନ ସାଧନାରେ ସାଧକ ସାଧିକା ଏକ ହୋଇ ମହାନନ୍ଦ ଉତ୍ପନ୍ନ କରାଇ କୁଣ୍ଡଳିନୀକୁ ଜାଗ୍ରତ କରାନ୍ତି ।

ସେ ଅନାଇଲା ଆକାଶକୁ । ଆକାଶରେ ଉଡୁଥିବା ପକ୍ଷୀମାନେ ଏକ ସ୍ୱରରେ ଚିତ୍କାର କରି ଉଠିଲେ, ନା, ନା, ନା ।

ତାହାହେଲେ ଆଉ ଭୟ କାହାକୁ ? ଜଗନ୍ନାଥଙ୍କର ଯେତେବେଳେ ଇଚ୍ଛା ତାଙ୍କର ଗୁପ୍ତ ସାଧନା କଥା ପ୍ରକାଶ କରି ଦେବାକୁ ସେତେବେଳେ ସେ କୁଣ୍ଠିତ ହେବ କାହିଁକି । ମହାରାଜ ବୁଝନ୍ତୁ, ଲୋକମାନେ ମଧ୍ୟ ବୁଝନ୍ତୁ ଶୂନ୍ୟର ପ୍ରତୀକ ଜଗନ୍ନାଥଙ୍କର ଗୋଟାଏ ସାଧନା ଅଛି । ସେହି ସାଧନାରେ କୃତକାର୍ଯ୍ୟ ହେଲେ, ସାଧକ ଇହ-ପର ଜନ୍ମରୁ ମୁକ୍ତିପାଇ ନିର୍ବାଣ ପାଇବ ଅର୍ଥାତ୍ ପରବ୍ରହ୍ମଙ୍କ ସହିତ ମିଶି ଏକ ହୋଇଯିବ ।

ମାଲୁଣୀର ମନ ଅସ୍ଥିର ହୋଇ ପଡୁଥାଏ । କିପରି ଶାସ୍ତ୍ର ଘରେ ପହଞ୍ଚି ସବୁ ବାଧାର ସମ୍ମୁଖୀନ ହେବାକୁ ତା'ର ପ୍ରବଳ ଇଚ୍ଛା ହେଉଥାଏ । ସେ ନିଜକୁ ନିଜେ କହିଲା, ସ୍ଥିର ହୁଅ ଜ୍ଞାନ ଦେଇ । ତୁ ଜ୍ଞାନ ପ୍ରସାର କରିବୁ ବୋଲି, ଗୁରୁ ତୋତେ ଜ୍ଞାନ ଦେଇ ନାମ ଦେଇଛନ୍ତି । ଜ୍ଞାନୀ ମାନେ କ'ଣ କୌଣସିରେ ବିଚଳିତ ହୁଅନ୍ତି ? ସିଦ୍ଧି ଯାହାର କରାୟତ—ଶୂନ୍ୟ, ମହାଶୂନ୍ୟ ଯାହା ସମ୍ମୁଖରେ ବାହୁ ବିସ୍ତାର କରି ବସି ରହିଛି ସେ ପୁଣି ବିଚଳିତ ହେବ କ'ଣ ପାଇଁ ? ତାହାହେଲେ ଏବେବି କ'ଣ ଜ୍ଞାନ ଦେଇ ତୁ ସାଧନାର ନିମ୍ନ ସ୍ତରରେ ପଡ଼ି ରହିଛୁ ? ସାଧାରଣ ଲୋକଙ୍କ ଭଳି ଲଜ୍ଜା, ଘୃଣା, ଅପମାନ ଭୟ ତୋତେ କବଳିତ କରିଛି । ତାହା ହେଲେ ତୁ ବିକାରଗ୍ରସ୍ତ । ବିକାରଗ୍ରସ୍ତ କ'ଣ ଇଷ୍ଟ ପ୍ରାପ୍ତି ହୁଏ ?

ଜ୍ଞାନ ଦେଇ ! ସିଦ୍ଧ ସାଧକମାନଙ୍କୁ ତୁ ମେଣ୍ଢା କରିଦେଇଛୁ, କାହିଁକି ? ତୁ ଭଲ ରୂପେ ଜାଣିଛୁ ତା' ନ ହେଲେ ଲୋକମାନେ ତୋତେ ଭିନ୍ନ ଚକ୍ଷୁରେ ଦେଖିବେ । ଦୁଧର ଘନୀଭୂତ ରୂପ ଗାବିଡ଼ି । ଦୁଧରେ ଯେଉଁ ଶିଶୁ ଜୀବନ ଧାରଣ କରେ, ସେ କ'ଣ ଗାବିଡ଼ି ଖାଇ ହଜମ କରି ପାରିବ ? ତାହାହେଲେ ତୁ ଏତେ ବ୍ୟସ୍ତ କାହିଁକି— ବିବ୍ରତ କାହିଁକି ?

ଭଦ୍ର ଦେଶର ମହାରାଜାଙ୍କ ଦରବାରତ ? ବଜ୍ର-ଯାନ ଯାହାର ଅସ୍ଥି ମଜ୍ଜାଗତ । ଯାହାର ଦେବତାଙ୍କ ରଥରେ ଡାହୁକ ବଜ୍ରବାଣୀ ନ ବୋଲିଲେ ରଥ ଗଡ଼େ ନାହିଁ । ଯେଉଁ ଦେଶର ଲଳନା ବଜ୍ରକୁ ସହଜ କରି ଭାଇ ସହିତ ସାଧନାରେ ନିଜକୁ ହଜାଇ ଦେଲାବେଳେ ଶାସ୍ତ୍ରକାର ଗାଇ ଉଠନ୍ତି 'ଭଗିନୀ ସ୍ତ୍ରୀ ପ୍ରବର୍ତ୍ତିକା' ସେ ଦେଶର ରାଜ ସଭାକୁ ଏତେ ଡ଼ର କାହିଁକି ?

ସେ ବିଗଳିତ ହୃଦୟ ନେଇ କହି ଉଠିଲା, ନା ସେ ଭୟ କରୁ ନାହିଁ । ଜଗତର ନାଥ ଜଗନ୍ନାଥ ଯାହାର ଆରାଧ୍ୟ ସେ ପୁଣି ଭୟ କରିବ କାହାକୁ, ତା'ର ମହାପ୍ରଭୁ କ'ଣ ତା' ସହିତ ନାହାନ୍ତି ଯେ ସେ ନିଜକୁ ଏକୁଟିଆ ମନେ କରିବ ?


ହଠାତ୍ ସେ ଦେଖିଲା ତାହାରି କଡ଼ ଦେଇ କିଏ ଜଣେ ତାହାରି ଚାଲି ସହିତ ଚାଲି ମିଶାଇ ଚାଲିଛନ୍ତି ସେ କେତେବେଳୁ ତା' ସହିତ ଚାଲିଛନ୍ତି ତାହା ସେ ଅନ୍ୟମନସ୍କ ଥିବାରୁ ଜାଣି ପାରିନାହିଁ ।

ବାଷ୍ପାକୁଳ ତା'ର ସେ ଆଖି ଦୁଇଟିକୁ ଟିକିଏ ପୋଛି ସେ ଭଲ କରି ଅନାଇଲା ତା' କଡ଼ରେ ଚାଲୁଥିବା ବ୍ୟକ୍ତିକୁ । ହଠାତ୍ ତାଙ୍କ ମୁହଁକୁ ଦେଖି ସେ ବିସ୍ମିତ ହୋଇଗଲା— ଆରେ ଏ ଯେ ତା'ର ଆରାଧ୍ୟ ଜଗନ୍ନାଥ ! ତା'ର ବିପଦ ସମୟରେ ତାକୁ ସହାୟ ହେବାପାଇଁ ସେ ଚାଲିଛନ୍ତି ତା' ସହିତ ସାଧାରଣ ବ୍ୟକ୍ତି ଭଳି ।

ମନର ସବୁ ଚିନ୍ତାକୁ ଦୂରକୁ ଠେଲି ସେହିଠାରେ ଲମ୍ବ ହୋଇ ପ୍ରଣିପାତ କଲା ତା'ର ଇଷ୍ଟ ଜଗନ୍ନାଥଙ୍କୁ ତା'ର ଦୁଃଖ ସବୁ ଜଗନ୍ନାଥଙ୍କ ଦର୍ଶନରେ ତରଳିଯାଇ ଲୁହ ରୂପେ ଆଖିରୁ ବୋହି ପଡୁଥାଏ । ସେ ଶୁଣିଲା ତା'ର ଇଷ୍ଟ ଜଗନ୍ନାଥ ଜଳଦ ଗମ୍ଭୀର ସ୍ୱରରେ କହୁଛନ୍ତି, ଜ୍ଞାନ ଦେଇ ! ନିରାକାର ଶୂନ୍ୟ ହେଲେ ମଧ୍ୟ ଭକ୍ତପାଇଁ ସାକାର ରୂପରେ ଆବିର୍ଭୂତ ହୋଇଥାଏ । ମୁଁ ଶୂନ୍ୟରେ ଶୂନ୍ୟ ହୋଇ ରାଜ ଦରବାରକୁ ଯିବି । ସମସ୍ତ ପରୀକ୍ଷାରେ ତୁ ଉତ୍ତୀର୍ଣ୍ଣ ହେବୁ । ଏ ବିଶ୍ୱରେ କାହାରି ଶକ୍ତି ନାହିଁ ମୋ ଭକ୍ତକୁ ଦଣ୍ଡ ଦେଇ ପାରିବ । ଏଥର ନିର୍ଭୟ ଚିତ୍ତରେ ତୁ ଉଠିଯାଇ ।


ମହାପ୍ରଭୁଙ୍କର ଆଦେଶ । ସେ ତଳୁ ନିଜକୁ ଉଠାଇ ଅନାଇଲା, ଯେଉଁଠାରେ ମହାପ୍ରଭୁ ଛିଡ଼ା ହୋଇଥିଲେ ସେ ଆଡ଼କୁ । ଆଉ ସେ ସେଠାରେ ଜଗନ୍ନାଥଙ୍କୁ ଦେଖି ପାରିଲା ନାହିଁ । ସେ ତାର ଲୋତକ ଝରା ଆଖିକୁ ପୋଛି ଭଲ କରି ଟିକିଏ ଚାହିଁ ଦେଖିଲା ଶୂନ୍ୟ ପୁରୁଷ ଶୂନ୍ୟରେ ମିଶି ଶୂନ୍ୟ ହୋଇ ଯାଇଛନ୍ତି । ଶୂନ୍ୟରେ ବାଜି ଉଠୁଛି ଘଣ୍ଟ–ଘଣ୍ଟା–ଭେରୀ ତୂରୀ–ଶଂଖ– ମର୍ଦ୍ଦଳାଦି ବିଭିନ୍ନ ବାଦ୍ୟ । ସେହି ବାଦ୍ୟରୋଳ ତା ମଧ୍ୟରେ ଏକ ଅପୂର୍ବ ଉତ୍ତେଜନା ସୃଷ୍ଟି କଲା । ତାର ଭାରି ପାଦ ଦୁଇଟି ହୋଇ ଉଠିଲା ଚଞ୍ଚଳ ।

ସେ ଧାଇଁ ଚାଲିଲା ତା ଘର ଆଡ଼େ–ଯେଉଁଠି ସେ ସାଧକମାନଙ୍କୁ ମେଣ୍ଢା କରି ରଖିଛି ଏବଂ ସେହି ସତ୍ୟ ଜାଣିବା ପାଇଁ ଉତ୍କଳ ଦେଶର ମହାରାଜ ତା ଘରକୁ ସୈନ୍ୟମାନଙ୍କ ଦ୍ୱାରା ଘେରାଉ କରି ରଖିଛନ୍ତି ।



ଅପାଣି ପାଦୋ ଜବନୋ ଗ୍ରହୀତା
ପଶ୍ୟତ୍ୟଚକ୍ଷୁଃ ସ ଶୃଣୋତ୍ୟକର୍ଣ୍ଣଃ
ସ ବେତ୍ତି ବେଦ୍ୟମ ନ ଚ ତସ୍ୟାସ୍ତି ବେତ୍ତା
ତମାହୁରଗ୍ର୍ୟମ ପୁରୁଷଂ ମହାନ୍ତମ୍ ।

# ସର୍ବମାଙ୍ଗଳିକ ଜଗନ୍ନାଥ



ନରହର ଉପାଧ୍ୟାୟ

ସ୍ଥାବରଜଙ୍ଗମାତ୍ମକ [illegible] ଜଗତର ନାଥ ଜଗନ୍ନାଥ । ନାମଟି ଶୁଣିବାକୁ [illegible] ଶ୍ରୁତିମଧୁର ସେହିପରି ଭାବଦ୍ୟୋତକ, [illegible] ବ୍ୟଞ୍ଜନା ବଡ଼ ଗହନ । ତାଙ୍କର ଅପରିସୀମ ମହିମା ବ୍ୟକ୍ତ କରିବାକୁ ମନୁଷ୍ୟର କି ଶକ୍ତି [illegible] ପରମବ୍ରହ୍ମସ୍ୱରୂପ ଦେବଦେବ ଅନନ୍ତ ପୁରୁଷୋତ୍ତମଙ୍କୁ [illegible] ଅଶେଷ ନାମ ଦ୍ୱାରା ସ୍ତୁତି କରାଯାଏ । ବିଷ୍ଣୁ-[illegible] ହରିନାମସ୍ମରଣାଦି [illegible] [illegible] ଗୁଣସମ୍ପନ୍ନ କାର୍ଯ୍ୟବିଶେଷରେ ଭଗବାନ [illegible] ନାମାତ୍ମା ବିଶେଷଭାବେ [illegible] [illegible] [illegible] [illegible] ଏପରି ନାମ ଗହନ ମଧ୍ୟରୁ [illegible] ସେପରେ [illegible] କରିଯାଏ, [illegible] କେଉଁ ଉଚିତ୍ [illegible] [illegible] ବୋଧର ଅବକାଶ । [illegible] ପାଇଁ ଭଗବନ୍ ନାମ କୀର୍ତ୍ତନ ବିଷୟରେ [illegible] ସର୍ବଗ୍ରାହ୍ୟ ସର୍ବାନୁମୋଦନୀୟ [illegible] [illegible] କରିଛନ୍ତି—

"ସର୍ବାର୍ଥଶକ୍ତିଯୁକ୍ତସ୍ୟ [illegible] ଦେବସ୍ୟ ଚକ୍ରିଣଃ
ଯଚ୍ଚାଭିରୁଚିତଂ ନାମ [illegible] ସର୍ବାର୍ଥେଷୁ ଯୋଜୟେତ" ।

ମହାଭାରତର [illegible] ବ୍ୟାଖ୍ୟାନ [illegible] ମନସ୍ତତ୍ତ୍ୱାତ୍ମକ ସୁଦର୍ଶନ ଚକ୍ର [illegible] ଭଗବାନଙ୍କର ଅନ୍ୟତମ ଶୌର୍ଯ୍ୟ-ସୂଚକ ନାମ [illegible] । ସୁତରାଂ ଉକ୍ତ ନିର୍ଦ୍ଦେଶନାର ତାତ୍ପର୍ଯ୍ୟ [illegible], ଲୋକପ୍ରଧାନ ସେହି ଚକ୍ରପାଣି ବିଷ୍ଣୁଙ୍କର ପାପହାରକ ସହସ୍ର ନାମ ମଧ୍ୟରୁ, ଯେଉଁ ନାମରେ ଯାହାର ଅଭିରୁଚି, ସକଳ ଅଭିପ୍ରାୟ ସିଦ୍ଧି ଲାଗି ସେ ସେହି ନାମଟି କୀର୍ତ୍ତନ କରୁ । [illegible] ପର୍ଯ୍ୟାୟରୁ ଖୋଜି ଖୋଜି ଆମେ ଯେଉଁ ଜନପ୍ରିୟ 'ଜଗନ୍ନାଥ' ନାମଟି ପାଉ ତାହାହିଁ ସର୍ବାର୍ଥଶକ୍ତି ସଂପନ୍ନ ଏବଂ ତା'ର ସର୍ବାକର୍ଷଣୀ ପ୍ରଭାବର ବିଶ୍ୱବ୍ୟାପକତା କ୍ଷେତ୍ରେ କ୍ଷେତ୍ରେ ସ୍ପଷ୍ଟ ପ୍ରତିୟମାନ ହୁଏ । ସ୍କନ୍ଦ ପୁରାଣର—"ଆବିଶ୍ୟ ସର୍ବାଃ [illegible] ସ୍ୱେସୁ ନାମସୁ"—ଉକ୍ତିରେ ଏହାର ତାତ୍ପର୍ଯ୍ୟ ନିହିତ । ଗୀତା ବାକ୍ୟରେ—'ସର୍ବମିତି'; ବେଦୋକ୍ତିରେ—ଏକୋ [illegible] ।

ଜଗନ୍ନାଥଙ୍କର ସର୍ବଶକ୍ତିମତ୍ତା ପ୍ରମାଣ କରି କୁହାଯାଏ, ଦାନ, ପୂଜା, ବ୍ରତ, ତପସ୍ୟା ଓ ତୀର୍ଥାଟନ ଦ୍ୱାରା ଯେଉଁ ପାପନିଚୟ ଦୂରୀଭୂତ ହୁଏ, ଦେବାରାଧନା ଓ ସାଧୁସଙ୍ଗ ଦ୍ୱାରା ଯେଉଁ ସବୁ ଦୁଷ୍କୃତି କ୍ଷାଳିତ ହୁଏ, ରାଜସୂୟ ଓ ଅଶ୍ୱମେଧାଦି ବୃହିକର୍ମାନୁଷ୍ଠାନ ଦ୍ୱାରା ଯେଉଁ ସବୁ ଫଳ ଲାଭ କରାଯାଏ, ମଙ୍ଗଳବିଧାତା ଜଗନ୍ନାଥ ସେ ସକଳ ମଙ୍ଗଳଦାୟିନୀଶକ୍ତି [illegible]କର୍ଷଣପୂର୍ବକ ନିଜର ନାମକୁ ପ୍ରତିଷ୍ଠିତ କରିଛନ୍ତି । ସେହି ନାମୋଚ୍ଚାରଣ ରୂପ ବାତ୍ୟା ବେଗରେ ସମସ୍ତ ପାପରାଶି ଉଡ଼ିଚାଲିଯାଏ; ସମସ୍ତ ବିଘ୍ନ ଖଣ୍ଡନ ହୁଏ । ତେଣୁ ଶାସ୍ତ୍ରୋକ୍ତିରେ ସେ ବୃଜିନଘ୍ନ ଓ ବିଘ୍ନଘ୍ନ ! ସକଳ ମଙ୍ଗଳାନୁଷ୍ଠାନର ଫଳ ଏହା ଜଗନ୍ନାଥ ନାମରେ ହିଁ ନିହିତ । ବ୍ରହ୍ମାଣ୍ଡ ପୁରାଣରେ ଯେଉଁ ମୁଖ୍ୟ ନାମଚତୁଷ୍ଟୟ ଭଗବଦ୍‌ବନ୍ଦ୍ୟତା ପ୍ରତିପନ୍ନ କରାଯାଇଛି, ସେଥିମଧ୍ୟରେ ଜଗନ୍ନାଥନାମ ଅନ୍ୟତମ—

"ନାରାୟଣ ଜଗନ୍ନାଥ ବାସୁଦେବ ଜନାର୍ଦ୍ଦନ
ଇତୀରୟନ୍ତି ଯେ ନିତ୍ୟଂ ତେବୈ ସର୍ବତ୍ର ବନ୍ଦିତାଃ" ।

[illegible] ନାମଟି ଅତ୍ୟନ୍ତ ଶ୍ରବଣମଙ୍ଗଳ ଓ [illegible] ଏହି ନାମଟିର ବୈଶିଷ୍ଟ୍ୟ ହେଉଛି, [illegible] ଭକ୍ତ [illegible] ଜାତି-ଧର୍ମ-ବର୍ଣ୍ଣ-ଭେଦ-[illegible] ଭାବ ଉପଲବ୍ଧି । ସମଗ୍ର ବିଶ୍ୱସଂସ୍କୃତି ଓ ବିଶ୍ୱାସର ପରିପ୍ରକାଶ ଓ ପରିପୂର୍ଣ୍ଣତା କେବଳ ଜଗନ୍ନାଥଙ୍କ ଠାରେ ସ୍ପଷ୍ଟ ଉପଲବ୍ଧ ହୁଏ । ଏହି ନାମର ପରମାତ୍ମକ ତତ୍ତ୍ୱ ବ୍ୟାଖ୍ୟାନ କରି ସ୍କନ୍ଦ ପୁରାଣ—ପ୍ରଭାସ ଖଣ୍ଡ କହନ୍ତି—

"ମଧୁର ମଧୁରମେତନ୍ମଙ୍ଗଳଂ ମଙ୍ଗଳାନାଂ
ସକଳ ନିଗମବଲ୍ଲୀ ସତ୍‌ଫଳ- ଚିତ୍‌ସ୍ୱରୂପଂ" ....ଇତ୍ୟାଦି

ଏଠାରେ ନିଖିଳନିଗମବଲ୍ଲୀଜାତ ଯେଉଁ ଚୈତନ୍ୟ-ସ୍ୱରୂପ ସୁନ୍ଦର ସତ୍‌ଫଳର ସନ୍ଧାନ ଦିଆଯାଇଛି, ତାହା ହିଁ ମଧୁର ଭଗବନ୍ନାମ ସମୂହ ମଧ୍ୟରେ ମଧୁର, ସର୍ବମଙ୍ଗଳ ମାଙ୍ଗଳ୍ୟ ସେହି ଜଗନ୍ନାଥ ନାମ । ଭକ୍ତମାନଙ୍କଠାରୁ ଉତ୍କୃଷ୍ଟତର ମଙ୍ଗଳସ୍ୱରୂପ ଧାରଣ କରିବାରୁ ସେ ପରମ ମଙ୍ଗଳ । ଆମର ଓଡ଼ିଆ ଭାଗବତକାର ଯଥାର୍ଥରେ ଗାଇଛନ୍ତି—

"ଯା ନାମ ପରମ ମଙ୍ଗଳ ଦୁରିତ ବନେ ଦାବାନଳ
(ଭାଗ: ୮/୧)

ପୁନଶ୍ଚ: "ସର୍ବମଙ୍ଗଳ ତୋର ନାମ ରୂପ ଅରୂପ ସର୍ବକର୍ମ
(ଭାଗ: ୮/୧୬)

ସେଥିପାଇଁ ଯେ କୌଣସି ଶୁଭକର୍ମାରମ୍ଭରେ ମଙ୍ଗଳମୟ ପୁରୁଷୋତ୍ତମଙ୍କୁ ସ୍ମରଣ କରି ସଂକଳ୍ପ ବାକ୍ୟ ଉଚ୍ଚାରଣ କରାଯାଏ—

"ସ୍ମୃତେ ସକଳ କଲ୍ୟାଣଭାଜନଂ ଯତ୍ରଜାୟତେ
ପୁରୁଷଂ ତମଜଂ ନିତ୍ୟଂ ବ୍ରଜାମି ଶରଣଂ ହରିଂ" ।

ତାତ୍ପର୍ଯ୍ୟ ହେଲା, ଯାହାଙ୍କୁ ସ୍ମରଣ କରିବା ମାତ୍ରେ ଜୀବ ସକଳ କଲ୍ୟାଣଲାଭର ଯୋଗ୍ୟ ହୁଏ, ସେହି ପ୍ରାକୃତଜନ୍ମରହିତ, ଅଜ ଓ ନିତ୍ୟସ୍ୱରୂପ ଜଗନ୍ନାଥ ହରି ଏକମାତ୍ର ସର୍ବବରେଣ୍ୟ........ସର୍ବ ଶରଣ୍ୟ । ରୋଗ, ଦୁଃଖ, ମୋହ, ଦୁର୍ଗତି ବିମୋଚନ ପାଇଁ ଜଗନ୍ନାଥଙ୍କ ନାମ ସତତ ସ୍ମରଣୀୟ । ପଦ୍ମପୁରାଣ ବାକ୍ୟରେ—

"ଯସ୍ୟ ସ୍ମରଣ ମାତ୍ରେଣ ନ ମୋହା ନ ଚ ଦୁର୍ଗତିଃ
ନ ରୋଗୋ ନ ଚ ଦୁଃଖାନି ତମନନ୍ତଂ ନମାମ୍ୟହଂ"

ଶ୍ରୀମଦ୍ ଭାଗବତରେ ସେ 'ସୁଭଦ୍ରଶ୍ରବାଃ', ଅର୍ଥାତ୍ ସୁମଙ୍ଗଳ ଯଶା । ତେଣୁ ତାଙ୍କୁ --"ତସ୍ମୈ ସୁଭଦ୍ରଶ୍ରବସେ ନମୋ ନମଃ" --ବୋଲି ସ୍ତୁତି କରାଯାଏ । ଏମନ୍ତ ଯେ ସର୍ବମଙ୍ଗଳକାରୀ ଜଗନ୍ନାଥ, ସେ ହୃଦୟସ୍ଥ ହେଲେ ଲାଭ ଓ ଜୟ ଭିନ୍ନ ଗ୍ଳାନି ଓ ପରାଜୟର ପ୍ରଶ୍ନ ଉଠେ ନାହିଁ--

"ଲାଭସ୍ତେଷାଂ ଜୟସ୍ତେଷାଂ କୁତସ୍ତେଷାଂ ପରାଭବଂ") ।
(ପାଣ୍ଡବ ଗୀତ)

ସୁତରାଂ ପୃଷ୍ଠଭୂମି ରୂପେ ପ୍ରଦର୍ଶିତ ଶାସ୍ତ୍ର ପ୍ରମାଣ-ଭିତ୍ତିକ ଜଗନ୍ନାଥଙ୍କର ସର୍ବମଙ୍ଗଳକାରିତ୍ୱ କିପରି ଭାବେ ଓଡ଼ିଶାର ଜନଜୀବନକୁ ସର୍ବତୋଭାବେ ପ୍ରଭାବିତ କରି ଦୃଢ଼ଭିତ୍ତିକ ଐତିହ୍ୟ ପରମ୍ପରା ସୃଷ୍ଟି କରିଛି, ତା'ର ଯତ୍କିଞ୍ଚିତ୍ ଆଲୋଚନା କରାଯାଉ ।

ଆଧ୍ୟାତ୍ମିକ ମନୋବଳ ଜୀବନଯାତ୍ରାରେ ଏକମାତ୍ର ପାଥେୟ । ଜୀବାତ୍ମା ଓ ପରମାତ୍ମାର ସମ୍ବନ୍ଧାନୁଭୂତିରୁ ଏହି ମନୋବଳର ଉଦ୍ଭବ । ଜଗନ୍ନାଥଙ୍କୁ କେନ୍ଦ୍ର କରି ସମସ୍ତ ଆଧ୍ୟାତ୍ମିକ ପରମ୍ପରା ପରିପୁଷ୍ଟ । 'ଅନାଥ ଲୋକଙ୍କର ନାଥ ଜଗନ୍ନାଥ'—ଏହି ପଦକ ହିଁ ସକଳ ଆଶାଭରସାର ସ୍ଥଳ, ତାଙ୍କରି ସର୍ବମଙ୍ଗଳମୟତ୍ୱରେ ଆମ ପାଇଁ ଅପାର ପ୍ରେରଣାର ଉତ୍ସ ନିହିତ । ଭାଗବତକାର କହନ୍ତି—"କୃଷ୍ଣଙ୍କ ଇଚ୍ଛା ଯା'ର ମନେ
ସେ ତୋତେ ଚିନ୍ତେ ନିତ୍ୟେ ଧ୍ୟାନେ" ।

ଆମ୍ଭେ ବସ୍ତୁତଃ ଗୋଟିଏ ପରମ୍ପରାପ୍ରବଣ ଜାତି । ଆମର ଜନସାଧାରଣ ପିତୃପିତାମହଙ୍କର ଅନୁସୃତ ପନ୍ଥା, ଆଚରିତ ଧର୍ମ, ସାମାଜିକ ଶୃଙ୍ଖଳା, କୌଳିକ ବୃତ୍ତିବିଧାନ ଏବଂ ଜାତୀୟ ସଂସ୍କୃତି ଐତିହ୍ୟର ବିଶ୍ୱସ୍ତ ଅନୁଚର । ବିଧିବଦ୍ଧତା ଦୃଷ୍ଟିରୁ ବାହୁଲ୍ୟ ନ କରି କୁହାଯାଇପାରେ, ଏକ ଶୃଙ୍ଖଳିତ ଓ ସୁନିୟନ୍ତ୍ରିତ ଗତିରେ ପ୍ରବାହିତ ଆମ୍ଭର ଜୀବନଧାରା । ଦୁର୍ଭାଗ୍ୟବଶତଃ ଅନ୍ଧ-ବିଶ୍ୱାସ ନାମରେ ଆମ ପରମ୍ପରାର ବହୁ ଚଳଣି ଏବେ ହୁଏତ ଲୋପ ପାଇଗଲଣି, ଆଉ କେତେକ ଲୋପ ପାଇଯିବା ସ୍ଥପରେ । କେତେକ ନାଁକୁ ମାତ୍ର ବଞ୍ଚି ରହିଛି । ଏହି ବିଲୁପ୍ତିକରଣ ପ୍ରକ୍ରିୟାକୁ ଲକ୍ଷ୍ୟ କରି ସହୃଦୟ ବ୍ୟକ୍ତିବିଶେଷ, କର୍ପୂର ଉଡ଼ିଯାଇ କନା ମାତ୍ର ପଡ଼ି ରହିଛି---ବୋଲି ମନ୍ତବ୍ୟ କରିଥାନ୍ତି । ସାଧାରଣ ବିଚାରରେ ଏଥିରେ ଦ୍ୱିରୁକ୍ତିର ଅବକାଶ ଥାଇ ନ ପାରେ । ତଥାପି ଏପରି ଚରମ ନୈରାଶ୍ୟବାଦକୁ ଏକାବେଳେ ଗ୍ରହଣ କରିନେବାର ଔଚିତ୍ୟ ସହସ୍ରବାର ବିଚାର୍ଯ୍ୟ । ଶତାବ୍ଦୀ ଶତାବ୍ଦୀ ଧରି ଆମର ଯେଉଁ ଜଗନ୍ନାଥକେନ୍ଦ୍ରିକ ସଂସ୍କୃତି ଚେତନା ଗଢ଼ି ଉଠିଛି, ତା ଭିତରେ କନା କର୍ପୂର ଉଭୟର ଯଥା ତଥା ସ୍ଥିତି ବହୁ କ୍ଷେତ୍ରରେ ଅକ୍ଷୁନ୍ନ ରହିଥିବା ଅତି ଦୃଢ଼ ଭାବରେ କୁହାଯାଇପାରେ, ଯୁକ୍ତିର ସାକା-ସାର ପ୍ରତିପାଦନ ପାଇଁ ବ୍ୟକ୍ତିଗତ ଜୀବନରେ ଆମର ନିତିଦିନିଆ ଚଳଣି, ସାମାଜିକ ଜୀବନରେ ବିବିଧ କାର୍ଯ୍ୟକଳାପ ଓ ସାହିତ୍ୟ ସୃଷ୍ଟି ଉପରେ ତା'ର ଅଶେଷ ପ୍ରଭାବ ଅନୁଧ୍ୟେୟ ।

ଯାତ୍ରାନୁକୂଳ୍ୟର ଶୁଭାଶୁଭ ବିଚାର ଆମ ଚଳଣିରେ ଏକ ବିଶିଷ୍ଟ ପରମ୍ପରା । ଆମ୍ଭେ ପାଶ୍ଚାତ୍ୟଶିକ୍ଷାଭିମାନୀ ଅତ୍ୟାଧୁନିକ ମୁଖାପିନ୍ଧା ଲୋକେ ଯାହା କହୁ ନା କାହିଁକି, ଆମ ଉପର ପୁରୁଷ ସେ ପରମ୍ପରାକୁ ପରିତ୍ୟାଗ କରିଦେଇନାହାଁନ୍ତି । ଶୁଭାଶୁଭ ବିଚାରରୁ ବାର ଅନୁସାରେ ଯାତ୍ରାର ଦିଗ ନିର୍ଣ୍ଣୟ କରି କୁହାଯାଇଛି—

"ଅର୍କେ ଶୁକ୍ରେ ଭବେତ୍ ପୂର୍ବେ ଶନି ସୋମେଷୁ ଦକ୍ଷିଣେ
ବୁଧ ଜୀବେ ତୁଉରଶ୍ୟା ଶନି ଭୌମେଚ ଦକ୍ଷିଣେ" ।

ସ୍ୱରୋଦୟ ଅନୁସାରେ ଚନ୍ଦ୍ରାୟଣ ସୂର୍ଯ୍ୟାୟଣ ବିଚାରକରି ଯାତ୍ରା ବିଧେୟ । କର୍ମ-ଧର୍ମ-ସ୍ୱାସ୍ଥ୍ୟ-ରକ୍ଷା ଆଲୋଚନା ପ୍ରସଙ୍ଗରେ ବାବା! ମଧୁସୂଦନ ଉଲ୍ଲେଖ କରନ୍ତି, ସୋମ, ଶୁକ୍ର, ବୁଧବାରରେ ବାମ ପୁଡ଼ାରେ ଚନ୍ଦ୍ରସ୍ୱର ବହୁଥିବା ବେଳେ ଆଗକୁ ବାମ ପାଦ ପକାଇ ବିଦେଶ ଯାତ୍ରା କଲେ ଶୁଭ ହୁଏ । ଗୁରୁ, ଶନି, ମଙ୍ଗଳ ଓ ରବିବାରରେ ସୂର୍ଯ୍ୟାୟଣ ଥିଲାବେଳେ ବିଦେଶ ଯାତ୍ରା କଲେ ମନୋବାଞ୍ଛା ପୂର୍ଣ୍ଣ ହୁଏ । ବାମ ନାସିକାରେ ଶ୍ୱାସ ବହିବା ସମୟରେ ଦୂରପଥଗମନ ପ୍ରଶସ୍ତ । କୌଣସି ଲାଭଜନକ ବା ମଙ୍ଗଳ କାର୍ଯ୍ୟରେ ଯେତେବେଳେ ଯିବ, ସେତେବେଳେ ଦକ୍ଷିଣ ନାସା ବାଟେ ନିଶ୍ୱାସ ବହୁଥିଲେ ଦକ୍ଷିଣ ପାଦ ଆଗକୁ ପକାଇବ ଓ ବାମ ନାସିକାରେ ନିଶ୍ୱାସ ବହୁଥିଲେ ବାମପାଦ ଆଗକୁ ପକାଇ ଗୃହରୁ ବାହାରିଲେ ନିଶ୍ଚୟ ସଫଳତା ଲାଭ ହୁଏ । ଏସବୁ ଧାରଣା ଆମ ସମାଜରେ ବଦ୍ଧମୂଳ । ବହୁକାଳରୁ ଘର, ଜାନିଯାତ୍ରା, ମେଳାମହୋତ୍ସବ, ହାଟ ବଜାର, ଏପରିକି ବିଲବାଡ଼ିକୁ ବାହାରିବାବେଳେ ମଧ୍ୟ ଶୁଭ ଅନୁକୂଳରେ ଘରୁ ପାଦ କାଢ଼ିବା ଆମ ଚଳଣିର ଏକ ବୈଶିଷ୍ଟ୍ୟ । ଏଣ୍ଡୁଣିବନ୍ଧ ଡେଇଁବା ପୂର୍ବରୁ ନାକ ପୁଡ଼ା ଦୁଇଟାରେ ହାତ ମାରି ଦେଇ ବାହାରି ପଡ଼ନ୍ତି ବାଣ୍ଡଦୁଆରକୁ । ମନ ଭିତରେ କି ଭାବନା ଜମାଟ ବାନ୍ଧିଯାଏ କେଜାଣି, ହଠାତ୍ ଗମ୍ଭୀର ହୋଇ ଉଠେ ମୁଖମଣ୍ଡଳ । ବୋଧହୁଏ

ନାସିକା ବାୟୁର ଗତି ଅନୁକୂଳ ନୁହେଁ । ମୁଣ୍ଡର କପାଳ-ଭାଗ ସଧାରେ ସ୍ପର୍ଶ କରେ ବାମପାର୍ଶ୍ୱ ଦରଜା କାଧର ଏକ ଅଂଶକୁ ତୁଣ୍ଡରୁ ବାହାରେ —'ସର୍ବ ମଙ୍ଗଳ ଜଗନ୍ନାଥ' । ତାପରେ ମୁଖମଣ୍ଡଳରେ ପରିସ୍ଫୁଟ ଭାବାନ୍ତର । ମନେହେବ, ସତେ ଯେପରି ଆରମ୍ଭ ହୋଇଯାଇଛି ଚିନ୍ତା ଚେତନାର ଦୃଶ୍ୟାନ୍ତର । ସ୍ପଷ୍ଟତଃ ସେହି ସର୍ବବିଘ୍ନହାରୀ ଓ ସର୍ବଶିବଦ ଶ୍ରୀ ଜଗନ୍ନାଥଙ୍କ ନାମୋଚ୍ଚାରଣ ମାତ୍ରେ ଦୃଢ଼ରୁ ଦୃଢ଼ତର ହୋଇଉଠେ ପଥୀର ଆତ୍ମବିଶ୍ୱାସ । କର୍ତ୍ତବ୍ୟ ଦୃଷ୍ଟେ ଯିବାକୁ ହିଁ ହେବ, ବୃଥାଟାରେ ମନକୁ ହତସନ୍ତ କରି କି ଲାଭ ? ଏଗୁଣ୍ଡିବନ୍ଧ ତେଣୁ ପାଦ ଥରକୁ ପଡ଼ିବା ମାତ୍ରେ ପୁଣି ଥରେ ସେହି—'ସର୍ବମଙ୍ଗଳ ଜଗନ୍ନାଥ' । ତାପରେ ଯାତ୍ରା ଗନ୍ତବ୍ୟ ପଥକୁ; ଦୃଷ୍ଟି ଆଉ ପଛକୁ ଫେରେ ନାହିଁ । ପଛରୁ କେହି ଡ଼ାକିଦେଲେ ଯାତ୍ରାନୁକୂଳ ବ୍ୟାହତ ହୁଏ । ସାଧାରଣତଃ ଲକ୍ଷ୍ୟକାମୀ ଯାତ୍ରୀ ଭଗ୍ନମନୋରଥ ହେଲେ ଅଗ୍ନିଶର୍ମା ହୋଇଉଠିବା ସ୍ୱାଭାବିକ । ମାତ୍ର ସେପରି ପ୍ରତିକ୍ରିୟାକୁ ପ୍ରତିହତ କରେ ସେହି 'ସର୍ବମଙ୍ଗଳ ଜଗନ୍ନାଥ' ଚେତନା । କେତୋଟି ପାହୁଣ୍ଡ ଯାଇ ନ ଯାଉଣୁ କାନରେ ପଡ଼ିଲାଣି କେନ୍ଦରା ଗୀତ, ଟୀକା ଗୋବିନ୍ଦଚନ୍ଦ୍ରର ସେହି କରୁଣର ସାଞ୍ଚିତ ଜନପ୍ରିୟ ଅମର କାହାଣୀ

"ଭଜୁ କି ନା ରାମ ନାମରେ ତୁମେ ବୋଲୁ କି ନା ରାମନାମ
ଭଜି ନ ପାରିଲେ ଛୁଇଁବ ତୁମ ଯେ ବାନ୍ଧିନବ କାଳଯମ"....
ଇତ୍ୟାଦି ।

ଲୌକିକ ଅପବାଦ ମନରେ ଆଉ ନାହିଁ ଦ୍ୱିଧାବୋଧ; ଜଗନ୍ନାଥ ନାମ ମାହାତ୍ମ୍ୟ ପାଦକୁ ଟାଣିନିଏ ଆଗକୁ ଆଗ । ମହଙ୍ଗୁଆ ଗଣ୍ଡିଆ ମୁଣ୍ଡେଇ ଦାଣ୍ଡ ମଝିରେ ଭରା ସେଠାରେ ବୋହୁ । ଯେଝା ଦୁଃଖରେ ଯେଝା ଗୁଳିଛନ୍ତି, ଅନ୍ୟ କାହାର କି ଯାଏ କି ଆସେ । ପେଟ ଗୁଣ୍ଡକ ରକ୍ଷା କରିବା ପାଇଁ ତ ସବୁ ଦରକାର; ସେଥିରେ ପୁଣି ବାଛବିଚାର କଣ? ମନକୁ ସାନ୍ତ୍ୱନା ଦେଇ ଏବେ କେବେ? ଦୃଢ଼ ମନୋବଳ ଯେ କେତେବେଳେ ଟଳି ନ ପଡ଼ିବ, କିଏ କହିବ? ଆଉ କେତେପାଦ ଆଗେଇ ଯିବାବେଳକୁ ସଂଜକରି ଆଗରେ ଗୁଳିଗଲାଣି ଡାହାଣ ପାଖରୁ ରାସ୍ତା ଏ ପାଖରୁ ସେ ପାଖ । ଓହୋ, କି ଦୁର୍ଯୋଗ! ପୂର୍ବ ମହାଜନମାନେ କହିଯାଇଛନ୍ତି, ଯାତ୍ରା ଅନୁକୂଳରେ ବାମ ଭାଗେ ଶବ, ଶିବା ଓ କୁମ୍ଭ ଶୁଭ; ଦକ୍ଷିଣେ ଗୋରୁ, ମୃଗ ଓ ଦ୍ୱିଜ ଦର୍ଶନ ଶୁଭ; ନକୁଳ ଦର୍ଶନ ସର୍ବଶୁଭକର; କିନ୍ତୁ—"ଅହି ସର୍ବତ୍ର ବାଧ୍ୟତେ" । ମନ ଭିତରେ ବିସ୍ତର ଆଲୋଚନା ଯାହା ହେଉନା କାହିଁକି, ପାଦର ଅଗ୍ରଗତି ବ୍ୟାହତ ହୋଇ ନାହିଁ । ପୁଣି ଅଦୂରେ ଅପ୍ରୀତିକର ଅଭିଜ୍ଞତା ପରସ୍ପର କଳହରତ ବଣୁଆ ଭୁଆ ବିରାଡ଼ି ଦୁଇଟା । ଅରେ ବାବା, କି ଭୟାନକ ରୂପ, କି ବିକଟାଳିଆ ତାଙ୍କର ଦାନ୍ତ ନିକୁଟା! ମ୍ୟାଉଁ....ମ୍ୟାଉଁ ଶବ୍ଦରେ କାନରୁ ଅତଡ଼ା ପଡ଼ୁଛି । ଏ ପରିସ୍ଥିତିରେ ସ୍ମୃତି ଉଙ୍କି ମାରିଲେ ବି—'ମାମେକଂ ନ ଗଚ୍ଛାମି'—କହିଦେଇ କରି ପାଦେ ଆଗକୁ ନିଏ କଥାନୁହେଁ । କୁଟିଳ ଅସ୍ପୃଶ୍ୟ ଉପଲୋକଙ୍କ ଯେ କୌଣସି ଶୁଭାଶୁଭ—ଶକୁନ-ସଚେତନ ଦୁର୍ବଳ ମାନ ବ୍ୟକ୍ତିର ଅଗ୍ରଗତିରେ ଘୋର ପ୍ରତିବନ୍ଧକ । "କଳ୍ପନା ମୁହିଁ କାହିଁ ଥାଇ ସେ କାହିଁ ମେଣ୍ଟଣ ନୁହଇ"—ଭାଗବତ ବାଣୀର ପ୍ରଭାବ ଭଣା ଅଧିକେ ସମସ୍ତଙ୍କର ମାନସକୁ ନାଗିଥାଏ । ତଥାପି ଗତିକୁ ନିବୃର ନ କରାଇ ପ୍ରବୃତ୍ତି ଜାତ କରାଏ ସେହି କଣ୍ଠସ୍ୱ—ସର୍ବମଙ୍ଗଳ ଜଗନ୍ନାଥ—ଦୟାମୟ ବାଣୀ; ଅଯଥା ଘଟଣାକୁ ଆଦୌ ଭ୍ରୂକ୍ଷେପ ନ କରି ମାଡ଼ି ଯାଏ ଆଗକୁ ଆଗ । ଯାତ୍ରାକାଳରେ ଜଗନ୍ନାଥଙ୍କ ନାମୋଚ୍ଚାରଣ ଦ୍ୱାରା ସକଳ ବିଘ୍ନ ବିଦୂରିତ ହୋଇଯାଏ । ପ୍ରାଚୀନ ଓଡ଼ିଆ କବି ନୃସିଂହ ଗଜପତି ଏପରି ଏକ ଆତ୍ମବିଶ୍ୱାସ-ଜନିତ ସିଦ୍ଧାନ୍ତକୁ ବ୍ୟକ୍ତ କରିଛନ୍ତି ତାଙ୍କର ଗୋଟିଏ ଜଗନ୍ନାଥ ମାହାତ୍ମ୍ୟ ପ୍ରଖ୍ୟାପକ ସଙ୍ଗୀତ ପଂକ୍ତିରେ—

"ଜଗନ୍ନାଥ ନାମ ଏକା ତ୍ରିଭୁବନେ ସାର
ତାକୁ ଯାତ୍ରା ଦୁରିତକୁ ଛେଦନ କୁଠାର" ।

ଭାଗବତ କବିଙ୍କ ଭାଷାରେ ଶ୍ରୀ ଜଗନ୍ନାଥେ—"ଭକତଜନଙ୍କ ବିଶ୍ୱାସ" । ସେହି ପରମ ମଙ୍ଗଳ ନାମଟି ଜଗନ୍ନାଥ ସର୍ବସ୍ୱ ଓଡ଼ିଆ ଜାତିର ଅଭୟ କବଚ । କୁରୁକ୍ଷେତ୍ରରେ ବାସୁଦେବ କୃଷ୍ଣ ଯେତେବେଳେ ମହୋଦୀପ୍ତ ସୁଦର୍ଶନ ଚକ୍ର ଧାରଣ କରି ଭୀଷ୍ମଙ୍କ ଆଡ଼କୁ ଧାବିତ ହେଲେ, ସେ ତାଙ୍କୁ 'ଜଗନ୍ନିବାସ' ବୋଲି ସମ୍ବୋଧନ କରି କହିଲେ—ତୁମ୍ଭ ଦ୍ୱାରା ନିହତ ହେଲେ ଆମ୍ଭେ ମଙ୍ଗଳ ସମ୍ପନ୍ନ ହେବୁ (ଭୀଷ୍ମ ପର୍ବ ୫୯.୯୮) । ଏପରି ପୌରାଣିକ ପ୍ରମାଣିକ ଉକ୍ତିର ସାରଗ୍ରାହୀ ଓଡ଼ିଆ ଜାତି ଭୁକ୍ତି ମୁକ୍ତି ପ୍ରଦ ଜଗନ୍ନାଥ ନାମଟିକୁ ପ୍ରାଣପ୍ରୟାଣପାଥେୟ କରି ନେଇଛି । ଅନ୍ତିମକାଳରେ କୈବଲ୍ୟ କଣିକାଏ ବା ଅଭାବରେ ନିର୍ମାଲ୍ୟ ଜଳ ଟୋପାଏ ତୁଣ୍ଡରେ ପାଇଲେ ଜୀବର ମୋକ୍ଷ ପ୍ରାପ୍ତି ହୋଇଥାଏ ।

ଜଗନ୍ନାଥ ନାମର ଏହି ସବୁ ପ୍ରଖ୍ୟାତି କଥନ ପରି-ପ୍ରେକ୍ଷୀରେ ମନକୁ ବଳ ଦିଏ—"ଯାହା କରିବେ କାଳିଆ ସେ କାହାରି ମନରେ ନାହିଁ" । କେଉଁ ଅଖ୍ୟାତ ପଲ୍ଲୀର ପ୍ରଖ୍ୟାତିହୀନ କ୍ଷୁଦ୍ର ମାନବର ମୁଖ ନିଃସୃତ ଏହି ସରଳ ଅଥଚ ସାର ଗର୍ଭକ ଗ୍ରାମୀଣ ବାକ୍ୟଟିରେ ସମସ୍ତ ଜଗନ୍ନାଥ ମାହାତ୍ମ୍ୟ ପ୍ରତିଫଳିତ । କାଳବେଳା ଅମୃତବେଳା, ଘାତଚନ୍ଦ୍ର—କ୍ଷୀଣଚନ୍ଦ୍ର, ଘାତବାର, ମାହେନ୍ଦ୍ର ଯୋଗ ବା ରିଷ୍ଟିଟିଙ୍ଗି ଯୋଗ, ଯାହାହେଉ ନା କାହିଁକି, ମନରେ ନାହିଁ ବିକାର ବା ଦ୍ୱିଧାବୋଧ । ଭାଗବତ କହେ—"କରି କରାଉ ଥାଏ ମୁହିଁ, ମୋ ବିନା ଅନ୍ୟ ଗତି ନାହିଁ" । ସବୁତ ସେହି ଜଗନ୍ନାଥେ କରୁଛନ୍ତି....କରାଉଛନ୍ତି; ସବୁରି ଘଟରେ ବିରାଜମାନ କରିଛନ୍ତି ସେହି; ସେତ ଜଗନ୍ନିବାସ । ସର୍ପ ଦେହରେ ସେହି ନାରାୟଣ, ନକୁଳ ଦେହରେ ବି ସେହି ନାରାୟଣ; କାଳବେଳା ତାଙ୍କରି ସୃଷ୍ଟି, ଅମୃତବେଳା ବି ତାଙ୍କରି କୃତ୍ୟ; ସେ ହିଁ ଏକା ଶୁଭାଶୁଭ ଦାତା, ହର୍ତ୍ତା, କର୍ତ୍ତା, ବିଧାତା । ଏକା ଶୁଭାଶୁଭ ... ଯୋଗମାର୍ଗ ପ୍ରଦର୍ଶକ ଶୋଚନାବଶୀଭୂତ ବଦ୍ଧଜୀବକୁ ଯୋଗମାର୍ଗ ପ୍ରଦର୍ଶକ ଭଗବାନ ଶ୍ରୀକୃଷ୍ଣ ଆହ୍ୱାନ କରିଛନ୍ତି ଗୀତା ବାଣୀରେ—"ମାମେକଂ ଶରଣଂ ବ୍ରଜ" । ଭଲ ମନ୍ଦ, ପାପ ପୁଣ୍ୟ, ହିତାହିତ ବସ୍ତୁର ବିବେଚନା ଛାଡ଼ି ଏକମାତ୍ର ଜଗନ୍ନାଥଙ୍କର

ଶରଣାପନ୍ନ ହେବା ଏହି ଅନୁଷ୍ଠାନର ତାତ୍ପର୍ଯ୍ୟ । ଆତ୍ମ ସମର୍ପିତ ପ୍ରାଣୀର ଉନ୍ନୟନ ଦାୟିତ୍ୱ ତାଙ୍କର । ଦୃଢ଼ ହେଉ ବା ମୃଦୁ ହେଉ, ସଜ୍ଞାନରେ ହେଉ ବା ଅଜ୍ଞାନରେ ହେଉ, ଏହି ଅସଲ ତତ୍ତ୍ୱଟିକୁ ସେ ଗ୍ରହଣ କରି ଯାଉଛି, ତାର ଆଉ ଅନ୍ୟ ଭାବନା ବା ଚିନ୍ତା ଦୈନ୍ୟ ପରିବ୍ୟାପ୍ତ ନାହିଁ ।

ବୃହନ୍ନାରଦୀୟ ପୁରାଣର ସ୍ତୋତ୍ରରେ କୁହାଯାଇଛି—

"ସ୍ମରନ୍ ଭୁଞ୍ଜନ୍ ବ୍ରଜଂସ୍ତିଷ୍ଠଂଶ୍ଚ ବଦଂସ୍ତଥାନ୍ନ,
ଯେ ବଦନ୍ତି ହରେର୍ନାମ ତେଭ୍ୟୋ ନିତ୍ୟଂ ନମୋ ନମଃ ।"

ହରିନାମାଶ୍ରୟୀ ବ୍ୟକ୍ତି ସଦା ନମସ୍ୟ । ଶୟନେ... ଜାଗରଣେ, ଉପବେଶନେ... ଭୋଜନେ, ଗମନାଗମନେ, ରଣେ... ବନେ, ସମ୍ପଦେ..ବିପଦେ—ସର୍ବତ୍ର... ସର୍ବଦା ଯେଉଁମାନେ ନାହିଁ ବଳନ୍ତି ସେହି ସର୍ବତ୍ର ବା ସର୍ବମଙ୍ଗଳ ଜଗନ୍ନାଥ । ଏହି ଭାବକୁ ତାତ୍ପର୍ଯ୍ୟାନ୍ୱିତ ଭାବରେ ଉପସ୍ଥାପିତ ଦୀନକୃଷ୍ଣ ଦାସଙ୍କ ବକ୍ତବ୍ୟ—

"ଯହିଁ ଥିଲେ ଥିଲି ଯହିଁ ଗଲେ ଗଲି
କାହାକୁ ମୋ ଅଛି ଭୟେ

ନିରନ୍ତରେ ଯେବେ ନୀଳାଦ୍ରି ସିଂହକୁ
କମ୍ପିଥିବି ଏକା ଭୟେ ।"

ଓଃ, କି ଗଭୀର ଆତ୍ମ ବିଶ୍ୱାସ ଏ ଜାତି କବିର ! ଜଗନ୍ନାଥଙ୍କର କି ଅପାର ମହିମା ; କି ବିରାଟ ଆକର୍ଷଣୀ : ଜନଜୀବନ ଉପରେ କି ପର୍ଯ୍ୟାପ୍ତ ପ୍ରଭାବ ସେହି ଚତୁରାକ୍ଷର ନାମ ଗୋଟିକର ! ଜଗନ୍ନାଥ—— ଚଇତାମୃଣଦି ଗ୍ରନ୍ଥରେ 'ଜଗନ୍ନାଥ' ଚତୁରାକ୍ଷରକୁ ଚତୁର୍ଦ୍ଧାମୂର୍ତ୍ତିତତ୍ତ୍ୱର ମୂଳ ବୀଜ ରୂପେ ଧରାଯାଇଛି, ଯଥା —

"ଜ' କାରଶ୍ଚ ଜଗନ୍ନାଥ ଗ' କାରଶ୍ଚ ବଳଦେବକଃ
ଭଦ୍ରା ନ' କାର ଭାବେନ ଥ' କାରଶ୍ଚ ସୁଦର୍ଶନ ।"

ଜଗତର ସର୍ବବିଧ କଲ୍ୟାଣ ଓ ସୁଖର ନିଦାନ ରୂପେ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ସ୍ତୁତି କରି ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଉତ୍କଳର ପଞ୍ଚସଖା ଏବଂ ତତ୍ପରବର୍ତ୍ତୀ ବହୁ ପ୍ରାଚୀନ ଓଡିଆ କବି ସେମାନଙ୍କର କାବ୍ୟର ମଙ୍ଗଳାଚରଣ କରୁଥିଲେ । ଉଷାଭିଳାସ କାବ୍ୟ ପ୍ରଣେତା ଶିଶୁ ଶଙ୍କରଙ୍କର ସ୍ତୁତି ବାକ୍ୟଟିକୁ ଲକ୍ଷ୍ୟ କରାଯାଉ —

"ସକଳ ମଙ୍ଗଳ ମୂଳ କାରଣ
ଶିଶୁ ଶଙ୍କରର ମନ ହରଣ ।" (୧/୧୪)

ହିନ୍ଦୁ ସମାଜ ନାନାବିଧ ଶାସ୍ତ୍ରୀୟ ନୀତି ନିୟମ ଓ କ୍ରିୟା କର୍ମ ଦ୍ୱାରା ଶୃଙ୍ଖଳିତ । ବହୁ ସମୟରେ ଶାସ୍ତ୍ରୀୟ ବିଧି ବିଧାନ, ସାମାଜିକ ଜୀବନରେ ଘୋର ବିପର୍ଯ୍ୟୟ ଏବଂ ନୈରାଶ୍ୟ ସୃଷ୍ଟି କରିଥାଏ । କୌଣସି ପ୍ରସ୍ତାବିତ ଶୁଭ କାର୍ଯ୍ୟାନୁଷ୍ଠାନରେ କିଛି ବୈଧାନିକ ବିଘ୍ନ ଘଟୁଛି ; କାର୍ଯ୍ୟକର୍ତ୍ତା ବିଶେଷ ବିବ୍ରତ ; 'ଅନ୍ତରେ ନିୟମ ନାସ୍ତି'— ଏହି ପୁରାତନ ନୀତି ବାକ୍ୟକୁ ଭିତ୍ତି କରି ମହାଜନଙ୍କ ବିଗ୍ରହରେ ପ୍ରତିକୂଳ ଶାସ୍ତ୍ର ମତର ଅନ୍ୱେଷଣ ସମାଧାନ କରିଦେଇଥାଏ— 'ସର୍ବ ମଙ୍ଗଳ ଜଗନ୍ନାଥ' । ଏହି ମହତ ବାକ୍ୟ ଉଚ୍ଚାରଣରେ ଯେପରି ସମସ୍ତ ବାଧା ପ୍ରତିବନ୍ଧକ ଦୂର ହୋଇଯାଏ । ଗୋଟିଏ ନିର୍ଦ୍ଦିଷ୍ଟ ଉଦାହରଣ ଦିଆଯାଉ । ବୈବାହିକ ସମ୍ବନ୍ଧ ପ୍ରସଙ୍ଗରେ କୋଷ୍ଠୀ ମିଳନ ଏକ ଚିରାଚରିତ ଶାସ୍ତ୍ରୀୟ ପ୍ରଥା । ଯେଉଁଠି ବର କନ୍ୟା ଉଭୟ ପକ୍ଷ ପରସ୍ପର ମଧ୍ୟରେ ବନ୍ଧୁ ବାନ୍ଧିବାକୁ ଏକାନ୍ତ ଆଗ୍ରହୀ, ଜ୍ୟୋତିଷ ଶାସ୍ତ୍ରୀୟ ସବୁ ପ୍ରକାର ସମ୍ଭାବ୍ୟ ପ୍ରତିବନ୍ଧକକୁ ଆଡ଼େଇ ଦେବା ପାଇଁ ଲୋକଙ୍କର ମତରେ— 'ସର୍ବ ମଙ୍ଗଳ ଜଗନ୍ନାଥ' ଉକ୍ତିଟିକୁ ଏକମାତ୍ର ସମାଧାନର ପନ୍ଥା ରୂପେ ଗ୍ରହଣ କରି ନିଆଯାଏ । ସେ କ୍ଷେତ୍ରରେ ଆଉ ନବ ପଞ୍ଚକ, ବୈରୀ ଷଡ଼ାଷ୍ଟକ, ପ୍ରୀତିଦ୍ୱୟ, ନାଡ଼ୀ ନାଡ଼ୀ ଚକ୍ର, ବ୍ୟତୀପାତ, ବୈଧୃତି ଆଦି ପ୍ରତିବନ୍ଧକ [illegible] ଦଶଯୋଗର ବିଚାର ନ ଥାଏ । ଅତଏବ ଏ ଦେଶରେ ମହାପ୍ରଭୁ ଜଗନ୍ନାଥଙ୍କ ନାମରେ ପ୍ରଚଳିତ ଲୋକାଙ୍କ ଶାସ୍ତ୍ର ସମ୍ମତ ବିଧି ନିଷେଧକୁ ମଧ୍ୟ ଗୌଣ କରି ଦେଇଛନ୍ତି । ଶ୍ରାଦ୍ଧ, କନ୍ୟାଦାନାଦି ବୈଦିକ କର୍ମାନୁଷ୍ଠାନରେ ଗୋତ୍ର ପ୍ରବରାଦି ଉଚ୍ଚାରଣ କରାଯାଏ । ପିତୃକୁଳ ଓ ମାତୃକୁଳର ପିତାମହ, ପ୍ରପିତାମହ ଓ ବୃଦ୍ଧ ପ୍ରପିତାମହ ତଥା ମାତାମହ, ପ୍ରମାତାମହ ଓ ବୃଦ୍ଧ ପ୍ରମାତାମହ ଆଦି ତିନି ତିନି ପୁରୁଷର ନାମୋଚ୍ଚାରଣ ଆବଶ୍ୟକ । କୌଣସି ପୁରୁଷର ନାମ ବିସ୍ମୃତ ହୋଇ ଯାଇଥିଲେ, ଆଚାର୍ଯ୍ୟ ମହାଶୟ ସ୍ୱାଭାବିକ ରୀତିରେ 'ଜଗନ୍ନାଥଦେବ ଶର୍ମଣଃ ପ୍ରପୌତ୍ରୀ' ବୋଲି ଉଚ୍ଚାରଣ କରି କାମ ଚଳାଇ ନିଅନ୍ତି । ଏପରି କି କୌଣସି କ୍ଷେତ୍ରରେ କର୍ତ୍ତା ନିଜର ଗୋତ୍ର ସ୍ମରଣ କରିବାକୁ ଅସମର୍ଥ ହେଲେ, 'ଜଗନ୍ନାଥ ଗୋତ୍ରସ୍ୟ', 'ବଳଭଦ୍ର ପ୍ରବରସ୍ୟ' କହି କାର୍ଯ୍ୟ ଚଳାଇ ନିଆଯାଏ

ଗଙ୍ଗାଠାରୁ ଗୋଦାବରୀଯାଏ ବିସ୍ତୃତ ପ୍ରାଚୀନ ଉତ୍କଳିଙ୍ଗ ଭୂଖଣ୍ଡରେ ସର୍ବତ୍ର ଜଗନ୍ନାଥଙ୍କର ସର୍ବ ମଙ୍ଗଳମୟତ୍ୱର ପ୍ରାଧାନ୍ୟ କେଉଁ ପୁରାତନ କାଳରୁ ସର୍ବତୋଭାବେ ସ୍ୱୀକୃତ । ଏହି ଜଗନ୍ନାଥ ସଂସ୍କୃତିର ଚେରମୂଳ ଏତେ ତଳକୁ ଭେଦ କରିଯାଇଛି ଯେ, କୌଣସି ପ୍ରକାର ଘାତ ପ୍ରତିଘାତ ତାକୁ ଟଳାଇ ଦେଇ ପାରି ନାହିଁ । ପ୍ରତ୍ୟେକ ଶୁଭ କାର୍ଯ୍ୟାନୁଷ୍ଠାନ ମଣ୍ଡପରେ ଜଗନ୍ନାଥଙ୍କ ମୂର୍ତ୍ତି ସ୍ଥାପନା ଏବଂ ବିଧିବଦ୍ଧ ପରମ୍ପରା ଏବଂ ନୀଳଶୈଳଶିଖରାଧିବାସୀ ଜଗନ୍ନାଥଙ୍କୁ ପାଣି ପାଦାର୍ଘ୍ୟ ଦେଇ ଅନୁଷ୍ଠାନ ଉଦ୍‌ଯାପିତ ହୁଏ । ଏପରି କି ଆମ ରାଜ୍ୟର ମନ୍ତ୍ରୀମଣ୍ଡଳର ଶପଥ ଗ୍ରହଣ ମଞ୍ଚ ଉପରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ତ୍ରିମୂର୍ତ୍ତିଙ୍କର ସୁସଜ୍ଜିତ ଚିତ୍ରପଟ ସ୍ଥାନ ପାଇବାର ଦୃଷ୍ଟାନ୍ତ ବିରଳ ନୁହେଁ ।

କେବଳ ଓଡିଶାର ନୁହେଁ ବା ଭାରତର ନୁହେଁ, ନିଖିଳ ଜଗତର ନାଥ ଜଗନ୍ନାଥ । ସାତ ସମୁଦ୍ର ତେର ନଈ ସେପଟ ମଣିଷର ଆଖି ପଡିଲଣି ଜଗନ୍ନାଥଙ୍କ ଉପରେ ; ଡୋରି ଭିଡିଲଣି ପୁରୀ ଆଡ଼କୁ । ସ୍ୱର୍ଗର

ଚାଞ୍ଚଲ୍ୟବ୍ୟଞ୍ଜକ ଲୋକମାରଣ ଯାନ 'The car of Jagadnath' ବା ଜଗନ୍ନାଥଙ୍କ ରଥ, ସେହି ନିନ୍ଦୁକ ଶ୍ରେଣୀର ଦାୟାଦଙ୍କ ଦୃଷ୍ଟିରେ ଆଜି ପବିତ୍ରତମ ଦେବଯାନ । ତା'ରି ଉପରେ 'ବାମନ'ଙ୍କ ଦର୍ଶନ ଲାଭ ପାଇଁ ସୁଅ ଛୁଟିଛି ଦେଶ ବିଦେଶର ସହସ୍ର ସହସ୍ର ମୋକ୍ଷକାମୀ ଓ ଶାନ୍ତିକାମୀ ଜନତାର । ମର୍ତ୍ତ୍ୟ ଭୁବନରେ କୁବେରପୁରୀ ଯୁକ୍ତରାଜ୍ୟ ଆମେରିକାର ସହସ୍ର ସହସ୍ର ଜନତା ବିଭବବିଳାସ ରେ ରୁଦ୍ଧଶ୍ୱାସ ହୋଇ ଶେଷେ ସ୍ୱର୍ଗୀୟ ଶାନ୍ତିର ସନ୍ଧାନ କରିଛନ୍ତି ସେହି ଜଗନ୍ନାଥଙ୍କଠାରେ । ଶ୍ରୀଗୁଣ୍ଡିଚା ଲଗ୍ନରେ ସେହି ଲୁଣ୍ଠିତମୁଣ୍ଡ, ରୁଦ୍ରାକ୍ଷମାଳାଧାରୀମାନଙ୍କ ଦ୍ୱାରା ଜନାକୀର୍ଣ୍ଣ ହୋଇ ଉଠେ ପୁରୀ ବଡ଼ଦାଣ୍ଡ ; ଲୁଚିଯାଏ ଶରଧାବାଲି ଖୋଳ କରତାଳର ଉନ୍ମାଦ ବାଦ୍ୟ ତରଙ୍ଗ ସଙ୍ଗକୁ 'ଜୟ ଜଗନ୍ନାଥ' ଧ୍ୱନିର ପ୍ରତିଧ୍ୱନି ଉଠୁଥାଏ ଦିଗେ ଦିଗେ ... ଗଗନେ ପବନେ, ନୀଳାଚଳ କନ୍ଦରେ କନ୍ଦରେ । ଉଦ୍ବେଳିତ ଜନ ସମୁଦ୍ର ମଧ୍ୟରେ ବ୍ୟକ୍ତି ଭୁଲିଯାଏ ତାର ଐହିକ ସତ୍ତା, ଭାବୁକ ଲଭେ ନିର୍ବେଦ, ଦାର୍ଶନିକ ଲଭେ ଜଡ଼ତା; ସହସ୍ର ଜନତାର ଗଣ୍ଡ ପ୍ଲାବନ କରେ ପ୍ରେମାଶ୍ରୁଧାରା ।

ସଚରାଚର ବିଶ୍ୱରେ ଏପରି ଗୋଟିଏ ପରମ-ପାବନ ନାମ ମହିମାର ଉପମା କାହିଁ ? ଉତ୍ତର ନାସ୍ତି-ବାଚକ । ଆମ ଚର୍ମଚକ୍ଷୁରେ ସେହି ବଡ଼ ଦେଉଳିଆ ଚକାଡୋଳିଆ, ଭାରଣ୍ଡମୁଣ୍ଡିଆ ଘନକାଳିଆ – ଦାରୁଭୂତ ମୁରାରି । ନାକ ନାହିଁ କି କାନ ନାହିଁ ; ପାଦ ନାହିଁ କି ପାଣି ନାହିଁ ; ମୂକ କହିଲେ ହଁ, ବଧିର କହିଲେ ହଁ ; କେହି ବା 'ମାଦଳ' ଆଖ୍ୟା ଦେଇ ଜଗନ୍ନାଥ ମନ୍ଦିର ଇତିହାସର 'ମାଦଳା ପାଞ୍ଜି' ନାମକରଣର ଯଥାର୍ଥ୍ୟ ପ୍ରତିପାଦନ କରିବାରେ ପ୍ରବୃତ୍ତ । ଯେ ଯାହା କହିଲେ ବି ସବୁ ସମ୍ମତ । ଶ୍ୱେତାଶ୍ୱେତରୋପନିଷଦ୍ ପରମ-ବ୍ରହ୍ମ ପରମେଶ୍ୱରଙ୍କୁ — "ଅପାଣିପାଦୋ ଜବନୋ ଗ୍ରହୀତା" ଏବଂ "ସର୍ବେନ୍ଦ୍ରିୟ ଗୁଣାଭାସଂ ସର୍ବେନ୍ଦ୍ରିୟ ବିବର୍ଜିତମ୍, ସର୍ବସ୍ୟ ପ୍ରଭୁମୀଶାନଂ ସର୍ବସ୍ୟ ଶରଣଂ ବୃହତ୍" ବୋଲି ଯେଉଁ ବର୍ଣ୍ଣନା ଦେଇଛନ୍ତି ସାକାର ଜଗନ୍ନାଥଙ୍କର ଆକାର ପ୍ରକାର ହିଁ ତାର ପ୍ରାମାଣିକ ପରିପ୍ରକାଶ । ମହାତ୍ମା ତୁଳସୀ ଦାସଜୀଙ୍କର ପ୍ରବଚନ ଏଠାରେ ଉଦ୍ଧାରଣୀୟ —

"ବିନୁ ପଦ ଚଲଇ ହିଁ ଶୁନଇ ହି ବିନୁ କାନା,
କର ବିନୁ କରମ କରଇ ବିଧି ନାନା ।"

ଭକ୍ତୀୟ କଳା କୃଷ୍ଟିରେ, ସଂସ୍କୃତି ପରମ୍ପରାରେ ସେହି ସର୍ବେନ୍ଦ୍ରିୟ ବର୍ଜିତ ଦାରୁଭୂତ ମହାମେରୁଙ୍କର କ୍ରିୟାଶୀଳତା ସର୍ବତ୍ର ପରିଦୃଷ୍ଟ । ଦାସିଆ ବାଉରୀ ହସ୍ତରୁ ନଡ଼ିଆ ଛଡ଼େଇ ଖାଇବା ଠାରୁ କାଞ୍ଚି ଯୁଦ୍ଧ କ୍ଷେତ୍ରରେ ଗଜପତି ତାଙ୍କ ପାଇଁ ପରଟି ଭୋଗଶିଆ ଅଭଲପେଟକୁ ପୂରିଲେ, କାହା ଆଖିରେ ପଡ଼େ ତାଙ୍କର ଆଡ଼ମ୍ବରପୂର୍ଣ୍ଣ ରାଜକୀୟ ବୈଭବବିଳାସ । ଧମକ ଚମକ ଦେବା ଘଟଣା ବି ବିରଳ ନୁହେଁ । ବେଶ୍ୟାସକ୍ତ ବନ୍ଧୁରାମ ଦାସେ ଶରଧା-ବାଲିରେ ନନ୍ଦିଘୋଷ ରଥକୁ ଅଟକାଇ ଦେଇଥିଲେ । ତାଙ୍କ ଦେଖାଦେଖି ଅନ୍ୟ କେହି ଅଣ୍ଟାରେ ଦଉଡ଼ା ଲଗାଇ ରଥ ଉପରୁ ଭିଡ଼ି ଆଣିବାକୁ ଅଣ୍ଟା ଭିଡ଼ି ପ୍ରସ୍ତୁତ । ସାଧାରଣତଃ ମନେ କରାଯାଇପାରେ, ଏସବୁ ମୂଳରେ ରହିଛି ସେହି ଲୋକାଗ୍ରହ ଭକ୍ତି-'ତପେଦର ନୋହିଲେ କୋପେଦର' । ମାତ୍ର ଏତାଦୃଶ ଚିନ୍ତା ଜଗନ୍ନାଥଙ୍କ କ୍ଷେତ୍ରରେ ସ୍ୱୀକରଣୀୟ ନୁହେଁ । ଜନତାର ଠାକୁର ଜଗନ୍ନାଥ । ସେ କାହାରି ଠାରୁ କିଛି ଦାବୀ କରନ୍ତି ନାହିଁ । ଯେ ଯେଉଁ ଭାବରେ ତାଙ୍କୁ ଡାକିଲା ହାକିଲ ସେ ସେହି ଭାବରେ ତାକୁ ଗ୍ରହଣ କରନ୍ତି । ଗାଳିଗୁଲଜ, ଧମକ ଚମକ, ନିନ୍ଦା ବଦନାମ ସବୁକୁ ହଜମ କରି, ଯେତେବେଳେ ଦେଖିବ ନାଲି ଫର ଫର ଫାଳିଆ ପାଟିରେ ସ୍ମିତହାସ୍ୟର ଛଟା । ଗାଳିଗୁଡ଼ାକ ସତେ ଯେମିତି ତାଙ୍କୁ ଚନ୍ଦନ ଭରି । ନିଜେ ଗଜପତି ମହାରାଜା ବୀରକେଶରୀ ଦେବ ପତିତପାବନ ବାନାକୁ ଫିଟାଇ ପକାଇବା ପାଇଁ ଦିନେ ବନ୍ଧୁ ଆହ୍ୱାନ ଦେଇଥିଲେ । ତଥାପି ସେ ଯାହା ସେଇଆ । କବି ନିତ୍ୟାନନ୍ଦ ଦାସ ତାଙ୍କର କ୍ଷମାଗୁଣର ପ୍ରଶଂସା କରି ଗାଇଥିଲେ—"କ୍ଷମାଶୀଳ ପଣେ ତୁମ୍ଭଙ୍କୁ କେ ସରି ଅଛି ନୀଳାଦ୍ରିକେଶରୀ ।" ଶ୍ରୀ ନାରାୟଣବ୍ୟୂହ ସ୍ତବରେ ଏହାର ଶାସ୍ତ୍ରୀୟ ପ୍ରମାଣ ବିଦ୍ୟମାନ—

"ପରିହାସୋପହାସାଦ୍ୟୈ ର୍ବିଷ୍ଣୋର୍ଗୃହ୍ଣନ୍ତି ନାମ ଯେ ।
କୃତାର୍ଥାସ୍ତେଽପି ମନୁଜାସ୍ତେଭ୍ୟୋଽପୀହ ନମୋନମଃ ।।"

ଅର୍ଥାତ୍ ପରିହାସ ବା ନିନ୍ଦା ଛଳରେ ଯାହା ମୁଖରୁ ଜଗନ୍ନାଥ ନାମ ଉଚ୍ଚାରିତ ହୁଏ ସେ କୃତାର୍ଥ ହୋଇଥାଏ ଏବଂ ସେ ବ୍ୟକ୍ତି ସମସ୍ତଙ୍କର ନମସ୍ୟ । ଅନ୍ୟଥାରେ, ଅବହେଳାରେ ବା ଅଜ୍ଞାନରେ ନାମୋଚ୍ଚାରଣ କଲେ ମଧ୍ୟ ମୋକ୍ଷପଦ ପ୍ରାପ୍ତି ହୁଏ । ଏହାର ଉଦାହରଣ ଅଜାମିଳ ବ୍ରାହ୍ମଣ, ଯେ କି—

"ନାରାୟଣେତି ମ୍ରିୟମାଣ ଇୟାୟ ମୁକ୍ତିମ୍ "

ଅର୍ଥାତ୍ ମ୍ରିୟମାଣ ଅବସ୍ଥାରେ ନିଜର ପୁତ୍ର ନାରାୟଣ ନାମ ଧରି ଡାକିଦେବା ଦ୍ୱାରା ମହାପାପର ପ୍ରାୟଶ୍ଚିତ ନ କରି ମଧ୍ୟ ମୁକ୍ତିଲାଭ କରିଥିବା ଭାଗବତ ଶାସ୍ତ୍ର ସନ୍ଦର୍ଭରୁ ପ୍ରମାଣ ମିଳେ । ଜଗନ୍ନାଥ ପ୍ରକୃତରେ ଭକ୍ତପ୍ରାଣ । ସେ ଭକ୍ତର............ଭକ୍ତ ତାକର । ଭକ୍ତକୁ ସେ କିପରି ଗଣ୍ଡ ଘୋଡ଼େଇ ରଖନ୍ତି କବି ଅଚ୍ୟୁତାନନ୍ଦ ଦାସ ସେ ବିଷୟରେ ଗୋଟିଏ ସୁନ୍ଦର ଉପମା ଦେଇଛନ୍ତି "ଚକ୍ଷୁକୁ ଯେସନେ ପିଞ୍ଜୁଡ଼ା ଆବୋରି ଭକ୍ତକୁ ତେହ୍ନେ ଗୋସାଇଁ" । ଏ ସେହି ଜଗବନ୍ଧୁ ଗୋସାଇଁ, ଯାହାଙ୍କୁ ଭକ୍ତକବି ଦୀନକୃଷ୍ଣ ସାମନ୍ତ ପଣରେ ଶ୍ରେଷ୍ଠ ମର୍ଯ୍ୟାଦା ଦେଇଛନ୍ତି ।

ଜଗନ୍ନାଥ ସର୍ବମଙ୍ଗଳ ଓ ସର୍ବହିତୈଷୀ । ଯଥାର୍ଥରେ ତାଙ୍କ ଉପରେ କୌଣସି ଦୋଷାରୋପ କରିବା ଭକ୍ତକୀୟ ପ୍ରାଣରେ କଳ୍ପନାତୀତ । କଥା ହେଲା, ଜଗନ୍ନାଥଙ୍କୁ ଆମର ଏ ଜାତି ଏତେ ଆପଣାର କରିନେଇଛି ଯେ, ତାଙ୍କ ବିଷୟରେ ଯେତେ ଯାହା ଆଲୋଚନା ସମାଲୋଚନା, ସେ ସବୁ କ୍ରୋଧଜନିତ ବା ଈର୍ଷ୍ୟା ପ୍ରଣୋଦିତ ନୁହେଁ ; ଭକ୍ତର ଭଗବାନଙ୍କ ପ୍ରତି ବାଳ ସୁଲଭ ଅଭିମାନର ଅଭିବ୍ୟକ୍ତି ମାତ୍ର । ଏଠାରେ ଗୋଟିଏ କୌତୁହଳପୂର୍ଣ୍ଣ ଘଟଣା ଉଲ୍ଲେଖ କରିବାର ଲୋଭ ସମ୍ବରଣ କରି ପାରୁ ନାହିଁ । ଏକଦା ରସିକ କବି

ଯଦୁମଣି କୁସଙ୍ଗ ପ୍ରଭାବରେ ପଡ଼ି ନିଜର ଧର୍ମପତ୍ନୀ ଖଞ୍ଜନାଙ୍କ ବାରଣକୁ କର୍ଣ୍ଣପାତ ନ କରି ବେଶ୍ୟାଗମନ କରିଥିଲେ । ପ୍ରଭାତରେ ପ୍ରତ୍ୟାଗତ ଅନୁତାପଦଗ୍ଧ କବି ତାଙ୍କର ଚିର ଅନୁଗତା ପ୍ରେମାନୁରକ୍ତା ପତ୍ନୀଙ୍କ ନିକଟରେ ଗୋଟିଏ ହୃଦୟସ୍ପର୍ଶୀ କବିତା ମାଧ୍ୟମରେ ନିଜର ଦୋଷ ନିବେଦନ କରିଥିଲେ—

"ଜାଣୁ ଜାଣୁ ଖଣାରେ ମୁଁ ପଡ଼ିଲି ରେ
ଜଣାଶୁଣା ସରଣି ଯା ଛାଡ଼ିଲି ରେ ।"

ଅନୁତାପଦଗ୍ଧ ପରମାରାଧ୍ୟ ସ୍ୱାମୀ ଦେବତାଙ୍କ ଠାରୁ ଏହି କବିତାଟି ପାଇ ବିଗଳିତ ହୋଇଗଲା ଖଞ୍ଜନା ଦେବୀଙ୍କ ନାରୀହୃଦୟ । ସେ ଯେଉଁ ପ୍ରୀତିପୂର୍ଣ୍ଣ ଆଶ୍ୱାସନା ବାଣୀ ଶୁଣାଇଥିଲେ, ପ୍ରତ୍ୟେକ ଜଗନ୍ନାଥ ମହାତ୍ମ୍ୟ ଅନୁଶୀଳନକାରୀ ପକ୍ଷେ ପ୍ରଣିଧାନଯୋଗ୍ୟ "ତୁମେ ଯେ ମୋର ଜଗନ୍ନାଥ ଠାକୁର, ଏପରି କଣ କରୁଛ ? ତୁମର ଦୋଷ କଣ ମୁଁ ଧରିପାରେ ?" (ଯଦୁମଣି ଗ୍ରନ୍ଥାବଳୀ) । ଯେତେ ଅପରାଧୀ ହେଲେ ମଧ୍ୟ ଏ ଦେଶର ନାରୀ ନିଜର ସ୍ୱାମୀକୁ ଜଗନ୍ନାଥ ଦୃଷ୍ଟିରେ ଦେଖିଥାଏ । ତାତ୍ପର୍ଯ୍ୟ ହେଲା, ଜଗନ୍ନାଥ କେବେ ଅପରାଧୀ ହୋଇ ନ ପାରନ୍ତି । ଜଗନ୍ନାଥେ ବଡ଼ ଭାଇ ବଳଭଦ୍ରଙ୍କ କଥାରେ ପଡ଼ି ମହାଲକ୍ଷ୍ମୀଙ୍କୁ ଚଣ୍ଡାଳୁଣୀ ଅପବାଦ ଦେଇ ବଡ଼ଦେଉଳରୁ ଘଉଡ଼ି ଦେଲେ । କେତେ କଷ୍ଟ ନ ପାଇଲେ ବଡ଼ ଠାକୁର ଦୁଇଭାଇ ! କେଉଁ କାଳ ଯୁଗର ସେ କଥା, ଏବେ ପୁରାଣର ଗାଥା ହୋଇ ରହିଛି ; ଘରେ ଘରେ ଗୀତ ହେଉଛି । ଅକଳ ସଲାମି ଦେଇ ବି ସେହି ମହାଲକ୍ଷ୍ମୀ ପୁଣି ତାଙ୍କୁ ଆଦରି ନେଲେ ତ । ଏସବୁ ମଙ୍ଗଳମୟ ଜଗନ୍ନାଥଙ୍କର ଲୀଳାମଙ୍ଗଳ ଆଖ୍ୟାନ ।

ଏକା ଜଗନ୍ନାଥ ନୁହଁନ୍ତି, ତାଙ୍କର ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମଧ୍ୟ ମଙ୍ଗଳମୟ । ଏପରି କ୍ଷେତ୍ର ତ୍ରୈଲୋକ୍ୟ ମଣ୍ଡଳେ ବିରଳ । ମହୀମଣ୍ଡଳରେ ଅବସ୍ଥିତ ହେଲେ ହେଁ—

"ସାକ୍ଷାତ୍ ବୈକୁଣ୍ଠରୂପଂ ତତ୍ କ୍ଷେତ୍ରଂ ଶ୍ରୀପୁରୁଷୋତ୍ତମ
କ୍ଷେତ୍ରାଣାମଣି କ୍ଷେତ୍ରଂ ଚ ତୀର୍ଥାନାମପି ଯତ୍ପରଂ"
(କପିଳ ସଂହିତା)

ଧର୍ମପ୍ରାଣ ହିନ୍ଦୁ ନାନା ତୀର୍ଥ ପର୍ଯ୍ୟଟନ ପରେ ଚାରିଧାମ ମଧ୍ୟରେ ଶ୍ରେଷ୍ଠ ଜଗନ୍ନାଥ ପୁରୀ ଧାମରେ ସର୍ବମଙ୍ଗଳ ପୁରୁଷୋତ୍ତମଙ୍କୁ ଦର୍ଶନ କରି ଏବଂ ମହୋଦଧିରେ ସ୍ନାନ କରି ତୀର୍ଥଯାତ୍ରା ଉଦ୍ଯାପନ କରନ୍ତି । ମହାପ୍ରସାଦ ସେବନ ନ କଲେ ତୀର୍ଥଯାତ୍ରା ନିଷ୍ଫଳ ହୁଏ ବୋଲି ଲୋକବିଶ୍ୱାସ ଦୃଢ଼ମୂଳ । ଶ୍ରୀମନ୍ଦିର ବାଇଶି ପାହାଚ ଉପରେ ଗଡ଼ିବା ଓ ପିଲାଛୁଆଙ୍କୁ ଗଡ଼ାଇବାର ବାସନା ପ୍ରତି ହିନ୍ଦୁ ପରିବାରରେ ଥାଏ । ସିଂହଦ୍ୱାର ପାର ହେଲେ ଏପରି ଦୃଶ୍ୟ ନିତିଦିନ ପ୍ରାୟ ଦୃଷ୍ଟିରେ ପଡ଼େ ! ପିତୃଲୋକଙ୍କର ବୈକୁଣ୍ଠ ପ୍ରାପ୍ତି ପାଇଁ ମନ୍ଦିର ପରିସର ମଧ୍ୟରେ ପିତୃଶ୍ରାଦ୍ଧ ଅନୁଷ୍ଠାନ ଏକ ବିଶେଷ ପ୍ରଚଳିତ ପ୍ରଥା । ସବୁ ମୂଳରେ ଥାନ୍ତି ସର୍ବମଙ୍ଗଳ ଜଗନ୍ନାଥ ।


ଏକା ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ିଉଠିଛି ଆମର ସୁସମୃଦ୍ଧ ପରମ୍ପରା । ହିନ୍ଦୁ ମାତ୍ରେ ଜଗନ୍ନାଥ ଧର୍ମ ଓ ଜଗନ୍ନାଥ ସଂସ୍କୃତି ସଚେତନ । ଉତ୍କଳର ବହୁ କବି ବହୁ ଦାର୍ଶନିକ ଥିଲେ ସେହି ଜଗନ୍ନାଥ ତତ୍ତ୍ୱର ବାର୍ତ୍ତାବହ । ବିଶେଷତଃ ବଳରାମ, ଜଗନ୍ନାଥ, ଅନନ୍ତ, ଅଚ୍ୟୁତ ଓ ଯଶୋବନ୍ତ ପ୍ରଭୃତି ପଞ୍ଚସଖାଙ୍କ ସାହିତ୍ୟର ପତ୍ରେ ପତ୍ରେ ଛତ୍ରେ ଛତ୍ରେ ଜଗନ୍ନାଥ ଧର୍ମ ମହିମାର ସମ୍ୟକ୍ ବିକାଶ ଘଟିଥିଲା । ଚାରି ପାଞ୍ଚ ଦଶନ୍ଧି ପୂର୍ବେ ଉତ୍କଳର ଘରେ ଘରେ ଏବଂ ଉପାନ୍ତ ବିଭିନ୍ନାଞ୍ଚଳରେ ପଞ୍ଚସଖା ସାହିତ୍ୟର କାଣ୍ଡି କାଣ୍ଡି ପୋଥି ଗାଦି ପବିତ୍ରତମ ପରିବେଶରେ ପୂଜିତ ହେଉଥିଲା । ଏ ଦେଶର କୃଷିସର୍ବସ୍ୱ ସାଧାରଣ ଶ୍ରମଜୀବୀ ନିଜ ନିଜର ଗୃହଧନ୍ଦା ସାରି ଅବସର ବିନୋଦନ ପାଇଁ ପ୍ରତି ସନ୍ଧ୍ୟାରେ ଯୋଗ ଦେଉଥିଲେ ଟୁଙ୍ଗୀ ବୈଠକରେ । ଗୀତ ଗାହାଣ, ପୁରାଣ ଶ୍ରବଣ ମାଧ୍ୟମରେ ସେଠାରେ ହେଉଥିଲା ସାହିତ୍ୟର ବହୁଳ ଚର୍ଚ୍ଚା । ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱଠାରୁ ଆରମ୍ଭ କରି ଜଟିଳ ଦାର୍ଶନିକତତ୍ତ୍ୱ ପର୍ଯ୍ୟନ୍ତ ଥିଲା ଆଲୋଚନାର ପରିସର । ଫଳତଃ ଜଗନ୍ନାଥ ପ୍ରୀତି, ଜଗନ୍ନାଥ ଭକ୍ତି, ଜଗନ୍ନାଥ ସଂସ୍କୃତି ସକଳ ଉତ୍କଳ ଜନଜୀବନକୁ ପ୍ରଭାବିତ କରି ଆସିଛି ଶତାବ୍ଦୀ ଶତାବ୍ଦୀ ଧରି । ଏଇଥିରୁ ଜନତା ପାଉଥିଲା ଇଷ୍ଟ ଦର୍ଶନ ପ୍ରେରଣା ; ତାର କଣ୍ଠଭୂଷଣ ଥିଲା ସାରିଆଭିକଙ୍କ ଲୋକପ୍ରିୟ ଭଜନ—

"ଅନ୍ଧାମନ ଚାଲ ଯିବା ଚକାନୟନ ଦେଖିବା
ଶଙ୍ଖନାଭି ମଣ୍ଡଳରେ ବେନି ନେତ୍ର ପଖାଳିବା ।"

ଯେଉଁ ରାଷ୍ଟ୍ରର ଇଷ୍ଟଦେବତା ମଙ୍ଗଳ, ଯାଙ୍କର କ୍ଷେତ୍ର ବସତି ମଙ୍ଗଳ, ସେ ରାଷ୍ଟ୍ର ବି ମଙ୍ଗଳ । ସ୍କନ୍ଦ ପୁରାଣ, ଉତ୍କଳ ଖଣ୍ଡ ଉଲ୍ଲେଖ କରନ୍ତି—

"ଧର୍ମାନ୍ୟ ଦୃଶ୍ୟତାଗ୍ରେତୁ ଦେଶଂ ଭୁବନମଙ୍ଗଳଂ
ଓଡ୍ର ସଂଜ୍ଞକ ଭୋ ବିପ୍ରାଃ କ୍ଷିତିମଣ୍ଡଳପାବନମ୍ ।"

ସୁତରାଂ କ୍ଷିତିମଣ୍ଡଳପାବନ, ଭୁବନମଙ୍ଗଳ, ସୁପ୍ରାଚୀନ ଏହି ଓଡ୍ର ଦେଶର ଜନଜୀବନ, ସଂସ୍କୃତି ପରମ୍ପରା ଜଗନ୍ନାଥମୟ । ଜାନିଯାତ୍ରା, ଓଷାବାର, ପର୍ବପର୍ବାଣି ସବୁ ଜଗନ୍ନାଥ ପରମ୍ପରାପୁଷ୍ଟ । ଜଗନ୍ନାଥଙ୍କୁ ଛାଡ଼ିଦେଲେ ଏ ଦେଶ ଅନ୍ତଃସାରଶୂନ୍ୟ ହୋଇଯିବ । ସର୍ବୋପରି ଏ ଜାତିର ଅଭିଭାବକ ତଥା ଭାଗ୍ୟନିୟନ୍ତା ସେହି 'ସର୍ବମଙ୍ଗଳ ଜଗନ୍ନାଥ' । ଜୟ ଜଗନ୍ନାଥ ।




ଅପରିହାର୍ଯ୍ୟ କାରଣ ବଶତଃ କେତୋଟି ମନୋନୀତ ଲେଖା ଏ ସଂଖ୍ୟାରେ ପ୍ରକାଶିତ ହୋଇ ପାରିନାହିଁ । ସେଥିପାଇଁ ଆମେ ଦୁଃଖିତ । ମୁଖ୍ୟ ସଂପାଦକ ।

OGP—MP-VI (I. & P. R.) 14—30,000—21-6 1982






ଉପରେ ଭାସୁର୍ଚ୍ଚି ତୁଳାମେଘ
ତଳେ ଅନାଇର୍ଚ୍ଚି ବାଲି-ବେଳା-
ସିଂଧୁ ! କାହାର ନିର୍ଦ୍ଦେଶରେ
ଉଲ୍ଲୋଳ-ତୋର ହେଉ ଖେଳା ?



Regd. No 04
UTKAL PRASA
Vol. XXXVIII
Licence No. C.
Licensed to post
without Pre-Pay



ଠାକୁରଂକର ପହଣ୍ଡି ବିଜେ ସୁଖିଛି ବଡ଼ଦାଣ୍ଡେ,
ବାଇଆ ମନ ତା ଲାଗି ମେଳେ ଗଳରେ ଘଣ୍ଟ ଘଣ୍ଟେ





ଧରା ଧରଣୀରୁ
ତୋ ଲୀଳାରେ
ଜପ କରୁଛନ୍ତି
ଜୟ ମା' ସୁଭଦ୍ରା

PRINTED AT
ORISSA GOVERNMENT
CUTTACK-10